# ସାନ୍ତାଳ ଜ୍ଞାନକୌଶଳ





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ସାନ୍ତାଳ ଜ୍ଞାନକୌଶଳ

ସମ୍ପାଦନା:

ଡ଼ଃ ଅନନ୍ତ ଚରଣ ସାହୁ

କ୍ଷେତ୍ର ସହାୟକ

ଶ୍ରୀ କରୁଣାକର ସୋରେନ୍

ଶ୍ରୀ ଯୁଧିଷ୍ଠିର ସାହୁ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ସାନ୍ତାଳ ଜ୍ଞାନକୌଶଳ

*ସମ୍ପାଦନା* : ଡ଼ଃ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

© *ପ୍ରକାଶକ* : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ୨୬ ଜାନୁୟାରୀ, ୨୦୦୬

ମୁଦ୍ରଣ : ଭୋଲାନାଥ ପ୍ରେସ୍, ୧୨୦୧/୧୬୦୧
ବମିଖାଲ, ଭୁବନେଶ୍ୱର-୧୦
ଫୋନ୍ : ୨୫୮୦୭୨୮

ମୂଲ୍ୟ : ୮୮.୦୦ ଟଙ୍କା ମାତ୍ର

ISBN : **01- 88010-16 - 2**

**SANTAL GYANAKOUSALA**

***Editor*** : **Dr. A. C. Sahoo**
Director, ATDC

© ***Publisher*** : Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 75T 009

***First Edition*** : **26th January, 2006.**

**Printed at** : **Bholanath Press, 1201/1601**
**Bomikhal, Bhubaneswar-10**
**Ph. 2580728**

Price : Rs. 88.00 Only

# ମୁଖବନ୍ଧ

ଏକ ଜନ ସମୁଦାୟକୁ ବୁଝିବା ଅର୍ଥ ତାର ସଂସ୍କୃତିକୁ ବୁଝିବା । ତେଣୁ ସାମାଜିକ ବ୍ୟବସ୍ଥା ଓ ବ୍ୟକ୍ତି ଚିନ୍ତନର ସଂଯୋଜନ ସେତୁ ହିସାବରେ ସଂସ୍କୃତି ବିଦ୍ୟମାନ । ସଂସ୍କୃତି ମଣିଷର ସାମାଜିକ ଜ୍ଞାନ, ବିଶ୍ୱାସ, କଳା, ନୈତିକତା, ରୀତିନୀତି ତଥା ଅଭ୍ୟାସ ସମ୍ମିଳିତ । ଏହି ସଂସ୍କୃତି ଏକ ଦୃଢ଼ ସାମାଜିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ପରମ୍ପରା ପ୍ରକ୍ରିୟା ଦିନକର କାର୍ଯ୍ୟକଳାପ ନୁହେଁ, ପରନ୍ତୁ ପିଢିରୁ ପିଢି ମାର୍ଜିତ, ବିବର୍ତ୍ତିତ ଓ ସମୟାନୁସାରୀ ଚିର ନୂତନ । ଫଳତଃ ଏକ ବ୍ୟବସ୍ଥା ପରମ୍ପରାର ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଗଲେ ତାହା ସମାଜର ଆବଶ୍ୟକତା ମେଣ୍ଟାଇବାକୁ ସମର୍ଥ ହୋଇଥାଏ । ସେମାନଙ୍କ ପରିବେଷ୍ଟନୀ ଏବଂ ତତ୍ ସମ୍ପୃକ୍ତ ପ୍ରାକୃତିକ ସମ୍ପଦାକୁ ନେଇ ଭବିଷ୍ୟ ଜୀବନଚର୍ଯ୍ୟା ସୁବ୍ୟବସ୍ଥିତ । ପରିବର୍ତ୍ତିତ ସମୟରେ ବାହ୍ୟ ଅନୁପ୍ରବେଶ ପରମ୍ପରାକୁ ପ୍ରଭାବିତ କରିବା ସ୍ୱଭାବିକ ।

ପରମ୍ପରାର ଭିତ୍ତି ଉପରେ ପ୍ରତିଷ୍ଠିତ ସେମାନଙ୍କର ଜ୍ଞାନକୌଶଳ ସମୟର କଷଟି ପଥରରେ ଶାଣିତ ଓ ପରୀକ୍ଷିତ । ଜନଜାତିୟ ପରମ୍ପରା ଓ ଜ୍ଞାନ କୌଶଳକୁ ଲକ୍ଷ୍ୟକଲେ ଏହି ଭାବଧାରା ସହଜରେ ଅନୁମେୟ ।

ସମୟର ଦ୍ରୁତ ପରିବର୍ତ୍ତନ ଫଳରେ ପରମ୍ପରାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ସାନ୍ତାଳମାନଙ୍କର ସାମାଜିକ, ସାଂସ୍କୃତିକ, ଧାର୍ମିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ତଥାପି ସ୍ୱକୀୟ ପରମ୍ପରାର ସାଂସ୍କୃତିକ ମୂଲ୍ୟବୋଧକୁ ସେମାନେ ବଜାୟ ରଖିବାରେ ସଫଳ ହୋଇଛନ୍ତି ।

ଅଧୁନା ଚିନ୍ତନର ବେଳା ଉପସ୍ଥିତ । ଅବବୋଧର ଅବକ୍ଷୟ ଘଟିବା ପୂର୍ବରୁ ସେମାନଙ୍କ ଜ୍ଞାନକୌଶଳ ଓ ପରମ୍ପରା ସହ ଆମକୁ ପରିଚିତ ହେବା ଏକାନ୍ତ ଆବଶ୍ୟକ । ଏହି ପରିଚିତିକୁ ନେଇ ତାଙ୍କ ନିକଟରେ ପହଞ୍ଚିଲେ ଉନ୍ନୟନ ପରିଯୋଜନାର ସଫଳ ରୂପାୟନ ସମ୍ଭବ ହେବ । ସାନ୍ତାଳମାନଙ୍କର ପରମ୍ପରା ଓ ଜ୍ଞାନକୌଶଳ ଉପରେ ପର୍ଯ୍ୟବେଶିତ ଗବେଷଣା ପ୍ରକଳ୍ପ ସେହି ଉଦ୍ଦେଶ୍ୟକୁ ନେଇ ପରିକଳ୍ପିତ ।

ଓଡ଼ିଶାର ୬୨ ପ୍ରକାର ଜନଜାତି ମଧ୍ୟରେ ସାନ୍ତାଳ ସମ୍ପ୍ରଦାୟ ଅନ୍ୟତମ । ଏମାନେ ପୂର୍ବପୁରୁଷ ଏବଂ ପରମ୍ପରାର ପୂଜକ । ପରମ୍ପରା ଓ ଆଧୁନିକତାର ଏକ ମଧୁର ସମନ୍ୱୟ ସେମାନଙ୍କ ସଂସ୍କୃତି ମଧ୍ୟରେ ବିଦ୍ୟମାନ । ମାତ୍ର ପରମ୍ପରାର ବିବର୍ତ୍ତିତ ରୂପରେଖ ସହ ଏମାନେ ସଂଶ୍ଳିଷ୍ଟ ହେବା ସଙ୍ଗେ ସଙ୍ଗେ ଆଧୁନିକତାକୁ ସୁଚିନ୍ତିତ ଭାବରେ ଆପଣେଇ ନେଇଥାନ୍ତି । ସମୟ ଉପଯୋଗୀ ଓ ଗ୍ରହଣୀୟ ସାଂସ୍କୃତିକ ଉଦବର୍ତ୍ତନ କରିବାରେ ଏମାନେ ଅନ୍ୟଜାତିଙ୍କଠାରୁ ଆଗୁଆ । ଶିକ୍ଷା ଓ ବାହ୍ୟ ସଂସର୍ଗ ଏମାନଙ୍କ ସାମାଜିକ ଓ ସାଂସ୍କୃତିକ ବିବର୍ତ୍ତନର ହେତୁ । ତେଣୁ ଏମାନଙ୍କର ସାଂସ୍କୃତିକ ବୈଚିତ୍ର୍ୟ ସାଙ୍ଗକୁ ପରମ୍ପରା ଓ ସ୍ୱକୀୟ ଜ୍ଞାନକୌଶଳକୁ ଜନମାନସରେ ପହଞ୍ଚାଇ ଉନ୍ନୟନର ମାର୍ଗ ଚିନ୍ତନ କରିବା ଉଦ୍ଦେଶ୍ୟ ନେଇ ‘‘ସାନ୍ତାଳ ଜ୍ଞାନକୌଶଳ’’ ପୁସ୍ତକର ପରିକଳ୍ପନା କରାଯାଇଛି । ପୁସ୍ତିକଟି ସୁଧୀ ଗବେଷକ, ଚିନ୍ତା ନାୟକ, ଉନ୍ନୟନ ପ୍ରାଧିକାରୀ ତଥା ସାଧାରଣ ପାଠକଙ୍କ ପାଇଁ ଉପଯୋଗୀ ହୋଇପାରିବ ବୋଲି ଆଶା ଓ ବିଶ୍ୱାସ ।

ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| II. | ଉପକ୍ରମଣିକା | ୦୧-୧୫ |
| ୧. | ଖାଦ୍ୟ ପରମ୍ପରା | ୧୬-୨୭ |
| ୨. | ପାନୀୟ | ୨୮-୪୧ |
| ୩. | କନ୍ୟାସୁନା | ୪୨-୫୦ |
| ୪. | ପର୍ବପର୍ବାଣୀ ପଞ୍ଜିକା | ୫୧-୬୧ |
| ୫. | କୃଷି ପଞ୍ଜିକା | ୬୨-୭୦ |
| ୬. | ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା | ୭୧-୭୯ |
| ୭. | ଶ୍ରମ ସମବାୟ | ୮୦-୮୯ |
| ୮. | ପାରମ୍ପରିକ ଗ୍ରାମସଭା | ୯୦-୧୦୭ |
| ୯. | ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ | ୧୦୮-୧୧୯ |
| ୧୦. | ବସତି ନମୂନା | ୧୨୦-୧୨୯ |
| ୧୧. | ବାସଗୃହ | ୧୩୦-୧୪୦ |
| ୧୨. | ପଡେଶୀ ପ୍ରଜାତିକ ଗୋଷ୍ଠୀ | ୧୪୧-୧୪୭ |
| ୧୩. | ପାରମ୍ପରିକ କଳା ଓ ଶିଳ୍ପ | ୧୪୮-୧୫୭ |
| ୧୪. | ଔଷଧ ଓ ବୈଦ୍ୟ | ୧୫୮-୧୬୯ |

# ଉପକ୍ରମଣିକା

ଭାରତ ବହୁବିଧ ଆଦିବାସୀଙ୍କ ପୀଠସ୍ଥଳୀ । ଏକ ବହୁବର୍ଣ୍ଣା କ୍ୟାନ୍‌ଭାସ୍ । ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ଅପରଠୁଁ ସ୍ୱତନ୍ତ୍ର । ନିଜସ୍ୱ ଭାଷା, ସଂସ୍କୃତି ଓ ପରମ୍ପରାର ଅଧିକାରୀ ସେମାନେ । ଏମାନେ ବହୁ ପ୍ରାଚୀନ । ଭାରତରେଏମାନେ ଜନଜାତି, ଗିରିଜନ, ବନ୍ୟଜାତି, ଆଦିମଜାତି,ଅନୁସୂଚୀତ ଜନଜାତି ଏହିପରି ଭିନ୍ନ ଭିନ୍ନ ପରିଭାଷାରେ ନାମିତ । ତେବେ ଭାରତର ୧ ହିସାବରେ ପ୍ରଜାତିକ ଜନଗୋଷ୍ଠୀ ଇଂରାଜୀ 'Tribe' ପରିଚିତ । ଭାରତରେ ହୋଇ ବସବାସ କରୁଛନ୍ତି । ୧୯୮୧ ଜନଗଣନା ଅନୁସାରେ ଭାରତରେ ବସବାସ କରୁଥିବା ଆଦିବାସୀଙ୍କ ସଂଖ୍ୟା ୫୧୬୨୮୬୩୮ । ଯାହା ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟ ଶତକଡ଼ା ୭.୭ ଭାଗ । ଓଡ଼ିଶାରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ସଂଖ୍ୟା ସରକାରୀ ହିସାବ ମତେ ୬୨ ଅଟେ । ୧୯୯୧ ଜନଗଣନା ହିସାବରେ ଏମାନଙ୍କ ସଂଖ୍ୟା ୭୦,୩୨,୨୧୪ ଯାହା, ସମଗ୍ର ଓଡ଼ିଶାର ଜନସଂଖ୍ୟାର ୨୨ ଭାଗ ।

ଭାଷା ଭିତ୍ତିରେ ଭାରତରେ ଆଦିବାସୀଗୋଷ୍ଠୀଙ୍କୁ ଚାରିଗୋଟି ବୃହତ୍ ଭାଷା ପରିବାର ଅନ୍ତର୍ଭୁକ୍ତ କରଯାଇଛି । ଏହି ଭାଷା ପରିବାର ମଧ୍ୟରେ ଭାରତୀୟ-ଆର୍ଯ୍ୟ, ଦ୍ରାବିଡ଼, ଅଷ୍ଟ୍ରୋଏସିଆଟିକ୍ (ମୁଣ୍ଡା) ଏବଂ ତିବ୍ବତୋବର୍ମୀଜ୍ ଅନ୍ତର୍ଭୁକ୍ତ । ତେବେ ଓଡ଼ିଶାରେ ଭାରତୀୟ ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡା, ଅଷ୍ଟ୍ରୋଏସିଆଟିକ୍ ଭାଷା ପରିବାର ଅନ୍ତର୍ଭୁକ୍ତ ଜନଜାତି ବସତି ସ୍ଥାପନ କରି ରହିଛନ୍ତି ।

ଭାଷା ଓ ସଂସ୍କୃତିଗତ ବିବିଧତା ସତ୍ତ୍ୱେ ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ଏକ ସାମାଜିକ ସଂସ୍କୃତିକ ସାମ୍ୟତା ପରିଲିକ୍ଷିତ ହୋଇଥାଏ । ଏହି ସାମ୍ୟତା ଯୋଗୁଁ ସେମାନେ ଭିନ୍ନ ଭିନ୍ନ ଆଦିବାସୀ ଗୋଷ୍ଠୀରେ ପରିଚିତ ହୋଇ ସୁଦ୍ଧା ଅନ୍ୟାନ୍ୟ ସାଧାରଣ ବର୍ଗ ଠାରୁ ସ୍ୱତନ୍ତ୍ର ମନେ ହୋଇଥାନ୍ତି ।

ଆମ ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରୁ ସାନ୍ତାଳ ଏକ ସଂଖ୍ୟା ଗରିଷ୍ଠ ଓ ବହୁଚର୍ଚ୍ଚିତ ଜନଜାତି । ବିବିଧ ଭୌଗୋଳିକ ପରିରେଖା ମଧ୍ୟରେ ବସବାସ କରୁଥିଲେ ମଧ୍ୟ ସାନ୍ତାଳ ଜନଜାତି ନିଜର ମୌଳିକତା ଅଦ୍ୟାବଧି ବଜାୟ ରଖିପାରିଛନ୍ତି । ସମଗ୍ର ଓଡ଼ିଶାରେ ଏମାନେ ବିକ୍ଷିପ୍ତ ଭାବରେ ବସବାସ କରୁଥିଲେ ସୁଦ୍ଧା ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଏମାନେ ସଂଖ୍ୟା ଗରିଷ୍ଠ । ଏହାଛଡା ଅନ୍ୟାନ୍ୟ

# ଉପକ୍ରମଣିକା

ଭାରତ ବହୁବିଧ ଆଦିବାସୀଙ୍କ ପୀଠସ୍ଥଳୀ । ଏକ ବହୁବର୍ଣ୍ଣା କ୍ୟାନ୍‌ଭାସ୍ । ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ଅପରଠୁଁ ସ୍ୱତନ୍ତ୍ର । ନିଜସ୍ୱ ଭାଷା, ସଂସ୍କୃତି ଓ ପରମ୍ପରାର ଅଧିକାରୀ ସେମାନେ । ଏମାନେ ବହୁ ପ୍ରାଚୀନ । ଭାରତରେଏମାନେ ଜନଜାତି, ଗିରିଜନ, ବନ୍ୟଜାତି, ଆଦିମଜାତି,ଅନୁସୂଚୀତ ଜନଜାତି ଏହିପରି ଭିନ୍ନ ଭିନ୍ନ ପରିଭାଷାରେ ନାମିତ । ତେବେ ଭାରତର ୧ ହିସାବରେ ପ୍ରଜାତିକ ଜନଗୋଷ୍ଠୀ ଇଂରାଜୀ 'Tribe' ପରିଚିତ । ଭାରତରେ ହୋଇ ବସବାସ କରୁଛନ୍ତି । ୧୯୮୧ ଜନଗଣନା ଅନୁସାରେ ଭାରତରେ ବସବାସ କରୁଥିବା ଆଦିବାସୀଙ୍କ ସଂଖ୍ୟା ୫୧୬୨୮୬୩୮ । ଯାହା ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟ ଶତକଡ଼ା ୭.୭ ଭାଗ । ଓଡ଼ିଶାରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ସଂଖ୍ୟା ସରକାରୀ ହିସାବ ମତେ ୬୨ ଅଟେ । ୧୯୯୧ ଜନଗଣନା ହିସାବରେ ଏମାନଙ୍କ ସଂଖ୍ୟା ୭୦,୩୨,୨୧୪ ଯାହା, ସମଗ୍ର ଓଡ଼ିଶାର ଜନସଂଖ୍ୟାର ୨୨ ଭାଗ ।

ଭାଷା ଭିତ୍ତିରେ ଭାରତରେ ଆଦିବାସୀଗୋଷ୍ଠୀଙ୍କୁ ଚାରିଗୋଟି ବୃହତ୍ ଭାଷା ପରିବାର ଅନ୍ତର୍ଭୁକ୍ତ କରାଯାଇଛି । ଏହି ଭାଷା ପରିବାର ମଧ୍ୟରେ ଭାରତୀୟ-ଆର୍ଯ୍ୟ, ଦ୍ରାବିଡ଼, ଅଷ୍ଟ୍ରୋଏସିଆଟିକ୍ (ମୁଣ୍ଡା) ଏବଂ ତିବ୍ବତୋବର୍ମୀଜ୍ ଅନ୍ତର୍ଭୁକ୍ତ । ତେବେ ଓଡ଼ିଶାରେ ଭାରତୀୟ ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡା, ଅଷ୍ଟ୍ରୋଏସିଆଟିକ୍ ଭାଷା ପରିବାର ଅନ୍ତର୍ଭୁକ୍ତ ଜନଜାତି ବସତି ସ୍ଥାପନ କରି ରହିଛନ୍ତି ।

ଭାଷା ଓ ସଂସ୍କୃତିଗତ ବିବିଧତା ସତ୍ତ୍ୱେ ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ଏକ ସାମାଜିକ ସାଂସ୍କୃତିକ ସାମ୍ୟତା ପରିଲିକ୍ଷିତ ହୋଇଥାଏ । ଏହି ସାମ୍ୟତା ଯୋଗୁଁ ସେମାନେ ଭିନ୍ନ ଭିନ୍ନ ଆଦିବାସୀ ଗୋଷ୍ଠୀରେ ପରିଚିତ ହୋଇ ସୁଦ୍ଧା ଅନ୍ୟାନ୍ୟ ସାଧାରଣ ବର୍ଗ ଠାରୁ ସ୍ୱତନ୍ତ୍ର ମନେ ହୋଇଥାନ୍ତି ।

ଆମ ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରୁ ସାନ୍ତାଳ ଏକ ସଂଖ୍ୟା ଗରିଷ୍ଠ ଓ ବହୁଚର୍ଚ୍ଚିତ ଜନଜାତି । ବିବିଧ ଭୌଗୋଳିକ ପରିରେଖା ମଧ୍ୟରେ ବସବାସ କରୁଥିଲେ ମଧ୍ୟ ସାନ୍ତାଳ ଜନଜାତି ନିଜର ମୌଳିକତା ଅଦ୍ୟାବଧି ବଜାୟ ରଖିପାରିଛନ୍ତି । ସମଗ୍ର ଓଡ଼ିଶାରେ ଏମାନେ ବିକ୍ଷିପ୍ତ ଭାବରେ ବସବାସ କରୁଥିଲେ ସୁଦ୍ଧା ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଏମାନେ ସଂଖ୍ୟା ଗରିଷ୍ଠ । ଏହାଛଡା ଅନ୍ୟାନ୍ୟ

ଜିଲ୍ଲାମାନଙ୍କରେ ମଧ୍ୟ ଏମାନେ ବିକ୍ଷିପ୍ତ ଭାବରେ ବସବାସ କରୁଛନ୍ତି । ଓଡ଼ିଶା ବ୍ୟତିରେକ ପଡୋଶୀ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର ଓ ଆସାମର ଚା ବଗିଚା ଅଞ୍ଚଳରେ ମଧ୍ୟ ଏମାନେ ବହୁଳଭାବରେ ବସବାସ କରିଆସୁଛନ୍ତି । ଓଡ଼ିଶାର ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଓ ଦାମନଯୋଡି ଭଳି କେତେକ ପ୍ରମୁଖ ସହରରେ ଜୀବିକା ଅର୍ଜନ ଉପଲକ୍ଷେ ଆଦିବାସୀମାନେ ବହୁଭାବରେ ବସବାସ କରୁଛନ୍ତି । ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରୁ ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ସାନ୍ତାଳ ସମ୍ପ୍ରଦାୟର ସଂଖ୍ୟା ସର୍ବାଧିକ ।

ଏହି ସମ୍ପ୍ରଦାୟର ଉଭୟ ପୁରୁଷ ଓ ମହିଳା କର୍ମକୁଶଳୀ ଓ ପରିଶ୍ରମୀ । ଅଧିକାଂଶ ସାନ୍ତାଳ ବିଭିନ୍ନ ଶିଳ୍ପ ତଥା ଖଣି ଖାଦାନରେ କର୍ଯ୍ୟକରିବା ପାଇଁ ଗ୍ରାମରୁ ସହରାଭିମୁଖୀ ହୋଇଛନ୍ତି । ଫଳତଃ ଗାଁ ଭିଟା ଛାଡି ସହରରେ ରହି ସେମାନେ ସହରୀ ଚଳଣୀ ସହ ଅଭ୍ୟସ୍ତ ହେବାରେ ଲାଗିଛନ୍ତି । ଏକେତ ଏମାନେ ସ୍ୱସଂସ୍କୃତି ପ୍ରିୟ ମାତ୍ର ଅପରାପର ସଂସ୍କୃତି ସଂସ୍ପର୍ଶରେ ଆସି ଏକ ମିଶ୍ର ସଂସ୍କୃତିର ସ୍ୱାକ୍ଷର ଏମାନଙ୍କ ଚଳଣୀରେ ସମ୍ପ୍ରତି ପ୍ରତିଫଳିତ ହେବାରେ ଲାଗିଛି । ସାନ୍ତାଳମାନେ ଶିକ୍ଷାକ୍ଷେତ୍ରରେ ବର୍ତ୍ତମାନ ଖୁବ୍ ଅଗ୍ରସର । ସରକାରୀ କର୍ମକ୍ଷେତ୍ରରେ ବିଭିନ୍ନ ପଦପଦବୀରେ ଏମାନଙ୍କ ସଂଖ୍ୟା ଗରିଷ୍ଠତା ଏହାର ନିଛକ ପ୍ରମାଣ । ଏହାଛଡା ବିଭିନ୍ନ ଖଣି ଖାଦାନରେ, ଶିଳ୍ପାନୁଷ୍ଠାନରେ କୁଶଳୀ ଅଣକୁଶଳୀ ଶ୍ରମିକଠାରୁ ଆରମ୍ଭକରି ଚାଷବାସରେ, ରାଜନୀତିରେ ମଧ୍ୟ ଏମାନଙ୍କର ପାରଦର୍ଶିତା ପ୍ରତିପାଦିତ ହେବାରେ ଲାଗିଛି ।

ସାନ୍ତାଳ ସମ୍ପ୍ରଦାୟ ଓଡ଼ିଶାର ସଂଖ୍ୟାଗରିଷ୍ଠ ଜନଜାତି । ୧୯୮୧ ଜନଗଣନା ଅନୁସାରେ ସେମାନଙ୍କ ସଂଖ୍ୟା ୫,୩୦,୭୭୬ ହୋଇଥିବାବେଳେ ୧୯୯୧ ଜନଗଣନା ଅନୁସାରେ ସେମାନଙ୍କ ସଂଖ୍ୟା ୬,୨୯,୭୮୨ ହୋଇଥିବାର ଜଣାଯାଏ । ଅଷ୍ଟ୍ରୋଏସିଆଟିକ୍ ଭାଷା ପରିବାରର ମୁଣ୍ଡାଗୋଷ୍ଠୀର ଅନ୍ତର୍ଭୁକ୍ତ ସାନ୍ତାଳମାନଙ୍କର ଭାଷା ସାନ୍ତାଳୀ ହିସାବରେ ପରିଚିତ । ଓଡ଼ିଶାରେ ବସବାସ କରି ଏମାନଙ୍କ ମଧ୍ୟରୁ ଅଧିକାଂଶ ସାନ୍ତାଳୀ ଓଡ଼ିଆ ଭାଷା ସହ ଅଭ୍ୟସ୍ତ । କହିବା ଓ ବୁଝିବାରେ ସେମାନଙ୍କର ଦକ୍ଷତା ତତୋଃଧିକ । ସାନ୍ତାଳମାନଙ୍କ ମଧ୍ୟରେ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଆହିର୍ ବୀର୍, ଇହିଲି ପିପିଲି ସେମାନଙ୍କର ପ୍ରଥମ ଜନ୍ମସ୍ଥାନ ।

ଏକଦା ଅତୀତରେ ସେମାନେ ଯାଯାବର ଜୀବନଯାପନ କରୁଥିବାର ଜଣାଯାଏ । କୃଷି ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ ହେଉଥିଲେ । ଅଷ୍ଟାଦଶ ଶତକର ଅନ୍ତିମ ଭାଗରେ ସାନ୍ତାଳମାନେ ସାନ୍ତାଳପ୍ରଗଣାରେ ସେମାନଙ୍କର ସ୍ଥାୟୀ

ବସତି ଆରମ୍ଭ କଲେ । ପରପର ଏମାନେ ପଶ୍ଚିମବଙ୍ଗ, ବିହାର ଏବଂ ଝାଡଖଣ୍ଡ, ଓଡ଼ିଶା, ଆସାମ ଏବଂ ତ୍ରିପୁରାରେ ବିସ୍ତୃତ ଭାବରେ ବସବାସ କରୁଛନ୍ତି । ସମଗ୍ର ଦେଶରେ ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀ ମଧ୍ୟରେ ସାନ୍ତାଳ ସମ୍ପ୍ରଦାୟ ସଂଖ୍ୟା ଗରିଷ୍ଠତା ହାସଲ କରିଛି ।

ପୂର୍ବରୁ ଅଧିକାଂଶ ସାନ୍ତାଳ ବସତି ଅସ୍ଥାୟୀ ଭାବରେ ହେଉଥିଲା । ଏବେ ସେ ବ୍ୟବସ୍ଥା ପ୍ରାୟତଃ ନାହିଁ । ଅନ୍ୟାନ୍ୟ ଅଧିବାସୀଙ୍କ ପରି ଏମାନେ ସ୍ଥାୟୀ ବସବାସ କରି ଆସୁଛନ୍ତି । କୃଷିଜମି ଏବଂ ଗୋଚରଭୂମି ପରିବେଷ୍ଟିତ କେତେକ ପରିବାରକୁ ନେଇ ଗୋଟିଏ ସାନ୍ତାଳଗ୍ରାମ ଗଢି ଉଠିଥାଏ । ଗୋଟିଏ ସାନ୍ତାଳ ଗ୍ରାମରେ ଅନ୍ୟାନ୍ୟ ୫୦ରୁ ୧୦୦ ପରିବାର ଥାଆନ୍ତି । କେତେକ ସାହି ବା ପଡାଗାଁକୁ ନେଇ ଗୋଟିଏ ମୂଖ୍ୟଗ୍ରାମ ଗଠିତ ହୋଇଥାଏ । ରାସ୍ତାର ଉଭୟ ପାର୍ଶ୍ୱରେ ସରଳଭାବରେ ଧାଡି ହୋଇ ଘର ଗୁଡିକ ରହିଥାଏ । ଗ୍ରାମର ଏକ ପାର୍ଶ୍ୱରେ ଗ୍ରାମଦେବତୀଙ୍କ ପୀଠସ୍ଥଳୀ ଜାହେର୍ ରହିଥାଏ । ଏହା ଶାଳ, ଅସନ, ନିମ୍ବଗଛ ପ୍ରଭୃତି ପରିବେଷ୍ଟିତ ଗ୍ରାମଦେବତୀଙ୍କର ଏକ ପବିତ୍ର ପୀଠସ୍ଥଳୀ । ସାନ୍ତାଳ ସଂସ୍କୃତିର ପ୍ରତୀକ । ଅନ୍ୟ ଏକ ପୂଜାସ୍ଥଳୀ ମାଂଝୀଥାନ ଗ୍ରାମର ଧର୍ମୀୟମୂଖ୍ୟ ମାଝୀହାଡାମଙ୍କ ଘରର ସମ୍ମୁଖରେ ଅବସ୍ଥାପିତ । ଏହାକୁ ସାନ୍ତାଳ ଭାଷାରେ "ଗଷାଣେ" ବୋଲି କୁହାଯାଇଥାଏ । ଏହିଠାରେ ଗ୍ରାମର ପ୍ରଥମ ପ୍ରତିଷ୍ଠାତା/ମୂଖିଆଙ୍କ ଆତ୍ମାକୁ ପୂଜା କରାଯାଇଥାଏ ।

ପରିବାରର ନ୍ୟୁନତମ ଆବଶ୍ୟକତାକୁ ନେଇ ଏବଂ ଆର୍ଥିକ ଅବସ୍ଥାନୁସାରେ ଗୋଟିଏ ସାନ୍ତାଳ ଘର ଅନ୍ୟୁନ ଏକ କୋଠରୀ ବିଶିଷ୍ଟ ହୋଇଥାଏ । କେତେକ ଘରର ପରିସର ବର୍ଗାକାରରେ ନିର୍ମିତ ହୋଇଥିବାର ମଧ୍ୟ ପରିଲକ୍ଷିତ ହୋଇଥାଏ । ସ୍ୱତନ୍ତ୍ର ଭାବରେ ସେମାନଙ୍କର ରୋଷେଇଶାଳ ନଥାଏ । ଘରର ଏକ ଅଂଶକୁ ରେଷେଇ ଶାଳ ହିସାବରେ ଭାଗକରି ବ୍ୟବହାର କରିଥାନ୍ତି । ପୂର୍ବପୁରୁଷମାନଙ୍କର ଆତ୍ମାର ଅବସ୍ଥାନ ପାଇଁ କୋଣରେ ଏକ ପବିତ୍ର ସ୍ଥାନ ରଖାଯାଇଥାଏ । ଯାହାକୁ ଭିତର ବୋଲି କୁହନ୍ତି । ଘରର ପ୍ରତ୍ୟେକ ପାର୍ଶ୍ୱରେ ବାରଣ୍ଡା, ବାରଣ୍ଡାର ଏକ ପାର୍ଶ୍ୱରେ ଢିଙ୍କି , ବସାଉଠା ପାଇଁ ବାରଣ୍ଡାର ଅନ୍ୟ ପାର୍ଶ୍ୱଟି ଉଦ୍ଦିଷ୍ଟ ଥାଏ । ମୂଖ୍ୟ ଘରକୁ ଲାଗି ଗାଇଗୋରୁଙ୍କ ପାଇଁ ସ୍ୱତନ୍ତ୍ର ଗୁହାଳ ନିର୍ମିତ ହୋଇଥାଏ । ପୁରୁଣାକାଳିଆ ଘରର କାନ୍ଥ ଗୁଡିକ କାଠଗଣ୍ଡି ଦ୍ୱାରା ଆଚ୍ଛାଦିତ ହୋଇଥାଏ । ତାହା ଉପରେ କାଦୁଅ ଲେସି ସମାନ କରାଯାଇଥାଏ । ଘରର କାନ୍ଥ ଉପରେ ବିଭିନ୍ନ ରଙ୍ଗର ପ୍ରଲେପ ଦିଆଯାଇଥାଏ । ଏଥିରେ ମଣିଷ, ଫୁଲ, ଫଳ, ପଶୁ ଓ ପକ୍ଷୀର ଚିତ୍ର ଅଙ୍କନ କରାଯାଇଥାଏ । ଏକପ୍ରକାର ବଣୁଆ ଘାସ କିମ୍ବା ନଡାକୁଟା ଏବଂ ଘର ବିଶେଷରେ ଟାଇଲ ଦ୍ୱାରା ଘର ଛପର ହୋଇଥାଏ ।

ସାନ୍ତାଳମାନେ ମାଟିର ଗୃହ ଉପକରଣ ଏବଂ ପତ୍ର ସାହାଯ୍ୟରେ ଖଲି ଓ ଚଉପଦୀ ଇତ୍ୟାଦି ତିଆରି କରିଥାନ୍ତି । ଅପରପକ୍ଷରେ ସେମାନେ ରସ ଏବଂ କଂସାର ବାସନକୁସନ, ରୋଷେଇ ହାଣ୍ଡି ଏବଂ ରେଡ଼ିଓ, ସାଇକେଲ୍, ଘଣ୍ଟା ଇତ୍ୟାଦି ବ୍ୟବହାର କରିଥାନ୍ତି । ଅନ୍ୟାନ୍ୟ ଉପକରଣ ମଧ୍ୟରେ କୃଷି, ଶୀକାର ଏବଂ ମାଛମାରିବା ଉପକରଣ, ବାଦ୍ୟଯନ୍ତ୍ର, ଦଉଡି, ଖଟ ଇତ୍ୟାଦି ନିଜେ ତିଆରି କରିଥାନ୍ତି କିମ୍ବା ଅନ୍ୟଠାରୁ କ୍ରୟ କରିଥାନ୍ତି ।

ଅନ୍ୟାନ୍ୟ ପଡ଼ୋଶୀ ଅଧିବାସୀ ତଥା ଅନ୍ୟ ଆଦିବାସୀ ସମ୍ପ୍ରଦାୟ ଠାରୁ ସାନ୍ତାଳ ମାନଙ୍କର ପୋଷକପତ୍ରରେ ଭିନ୍ନତା ପରିଲିକ୍ଷିତ ହୋଇଥାଏ । ସ୍ଥାନୀୟ ବୁଣାକାରମାନଙ୍କ ଦ୍ୱାରା ତିଆରି ପୁରୁଷ ପୋଷାକ ମଧ୍ୟରେ ଧୋତି କିମ୍ବା ଗାମୁଛା ଏବଂ ମହିଳା ପୋଷାକ ମଧ୍ୟରେ ସବୁଜ ଓ ନୀଳ ରଙ୍ଗର ଛାପା ଶାଢ଼ୀ ଅନ୍ତର୍ଭୁକ୍ତ । ଅଧୁନା ସାନ୍ତାଳ ଯୁବତୀମାନଙ୍କ ମଧ୍ୟରେ ବ୍ଲାଉଜ୍ ଏବଂ ସାୟାର ବହୁଳ ବ୍ୟବହାର ପରିଲକ୍ଷିତ ହେଉଛି । ନୂତନ ପିଢ଼ୀର ଝିଅମାନଙ୍କ ମଧ୍ୟରେ ଆଧୁନିକ ଫେସନର ପୋଷାକପତ୍ର ବେଶ ଆଦୃତ ହେବାରେ ଲାଗିଛି । ପଡୋଶୀ ଅଣ-ଆଦିବାସୀ ମାନଙ୍କ ସହିତ ସାନ୍ନିଧତା ହେତୁ ସାନ୍ତାଳୀ ମହିଳାମାନଙ୍କ ଅଳଙ୍କାର ପିନ୍ଧିବା ଢ଼ଙ୍ଗରେ ପରିବର୍ତ୍ତନ ପରିଲିକ୍ଷିତ ହେଉଛି । ପାରମ୍ପରିକ ଅଳଙ୍କାର ମଧ୍ୟରେ ପିତଳର ଓଜନିଆ ବଳା, ଖଡୁ, ବାହୁଟି ଏବଂ ମାଳୀ ପରିବର୍ତ୍ତେ ପ୍ଲାଷ୍ଟିକ, କାଚ ଏବଂ ହାଲ୍‌କା ରୂପାର ଅଳଙ୍କାର ପିନ୍ଧିବାକୁ ପସନ୍ଦ କରୁଛନ୍ତି । ପ୍ରତ୍ୟେକ ସାନ୍ତାଳୀ ମହିଳା ଚିତା କୁଟାଇଥାନ୍ତି ।

ସାନ୍ତାଳୀମାନେ ଅତ୍ୟନ୍ତ ପରିଷ୍କାର ପରିଚ୍ଛନ୍ନ ସମ୍ପନ୍ନ । ପ୍ରତ୍ୟେକ ଦିନ ସେମାନେ ସେମାନଙ୍କର ନିତ୍ୟକର୍ମ ଶେଷକରି ଅନ୍ୟାନ୍ୟ କାମରେ ଅଂଶ ଗ୍ରହଣ କରିଥାନ୍ତି । ସାନ୍ତାଳ ମହିଳାମାନେ ଘର ବାହାର ପରିଷ୍କାର ପରିଚ୍ଛନ୍ନ ରଖିବାରେ ସିଦ୍ଧହସ୍ତା । ପ୍ରତିଦିନ ଘର ଚଟାଣ ଏବଂ ଅଗଣାକୁ ଗୋବରରେ ଲିପିଥାନ୍ତି । ସ୍ୱତନ୍ତ୍ର ଦିବସ ମାନଙ୍କରେ ସାନ୍ତାଳୀ ମହିଳାମାନେ ଘରର କାନ୍ଥ ସଫାକରି ତା ଉପରେ ବିଭିନ୍ନ ରଙ୍ଗ ଲିପିଥାନ୍ତି । ବାସନ କୁସନକୁ ସଦର ଭାବରେ ପରିଷ୍କାର ରଖିଥାନ୍ତି । ତାଙ୍କ ଘର ସଜ୍ଜୀକରଣରୁ ସାନ୍ତାଳମାନଙ୍କର ସୌନ୍ଦର୍ଯ୍ୟ ପ୍ରୀୟତାର ନମୁନା ବାରିହୁଏ ।

ପିଇବା ପାଇଁ ସାନ୍ତାଳମାନେ ନଦୀ, ଝରଣା ଏବଂ କୂଅ ଉପରେ ନିର୍ଭର କରିଥାନ୍ତି । ଗ୍ରୀଷ୍ମଋତୁରେ ଯେତେବେଳେ କୂପ ଶୁଖିଯାଏ ସାନ୍ତାଳ ମହିଳାମାନେ ନଦୀ ବାଲିରେ ଚୂଆ କରି ଜଳ ଆଣିଥାନ୍ତି । ଆଜିକାଲି ଅଧିକାଂଶ ଗାଁରେ ନଳକୂପ, ପାଣିର ଆବଶ୍ୟକତା ପୂରଣ କରିବାରେ ବେଶ୍ ସହାୟକ ହେବାର ଲାଗିଛି । ବର୍ଷ ତମାମ

ସନ୍ତାଳମାନେ ଭାତକୁ ପ୍ରଧାନ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି । ଏଥି ସହିତ ପନିପରିବା, ସୁଖୁଆ ମଧ୍ୟ ଖାଇଥାନ୍ତି । ଭାତ ପରିବର୍ତ୍ତେ ସେମାନେ ବାଜରା ଏବଂ ଗହମ ମଧ୍ୟ ବ୍ୟବହାର କରିଥାନ୍ତି । ବିବିଧ ଫଳ ମଧ୍ୟରେ ଆମ୍ବ ଏବଂ ପଣସ ହେଉଛି ସେମାନଙ୍କର ପ୍ରଧାନ ଫଳ । ଏହାକୁ ଉଭୟ କଞ୍ଚା ଏବଂ ପାଚିଲା ହିସାବରେ ଖାଇଥାନ୍ତି ।

ମାଛ ଧରିବା ସାନ୍ତାଳମାନଙ୍କର ଅନ୍ୟତମ ସଉକ । ଏମାନେ ଜମି, ନଦୀ, ପୋଖରୀ, ନାଳ ଇତ୍ୟାଦିରୁ ମାଛ ଧରିଥାନ୍ତି । ଗୃହପାଳିତ ପଶୁ ମଧ୍ୟରେ ଛେଳି, କୁକୁଡ଼ା ଏବଂ ଘୁଷୁରୀ ପ୍ରଧାନ । ଏମାନଙ୍କର ମାଂସ ଭୋଜିରେ ରନ୍ଧାଯାଏ । ସମୟେ ସମୟେ ସାନ୍ତାଳୀମାନେ କେତେକ ପକ୍ଷୀ ଧରିଥାନ୍ତି ଏବଂ ସେଗୁଡ଼ିକର ମାଂସ ମଧ୍ୟ ଖାଇଥାନ୍ତି ।

ପାରମ୍ପରିକ ପାନୀୟ ହିସାବରେ ହାଣ୍ଡିଆ ହେଉଛି ସାନ୍ତାଳମାନଙ୍କର ପ୍ରିୟ ପାନୀୟ । ବନ୍ଧୁମିଳନ, ବିଭିନ୍ନ ପର୍ବପର୍ବାଣୀ, ଜନ୍ମ ଉତ୍ସବ, ନାମକରଣ, ବିବାହ ଉତ୍ସବ ଏବଂ ମୃତ୍ୟୁ ସମୟରେ ହାଣ୍ଡିଆର ବହୁଳ ବ୍ୟବହାର ହୋଇଥାଏ । ଶ୍ରାଦ୍ଧ ଦିନ (ପୂର୍ବପୁରୁଷଙ୍କର ଆତ୍ମାଶାନ୍ତି ନିମିତ୍ତ) ହାଣ୍ଡିଆ ଅର୍ପଣ କରିସାରିବା ପରେ ଅନ୍ୟମାନେ ଭୋଗ ହିସାବରେ ଏହାକୁ ପାନ କରିଥାନ୍ତି ।

ପ୍ରାକୃତିକ କାରଣ, ଆଧିଭୌତିକ ଏବଂ ଡ଼ାହାଣିମାନେ ସେମାନଙ୍କର ରୋଗର କାରଣ ବୋଲି ସେମାନଙ୍କର ବିଶ୍ୱାସ । ଅସୁସ୍ଥତା ପାଇଁ ପ୍ରଥମେ ଓଝାକୁ ଜଣାଇଥାନ୍ତି । ଏକାଧାରରେ ବଇଦ ଏବଂ ଗୁଣିଆ କାର୍ଯ୍ୟରେ ଓଝା ସିଦ୍ଧହସ୍ତ । ଯେକୌଣସି ସାଂଘାତିକ ରୋଗର କାରଣ ପ୍ରେତାତ୍ମା ବୋଲି ଏମାନଙ୍କ ବିଶ୍ୱାସ ।

ସାନ୍ତାଳ ଗୋତ୍ର ମଧ୍ୟରେ ପୂର୍ବପୁରୁଷମାନଙ୍କର ଉତ୍ପତ୍ତି ସମ୍ବନ୍ଧରେ କିମ୍ବଦନ୍ତୀ ରହିଛି । ପ୍ରକୃତି ବିଷୟ, ପଶୁ, ପକ୍ଷୀ ଏବଂ ବସ୍ତୁର ନାମକରଣ ଅନୁସାରେ ଗୋତ୍ରର ନାମକରଣ ଦିଆଯାଇଥାଏ । ହାଂସ୍‌ଦା ଅର୍ଥ ହଂସ, ମାରାଣ୍ଡୀ ହେଉଛି ଏକ ପ୍ରକାର ଘାସ । ଗୋତ୍ରର ନାମ ସହ ନିଷେଧ ମଧ୍ୟ ରହିଛି । ହାଁସଦା ଗୋତ୍ରର ଲୋକ ହଂସର ମାଂସ ଖାଇବେ ନାହିଁ କିମ୍ବା ତାହାର ଅଣ୍ଡା ମଧ୍ୟ ଖାଇବେ ନାହିଁ । ମୁର୍ମୁ ଗୋତ୍ରର ଲୋକ ଗାଈ ମାରିବେ ନାହିଁ । ମାରାଣ୍ଡୀ ଗୋତ୍ରର ଲୋକେ କେବେ ବଣୁଆ ଘାସ / ଅନାବନା ଘାସକୁ ନଷ୍ଟ କରିବେ ନାହିଁ ।

ଏକଗୋତ୍ରରେ ସମସ୍ତେ ଭାଇ ଓ ଭଉଣୀ ବୋଲି ଅଭିହିତ ହୁଅନ୍ତି । ସେମାନଙ୍କ ମଧ୍ୟରେ ବିବାହ ନିଷେଧ କରାଯାଇଛି । ପ୍ରତ୍ୟେକ ଗୋତ୍ର ପୁନଃ କେତୋଟି ଉପ ଗୋତ୍ରରେ

ବିଭକ୍ତ । ଉପଗୋତ୍ର ମଧ୍ୟରେ ମଧ୍ୟ ବିବାହ ନିଷିଦ୍ଧ କରାଯାଇଛି । ଯେଉଁମାନେ ଏହି ନିୟମ ଅବମାନନା କରନ୍ତି ସେମାନେ ସାଧାରଣତଃ ଦଣ୍ଡିତ ହୋଇଥାନ୍ତି । ବିଚାର ପରିଷଦ ଦ୍ୱାରା ଏହି ବିଚାର କରାଯାଇ ଦଣ୍ଡବିଧାନ କରାଯାଇଥାଏ । ଦଣ୍ଡକୁ ସାନ୍ତାଳ ଭାଷାରେ ସାଧାରଣତଃ "ବିଟ୍‌ଲାହା" ବୋଲି କହିଥାନ୍ତି ।

ପ୍ରତ୍ୟେକ ଉପଗୋତ୍ର ପୁନଶ୍ଚ କେତେକ ବଂଶରେ ବିଭକ୍ତ ହୋଇଥାଏ । ବଂଶର ଲୋକ ସ୍ୱତନ୍ତ୍ର ପର୍ବପର୍ବାଣୀ/ଉତ୍ସବରେ ଆବ୍‌ଗେ ବଂଗାଙ୍କର ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ପୂଜା ଉପଚାର କରିଥାନ୍ତି । ଚାରିପାଞ୍ଚବର୍ଷ ମଧ୍ୟରେ ପାଖ ଗ୍ରାମଗୁଡ଼ିକରେ ବସବାସ କରୁଥିବା ପ୍ରତ୍ୟେକ ଗୋଷ୍ଠୀର ଲୋକେ ଏକତ୍ରିତ ହୋଇ ଆବ୍‌ଗେ ବଂଗାକୁ ପୂଜା ଆରାଧନା କରିଥାନ୍ତି । କୁଟୁମ୍ବର ଲୋକେ ଜନ୍ମ, ବିବାହ ଏବଂ ମୃତ୍ୟୁ ସମୟରେ ଉପସ୍ଥିତ ହୋଇଥାନ୍ତି । ଫଳତଃ ପରସ୍ପର ମଧ୍ୟରେ ସହଯୋଗ ଏବଂ ବନ୍ଧୁତ୍ୱ ଭାବ ବଜାୟ ରହିଥାଏ ।

ପରିବାର ହେଉଛି ଏକ କ୍ଷୁଦ୍ର ସାମାଜିକ ଅଂଶ । ବସବାସ କରିବା ଶୈଳୀ ଅନୁସାରେ ଗୋଟିଏ ଝିଅର ବିବାହ ପରେ ସେ ବାପଘର ଛାଡ଼ି ଶାଶୁଘରେ ପାଦ ଦେଇଥାଏ । ଅଧିକାଂଶ ସାନ୍ତାଳ ପରିବାର ସ୍ୱାମୀ, ସ୍ତ୍ରୀ, ଅବିବାହିତ ପୁଅ ଝିଅ ଏବଂ ବେଳେବେଳେ ପିତାମାତା ମଧ୍ୟ ରହିଥାନ୍ତି । ପରିବାର ମଧ୍ୟରେ ସାଧାରଣତଃ ବିବାହ ପରେ ବିଭାଜନ ହୋଇଥାଏ । ସେ ଯାହାହେଉ କେତେକ ସମ୍ପ୍ରସାରିତ ପରିବାରଙ୍କର ଉଭୟ ବାପାମାଆ, ବିବାହିତ ପୁତ୍ର ଏବଂ ନାତି ନାତୁଣୀମାନେ ମଧ୍ୟ ରହିଥାନ୍ତି । ଯୌଥ ପରିବାରରେ ଅଧିକାଂଶ ବିବାହିତ ଭାଇ ଏବଂ ସେମାନଙ୍କର ସ୍ତ୍ରୀମାନେ ମଧ୍ୟ ରହିଥାନ୍ତି ।

ପରିବାରରେ ପୁରୁଷ ପରିବାର ଚଳାଇବା ଦାୟିତ୍ୱ ଗ୍ରହଣ କରିଥାନ୍ତି । ସାନ୍ତାଳ ସମାଜରେ ରକ୍ତଗତ ସମ୍ପର୍କକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଛି ଯଥା : ବନ୍ଧୁପେଲେ ଏବଂ କୁଟୁମ୍ ପେଲେ । ବିବାହ ସମ୍ପର୍କକୁ ବନ୍ଧୁପେଲେ ଏବଂ କୁଟୁମ୍ବ ମଧ୍ୟରେ ସମ୍ପର୍କକୁ କୁଟୁମ୍ବ ପେଲେ କହନ୍ତି । ଉଭୟ ଗୋଷ୍ଠୀ ଜନ୍ମ, ବିବାହ ଏବଂ ମୃତ୍ୟୁ ସମୟରେ ଆସି ସକ୍ରିୟ ଅଂଶଗ୍ରହଣ କରିଥାନ୍ତି ।

ଗର୍ଭବତୀ ସମୟରେ ସାନ୍ତାଳ ସ୍ତ୍ରୀ କେତେକ ନୀତିନିୟମ ଏବଂ ନିଷେଧକୁ ମାନି ଚଳିଥାନ୍ତି । ଭୂତ, ପ୍ରେତାତ୍ମା ଏବଂ ଡ଼ାହାଣୀମାନଙ୍କ ଦାଉରୁ ରକ୍ଷା, ଏକାକୀ ଜଙ୍ଗଲକୁ ଯିବା, ବିଲରେ ବିଭିନ୍ନ ଶସ୍ୟକୁ ଛୁଇଁବା ନିଷେଧ କରାଯାଇଥାଏ । ସନ୍ତାନ ଜନ୍ମ ପରେ ନବଜାତ ମାଆ ପାଖରେ ଜନମ ଛାଟିଆର ପର୍ଯ୍ୟନ୍ତ ରହିଥାଏ । ଏହି ସମୟରେ ତାକୁ ବିଭିନ୍ନ ବାରଣ କରାଯାଇଥାଏ । ନାମକରଣ ଉତ୍ସବକୁ ସାନ୍ତାଳ ଭାଷାରେ

ନୁତୁମ୍ କୁହାଯାଏ । ବର୍ଷକ ମଧ୍ୟରେ ଯେକୌଣସି ଦିନଟିଏ ଧାର୍ଯ୍ୟକରି ଏହି ଉତ୍ସବ ପାଳନ କରାଯାଇଥାଏ ।

ଶିଶୁଟିର ମାଆ ଶିଶୁଟିକୁ ଚାରିରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସେବା କରିଥାଏ । ଶିଶୁ ଜନ୍ମ ୭ ରୁ ୮ ମାସ ପର୍ଯ୍ୟନ୍ତ ଶିଶୁଟିର ମାଆ ବାହାରକୁ ଯାଇ କାମ କରିବାକୁ ନିଷେଧ କରାଯାଇଛି । ଯେତେବେଳେ ମା ବାହାରକୁ କାମ କରିବା ପାଇଁ ଆସେ ସେତେବେଳେ କୌଣସି ସ୍ତ୍ରୀ-କିମ୍ବା ଅନ୍ୟ କେହି ପିଲାଟିର ଦାୟିତ୍ୱରେ ରହିଥାନ୍ତି ।

ବୟଃପ୍ରାପ୍ତ ହେବାପରେ ବିବାହ ସ୍ଥିରିକୃତ ହୋଇଥାଏ । ବିବାହକୁ ସାନ୍ତାଳ ଭାଷାରେ 'ବାପ୍ଲା' ବୋଲି କହିଥାନ୍ତି । ବିବାହ ପରେ ସମାଜରେ ଜଣେ ବ୍ୟକ୍ତି ପୂର୍ଣ୍ଣଭାବରେ ଏକ ସଦସ୍ୟଭାବ ଗଣ୍ୟହୋଇଥାଏ । ବିବାହକ୍ଷେତ୍ରରେ ସାନ୍ତାଳମାନଙ୍କର ସ୍ୱତନ୍ତ୍ର ନୀତିନିୟମ ରହିଛି । ସମ୍ପର୍କୀୟ ଭାଇଭଉଣୀମାନଙ୍କ ମଧ୍ୟରେ ବିବାହ ଅସଙ୍ଗତ । ଅତୀତରେ କୌଣସି ବିବାଦ ବା ଦ୍ୱନ୍ଦ ଉପୁଜିଥିଲେ କେତେକ ନିର୍ଦ୍ଦିଷ୍ଟ ଗୋତ୍ର ମଧ୍ୟରେ ବିବାହ ହୋଇପାରେ ନାହିଁ ।

ସାନ୍ତାଳ ସମାଜରେ କେତେକ ପଦ୍ଧତିରେ ବିବାହ ସଂଗଠିତ ହୋଇଥାଏ । ସେହି ବିବାହ ମଧ୍ୟରେ :

(କ) Marriage by negociation – ଆୟୋଜିତ ବା ସ୍ଥିରୀକୃତ ବିବାହ
(ଖ) Marriage by mutual consent – ପରସ୍ପର ଇଛାରେ ବିବାହ(ପ୍ରେମ ବିବାହ)
(ଗ) Marriage by force – ବଳପୂର୍ବକ ବିବାହ
(ଘ) Marriage by intrusion – ପଇସା ଗୁଣ୍ଡି ବିବାହ (ଘରେ ପଶି)
(ଙ) Marriage by elopement – ଉଦୁଲିଆ ବିବାହ
(ଚ) Widow marriage – ବିଧବା ବିବାହ
(ଛ) Hindu type of marriage (Diku marriage) ହିନ୍ଦୁ ପ୍ରଥାନୁସାରୀ ବିବାହ

ବିବାହପରେ କନ୍ୟା ନିଜ ସ୍ୱାମୀପାଖରେ ରହିଥାଏ । ଅନ୍ୟ ଏକ ବିବାହ ଘରଜ୍ୱାଇଁ (ପାର୍-ଦି-ଜାମେଇ) ରେ ପୁଅ କନ୍ୟା ପରିବାରକୁ ଆସି ସେଠାରେ ରହିଥାଏ । ଯଦି କନ୍ୟାର କୌଣସି ଭାଇ ନଥାନ୍ତି ସେ କ୍ଷେତ୍ରରେ ଏପରି ବିବାହ ହୋଇଥାଏ । ସାନ୍ତାଳ ସମାଜରେ ବିଧବା (ଜହାର ବାପ୍ଲା) ମଧ୍ୟ ହୋଇଥାଏ । ଜଣେ ବିଧବା ତାଙ୍କ ସ୍ୱାମୀର ସାନଭାଇଙ୍କ ସହିତ ରାଜିହୋଇ ବିବାହ କରିଥାନ୍ତି ନହେଲେ ତାର ଇଛା ମୁତାବକ ଅନ୍ୟ ଏକ ପୁରୁଷକୁ ବିବାହ କରିଥାନ୍ତି ।

ଛାଡପତ୍ର (ସାକାମ୍ ଚାରେଛିଣ୍ଡାଉ) ସମାଜ ଦ୍ୱାରା ସ୍ୱୀକୃତ । ସ୍ୱାମୀ କିମ୍ବା ସ୍ତ୍ରୀ ଦ୍ୱାରା ଏହା ହୋଇଥାଏ । ଯଦି ଜଣେ ସ୍ତ୍ରୀ ତାର ସ୍ୱାମୀକୁ ପରିତ୍ୟାଗ କରି ଅନ୍ୟ ଜଣଙ୍କୁ ବିବାହ କରେ ଦ୍ୱିତୀୟ ସ୍ୱାମୀଠାରୁ କନ୍ୟାସୁନା ସମେତ ବିବାହ ଅନ୍ୟାନ୍ୟ ଖର୍ଚ୍ଚ ପାଇଥାଏ । ପ୍ରଥମ ସ୍ୱାମୀକୁ ଆଣିଥିବା କନ୍ୟାସୁନା ଫେରାଇବାକୁ ବାଧ୍ୟ ହେବ । ଯଦି ପୁରୁଷ ତାର ସ୍ତ୍ରୀକୁ ଛାଡପତ୍ର ଦେଇ ପରିତ୍ୟାଗ କରିବାକୁ ଚାହେଁ ତେବେ ଗ୍ରାମର ମୁଖିଆଲୋକଙ୍କ ଉପସ୍ଥିତିରେ ସ୍ତ୍ରୀର କ୍ଷତିପୂରଣ ଦେବାପାଇଁ ଗ୍ରାମର ମୁଖିଆ ଲୋକେ ସ୍ଥିର କରିଥାନ୍ତି ।

ଜନ୍ମ ଏବଂ ବିବାହ ଭଳି ମୃତ୍ୟୁରେ ମଧ୍ୟ କେତେକ ପୂଜାପାଠ କରାଯାଇଥାଏ । ସାନ୍ତାଳମାନେ ବିଶ୍ୱାସ କରନ୍ତି ଯେ ମୃତ ବ୍ୟକ୍ତିର ପରିବାର ଲୋକଙ୍କର ବହୁତ କ୍ଷତି ଘଟାଇବା ସହିତ ଗ୍ରାମ ଲୋକମାନଙ୍କର ମଧ୍ୟ ଅନିଷ୍ଟ କରିଥାନ୍ତି । ମୃତ୍ୟୁର ପାଞ୍ଚରୁ କୋଡ଼ିଏ ଦିନ ମଧ୍ୟରେ ଶୁଦ୍ଧିକ୍ରିୟା ନିମନ୍ତେ ପୂଜାପାଠ କରାଯାଇଥାଏ । କୁଟୁମ୍ବର ପ୍ରତ୍ୟେକ ପୁରୁଷଲୋକ ନଖ, ଦାଢି ଓ ଚୁଟି କାଟନ୍ତି ଏବଂ ସ୍ତ୍ରୀଲୋକେ ନଖ କାଟନ୍ତି ଏବଂ ଚୁଟି ପ୍ରକ୍ଷାଳନ ପୂର୍ବକ ଉତ୍ସବରେ ବିବିଧ ପୂଜାପାଠ କରିଥାନ୍ତି ଏବଂ ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଅର୍ପଣ କରାଯାଇଥାଏ ।

ସାନ୍ତାଳମାନେ ମୃତବ୍ୟକ୍ତିର ଅସ୍ଥିକୁ ପବିତ୍ର ନଦୀଜଳରେ ବିସର୍ଜନ କରିଥାନ୍ତି । ଏହାକୁ ଦାମୋଦର ଯାତ୍ରା ବା ଜିଲିଂଡାହା ବୋଲି କୁହାଯାଇଥାଏ । ବିଭିନ୍ନ ଅଞ୍ଚଳର ନଦୀଘାଟ ନିକଟରେ ସାନ୍ତାଳମାନେ ବସବାସ କରିଥାନ୍ତି । ଯେଉଁଠାରେ ମୃତବ୍ୟକ୍ତିର ଶେଷ ସଂସ୍କାର ପାଇଁ ପୂଜାପାଠକରାଯାଇଥାଏ, ସେହି ଘାଟରେ ମୃତବ୍ୟକ୍ତିର ଅସ୍ଥିକୁ ବିସର୍ଜନ କରାଯାଇଥାଏ ।

ସାନ୍ତାଳମାନଙ୍କର ପ୍ରଧାନ ଜୀବିକା ଚାଷ । ବର୍ତ୍ତମାନ ଉଭୟ ପୁରୁଷ ଏବଂ ମହିଳା ଚାଷ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ମଧ୍ୟବିତ୍ତ ଏବଂ କ୍ଷୁଦ୍ର ଚାଷୀ ପରିବାରରେ ଏଭଳି ହୋଇଥାଏ । ଖଣି ଖାଦାନ ଏବଂ ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ମାନଙ୍କରେ ମଧ୍ୟ ଉଭୟ ପୁରୁଷ ଓ ମହିଳା କାମ କରିଥାନ୍ତି । ଶିକ୍ଷାର ପ୍ରସାର ହେତୁ ଅନେକ ସରକାରୀ କାର୍ଯ୍ୟରେ କାର୍ଯ୍ୟରତ । ଉଭୟ ପୁରୁଷ ଓ ମହିଳା କର୍ମକୁଶଳୀ, ବଳବାନ୍ ଏବଂ ପରିଶ୍ରମୀ ।

ପ୍ରଧାନ ଜୀବିକା କୃଷିହେଲେ ମଧ୍ୟ କୃଷିରୁ ସମସ୍ତ ଅଭାବ ପରିପୂରଣ ହୋଇପାରେ ନାହିଁ । ତେଣୁ ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଏବଂ ଦୈନନ୍ଦିନ ମଜୁରୀ ଉପରେ ନିର୍ଭର କରିଥାନ୍ତି । ଅବସର ସମୟରେ ସେମାନେ ରୋଜଗାର କରିବା ସକାଶେ ସହରକୁ ଏବଂ ଶିଳ୍ପାଞ୍ଚଳକୁ ଆସି ଦିନ ମଜୁରିଆ କାମ କରିଥାନ୍ତି । ଏବେ

ସବାଇଘାସ  ଶାଳପତ୍ରରୁ ପ୍ରସ୍ତୁତ ଖଲିଦନା ପ୍ରସ୍ତୁତିରେ ଅଧିକାଂଶ ସାନ୍ତାଳ ଜୀବିକାର୍ଜନ କରୁଛନ୍ତି ।

ଏକଦା ନିଘଞ୍ଚ ଜଙ୍ଗଲରେ ପରିବ୍ୟାପ୍ତ ସାନ୍ତାଳଗ୍ରାମର ଚତୁଃପାର୍ଶ୍ୱ ଦିନକୁ ଦିନ କ୍ଷୟ ହେବାରେ ଲାଗିଛି । ଜୀବଜନ୍ତୁ ଲୋପ ପାଇ ଗଲେଣି । ଜଙ୍ଗଲରୁ ପଶୁଶିକାର କରିବା କ୍ଷେତ୍ରରେ ସରକାର କେତେକ ନୀତି ନିୟମ ଜାରୀ କରିଛନ୍ତି । ଫଳରେ ପଶୁ ଶିକାର କରିବାରେ ସେମାନଙ୍କର ଆଗ୍ରହ କମିଯିବାର ପରିଲକ୍ଷିତ ହେଉଛି । ତଥାପି ସମୟେ ସମୟେ ସାନ୍ତାଳମାନେ ଗ୍ରୀଷ୍ମଋତୁରେ ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ଯାଇଥାନ୍ତି । ବାହାପର୍ବର ଅନ୍ତିମ ଦିବସରେ ପ୍ରତ୍ୟେକ ସାନ୍ତାଳ ପୁରୁଷ ଶିକାର ଉଦ୍ଦେଶ୍ୟରେ ପ୍ରଥମ କରି ଜଙ୍ଗଲରେ ପ୍ରବେଶ କରିଥାନ୍ତି । ଶିକାର ପୂର୍ବରୁ ଯଥାଯଥା ପୂଜାପାଠ କରାଯାଇଥାଏ । ପଶୁ ଶିକାର ହୋଇପାରିଲେ ସେହିବର୍ଷ ଉତ୍ତମମାନର ଶସ୍ୟଉପାଦାନ ହେବାର ସୂଚନା ଦେଇଥାଏ ।

ଦୈନନ୍ଦିନ ବ୍ୟବହାର ପାଇଁ ସାନ୍ତାଳମାନେ କେତେକ ଜିନିଷ ହାତରେ ତିଆରି କରିଥାନ୍ତି । ସେ ମଧ୍ୟରେ କାଠ ତିଆରି ଜିନିଷ ଯଥା ଲଙ୍ଗଳ, ମଇ, ଢ଼ିଙ୍କି, ଜୁଆଳୀ ଇତ୍ୟାଦି ତିଆରି କରାଯାଇଥାଏ । ବାଉଁଶ ତିଆରି ଜିନିଷ ମଧ୍ୟରେ ସାନ୍ତାଳ ମାନେ କେବଳ ମାଛଯନ୍ତା ଏବଂ ଶସ୍ୟ ଟୋକେଇ ତିଆରି କରିଥାନ୍ତି । ଅନ୍ୟପ୍ରକାରର ବାଉଁଶ ତିଆରି ବୋଝ ମାହାଲୀ ଜାତିର ଲୋକଙ୍କଠାରୁ କ୍ରୟ କରି ଆଣିଥାନ୍ତି ।

ସାନ୍ତାଳମାନେ ବିଭିନ୍ନ ଦେବାଦେବୀ, ଜଙ୍ଗଲ, ପାହାଡ଼ ଓ ଝରଣାରେ ରହୁଥିବା ଭୂତ ଏବଂ ପୂର୍ବପୁରୁଷଙ୍କ ଉପରେ ଦୃଢ଼ ବିଶ୍ୱାସ କରିଥାନ୍ତି । ପୂର୍ବପୁରୁଷମାନେ ସେମାନଙ୍କ ଚଲାପଥକୁ ସୁଗମ କରିଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ । ସିଂବଙ୍ଗା ବା ଠାକୁର ଧରମ ହେଉଛନ୍ତି ସେମାନଙ୍କର ପ୍ରଧାନ ଦେବତା ଯିଏକି ସୂର୍ଯ୍ୟଭାବେ ପରିଚିତ । ଭକ୍ତିର ସହ ସେ ପୂଜାପାଇଥାନ୍ତି । ସେ ହେଉଛନ୍ତି ସୃଷ୍ଟିକର୍ତ୍ତା ଏବଂ ସର୍ବୋପକାରୀ ଦେବତା । ତାଙ୍କୁ ପୂଜାକରିବା ପାଇଁ ସ୍ୱତନ୍ତ୍ର ଭାବରେ ପର୍ବପର୍ବାଣୀ ନଥାଏ । ସେ ହୃଦୟରେ ସ୍ଥାନ ପାଇଥାନ୍ତି । ସେ ଚିରସ୍ମରଣୀୟ । ଗ୍ରାମର ଏକ ବାହାରର ନିର୍ଜନ ପବିତ୍ର ତୋଟା ଜାହେରାରେ ଗ୍ରାମଦେବତା ଯଥା : ମାରାଂବୁରୁ, ଜାହେର୍ ଏରା, ମଣେକ, ତୁରୁଗିକ ଓ ଗଷାଣି ଏରା ରହିଥାନ୍ତି । ସାନ୍ତାଳମାନଙ୍କ ଜୀବନରେ ଗ୍ରାମଦେବତା ଓ ଅନ୍ୟାନ୍ୟ ଦେବଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ଏବଂ ସେମାନଙ୍କର ସାମାଜିକ-ଅର୍ଥନୈତିକ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିଥାନ୍ତି । ବର୍ଷର ପ୍ରତ୍ୟେକ ମାସରେ ସେମାନେ ବିଭିନ୍ନ ପ୍ରକାରର ପର୍ବପର୍ବାଣୀ

ପାଳନ କରିଥାନ୍ତି । କେତେକ ମୁଖ୍ୟ ପର୍ବପର୍ବଣୀମାନଙ୍କ ମଧ୍ୟରେ ହୁଲ୍‌ମୁଟ ରଜପର୍ବ, ଚିତାଉଁ, ଗହ୍ମାପର୍ବ, ଦାସାଏଁ, ସହରାଏ, ଇରୁମୁଚାଦ୍, ସାକାରାତ୍, ମାଘବଂଗା, ବାହାବଂଗା । ଏହି ପର୍ବଗୁଡ଼ିକ କୃଷି ସହିତ ସମ୍ପୃକ୍ତ । ଧାନ ବୁଣିବା ପୂର୍ବରୁ ହୁଲ୍‌ମୁଟ୍ ପର୍ବ ପାଳନକରାଯାଏ । ଆଷାଳିଆ ପୂଜା ଆଷାଢ଼ ମାସରେ ହୋଇଥାଏ । ନୂଆଖିଆ ପର୍ବ ଭାଦ୍ରବ ମାସରେ ପାଳନ କରାଯାଇଥାଏ । ଏହିପର୍ବ ପାଳନ ପୂର୍ବରୁ କୌଣସି ବ୍ୟକ୍ତି ଅମଳ କରିଥିବା ନୂତନ ଶସ୍ୟକୁ ଭକ୍ଷଣ କରନ୍ତିନାହିଁ । ଆଶ୍ୱିନ ମାସରେ ଦାସାଏଁ ପର୍ବ ପାଳନ କରାଯାଇଥାଏ । ଏହି ପର୍ବରେ ଦେବୀ ଦୁର୍ଗାଙ୍କୁ ଆରାଧାନ କରିଥାନ୍ତି । ଘରର ସୁଖଶାନ୍ତି ଏବଂ ଗାଇଗୋରୁଙ୍କୁ ରୋଗଦାଉରୁ ରକ୍ଷାପାଇବା ପାଇଁ କାର୍ତ୍ତିକ ମାସରେ ସହରାଏ ପର୍ବ ପାଳନ କରାଯାଇଥାଏ । ମାର୍ଗଶୀର ମାସରେ ଧାନକଟା ଶେଷରେ ଶସ୍ୟ ଉଠାପର୍ବ ବା ଇରୁମୁଚାଦ୍ ପର୍ବ ପାଳନ କରାଯାଇଥାଏ । ଘରୁ ଭୂତପ୍ରେତଦାଉରୁ ରକ୍ଷା ଏବଂ ଶିକାରରେ ଜୟଲାଭ ପାଇଁ ସାକାରତ୍ ପର୍ବ ବା ମକର ପର୍ବ ପାଳନ କରିଥାନ୍ତି । ଜଙ୍ଗଲରୁ ଗଛ କାଟିବା ପୂର୍ବରୁ ଏହି ପର୍ବ ପାଳନ କରାଯାଏ । ବର୍ଷା ଦେବତା ଲାଗି ଗସାଏଁଙ୍କୁ ଏହି ପର୍ବରେ ଆରାଧନା କରାଯାଇଥାଏ । ଏହି ପର୍ବ ପାଳନ ପୂର୍ବରୁ କୌଣସି ବ୍ୟକ୍ତି ଜଙ୍ଗଲରେ ପ୍ରବେଶ କରନ୍ତି ନାହିଁ କି ଗଛ କାଟନ୍ତି ନାହିଁ । ବାହାବଂଗା ପର୍ବରେ ମହୁଲ, ଜଙ୍ଗଲର ସଂଗୃହିତ ପ୍ରଥମ ଫୁଲ ଓ ଫଳକୁ ଜାହେର୍‌ଏରା ଓ ମାରାଂବୁରୁ (ଗ୍ରାମଦେବତା/ଗ୍ରାମଦେବତୀ)ଙ୍କୁ ଅର୍ପଣ କରାଯାଇଥାଏ । ବିଭିନ୍ନ ଭୟରୁ ରକ୍ଷା ପାଇବା ପାଇଁ ଠାକୁର ବା ଦେବାଦେବୀଙ୍କୁ ଆରାଧନା କରାଯାଇଥାଏ । ସାନ୍ତାଳମାନେ ନିଜ ଧର୍ମ ଉପରେ ଦୃଢ଼ ବିଶ୍ୱାସୀ । ତେବେ ଆଜିକାଲି ହିନ୍ଦୁ ଦେବା ଦେବୀଙ୍କୁ ପୂଜାକରିବା ପ୍ରଥା ପ୍ରଚଳିତ ହେବାରେ ଲାଗିଛି ।

ଗ୍ରାମସଭା ହେଉଛି ପାରମ୍ପରିକ ବିଚାରାଳୟର ଏକ ଛୋଟ ଅନୁଷ୍ଠାନ । ଗ୍ରାମର ମୁଖିଆ ଲୋକମାନଙ୍କୁ ନେଇ ଏହା ଗଠିତ ହୋଇଥାଏ । ମାଝୀହାଲାମ୍ ହେଉଛନ୍ତି ଗ୍ରାମଶାସନର ମୁଖ୍ୟ । ତାଙ୍କ କାର୍ଯ୍ୟରେ ସହଯୋଗ କରିବା ପାଇଁ ପାରାମାନିକ୍ ଗ୍ରାମସଭାର ଉପ-ମୁଖ୍ୟ । ଗ୍ରାମର ପୁରୋହିତ ନାଏକେ ଏବଂ ଗ୍ରାମର ଯୁବମୁଖ୍ୟ ଜଗମାଝୀ ଏବଂ ଡ଼ାକୁଆ ଗଡ଼େତ୍ ଇତ୍ୟାଦି ଗ୍ରାମ ସଭାରେ ଅନ୍ତର୍ଭୁକ୍ତ । ମାଝୀଥାନ୍ ବା ଗଷାଣେରେ ଗ୍ରାମସଭାର ବୈଠକ ଆହ୍ୱାନ କରାଯାଇଥାଏ । ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଗ୍ରାମ ସଭା ହେଉଛି ଏକ ମୁଖ୍ୟ ସାମାଜିକ ଅନୁଷ୍ଠାନ । ପରିବାର ଏବଂ ଗ୍ରାମ ମଧ୍ୟରେ ଉପୁଜୁଥିବା ଗଣ୍ଡଗୋଳ ବିଷୟରେ ଗ୍ରାମସଭାରେ ବିଚାର ହୋଇଥାଏ । ଛାଡ଼ପତ୍ର, ଜମିଜମାବଣ୍ଟନ, ପୋଷ୍ୟପୁତ୍ର ଗ୍ରହଣ, ଜମିଜମା ସଂକ୍ରାନ୍ତୀୟ ଗଣ୍ଡଗୋଳ ଇତ୍ୟାଦି ବିଷୟ ଗ୍ରାମ ସଭାରେ ବିଚାର ହୋଇଥାଏ । ଜନ୍ମ, ବିବାହ ଏବଂ ମୃତ୍ୟୁ ଇତ୍ୟାଦିରେ ମଧ୍ୟ ଗ୍ରାମସଭା ପୂର୍ଣ୍ଣମାତ୍ରାରେ

ସହଯୋଗ କରିଥାଏ । କୌଣସି ପୂଜାପାଠ ପୂର୍ବରୁ ଗ୍ରାମର ମୁଖିଆ ଲୋକେ ଏକତ୍ରିତ ହୁଅନ୍ତି ଏବଂ ପର୍ବ ବିଷୟରେ ଆଲୋଚନା କରିଥାନ୍ତି ।

ଗ୍ରାମ ଗ୍ରାମ ମଧ୍ୟରେ ଥିବା ଗ୍ରାମ ସଭାକୁ ପିର୍‌ହ୍ / ପାରଗଣା ବା ପଞ୍ଚେତ୍ ବୋଲି କୁହାଯାଏ । ଗ୍ରାମ ସଭାରେ ମୋକଦ୍ଦମାର ବିଚାର ହୋଇନପାରିଲେ ଏହି ପଞ୍ଚେତ୍ ବିଚାର କରିଥାଏ । ପ୍ରତ୍ୟେକ ଗ୍ରାମର ମୁଖ୍ୟ ମାଝୀହାଲାମ ଏବଂ କେତେକ ପୁରୁଖା ଲୋକମାନଙ୍କୁ ନେଇ ଏହି ପଞ୍ଚେତ୍ ଗଠିତ ହୋଇଥାଏ । ଏହି ପଂଞ୍ଚେତ୍‌ରେ କେତେକ ମୋକଦ୍ଦମା ବିଚାରକୁ ଆସିଥାଏ । ଗ୍ରାମ ଗ୍ରାମ ମଧ୍ୟରେ ଅନ୍ତଃ ବିବାଦ, ଜମିଜମା ସଂକ୍ରାନ୍ତୀୟ ବିବାଦ, ବଳାତ୍କାର ମାମଲା ଇତ୍ୟାଦି ବିଷୟ ପଞ୍ଚେତ୍‌ରେ ବିଚାର କରାଯାଇଥାଏ । ଏପରିକି କୌଣସି ବ୍ୟକ୍ତି ଗ୍ରାମସଭା ବିଚାରରେ ଅସନ୍ତୁଷ୍ଟ ପ୍ରକାଶ କଲେ ସେ ପଞ୍ଚେତର ସହଯୋଗ ନେଇପାରିବ ।

ଅନ୍ୟ ଆଦିବାସୀମାନଙ୍କ ଭଳି ସାନ୍ତାଳୀମାନେ ମଧ୍ୟ ନୃତ୍ୟ ସଂଗୀତ ପ୍ରିୟ । ସେମାନେ ଅବସର ସମୟକୁ ନୃତ୍ୟ ଗୀତରେ ହଜାଇ ଦେଇଥାନ୍ତି । ପ୍ରତ୍ୟେକ ପର୍ବପର୍ବାଣୀ ଏବଂ ପୂଜାପାଠ ସହିତ ନୃତ୍ୟ ସଂଗୀତ ଅଙ୍ଗାଙ୍ଗୀଭାବେ ଜଡ଼ିତ । କ୍ଳାନ୍ତିରୁ ମୁକ୍ତି ପାଇଁ ନୃତ୍ୟ ସଙ୍ଗୀତ ଏକ ପକୃଷ୍ଟ ପଥ ।

ନୃତ୍ୟ ସାଧାରଣତଃ ପୁଅ ଏବଂ ଝିଅଙ୍କ ମଧ୍ୟରେ ହୋଇଥାଏ । ପ୍ରତ୍ୟେକ ଯୁବକ ଯୁବତୀ ନୃତ୍ୟରେ ଅଂଶ ଗ୍ରହଣ କରିଥାନ୍ତି । ତେବେ ଏଥିରେ ବୟସ୍କ ମାନଙ୍କର ମଧ୍ୟ ସହଯୋଗ ରହିଥାଏ । ବିଭିନ୍ନ ଗ୍ରାମକୁ ଯାଇ ନାଚିବା ସାନ୍ତାଳ ମାନଙ୍କର ଅନ୍ୟତମ ସଉକ୍ । ନୃତ୍ୟ ପରିବେଷଣ ପାଇଁ ସମୟ ଏବଂ ସ୍ଥାନ ସଂକ୍ରାନ୍ତୀୟ କୌଣସି ନୀତିନିୟମ ନାହିଁ । ତେବେ ସାଧାରଣତଃ ରାତ୍ର ସମୟରେ ନୃତ୍ୟ ପରିବେଷଣ କରିବାରେ ଚମକ ଆସିଥାଏ ବୋଲି ସେମାନଙ୍କର ଅଭିମତ ।

ସ୍ୱାଧୀନତା ଉପରାନ୍ତ ଜନଜାତି ମାନଙ୍କ ମଧ୍ୟରେ ବହୁବିଧ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ସାନ୍ତାଳ ମାନଙ୍କ ମଧ୍ୟରେ ପରିବର୍ତ୍ତନ ବେଶ୍ ଗତିଶୀଳ ହୋଇପାରିଛି । ସାମାଜିକ - ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କର ଅନେକ ପରିବର୍ତ୍ତନ ପରଲକ୍ଷିତ ହେଉଛି । ସେମାନେ ବିଭିନ୍ନ ଜାତି ଓ ଉପଜାତି ମାନଙ୍କ ମଧ୍ୟରେ ସହାବସ୍ଥାନ ସୂତ୍ରରେ ଏମାନଙ୍କର ବସତି ଏହି ପରିବର୍ତ୍ତନକୁ ବେଶ୍ କ୍ଷୀପ୍ର କରିଛି । ଗ୍ରାମୀଣ ଜୀବନରୁ ସହରାଭିମୁଖୀ ହେବା ଯନ୍ତ୍ରଶିଳ୍ପର ବିକାଶ ସହ ଏମାନେ ସାମିଲ ହେବା ପାରସ୍ପରିକ ସମ୍ବନ୍ଧ ପ୍ରତିଷ୍ଠା ଦିଗରେ ଅଣ ସାନ୍ତାଳ ମାନଙ୍କ ସହିତ ମିଶିବା ଫଳରେ ସାନ୍ତାଳମାନଙ୍କ ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଛି ।

ସହରାଭିମୁଖୀ ହେବା ଫଳରେ ନୂତନ ଜ୍ଞାନ, ଧାରଣା, ବ୍ୟବହାର, ଚଳଣୀ ସେମାନଙ୍କ ପାରମ୍ପରିକ ଜୀବନଶୈଳୀରେ ନୂତନତା ଆଣୁଛି । ଅଧିକାଂଶ ଅବସ୍ଥା ସମ୍ପନ୍ନ ସାନ୍ତାଳ ପରିବାରରେ ଅତ୍ୟାଧୁନିକ ବୈଦ୍ୟୁତିକ ଉପକରଣ ଠାରୁ ଆରମ୍ଭ କରି ରେଡ଼ିଓ, ଟିଭି, ସାଇକେଲ, ମୋଟରସାଇକେଲ ଆସବାବପତ୍ର ପ୍ରଭୃତି ବସ୍ତୁ ସଂସ୍କୃତିର ବହୁଳ ବ୍ୟବହାର ପରିଲକ୍ଷିତ ହେଉଛି । ପାରମ୍ପରିକ ପୋଷାକ ପରିଛଦ ପରିବର୍ତ୍ତେ ଆଧୁନିକ ପୋଷାକ ପରିଛଦ ଅଳଙ୍କାର ଏବଂ ପ୍ରସାଧନ ସାମଗ୍ରୀ ପ୍ରତି ଆଗ୍ରହ ସାନ୍ତାଳ ସମାଜରେ ଦେଖାଯାଉଛି । ସହରୀ ଜୀବନର ଅନୁକରଣରେ ସାନ୍ତାଳମାନେ ପାରମ୍ପରିକ ପାନୀୟ ସହ ଚା, ପାନ, ଧୂମ୍ରପାନ ମଧ୍ୟରେ ବିଡ଼ି ଓ ସିଗାରେଟ୍‌ର ବ୍ୟବହାରକୁ ଆପଣେଇ ନେଇଛନ୍ତି ।

ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିର ସର୍ବାଙ୍ଗୀନ ବିକାଶ ସାଧନ ପାଇଁ ସରକାର ସ୍ୱାଧୀନତା ଉପରାନ୍ତ ବହୁବିଧ ପଦକ୍ଷେପ ନେଉଛନ୍ତି । ସେମାନଙ୍କ ସାମାଜିକ ଅର୍ଥନୈତିକ ମାନର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଶିକ୍ଷାର ବିକାଶ ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉଛି । ସାନ୍ତାଳମାନେ ରାଜ୍ୟର ଏକ ସଚେତନଶୀଳ ସମ୍ପ୍ରଦାୟ ହୋଇଥିବାରୁ ଏମାନଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚିବା କ୍ଷିପ୍ରତର ହେବାରେ ଲାଗିଛି ।

ଏହି ପୁସ୍ତକରେ ସାନ୍ତାଳ ସଂସ୍କୃତିର ଏକ ନିର୍ଦ୍ଦିଷ୍ଟ ଦିଗକୁ ବ୍ୟାଖ୍ୟା କରାଯିବା ପ୍ରଚେଷ୍ଟା କରାଯାଇଛି । ସାନ୍ତାଳ ମାନଙ୍କର ପରମ୍ପରା ଓ ଜ୍ଞାନକୌଶଳ ଉପରେଏହି ପୁସ୍ତକଟି ଆଧାରିତ । ଚଉଦ ଗୋଟି ଅଧ୍ୟାୟ ବିଶିଷ୍ଟ ଏହି ପୁସ୍ତିକାରେ ସାନ୍ତାଳମାନଙ୍କର ଖାଦ୍ୟ ବ୍ୟବସ୍ଥା, ପାନୀୟ ପ୍ରସ୍ତୁତି ପଦ୍ଧତି, କନ୍ୟାସୁନା, ପର୍ବପର୍ବାଣୀ ପଞ୍ଜିକା, କୃଷି ପଞ୍ଜିକା, ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା, ଶ୍ରମସମବାୟ ସହଯୋଗିତା ପାରମ୍ପରିକ ଗ୍ରାମସଭା, ବସତି ସ୍ଥାପନ, ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ, ବାସଗୃହ, ପଡ଼ୋଶୀ ପ୍ରଜାତିଗୋଷ୍ଠୀ, ପାରମ୍ପରିକ ଚାରୁ ଓ କାରୁକଳା, ଔଷଧ ଓ ବୈଦ୍ୟ ସ୍ଥାନିତ ହୋଇଛି ।

ସଂସ୍କୃତିର ସମ୍ପୂର୍ଣ୍ଣ ଚିତ୍ର ନଥିଲେ ସୁଦ୍ଧା ଉନ୍ନୟନ କାର୍ଯ୍ୟପାଇଁ ଚିନ୍ତାଶୀଳମାନଙ୍କ ନିମନ୍ତେ ସେମାନଙ୍କର ନିତ୍ୟ ଆବଶ୍ୟକତାକୁ ନେଇ ଉନ୍ନତିର ମାର୍ଗ ପ୍ରଶସ୍ତ କରିବା ନିମନ୍ତେ ଯୋଜନା ପ୍ରଣୟନ ନିମନ୍ତେ ଏହି ପୁସ୍ତିକା ଆବଶ୍ୟକ ସାଧନ ଯୋଗାଇ ପାରିବ ବୋଲି ବିଶ୍ୱାସ ରହିଛି ।

ପୁସ୍ତିକା ପ୍ରାରମ୍ଭରେ ସାନ୍ତାଳଗୋଷ୍ଠୀ ଏବଂ ସେମାନଙ୍କର ପରିଚିତି ଉପରେ ସମ୍ୟକ୍ ଧାରଣା ଦିଆଯାଇଛି । ମଣିଷର ଜୀବନ ଧାରଣର ମୁଖ୍ୟ ଆଧାର ହେଲା ଖାଦ୍ୟ । ଖାଦ୍ୟ ବିନା ବଞ୍ଚିବା ଯେପରି ଅସମ୍ଭବ, ସେହିପରି ଖାଦ୍ୟ ବ୍ୟବସ୍ଥାକୁ ନେଇ ସଂସ୍କୃତି ମଧ୍ୟ ଗତିଶୀଳ । ସେ ସାଧାରଣ ଖାଦ୍ୟ ହେଉ ଅବା ବିଶେଷ ଅବସରରେ ରନ୍ଧାଯାଉଥିବା

ଖାଦ୍ୟ ହେଉ ବା ବିଭିନ୍ନ ପର୍ବପର୍ବାଣୀରେ ଉଦଷ୍ଟ ଖାଦ୍ୟ ବ୍ୟବସ୍ଥା ହେଉ । ଏହାଛଡା ଖାଦ୍ୟ ପ୍ରସ୍ତୁତି ଖାଦ୍ୟସେବନ ବିଧି, ଖାଦ୍ୟର ବ୍ୟବହାରିକ ମୂଲ୍ୟ ଏବଂ ଖାଦ୍ୟ ସଂପୃକ୍ତ ସାମାଜିକ ଓ ଧାର୍ମିକ ମୂଲ୍ୟବୋଧ ଏହି ପରିଚ୍ଛେଦର ଅନ୍ୟତମ ଆକର୍ଷଣ । ଏହାର ପରବର୍ତ୍ତୀ ଅଧ୍ୟାୟ ସାନ୍ତାଳ ମାନଙ୍କର ପାନୀୟ ବ୍ୟବସ୍ଥା । ପ୍ରତ୍ୟେକ ଆଦିବାସୀ ସମାଜ ଓ ସଂସ୍କୃତି ସହିତ ପାନୀୟର ସମ୍ପର୍କ ଖୁବ୍ ନିବିଡ଼ । ସାନ୍ତାଳ ସମ୍ପ୍ରଦାୟରେ ମଧ୍ୟ ଏହି ବ୍ୟବସ୍ଥାର ଗୁରୁତ୍ୱ ଅପରିହାର୍ଯ୍ୟ ଏହା କେବଳ ପାନୀୟ ହିସାବରେ ନୁହେଁ ଖାଦ୍ୟର ବିକଳ୍ପ ଭାବରେ ମଧ୍ୟ ଗ୍ରହଣୀୟ । ଏହି ପରିଚ୍ଛେଦରେ ସାନ୍ତାଳ ସମ୍ପ୍ରଦାୟରେ ପାନୀୟ ଉତ୍ପତ୍ତି ସମ୍ପର୍କିତ ଏକ ରସାଳ କିମ୍ୱଦନ୍ତୀ ଠାରୁ ଆରମ୍ଭ କରି ପାନୀୟର ପ୍ରକାରଭେଦ, ପ୍ରସ୍ତୁତ ପ୍ରଣାଳୀ, ବ୍ୟବହାର ଉପାଦେୟତା ତଥା ବିଭିନ୍ନ ପୂଜାପାର୍ବଣ ସହିତ ପାନୀୟର ସମ୍ପର୍କ ବିଷୟରେ ଅବତାରଣ କରାଯାଇଛି । ଜୀବନରେ ଯୁବା ଅବସ୍ଥା ହେଉଛି ଏକ ବିଶେଷ ସୋପାନ । ଏହି ସୋପାନର ଅନ୍ୟତମ ବିଶିଷ୍ଟ ପାବଛ ହେଉଛି ବିବାହ । ବିଶେଷତଃ ଆଦିବାସୀ ସମାଜରେ ଝିଅର ଭୂମିକା ବେଶ୍ ମହତ୍ୱପୂର୍ଣ୍ଣ । ସାନ୍ତାଳ ସମ୍ପ୍ରଦାୟରେ ଝିଅର ଆଦର ଓ ସମ୍ମାନ ଯଥେଷ୍ଟ । କନ୍ୟାପିତା ପାଇଁ ବୋଝ ନୁହେଁ ବରଂ ଆଶୀର୍ବାଦ । ବିବାହରେ କନ୍ୟାସୁନା ବା ଗନମ୍ ଅଦ୍ୟାବଧି ପ୍ରଚଳିତ । ଆଧୁନିକ ସାନ୍ତାଳ ସାନ୍ତାଳ ସମାଜରେ ମଧ୍ୟ ଏହି ଗନମ୍ ପ୍ରଥାର ଗୁରୁତ୍ୱ ରହିଛି । ତୃତୀୟ ପରିଚ୍ଛେଦ ସାନ୍ତାଳମାନଙ୍କ ଉପରୁକ୍ତ କନ୍ୟାସୁନା ପଦ୍ଧତିକୁ ନେଇ ପୁଷ୍ଟ । ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଅଧ୍ୟାୟରେ ଯଥାକ୍ରମେ ପର୍ବପର୍ବାଣୀ, କୃଷିପଞ୍ଜିକା ଓ ବନଜାତି ଦ୍ରବ୍ୟ ସଂଗ୍ରହ ପଞ୍ଜିକା ଉପସ୍ଥାପିତ କରାଯାଇଛି । ଚତୁର୍ଥ ପରିଚ୍ଛେଦ ସାନ୍ତାଳ ପର୍ବପର୍ବାଣୀ ପରମ୍ପରାକୁ ନେଇ ପୁଷ୍ଟ । ସାନ୍ତାଳ ସମାଜ ବ୍ରବସ୍ଥାରେ ପର୍ବପର୍ବାଣୀର ସ୍ଥାନ ସ୍ୱତନ୍ତ୍ର ତେଣୁ ବର୍ଷସାରା ଅନୁଷ୍ଠିତ ପର୍ବପର୍ବାଣୀର ଏକ ସାରଣୀ ଓ ତତ୍ ସମ୍ପୃକ୍ତ ବିଧିବିଧାନ ଏକ ସଂକ୍ଷିପ୍ତ ତାଲିକା । ଏହି ପରିଚ୍ଛେଦକୁ ପୁଷ୍ଟ କରିଛି । ଆଲୋଚନାର ସପ୍ତମ ଅଧ୍ୟାୟ ଶ୍ରମ ସମବାୟ ସମାଜକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ମୂଳ ମନ୍ତ୍ରଟି ହେଲା : ସହଯୋଗ, ସହଯୋଗ ଭିତ୍ତିରେ ସାମାଜିକ ବ୍ୟବସ୍ଥା ଶୃଙ୍ଖଳିତ ଓ ନମନୀୟ । ମଣିଷର ସାମାଜିକ ଅବବୋଧ ଏହିଥିରୁ ସୁସ୍ପଷ୍ଟ । ସାନ୍ତାଳ ସମ୍ପ୍ରଦାୟରେ ଏହା କିପରି ବ୍ୟବସ୍ଥିତ ତାହାର ସମ୍ୟକ ବିଶ୍ଳେଷଣ ଏହି ପରିଚ୍ଛେଦର ମୁଖ୍ୟ ବିଷୟ । ଆଲୋଚନାର ଅଷ୍ଟମ ଅଧ୍ୟାୟ ହେଉଛି ପାରମ୍ପରିକ ଗ୍ରାମସଭା । ମଣିଷ ଯେତେବେଳେ ଐକ୍ୟବଦ୍ଧ ଜୀବନଯାପନ ଆରମ୍ଭ କରିଛି ଏବଂ ଶୃଙ୍ଖଳିତ ହେବାକୁ ଲାଗିଛି ସେହି ସମୟରୁ ସେ ଗ୍ରାମସଭାର ପରିକଳ୍ପନା କରିଛି । ତାହା ନିଜକୁ ସମାଜକୁ ତଥା ଗ୍ରାମକୁ ଶୃଙ୍ଖଳିତ ଓ ସୁରକ୍ଷିତ ରଖିବା ପାଇଁ ଗ୍ରାମସଭାର

ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିରେ ପାରମ୍ପରିକ ଗ୍ରାମସଭାର ଗଠନ, ସଦସ୍ୟ ମାନଙ୍କର ବ୍ୟକ୍ତିତ୍ୱ ପୃଷ୍ଠଭୂମି, ଯୋଗ୍ୟତା ଓ ନିର୍ବାଚନ ପ୍ରଣାଳୀ ନିର୍ବାଚିତ ସଦସ୍ୟ ମାନଙ୍କର କାର୍ଯ୍ୟକଳାପ, ଗ୍ରାମସଭାରେ ବିଚାର କରାଯାଉଥିବା ବିଭିନ୍ନ ପ୍ରକାର ମାମଲା, ଏହାର ନିଷ୍ପତ୍ତି ପ୍ରଣାଳୀ ଦଣ୍ଡବିଧି ଓ ପରିବର୍ତ୍ତିତ ବ୍ୟବସ୍ଥା ବିଷୟରେ ଆଲୋକପାତ କରାଯାଇଛି । ପରବର୍ତ୍ତୀ ଅଧ୍ୟାୟରେ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀଙ୍କ ଗ୍ରାମ ସ୍ତରରେ ଦିହୁରୀଙ୍କୁ କିପରି ବଛାଯାଏ ବା ଉତ୍ତରାଧିକାର ସୂତ୍ରରେ ଅଧିକାରୀ କରିବା ବିଷୟରେ ବର୍ଣ୍ଣନା କରାଯାଇଛି । ତାଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା, ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥା ତାଙ୍କଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ ସମ୍ମାନ, ଶ୍ରଦ୍ଧା ଓ ଆଚରଣଗତ ଆଦର୍ଶ, ପୋଷାକ, ପରିପାଟୀ, ପାଉଣା ଓ ସ୍ୱତନ୍ତ୍ର ଉପହାର  ଆଦି ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ଏହାବ୍ୟତିତ ତାନ୍ତ୍ରିକ ବା ଗୁଣିଆର ବ୍ୟକ୍ତିତ୍ୱ ଓ କାର୍ଯ୍ୟକଳାପ ଓ ତାଙ୍କ ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଛି । ଏହା ସହିତ ତାଙ୍କ ପ୍ରତି ସମ୍ମାନବୋଧ, ପୂଜାପାଠ ପାଇଁ ଆବଶ୍ୟକ ଉପକରଣ, ପୂଜାପାଠ ଓ କର୍ମକାଣ୍ଡ ପଦ୍ଧତି ଏବଂ ବର୍ତ୍ତମାନଧାରା ଓ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରାଯାଇଛି । ଦଶମ ଅଧ୍ୟାୟରେ ବସତି ପଦ୍ଧତି ତଥା ଗ୍ରାମର ଅବସ୍ଥିତି, ଧାରଣା ଉତ୍ପତ୍ତି ଏବଂ ଅନୁଷ୍ଠିତ କାର୍ଯ୍ୟବିଧି ଉପରେ ଆଲୋଚନା କରାଯାଇଛି । ଗ୍ରାମର ବସତି ନମୂନା ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଯଥା ଗ୍ରାମ ସମ୍ପୃକ୍ତ ଯୋଗାଯୋଗ ବ୍ୟବସ୍ଥା, ଗାଁର ପରିବେଶ, ଗ୍ରାମର ଭିତରେ ଓ ବାହାରେ ଥିବା ବିଭିନ୍ନ ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ବିଷୟ ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ଏକାଦଶ ଅଧ୍ୟାୟରେ ସାନ୍ତାଳ ମାନଙ୍କର ଅଡାଃ (ବାସଗୃହ) ସମ୍ପର୍କରେ ବିଶେଷସୂଚନା ଦିଆଯାଇଛି । ଏଥିରେ ବାସଗୃହ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଗୃହର ଗଠନ ଆକୃତି, ନିର୍ମାଣ ବ୍ୟବହାର ଗୃହ ସମ୍ବନ୍ଧୀୟ ପବିତ୍ରତା ଓ ଅପବିତ୍ରତା, ଇନ୍ଦିରା ଆବାସ ଯୋଜନାର ଗୁରୁତ୍ୱ, ଆଧୁନିକ ଗୃହର ସମସ୍ୟା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଛି ଦ୍ୱାଦଶ ପରିଚ୍ଛେଦରେ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀ ସମ୍ବନ୍ଧୀୟ ଧାରଣା, ସେମାନଙ୍କ ସହିତ ବସବାସ କରୁଥିବା ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ ଓ ସେମାନଙ୍କ ସହିତ ଆର୍ଥିକ, ସାମାଜିକ ରାଜନୈତିକ ଓ ଧାର୍ମିକ ସମ୍ପର୍କ ଓ ବିଭିନ୍ନ ଗୋଷ୍ଠୀ ମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦ ଏବଂ ଉପଯୁକ୍ତ ବାତାବରଣ ପାଇଁ ସଂଭାବିତ ପ୍ରସ୍ତାବ ଓ ପଡୋଶୀ ଗୋଷ୍ଠୀଙ୍କର ସାମ୍ପ୍ରତିକ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଛି । ପରବର୍ତ୍ତୀ ଆଲୋଚନାରେ ପାରମ୍ପରିକ ଚାରୁ ଓ କାରୁକଳା ସାନ୍ତାଳ ସଂସ୍କୃତିର ଏକ ପ୍ରତିଛବି

ପ୍ରତିଫଳିତ ହୋଇଛି । ଏଥିରେ ଶିକାର ଉପକରଣ, କୃଷି ଉପକରଣ, ମାଛଧରା ଜାଲ, ବ୍ୟକ୍ତିଗତ ଆସବାବ ପତ୍ର, ଅଳଙ୍କାର, କାନୁଚିତା ଓ ବାଦ୍ୟଯନ୍ତ୍ର ବିଷୟରେ ଆଲୋକପାତ କରାଯାଇଅଛି । ଚତୁର୍ଦ୍ଦଶ ଅଧ୍ୟାୟରେ ବୈଦ୍ୟଙ୍କର ବ୍ୟକ୍ତିତ୍ୱ, ନିର୍ବାଚନ, ତାଲିମ, ସୃଜନଶୀଳତା, ଅଭିଜ୍ଞତା, ଦକ୍ଷତା, ଆଚାର ବ୍ୟବହାର, ମାନ ସମ୍ମାନ, ପୋଷାକ ପରିଚ୍ଛେଦ, ସ୍ୱତନ୍ତ୍ର ଜ୍ଞାନ ଓ ସେମାନେ ପାଳନ କରୁଥିବା ଉପବାସ, ନିଷେଧ ଏବଂ ତାର କାର୍ଯ୍ୟକଳାପ ଓ ଆଧିପତ୍ୟ ବିଷୟରେ ଆଲୋକପାତ କରାଯାଇଛି । ସେ ଚିହ୍ନଟି ଓ ଆରୋଗ୍ୟ କରୁଥିବା ରୋଗବ୍ୟାଧି ଏବଂ ଏଥିପାଇଁ ପ୍ରୟୋଗ କରୁଥିବା ଔଷଧ ସମୂହ ଏହି ଅଧ୍ୟାୟର ମୁଖ୍ୟ ବିଷୟ ଅଟେ ।

ଏହି ପ୍ରୟାସ ସମ୍ପୂର୍ଣ୍ଣ ନୁହେଁ । ଏକ ବୃହତ୍ତର ପରିକଳ୍ପନାର ଆଦ୍ୟ ପ୍ରୟାସ ମାତ୍ର । କ୍ଷେତ୍ର ଅଧ୍ୟୟନ ପୂର୍ବକ ବହୁ ପରିଶ୍ରମ କରି ଯୁଧିଷ୍ଠିର ସାହୁ ଏହାର ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି । ପାଣ୍ଡୁଲିପି ପ୍ରସ୍ତୁତି କ୍ଷେତ୍ରରେ ତାଙ୍କୁ ସହାୟତା ପ୍ରଦାନ କରିଛନ୍ତି ଶ୍ରୀ କରୁଣାକର ସୋରେନ୍ । ପୁସ୍ତିକା ପ୍ରକାଶନ ଅବସରରେ ଏକାଡ଼େମୀ ଉଭୟଙ୍କ ନିକଟରେ କୃତଜ୍ଞ ।

# ଖାଦ୍ୟ ପରମ୍ପରା

ସୃଷ୍ଟିର ଜୀବମାନଙ୍କ ମଧ୍ୟରେ ମନୁଷ୍ୟ ହିଁ ସର୍ବଶ୍ରେଷ୍ଠ ସାମାଜିକ ପ୍ରାଣୀ । ମନୁଷ୍ୟ ଜୀବନ ଧାରଣ କରିବା ପାଇଁ ମୁଖ୍ୟତଃ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଅତି ଆବଶ୍ୟକ ହୋଇଥାଏ । ଏହିସବୁ ଆବଶ୍ୟକତା ପରିପୂରଣ ଦିଗରେ ମନୁଷ୍ୟ ସମ୍ପୂର୍ଣ୍ଣ ଭାବରେ ପ୍ରକୃତି ଉପରେ ନିର୍ଭର କରିଥାଏ । ଅତି ଆବଶ୍ୟକ ଉପାଦାନ ମଧ୍ୟରେ ଖାଦ୍ୟ ହେଉଛି ଅନ୍ୟତମ । ବିଭିନ୍ନ ଅଞ୍ଚଳର ଅଧିବାସୀମାନଙ୍କର ଖାଦ୍ୟପେୟରେ ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଏହା ସାଧାରଣତଃ ସେହି ଅଞ୍ଚଳର ସମାଜ ସଂସ୍କୃତି ସହିତ ନିର୍ଭର କରିଥାଏ ।

## ମୁଖ୍ୟ ଖାଦ୍ୟ :

ସାନ୍ତାଳ ସମ୍ପ୍ରଦାୟର ଲୋକେ ଦୈନନ୍ଦିନ ଜୀବନରେ ସାଧାରଣତଃ ଭାତ (ଦାକା), ପଖାଳ (ବାସ୍କେଦାକାଃ) ଶାଗଭଜା (ଆଲାକହଗ) ଇତ୍ୟାଦିକୁ ପ୍ରଧାନ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ବୟସ ନିର୍ବିଶେଷରେ ଆବାଳ ବୃଦ୍ଧବନିତାଙ୍କ ପାଇଁ ଭାତ, ପଖାଳ, ଶାଗଭଜା ନିତି ପ୍ରତିଦିନର ମୂଖ୍ୟଖାଦ୍ୟ ।

ଭାତ, ପଖାଳ, ଶାଗ ବ୍ୟତିତ ସାନ୍ତାଳ ଲୋକେ କେତେ ଖାଦ୍ୟକୁ ସହକାରୀ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି । ସେଗୁଡିକ ମଧ୍ୟରେ ମହୁଲ ସିଝା (ମାତକମ୍ ତିକି), ମହୁଲ ମୁଆଁ (ମାତ୍‌କମ୍ ଲାଠେ), ମହୁଲ ଖିରି (ମାତ୍‌କମ୍ ଲେଟ), ମାଂସ ପିଠା (ଜିଲ୍‌ପିଠା), ମାଂସଖିରି (ଜିଲ୍‌ଲେଟ), ଗେଣ୍ଡାପିଠା (ଗଁଘାପିଠା), ଗେଣ୍ଡାଖିରି (ଗଁଘାଲେଟ), ପଣସ ସିଝା (ପଣସତିକି), କାଣ୍ଡାଡିକି ଇଟିଲି (ଡୁମ୍ବୁ), ଚୁଡାମୁଡି (ଟାବେନ୍ ଖାଜାଲି), ମାଂସ ପଲାଉ (ଜିଲ୍ ସଳେଦାକା), ଗିଡିତାରାଦାକା, ଜଙ୍ଗଲରୁ ସଂଗୃହିତ ଚେର (ଟାମୁଆଁ) ଇତ୍ୟାଦି ପ୍ରଧାନ ।

## ସହାୟକ ଖାଦ୍ୟ :

ମୁଖ୍ୟ ଖାଦ୍ୟ ସହ ଅତିରିକ୍ତ ପରିବା ବା ତରକାରି ହିସାବରେ ସହାୟକ ଖାଦ୍ୟ ଗ୍ରହଣ କରାଯାଇଥାଏ । ଏହି ସହାୟକ ଖାଦ୍ୟ ମଧ୍ୟରେ କୋଳଥ ଡାଲି (କୁର୍‌ଥି ଦାଲ୍), ବିରି, (ରାମ୍ବାଳା), ମୁଗ (ମୁଗ୍), ହରଡ଼ (ରାହେକ୍), ଘାଙ୍ଗାରା, ଜାରା, ଓ ନାଡ୍‌କା ଇତ୍ୟାଦିକୁ ସେମାନେ ବ୍ୟବହାର କରିଥାନ୍ତି । ଶାଗ ମଧ୍ୟରେ ପୋଇଶାଗ (ପୁରାଇ ଆଳା ), ସଜନା ଶାଗ (ମୁନ୍‌ଗା ଆଳା) କୋଶଳା ଶାଗ (ଗାନ୍ଧାରୀ ଆଳା), କଖାରୁ ଶାଗ (କହଣ୍ଡା

ଆଳା), ଖଟା ପାଳଙ୍ଗ (କାଉଁରା), ସାରୁପତ୍ର (ସାରୁଆଳା), କାଞ୍ଚନ ଶାଗ (ସିଂଆଳା), ଭଦେରି ଆଳାଃ ମାଠାଆଳାଃ ନରଡ଼କ ଆଳାଃଇତ୍ୟାଦିକୁ ବ୍ୟବହାର କରିଥାନ୍ତି । ପନିପରିବା ମଧ୍ୟରେ ବାଇଗଣ (ବେଙ୍ଗାଲ୍), କଖାରୁ (କହଁଣ୍ଡା), ଲାଉ (ହତଦ୍), ଜହ୍ନି (ଝିଁଙ୍ଗା), ବିଲାତି ବାଇଗଣ (ବିଲାତ୍ ବେଙ୍ଗାଲ୍), କଲରା (କାର୍‌ଲା) ଅମୃତ ଭଣ୍ଡା (ଅମ୍ବୁରିତ୍), ଭେଣ୍ଡୀ (ଭୁଣ୍ଡୀ), ଖମ୍ବଆଳୁ (ହାତୀକାଙ୍ଗା ଆଲୁ), କନ୍ଦମୂଳ (ବସେର୍ ଆଲୁ), ସଜନା ଛୁଇଁ (ମୁନ୍‌ଗାସୁଟି) ଇତ୍ୟାଦିକୁ ତରକାରୀ କରି ଖାଦ୍ୟ ହିସାବରେ ଗହଣ କରିଥାନ୍ତି । ଏତଦ୍ ବ୍ୟତୀତ ମାଛ (ହାକୁ), ମାଂସ (ଜିଲ୍), ଶୁଖୁଆ (ସୁକା), ଛତୁ (ଉଦ୍) ପିଆଜ (ପେୟାଜ୍), ଲଙ୍କା (ମାରିଚ୍), ଲୁଣ (ବୁଲୁଂ), ପୁତୁଆ (ଲାଦ୍) ପତ୍ରରେ ପୋଡା ଯାଇଥିବା ଶାଗ /ମାଛ/ ମାଂସ ଇତ୍ୟାଦିକୁ ସହାୟକ ଖାଦ୍ୟରୂପେ ବ୍ୟବହାର କରିଥାନ୍ତି ।

## ନିତିଦିନିଆ ସାଧାରଣ ଖାଦ୍ୟ :

ଏମାନଙ୍କର ପ୍ରାୟତଃ ପଖାଳ ଭାତ (ବାସ୍‌କେ ମାଡ଼ି), ଶାଗଭଜା (ଆଳାଃକର୍‌ହା), ଶୁଖୁଆ ପୋଡା (ଶୁକାଃରାପା), ଇତ୍ୟାଦି ନିତିଦିନର ଖାଦ୍ୟ । ଏଥିସହିତ ଋତୁ ବିଶେଷରେ ଉପଲବ୍ଧ ଖଟାଶାଗ (କାଉଁରାଁ ଆଳା), ସଜନା ଶାଗ (ମୁନ୍‌ଗା ଆଳା), କଲରାଭଜା (କାର୍‌ଲାଭାଜି), ଜହ୍ନି (ଝିଁଙ୍ଗା) ଭେଣ୍ଡୀ (ଭୁଣ୍ଡୀ) ଅମୃତଭଣ୍ଡା (ଅମ୍ବୁରିତ୍), କଖାରୁ (କହଁଣ୍ଡା), ଲାଉ (ହତଦ୍), ତରଡ଼ା (ଡଡ଼ା), କଖାରୁ ଶାଗ (କହଁଣ୍ଡା ଆଳା), ପୋଇ ଶାଗ (ପୁରାଇ ଆଳା), କଙ୍କଡା (କାଟ୍‌କଡ଼୍), ମାଛ (ହାକୁ), ଚାକୁଣ୍ଡା ଶାଗ (ଚାକାଉଁଣ୍ଡା) ବାଇଗଣ (ବେଙ୍ଗାଲ୍) ଇତ୍ୟାଦିକୁ ନିତିଦିନିଆ ସାଧାରଣ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି ।

## ପର୍ବ ପର୍ବାଣୀର ଖାଦ୍ୟ :

ବର୍ଷକ ମଧ୍ୟରେ ଏହି ସମ୍ପ୍ରଦାୟର ଲୋକେ ବିଭିନ୍ନ ପ୍ରକାର ପର୍ବପର୍ବାଣୀକୁ ଆଡ଼ମ୍ବର ସହିତ ପାଳନ କରିଥାନ୍ତି । ସେହି ପର୍ବପର୍ବାଣୀ ଗୁଡ଼ିକ ମଧ୍ୟରେ ରଜପର୍ବ (ରଜପରବ୍) ଚିତାଲାଗି ଅମାବାସ୍ୟା (ଚିତାଉଁ), ଗହ୍ମାପର୍ବ (ଗହ୍ମା) ଦଶହରା (ପାର୍ବନ୍) କାଳୀପୂଜା (ସହରାୟ), ମକର ପର୍ବ (ସାକାରାତ୍), ହୋଲି ବା ଶାଳପୂଜା (ବାହାଃ ମାଃମଣେ) ଇତ୍ୟାଦି ପ୍ରଧାନ । ଏହି ପର୍ବପର୍ବାଣୀରେ ସେମାନେ ନାନା ପ୍ରକାରର ଖାଦ୍ୟ ଗ୍ରହଣ କରିଥାନ୍ତି । ରଜପର୍ବରେ ମାଂସଭାତ (ଜିଲ୍ ଦାକାଃ), ହାଣ୍ଡିଆ (ହାଣ୍ଡି), ମାଂସଖିରି (ଜିଲ୍‌ଲେଟ), ପଣସପିଠା (କାଣ୍ଟାଲ୍ ପିଠା) ଇତ୍ୟାଦିକୁ ପ୍ରାଧାନ୍ୟ ଦେଉଥିବା ବେଳେ; ଚିତାଲାଗି ଅମାବାସ୍ୟା

(ଚିତାଉଁ) ପର୍ବରେ ଭାତ (ଦାକାଃ), ମାଂସ (ଜିଲ୍), ହାଣ୍ଡିଆ (ହାଣ୍ଡି) ଓ ତାଳପିଠା (ତାଲେପିଠା) ଇତ୍ୟାଦି ପସ୍ତୁତ କରି ଭୋଜନ ପୂର୍ବକ ପର୍ବକୁ ସ୍ୱାଗତ କରିଥାନ୍ତି ।

## ବିଭିନ୍ନ ପର୍ବ ବିଶେଷରେ ଗ୍ରହଣ କରୁଥିବା ଖାଦ୍ୟ ବିଶେଷ :

* ଗହ୍ମାପର୍ବରେ ଭାତ (ଦାକାଃ), ମାଂସ (ଜିଲ୍), ଗେଣ୍ଡାପିଠା (ଗଁଘାପିଠା) ଓ ଗେଣ୍ଡାଖିରି (ଗଁଘାଲେଟ) ଇତ୍ୟାଦି ।
* ଦଶହରା (ପାର୍ବନ୍) ପର୍ବରେ ଭାତ (ଦକାଃ), ମାଂସ (ଜିଲ୍), ହାଣ୍ଡିଆ (ହାଣ୍ଡି) ସହିତ ଗେଣ୍ଡପିଠା (ଗଁଘା ପିଠା), ଓ ଗେଣ୍ଡାଖିରି (ଗଁଘା ଲେଟ) ।
* କାଳିପୂଜା (ସହରାୟ) ରେ ଭାତ (ଦାକାଃ), କୁକୁଡା ମାଂସ (ସିମ୍‌ଜିଲ୍) ଓ ମାଂସଖିରି (ଜିଲ୍‌ଲେଟ) ଇତ୍ୟାଦି ।
* ମକର ପର୍ବ (ସାକାରାତ୍) ସାନ୍ତାଳ ମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ । ଏହି ପର୍ବରେ ସେମାନେ ଘୁଷୁରୀ ମାଂସ (ଶୁକ୍‌ରୀ ଜିଲ୍), ଭାତ (ଦାକାଃ), କୁକୁଡା ମାଂସ (ସିମ୍‌ଜିଲ୍), ମାଂସ ପିଠା (ଜିଲ୍ ପିଠା), ମାଂସଖିରି (ଜିଲ୍‌ଲେଟ), ଶିଝାପିଠା (ତିକିପିଠା), ଚୁଡାମୁଢି (ତାବେନ୍ ଖାଜାଲି) ପୌଷ ମାସ ତମାମ ଖାଇଥାନ୍ତି । ଏହି ପର୍ବର ଅନ୍ୟତମ ବୈଶିଷ୍ଟ୍ୟ ହେଲା ଦାମୋଦର ପୂଜା । ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ (ଶାନ୍ତିକାମନା ପାଇଁ) ଏହି ପୂଜା କରାଯାଇଥାଏ । ଏହି ପୂଜାରେ କୁକୁଡା ମାଂସ (ସିମ୍‌ଜିଲ୍), ଭାତ (ଦାକାଃ), ମାଂସଖିରି (ଜିଲ୍‌ଲେଟ), ମାଂସଖେଚୁଡି (ଜିଲ୍ ସଲେଦାକାଃ), ଭାତ (ଦାକା), ମାଂସ (ଜିଲ୍) ଇତ୍ୟାଦି ଗ୍ରହଣ କରିଥାନ୍ତି ।

## ଶିଶୁ ଓ ଛୋଟ ପିଲାଙ୍କ ଖାଦ୍ୟ:

ସାନ୍ତାଳ ସମ୍ପ୍ରଦାୟରେ ଶିଶୁ ଏବଂ ଛୋଟପିଲାଙ୍କ ପାଇଁ କେତେକ ବିଶେଷ ଖାଦ୍ୟର ବ୍ୟବସ୍ଥା କରାଯାଇଥାଏ । ମା'କ୍ଷୀର ହେଉଛି ଶିଶୁର ପ୍ରଧାନ ଖାଦ୍ୟ । ତେବେ ଶିଶୁକୁ ଛଅମାସ ପରେ ତାପାଇଁ ଏକ ଔଷଧଗୁଣ ଯୁକ୍ତ ଶାଗ (ଲୁପୁଙ୍ଗଆଳାଃ) ସହିତ ଉଷୁନା ଚାଉଳକୁ ବାଟି ଏକ ପିଠା ତିଆରି କରଯାଇଥାଏ । ଏହି ପିଠା ଶିଶୁକୁ ଖାଇବା ପାଇଁ ଦିଆଯାଇଥାଏ । ନରମ ଭାତକୁ ଭଲଭାବରେ ଚକଟି ଶିଶୁକୁ ମଧ୍ୟ ଖାଦ୍ୟ ହିସାବରେ ଦିଆଯାଇଥାଏ । ଉଷୁନା ଚାଉଳର ଖୁଦକୁ ଏକ ପତ୍ରରେ ପୁଡିଆକରି ପାଣିରେ ଶିଝାଯାଇ

ସାରିଲା ପରେ ଶିଶୁକୁ ଖାଇବା ପାଇଁ ଦିଆଯାଇଥାଏ । ଏହି ପ୍ରକାରେ ଖାଦ୍ୟକୁ ସାନ୍ତାଳ ଭାଷାରେ (କେହେଁ ଉକୁଦ୍) କହନ୍ତି । ଛୋଟ ପିଲାମାନଙ୍କୁ ସାଧାରଣତଃ ଭାତ (ଦାକାଃ), ଆଳୁସିଝା (ଆଳୁତିକି), ଡାଲି (ଦାଲ୍), ଉଷୁନା ଚାଉଳପିଠା (ତିକି ଚାଉଲେପିଠା), କ୍ଷୀର (ଲେଟ) ଇତ୍ୟାଦି ଦିଆଯାଇଥାଏ ।

## ଗର୍ଭବତୀ ମହିଳାଙ୍କ ଖାଦ୍ୟ :

ସାନ୍ତାଳ ସମାଜରେ ଗର୍ଭବତୀ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା କରାଯାଇନଥିଲେ ସୁଦ୍ଧା ଭାତ (ଦାକାଃ), ମାଛ (ହାକୁ), ମାଂସ (ଜିଲ୍), ଡାଲି (ଦାଲ୍), ଖଟା (ଜଜ), ବିଭିନ୍ନ ଶାଗ ମଧ୍ୟରେ ଲାଉଶାଗ (ହତଦ୍ ଆଲାଃ), ପାଳଙ୍ଗ ଶାଗ (ପାନ୍‌ଗ ଆଲାଃ), ଇତ୍ୟାଦି ପ୍ରମୁଖ ଖାଦ୍ୟ ହିସାବରେ ଗର୍ଭବତୀ ମହିଳାଙ୍କୁ ଖାଇବାକୁ ଦିଆଯାଇଥାଏ । ଏଥି ସହିତ ଋତୁ ଭିତିରେ ଉପଲବ୍ଧ ଆମ୍ବ (ଉଲ୍), ପଣସ (କାଣ୍ଡାଲ୍), ତାଳ (ତାଲେ), ପିଜୁଳି (ପେଲା),କମଳା (ଜାମ୍ବିର୍), ଇତ୍ୟାଦି ଫଳ ମଧ୍ୟ ଖାଇଥାନ୍ତି ।

## ପ୍ରସୁତୀଙ୍କ ଖାଦ୍ୟ :

ଶିଶୁଜନ୍ମପରେ ପ୍ରସୁତୀ ମାଆ ପାଇଁ କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ବ୍ୟବସ୍ଥା କରାଯାଇଥାଏ । ସେହି ଖାଦ୍ୟ ମଧ୍ୟରେ ଗରମଭାତ (ଲଲଦାକା), ନିମ୍‌ଦାକା ବା ନିମ୍ବପତ୍ରର ଗୁଣ୍ଡକୁ ଭାତରେ ମିଶାଇ ଖାଇବାକୁ ଦିଆଯାଇଥାଏ । ଏଥି ସହିତ କଲରା (କାର୍‌ଲା),ବାଇଗଣ (ବେଙ୍ଗାଲ୍), ପୋଟଳ (ପୁଟୁଲ), କନ୍ଦମୂଳ (ବସେର୍‌ଆଲୁ), ମାଂସମାଛ (ଜିଲ୍‌ହାକୁ), ଏବଂ ଶାଗ ମଧ୍ୟରେ ସଜନାଶାଗ (ମୁନ୍‌ଗା ଆଲାଃ), ଲାଉ ଶାଗ (ହତଦ୍ ଆଲାଃ), କୋଶଳା ଶାଗ (ଗାନ୍ଧାରୀଆଲାଃ) ପିତାଶାଗ (ମାର୍‌ଗଆଲାଃ) ଇତ୍ୟାଦି ଶାଗ ପ୍ରସୁତିକୁ ଖାଇବାକୁ ଦିଆଯାଇଥାଏ । ଋତୁ ଭିତ୍ତିରେ ଉପଲବ୍ଧ ଫଳମଧ୍ୟରେ ଆମ୍ବ(ଉଲ୍) ପଣସ (କାଣ୍ଡାଲ୍), ପିଜୁଳି (ପେଲାଃ), କମଳା (ଜାମ୍ବିର୍), ତାଳ (ତାଲେ) କେନ୍ଦୁ(ଟିରିଲ୍), ଚାରକୋଳି (ତାରବ୍) ଇତ୍ୟାଦି ସେମାନେ ଭୋଜନ କରିଥାନ୍ତି ।

## ବାରଣ ଖାଦ୍ୟ :

ବିଭିନ୍ନ ପ୍ରକାରର ଶାଗ, କଲରା, ଲଙ୍କା, ଭାତ, ହାଣ୍ଡିଆ, ମାଛମାଂସ ଇତ୍ୟାଦି ଶିଶୁକୁ ଖାଇବା ପାଇଁ ବାରଣ କରାଯାଇଥାଏ । ଗର୍ଭବତୀ ମହିଳାମାନଙ୍କୁ ସାଧାରଣତଃ ଗୟଳମାଂସ (ସେଲେବିଜାଲ୍) ଗରାଣ୍ଡିମାଂସ, (ୟେରଜିଲ୍) ମେଣ୍ଢାମାଂସ (ଭିଡିଜିଲ୍)

ମୂଷାମାଂସ (ଗୁଡୁଜିଲ୍) କଖାରୁଶାଗ, (କହଣ୍ଡା ଆଳାଃ), ପୋଇଶାଗ (ପୁରଇ ଆଳାଃ) ଲଙ୍କା (ମାରିଚ୍) ଇତ୍ୟାଦି ଖାଇବା ପାଇଁ ବାରଣ କରାଯାଇଥାଏ । ପ୍ରସୁତୀ ମାଆମାନେ ସାଧାରଣତଃ କଞ୍ଜିପାଣି, ପଖାଳଭାତ (ବାସ୍‌କେଦାକାଃ), ଗୟଳମାଂସ (ସେଲ୍‌ଜିଲ୍), ଗରାଣ୍ଡି ମାଂସ (ୟେରଜିଲ୍), ମେଣ୍ଢାମାଂସ (ଭିଡିଜିଲ୍), ମୂଷାମାଂସ (ଗୁଡୁଜିଲ୍), କଖାରୁ ଶାଗ (କହଁଣ୍ଡାଆଳାଃ), ପୋଇଶାଗ (ପୁରାଇଆଳାଃ), ଲଙ୍କା (ମରିଚ୍), ଚିଙ୍ଗୁଡ଼ିମାଛ (ଇଚାହାକୁ) ଇତ୍ୟାଦି ଖାଇ ନଥାନ୍ତି । ହୋଲିପର୍ବ / ଫୁଲପୂଜା (ବାହାଃ ମାମଣେ)ରେ ସାଧାରଣତଃ ଅବିବାହିତା ଯୁବତୀ ଏବଂ ବିବାହିତ ମହିଳାମାନଙ୍କୁ ମାଂସଖେଚୁଡ଼ି (ସିମ୍ ସଳେଦାକାଃ), ଖାଇବା ବାରଣ କରାଯାଏ । କୌଣସି ସ୍ତ୍ରୀ ଗର୍ଭବତୀ ହୋଇଥିବା ସମୟରେ ହୋଲିପର୍ବରେ ବଳୀଦିଆଯାଇଥିବା ପଶୁ ଓ ପକ୍ଷୀର ମୁଣ୍ଡମାଂସକୁ ତାର ସ୍ୱାମୀ ଖାଇ ନଥାଏ । ପୁତ୍ରର ବିବାହ ସମୟରେ ତାର ମାଆକୁ ଆମିଷ ଖାଦ୍ୟ ଖାଇବା ବାରଣ କରାଯାଇଛି । କୌଣସି ପୂଜାପୂର୍ବରୁ ମଧ ଆମିଷଭକ୍ଷଣ ନିଷେଧ ।

## ନିରମିଷ ଓ ଆମିଷ ଖାଦ୍ୟ :

ସାଧାରଣତଃ ସାନ୍ତାଳୀମାନେ ଆମିଷାସୀ । ଆମିଷ ଖାଦ୍ୟ ଖାଇବାକୁ ସେମାନେ ବହୁତ ପ୍ରାଧାନ୍ୟ ଦେଇଥାନ୍ତି । ଆମିଷ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ସାମର୍ଥ୍ୟ ବୃଦ୍ଧି ଏବଂ ରକ୍ତ ବୃଦ୍ଧି ହୋଇଥାଏ ବୋଲି ସେମାନଙ୍କର ଧାରଣା । ସେମାନେ କେତେକ ମାଛ ଯଥା ଚଙ୍ଗୁଡ଼ି ମାଛ (ଇଚାହାକୁ), ତୋଡ଼ିମାଛ (ଦୁଣୀହାକୁ), କେରାଣ୍ଡିମାଛ (ପୁଠିହାକୁ), ଚେଙ୍ଗମାଛ (ଲେଙ୍ଗାରାହାକୁ), ମାଗୁର ମାଛ (ମାଙ୍ଗିରାହାକୁ) ଇତ୍ୟାଦିକୁ ଅତି ଆଗ୍ରହ ସହକାରେ ଖାଇଥାନ୍ତି । ମାଂସ ମଧରେ କୁକୁଡ଼ା ମାଂସ (ସିମ୍‌ଜିଲ୍), ଛେଳିମାଂସ (ମେରମ୍ ଜିଲ୍), ଘୁଷୁରୀ ମାଂସ (ଶୁକ୍‌ରୀଜିଲ୍), ଠେକୁଆମାଂସ (କୁଲାଇଜିଲ୍), ଗୟଳମାଂସ (ସେଲେବ୍), ଗରାଣ୍ଡି ମାଂସ (ୟେର୍ ଜିଲ୍), ମେଣ୍ଢାମାଂସ (ଭିଡିଜିଲ୍), ମୁଷାମାଂସ (ଗୁଡୁଜିଲ୍) ଇତ୍ୟାଦି ସେମାନଙ୍କର ଅତି ପ୍ରିୟ ଖାଦ୍ୟ । ଏଥି ସହିତ କୁକୁଡ଼ା ଅଣ୍ଡା (ସିମ୍ ବିଲି), ବତକ ଅଣ୍ଡା (ଗେଡେବିଲି), ଓ କଇଁଛ ଅଣ୍ଡା (ହରବିଲି) ଇତ୍ୟାଦି ମଧ ଆମିଷ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି ।

ନିରାମିଷ ଖାଦ୍ୟ ମଧରେ ବିଭିନ୍ନ ପ୍ରକାର ଡାଲି ଯଥା କୋଳଥ (କୁରଥି), ବିରି (ରାମ୍ବାଡା) ମୁଗ (ମୁଗ୍), ହରଡ (ରାହେଲ୍), ଝୁଡଙ୍ଗ (ନାଡ୍‌କା), ଜାରା ଓ ଘଙ୍ଗରା ଇତ୍ୟାଦି ଡାଲିକୁ ବ୍ୟବହାର କରିଥାନ୍ତି । ଶାଗ ମଧରେ ପୋଇଶାଗ (ପୁରାଇଆଳାଃ), ସଜନାଶାଗ (ମୁନଗା) କୋଶଳା ଶାଗ (ଗାନ୍ଧାରୀ ଆଳାଃ), କଖାରୁ ଶାଗ (କହଁଣ୍ଡାଆଳାଃ),

ଖଟାପାଲଙ୍ଗ (କାଉଁରା), ସାରୁପତ୍ର (ସାରୁଆଲା।) କାଞ୍ଚନ (ସଂଆଲା।), ଉଦେରିଆଲା, ମାଠାଆଲା, ନରଡକ ଆଲା ଇତ୍ୟାଦିକୁ ଶାଗଭାବରେ ଖାଇଥାନ୍ତି । ପନିପରିବା ମଧ୍ୟରେ ବାଇଗଣ (ବେଙ୍ଗାଲ୍), କଖାରୁ (କହଁଣ୍ଡା), ଲାଉ (ହତଦ୍), ଜହ୍ନି (ଝିଙ୍ଗା), ବିଲାତି ବାଇଗଣ (ବିଲାତ୍ ବେଙ୍ଗାଲ୍), କଲରା (କାର୍ଲା), ଅମୃତଭଣ୍ଡା (ଅମ୍ଭୁରିତ୍) ଭେଣ୍ଡି (ଭୁଣ୍ଡି), ଖମ୍ବଆଳୁ (ହାତିଜାଙ୍ଗାଆଲୁ), କନ୍ଦମୂଳ (ବସେରଆଲୁ), ସଜନାଛୁଇଁ (ମୁନାଗାସୁଟି) ଇତ୍ୟାଦି ପନିପରିବାକୁ ତରକାରୀ କରି ନିରାମିଷ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି ।

## କୃଷି, ଜଙ୍ଗଲ ଓ ଅନ୍ୟାନ୍ୟ କ୍ଷେତ୍ରରୁ ମିଳୁଥିବା ଖାଦ୍ୟ ଦ୍ରବ୍ୟ :

ସାନ୍ତାଳମାନେ ସାଧାରଣତଃ ସେମାନଙ୍କ ଜମିରୁ ଧାନ (ହୁଲୁ), ମକା (ଜନଣା), ବାଜରା (ଖଞ୍ଜଡା) ଇତ୍ୟାଦି ଆମଦାନୀ କରିଥାନ୍ତି । ଡାଲି ଜାତୀୟ ଶସ୍ୟ ହିସାବରେ ସେମାନେ କୋଳଥ (କୁର୍ଥି), ବିରି (ରାମ୍ବଡ଼ା), ମୁଗ (ମୁଗୁ), ହରଡ (ରାହେଲ୍), ଘାଙ୍ଗରା, ଜାରା ଓ ନାଡକା ଇତ୍ୟାଦି ଜମିରୁ ଆମଦାନୀ କରିଥାନ୍ତି । ସେମାନେ ବାଡ଼ିବଗିଚାରୁ ବିଭିନ୍ନ ପନିପରିବା ମଧ୍ୟ ଆମଦାନୀ କରିଥାନ୍ତି । ସେଗୁଡିକ ହେଲା ବାଇଗଣ (ବେଙ୍ଗାଲ୍), କଖାରୁ (କହଁଣ୍ଡା), ଲାଉ (ହତଦ୍), ଜହ୍ନି (ଝିଙ୍ଗା), ବିଲାତି (ବିଲାତ୍), କଲରା (କାର୍ଲା), ଅମୃତଭଣ୍ଡା (ଅମ୍ଭୁରିତ୍), ଭେଣ୍ଡି (ଭୁଣ୍ଡି), ଖମ୍ବଆଳୁ (ହାତିଜାଙ୍ଗାଆଲୁ) ଇତ୍ୟାଦି । ଏତଦ୍ ବ୍ୟତୀତ ଖାଦ୍ୟ ପାଇଁ ସେମାନେ ଜଙ୍ଗଲରୁ ବିଭିନ୍ନ ଭୋଜ୍ୟ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ସେଗୁଡିକ ମଧ୍ୟରେ ମୂଳ (ଟାମୁଆଁ), କୁସୁମଫଳ (ବାରୁ) ରାଜକୋଳି (ରାଜସ୍ୱାନ), ମହୁଲ (ମାଡ୍‌କମ୍) ତେନ୍ତୁଳୀ (ଜଜଜାନ), ବାଇଡଙ୍କ (କରସେ), ଖମ୍ବଆଳୁ (ହାତିଜାଙ୍ଗା ଆଲୁ) ଇତ୍ୟାଦି ସଂଗ୍ରହ କରିବା ସହିତ ଜଙ୍ଗଲର ବିଭିନ୍ନ ପଶୁ ଯଥା ବରାହ, ହରିଣ, ସମ୍ବର, ଠେକୁଆ, ବଣକୁକୁଡା ଇତ୍ୟାଦିକୁ ଶିକାର କରି ସେମାନଙ୍କର ମାଂସ ସଂଗ୍ରହ କରିଥାନ୍ତି । ଖଜୁରୀ ଓ ତାଳଗଛରୁ ରସ ସଂଗ୍ରହ କରି ପାନୀୟ ହିସାବରେ ମଧ୍ୟ ବ୍ୟବହାର କରାଯାଇଥାଏ । ନିକଟସ୍ଥ ପୋଖରୀ ଓ ଝରଣାରୁ ବିଭିନ୍ନ ପ୍ରକାର କଙ୍କଡା ଓ ମାଛ ସଂଗ୍ରହ କରାଯାଇଥାଏ ।

## ଖାଦ୍ୟ ପ୍ରସ୍ତୁତି ଓ ସଂରକ୍ଷଣ ପ୍ରଣାଳୀ :

ସାନ୍ତାଳ ମାନେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ନିମ୍ନରେ ସେମାନେ ପ୍ରସ୍ତୁତ କରୁଥିବା କେତେକ ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ଦର୍ଶାଗଲା :

**ଭାତ (ଦାକା) :** ଏକ ହାଣ୍ଡିରେ ପାଣିକୁ ଗରମ କରିବାପରେ ସେହି ହାଣ୍ଡିରେ ଉଷୁନା ଚାଉଳ କିମ୍ବା ଅରୁଆ ଚାଉଳକୁ ପକାଯାଏ । ଚାଉଳ ସିଝି ଭାତ ହେବା ପରେ ସେହି

ହାଣ୍ଡିରୁ ପେଜବାହାର କରିଦିଆଯାଏ ଓ ଗରମ ଭାତ ଆକାରରେ ଖିଆଯାଇଥାଏ । ଅନ୍ୟ ପକ୍ଷରେ ଭାତହାଣ୍ଡିରୁ ପେଜ ବାହାର ନକରି ସେଥିରେ ଥଣ୍ଡାପାଣି ଢାଳି ପଖାଳଭାତ ପ୍ରସ୍ତୁତ କରାଯାଇଥାଏ ।

**ମହୁଲ ସିଝା (ମାତ୍ କମ୍ ତିକି) :** ମହୁଲକୁ ପରିଷ୍କାର କରି ଏଥିରେ ତେନ୍ତୁଳି ମଞ୍ଜି (ଜଜଜାଂ) ବାଇଡ଼ଙ୍କି ମଞ୍ଜି (କରସେ) କଣ୍ଡାଆଳୁ (କାଣ୍ଡାସେଲା) କୁ ଏକତ୍ର ପାଣିରେ ସିଝାଯାଇଥାଏ । ସିଝିଗଲାପରେ ଏହା ଖାଇବା ଉପଯୋଗୀ ହୋଇଥାଏ ।

**ମହୁଲ ମୁଆଁ (ମାତ୍ କମ୍ ଲାଠେ) :** ମହୁଲକୁ ପ୍ରଥମେ ଗରମହାଣ୍ଡିରେ ଭଜାଯାଇ ଢିଂକି ସାହାଯ୍ୟରେ ଗୁଣ୍ଡ କରାଯାଏ । ତାହା ସହିତ ବାଜରାଖଇ (ସିଙ୍ଗାଲା), ମକାଖଇ (ଜନଣା ଖଏ), ଶାଳମଞ୍ଜି, ଓ ଖଟାପାଳଙ୍ଗ ମଞ୍ଜିକୁ ମିଶାଇ ଏକତ୍ର ଢିଙ୍କିରେ କୁଟାଯାଏ । ସମ୍ପୂର୍ଣ୍ଣ ଗୁଣ୍ଡ ହୋଇସାରିବାପରେ ହାତଦ୍ୱାରା ଗୋଲଗୋଲ କରି ମୁଆଁ ପ୍ରସ୍ତୁତ କରାଯାଇଥାଏ ।

**ମହୁଲ ଖିରି (ମାତ୍ କମ୍ ଲେଟ) :** କଞ୍ଚା ମହୁଲକୁ ଅରୁଆଚାଉଳ ଗୁଣ୍ଡ ସହିତ ମିଶାଇ ଗରମ ପାଣିରେ ସିଝାଯାଇଥାଏ । ସିଝିସାରିଲାପରେ ତାହାକୁ ଘାଣ୍ଟି ଦିଆଯାଇଥାଏ । ପରେ ତାହାକୁ ଖିରି ହିସାବରେ ଖିଆଯାଇଥାଏ ।

**ମାଂସପିଠା (ଜିଲ୍ ପିଠା) :** ମାଂସ ତରକାରୀ ପ୍ରସ୍ତୁତ ପରେ ସେଥିରେ ଅରୁଆ ଚାଉଳ ଗୁଣ୍ଡମିଶାଯାଇ ପଲମ ସାହାଯ୍ୟରେ ଗରମକରି ଗୋଲ ଗୋଲ୍ ପିଠା ପ୍ରସ୍ତୁତ କରାଯାଇଥାଏ ।

**ମାଂସଖିରି (ଜିଲ୍ ଲେଟ) :** ମାଂସ ତରକାରୀ ହୋଇସାରିବାପରେ ସେଥିରେ ଅରୁଆ ଚାଉଳ ଗୁଣ୍ଡ ପକାଇ ପୁନଶ୍ଚ ନିଆଁରେ ସିଝାଯାଇଥାଏ । ସିଝିସାରିବାପରେ ସେହି ଘାଣ୍ଟକୁ ନିଆଁରୁ ଓହ୍ଲାଯାଇ ଖିରିଭାବରେ ଖିଆଯାଏ ।

**ଗେଣ୍ଡାପିଠା (ଗଁଘା ପିଠା) :** ଗେଣ୍ଡାଖୋଳରୁ ମାଂସ ବାହାର କରି ପ୍ରଥମେ ତରକାରୀ ପ୍ରସ୍ତୁତ କରାଯାଇଥାଏ । ତରକାରୀ ପ୍ରସ୍ତୁତି ପରେ ସେଥିରେ ଅରୁଆ ଚାଉଳ ମିଶ୍ରଣ କରି ନିଆଁରେ ପଲମ ସାହାଯ୍ୟରେ ଗରମ କରି ଗୋଲ ଗୋଲ ପିଠା ପ୍ରସ୍ତୁତ କରାଯାଇଥାଏ । ଏହାକୁ ଗେଣ୍ଡାପିଠା ବା ଗଁଘାପିଠା କୁହାଯାଏ ।

**ଗେଣ୍ଡାଖିରି (ଗଁଘା ଲେଟ ) :** ଗେଣ୍ଡା ମାଂସ ତରକାରୀ ହୋଇସାରିବାପରେ ସେଥିରେ ଅରୁଆ ଚାଉଳ ଗୁଣ୍ଡ ମିଶାଯାଇ ପୁନଶ୍ଚ ନିଆଁରେ ସିଝାଯାଇଥାଏ । ସିଝିସାରିବାପରେ ସେହି ଘାଣ୍ଟକୁ ନିଆଁରୁ ଓହ୍ଲାଯାଇ ଖିରିଭାବରେ ଖିଆଯାଇଥାଏ ।

**କିଆମୂଳ ସିଝା (କାଣ୍ଡାଲ୍ ତିକି) :** ପ୍ରଥମେ କିଆମୂଳ ସହିତ ପତ୍ର ମିଶାଇ ସେଥିରେ ପାଣିଦେଇ ଏକ ହାଣ୍ଡିରେ ସିଝାଯାଏ । ସିଝି ସାରିବାପରେ ନିଆଁରୁ ଓହ୍ଲାଇ ଥଣ୍ଡା ହୋଇ ସାରିବା ପରେ ଖିଆଯାଏ ।

**ମଣ୍ଡାପିଠା (ତୁମ୍ବୁ) :** ଅରୁଆ ଚାଉଳ ଗୁଣ୍ଡସହିତ ଚିନି କିମ୍ବା ଗୁଡ଼ ମିଶାଇ ସେଥିରେ କିଛି ପାଣିଦେଇ ଚକଟା ଯାଇଥାଏ । ଗୋଲ ଗୋଲ କରି ବାମ୍ଫରେ ସିଝା ଯାଇଥାଏ । ସିଝିସାରିବା ପରେ ତାହାକୁ ପିଠାଭାବରେ ଭକ୍ଷଣ କରାଯାଇଥାଏ । ବିଶେଷତଃ ପ୍ରଥମାଷ୍ଟମୀରେ ଏହିପିଠା ଅଧିକ ମାତ୍ରାରେ ଖାଇଥାନ୍ତି ।

**ପିତାଆଳୁ (ବାଅଁଲା) :** ପିତା ଆଳୁର ଚୋପା ଛଡାଇ ପତଳା ପତଳା କାଟି ପାଣିରେ ପକାଯାଇଥାଏ । ତା'ପରଦିନ ସିଝାଯାଇ ତରକାରୀ ପ୍ରସ୍ତୁତ କରଯାଇଥାଏ । ତରକାରୀ ପ୍ରସ୍ତୁତପରେ ଏହାକୁ ଖିଆଯାଇଥାଏ ।

**ମାଂସ ଖେଚୁଡ଼ି (ଜିଲ୍ ସଳେଦାକା) :** ମାଂସ ତରକାରୀ ପ୍ରସ୍ତୁତପରେ ସେଥିରେ ଉଷୁନା ଚାଉଳ, ଆବଶ୍ୟକ ପରିମାଣ ଲୁଣ, ହଳଦୀ ଓ କିଛି ମାତ୍ରାରେ ପାଣିଦେଇ ପୁନଶ୍ଚ ସିଝାଯାଇଥାଏ । ସିଝିସାରିବାପରେ ସେଥିରୁ ପାଣିଅଂଶ କମ୍ ହୋଇଗଲେ ନିଆଁରୁ ବାହାର କରି ଦିଆଯାଏ । ଥଣ୍ଡାହେବାପରେ ତାହାକୁ ଖେଚୁଡ଼ି ହିସାବରେ ଭକ୍ଷଣ କରାଯାଥଥାଏ । ଏହିଭଳି ଭାବରେ ମାଂସ ଖେଚୁଡ଼ି ପ୍ରସ୍ତୁତ କରାଯାଇଥାଏ ।

**ଗିଡ଼ିତାରାଦାକା :** କୌଣସି ବ୍ୟକ୍ତିର ମୃତ୍ୟୁପରେ ସେହିବ୍ୟକ୍ତିଙ୍କ ଉଦେଶ୍ୟରେ କୁକୁଡାବଳୀ ଦିଆଯାଇଥାଏ । ଏହି କୁକୁଡାର ମୁଣ୍ଡକୁ ମୃତ ବ୍ୟକ୍ତିଙ୍କୁ ସମର୍ପଣ କରି ସାରିବା ପରେ ସେଥିରେ ଚାଉଳ ମିଶାଇ ରୋଷେଇ କରାଯାଇଥାଏ । ରୋଷେଇ ଶେଷରେ ଏହାକୁ ଭୋଗ ଆକାରରେ ବ୍ୟବହାର କରାଯାଇଥାଏ ।

**ଚାମୁଆଁ :** ଜଙ୍ଗଲରୁ ସଂଗୃହିତ ଏକପ୍ରକାର ଚେରକୁ ଗରମ ପାଣିରେ ସିଝାଯାଇଥାଏ । ସେହି ଚେର ସିଝିସାରିବା ପରେ ତାକୁ ଖିଆଯାଇଥାଏ ।

## ମସଲାର ବ୍ୟବହାର :

ଏହି ସମ୍ପ୍ରଦାୟର ଲୋକମାନେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ସେଥିରେ ପିଆଜ, (ପେୟାଜ୍), ଲଙ୍କାମରିଚ (ମାରିଚ୍), ରସୁଣ (ରାସଣ୍), ଲୁଣ (ବୁଲୁଂ), ସୋରିଷ (ତୁଳି), ହଳଦୀ (ଶାଶାଙ୍ଗ୍), ଜିରା (ଜିରାଃ), ତେଜପତ୍ର (ପେଜ୍‌ପତର୍) ଇତ୍ୟାଦି ରୋଷେଇ କ୍ଷେତ୍ରରେ ବ୍ୟବହାର କରିଥାନ୍ତି । ମାଟିହାଣ୍ଡି ଦ୍ୱାରା ରୋଷେଇ କଲେ ଖାଦ୍ୟ ଅଧିକ ସ୍ୱାଦିଷ୍ଟ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

## ଖାଦ୍ୟ ପରଷିବା ପ୍ରଣାଳୀ :

ସାନ୍ତାଳମାନେ କେତେକ ସ୍ୱତନ୍ତ୍ର ଦିବସ ଯଥା ଜନ୍ମଦିନ, ନାମକରଣ ଉତ୍ସବ ଓ ବିବାହ ଉତ୍ସବାଦିରେ ସ୍ୱତନ୍ତ୍ର ଭାବରେ ଭୋଜିଭାତର ଆୟୋଜନ କରିଥାନ୍ତି । ସେଥି ସକାଶେ ବନ୍ଧୁବାନ୍ଧବ ତଥା ଅତିଥି ମାନଙ୍କୁ ଉକ୍ତ ଉତ୍ସବରେ ଯୋଗଦାନ ପାଇଁ ନିମନ୍ତ୍ରଣ କରିଥାନ୍ତି । ସେହିସବୁ ଦିବସ ମାନଙ୍କରେ ଅତିଥିମାନଙ୍କୁ ଗରମଭାତ (ଲଲଦାକା), ମାଂସ ତରକାରୀ (ଜିଲଉତୁ), ହାଣ୍ଡିଆ (ହାଣ୍ଡି) ଓ ମହୁଲୀମଦ (ପାରୁଆ) ଇତ୍ୟାଦି ଖାଦ୍ୟ ଦେଇ ପରିତୃପ୍ତ କରାଇଥାନ୍ତି । ଜନ୍ମଦିନ ଉତ୍ସବମାନଙ୍କରେ ସ୍ୱତନ୍ତ୍ରଭାବେ ନିମ୍ବଭାତ (ନିମ୍ଦାକା) ରୋଷେଇ କରି ଦେଇଥାନ୍ତି । ସୁଖିଲା ନିମ୍ବପତ୍ରକୁ ଗୁଣ୍ଡକରି ଚାଉଳ ସହିତ ମିଶାଇ ରୋଷେଇ କରାଯାଇଥାଏ । ଉପରୋକ୍ତ ଖାଦ୍ୟ ପ୍ରଦାନ କରାଯାଇ ଅତିଥିମାନଙ୍କୁ ସତ୍କାର କରାଯାଇଥାଏ ।

## ଭୋଜନରେ ଶିଷ୍ଟାଚାର :

ପ୍ରତ୍ୟେକ ସାନ୍ତାଳ ପରିବାରରେ ରୋଷେଇ ଘରକୁ ଲାଗିକରି ଏକ ଖୋଲାଘର / ମେଲାଘର ଥାଏ । ଏହିଘରେ ପ୍ରାୟ ପରିବାରର ଲୋକେ ଭୋଜନ କରିଥାନ୍ତି । ଏଥିସହ ଘରର ବାରଣ୍ଡାରେ ମଧ୍ୟ କେତେକ ଖାଇଥାନ୍ତି । ସାଧାରଣତଃ ପ୍ରତ୍ୟେକ ପରିବାରରେ ପ୍ରଥମେ ଛୋଟପିଲାମାନେ ଖାଦ୍ୟ ଖାଇଥାନ୍ତି । ତାପରେ ବୟସ୍କ ପୁରୁଷମାନେ ଖାଇଥାନ୍ତି ଏବଂ ସର୍ବଶେଷରେ ସ୍ତ୍ରୀଲୋକ ଖାଦ୍ୟ ଗ୍ରହଣ କରିଥାନ୍ତି । ଖାଇବା ସମୟରେ ପ୍ରତ୍ୟେକେ କାଠ ତିଆରି ପିଢା ଉପରେ ବସିଥାନ୍ତି । ବୟସ୍କ ପୁରୁଷମାନେ ଚରଚର ହୋଇ ଖାଦ୍ୟ ଗ୍ରହଣ କରିଥାନ୍ତି । ଖାଇବା ପୂର୍ବରୁ ଖାଇବା ସ୍ଥାନଟିକୁ ଗୋବର ଦ୍ୱାରା ଲିପାଯାଇଥାଏ । ପରିବେଷଣରେ ତରକାରୀ ଡାହାଣ ପାର୍ଶ୍ୱରେ ଏବଂ ଭାତ ବାମପାର୍ଶ୍ୱରେ ରହିଥାଏ । ଖାଇବା ସମୟରେ ପୁରୁଷମାନେ ସାଧାରଣତଃ ଚକାମାଣି ବସିଥାନ୍ତି ଏବଂ ସ୍ତ୍ରୀଲୋକମାନେ ପିଢାଉପରେ ଠୁଙ୍କାହୋଇ ବସି ଖାଇଥାନ୍ତି । ଖାଇବା ପୂର୍ବରୁ ପରିଷ୍କାର ଭାବରେ ହାତଗୋଡ ଧୋଇ ହୋଇଥାନ୍ତି । ଖାଇବା ସମୟରେ ନୀରବରେ ଖାଇଥାନ୍ତି । ଖାଦ୍ୟ ଖାଉଥିବା ବ୍ୟକ୍ତିର ବାମ ପାର୍ଶ୍ୱରେ ପାଣିବେଲା ରହିଥାଏ । ଶାଳପତ୍ରରେ ଲୁଣ ଦିଆଯାଇ ତାହା ଡାହାଣ ପାର୍ଶ୍ୱରେ ରହିଥାଏ । ଖାଦ୍ୟ ଖାଇବା ସମୟରେ ଖାଉଥିବା ବ୍ୟକ୍ତି ଅନ୍ୟତ୍ର ଲକ୍ଷ୍ୟ କରନ୍ତି ନାହିଁ । ପ୍ରତିଥର ଖାଇବା ସ୍ଥାନଟିକୁ ଗୋବରଦ୍ୱାରା ଲିପାଯାଇଥାଏ । ପୁନର୍ବାର ସେହି ସ୍ଥାନରେ ଖିଆଯାଇଥାଏ ।

## ଭିନ୍ନ ସମ୍ପ୍ରଦାୟ ଠାରୁ ଖାଦ୍ୟ ଗ୍ରହଣ :

ସାନ୍ତାଳମାନେ ଅନ୍ୟ ପ୍ରଜାତି ଗୋଷ୍ଠୀଠାରୁ କେତେକ ଖାଦ୍ୟ ଗ୍ରହଣ କରିଥାନ୍ତି । ସେମାନେ ପଡୋଶୀ ଗୋଷ୍ଠୀମାନଙ୍କଠାରୁ ଗ୍ରହଣ କରୁଥିବା ଖାଦ୍ୟ ଦ୍ରବ୍ୟ ମଧ୍ୟରେ ଭାତ (ଦାକା), ମାଛ (ହାକୁ), ମାଂସ (ଜିଲ୍), ହାଣ୍ଡିଆ (ହାଣ୍ଡି), ମଦ (ପାରୁଆ) ଓ ପନିପରିବା ମଧ୍ୟରେ ଲାଉ (ହତଦ୍), କଖାରୁ (କହଁଣ୍ଡା), ବାଇଗଣ (ବେଙ୍ଗାଲ୍ ), ଜହ୍ନି (ଝିଙ୍ଗା), ଝୁଡଙ୍ଗ (ନାଡ୍‌କା), ଭେଣ୍ଡୀ (ଭୁଣ୍ଡି), ଅମୃତଭଣ୍ଡା (ଅମ୍ଭୁରିତ୍) , କଲରା (କାର୍‌ଲା), ସିମ୍ବ (ମାଲ୍‌ହାନ୍) ଇତ୍ୟାଦି ପ୍ରଧାନ । ଏଥିସହିତ ବିଭିନ୍ନ ପ୍ରକାର ଶାଗ ଯଥା ଲଉଶାଗ (ହତଦ୍ ଆଲାଃ), କଖାରୁ ଶାଗ (କହଁଣ୍ଡା ଆଲାଃ), ପୋଇଶାଗ (ପୁରଇ ଆଲାଃ), ସାରୁଶାଗ (ସାରୁଆଲାଃ), ସଜନାଶାଗ (ମୁନାଗା), କୋଶଲାଶାଗ (ଗାନ୍ଧାରୀ ଆଲାଃ) ଇତ୍ୟାଦି ମଧ୍ୟ ପ୍ରଜାତି ଗୋଷ୍ଠୀର ବାଡ଼ିବଗିଚାରୁ ସଂଗ୍ରହ କରି ଆଣିଥାନ୍ତି ।

## ଅଶୌଚ ସମୟରେ ଖାଦ୍ୟ ଗ୍ରହଣ :

କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ସେହି ସମୟରେ ଅନ୍ୟମାନଙ୍କ ଠାରୁ କୌଣସି ଖାଦ୍ୟ ଗ୍ରହଣ କରାଯାଏ ନାହିଁ । ଆମିଷ ବ୍ୟତୀତ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ଖିଆଯାଏ ନାହିଁ । ସେହିଭଳି କୌଣସି ଶିଶୁ ଜନ୍ମ ସମୟରେ ଅନ୍ୟମାନଙ୍କ ଠାରୁ ମଧ୍ୟ କୌଣସି ଖାଦ୍ୟ ଜିନିଷ ଖାଇ ନଥାନ୍ତି । ନିଜ ଘରେ ନିମ୍ ପତ୍ର (ନିମ୍ ସାକାମ୍), ଅରୁଆ ଚାଉଳ (ଆଦ୍‌ୱା ଚାଅଲେ) କୋଳଥ ଡାଲି (କୁରଥି ଦାଲ୍), ହାଣ୍ଡିଆ (ହାଣ୍ଡି), ଚାଉଳ (ଚାଅଲେ), ହଳଦୀ (ସାସାଙ୍ଗ) ଇତ୍ୟାଦି ନିଜ ଘରେ ପ୍ରସ୍ତୁତ ହୁଏ ।

## ଖାଦ୍ୟର ଉପାଦେୟତା :

ବିଭିନ୍ନ ଖାଦ୍ୟ ଦ୍ରବ୍ୟରେ ବିଭିନ୍ନ ପ୍ରକାର ଖାଦ୍ୟସାର ବା ଜିବନିକା ରହିଥାଏ । ତେବେ କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ଦ୍ରବ୍ୟରେ ଥିବା ବିଶେଷ ଖାଦ୍ୟଗୁଣ ଯୋଗୁ ଏହାର ପ୍ରାଧାନ୍ୟ ସାନ୍ତାଳ ସମାଜରେ ରହିଥାଏ । କୁଜିଗେଣ୍ଡାର ମାଂସକୁ ତରକାରୀ ରୂପେ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବୃଦ୍ଧି ହୋଇଥାଏ । ଘୁଷୁରୀ ମାଂସ (ଶୁକୁରୀ ଜିଲ୍) ଖାଇବା କରିବା ଦ୍ୱାରା ନାଳରକ୍ତ ଝାଡା ଭଲ ହୋଇଥାଏ । କଲରା (କାର୍‌ଲା) ଭଜା ଖାଇବା ଦ୍ୱାରା ଶରୀରରୁ ପିତ୍ତ ଅଂଶ କମିଯାଇଥାଏ । ଫଳରେ ମୁଣ୍ଡବ୍ୟଥା ହୋଇନଥିବାର ବିଶ୍ୱାସ କରାଯାଏ । କେରାଣ୍ଡୀ ମାଛ ଖାଇବାଦ୍ୱାରା ହଜମ ଶକ୍ତି ବୃଦ୍ଧି ଘଟିଥାଏ । ପାରା ମାଂସ ଖାଇବା ଦ୍ୱାରା

ଶ୍ୱାସ ରୋଗ ଭଲହୋଇଥାଏ । ବାଦୁଡି ମାଂସ ଖାଇଲେ ମଧ୍ୟ ଶ୍ୱାସରୋଗ ଭଲ ହୋଇଥାଏ । ଘରଚଟିଆ ଚଢେଇ ମାଂସ ଖାଇବା ଯୌନ ଶକ୍ତି ବୃଦ୍ଧି ଘଟିଥାଏ । ସଜନା ଶାଗ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ସଙ୍ଗେ ମଣିଷର ପରମାୟୁ ବୃଦ୍ଧି ଘଟିଥାଏ ବୋଲି ସାନ୍ତାଳଲୋକମାନେ ବିଶ୍ୱାସ କରିଥାନ୍ତି । ଉଦପିଠା ଖାଇବାଦ୍ୱାରା ରକ୍ତଚାପ ଦୂରୀଭୂତ ହୋଇଥାଏ । ଖଟାପାଳଙ୍ଗ ଶାଗ ଖାଇଲେ ମଣିଷର ରୁଚିରେ ପରିବର୍ତ୍ତନ ଆସିଥାଏ । ଗ୍ରୀଷ୍ମଋତୁରେ ନିମ୍ବଶାଗ ଓ କଲରା ଶାଗ ଖାଇବାଦ୍ୱାରା ପିତ୍ତଜନିତ ରୋଗ ଭଲହୋଇଥାଏ ।

## ପୌଷ୍ଟିକ ଖାଦ୍ୟ :

ପିତାଜାତୀୟ ଖାଦ୍ୟମଧ୍ୟରେ ନିମ୍ବପତ୍ର, କଲରା ପତ୍ର ଇତ୍ୟାଦି ଖାଇଲେ ମଣିଷ ଶରୀରରେ ରକ୍ତ ବୃଦ୍ଧି ହୋଇଥାଏ । ସମ୍ବର ମାଂସ ଖାଇବା ଦ୍ୱାରା ମଣିଷ ଶରୀରରେ ଶକ୍ତି ବୃଦ୍ଧି ହୋଇଥାଏ । ହାଣ୍ଡିଆ ପାନ କରିବା ଦ୍ୱାରା କାମ କରିବା ପାଇଁ ଶକ୍ତି ଉପୁଜିଥାଏ । କ୍ଷୀର ଖାଇବା ଦ୍ୱାରା ଶରୀରରେ ବଳ ଏବଂ କ୍ଷୀର ପ୍ରସ୍ତୁତ ଲହୁଣୀ ଖାଇବା ଦ୍ୱାରା ଦେହ ଚିକ୍କଣ ହୋଇଥାଏ । ଗହମ ପିଠା ଖାଇଲେ ଦେହ ହୃଷ୍ଟ ପୁଷ୍ଟ ହୋଇଥାଏ । ପଖାଳ ଭାତ ଖାଇବାଦ୍ୱାରା ଶରୀର ହୃଷ୍ଟ ପୁଷ୍ଟ ମଧ ହୋଇଥାଏ ବୋଲି ସାନ୍ତାଳୀମାନେ ବିଶ୍ୱାସ କରିଥାନ୍ତି । ପଖାଳ ଭାତ ସହିତ ଶାଗ ଭଜା ଖାଇଲେ ଶରୀର ନିରୋଗ ହୋଇଥାଏ ।

## ରୁଚିକର ଖାଦ୍ୟ :

ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ସ୍ୱାଦଯୁକ୍ତ ହେବା ପାଇଁ ସେମାନେ କେତେକ ମସଲା ବ୍ୟବହାର କରିଥାନ୍ତି । ହଳଦୀ, ଲୁଣ, ଜିରା,ମରିଚ, ସୋରିଷ, ତେଜପତ୍ର ଇତ୍ୟାଦି ସ୍ୱାଦ ପାଇଁ ତରକାରୀରେ ପ୍ରୟୋଗ କରିଥାନ୍ତି । ମାଛ ଓ ମାଂସ ତରକାରୀ ଅପେକ୍ଷା ପତ୍ରରେ ପୁଡିଆ କରି ସେହି ମାଛ କିମ୍ବା ମାଂସକୁ ନିଆଁରେ ପୋଡି ଖାଇଲେ ଅଧିକ ସ୍ୱାଦଯୁକ୍ତ ହୋଇଥାଏ ବୋଲି ସେମାନେ ମତବ୍ୟକ୍ତ କରିଥାନ୍ତି । ମାଂସ ତରକାରୀରେ ଅରୁଆ ଚାଉଳ ଗୁଣ୍ଡ ପକାଯାଇ ପୁନଃ ନିଆଁରେ ଗରମ କଲେ ତାହା ମାଂସ ଖିରି ହୋଇଥାଏ । ଏହାକୁଖାଇଲେ ଅଧିକ ସ୍ୱାଦଯୁକ୍ତ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

## ଖାଦ୍ୟର ସାମାଜିକ ଓ ଧାର୍ମିକ ମୂଲ୍ୟବୋଧ :

ସାନ୍ତାଳ ସମ୍ପ୍ରଦାୟର ଲୋକେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପୂଜାପାଠ ଏବଂ ପର୍ବପର୍ବାଣୀ ପାଳନ କରିଥାନ୍ତି । ପୂଜାପାଠ ଏବଂ ପର୍ବପର୍ବାଣୀ ମାନଙ୍କରେ ବିଭିନ୍ନ ପ୍ରକାର ନୂତନ ଖାଦ୍ୟ ଗ୍ରହଣ କରିଥାନ୍ତି । ଶିଶୁଜନ୍ମ ସମୟରେ ପଡୋଶୀମାନଙ୍କୁ ଆମନ୍ତ୍ରଣ କରାଯାଇ ଭୋଜିଭାତର ଆୟୋଜନ କରାଯାଇଥାଏ । ଏହି ଭୋଜିଭାତ ପ୍ରଦାନ କରିବାର

ଉଦ୍ଦେଶ୍ୟ ଏହି ଯେ ସଂପୃକ୍ତ ପରିବାରରେ ଏକ ନବଜାତ ଶିଶୁ ଜନ୍ମ ହୋଇଛି ବୋଲି ସମସ୍ତେ ଜାଣିପାରନ୍ତି । ଶିଶୁଟିର ନାମକରଣ ଦିବସରେ ମଧ୍ଯ ଅତିଥିମାନଙ୍କ ସମେତେ ଗ୍ରାମର ପଞ୍ଚମୁଖ୍ୟ ଏବଂ ପଡ଼ୋଶୀମାନଙ୍କୁ ମଧ୍ଯ ଆମନ୍ତ୍ରଣ କରାଯାଇ ଭୋଜିଭାତର ବ୍ୟବସ୍ଥା ମଧ୍ଯ ହୋଇଥାଏ । ନବଜାତ ଶିଶୁଟିର ନୂତନ ନାମ ପ୍ରତ୍ୟେକ ଜାଣିଥାନ୍ତି ଏବଂ ଶିଶୁଟି ଆଶୀର୍ବାଦ ମଧ୍ଯ ପ୍ରଦାନ ନେଇଥାନ୍ତି । ପ୍ରତି ପ୍ରତ୍ୟେକ ବିଭିନ୍ନ ଉତ୍ସବରେ କୌଣସି ପରିବାରରେଉପସ୍ଥିତ ହେବା ଦ୍ୱାରା ସେମାନଙ୍କ ମଧ୍ୟରେ ସହଯୋଗୀ ମନୋଭାବ ତଥା ଉତ୍ତମ ମିଳନ ଏବଂ ଭାବର ଆଦାନ ପ୍ରଦାନ ମଧ୍ଯ ହୋଇଥାଏ । ସେହିଭଳି ଭାବରେ ବିବାହ ଉତ୍ସବାଦିରେ ମଧ୍ଯ ଅତିଥି ଅଭ୍ୟାଗତ ଜଥା ପଡୋଶୀଗ୍ରାମର ଲୋକମାନଙ୍କ ସମେତ ନିଜ ଗ୍ରାମର ପ୍ରତ୍ୟେକଙ୍କୁ ଆମନ୍ତ୍ରଣ କରାଯାଇଥାଏ । ଭୋଜିଭାତରେ ଆୟୋଜନ ମଧ୍ଯ ହୋଇଥାଏ । ବାହାଘର କାର୍ଯ୍ୟ ସୂଚାର ରୂପେ ତୁଲାଇବା ପାଇଁ ସହଯୋଗ ମଧ୍ଯଲୋଡିଥାନ୍ତି । ଆମନ୍ତ୍ରିତ ବ୍ୟକ୍ତିଗଣ ଉକ୍ତ ଉତ୍ସବରେ ନୃତ୍ୟଗୀତରେ ମଧ୍ଯ ସହଯୋଗ କରିଥାନ୍ତି । ପ୍ରତ୍ୟେକେ ମନ ଆନନ୍ଦରେ ଭୋଜିରେ ଅଂଶଗ୍ରହଣ କରିଥାନ୍ତି । କୌଣସି ବ୍ୟକ୍ତିର ମୃତ୍ୟୁପରେ ଏକାଦଶାହ ବା ଶୁଦ୍ଧକ୍ରିୟାରେ ଗ୍ରାମର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ପୃକ୍ତ ପରିବାର ଭୋଜିପ୍ରଦାନ କରିଥାନ୍ତି । ପରିବାରର ଲୋକେ ଅପବିତ୍ରତାରୁ ପବିତ୍ର ହେବା ସକାଶେ ପ୍ରତ୍ୟେକଙ୍କୁ ଭୋଜି ଦେଇଥାନ୍ତି ।

କେତେକ ପୂଜାପାଠରେ ଠାକୁର ଠାକୁରାଣୀଙ୍କ ନିକଟରେ ପଶୁ କିମ୍ବା ପକ୍ଷୀ ବଳୀ ଦିଆଯାଇଥାଏ । ତାପରେ ବଳୀ ଦିଆଯାଇଥିବା ପଶୁପକ୍ଷୀଙ୍କର ମାଂସକୁ ରୋଷେଇ କରାଯାଇ ପ୍ରତ୍ୟେକ ଭୋଗ ଆକାରରେ ଖାଉଥାନ୍ତି । ଫଳରେ ମଣିଷ ନୀରୋଗ ହୁଏ ବୋଲି ସାନ୍ତାଳୀମାନେ ବିଶ୍ୱାସ କରିଥାନ୍ତି । ଠାକୁର ଠାକୁରାଣୀ ସେମାନଙ୍କୁ ଆଶୀର୍ବାଦ ମଧ୍ଯ ପ୍ରଦାନ କରିଥାନ୍ତି । ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କୁକୁଡ଼ା ବଳୀ ଦିଆଯାଇ ତାର ମାଂସକୁ ରୋଷେଇ କରାଯାଏ । ମାଂସ ଖେଚୁଡ଼ି ପ୍ରସ୍ତୁତ କରାଯାଇ ପୁନଃ ପୂଜା କରାଯାଇଥାଏ । ପୂଜାପାଠ ଶେଷରେ ପ୍ରତ୍ୟେକ ଭୋଗ ଆକାରରେ ସେବନ କରିଥାନ୍ତି । ଭୋଗ ସେବନ କରିବା ଦ୍ୱାରା ମୃତବ୍ୟକ୍ତିର ଆତ୍ମା ସଦଗତି ହୋଇଥାଏ ବୋଲି ସେମାନେ ବିଶ୍ୱାସ କରିଛନ୍ତି । ପୂର୍ବପୁରୁଷମାନଙ୍କ ସ୍ମୃତିଚାରଣ ତଥା ଶାନ୍ତି କାମନା ନିମନ୍ତେ ମକରପର୍ବ ସାକାରାତ୍ ରେ ପୂଜାପାଠ କରାଯାଇଥାଏ । ପିଠା, ଚୂଡ଼ା,ଗୁଡ଼ ହାଣ୍ଡିଆ ଲସି ସେମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ପରେ ତାହା ସେବନ କରିଥାନ୍ତ । ଫଳରେ ପୂର୍ବପୁରୁଷମାନେ ପ୍ରତ୍ୟେକଙ୍କୁ ଆର୍ଶୀବାଦ ପ୍ରଦାନ କରିଥାନ୍ତି ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ଏହିଭଳିଭାବେ ସାନ୍ତାଳୀମାନଙ୍କର ଧାର୍ମିକ ଚିନ୍ତାଧାରା ପରିଲିକ୍ଷିତ ହୋଇଥାଏ ।

● ● ●

# ପାନୀୟ

## ପାନୀୟ ଉତ୍ପତ୍ତି ସଂକ୍ରାନ୍ତ କିମ୍ବଦନ୍ତୀ :

ସାନ୍ତାଳ ସମାଜରେ ଖାଦ୍ୟ ଭଳି ପାନୀୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପାନୀୟର ସୃଷ୍ଟି ସମ୍ବନ୍ଧରେ ସେମାନଙ୍କର ଏକ ଗୀତା/କିମ୍ବଦନ୍ତୀରୁ ଏହାର ଉତ୍ପତ୍ତି ସ୍ୱରୂପ ଜାଣିହୁଏ । ପୃଥିବୀ ସୃଷ୍ଟି ସମେତ ପାନୀୟ (ହାଣ୍ଡିଆ)ର ସୃଷ୍ଟି ବିଷୟକ ଏକ ଗୀତ ନିମ୍ନମତେ ବର୍ଣ୍ଣିତ ହେଲା :

''ଲେ ଲେଙ୍ଗେହ ଜାଲାତାଲାରେ
କିଚୁଆ ହାସାଏ ରାକାବ୍ ଲେଦ୍‌ତେ
ଆବ ଲୁଗୁ କୁଣ୍ଡି ମିର୍ଥୀକାଦ
ହାଏ, ହାଏ, ଦେବଠାକୁର ଭେୟାଣ୍ଦ
ଦେବ୍ ଠାକୁର୍ ଶିର୍ଜନଦ ।
ହାଁସ୍ ହାଁସ୍‌ଲୀ ତେଷଣ ବାପୁଲାଂ ମାନ୍ନୀ ଜନମ ଦାତ ଦ
ହାଏ ହାଏ ଦେବଠାକୁର ଭେୟାଣାଦ
ଦେବଠାକୁର ଶିର୍ଜନଦ
ପିଲ୍‌ଚୁ ହାଲାମ ପିଲ୍‌ଚୁ ବୁଢ଼ୀ ହାପାଲାମ୍ ସାକି ଦ
ହାଏ ହାଏ ଦେବ ଠାକୁର ଭେୟାଣ୍ଦ
ଦେବଠାକୁର ଶିର୍ଜନଦ ।

## ଓଡ଼ିଆ ମର୍ମାନୁବାଦ :

ସମୁଦ୍ରର ଅଗାଧ ଜଳରାଶି ମଧ୍ୟଭାଗରେ ଅମେରୁଦଣ୍ଡୀୟ ପ୍ରାଣୀ 'ଜିଆ' ନିଜ ପ୍ରଚେଷ୍ଟାରେ ସମୁଦ୍ର ଗହ୍ୱରରୁ ମାଟି ଖୋଳି ତାକୁ ସମୁଦ୍ରର ଉପର ଭାଗପର୍ଯ୍ୟନ୍ତ ଠୁଳ କଲା । ଠୁଳ ହେବା ପରେ ମଧ୍ୟ ସେହି ମାଟି କଠିନ ହୋଇପାରିନଥିଲା । ପରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସେହି ମାଟିକୁ ଶକ୍ତ କରିବା ପାଇଁ ଦୂବ ଘାସର ମଞ୍ଜି ସେହି ମାଟି ଉପରେ ବୁଣିଥିଲେ । ଫଳରେ ମାଟି ଶକ୍ତ ହୋଇଥିଲା । ସେହି ଘାସ ମଧ୍ୟରେ ଥିବା ବେଣା ମୂଳରେ ହଂସହଂସୀ ସେଠାରେ ଅଣ୍ଡା ଦେଇଥିବାର କିମ୍ବଦନ୍ତୀ ରହିଛି । କିଛି ଦିନ ପରେ ସେହି ଅଣ୍ଡାରୁ ମନୁଷ୍ୟ ଭାଇ ଭଉଣୀଙ୍କର ସୃଷ୍ଟି ହେଲା । କ୍ରମେ ଦୁଇ ଭାଇ ଓ ଭଉଣୀ ବଢ଼ିବାକୁ ଲାଗିଲେ । ସୃଷ୍ଟିକର୍ତ୍ତା ବ୍ରହ୍ମା ସେହି ଭାଇ

ଓ ଭଉଣୀଙ୍କୁ ଦେଖି ଚିନ୍ତା କରିଲେଯେ, ଯଦି ଏହି ଦୁଇଜଣ ଭାଇ ଭଉଣୀ ଭଳି କାଳାତିପାତ କରିବେ ତେବେ ସଂସାରର ବୃଦ୍ଧି ଅସମ୍ଭବ । ତେଣୁ ସୃଷ୍ଟିକର୍ତ୍ତା ''ସାଗାତ ସାଉଲ'' ନାମକ ଘାସସଞ୍ଜିରୁ ଏକ ପ୍ରକାର ନିଶାଯୁକ୍ତ ପାନୀୟ ପ୍ରସ୍ତୁତ କରି ସଂନ୍ଧ୍ୟା ସମୟରେ ସେହି ଭାଇ ଭଉଣୀଙ୍କୁ ପାନ କରିବା ପାଇଁ ଦେଲେ । ଭାଇଭଉଣୀର ସମ୍ପର୍କକୁ ଛିନ୍ନ କରି ସ୍ୱାମୀ ସ୍ତ୍ରୀର ସମ୍ପର୍କରେ ବାନ୍ଧି ହେବା ପାଇଁ ଉପରୋକ୍ତ ପାନୀୟ ପ୍ରଦାନ କରାଇଥିଲେ । ନିଶାଯୁକ୍ତ ପାନୀୟ ସେବନ କରି ସେହି ଭାଇ ଭଉଣୀ ଯୌବନର ପହିଲି ପାହାଚରେ ଅବତିର୍ଣ୍ଣ ହୋଇ ଋତିକ୍ରୀଡ଼ାରେ ବ୍ରତୀ ହେଲେ। ସେହି ଦୁଇଜଣ ହେଲେ ଗାଙ୍ଗୀ ଓ ପିଲ୍‌ଚୁ । ଏହି ଦୁହିଁଙ୍କ ଠାରୁ ସୃଷ୍ଟି ସର୍ଜନା ହୋଇଛି ବୋଲି ସାନ୍ତାଳୀମାନେ ବିଶ୍ୱାସ କରନ୍ତି । ଗାଙ୍ଗୀ ଓ ପିଲ୍‌ଚୁ ଉଭୟଙ୍କୁ ସୃଷ୍ଟିକର୍ତ୍ତା ପ୍ରଦାନ କରିଥିବା ନିଶାଯୁକ୍ତ ପାନୀୟ ପରେହାଣ୍ଡିଆ ନାମରେ ପରିଚିତ । ଏହିଭଳି ଭାବରେ ସୃଷ୍ଟି ସର୍ଜନା ସହ ହାଣ୍ଡିଆର ମଧ୍ୟ ସୃଷ୍ଟି ହୋଇଛି ବୋଲି ଅନୁମାନ କରାଯାଏ ।

## ବିବିଧ ପ୍ରକାର ପାନୀୟ :

ପାନୀୟକୁ ମୁଖ୍ୟତଃ (୩) ତିନିଭାଗରେ ବିଭକ୍ତ କରାଯାଇଛି ଯଥା :

(୧) (ସରାବଜାତୀୟ) ହାଣ୍ଡିଆ

(୨) ରସ ଜାତୀୟ

(୩) ମଦଜାତୀୟ / ସୁରା ଜାତୀୟ

## ସଂଗ୍ରହ ପ୍ରଣାଳୀ :

ହାଣ୍ଡିଆ ପ୍ରସ୍ତୁତି ପାଇଁ ଉଷୁନା ଚାଉଳ, ବାଖର, ପାଣି, ମାଟିହାଣ୍ଡି, ଖଜୁରୀପତ୍ରରେ ତିଆରି ପଟିଆ ଇତ୍ୟାଦି ଆବଶ୍ୟକ ।

## ପ୍ରସ୍ତୁତ ପ୍ରଣାଳୀ (ହାଣ୍ଡିଆ) :

ପ୍ରଥମେ ଚାଉଳ ଏକଭାଗ ଓ ପାଣି ଦୁଇଭାଗ ମାଟିହାଣ୍ଡିରେ ଦେଇ ଚୁଲିରେ ବସାଇ ରନ୍ଧାଯାଏ । ଭାତ ହୋଇସାରିଲା ପରେ ଛାଇ ଜାଗାରେ ସେହି ଭାତକୁ ପଟିଆ ଉପରେ ସମାନ ଭାବରେ ବିଛା ଯାଇଥାଏ । ଦୁଇ ତିନିଥର ପଟିଆ ଉପରେ ସେହି ଭାତକୁ ଗଦା କରାଯାଇ ପୁନର୍ବାର ପୂର୍ବଭଳି ସେହି ପଟିଆ ଉପରେ ପକାଇ ବିଛାଇ ଦିଆଯାଏ । ଯେଉଁ ହାଣ୍ଡିରେ ଭାତ ରନ୍ଧାଯାଇଥାଏ ସେହି ହାଣ୍ଡିକୁ ପୁନର୍ବାର ଚୁଲିରେ ବସାଯାଇ ଗରମ କରାଯାଇଥାଏ ଏବଂ ତାପରେ ଥଣ୍ଡା କରାଯାଇଥାଏ । ତପରେ ପଟିଆ ଶୁଖୁଥିବା ଭାତକୁସେହି ହାଣ୍ଡିରେ ପୁନଃ ରଖାଯାଏ । ସେହି ହାଣ୍ଡିରେ ଏକ ମଗ ପାଣି ଭାତ ଉପରେ ଛିଞ୍ଚା ଯାଇଥାଏ । ତପରେ ଏକ ଘୋଡ଼ଣୀ

ଘୋଡ଼ାଇ ଦିଆଯାଇଥାଏ । ତିନିଦିନ ପରେସେହି ଭାତ ହାଣ୍ଡିଆରେ ପରିଣତ ହୁଏ । ଏହି ହାଣ୍ଡିଆକୁ ପୁଣି ଦୁଇଭାଗରେ ବିଭକ୍ତ କରାଯାଇଛି ଯଥା : ହାଣ୍ଡିଆ ଓ ଲସି ।

**ହାଣ୍ଡିଆ :**

ହାଣ୍ଡିର ଉପର ଅଂଶରେ ଭାସୁଥିବା ଭାତକୁମେରା କୁହାଯାଏ । ସେହି ମେରାକୁପାଣି ସହିତ ଚିପୁଡ଼ି ଓ ଚଲାରେ ଚଲାଇ ଯେଉଁ ତରଳ ପାନୀୟ ପ୍ରସ୍ତୁତ କରାଯାଏ ତାହା ହାଣ୍ଡିଆ ନାମରେ ପରିଚିତ ।

**ଲସି :**

ହାଣ୍ଡିର ତଳ ଅଂଶରେ ଯେଉଁ ରସ ବସିଯାଇଥାଏ ତାହାକୁ ଲସି କହନ୍ତି । ଲସିରେ ନିଶା ଅଂଶ ସାମାନ୍ୟ ଅଧିକ ଭାଗ ରହିଥାଏ । ହାଣ୍ଡିଆରେ ଲସି ଠାରୁ କମ୍ ନିଶା ଥାଏ ।

## ସରାବଜାତୀୟ ପାନୀୟ (ହାଣ୍ଡିଆ) ର ବ୍ୟବହାର :

ଆବାଳ ବୃଦ୍ଧ ମହିଳା ନିର୍ବିଶେଷରେ ସମଗ୍ର ସାନ୍ତାଳ ପୁରୁଷ ଓ ନାରୀ, ବୃଦ୍ଧା ଓ ବୃଦ୍ଧ, ଯୁବକ ଓ ଯୁବତୀ ପ୍ରତ୍ୟେକେ ହାଣ୍ଡିଆ ପାନ କରିଥାନ୍ତି । ଗର୍ଭବତୀ ମହିଳା ଔଷଧ ଆକାରରେ ହାଣ୍ଡିଆକୁ ସେବନ କରିଥିବା ବେଳେ ଉତ୍ତମ ସ୍ୱାସ୍ଥ୍ୟସମ୍ପନ୍ନ ଶିଶୁ ଜନ୍ମ ହେବା ପାଇଁ ମଧ୍ୟ ଏହି ପାନୀୟ ସେମାନେ ପାନ କରିଥାନ୍ତି । ଶିଶୁ ଜନ୍ମ ଉତ୍ସବରେ ହାଣ୍ଡିଆର ବ୍ୟବହାର ସମସ୍ତେ କରିଥାନ୍ତି । ଉପହାର ଭାବରେ ମଧ୍ୟ ଧାଇକୁ ପୂର୍ଣ୍ଣ କଳସୀରେ ହାଣ୍ଡିଆ ଦିଆଯାଇଥାଏ । ଶିଶୁର ନାମକରଣ ଉତ୍ସବରେ ନିମନ୍ତ୍ରିତ ବନ୍ଧୁବାନ୍ଧବ, ଉପସ୍ଥିତ ଗ୍ରାମର ପୁରୁଷ ଓ ମହିଳା ପଡ଼ୋଶୀମାନେ ମଧ୍ୟ ହାଣ୍ଡିଆ ପାନ କରିଥାନ୍ତି । ଶିଶୁଟିକୁ ଯେତେବେଳେ ଏକବର୍ଷ ପୂର୍ଣ୍ଣ ହୋଇଯାଏ ପିତାମାତା ଶିଶୁ ଜନ୍ମଦିନ ଉତ୍ସବ ପାଳନ କରିଥାନ୍ତି । ଏହି ଜନ୍ମଦିନ ଉତ୍ସବରେ ଅତିଥି, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ପଡ଼ୋଶୀ ଲୋକମାନଙ୍କୁ ସ୍ୱତନ୍ତ୍ରଭାବେ ହାଣ୍ଡିଆ ପାନୀୟ ପ୍ରଦାନ କରାଯାଇଥାଏ । ହାଣ୍ଡିଆ ପିଇବା ପାଇଁ ଅନିଚ୍ଛୁକ ଅତିଥିମାନଙ୍କୁ ସସମ୍ମାନେ ହାଣ୍ଡିଆ ବ୍ୟତୀତ ଲସି ମଧ୍ୟ ପାନ କରିବା ପାଇଁ ଦିଆଯାଇଥାଏ । ହାଣ୍ଡିଆକୁ ପ୍ରତ୍ୟେକ ମୁଖ୍ୟ ପାନୀୟ ହିସାବରେ ଗ୍ରହଣ କରିଥାନ୍ତି । ବର୍ଷକ ମଧ୍ୟରେ ବିଭିନ୍ନ ପର୍ବପର୍ବାଣି ତଥା ପୂଜାପାଠ ମାନଙ୍କରେ ହାଣ୍ଡିଆର ବହୁଳ ବ୍ୟବହାର ହୋଇଥାଏ । (ଏରଃପର୍ବ) (ଧାନବୁଣା ଆରମ୍ଭ), ଆଷାଢ଼ି ପୂଜା, ଚିତାଉ ପର୍ବ, ଗହ୍ମାପର୍ବ, ନୂଆଖାଇ, ଦୁର୍ଗାପୂଜା, ଗୋଠପୂଜା, ମକରପର୍ବ (ସାକାରାତ) ମାଘବଂଗା, କ୍ଷେତ ଉଠାପର୍ବ, ଫୁଲପୁଜା ଇତ୍ୟାଦି ପର୍ବପର୍ବାଣୀ ମାନଙ୍କରେ ଉଭୟ ପୁରୁଷ ଓ ମହିଳା ସ୍ୱତନ୍ତ୍ର ଭାବେ ହାଣ୍ଡିଆକୁ ମନ ଅନନ୍ଦରେ ପାନ କରି ନୃତ୍ୟଗୀତରେ ନିଜନିଜକୁ ମାତାଇ ଦେଇଥାନ୍ତି । ବିଭିନ୍ନ ପର୍ବପର୍ବାଣୀରେ ଦେବାଦେବୀ ତଥା ଠାକୁର ଠାକୁରାଣୀ ଏବଂ ପୂର୍ବପୁରୁଷ ମାନଙ୍କୁ ପ୍ରଥମେ ହାଣ୍ଡିଆ ଅର୍ପଣ

କରିସାରିବା ପରେ ପ୍ରତ୍ୟେକେ ହାଣ୍ଡିଆ ପାନ କରିଥାନ୍ତି । ଗ୍ରାମଦେବତୀ ପୂଜାପାଇବା ସମୟରେ ଜାହିରାରେ ପୂର୍ବପୁରୁଷଙ୍କୁ ମଧ୍ୟ ହାଣ୍ଡିଆ ସମର୍ପଣ କରି ପାନ କରାଯାଇଥାଏ । ମନୁଷ୍ୟର ମୃତ୍ୟୁପରେ ଏକାଦଶାହ ଦିବସରେ ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କୁକୁଡ଼ା ବଳୀ ସହିତ ହାଣ୍ଡିଆ ଅର୍ପଣ କରାଯାଇଥାଏ । ପୂର୍ବପୁରୁଷଙ୍କୁ ମଧ୍ୟ ହାଣ୍ଡିଆ ଅର୍ପଣ କରାଯାଇ ତୁଷ୍ଟ କରାଯାଇଥାଏ ।

## ପାନୀୟର ଉପଯୋଗୀତା :

ହାଣ୍ଡିଆ ପାନ କରିବା ଦ୍ୱାରା କାମଳରୋଗ, ଧାତୁକ୍ଷୟ, ନାଳରକ୍ତ ଝାଡ଼ା ଇତ୍ୟାଦି ଉପଶମ ହୋଇଥାଏ । ଏଥିସହ ହଜମ କ୍ରିୟା ସହଜ ହୋଇଥାଏ । ଶରୀର ସ୍ଫୁର୍ତ୍ତି ଲାଗିଥାଏ ଏବଂ ବାକ୍ ଶକ୍ତି ବୃଦ୍ଧି ଘଟିଥାଏ । ଶ୍ରମ କରିବା ପରେ ହାଣ୍ଡିଆ ପାନ କଲେ ସଙ୍ଗେ ସଙ୍ଗେ ଶ୍ରମ ଲାଘବ ହୋଇଥାଏ । ସମ୍ମାନଜନକ ପାନୀୟ ହିସାବରେ ହାଣ୍ଡିଆକୁ ପାନ କରାଯାଇଥାଏ। ଗର୍ଭାବସ୍ଥାରେ ଗର୍ଭବତୀ ମହିଳା ହାଣ୍ଡିଆ ପାନ କଲେ ପ୍ରସବ ସମୟରେ ଯନ୍ତ୍ରଣା କଷ୍ଟଦାୟକ ହୋଇନଥାଏ ବା ଯନ୍ତ୍ରଣା ପାଇବା ସମ୍ଭାବନା କମ୍ ହୋଇଥାଏ । ଝାଡ଼ା ହେଉଥିଲେ ହଣ୍ଡିଆକୁ ଅନ୍ତତଃ ପକ୍ଷେ ଦୁଇଥର ପାନ କରିବା ଦ୍ୱାରା ଝାଡ଼ା ସମ୍ପୂର୍ଣ୍ଣ ରୂପେ ଭଲ ହୋଇଥାଏ ଏବଂ ସମ୍ପୃକ୍ତ ବ୍ୟକ୍ତି ପୂର୍ବାବସ୍ଥାକୁ ଫେରି ଆସିଥାଏ । ଧାତୁ କ୍ଷୟ ଏକ ଯନ୍ତ୍ରଣାଦାୟକ ରୋଗ । ଏହା ସାଧାରଣତଃ ପୁରୁଷମାନଙ୍କ ଠାରେ ଦେଖାଯାଇଥାଏ । ଅତ୍ୟଧିକ ପେଟ, ଗରମ ହେବା ଫଳରେ ପୁରୁଷମାନେ ଏହି ରୋଗର ସମ୍ମୁଖିନ ହୋଇଥାନ୍ତି । ମହିଳାମାନେ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ସେଥିପାଇଁ ହାଣ୍ଡିଆ ଏକାନ୍ତ ପ୍ରୟୋଜନ । ହାଣ୍ଡିଆକୁ ଅନ୍ତତଃ ଏକ ସପ୍ତାହ ପାନ କରିବା ଦ୍ୱାରା ଏହିରୋଗ ସମ୍ପୂର୍ଣ୍ଣ ରୂପେ ହୋଇଯାଇଥାଏ ।

## ହାଣ୍ଡିଆ ପାନୀୟର ଅପକାରୀତା :

ହାଣ୍ଡିଆ ପାନ କରିବା ଦ୍ୱାରା ମନୁଷ୍ୟର ଯେତିକି ଉପକାର ହୋଇଥାଏ ସେତିକି ମଧ୍ୟ ଅପକାର ହୋଇଥାଏ । ଅତ୍ୟଧିକ ହାଣ୍ଡିଆ ପିଇବା ଦ୍ୱାରା ସାଧାରଣତଃ ମନୁଷ୍ୟ ତାହାର ହିତାହିତ ଜ୍ଞାନ ହରାଇ ବସିଥାଏ । ପାକସ୍ଥଳୀ ଉପରେ ଏହା ପ୍ରଭାବ ପକାଉ ଥିବାରୁ ଖାଦ୍ୟ ସେବନରେ ବ୍ୟାଘାତ ଘଟିଥାଏ । ଅତ୍ୟଧିକ ହାଣ୍ଡିଆ ପିଇବାଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ନିଜର ହିତାହିତ ଜ୍ଞାନ ଭୁଲି ପରିବାର ଓ ସନ୍ତାନ ସନ୍ତତିଙ୍କ ପ୍ରତି ଦାୟିତ୍ୱ ନିର୍ବାହ କରିପାରିନଥାନ୍ତି । ଗାଡ଼ି ଚାଳକ ଭାରସାମ୍ୟ ହରାଇ ବସେ । କର୍ମ କ୍ଷେତ୍ରରେ ସଂଜମତା ରହେ ନାହିଁ । ଚାଷ କାର୍ଯ୍ୟ ଠିକ୍ ଭାବରେ ସମ୍ପନ୍ନ ହୋଇପାରେ ନାହିଁ । ମେଦ ବହୁଳତା ରୋଗ ଆକ୍ରମଣ କରିଥାଏ । ମଣିଷ କ୍ଷଣକୋପି ହୋଇଥାଏ । ସ୍ମୃତି ଶକ୍ତି ହ୍ରାସ ହୋଇଥାଏ । ଏହାଛଡା ମଣିଷ ବାକ୍ ସଂଯମତା ହରାଇ ଅନେକ ଗର୍ହିତ କାର୍ଯ୍ୟ କରି ବିପଦକୁ ବରଣ କରିଥାନ୍ତି ।

## ମହିଳା ଓ ପାନୀୟ :

ସାନ୍ତାଳୀ ମହିଳାମାନେ ହାଣ୍ଡିଆ ସହିତ ଓତଃପ୍ରୋତଭାବେ ଜଡ଼ିତ । ଯେକୌଣସି ପରିବାରରେ ପୁଅ କିମ୍ବା ଝିଅ ଜନ୍ମ ହେବା ସମୟରେ ବୟସ୍କ ମହିଳାମାନଙ୍କୁ ହାଣ୍ଡିଆ ପ୍ରଦାନ କରାଯାଇଥାଏ ।  ସେମାନେ ମଧ ଆନନ୍ଦରେ ପାନ କରିଥାନ୍ତି । ବିବାହ ଉତ୍ସବାଦିରେ ଘରର ମୁଖିଆ ଗ୍ରାମର ଯୁବକ ଯୁବତୀ ମାନଙ୍କୁ ବିବାହ କାର୍ଯ୍ୟରେ ସହଯୋଗ ପାଇଁ ଲୋଡ଼ିଥାନ୍ତି । ସେମାନଙ୍କ ପାଇଁ  ଖାଦ୍ୟ ସହିତ ପାନୀୟ ହିସାବରେ ହାଣ୍ଡିଆକୁ ମୁଖ୍ୟଭାବେ ସ୍ଥାନ ଦେଇଥାନ୍ତି । ଉପସ୍ଥିତ ଯୁବତୀମାନେ ମଧ ହାଣ୍ଡିଆ ପାନକରି ବିବାହ କାର୍ଯ୍ୟରେ ନିଜକୁ ସାମିଲ କରିଥାନ୍ତି । କୌଣସି ବ୍ୟକ୍ତିର ମୃତ୍ୟୁପରେ ଏକାଦଶାହରେ ଗ୍ରାମର ଯୁବକ ଓ ଯୁବତୀମାନଙ୍କୁ ଉକ୍ତ କାର୍ଯ୍ୟରେ ନିଜକୁ ସାମିଲ କରିଥାନ୍ତି । କୌଣସି ବ୍ୟକ୍ତି ମୃତ୍ୟୁପରେ ଏକାଦଶାହରେ ଗ୍ରାମର ଯୁବକ ଓ ଯୁବତୀମାନଙ୍କ ଉକ୍ତ କାର୍ଯ୍ୟରେ ସହଯୋଗ ପାଇଁ ସେମାନଙ୍କୁ ଡ଼ାକିଥାନ୍ତି । ସେମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ହାଣ୍ଡିଆ ପାନର ବ୍ୟବସ୍ଥା କରାଯାଇଥାଏ । ବିଶେଷତଃ ଅଠର (୧୮) ବର୍ଷରୁ ଉର୍ଦ୍ଧ୍ୱ ଯୁବତୀ ଓ ମହିଳାମାନେ ମଧ ହାଣ୍ଡିଆ ପାନ କରିଥାନ୍ତି । ଫୁଲପୂଜା ଓ ମାଃମଣେ ପୂଜା ଜାହିରାଠାରେ ହୋଇଥାଏ । ସନ୍ଧ୍ୟା ସମୟରେ ଜାହେର୍ ଏବଂ ମାରାଂବୁରୁଙ୍କ ପୂଜା ଆରାଧନା ପାଇଁ ମାଝୀହାଳାମ ଗ୍ରାମର ପୁରୁଷ ଓ ମହିଳା ମାଝୀହାଳାମଙ୍କ ଘରେ ଉପସ୍ଥିତ ରହି ପୂଜା ଆରୋଧାନ କରିଥାନ୍ତି । ପୂଜା ଶେଷର ମାଝୀହାଳାମଙ୍କ ଘରେ ଉଭୟ ମହିଳା ଏବଂ ପୁରୁଷ ମଧ ହାଣ୍ଡିଆ ପାନ କରି ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରିଥାନ୍ତି ।

## ପୁରୁଷ ଓ ପାନୀୟ :

ସାନ୍ତାଳ ସମ୍ପ୍ରଦାୟର ପୁରୁଷମାନେ ସର୍ବାଦା ହଣ୍ଡିଆକୁ ମୁଖ୍ୟ ପାନୀୟ ରୂପେ ବ୍ୟବହାର କରିଥାନ୍ତି । ଗ୍ରାମର ଦେବାଦେବୀ ମାଃମଣେପୂଜାସମୟରେ ମାରାଂବୁରୁ, ଜାହେର୍ଏରା ସହିତ ପୂର୍ବପୁରୁଷଙ୍କୁ ପୂଜା କରାଯାଇଥାଏ । ଗ୍ରାମର ମୁଖିଆହିସାବରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ନାମରେ ହାଣ୍ଡିଆ ପୂଜାଦେଇ କେବଳ ପୁରୁଷମାନେ ପାନ କରିଥାନ୍ତି । ନିଷିଦ୍ଧ ହୋଇଥିବା ଜଙ୍ଗଲର ପ୍ରବେଶିକା ପୂଜାରେଗ୍ରାମ ଦେବତା ଓ ସୀମା ଶାଳେବଙ୍ଗା ପୂଜା ଅର୍ପଣପରେ କେବଳ ପୁରୁଷମାନେ ହାଣ୍ଡିଆ ପାନ କରିଥାନ୍ତି । ପୂଜା କାର୍ଯ୍ୟରେ ସହଯୋଗ କରିବା ପାଇଁ ନିକଟତମ ଗ୍ରାମର ଯୁବକ ମାନଙ୍କୁ ନିମନ୍ତ୍ରଣ କରାଯାଇ ହାଣ୍ଡିଆ ପ୍ରଦାନ କରାଯାଇଥାଏ ।

## ଉପହାର ଓ ଜୋରିମାନା ହିସାବରେ ପାନୀୟ :

ଗ୍ରାମରେ ଯେକୌଣସି ଗଣ୍ଡଗୋଳର ସମାଧାନ ନିମନ୍ତେ ମାଝୀହାଳାମଙ୍କ ସଭାପତିତ୍ୱରେ ଉପସ୍ଥିତ ଗ୍ରାମବାସୀଙ୍କ ଗହଣରେ ଦେଷୀକୁ ଉପଯୁକ୍ତ ରାୟ ପ୍ରଦାନ କରିଥାନ୍ତି

ଏବଂ ହାଣ୍ଡିଆ ଢୋରିମାନାକରାଯାଇଥାଏ । ଉପସ୍ଥିତ ପ୍ରତ୍ୟେକ ଲୋକ ସେହି ହାଣ୍ଡିଆ ପାନ କରିଥାନ୍ତି । କୌଣସି ପରିବାରରେ ବାହାଘର, ନାମକରଣ ଉତ୍ସବ, ଜନ୍ମଦିନ, ମୃତ୍ୟୁ, ସୁଦ୍ଧିକ୍ରିୟା ଏବଂ ମକର ସଂକ୍ରାନ୍ତିର ତୃତୀୟ ଦିବସରେ ଅସ୍ଥିବିସର୍ଜନ ସମୟରେ ପୁରୁଷମାନେ ମଧ୍ୟ ହାଣ୍ଡିଆ ପାନ କରିଥାନତି । କରମ ପୂଜା ସମୟରେ ଘରର ମୁଖିଆ ଅନ୍ୟ ଗ୍ରାମର ଯୁବକ ଓ ପୁରୁଷମାନଙ୍କୁ ନୃତ୍ୟ ନିମନ୍ତେ ନିମନ୍ତ୍ରଣ କରି ଖାଦ୍ୟ ସମେତ ସ୍ୱତନ୍ତ୍ରଭାବେ ହାଣ୍ଡିଆକୁ ପାନୀୟ ହିସାବରେ ପ୍ରଦାନ କରିଥାନ୍ତି । ବର୍ତ୍ତମାନ ବିଭିନ୍ନ ଅଞ୍ଚଳରେ ସାନ୍ତାଳମାନେ ହାଣ୍ଡିଆକୁ ଜଳଖିଆ ଭାବରେ ଗ୍ରହଣ କରିବାର ମଧ୍ୟ ପରିଲକ୍ଷିତ ହେଉଛି ।

କେତେକ କ୍ଷେତ୍ରରେ ହାଣ୍ଡିଆକୁ ମଧ୍ୟ ଉପହାର ହିସାବରେ ପ୍ରଦାନ କରାଯାଇଥାଏ । କୌଣସି ପରିବାରରେ ଶିଶୁ ସନ୍ତାନଟିଏ ଜନ୍ମ ହେଲେ ତାରନାମକରଣ ଉତ୍ସବରେ ଶିଶୁ ସନ୍ତାନଟିଏ ଜନ୍ମ ହେଲେ ତାର ନାମକରଣ ଉତ୍ସବରେ ନିମନ୍ତ୍ରିତ ବନ୍ଧୁବାନ୍ଧବ ଶାଢ଼ୀ, ଫୁଟାକାଚା ଏବଂସନ୍ତାନ ପାଇଁ ସାର୍ଟପ୍ୟାଣ୍ଟ ସହିତ ଗୋଟିଏ ହାଣ୍ଡିରେ ହାଣ୍ଡିଆକୁ ଉପହାର ହିସାବରେ ପରିବାରର ମୁଖିଆକୁ ପ୍ରଦାନ କରିଥାନ୍ତି । ଏଥିସହିତ ପରିବାରର କୌଣସି ଯୁବକ କିମ୍ବା ଯୁବତୀର ବିବାହ ସମୟରେ ବିଭିନ୍ନ ଅଞ୍ଚଳରୁ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସେମାନେ ଅନ୍ୟାନ୍ୟ ଉପହାର ସମେତ ସ୍ୱତନ୍ତ୍ରଭାବେ ଗୋଟିଏ ହାଣ୍ଡିରେ ହାଣ୍ଡିଆକୁ ଉପହାର ଦାତାଙ୍କୁ ବରକନ୍ୟା ସମ୍ମାନସୂଚକ ହାଣ୍ଡିଆ ମଧ୍ୟ ପାନ କରିବା ପାଇଁ ପ୍ରଦାନ କରିଥାନ୍ତି ।

## ହାଣ୍ଡିଆ ଉପଲବ୍ଧିର ସମୟ :

ବର୍ଷର ପୌଷମାସଠାରୁ ଆଷାଢ଼ମାସ ପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ହାଣ୍ଡିଆ ମିଳିଥାଏ । ବିଭିନ୍ନ ପର୍ବପର୍ବାଣୀ ଓ ବିବାହ ଉତ୍ସବାଦି ବିଶେଷତଃ ଏହି ମାସ ମଧ୍ୟରେ ପଡ଼ିଥାଏ। ଏବଂ ଅନ୍ୟ ମାସ ମାନଙ୍କରେଏହାଠାରୁକମ୍ ପରିମାଣରେ ହାଣ୍ଡିଆ ମିଳିଥାଏ । ପୌଷମାସଠାରୁ ଆଷାଢ଼ ମାସ ଯାଏ ହାଣ୍ଡିଆ ବହୁଳ ପରିମାଣରେ ମିଳୁଥିବାରୁ ଲୋକମାନେ ଅଧିକ ପିଇଥାନ୍ତି ଏବଂ ପ୍ରତ୍ୟେକ କ୍ଷେତ୍ରରେ ହାଣ୍ଡିଆ ବହୁଳ ଭାବରେ ବ୍ୟବହାର ହୋଇଥାଏ ।

## ରସଜାତୀୟ ପାନୀୟ :

### ଉପକରଣ :

ରସଜାତୀୟ ପାନୀୟ ହିସାବରେ ଖଜୁରୀ ରସ, ତାଳରସ ଏବଂ ସଲପରସ ଅନ୍ତର୍ଭୁକ୍ତ । ରସଜାତୀୟ ପାନୀୟ ପ୍ରସ୍ତୁତି ପାଇଁ କେତେକ ଉପକରଣ ଆବଶ୍ୟକ । ସେଗୁଡ଼ିକ ହେଲା ମାଟିକଳସୀ, ଦଉଡ଼ି, ଟାଙ୍ଗିଆ, ଗଛବକଳର ଠୁଙ୍ଗା, ବାଖର ଇତ୍ୟାଦି । ଏସବୁକୁ ଧରି ଖଜୁରୀ, ତାଳ କିମ୍ବା

ସଲପ ଗଛ ନିକଟକୁ ଯାଇଥାନ୍ତି । ଦଉଡ଼ି ସହଯତାରେ ସଜାତୀଯ ବୃକ୍ଷର ଉପର ଭାଗ ନିକଟକୁ ଚଢ଼ନ୍ତି । ରସ ବାହାରିବା ସ୍ଥାନକୁ ଟାଙ୍ଗିଆ ଦ୍ୱାରା ୩ ଇଞ୍ଚ ଗଭୀର ବିଶିଷ୍ଟ ହାଣି ଗଛ ବକଳର ଠୁଙ୍ଗାକୁ ରସ ବାହାରିବା ସ୍ଥାନରେ ଲଟକାଇ ଦେଇଥାନ୍ତି । ତାପରେ ଗଛ ବକଳର ଠୁଙ୍ଗାର ଅଗ୍ରଭାଗରେ କଳସୀର ମୁଁହକୁ ସଂଯୋଗ କରାଯାଇ ଦଉଡ଼ି ସହାୟତାରେ ଗଛ ଦେହରେ ବାନ୍ଧି ଦେଇଥାନ୍ତି । ସେହି ଠୁଙ୍ଗା ମଧ ଦେଇ ଗଛରୁ ରସ କଳସୀ ମଧରେ ପତିତ ହୋଇଥାଏ । ଗଛରୁ ପତିତ ପ୍ରଥମ ରସ ଅତ୍ୟନ୍ତ ମଧୁର ଯୁକ୍ତ ହୋଇଥାଏ । ପ୍ରଥମ ରସର ମଧୁରତା ଅନ୍ତତଃ ପକ୍ଷେ ଏକ ସପ୍ତାହ ପର୍ଯ୍ୟନ୍ତ ରହିଥାଏ । ଦ୍ୱିତୀୟ ସପ୍ତାହରେ ସଂଗୃହୀତ ରସ ସମାନ୍ୟ ଖଟାଯୁକ୍ତ ହେତୁ ସେହି ରସରେ ଏକ ପ୍ରକାର ଉଦ୍ଭିଦମାନଙ୍କର ବାଖରକୁ ଗୁଣ୍ଡକରି ସେହି କଳସୀର ରସରେ ମିଶ୍ରଣ କରାଯାଇଥାଏ । ଫଳତଃ ଦ୍ୱତୀୟ ସପ୍ତାହରେ ସଂଗୃହିତ ରସ ନିଶାଯୁକ୍ତ ହୋଇଥାଏ ।

## ରସ ଜାତୀୟ ପାନୀୟର ବ୍ୟବହାର :

ହାଣ୍ଡିଆ ଭଳି ଏହି ରସଯୁକ୍ତ ପାନୀୟ (ଖଜୁରୀ ରସ, ତାଳରସ ଓ ସଲପରସ) କୁ ବୟସ୍କ, ଯୁବକ, ଯୁବତୀ, ବୃଦ୍ଧ, ବୃଦ୍ଧା ସମେତ ପିଲମାନେ ମଧ୍ୟ ଏହାକୁ ପାନ କରିଥାନ୍ତି । ବାଖର ହୀନ ରସଜାତୀୟ ପାନୀୟକୁ ଗର୍ଭବତୀ ମାହିଳାମାନେ ପାନ କରିବା ଦ୍ୱାରା ସେମାନଙ୍କଠାରୁ ସ୍ୱାସ୍ଥ୍ୟବାନ ଶିଶୁ ଜନ୍ମ ହେବାର ସମ୍ଭାବନା ଥାଏ । ଏହି ପାନୀୟକୁ ମୁଖ୍ୟତଃ ଔଷଧ ରୂପେ ବ୍ୟବହାର କରାଯାଇଥାଏ । ବିବାହ ପରେ ଝିଅ ବିଦାବେଳେ ଝିଅ ସାଥିରେ ତାର ଭାଇ ଓ ବନ୍ଧୁ ବାନ୍ଧବ ଛାଡ଼ିବା ପାଇଁ ଯାଇଥାନ୍ତି । ପୁଅ ଘରେ ପହଞ୍ଚିବା ପରେ ସମ୍ମାନ ସୂଚକ ଭାବେ ଝିଅର ସଂପ୍ରକ୍ତୀୟ ମାନଙ୍କୁ ରସଜାତୀୟ ପାନୀୟ (ଖଜୁରୀ ରସ, ତାଳରସ ଓ ସଲପରସ) ପ୍ରଦାନ କରିଥାନ୍ତି ।

## ବିଭିନ୍ନ ପର୍ବାପର୍ବାଣୀରେ ରସଜାତୀୟ ପାନୀୟର ବ୍ୟବହାର :

ବର୍ଷ ମଧ୍ୟରେ ପୌଷମାସ ଠାରୁ ଆଷାଢ଼ ମାସ ମଧ୍ୟରେ ଏହି ରସଜାତୀୟ, ଫଳପୂଜା, ରଜ, ଚିତାଉଁ, ଗହ୍ମାପର୍ବ ଇତ୍ୟାଦି ପର୍ବପର୍ବାଣୀରେଏହି ରସଜାତୀୟ ପାନୀୟକୁ ଲୋକମାନେ ସେବନ କରିଥାନ୍ତି । ହାଣ୍ଡିଆ ପାନ କରୁନଥିବା ଲୋକ ସାଧାରଣତଃ ଏହି ରସଜାତୀୟ ପାନୀୟ ପାନ କରିଥାନ୍ତି । ଏପରିକି ହାଣ୍ଡିଆ ପାନ କରୁଥିବା ଲୋକ ମଧ ରସଜାତୀୟ ପାନୀୟ (ଖଜୁରୀ ରସ, ତାଳରସ ଓ ସଲପରସ) ପାନ କରିଥାନ୍ତି ।

## ରସଜାତୀୟ ପାନୀୟର ଉପକାର :

ଏହି ରସଜାତୀୟ ପାନୀୟ ସେବନ କରିବା ଦ୍ୱାରା ଧାତୁକ୍ଷୟ ରୋଗ ଦୂରୀଭୂତ ହୋଇଥାଏ । ସ୍ୱପ୍ନଦୋଷ, ଗନେରିଆ ଇତ୍ୟାଦି ରୋଗ ଭଲ ହୋଇଥାଏ । ଦୂରଦୂରାନ୍ତରୁ ଆସିଥିବା

ପଥିକ ସେମାନଙ୍କର ତୃଷ୍ଣା ମେଣ୍ଟାଇବା ପାଇଁ ଏହି ରସଜାତୀୟ ପାନୀୟ କ୍ରୟ କରି ପାନ କରିଥାନ୍ତି । ସ୍ମରଣ ଶକ୍ତି ବୃଦ୍ଧି, କ୍ଷୁଧା ମେଣ୍ଟାଇବା ଇତ୍ୟାଦି ରସଜାତୀୟ ପାନୀୟ ସେବନ କରିବା ଦ୍ୱାରା ସମ୍ଭବ ହୋଇଥାଏ ।

## ମହିଳା ଓ ରସଜାତୀୟ ପାନୀୟ :

ମହିଳାମାନେ ସାଧାରଣତଃ ଏହି ରସଜାତୀୟ ପାନୀୟ ଅଳ୍ପମାତ୍ରାରେ ବ୍ୟବହାର କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀ ଯଥା ସାକ୍‌ରାତ (ମକରପର୍ବ), ମାଙ୍ଗବଂଗା, ଫୁଲପୂଜା, ରଜ, ଚିତାଉଁ ଓ ଗହ୍ମପର୍ବ ଇତ୍ୟାଦିରେ ହାଣ୍ଡିଆ ବଦଳରେ ମହିଳାମାନେ ମଧ ରସଜାତୀୟ ପାନୀୟ (ଖଜୁରୀ ରସ, ତାଳରସ ଓ ସଲପରସ) ପାନ କରିଥାନ୍ତି । ବିଶେଷତଃ ମକର ପର୍ବରେ ଯୁବତୀମାନେ ଆଦିରସାତ୍ମକ ଗୀତ ଗାଇବା ପାଇଁ ହାଣ୍ଡିଆ ପାନ କରଥାନ୍ତି । ଅନ୍ୟ କେତେକ ଯୁବତୀ ରସଜାତୀୟ ପାନୀୟ (ଖଜୁରୀ ରସ, ତାଳରସ ଓ ସଲପରସ) ପାନ କରି ଶୃଙ୍ଗାର ରସାତ୍ମକ ଗୀତଗାଇ ନୃତ୍ୟରେ ନିଜନିଜକୁ ସାମିଲ କରିଥାନ୍ତି ।

## ପୁରୁଷ ଓ ରସଜାତୀୟ ପାନୀୟ :

ରସଜତୀୟ ପାନୀୟ ପୁରୁଷମାନେ ମଧ କେତେକାଂଶରେ ପାନ କରିଥାନ୍ତି । ମକରପର୍ବରେ ପ୍ରତ୍ୟେକ ପରିବାରର ଲୋକେ ଭୋଜିଭାତ ଖାଇବା ପରେ ପୁରୁଷମାନେ ଲାଖ ବାନ୍ଧିବା ପୂର୍ବରୁ ରସଜାତୀୟ ପାନୀୟ (ଖଜୁରୀ ରସ, ତାଳରସ ଓ ସଲପରସ) ପାନକରିଥାନ୍ତି । ବିଶେଷତଃ ହାଣ୍ଡିଆ ପିଇ ନଥିବା ପୁରୁଷମାନେ ଏହି ରସଜାତୀୟ ପାନୀୟ ପାନ କରିଥାନ୍ତି । ଗ୍ରାମ ଗ୍ରାମ ପରିଭ୍ରମଣ କରି ଲାଖ ବିନ୍ଧିବା କାର୍ଯ୍ୟରେ ପୁରୁଷମାନେ ନିଜକୁ ନିୟୋଜିତ କରିଥାନ୍ତି ।

## କେଉଁ ସମୟରେ ରସଜାତୀୟ ପାନୀୟ ସର୍ବାଧିକ ପରିମାଣ ଉପଲବ୍ଧ :

ପୌଷମାସଠାରୁ ଆଷାଢମାସ ପର୍ଯ୍ୟନ୍ତ ଏହି ରସଜାତୀୟ ପାନୀୟ ବହୁମାତ୍ରାରେ ଉବଲବ୍ଧ । ଏହି ସମୟରେ ଅଧିକାଂଶ ଲୋକେ ଏହି ଖଜୁରୀରସ, ତାଳରସ ଓ ସଲପରସ୍ ପାନ କରିବା ପାଇଁ ସୁଯୋଗ ପାଇଥାନ୍ତି । ହାଣ୍ଡିଆ ଭଳି ଖଜୁରୀରସ , ତାଳରସ ଓ ସଲପରସ ଗ୍ରୀଷ୍ମଋତୁରେ ଅତି ଆବଶ୍ୟକ ହୋଇଥାଏ । ଏହି ସମୟ ରସପାନ ପାଇଁ ପ୍ରକୃଷ୍ଟ ସମୟ ।

## ପାନୀୟ ବାରଣ / ନିଷେଧ :

ଏହି ରସଜାତୀୟ ପାନୀୟ (ବାଖର ମିଶ୍ରିତ) ପାନ କରିବା ଛୋଟ ପିଲାମାନଙ୍କ ପାଇଁ ନିଷେଧ କରାଯାଇଛି । ବିନା ବାଖରମିଶ୍ରିତ ରସଜାତୀୟ ପାନୀୟ ପାଇଁ ସେହିଭଳି କୌଣସି ନିଷେଧ ନିୟମ ନଥିବାର ଜଣାଯାଏ ।

## (ସୁରାଜାତୀୟ ପାନୀୟ) ମଦ ଜାତୀୟ ପାନୀୟ :

ସାନ୍ତାଳ ସମ୍ପ୍ରଦାୟର ଲୋକେ ମଦପ୍ରସ୍ତୁତି ପାଇଁ କେତେକ ପଦ୍ଧତି ଅନୁସରଣ କରିଥାନ୍ତି । ମଦକୁ ସାଧାରଣତଃ ତିନି(୩) ପ୍ରକାରରେ ପ୍ରସ୍ତୁତି କରାଯାଇଥାଏ । ପ୍ରସ୍ତୁତି ପାଇଁ ସାଧାରଣତଃ କେତେକ ଉପକରଣ ଆବଶ୍ୟକ ହୋଇଥାଏ । ସେହି ଉପକରଣ ଗୁଡ଼ିକ ହେଲା ଚୁଲି (ଚୁହ୍ଲା), ମାଟିହାଣ୍ଡି (ଟୁକୁଚ୍), ତଳମୁହାଁ ହାଣ୍ଡି ଘୋଡଣୀ (ହାନାରୁକ୍), ବାଉଁଶନଳୀ (ଠଙ୍ଗା), ମାଠିଆ (ଠିଲ୍ଲା), ଲାଉ ତଙ୍କି (ବକାଃ), ପାଣିକୁଣ୍ଡ (ଦାଃ), ପିଡା (ଗାଣ୍ଡ) ଜାଳ (ସାହାନ୍) ଇତ୍ୟାଦି ଦ୍ୱିତୀୟ ପ୍ରଣାଳୀରେ ମଦ ପ୍ରସ୍ତୁତ ପାଇଁ ଉପକରଣ ଗୁଡ଼ିକ ମଧ୍ୟରେ ଚୁଲି (ଚୁହ୍ଲା), ମାଟହାଣ୍ଡି (ଟୁକୁଚ୍), ତଳପଟ ଛିଦ୍ରକରାଯାଇଥିବା ମାଟିହାଣ୍ଡି (ହପନ୍ ଟୁକୁଚ୍), ଡେକ୍‌ଚି (ଡିପ୍‌ଚି), କାଠତଙ୍କି (ଡାଡୁ), କାଠ ଖୁଣ୍ଟି (ଟାଙ୍ଗାକାଡ଼େଇ) ପ୍ଲାଷ୍ଟିକ୍ ନଳୀ, ବୋତଲ (ବୁତୁଲ୍), ଜାଳ (ସାହାନ୍) ଇତ୍ୟାଦି ।

ତୃତୀୟ ପ୍ରଣାଳୀର ମଦ ପ୍ରସ୍ତୁତି ପାଇଁ ଉପକରଣ ଗୁଡ଼ିକ ହେଲା ଜାଳେଣୀ (ସାହାନ୍), ଚୁଲୀ (ଚୁଲ୍ହା), ମାଟିହାଣ୍ଡି (ଟୁକୁଚ୍), ତଳମୁହାଁ ହାଣ୍ଡି ଘୋଡରୀ (ହାନାରୁକ୍), ପ୍ଲାଷ୍ଟିକ୍ ନଳୀ, ପାଣିକୁଣ୍ଡ (ଦାଃଡ଼ଡା), ଜାର....... ଇତ୍ୟାଦି ।

## (ସୁରାଜାତୀୟ ପାନୀୟ) ମଦ ପ୍ରସ୍ତୁତିର ପ୍ରଥମ ପ୍ରଣାଳୀ :

ମଦ ସାଧାରଣତଃ ମହୁଲ, ଚାଉଳ, ଗୁଡ଼, ଚିନି, ପଣସ, ସପୁରୀ, ଜାମୁ, ଡିମିରି, ଖଜୁରୀ, ତେନ୍ତୁଳୀ ଓ କେନ୍ଦୁ ଇତ୍ୟାଦିରୁ ପ୍ରସ୍ତୁତ କରାଯାଇଥାଏ । ବିଶେଷତଃ ସାନ୍ତାଳୀମାନେ ଫଗୁଣ ମାସରେ ମହୁଲ ଫୁଲ ଜଙ୍ଗଲ ଓ ପାହାଡରୁ ସଂଗ୍ରହ କରିଥାନ୍ତି । ପୂର୍ବକାଳ ଅପେକ୍ଷା ମଦ ବର୍ତ୍ତମାନ ଭିନ୍ନ ପ୍ରକାରରେ ପ୍ରସ୍ତୁତ କରାଯାଇପାରୁଛି । ମଦକୁ ସାନ୍ତଳୀଲୋକମାନେ ସାଧାରଣତଃ ପାରୁଆ ବୋଲି କହିଥାନ୍ତି । ପ୍ରଥମେ ଏକ ବଡ଼ ମାଟିହାଣ୍ଡିରେ ଦୁଇଭାଗ ଥଣ୍ଡାପାଣି ଓ ଏକଭାଗ ମହୁଲକୁ ରଖାଯାଇଥାଏ । ମହୁଲ ଓ ପାଣିର ପରିମାଣକୁ ଲକ୍ଷକରି ବାଖର ଗୁଣ୍ଡକୁ ସେଥିରେ ମିଶ୍ରଣ କରାଯାଇ ଏକ ଢାଙ୍କୁଣୀ ମାଟିହାଣ୍ଡିର ଉପରେ ଦିଆଯାଇଥାଏ । ବାଖର ଗୁଣ୍ଡର ପ୍ରଭାବରେ ହାଣ୍ଡି ଜଳରେ ସମ୍ପୂର୍ଣ୍ଣଭାବେ ମହୁଲ ପଚି ଯାଇଥାଏ । ଗରମ ପାଣି ଫୁଟିବା ଭଳି ସେହି ମହୁଲ ପାଣିରେ ଫୁଟିଥାଏ । ଫୁଟିବା ବନ୍ଦ୍ ହେଲେ ମହୁଲ ପୁରାପୁରି ପାଣିରେ ପଚିଯାଇଛି ବୋଲି ଧରାଯାଏ । ଏଭଳି ହେବାପାଇଁ ସାତଦିନ ସମୟ ଲାଗିଥାଏ । ଏହାପରେ ମଦ ରାନ୍ଧିବା କାର୍ଯ୍ୟ ଆରମ୍ଭ ହୋଇଥାଏ । ଅନ୍ୟ ଏକ ମାଟିହାଣ୍ଡିରେ ପଚା ମହୁଲକୁ ସ୍ଥାନାନ୍ତର କରି ନିଆଁରେ ବସାଯାଏ । ତାହାପରେ ଏକ ଛୋଟ ହାଣ୍ଡି ତଳ ମୁହାଁକରି ଢାଙ୍କୁଣୀଭଳି ଦିଆଯାଇଥାଏ । ଉକ୍ତ ଘୋଡାଯାଇଥିବା ହାଣ୍ଡିରେ ବାଷ୍ପ ନିର୍ଗତ ପାଇଁ ଏକ

ବାଉଁଶ ନଳୀ ଆକାର ବିଶିଷ୍ଟ କଣା କରାଯାଇଥାଏ । ସେହି କଣା ସହିତ ବାଉଁଶ ନଳୀ ସଂଯୋଗ କରାଯାଇ ନିମ୍ନରେ ଥିବା ମାଟିର ମାଠିଆ ମୁହଁରେ ବାଉଁଶ ନଳୀର ଅନ୍ୟପ୍ରାନ୍ତଟି ଯୋଗକରାଯାଇଥାଏ । ବାଉଁଶ ନଳୀର ଉଭୟ ଅଗ୍ରପ୍ରାନ୍ତରେ କପଡା ବନ୍ଧାଯାଇ ମାଟି ପ୍ରଲେପ ଦିଆଯାଇଥାଏ । ଫଳରେ ବାଷ୍ପ ଯାଇପାରେ ନହିଁ । ମାଠିଆର ଚତୁଃପାର୍ଶ୍ୱରେ ତିନି ଚାରି ଇଞ୍ଚ ଉଚ୍ଚତା ବିଶିଷ୍ଟ କାନ୍ଥ ଦିଆଯାଇ ସେଥିରେ ପାଣି ଢଳାଯାଇଥାଏ । ମାଠିଆ ଉପରେ ଏକ କପଡାବାନ୍ଧି ତପରେ ସର୍ବଦା ଜଳ ଲାଉ ବିଞ୍ଚିରେ ସିଞ୍ଚନ କରାଯାଇଥାଏ । ଏକଭାଗପୂଚ ପାଇଁ ଦୁଇଭାଗ ଜାଳେଣୀ ଆବଶ୍ୟକ । ସେହି ଅନୁପାତରେ ମଦ ପ୍ରସ୍ତୁତ କରାଯାଏ । ଜାଳେଣୀ ଆବଶ୍ୟକ ମୁତାବକ ଶେଷହେଲେ ମାଠିଆରୁ ବାଉଁଶ ନଳୀକୁ ଅଲଗା କରି ମାଠିଆରୁ ମଦ ସଂଗ୍ରହ କରାଯାଉଥାଏ ।

## ଦ୍ୱିତୀୟ ପ୍ରଣାଳୀ :

ଏକ ମାଟିହାଣ୍ଡିରେ ମହୁଲକୁ ପାଣିରେ ଭିଜାଇ ସେଥିରେ ବାଖର ଗୁଣ୍ଡ ମିଶାଇ ଉପରେ ଏକ ଘୋଡଣୀ ଦିଆଯାଇଥାଏ । ସେହି ମାଟିହାଣ୍ଡି ଉପରେ ଅନ୍ୟ ଏକ ମାଟିହାଣ୍ଡି ରଖାଯାଇଥାଏ । ଯାହାର ନିମ୍ନରେ ଛିଦ୍ରକରାଯାଇଥାଏ । ହାଣ୍ଡିର ଏକ ପାର୍ଶ୍ୱରେ ନଳୀ ପଶିବା ପାଇଁ ଏକ କଣା କରାଯାଇଥାଏ । ହାଣ୍ଡିର ମଧଭାଗରେ କାଠର ତିଆରି ଏକ ଡିଙ୍କି ଝୁଲାଯାଇଥାଏ । ହାଣ୍ଡିର ଏକ ପାର୍ଶ୍ୱରେ କରାଯାଇଥିବା କଣାବାଟଦେଇ ବାହାରେ ଥିବା ନଳୀସହିତ ସଂଯୁକ୍ତ ହୋଇଥାଏ । ଦ୍ୱିତୀୟ ହାଣ୍ଡିର ଉପରେ ଥଣ୍ଡାଜଳପୂର୍ଣ୍ଣଏକ ଡେକ୍‌ଚିକୁ ରଖାଯାଇଥାଏ । ଦ୍ୱିତୀୟ ହାଣ୍ଡିର ଏକ ପାର୍ଶ୍ୱରେ କରାଯାଇଥିବା କଣାରେ ପ୍ଲାଷ୍ଟିକ୍ ସଂଯୁକ୍ତ କରାଯାଇଥାଏ ଏବଂ ଅନ୍ୟ ଏକ ପାର୍ଶ୍ୱରେ ନିମ୍ନରେ ଥିବା ବୋତଲ ସହିତ ଯୁକ୍ତ କରାଯାଇଥାଏ । ଚୁଲୀ ଉପରେ ରଖାଯାଇଥିବା ହାଣ୍ଡି କ୍ରମେ ଉତପ୍ତ ହୋଇ ମଧଭାଗରେ ଥିବା ହାଣ୍ଡିର ରନ୍ଧ୍ରବାଟଦେଇ ବାଷ୍ପ ଉପରକୁ ଉଠି ତୃତୀୟ ହାଣ୍ଡିର ଥଣ୍ଡା ଜଳଥିବାରୁ ବାଧାପ୍ରାପ୍ତ ହୋଇ ତାହା ଜଳରେ ପରିଣତ ହୋଇ ଦ୍ୱିତୀୟ ହାଣ୍ଡିରେ ଝୁଲାଯାଇଥିବା ଡିଙ୍କିରେ ପତିତ ହୋଇଥାଏ । ସେହି ଡିଙ୍କି ସହ ସଂଯୁକ୍ତ ନଳୀ ମଧଦେଇ ଉକ୍ତ ଜଳୀୟ ଅଂଶ ନିମ୍ନରେ ବୋତଲରେ ସଂଗୃହିତ ହୋଇଥାଏ । ଜଳୀୟ ବାଷ୍ପର ପ୍ରଭାବରେ ତୃତୀୟ ହାଣ୍ଡିରେ ଥିବା ଥଣ୍ଡାଜଳ କ୍ରମେ ଉଷୁମ / ଗରମ ହୋଇଥାଏ । ତେଣୁ ମଝିରେ ମଝିରେ ସେହିଜଳକୁ ନିଷ୍କାସନ କରି ଥଣ୍ଡାଜଳ ଭର୍ତ୍ତି କରାଯାଇଥାଏ । ଉତପ୍ତ ଜଳୀୟ ବାଷ୍ପ ପ୍ରଭାବରେ ପ୍ଲାଷ୍ଟିକ୍ ନଳୀଟି ଗରମ ହୋଇଯାଇ ନରମ ହୋଇଯାଏ । ଫଳରେ କାଠର ଏକ ଖୁଣ୍ଟି ସେହି ପ୍ଲାଷ୍ଟିକ୍ ନଳୀ ସହିତ ଲଟକା ଯାଇଥାଏ ।

## ତୃତୀୟ ପ୍ରଣାଳୀ :

ପ୍ରଥମ ପ୍ରଣାଳୀ ଭଳି ମାଟିହାଣ୍ଡି ଉପରେ ଘୋଡା ଯାଇଥିବା ଛୋଟ ହାଣ୍ଡିର ପାର୍ଶ୍ୱରେ ଏକ କଣା କରାଯାଇଥାଏ । ପ୍ରଥମ ପ୍ରଣାଳୀରେ ବାଉଁଶନଳୀ ପରିବର୍ତ୍ତେ ତୃତୀୟ ପ୍ରଣାଳୀ ପନ୍ଦର ( ୧୫ ) ଫୁଟ ଲମ୍ବ ବିଶିଷ୍ଟ ଏକ ପ୍ଲାଷ୍ଟିକନଳୀ ଉଭୟ ପାର୍ଶ୍ୱରେ ସଂଯୁକ୍ତ କରାଯାଇଥାଏ । ମଦ ସଂଗୃହୀତ ପାତ୍ରର ଅଳ୍ପଦୂରରେ ଭୂଇଁ ଉପରେ ବାର ଫୁଟଲମ୍ୱର ଦୁଇଫୁଟ ଓସାର ଓ ଏକଫୁଟ ଛଅ ଇଞ୍ଚ ଗଭୀର ବିଶିଷ୍ଟ ଗର୍ତ୍ତ କରାଯାଇ ସେଥିରେ ଥଣ୍ଡା ଜଳ ଭର୍ତ୍ତି କରାଯାଇଥାଏ । ସେହି ଜଳ ମଧ୍ୟଦେଇ ପ୍ଲାଷ୍ଟିକ ନଳୀ ସଂଗୃହୀତ ପାତ୍ର ମଧ୍ୟକୁ ଯାଇଥାଏ । ଉତ୍ତପ୍ତ ବାଷ୍ପ ଥଣ୍ଡାଜଳ ମଧ୍ୟଦେଇ ଯାଇଥିବା ନଳୀରେ କ୍ରମେ ଶୀତଳହୋଇ ସଂଗୃହୀତ ପାତ୍ରରେ ସଂଗ୍ରହ କରାଯାଇଥାଏ ।

## ପାନୀୟର ବିଭିନ୍ନ ବ୍ୟବହାର :

ସାନ୍ତାଳୀମାନେ ମୁଖ୍ୟତଃ ମଦଜାତୀୟ ପାନୀୟକୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହାର କରିଥାନ୍ତି । କୌଣସି ପରିବାରରେ ଶିଶୁ ଜନ୍ମହେଲେ ତାର ନାମକରଣ ଉତ୍ସବରେ (ଦିବସରେ) ପରିବାରର ମୁଖ୍ୟ ନିଜର ବନ୍ଧୁ ସହୋଦରଙ୍କୁ ନିମନ୍ତ୍ରଣ କରିଥାନ୍ତି । ଏଥିସହିତ ଗ୍ରାମର ଯୁବଯୁବତୀମାନଙ୍କୁ ଆହ୍ୱାନ କରିଥାନ୍ତି । ଉକ୍ତ ଦିନରେ ନିମନ୍ତ୍ରିତ ଅତିଥି ତଥା ବନ୍ଧୁ ବାନ୍ଧବ ଘରର ମୁଖିଆଙ୍କୁ ଉପହାରଭାବରେ ମଦ ପ୍ରଦାନ କରିଥାନ୍ତି ।  କୌଣସି ପୁତ୍ର କିମ୍ବା କନ୍ୟାର ବିବାହ ସମୟରେ ମଧ୍ୟ ନିମନ୍ତ୍ରିତ ବନ୍ଧୁବାନ୍ଧବ ଏବଂ ଅତିଥିବୃନ୍ଦ ଘରର ମୁଖିଆଙ୍କୁ ଉପହାର ସ୍ୱରୂପ ମଦ ପ୍ରଦାନ କରିଥାନ୍ତି । ଘରର ମୁଖିଆ ମଧ୍ୟ ପାନୀୟ ଭାବରେ ମଦ୍ୟକୁ ନିମନ୍ତ୍ରିତ ଅତିଥିମାନଙ୍କୁ ପାନ ନିମିତ୍ତ ପ୍ରଦାନ କରିଥାନ୍ତି । ବିବାହ ସମୟରେ କୌଣସି ବନ୍ଧୁ କିମ୍ବା ସାଙ୍ଗସାଥି  ସାମ୍ୟତ୍ ହେଲେ ଆଖାଡଶରେ ବିକ୍ରୟ କରୁଥିବା ମଦବିକ୍ରେତା ମାନଙ୍କଠାରୁ କ୍ରୟକରି ସମ୍ମାନସୂଚକଭାବେ ଏହି ମଦଜାତୀୟ ପାନୀୟ ସେମାନଙ୍କୁ ପ୍ରଦାନ କରାଯାଇଥାଏ ।

## ଉପହାର ସ୍ୱରୂପ ପାନୀୟ :

କୌଣସି ବ୍ୟକ୍ତି ପରିବାରରେ ମୃତ୍ୟୁବରଣ କଲେ ଏକାଦଶାହ ଦିବସରେ (ଶୁଦ୍ଧିକ୍ରିୟା) ରେ ନିମନ୍ତ୍ରିତ ବନ୍ଧୁବାନ୍ଧବ ଉପହାର ସ୍ୱରୂପ ମଦଜାତୀୟ ପାନୀୟ ପ୍ରଦାନ କରିଥାନ୍ତି । ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଉପହାର ସ୍ୱରୂପ ମଦକୁ ପ୍ରଥମେ ପୂଜାଦେଇ ନିଜେ ମଧ୍ୟ ପାନ କରିଥାନ୍ତି ।

କୌଣସି ବ୍ୟକ୍ତି ବିନାନିମନ୍ତ୍ରଣରେ ହଠାତ୍ କୌଣସି ପରିବାରକୁ ଆଗମନ କଲେ ସମ୍ମାନସୂଚକ ତାଙ୍କୁ ମଦଜାତୀୟ ପାନୀୟ ପ୍ରଦାନ କରି ଅତିଥି ଚର୍ଚ୍ଚା କରିଥାନ୍ତି । ଫାଲଗୁନ ମାସ ଚନ୍ଦ୍ରଦର୍ଶନ ପରେ ଫୁଲପୂଜା ସମୟରେ ଗ୍ରାମଦେବତା ମାରାଂବୁରୁ ଓ ଜାହେର୍ ଏରାଙ୍କୁ ପୂଜା ଅର୍ଚ୍ଚନା ପରେ ଗ୍ରାମର ମୃତ ପୁରୁଣା ବ୍ୟକ୍ତି / ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ମଦଜାତୀୟ ପାନୀୟକୁ ପୂଜା ଦେଇଥାନ୍ତି । ଏବଂ ପୂଜାରୀ ନିଜେ ମଧ ପାନ କରିଥାନ୍ତି । ପଣାସଂକ୍ରାନ୍ତି ସମୟରେ ଘରୋଇ ପୂଜା ଆଂଶିକ ଭାବରେ ହୋଇଥାଏ । ପରିବାରରେ ମଦଜାତୀୟ ପାନୀୟକୁ ପୂଜାକରି ପାନ କରିଥାନ୍ତି ।

## ମଦଜାତୀୟ ପାନୀୟର ଉପକାର :

ମଦଜାତୀୟ ପାନୀୟରେ ଜଙ୍ଗଲରୁ ସଂଗୃହିତ ବିଭିନ୍ନ ପ୍ରକାର ଚେରମୂଳରୁ ପ୍ରସ୍ତୁତ ବାଖର ଗୁଣ୍ଡ ମିଶ୍ରଣ କରାଯାଇଥାଏ । ଯେଉଁଥିରେ ଔଷଧୀୟ ଗୁଣଥିବାର ପରିଲିକ୍ଷିତ ହୋଇଥାଏ । ଶିଶୁଜନ୍ମପରେ ପ୍ରସୂତୀ ମହିଳା ଦେହର ଆର୍ଦ୍ରତା ବା ସୂତୀକା ରୋଗପାଇଁ ଔଷଧ ରୂପେ ଏହି ମଦଜାତୀୟ ପାନୀୟକୁ ପ୍ରଦାନ କରାଯାଇଥାଏ । କୌଣସି ମହିଳା କିମ୍ବା ପୁରୁଷ ରୋଗର ଶୀକାର ହୋଇ ଅସ୍ତ୍ରୋପଚାର ହୋଇଥିଲେ ଘା ଶୁଖିବା ପାଇଁ ଔଷଧରୂପେ ଏକ ନମ୍ବର ମଦଜାତୀୟ ପାନୀୟକୁ ଗ୍ରହଣ କରାଯାଇଥାଏ । ଗର୍ଭନିରୋଧ ଔଷଧ ସହିତ ଏହି ମଦଜାତୀୟ ପାନୀୟ ବ୍ୟବହାର କରିଥାନ୍ତି । ହଜମ ଶକ୍ତି ବୃଦ୍ଧିର ସହାୟକ ରୂପେ ଏହି ମଦଜାତୀୟ ପାନୀୟ କାର୍ଯ୍ୟକରିଥାଏ ।

## ମଦଜାତୀୟ ପାନୀୟର ଅପକାର :

ମଦଜାତୀୟ ପାନୀୟ ସେବନର ଉପକାର ଯେତିକି ସେହି ଅନୁପାତରେ ଅପକାର ବେଶୀ । ମଦ୍ୟପାନ କରିବା କାରଣରୁ ବ୍ୟକ୍ତିର ରକ୍ତ ପତଳା ହୋଇ ଶରୀର କ୍ଷୀଣ ହୋଇଯାଇଥାଏ । ମଦ୍ୟପାନ କରିବା ଦ୍ୱାରା ଅତ୍ୟଧିକ ମାତ୍ରାରେ ବ୍ୟକ୍ତିଠାରେ ଧାତୁକ୍ଷୟ ହୋଇଥାଏ । ମନୁଷ୍ୟର ପାକସ୍ଥଳୀ ଶୁଷ୍କତା ହୋଇ ଖାଦ୍ୟ ଭକ୍ଷଣ ପାଇଁ ଅରୁଚି ବୋଧ ସୃଷ୍ଟି ହୋଇଥାଏ । ମଦଜାତୀୟ ପାନୀୟ ସେବନଦ୍ୱାରା ମନୁଷ୍ୟ ଯକ୍ଷ୍ମା, ଟି.ଭି, ବାତରୋଗ ଏବଂ ରକ୍ତର ରଙ୍ଗରେ ପରିବର୍ତ୍ତନ ହୋଇ ଶରୀରର ପ୍ରକୃତ ରଙ୍ଗ ବଦଳି ଯାଇଥାଏ । ଏହି ମଦ୍ୟଜାତୀୟ ପାନୀୟ ସମ୍ପୂର୍ଣ୍ଣରୂପେ ସ୍ୱାସ୍ଥ୍ୟଶରୀର ପ୍ରତି କ୍ଷତିକାରଣ । ମଦ୍ୟ ପାନ କରିବା ଦ୍ୱାରା ଦୃଷ୍ଟିହୀନତା ରୋଗ ଦେଖାଦେଇଥାଏ । ଅତ୍ୟଧିକ ପାନ କରିବା ଦ୍ୱରା ଲୋକେ ତରଳଝାଡା ଓ ନାଳରକ୍ତ ଝାଡାର ସମ୍ମୁଖୀନ ହୋଇଥାନ୍ତି ।

ଅଧିକାଂଶ ବ୍ୟକ୍ତି ମଦଜାତୀୟ ପାନୀୟରେ ବାଖର ସମେତ ନିଶାଦଳ ଦ୍ରବ୍ୟ ପ୍ରୟୋଗ କରିଥାନ୍ତି । ଫଳରେ ପରିମାଣ ଅଳ୍ପବହୁତ ହୋଇଥିଲେ ତାହା ଦେହ / ଶରୀର ପ୍ରତି କ୍ଷତିକାରକ ହୋଇଥାଏ ।

## ମହିଳା ଓ ମଦ ଜାତୀୟ ପାନୀୟ :

ପ୍ରତିବର୍ଷର ଆରମ୍ଭ ଓ ଶେଷରେ ମହିଳା ଓ ଯୁବତୀମାନେ ପ୍ରତ୍ୟେକ ଚାନ୍ଦା ଆଦାୟ କରି ଏକ ଭୋଜିର ଆୟୋଜନ କରିଥାନ୍ତି । ସେହି ଭୋଜିକୁ ଜଙ୍ଗଲ ଖିଚୁଡ଼ି (ବିରଶଲେ) କରିଥାନ୍ତି । ଭାତ ଖାଇବା ପୂର୍ବରୁ ମଦଜାତୀୟ ପାନୀୟ ସହିତ ମାଂସ ଚାଖୀ ହୋଇଥାଏ ।

କୌଣସି ତରୁଣୀ ଯୌବନ ପ୍ରାପ୍ତି ପରେ ନୃତ୍ୟ ପରିବେଷଣ ସମୟ କିମ୍ବା ହାଟବଜାରରେ ପ୍ରଥମେ ସାକ୍ଷାତରେ ନିଜ ଲଜ୍ୟା ନିବାରଣ ନିମନ୍ତେ ପ୍ରଥମ ତରୁଣ ସହିତ ମଦ ପାନରେ ନିମଗ୍ନ ହୋଇଥାନ୍ତି । କୌଣସି ପରିସ୍କାର ଭିତରେ ବିବାହ ନୃତ୍ୟ ସମୟରେ ଯୁବତୀ ମହିଳାମାନେ ମଦ ପାନ କରି ଗୀତଗାଇଗାଇ ନୃତ୍ୟ ପରିବେଷଣ କରିଥାନ୍ତି । କୌଣସି ଠିକାଦାର ଅଧିନରେ କାମକରୁଥିବା ମହିଳା ଶ୍ରମିକବୃନ୍ଦ ସଂନ୍ଧ୍ୟା ସମୟରେ ଚାନ୍ଦା ଆଦାୟ କରି ମଦଜାତୀୟ ପାନୀୟ କ୍ରୟ କରି ପାନ କରିଥାନ୍ତି ।

## ଯୁବକ ଓ ମଦ ଜାତୀୟ ପାନୀୟ :

ସାନ୍ତାଳ ସମ୍ପ୍ରଦାୟ ଯୁବତୀ ମାନଙ୍କ ଅପେକ୍ଷା ଯୁବକମାନେ ବହୁଳ ମାତ୍ରାରେ ମଦ୍ୟପାନ କରିଥାନ୍ତି । ପୁରୁଷମାନେ ମଧ୍ୟ ଚାନ୍ଦାଆଦାୟ କରି ଭୋଜିଭାତର ଆୟୋଜନ କରିଥାନ୍ତି । ଏମାନେ ମାଂସ କଷା ସହିତ ମଦକୁଭୋଜି ଖାଇବା ପୂର୍ବରୁ ପାନ କରିଥାନ୍ତି । ଗୋପନରେ କୌଣସି ତରୁଣୀ ଭଲପାଉଥିବା ତାର ମନର ମଣିଷପାଇଁ ମଦକ୍ରୟ କରିଥାଏ ଏବଂ ଉକ୍ତପାନୀୟକୁ ବିଭିନ୍ନ ପର୍ବ ପର୍ବାଣୀ କିମ୍ବା ଉତ୍ସବ ମାନଙ୍କରେ ଉଭୟ ପ୍ରେମିକ ପ୍ରେମିକା ପାନ କରିଥାନ୍ତି ।

## ଉପହାର ହିସାବରେ ମଦଜାତୀୟ ପାନୀୟ :

ସାନ୍ତାଳ ସମ୍ପ୍ରଦାୟର ଯୁବକମାନେ ବିଶେଷତଃ ଶୀକାର ଉତ୍ସାହୀ । ଶୀକାର କରିବା ହେଉଛି ସେମାନଙ୍କ ଦୈନନ୍ଦିନ ଜୀବନର ଏକ ମୁଖ୍ୟ ଅଂଶ । କୌଣସି ଯୁବକର ଧନୁ ଆବଶ୍ୟକ ପଡ଼ିଲେ ଗ୍ରାମରେ ଧନୁ ତିଆରି ଜାଣିଥିବା ଲୋକଙ୍କୁ ବାଉଁଶ କାଟି ତିଆରି ପାଇଁ ଦିଆଯାଇଥାଏ । କାରିଗର ଧନୁ ତିଆରି କରିସାରିଲା ପରେ ସେହିଯୁବକ ଅତି ଖୁସିରେ ଉପହାର ହିସାବରେ ମଦଜାତୀୟ ପାନୀୟ ପ୍ରଦାନ କରିଥାନ୍ତି । କୌଣସି ଲୋକ ଜମି ସଂଜ୍ଞା ବସାଇଲେ ଜମି ମାପ ଜାଣିଥିବାଲୋକଙ୍କୁ ଡାକି ମାପ କରାଇଥାନ୍ତି । ଜମି ମାପ ସରିଲାପରେ ଉକ୍ତ ଲୋକକୁ ଉପହାର

ସଦୃଶ ମଦଜାତୀୟ ପାନୀୟ ପ୍ରଦାନ କରି ସନ୍ତୁଷ୍ଟ କରିଥାନ୍ତି । କୌଣସି ଯୁବକ ଗୋପନ ଭାବରେ କୌଣସି ଯୁବତୀକୁ ଭଲପାଇବା ପାଇଁ ଇଛା କରୁଥିଲେ ଗ୍ରାମର କୌଣସି ମହିଳାଙ୍କୁ ମଧ୍ୟସ୍ଥିଭାବରେ କାର୍ଯ୍ୟକରିଥାନ୍ତି । ସେମାନଙ୍କର ସମ୍ପର୍କ ଦୃଢ ହେଲାପରେ ଉକ୍ତ ମହିଳାଙ୍କୁ ମଦ୍ୟଜାତୀୟ ପାନୀୟକୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ । ଆହୁରି ମଧ୍ୟ ସାନ୍ତାଳ ସମାଜରେ କୌଣସି ଯୁବକ କିମ୍ବା ଯୁବତୀ, ବୃଦ୍ଧ କିମ୍ବା ବୃଦ୍ଧା ରୋଗରେ ପୀଡ଼ିତ ହୋଇଥିଲେ ରୋଗମୁକ୍ତ ହେବା ପାଇଁ କୌଣସି ଗୁଣିଆର ଆଶ୍ରୟ ନେଇଥାନ୍ତି । ରୋଗୀ ରୋଗମୁକ୍ତ ପରେ କୁକୁଡାବଳୀ ସମେତ ଉପହାର ସଦୃଶ ମଦ୍ୟଜାତୀୟ ପାନୀୟକୁଗୁଣିଆଙ୍କୁ ପ୍ରଦାନ କରାଯାଇଥାଏ । ହଜି ଯାଇଥିବା ଜିନିଷକୁ ପାଇଥିବା ବ୍ୟକ୍ତିଙ୍କଠାରୁ ପାଇବା ପାଇଁ ଉପହାର ସଦୃଶ ମଦ୍ୟଜାତୀୟ ପାନୀୟକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥାଏ ।

ଗ୍ରାମ ଗୋଡ଼ାରେ ପ୍ରତି ତିନିବର୍ଷପରେ ସାନ୍ତାଳମାନେ ଘର ଛପର କରିଥାନ୍ତି । ଘରଛପର ଜାଣିଥିବା ଲୋକଙ୍କୁ ଛପର ପରେ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରିବା ସହିତ ଉପହାର ସଦୃଶ ମଦ୍ୟଜାତୀୟ ପାନୀୟକୁ କରାଯାଇଥାଏ ।

କୌଣସି ଚାଷୀ ଅର୍ଥାଭାବଯୋଗୁ କ୍ଷେତରେ ଧାନ ବାଛିବା କାର୍ଯ୍ୟ କରି ପାରି ନଥିଲେ ବା କୌଣସି କୃଷି କାର୍ଯ୍ୟ କରିନଥିଲେ, ଗ୍ରାମ ଲୋକଙ୍କୁ ଡକାଇ ଓ ଯୁବତୀମାନଙ୍କୁ କାର୍ଯ୍ୟରେ ଲଗାଇ କୃଷିକାର୍ଯ୍ୟ ସମାପନ କରିଥାନ୍ତି । ସେମାନଙ୍କ ପାରିଶ୍ରମିକ ନିମିତ୍ତ ମଦଜାତୀୟ ପାନୀୟକୁ ଉପହାର ହିସାବରେ ପ୍ରଦାନ କରାଯାଇଥାଏ । ପରିବାରରେ ଶିଶୁ ଜନ୍ମପରେ ନାମକରଣ ଦିବସରେ ନିମନ୍ତ୍ରିତ ବନ୍ଧୁବାନ୍ଧବ ଅତିଥି ସନ୍ତାନର ପିତାଙ୍କୁ ମଦ୍ୟ ପ୍ରଦାନ କରିଥାନ୍ତି । କୌଣସି ପରିବାରରେ ବ୍ୟକ୍ତିର ମୃତ୍ୟୁ ଘଟିଲେ ମୃତବ୍ୟକ୍ତିଙ୍କ ନାମରେ ଦାସୀମଡା ହୋଇଥିବା ଲୋକଙ୍କୁ ଉପହାର ସଦୃଶ ଏହି ମଦ୍ୟଜାତୀୟ ପାନୀୟ କରାଯାଇଥାଏ । ଶୁଦ୍ଧି କ୍ରିୟାରେ ମଧ୍ୟ ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମଦ୍ୟଜାତୀୟ ପାନୀୟକୁ ଉପହାର ପ୍ରଦାନ କରାଯାଇଥାଏ ।

●●●

# କନ୍ୟାସୁନା

## କନ୍ୟାସୁନା - ଧାରଣା ଓ ଇତିବୃତ୍ତ :

ବିବାହ ହେଉଛି ସାମାଜିକ ବନ୍ଧନର ଏକ ପ୍ରକୃଷ୍ଟ ପ୍ରଥା । ଏହି ପ୍ରଥାନୁଯାୟୀ ବିବାହ ସଂଗଠିତ ହୋଇଥାଏ । ବର୍ତ୍ତମାନ ସମାଜରେ ସଂଗଠିତ ହେଉଥିବା ବିବାହ ଠାରୁ ଆଦିବାସୀ ସମାଜର ବିବାହ ସମ୍ପୂର୍ଣ୍ଣ ଭିନ୍ନ ଧରଣର । ଆଦିବାସୀ ସମାଜରେ ବିଭିନ୍ନ ପ୍ରକାରର ବିବାହ ସଂଗଠିତ ହୋଇଥାଏ । ଆଧୁନିକ ସମାଜରେ କୌଣସି ବିବାହ ପୂର୍ବରୁ କନ୍ୟାପିତା ବର ଉଦ୍ଦେଶ୍ୟରେ ଯୌତୁକ ଆକାରରେ କିଛିଟା ପ୍ରଦାନ କରିଥିବା ସ୍ଥଳେ ଆଦିବାସୀ ସମାଜରେ ବରଘର କନ୍ୟାଘରକୁ ଯୌତୁକ ହିସାବରେ କନ୍ୟାସୁନା ବିଭିନ୍ନ ଆକାରରେ ପ୍ରଦାନ କରିଥାନ୍ତି । ସାନ୍ତାଳ ସମ୍ପ୍ରଦାୟରେ ବିବାହ ଉଦ୍ଦେଶ୍ୟରେ କନ୍ୟାସୁନା ଉତ୍ପତ୍ତି ବିଷୟରେ କିମ୍ବଦନ୍ତି ରହିଛି । ସାନ୍ତାଳୀ ମାନଙ୍କ ମତରେ ସୃଷ୍ଟିକର୍ତ୍ତାଙ୍କର ପ୍ରଥମ ସୃଷ୍ଟିରେ ସ୍ଥାନ ପାଇଥାନ୍ତି ଦୁଇଭାଇ ଓ ଭଉଣୀ ଗାଙ୍ଗୀ ଓ ପିଲ୍‌ଚୁ । ସମୟ କ୍ରମେ ସେ ଦୁହେଁ ଯୌବନରେ ପାଦଦେଲେ । ଆସ୍ତେ ଆସ୍ତେ ଉଭୟଙ୍କ ମଧ୍ୟରେ ପ୍ରେମର ଭାବ ସଞ୍ଚାରିତ ହେଲା । କ୍ରମେ ଭାଇ ଭଉଣୀର ସମ୍ପର୍କକୁ ଜଳାଞ୍ଜଳୀ ଦେଇ ଉଭୟଙ୍କ ମଧ୍ୟରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଗଢି ଉଠିଥିଲା । କିଛି ବର୍ଷପରେ ସେମାନଙ୍କ ଔରସରୁ ଦୁଇ ଯାଆଁଳା କନ୍ୟା ଜାତ ହେଲେ । ଦୁଇ କନ୍ୟା କ୍ରମେ ବଢିବାକୁ ଲାଗିଲେ । ତାପରେ ଗାଙ୍ଗୀ ଓ ପୁଲ୍‌ଚିଙ୍କ ଔରଷରୁ ସାତଜଣ ପୁତ୍ର ସନ୍ତାନ ଜନ୍ମଲାଭ କରିଥିଲେ । ଧୀରେ ଧୀରେ ପୁତ୍ରମାନେ ବଢିବାକୁ ଲାଗିଲେ । ତାପର କିଛି ବର୍ଷଅନ୍ତେ ଗାଙ୍ଗୀ ଓ ପିଲ୍‌ଚୁ ବଂଶ ବିସ୍ତାର ବିଷୟ ଚିନ୍ତା କରିଥିଲେ ଏବଂ ପରସ୍ପର ଏହି ସିଦ୍ଧାନ୍ତରେ ଉପନୀତି ହେଲେଯେ ସେମାନଙ୍କର ଦୁଇ ଯାଆଁଳା କନ୍ୟା ସହିତ ଜାତ ହୋଇଥିବା ସାତ ପୁଅଙ୍କ ମଧ୍ୟରୁ ଦୁଇ ପୁଅଙ୍କୁ ବିବାହ ପାଇଁ ସ୍ଥିର କଲେ । ବିବାହ ପୂର୍ବରୁ ଉଭୟ ପୁତ୍ର କନ୍ୟାଙ୍କୁ ନିଶାଯୁକ୍ତ ପାନୀୟ ପ୍ରଦାନ କରିଥିଲେ । ଫଳରେ ସେମାନଙ୍କ ମଧ୍ୟରେ ପ୍ରେମର ଭାବ ସଂଚାର ହୋଇଥିଲା । ଉଭୟେ ସ୍ୱାମୀ ସ୍ତ୍ରୀର ଜୀବନଯାପନ କଲେ । ଗାଙ୍ଗୀ ନିଜର କନ୍ୟା ଦୁଇ ଜଣଙ୍କୁ ତିନି ଆଞ୍ଜୁଳା ଲେଖାଏଁ ଧାନ ପ୍ରଦାନ କରିଥିଲେ ଏବଂ ପିଲ୍‌ଚୁ ନିଜର ପୁତ୍ର ଦୁଇଜଣଙ୍କୁ ଦୁଇଟି ଲେଖାଏଁ ଧାନ ପ୍ରଦାନ କରିଥିଲେ ଏବଂ ପିଲ୍‌ଚୁ ନିଜର ପୁତ୍ର ଦୁଇଜଣଙ୍କୁ ଦୁଇଟି ଲେଖାଏଁ ଚାରୋଟି ବାଛୁରୀ ପ୍ରଦାନ କରିଥିଲେ । ଉଭୟେ ଗାଙ୍ଗୀ ଓ ପୁଲ୍‌ଚି ପୁତ୍ର ଓ କନ୍ୟାଙ୍କୁ ବାଛୁରୀ ଓ ଧାନ ପ୍ରଦାନକରି ପୁତ୍ର କନ୍ୟା ନିଜ ନିଜର ଦାମ୍ପତ୍ୟ ଜୀବନ ଏବଂ ପରବର୍ତ୍ତୀ ଜୀବନରେ ମଙ୍ଗଳ ନିମିତ୍ତ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହିଭଳି ଭାବରେ ସାନ୍ତାଳୀ ସମାଜରେ (ଗନଂ) ବା କନ୍ୟାସୁନା ପ୍ରଥାର ଉତ୍ପତ୍ତି ହୋଇଥିଲା ।

## କନ୍ୟାସୁନା ଦେବାପଦ୍ଧତି ଓ ମଧ୍ୟସ୍ଥିର ଭୂମିକା :

ଗାଙ୍ଗୀ ଓ ପିଲ୍‌ଚୁ ସେମାନଙ୍କ ନିଜ ପୁତ୍ର ଓ କନ୍ୟାଙ୍କ ମଧ୍ୟରେ ବିବାହ ସଂଗଠିତ କଲା ପରଠାରୁ କନ୍ୟାସୁନାର ପ୍ରଚଳନ ହୋଇ ଆସୁଅଛି । ସାନ୍ତାଳୀ ପରିବାରରେ ପୁଅ କିମ୍ବା ଝିଅମାନଙ୍କର ବିଭିନ୍ନ ପ୍ରକାରର ବିବାହ ହୋଇଥାଏ । ବିବାହ ପୂର୍ବରୁ ପୁଅ ଓ ଝିଅର ଦେଖା ମଧ୍ୟସ୍ଥି ସହାୟତାରେ ସମ୍ଭବ ହୋଇଥାଏ । ଏହି ସମୟରେ ପୁଅପକ୍ଷ କୌଣସି ପ୍ରକାର କନ୍ୟାସୁନା ପ୍ରଦାନ କରିନଥାନ୍ତି । ଏହାପରେ ପୁତ୍ରର ପିତାମାତା, ବନ୍ଧୁ ସଖା ସମେତ ନିଜ ଗ୍ରାମର ଦୁଇଜଣ ସ୍ୱାମୀ ଓ ସ୍ତ୍ରୀଙ୍କୁ ସାକ୍ଷୀ ହିସାବରେ ନେଇ କନ୍ୟାଦେଖିବା ପାଇଁ କନ୍ୟାଘରକୁ ଯାଇଥାନ୍ତି । କନ୍ୟାଗ୍ରାମର ଲୋକେ ପୁତ୍ରର ପିତାମାତା ଓ ବନ୍ଧୁବାନ୍ଧବ ମାନଙ୍କୁ ଗ୍ରାମର ପ୍ରବେଶ ପଥରୁ ପାଛୋଟି ନେଇ କନ୍ୟାଘରର ଠିକଣା ଦେଇ କନ୍ୟାଘର ନିକଟରେ ପହଞ୍ଚାଇ ଦେଇଥାନ୍ତି । ଏହାପରେ ଜଣେ ମହିଳା କଂସା ଥାଳିଆରେ ଅତିଥିଙ୍କର ପାଦ ଧୋଇଥାଏ । ପ୍ରଥମେ କନ୍ୟାଟି ତାର ସାଥିମାନଙ୍କ ଗହଣରେ ଆସି ଉପସ୍ଥିତ ଅତିଥିମାନଙ୍କୁ ଉଚିତ୍ ସମ୍ମାନ ପ୍ରଦର୍ଶନ କରିଥାଏ । ତାପରେ ପୁଅ ପକ୍ଷର ଲୋକମାନେ କନ୍ୟାଟିକୁ ଯଦି ପସନ୍ଦ କରନ୍ତି ତେବେ ତାଙ୍କ ପସନ୍ଦ ବିଷୟ ସାଙ୍ଗେ ସାଙ୍ଗେ ମଧ୍ୟସ୍ଥିକୁ ଜଣାଇ ଦେଇଥାନ୍ତି । ତାପରେ କନ୍ୟା ପ୍ରତ୍ୟେକଙ୍କୁ ହାଣ୍ଡିଆ ଅର୍ପଣ କରିଥାଏ । ପୁଅର ମା କନ୍ୟା ପସନ୍ଦ ପରେ ରୂପାରେ ତିଆରି ଏକ ବେକହାର କନ୍ୟାଦେଖା ସ୍ୱରୂପ ପ୍ରଦାନ କରିଥାନ୍ତି । ପୁଅ ପକ୍ଷରୁ ଉପଯୁକ୍ତ ଯାତ୍ରୀ ପସନ୍ଦ କରି ସାରିବା ପରେ ଝିଅର ବାପାମାଆ ଏବଂ ବନ୍ଧୁବାନ୍ଧବଙ୍କ ସମେତ ଗ୍ରାମର ଦୁଇଜଣ ପୁଅଘରକୁ ଦେଖିବାକୁ ଆସିଥାନ୍ତି । ସେମାନଙ୍କର ମଧ୍ୟ ଉପଯୁକ୍ତ ଚର୍ଚ୍ଚା କରାଯାଇଥାଏ । ଖୁସିରେ ପୁଅକୁ ସେମାନେ ରୂପାର ଏକ ମୁଦି ପନ୍ଧାଇଥାନ୍ତି । ବିବାହ ପୂର୍ବଦିନ ପୁଅଘର ତରଫରୁ ପାଞ୍ଚଗୋଟି ହଳଦୀ ରଙ୍ଗର ଗାମୁଛା, ହଳଦୀ ରଙ୍ଗର ମୋଟାସୂତାରେ ପ୍ରସ୍ତୁତ ଶାଢୀ ତିନୋଟି, ବାଛୁରୀ ଦୁଇଗୋଟି, ଛେଳୀ ଗୋଟିଏ ଏବଂ ସାଥିରେ ନଅଟଙ୍କା, ଚାଉଳ ତିନି କିଲୋଗ୍ରାମ, ତିନୋଟି ପତ୍ର ତିଆରି ଚଉପଦୀରେ ବଟା ହଳଦୀ, ପାନିଆ, ସିନ୍ଦୁର ଇତ୍ୟାଦି କନ୍ୟା ଘରକୁ ପ୍ରଦାନ କରାଯାଇଥାଏ । ଏହିସବୁ ଜିନିଷକୁ ପୁଅ ଗ୍ରାମରୁ କେତେଜଣ ଲୋକଙ୍କ ସହାୟତାରେ କନ୍ୟାଘରକୁ ନିଆଯାଇଥାଏ । ଗ୍ରାମର ମୁଖିଆ / ପୁଜକ (ମାଝୀହାଡାମଲ), ଉପମୁଖ୍ୟ (ଜଗମାଝୀ) ସହକାରୀ ମୁଖ୍ୟ (ପାରାନିକ୍), ଭଲଭାଇ (ଭଲଭାଇ), ଡାକୁଆ (ଗଡେତ) ଏହି ପାଞ୍ଚଜଣଙ୍କ ନିମିତ୍ତ ପାଞ୍ଚଗୋଟି ହଳଦୀ ଘର ଗାମୁଛା ପୁଅଘର ତରଫରୁ ଦାନ କରାଯାଇଥାଏ । କନ୍ୟାର ମାଆ, ଆଇ ଓ ପିଉସୀଙ୍କ ପାଇଁ ମୋଟାସୂତାରେ ତିଆରି ହଳଦୀ ରଙ୍ଗର ଶାଢୀ ଦିଆଯାଇଥାଏ । କନ୍ୟାର ଭ୍ରାତା ଏବଂ ତାଙ୍କ ଉଦ୍ଦେଶ୍ୟରେ ଦୁଇଗୋଟି ବାଛୁରୀ, ପୂର୍ବପୁରୁଷଙ୍କୁ ବଳୀ ଅର୍ପଣ ପାଇଁ ଗୋଟିଏ ଛେଳି ପ୍ରଦାନ

କରାଯାଇଥାଏ । ମାଝୀହାଲାମଙ୍କ ପାଇଁ ଦୁଇଟଙ୍କା, ଏବଂ ଅନ୍ୟ ଚାରିଜଣ ଯଥା ଜଗମାଝୀ, ପାରାନିକ, ବଲଭାଇ, ଡାକୁଆ ପ୍ରତ୍ୟେକଙ୍କ ପାଇଁ ଏକ ଏକ ଟଙ୍କା ଏବଂ କନ୍ୟା ପିତାଙ୍କ ଉଦ୍ଦେଶ୍ୟରେ ତିନିଟଙ୍କାକୁ କନ୍ୟାସୁନା ସ୍ୱରୂପ କନ୍ୟାଘରକୁ ବିବାହ ପୂର୍ବରୁ ପ୍ରେରଣ କରାଯାଇଥାଏ । ବିବାହ ଦିବସରେ କନ୍ୟାର ବଡ ଭଉଣୀଙ୍କ ଉଦ୍ଦେଶ୍ୟରେ ଏକ ଶାଢୀ ପୁଅଘର ତରଫରୁ ପ୍ରଦାନ କରାଯାଇଥାଏ ।

## କନ୍ୟାସୁନାର ଗୁରୁତ୍ୱ :

ବାପା ମାଆ ପାଖରେ ଅଲୀଅଳ ଝିଅ ଏତେ ବର୍ଷ ରହି ତାଙ୍କର ସେବା ଶୁଶ୍ରୁଷା କରୁଥିଲା । ବର୍ତ୍ତମାନ ସେ ବୋହୁହୋଇ ଅନ୍ୟ ଏକ ଘରକୁ ଚାଲିଯିବ ସେହି ଦୃଷ୍ଟି କୋଣରୁ ବରଘର ପକ୍ଷରୁ କନ୍ୟାକୁ କିଛି କନ୍ୟାସୁନା ବାବଦ ଟଙ୍କା ପ୍ରଦାନ କରିଥାନ୍ତି । ଦୀର୍ଘଦିନ ଧରି ନିଜେ ପରିଶ୍ରମ କରି ଘର ପାଇଁ କାମ କରୁଥିଲା । ସେ ଝିଅ ଏବେ ଅନ୍ୟ ଏକ ଅଜଣା ପୁଅ ସହିତ ତାର ଜୀବନ ବିତାଇବ ଏହି ଦୃଷ୍ଟିକୋଣରୁ ମଧ୍ୟ ବରପକ୍ଷ କନ୍ୟାପକ୍ଷକୁ କିଛି ପାଉଣା ପ୍ରଦାନ କରିଥାନ୍ତି । ଭବିଷ୍ୟତରେ କନ୍ୟା ଗ୍ରାମର ଲୋକେ କୌଣସି ଅନିଷ୍ଟ ନକରିବା ପାଇଁ ମଧ୍ୟ କନ୍ୟାସୁନା ପ୍ରଦାନ କରାଯାଇଥାଏ । ସମ୍ପର୍କୀୟ ତଥା ସାଙ୍ଗମାନଙ୍କଠାରୁ ଅଲଗା ହୋଇ ଆସୁଥିବାରୁ ସେମାନଙ୍କୁ ସାନ୍ତ୍ୱନା ଦେବାପାଇଁ ମଧ୍ୟ କନ୍ୟାସୁନା ବାବଦ କିଛି ପାଉଣା ପ୍ରଦାନ କରିଥାନ୍ତି । କନ୍ୟା ବାପ ଗୃହରେ ବିବାହ ପୂର୍ବରୁପରିଶ୍ରମର ମୂଲ୍ୟ ସଦୃଶ ବିବାହ ସମୟରେ କନ୍ୟାସୁନା ପ୍ରଦାନ କରିଥାନ୍ତି ।

## କନ୍ୟାସୁନାର ସାମାଜିକ ଓ ଅର୍ଥନୈତିକ ଗୁରୁତ୍ୱ :

ପୁଅ କିମ୍ବା  ଝିଅର ବିବାହ କ୍ଷେତ୍ରରେ ସାନ୍ତଲା ସମ୍ପ୍ରଦାୟର ଲୋକମାନେ ଆର୍ଥିକ ଦୃଷ୍ଟିକୋଣରୁ କନ୍ୟାପକ୍ଷକୁ କିଛି ଟଙ୍କା ବା ଜିନିଷ ପତ୍ର କନ୍ୟାସୁନା ଭାବରେ ପ୍ରଦାନ କରିଥାନ୍ତି । ବିବାହ ପୂର୍ବଦିନ ବରପକ୍ଷରୁ କନ୍ୟାର ମାଆ, ଆଈ ଏବଂ ପିଉସୀଙ୍କ ପାଇଁ ୩ ଖଣ୍ଡ ହଳଦୀ ରଙ୍ଗର ଶାଢ଼ୀ ଦିଆଯାଇଥାଏ । କନ୍ୟାର ଜନ୍ମଦାତ୍ରୀ ହିସାବରେ ଏବଂ ଝିଅକୁ ଛୋଟ ଦିନରୁ ଲାଳନ ପାଳନ କରି ବଢ଼ାଇଥିବା ଦୃଷ୍ଟିକୋଣରୁ ମାଆଙ୍କ ପାଇଁ ବର ପକ୍ଷରୁ ୧୦ ହାତ ବିଶିଷ୍ଟ ଶାଢ଼ୀ ପ୍ରଦାନ କରାଯାଇଥାଏ । କନ୍ୟାର ଆଈ ବିଭିନ୍ନ କ୍ଷେତ୍ରରେ ଏବଂ କାର୍ଯ୍ୟ କରିବା ବିଶେଷତଃ ମାର୍ଗଦର୍ଶକ ଦୃଷ୍ଟିରୁ ତାଙ୍କପାଇଁ ବରପକ୍ଷରୁ ମୋଟାସୁତାରେ ପସ୍ତୁତ ହଳଦୀରଙ୍ଗର ୧୧ ହାତ ବିଶିଷ୍ଟ ଏକ ଶାଢ଼ୀ କନ୍ୟା ସୁନା ବାବଦକୁ ପଠାଯାଇଥାଏ । କନ୍ୟା ପିତାଙ୍କର ଦେହାନ୍ତ ପରେ କନ୍ୟାର ପିଉସୀ ଘରେ ଅନୁଷ୍ଠିତ ହେଉଥିବା ପ୍ରତ୍ୟେକ କ୍ରିୟାରେ ସାମିଲ ହୋଇଥାନ୍ତି ଏବଂ

ବିଭିନ୍ନ ପୂଜାପାଠରେ ମଧ୍ୟ ସହଯୋଗ କରିଥାନ୍ତି । ଏହି କାରଣରୁ ବରପକ୍ଷ କନ୍ୟାର ପୀଉସୀଙ୍କ ଉଦ୍ଦେଶ୍ୟରେ ମୋଟାସୁତାରେ ପ୍ରସ୍ତୁତ ହଳଦୀ ରଙ୍ଗର ୧୨ ହାତ ବିଶିଷ୍ଟ ଶାଢ଼ୀ କନ୍ୟା ସୁନା ହିସାବରେ ପ୍ରଦାନ କରିଥାନ୍ତି । ବାପା ହେଉଛନ୍ତି ପରିବାରର ମୁଖ୍ୟ ଏବଂ ଝିଅକୁ ଦୀର୍ଘଦିନ ଧରି ଲାଳନ ପାଳନ କରି ବଡ଼ କରିଥିବାରୁ ତାଙ୍କରି ଉଦ୍ଦେଶ୍ୟରେ ବରପକ୍ଷ ତରଫରୁ ତିନିଟଙ୍କା ଏବଂ ବାଛୁରୀ ଗୋଟିଏ କନ୍ୟାସୁନା ସ୍ୱରୁପ ପ୍ରଦାନ କରଯାଇଥାଏ । ଭାଇଭଉଣୀର ଦୀର୍ଘ ଦିନର ସମ୍ପର୍କ ଏବଂ ପିତାଙ୍କର ଅନ୍ତେ ପୁତ୍ର ଘରର ସମସ୍ତ ଦାୟିତ୍ୱ ତୁଲାଇବାରେସକ୍ଷମ ହୋଇପାରିବା ଦୃଷ୍ଟିକୋଣରୁ ବରପକ୍ଷ ଗୋଟିଏ ବାଛୁରୀ, କନ୍ୟାର ଭାଇକୁ କନ୍ୟାସୁନା ବାବଦରେ ପ୍ରଦାନ କରିଥାନ୍ତି । ସ୍ନେହର ଡ଼ୋରରେ ବାନ୍ଧି ହୋଇଥିବା ଭାଇପାଇଁ ଏହା ପ୍ରଦାନ କରଯାଇଥାଏ । କନ୍ୟାର ମାଆ, ଆଈ ଏବଂ ପୀଉସୀଙ୍କୁ ବ୍ୟବହାର କରିବା ପାଇଁ ସିନ୍ଦୂର, ବଟାହଳଦୀ, ତେଲ ଦିଆଯାଇଥାଏ । ମୁଣ୍ଡ କୁଣ୍ଡାଇବା ପାଇଁ ପାନିଆ ପଧ ଦିଆଯାଇଥାଏ ।

## ବିଭିନ୍ନ ପ୍ରକାର ବିବାହରେ କନ୍ୟାସୁନାରେ ପାର୍ଥକ୍ୟ :

ସାଧାରଣତଃ ସାନ୍ତାଳ ସମ୍ପ୍ରଦାୟର ବିବାହ ଭିନ୍ନ ପ୍ରକାରର ଯଥା ପ୍ରେମ ବିବାହ, ସ୍ୱିରିକୃତ, ଉଦ୍‌ଲିଆ / ଧରିପଳାଇବା ବିବାହ ଓ ସିନ୍ଦୁରଘସା ବିବାହ ଇତ୍ୟାଦି । ପ୍ରତ୍ୟେକ ବିବାହରେ ବରପକ୍ଷ ମଧ୍ୟ ନଅଟଙ୍କା, ଦୁଇଟି ବାଛୁରୀ, ଗୋଟିଏ ଛେଳି ଓ ତିନୋଟି ଶାଢ଼ୀ କନ୍ୟାସୁନା ହିସାବରେ ପ୍ରଦାନ କରାଯାଇଥାଏ । ସିନ୍ଦୁର ଘସା ବିବାହରେ କନ୍ୟା ତରଫରୁ ଜବରଦସ୍ତ ଭାବେ ବରପକ୍ଷରୁ ଗ୍ରାମବାସୀମାନେ କନ୍ୟାସୁନା ବାବଦକୁ ନଅଟଙ୍କା, ଦୁଇଟି ବାଛୁରୀ, ଗୋଟଏ ଛେଳି ଓ ତିନୋଟି ଶାଢ଼ୀ ଆଦାୟ କରିବେ । ଏହି ବିବାହରେ ଯଦି ବରପକ୍ଷର ବାଛୁରୀ କିମ୍ବା ବଳଦ ନଥିବ ବା ଦେବାପାଇଁ ଅକ୍ଷମ ବୋଲି ଜଣାପଡୁଥାଏ, ତେବେ କନ୍ୟାଗ୍ରାମର ଗ୍ରାମବାସୀମାନେ ବରଗ୍ରାମ ମାଝୀହାଲାମଙ୍କ ଘରୁ ଜବରଦସ୍ତ ଭାବେ ବଳଦକୁ ନିଜ ଗ୍ରାମକୁ ଆଣିବାକୁ ବାଧହେବେ । ପରିଶେଷରେ ଯଦି କନ୍ୟା ଅନିଚ୍ଛୁକ ହୁଏ, ତେବେ ପୁଅ ସହିତ ଝିଅର ବାହଘରବାତିଲ କରି ଦିଆଯାଏ । ଏହି ସିନ୍ଦୁର ଘସା ବିବାହରେ ଜବରଦସ୍ତ ଭାବେ ଝିଅକୁବିବାହକୁ ଯାଉଥିବା ପୁରୁଷ ଝିଅର ମାନ ସମ୍ମାନ ଉପରେ ଅଞ୍ଚ ଆଣିଥିବାରୁ ବା ଇଜ୍ଜତ ନଷ୍ଟ କରିଥିବା ଦୃଷ୍ଟିକୋଣରୁ ବରପକ୍ଷକୁ କନ୍ୟାଗ୍ରାମ ତରଫରୁ ଏକ ହଜାର ଟଙ୍କାରୁ ଦୁଇହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯାଇଥାଏ । ବରପକ୍ଷ ଏହି ନ୍ୟାୟ ସର୍ତ୍ତେ ନିର୍ଦ୍ଧାରିତ ଜୋରିମାନା ଦେବାକୁ ବାଧ ହେବ ।

## ପରିତ୍ୟକ୍ତା ସ୍ତ୍ରୀ ପାଇଁ କନ୍ୟାସୁନା :

କୌଣସି ବିବାହିତା ସ୍ତ୍ରୀ ସ୍ୱାମୀଠାରୁ ବିଭିନ୍ନ କ୍ଷେତ୍ରରେ ପ୍ରତାରିତ ହୋଇ ଶେଷରେ ସ୍ୱାମୀ ଠାରୁ ବିଚ୍ଛେଦ ହୋଇ ଅନ୍ୟତ୍ର ଚାଲିଯାଇଥାଏ । ସେହି ପ୍ରତାରିତ ସ୍ତ୍ରୀକୁ କୌଣସି ସ୍ତ୍ରୀ ହରାଇଥିବା ପୁରୁଷ ବିବାହ କରିଥାଏ । ସେହିଭଳି ବିବାହ କ୍ଷେତ୍ରରେ କନ୍ୟାର ବାପାଘର କେବଳ ନଅଟଙ୍କା ଦେଇଥାନ୍ତି । ଏଥି ସହିତ ଗୋଟିଏ ବାଛୁରୀ, ମୋଟାସୁତାରେ ତିଆରି ହଳଦୀରଙ୍ଗର ଶାଢ଼ୀ ଦୁଇଖଣ୍ଡ ଇତ୍ୟାଦି କନ୍ୟସୁନା ହିସାବରେ କନ୍ୟାଗୃହକୁ ଦିଆଯାଇଥାଏ । କେତେକ କ୍ଷେତ୍ରରେ ପ୍ରତାରିତ ସ୍ତ୍ରୀ କୁ ଯେଉଁ ପୁରୁଷ ବିବାହ କରିଥାଏ ଆଖଡ଼ା ପାଇଁ ଏକ ବୋଦା (ଛେଳି) କନ୍ୟାସୁନା ସ୍ୱରୂପ ପ୍ରଦାନ କରାଯାଇଥାଏ ।

## ବିଧବା ବିବାହରେ କନ୍ୟାସୁନା :

ସାନ୍ତାଳ ସମ୍ପ୍ରଦାୟରେ କୌଣସି ବିବାହିତ ସ୍ତ୍ରୀର ସ୍ୱାମୀ କୌଣସି କାରଣରୁ ମୃତ୍ୟବରଣ କରିଥିଲେ ସ୍ତ୍ରୀ ବିଧବା ହୋଇଥାଏ । ବିଧବା ସ୍ତ୍ରୀ ବହୁତ ଦୁଃଖ କଷ୍ଟରେ କାଳାତିପାତ କରିଥାଏ । ବିଧବା ସ୍ତ୍ରୀକୁ ସାଧାରଣତଃ ସ୍ତ୍ରୀ-ହରା ପୁରୁଷ ଏବଂ ଅନ୍ୟ ପୁରୁଷ ମଧ ବିବାହ କରିଥାନ୍ତି । ମଧସ୍ଥି ସହାୟତାରେ ବିଧବା ସ୍ତ୍ରୀର ବିବାହ ସଂଗଠିତ ହୋଇଥାଏ । ଏହି ବିବାହରେ ଏକ ବର୍ଷ ପରେ ବରପକ୍ଷ ବାଛୁରୀ ଗୋଟିଏ, ମୋଟାସୁତାରେ ପ୍ରସ୍ତୁତ ହଳଦୀରଙ୍ଗର ଶାଢ଼ୀ ଦୁଇଟି, ନଅଟଙ୍କା ଇତ୍ୟାଦି କନ୍ୟାସୁନା ସ୍ୱରୂପ ପ୍ରଦାନ କରିଥାନ୍ତି । ବିଧବା ସ୍ତ୍ରୀର ଆଇ ପାଇଁ ୧୧ ହାତର ଶାଢ଼ୀ ଏବଂ ମାଆଙ୍କ ପାଇଁ (୧୦) ଦଶ ହାତର ଶାଢ଼ୀ ଦିଆଯାଇଥାଏ । ବିଧବା ସ୍ତ୍ରୀ ବାପାଙ୍କ ପାଇଁ ତିନିଟଙ୍କା, ମାଝିହାଲାମ୍ ଗ୍ରାମର ମୁଖିଆଙ୍କ ପାଇଁ ତିନିଟଙ୍କା, ଉପମୁଖ୍ୟ, ସହକାରୀ ମୂଖ୍ୟ ଏବଂ ଡ଼ାକୁଆ ପ୍ରତ୍ୟେକଙ୍କ ପାଇଁ ଏକଟଙ୍କା ଲେଖାଁ ପ୍ରଦାନ କରାଯାଇଥାଏ । ଝିଅର ବାପାଙ୍କ ପାଇଁ ମଧ ଗୋଟିଏ ବାଛୁରୀ ବରଘର ପକ୍ଷରୁ ପ୍ରଦାନ କରାଯାଇଥାଏ।

## ପ୍ରେମ ବିବାହରେ କନ୍ୟାସୁନା :

ଯୌବନରେ ପଦାର୍ପଣ ପରେ ଯୁବକ ଓ ଯୁବତୀଙ୍କ ମଧରେ ପ୍ରେମ ଭାବ ଜାଗ୍ରତ ହେବା ସ୍ୱାଭାବିକ । ଏହା ସ୍ୱତ ପ୍ରବୃତ୍ତ । ଯୁବକ ଯୁବତୀ ମଧରେ ଭଲ ପାଇବାର ଦିଗଟି ଉନ୍ମୁକ୍ତ ହେବାପରେ ଉଭୟେ ଜୀବନ ଚର୍ଚ୍ଚାରେ ନିଜକୁ ସାମିଲ କରିଥାନ୍ତି । ପ୍ରେମ ଡୋରିରେ ବାନ୍ଧି ହେଲାପରେ ସେମାନେ ନିଜ ସଂସାର ବାନ୍ଧିବା ପରିକଳ୍ପନା କରିଥାନ୍ତି । ସାନ୍ତାଳ ସମ୍ପ୍ରଦାୟର ଲାଗଣେ ନାଚରେ ଉଭୟେ ଯୁବକ ଓ ଯୁବତୀମାନଙ୍କର ପ୍ରଥମ ପ୍ରଣୟର ଦିଗଟି ସୂଚିତ ହୋଇଥାଏ । ଏକ ବର୍ଷ ପର୍ଯ୍ୟନ୍ତ ପ୍ରେମର ରଜ୍ଜୁରେ ବାନ୍ଧିହେବା ଫଳରେ ସେମାନଙ୍କ ମଧରେ

ପ୍ରେମର ବିବାହ ସଂଗଠିତ ହୋଇଥାଏ । ପ୍ରଣୟିନୀ ନିଜର ପ୍ରେମ ସମ୍ପର୍କ ସମ୍ବନ୍ଧରେ ନିଜର ସାଥୀ ମଣିଷ ସମ୍ମୁଖରେ ଉପସ୍ଥାପନ କଲା ପରେ ପ୍ରେମିକ ନିଜର ବାନ୍ଧବୀଙ୍କ କଥାକୁ ସମ୍ମାନେ ଗ୍ରହଣ କରିଥାଏ । ଶେଷରେ କୌଣସି ଏକ ରାତ୍ରିରେ ତାର ପ୍ରେମିକାକୁ ସାଥିକରି ନିଜଘରକୁ କିମ୍ୱା ବନ୍ଧୁବାନ୍ଧବଙ୍କ ଘରକୁ ଏକ ସପ୍ତାହ ପାଇଁ ନେଇଯାଇଥାଏ । ଏବଂ ପରସ୍ପରଙ୍କ ପରିଚୟ କରାଇଥାଏ । ଗ୍ରାମଲୋକଙ୍କ ଉପସ୍ଥିତିରେ ଗ୍ରାମର ମୁଖିଆ ନବ ବିବାହିତ ପୁତ୍ରକନ୍ୟାଙ୍କୁ ସେମାନଙ୍କର ପ୍ରେମବିବାହ ସମ୍ପର୍କିତ ପ୍ରଶ୍ନ ପଚାରିଥାନ୍ତି । ପ୍ରତ୍ୟୁତରରେ କନ୍ୟା ଯଦି ଏଭଳି ବିବାହରେ ଅନିଚ୍ଛୁକ ବା ତାର ପ୍ରେମିକ ତାକୁ ଜବରଦସ୍ତ ଉଠାଇ ଆଣିଛି ବୋଲି ଗ୍ରାମ ଲୋକମାନଙ୍କ ସମ୍ମୁଖରେ କଥା ଉପସ୍ଥାପନ କରିଥାଏ ତେବେ ଗ୍ରାମବାସୀମାନଙ୍କ ନିର୍ଦ୍ଦେଶାନୁସାରେଗୋଟିଏ ଛେଳି କିମ୍ୱା ଘୁଷୁରୀ ବରପକ୍ଷକୁ ଦେବାପାଇଁ ସ୍ଥିରକରାଯାଇଥାଏ । ତାହାକୁ ବରପକ୍ଷ ଦେବାପାଇଁ ବାଧ ହୋଇଥାଏ । ଯଦି ଉଭୟେ ବରକନ୍ୟା ଏଭଳି ବିବାହରେ ସନ୍ତୁଷ୍ଟ ଥାଆନ୍ତି ତେବେ ବରପକ୍ଷ ୩ଟି ମୋଟା ସୂତାରେପ୍ରସ୍ତୁତି ହଳଦିଆ ଶାଢ଼ୀ, ଦୁଇଟି ବାଛୁରୀ . (ଯଦି କନ୍ୟାପିତା ମୃତ ହୋଇଥାନ୍ତି) ତେବେ ଗୋଟିଏ ବାଛୁରୀ ପ୍ରଦାନ କରାଯାଇଥାଏ । ଏଥି ସହିତ ଗୋଟିଏ ଛେଳି, ନଅଟଙ୍କା, ଚାଉଳ ତିନି (୩) କିଲୋଗ୍ରାମ ଶାଳପତ୍ରର ଦୋନାରେ ସିନ୍ଦୁର, ବଟାହଳଦୀ, ପାନିଆ ଇତ୍ୟାଦି କନ୍ୟାପକ୍ଷକୁ କନ୍ୟାସୁନା ସ୍ୱରୂପ ପ୍ରଦାନ କରାଯାଇଥାଏ । କନ୍ୟାର ମାଆଙ୍କ ପାଇଁ ଦଶହାତର ହଳଦିଆ ଶଢ଼ୀ, କନ୍ୟାର ଆଇଙ୍କ ପାଇଁ ଏଗାର ହାତର ଶାଢ଼ୀ ଏବଂ ପିୟୁସୀଙ୍କ ପାଇଁ ବାରହାତର ହଳଦୀଆ ଶାଢ଼ୀ, କନ୍ୟାର ଭାଇଙ୍କ ପାଇଁ ଗୋଟିଏ ବାଛୁରୀ, ବାପାଙ୍କ ପାଇଁ ଗୋଟିଏ ବାଛୁରୀ, ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ବଳୀପାଇଁ ଗୋଟିଏ ଛେଳୀ, କନ୍ୟାର ବାପାଙ୍କ ପାଇଁ ତିନିଟଙ୍କା, ଗ୍ରାମର ମୁଖିଆଙ୍କ ପାଇଁ ତିନିଟଙ୍କା ଗ୍ରାମର ଉପମୁଖ୍ୟ, ସହକାରୀ ମୁଖ୍ୟ ଏବଂ ଡ଼ାକୁଆ ପାଇଁ ୧ ଟଙ୍କା ଲେଖାଏଁ ୩ ଟଙ୍କା ବରପକ୍ଷ ତରଫରୁ ପ୍ରଦାନ କରାଯାଇଥାଏ । କନ୍ୟାରମାଆ, ଆଇ ଏବଂ ପୀଉସୀଙ୍କ ପାଇଁ ସିନ୍ଦୁର ବଟାହଳଦୀ ଏବଂ ପାନିଆ ଇତ୍ୟାଦି କନ୍ୟାସୁନା ହିସାବରେ ବରପକ୍ଷ ତରଫରୁ କନ୍ୟାପକ୍ଷକୁ ପ୍ରଦାନ କରାଯାଇଥାଏ ।

## ବଳପୂର୍ବକ ଅପହରଣ ବିବାହ ପାଇଁ କନ୍ୟାସୁନା :

ଧରି ପଳାଇବା ବିବାହ କ୍ଷେତ୍ରରେ ବର ସୁଯୋଗ ଦେଖି କୌଣସି ଏକ କନ୍ୟାକୁ ଜୋର ଜବରଦସ୍ତ ଭାବେ ଚୋରାଇ କରି ନିଜ ଘରକୁ ନେଇ ଆସିଥାଏ । ପ୍ରେମ ବିବାହ ଭଳି ଏହି ବିବାହ କ୍ଷେତ୍ରରେ ତିନିଖଣ୍ଡ ସୂତାଲୁଗା, ଦୁଇଟି ବାଛୁରୀ, ଗୋଟିଏ ଛେଳି, ନଅଟଙ୍କା, ଚାଉଳ ତିନି କିଲୋଗ୍ରାମ, ସିନ୍ଦୁର ବଟାହଳଦୀ ଓ ପାନିଆ ଇତ୍ୟାଦି କନ୍ୟାପକ୍ଷକୁ କନ୍ୟାସୁନା ବାବାଦକୁ ପ୍ରଦାନ କରାଯାଇଥାଏ । ଯଦି ଏହିଭଳି ବିବାହରେ କନ୍ୟା ରାଜି ନହୁଏ ତେବେ

ଗ୍ରାମବାସୀମାନେ କନ୍ୟାକୁ ଫେରାଇ ଆଣନ୍ତି ଏବଂ ବରପକ୍ଷକୁ ଟଙ୍କା ଆକାରରେ ସମ୍ମାନହାନୀ ଯୋଗୁଁ ପାଞ୍ଚହଜାର ଟଙ୍କା ଜୋରିମାନା କରିଥାନ୍ତି । ଏଥି ସହିତ ଗ୍ରାମବାସୀମାନଙ୍କ ଭୋଜି ସକାଶେ ଗୋଟିଏ ଛେଳି କିମ୍ବା ଗୋଟିଏ ଘୁଷୁରୀ ମଧ୍ଯ ବରପକ୍ଷଙ୍କ ଠାରୁ ଆଦାୟ କରିଥାନ୍ତି ।

## କନ୍ୟାସୁନା କେବେ ଓ କାହିଁକି ଫେରସ୍ତ କରାଯାଏ ?

ସାନ୍ତାଳ ସମ୍ପ୍ରଦାୟରେ ବିବାହପରେ କୌଣସି ବ୍ୟତିକ୍ରମ ଘଟିଲେ ବିଭିନ୍ନ ଅବସ୍ଥାରେ କିମ୍ବା ବିଭିନ୍ନ ଉତ୍ସବ ମାନଙ୍କରେ କନ୍ୟାସୁନା କନ୍ୟା ପକ୍ଷକୁ ଫେରସ୍ତ ଦିଆଯାଇଥାଏ ଏପରି ଅବସ୍ଥାରେ ଝିଅର ପ୍ରତ୍ୟେକ ଜିନିଷ ମଧ୍ୟ ଫେରସ୍ତ କରାଯାଏ । କୌଣସି ସ୍ୱାମୀ ଯଦି ନିଜ ସ୍ତ୍ରୀ କୁ ପ୍ରତାରିତ କରି ନିଜଘରୁ ପରିତ୍ୟାଗ କରିଥାଏ, ଏଭଳି କ୍ଷେତ୍ରରେ କନ୍ୟା ନିଜ ବାପାଘରକୁ ପ୍ରତ୍ୟାବର୍ତ୍ତନ କରିଥାଏ ଦୁଇ ଗ୍ରାମର ୧୦ ଜଣ ମୁଖିଆଙ୍କ ସମେତ ଗ୍ରମବାସୀ ନିର୍ଦ୍ଧାରିତ ଦିବସରେ ଏକ ବୈଠକ ଡ଼କାନ୍ତି । ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିଥାନ୍ତି । ଝିଅକୁ ପ୍ରତାରିତ କରିବାର କାରଣ ଜାଣିବା ପରେ ବରପକ୍ଷକୁ ଦିଆଯାଇଥିବା କନ୍ୟାସୁନାକୁ ଟଙ୍କା ଆକାରରେ ନିଆଯାଇଥାଏ । ଏଥି ସହିତ ବାଛୁରୀ, ଛେଳୀ, ଚାଉଳ, ନଅଟଙ୍କା ଇତ୍ୟାଦି ଫେରସ୍ତ ଆକାରରେ ଗ୍ରହଣ କରିଯାଇଥାଏ ।

## କନ୍ୟାସୁନା କିପରି ଫେରସ୍ତ କରାଯାଏ ?

କୌଣସି ସ୍ତ୍ରୀ ନିଜ ସ୍ୱାମୀକୁ ପରିତ୍ୟାଗ କରି ଅନ୍ୟ ଏକ ପୁରୁଷକୁ ପୁନଃ ବିବାହ କରି ଏଭଳି କ୍ଷେତ୍ରରେ ପ୍ରଥମ ସ୍ୱାମୀକୁ କନ୍ୟାର ପିତାମାତା କନ୍ୟାସୁନା ଆକାରରେ ଟଙ୍କା, ଲୁଗା, ଛେଳୀ, ବାଛୁରୀ, ସିନ୍ଦୁର, ବଟାହଳଦୀ ଏବଂ ପାନୀୟକୁ ଫେରସ୍ତ କରିଥାନ୍ତି ।

ପ୍ରେମ ବିବାହର କିଛିଦିନପରେ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଯଦି ମତପାର୍ଥକ୍ୟ ଦେଖାଯାଇଥାଏ ତେବେ ପରସ୍ପର ପରସ୍ପର ଠାରୁ ବିଚ୍ଛେଦ ହୋଇ ଯାଇଥାନ୍ତି । ଏହି କ୍ଷେତ୍ରରେ ଉଭୟ ଗ୍ରମର ମୁଖିଆ ବ୍ୟକ୍ତିମାନଙ୍କ ଗ୍ରହଣରେ ଉକ୍ତ ବିଷୟ ଆଲୋଚନା କରାଯାଇ ଶେଷ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ । କନ୍ୟପକ୍ଷ ଗ୍ରହଣ କରିଥିବା କନ୍ୟାସୁନାକୁ ବରପକ୍ଷକୁ ଫେରସ୍ତ କରିଥାନ୍ତି । ସେହି ଦିନଠାରୁ ପରସ୍ପର ସମ୍ପର୍କ ଛିନ୍ନ ହୋଇଥାଏ ।

ପ୍ରେମ ବିବାହରେସ୍ୱାମୀ ସ୍ତ୍ରୀଙ୍କ ସମ୍ପୂର୍ଣ୍ଣ ବିଚ୍ଛେଦରେ ସ୍ତ୍ରୀ ଅନ୍ୟ ପୁରୁଷକୁ ବିବାହ କ୍ଷେତ୍ରରେ ଏବଂ ସ୍ୱାମୀ ନିଜ ସ୍ତ୍ରୀକୁ ଛାଡ଼ପତ୍ର ଦେବା କ୍ଷେତ୍ରରେ କନ୍ୟାସୁନାକୁ କନ୍ୟାପକ୍ଷକୁ ବରପକ୍ଷକୁ ଫେରସ୍ତ କରାଯାଇଥାଏ । ଏହି କନ୍ୟାସୁନାକୁ ଗ୍ରାମବାସୀଙ୍କ ଉପସ୍ଥିତରେ ବୈଠକ ମାଧ୍ୟମରେ ନିଷ୍ପତ୍ତି କରାଯାଇ ଟଙ୍କା ଆକାରରେ ଏବଂବାଛୁରୀ, ଛେଳି ଏବଂ ସିନ୍ଦୁର, ବଟାହଳଦୀ ଏବଂ ପାନିଆକୁ ବରପକ୍ଷକୁ ଫେରସ୍ତ କରାଯାଇଥାଏ ।

କନ୍ୟା ଏବଂ ବରପକ୍ଷଙ୍କ ଉଭୟ ଗ୍ରାମର ମୁଖିଆ ବ୍ୟକ୍ତି ସମୁପସ୍ଥିତିରେ ବୈଠକ ଡ଼କାଯାଇ ବିଚାର କରାଯାଇଥାଏ । କନ୍ୟା ପକ୍ଷରୁ କନ୍ୟାସୁନା ଫେରସ୍ତ ଅଣାଯାଇ ବରପକ୍ଷକୁ ପ୍ରଦାନ କରାଯାଇଥାଏ । କନ୍ୟାପକ୍ଷକୁ ଲୁଗା ବାବଦ ଟଙ୍କା, ବାଛୁରୀ, ଛେଳୀ, ଚାଉଳ, ସିନ୍ଦୁର ବଟାହଳଦୀ ଓ ପାନିଆ ବାବଦକୁ ଟଙ୍କା ଆକାରରେ ଫେରସ୍ତ କରିଥାନ୍ତି ।

## ଫେରସ୍ତ କନ୍ୟାସୁନାର ସମ୍ପର୍କୀୟଙ୍କ ମଧ୍ୟରେ ଆବଣ୍ଟନ:

ଉଭୟ ଗ୍ରାମଲୋକଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ନିଷ୍ପତ୍ତି ପରେ କନ୍ୟାପକ୍ଷଠାରୁ ଫେରସ୍ତ କରାଯାଇଥିବା କନ୍ୟାସୁନାକୁ ବର ପରିବାରର ମୁଖ୍ୟଙ୍କୁ ଅର୍ପଣ କରାଯାଇଥାଏ । କନ୍ୟାସୁନା ଫେରସ୍ତ ଗ୍ରହଣ କରିସାରିବା ପରେ ପରିବାରର ମୁଖ୍ୟ ଏକ ବଡ଼ ଧରଣର ଭୋଜିର ଆୟୋଜନ କରିଥାନ୍ତି । ସେହି ଭୋଜିକୁ ଗ୍ରାମର ପ୍ରତ୍ୟେକଙ୍କୁ ନିମନ୍ତ୍ରଣ କରିଥାନ୍ତି । ପ୍ରତ୍ୟେକେ ଭୋଜିରେ ଅଂଶଗ୍ରହଣ କରି ସେବନ କରିଥାନ୍ତି । ସେହି ଭୋଜିରେ ମଧ୍ୟ ହାଣ୍ଡିଆକୁ ସ୍ୱତନ୍ତ୍ର ରୂପେ ପାନୀୟ ହିସାବରେ ଗ୍ରାମର ଲୋକଙ୍କୁ ପ୍ରଦାନ କରାଯାଇଥାଏ ।

## ସ୍ୱାମୀକୁ ପରିତ୍ୟାଗ କରି ଅନ୍ୟ ପୁରୁଷ ବିବାହରେ କନ୍ୟା ସୁନା ଦାବୀ :

ସାନ୍ତାଳ ସମ୍ପ୍ରଦାୟରେ କୌଣସି ଯୁବକ ଅନ୍ୟ ଏକ ଯୁବତୀକୁ ବିବାହ କରିଲାବେଳେ କନ୍ୟାପକ୍ଷକୁ କନ୍ୟାସୁନା ବାବଦରେ କିଛି ଟଙ୍କା ଆକାରରେ ଦେଇଥାଏ ।ଏଥି ସହ ଲୁଗା, ଛେଳି, ବାଛୁରୀ, ଚାଉଳ, ସିନ୍ଦୁର ବଟାହଳଦୀ ଏବଂ ପାନୀୟ ପ୍ରଦାନ କରିଥାନ୍ତି । ଯାହାକୁ କନ୍ୟା ପରିବାର ଗ୍ରହଣ କରିଥାନ୍ତି । ସେ ସମୟରେ ଗ୍ରାମର ମୁଖିଆ (ମାଝୀହାଲାମ)ଙ୍କୁ ୩ ଟଙ୍କା, ଉପମୁଖ୍ୟ, ସହକାରୀ ମୂଖ୍ୟ ଏବଂ ଡାକୁଆକୁ ଏକ ଟଙ୍କା ଲେଖାଏଁ ୩ ଟଙ୍କା ଦିଆଯାଇଥାଏ । କନ୍ୟାର ପିତାଙ୍କୁ ତିନିଟଙ୍କା ପ୍ରଦାନ କରାଯାଇଥାଏ । କନ୍ୟାସୁନା ବାବଦ ଝିଅର ମାଆ, ଆଈ ଓ ପିଉସୀଙ୍କୁ ତିନୋଟି ଶାଢ଼ୀ ମଧ୍ୟ ଦିଆଯାଇଥାଏ । ଏବେ ଏହି କନ୍ୟାସୁନାରେ ସାମାନ୍ୟ ପରିବର୍ତ୍ତନ ପରିଲିକ୍ଷିତ ହୋଇଥାଏ । ବର୍ତ୍ତମାନ ସହର ମାନଙ୍କରେ ରହୁଥିବା ସାନ୍ତାଳ ସମ୍ପ୍ରଦାୟର ଲୋକମାନଙ୍କ ପରିବାରରେ କୌଣସି ପୁଅ କିମ୍ୱା ଝିଅ ବିବାହ କ୍ଷେତ୍ରରେ ପୁଅ ନିର୍ଦ୍ଧାରିତ କନ୍ୟାସୂନା ଝିଅଘର ପକ୍ଷକୁ ଦେବାବେଳେ ଝିଅଘର ପୁଅ ପକ୍ଷକୁ ଟିଭି, ସାଇକେଲ, ମଟର ସାଇକେଲ୍, ଘଣ୍ଟା ଓ ସୁନାମୁଦି ଇତ୍ୟାଦି ପ୍ରଦାନ କରିଥାନ୍ତି ।

## କନ୍ୟାସୁନାରେ ପରିବର୍ତ୍ତନ :

ଗାଁ ଗହଳି ମାନଙ୍କରେ ସାନ୍ତାଳ ସମ୍ପ୍ରଦାୟରେ କୌଣସି ପୁଅ କିମ୍ବା ଝିଅର ବିବାହ କ୍ଷେତ୍ରରେ କନ୍ୟାସୁନା ପ୍ରଦାନ କରିବାରେ କୌଣସି ପରିବର୍ତ୍ତନ ଆସିନାହିଁ । ବର୍ତ୍ତମାନ ମଧ୍ୟ ସେହିଭଳି ଗାଁ ଗହଳିରେ ଚାଲିଛି । କିନ୍ତୁ ସହରାଞ୍ଚଳରେ କିଞ୍ଚିତ୍ ପରିବର୍ତ୍ତନ ଘଟିଛି । ସାନ୍ତାଳ ସମାଜରେ ପୁଅ କିମ୍ବା ଝିଅର ବିବାହ କ୍ଷେତ୍ରରେ ପୁଅଘର ତରଫରୁ କନ୍ୟାପକ୍ଷକୁ ଦିଆଯାଉଥିବା କନ୍ୟାସୁନା ଏପର୍ଯ୍ୟନ୍ତ ସେହି କନ୍ୟାସୁନା ହିସାବରେ ରହିଛି । ତାହା ଯୌତୁକ ଭାବରେ ଦିଆଯାଉନାହିଁ ବା ଯୌତୁକରେ ରୂପାନ୍ତର ହୋଇନାହିଁ ।

●●●

# ପର୍ବପର୍ବାଣୀ ପଞ୍ଜିକା

## ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ:

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପକରଣ | ପୂଜାଉପଚାର, ବ୍ୟକ୍ତିଗତ ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ବୈଶାଖ (ବଇଶାକ୍) (ଏପ୍ରିଲ୍-ମେ) | ହୁଲୁମୁଟ | ଧାନବୁଣିବା ପୂର୍ବରୁ ହୁଲୁମୁଟ ପର୍ବପାଳନ କରାଯାଏ। | ଇଷ୍ଟଦେବତା ହାପାଲାମ | ଘରର ମୁଖିଆ ନିଜେ | ଅରୁଆ ଚାଉଳ, ସିନ୍ଦୁର, ଲସି, ହାଣ୍ଡିଆ, ଶାଳପତ୍ର। | ଧାନବୁଣିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି ନିଜ ଚାଷ ଜମିରେ ଏହି ହୁଲୁମୁଟ୍ ପୂଜା କରିଥାନ୍ତି। ଧାନ ଗଛ ନରମ ଭାବରେ ଦେବା ପାଇଁ ଇଷ୍ଟ ଦେବତା ହାପା ଲାମଙ୍କୁ ହାଣ୍ଡିଆ ଦେଇ ପୂଜା ଆରାଧନା କରିଥାନ୍ତି। ପ୍ରଥମେ ଘରର ମୁଖିଆ ସ୍ନାନ ତର୍ପଣ ପରେ ସଫା ଧଳା ଗାମୁଛା ପରିଧାନ କରି ଗୋବର ଲିପା ଥିବା ଗୌଣି ଉପରେ ଚିତା ପକାଇ ଗୌଣି ମଧ୍ୟରେ ବିହନ ଧାନ ରଖିଥାଏ। ଇଷ୍ଟଦେବତାଙ୍କୁ ସ୍ମରଣ କରି ଗୌଣି ଉପରେ ସିନ୍ଦୁର ଲଗାଇ ପୂଜା କରିଥାଏ। | ଏହି ପର୍ବରେ ଘରର ମୁଖିଆ ପଡ଼ୋଶୀ ଘରର ଲୋକଙ୍କୁ ଡାକି ହାଣ୍ଡିଆ ଦେଇ ପ୍ରତ୍ୟେକ ଏହି ପର୍ବ ଉଦ୍ଦେଶ୍ୟ ଗୀତର ଆସର ଜମାଇ ଦେଇଥାନ୍ତି। ଉଭୟ ପୁରୁଷ ଓ ମହିଳା ଏହି ଗୀତର ତାଳେ ତାଳେ ନିଜକୁ ହଜାଇ ଦିଅନ୍ତି। | ଏହି ପୂଜାରେ ପ୍ରତ୍ୟେକ ଲୋକ ଘରେ ନିମ୍ନ ଭାତ କରିଖାଥାନ୍ତି। ସତେ ଯେପରି ମଣ୍ଡୀଙ୍କର ପୁନଃଜନ୍ମ ହେଲା। ଏହି ଉଦ୍ଦେଶ୍ୟରେ ସେମାନେ ନିମ୍ନ ଭାତ ରକ୍ଷଣ କରିଥାନ୍ତି। |

## ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ :

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପକରଣ | ପୂଜାଉପଚାର, ବ୍ୟକ୍ତିଗତ ସାମୁହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ଜ୍ୟେଷ୍ଠ (ଜେଣ୍ଠ୍) (ମେ-ଜୁନ୍) | ରଜପର୍ବ | ଗ୍ରୀଷ୍ମଋତୁର ଶେଷଆଡ଼କୁ ଏହି ପର୍ବପାଳନ କରାଯାଏ। ଏହା ଏକ ଦିନ ଧରି ପାଳନ କରାଯାଏ। | ଇଷ୍ଟଦେବତା ହାପାଲାମ୍ | ଘରର ମୁଖିଆ ନିଜେ | ଶାଳପତ୍ରରେ ଦୋନା, ତିଆରି କରି ସେଥିରେ ହାଣ୍ଡିଆ ରଖି ଇଷ୍ଟ ଦେବତାଙ୍କ ନିକଟରେ ପୂଜା କରିଥାନ୍ତି। | ଏହି ପର୍ବକୁ ସାହିକ ପାଳନ କରାଯାଏ । ଏହି ପର୍ବରେ ପ୍ରତ୍ୟେକ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ହାଣ୍ଡିଆ ପୂଜା କରି ପିଠାପଣା କରିଥାନ୍ତି। ମା' ବସୁଧାର ରକ୍ଷା ଏବଂ ବୃଦ୍ଧି ସକାଳେ ତିନି ଦିନ ଧରି ସେମାନେ ମାଟିକୁ ବିଦାରଣ କରନ୍ତି ନାହିଁ। ଏହି ପର୍ବରେ ପଣସ ପିଠା ଭକ୍ଷଣ କରିଥାନ୍ତି । ଦିନତମାମ୍ ଝିଅମାନେ ଲାଗେଣେ ଗୀତ ଗାଇ ଦୋଳି ଖେଳନ୍ତି। | ଉଭୟ ଦିନ ଏବଂ ରାତିରେ ଯୁବକ ଓ ଯୁବତୀମାନେ ଗାଁ ଦାଣ୍ଡ ମଝିରେ ଲାଗେଣେ ଗୀତ ଗାଇ ଆନନ୍ଦରେ ନାଚିଥାନ୍ତି । ନୃତ୍ୟରେ ନାଗରା, ଚଡ଼ଚଡ଼ି, ଘଣ୍ଟା, ମାଦଳ ଇତ୍ୟାଦି ବାଦ୍ୟଯନ୍ତ୍ର ଗୁଡ଼ିକ ଯୁବକମାନେ ବଜାଇ ଥାନ୍ତି। | ଏହି ପର୍ବରେ ଉଭୟ ଯୁବକ ଏବଂ ଯୁବତୀ ବର୍ଷାଦେବତା (ରିଟା ବାସାଏଁ) ଆବାହନ କରିଥାନ୍ତି। |
| ଆଷାଢ଼ (ଆଷାଢ଼) (ଜୁନ୍-ଜୁଲାଇ) | ଆଷାଢିଆ ପୂଜା ଚିତାଉଁ ପରବ | ଆଷାଢ଼ର ମହିଳି ଦିବସରେ ଏହି ପୂଜା ପାଳନ କରାଯାଏ। | ଗ୍ରାମଦେବୀ ଜାହାର ଏରାଓ ସାମାଶାଳେ ବଂଶା, ଲିଟା ବସାଏଁ | ମାଝିହା ଲାମ୍ ଘରର ମୁଖିଆ | ଅରୁଆ ଚାଉଳ, କୁକୁଡ଼ା, ସିନ୍ଦୁର,ଚୁନା, କୁକୁଡ଼ା,ଅଣ୍ଡା | ସାମୁହିକ ଭାବରେ ଏହି ପର୍ବ ପାଳନ କରାଯାଏ । ଏହି ପୂଜାରେ ମାଝିଆଲମ୍ ନିଜେ କରିଥାନ୍ତି ଏବଂ ଗ୍ରାମଦେବତୀ ଜାହେର୍‌ଏରା, ସାମାଶାଳେ | ଚିତାଉ ପରବରେ ଯୁବକ ଯୁବତୀମାନେ ରାତିରେ ଗୀତର ତାଳେ ତାଳେ ଲାଗେଣେ ନାଚଗ୍ରାମର ମହାଡାଗରେ କରିଥାନ୍ତି। | ଆ । ଷା । ଡି ଆ । ପୂଜା ପାଳନ ସ ମ ୟ ରେ କୌଣସି ବ୍ୟକ୍ତି ନିଜ ଜମିକୁ ନ ଯିବାରନିୟମ |

## ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ :

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପକରଣ | ପୂଜାଉପଚାର, ବ୍ୟକ୍ତିଗତ ସାମୂହିକ | ସଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| | | ଆଷାଢ଼ ମାସର ଆମାବାସ୍ୟ ତିଥିଗରାତିରେ ମାଳନ କରାଯାଏ । | ପୂର୍ବପୁରୁଷ | | ହାଣ୍ଡିଆ, ଶାଳପତ୍ର ଶାଳପତ୍ର ଓ ହାଣ୍ଡିଆନସି । | ବଂଗା, ଲଟାଗତାଏଁଙ୍କୁ ପୁରୁଷ ଭୋଗ ଆକାରରେ ଛାହୋରାର ଖାଇଥାନ୍ତି । ବ୍ୟକ୍ତିଗତ ଭାବେ ଚିତାର୍ଘ ପର୍ବ ପାଳନ କରାଯାଏ । | | ରହିଛି । ଏହି ନିୟମକୁ ଯିଏ ଗଙ୍ଗଘନକରେ ତାଙ୍କଠାରେ ଜୋରିମାନାଇାଲୁ ହୋଇଥାଏ । |
| ଶ୍ରାବଣ (ସାନ୍) (ଜୁଲାଇ- ଅଗଷ୍ଟ) | ଗହ୍ମା ପର୍ବ | ଶ୍ରାବଣ ମାସରେ ପୂର୍ଣ୍ଣିମା ଦିନ ଗହ୍ମା ପର୍ବ ପାଳନ କରାଯାଏ । | ପୂର୍ବ ପୁରୁଷଙ୍କୁ ପୂଜା କରାଯାଏ । | ଘରର ମୁଖିଆ | ଶାଳପତ୍ର ଓ ହାଣ୍ଡିଆନସି | ଏହି ପର୍ବକୁ ବ୍ୟକ୍ତିଗତ ଭାବେ ପାଳନ କରାଯାଇଥାଏ । ଏହି ପର୍ବରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ହାଣ୍ଡିଆ ପୂଜା କରି ପିଠାପଣା କରିଥାନ୍ତି । ଭାଇ ଭଉଣୀର ସ୍ନେହ ସଂପର୍କ ରକ୍ଷା କରିବା ପାଇଁ ଏହି ପାଳନ କରାଯାଏ । ଗେଣ୍ଡା ପିଠା, ଗେଣ୍ଡାଜାଉ ଇତ୍ୟାଦି ଖାଇଥାନ୍ତି ଏବଂ ହାଣ୍ଡିଆ ପିଇଥାନ୍ତି । | ଏହି ପର୍ବରେ ଉଭୟ ଯୁବକ ଓ ଯୁବତୀ ଗ୍ରାମ ମଝିରେ ନାଗର ମାଦଳ ଚଡ଼ଚଡ଼ି ଓ ଘଣ୍ଟା ବାଜାଇ ତାଳେ ତାଳେ ଗୀତ ଗାଇ ନୃତ୍ୟ ପରିବେଷଣ କରିଥାନ୍ତି । | |

## ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ :

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପଦ୍ଧତି | ପୂଜାଉପଚାର, ବ୍ୟକ୍ତିଗତ ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ଭାଦ୍ରବ (ଭଦର୍) ଅଗଷ୍ଟ-ସେପ୍ଟେମ୍ବର | ନୂଆ-ଖାଇ ପର୍ବ (ନାଓ୍ୱାଁ ଖିଆ) | ଭାଦ୍ରବ ମାସରେ ଚନ୍ଦ୍ରଦର୍ଶନ ପରେପରେ ଏହି ପର୍ବ ପାଳନ କରାଯାଏ । | ଗୃହର ଇଷ୍ଟଦେବତା ଜାହେର ରାଓ ମାରାଂ ବୁରୁ | ଘରର ମୁଖିଆ ମାଝିହା-ଡାମ୍ | ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ନୂଆ ଚୂଡ଼ା, ଗୁଡ଼ ଶାଳ ପତ୍ର ଲସି । | ଏହି ପର୍ବରେ ବ୍ୟକ୍ତିଗତ ଭାବେ ପାଳନ କରାଯାଏ । ଏହି ପର୍ବରେ ଜମିରୁ ଆମଦାନୀ ହୋଇଥିବା ନୂତନ ଶସ୍ୟକୁ ଇଷ୍ଟଦେବତାଙ୍କ ନିକଟରେ ପୂଜା କରି ନୂତନ ଶସ୍ୟ ଖାଇଥାନ୍ତି ଘରର ମୁଖିଆ ନୂତନ ବସ୍ତ୍ର ପରିଧାନ କରି ନୂଆଧାନର ଚୂଡ଼ାକୁ ଗୁଡ଼ରେ ମିଶାଇ ପୂଜା ଦେଇଥାନ୍ତି । ପରେ ପରିବାର ର ସମସ୍ତେ ଏହାକ ଖାଇ- ଥାନ୍ତି ।<br>ଏହି ପର୍ବକୁ ସାମୂହିକଭାବେ ପାଳନ କରାଯାଏ । ଗ୍ରାମର ମୁଖିଆ ମାଝୀହାଡାମ୍ ଜାହିରାରେ ଜାହେର୍ ଏରା ଓ ମାରାଂବୁରୁଙ୍କୁ ଏହି ପର୍ବରେ ପୂଜା କରିଥାନ୍ତି । | | ନୂଆଖିଆ ପର୍ବ ପୂର୍ବରୁ କୌଣସି ବ୍ୟକ୍ତି ଅମଳ କରିଥିବା ନୂତନ ଶସ୍ୟକ ଭକ୍ଷଣ କରିବେନାହିଁ । |

## ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ :

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପକରଣ | ପୂଜାଉପଚାର, ବ୍ୟକ୍ତିଗତ ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ଆଶ୍ୱିନ (ଦାସାଏଁ) (ସେପ୍ଟେମ୍ବର-ଅକ୍ଟୋବର) | ଦାସାଏଁ ପର୍ବ | ଆଶ୍ୱିନ୍ୟ ମାସରେ ୭ୟା ତିଥି ଠାରୁ ଦଶମୀ ପର୍ଯ୍ୟନ୍ତ ଦୀର୍ଘ ୭ ଦିନ ଧରି ଏହି ପର୍ବ ପାଳନ କରାଯାଏ। | ଦେବୀଦୁର୍ଗା | ମାଝୀ ହାଡାମ | ଅଗୁଆଚାଉଳ, ଲାଉ, କଖାରୁ, ସିନ୍ଦୁର, ଶାଳପତ୍ର, ହାଣ୍ଡିଆ ଓ ଲସି। | ଏହି ପର୍ବକୁ ସାମୂହିକ ଭାବେ ପାଳନ କରିଥାନ୍ତି। ଏହି ପର୍ବରେ ପୁରୁଷମାନେ ଦେବୀ ଦୁର୍ଗାଙ୍କର ବେଶ ସାଜି ଭିନ୍ନ ବାଦ୍ୟ ବଜାଇ ଗାଁ ଗାଁ ବୁଲିଥାନ୍ତି। ଦେବୀଙ୍କର ପୂଜା ସକାଶେ ପ୍ରତ୍ୟେକ ଗ୍ରାମରୁ ଭିକ୍ଷା କରିଥାନ୍ତି। କାମୁଗୁରୁଙ୍କ ଉଦ୍ଦେଶ୍ୟ ପରିପୂରକ ସକାଶେ ତାଙ୍କର ଦେହାନ୍ତ ପରେ ଦେବୀଦୁର୍ଗାଙ୍କୁ ବିଧିମତେ ପୂଜାଆରାଧନା କରାଯାଏ। ଏହି ପୂଜା ଗ୍ରାମର ମଝିରେ ହୋଇଥାଏ। ଦଶମୀ ପୂଜାରେ ଉଭୟ ପୁଅ ଓ ଝିଅ ହାଣ୍ଡିଆ ପିଇଥାନ୍ତି। ସାଧାରଣ ପୋଷାକ ପରିଧାନ କରିଥାନ୍ତି। | ଏହି ପର୍ବରେ ଦୀର୍ଘ ସାତ ଦିନ ଧରି ଦୁର୍ଗାପୂଜା ବେଶ ହୋଇ ଗୁଆଙ୍ଗ, ବଂଶୀ, କେନ୍ଦରା ଇତ୍ୟାଦି ବାଦ୍ୟ ବଜାଇ ଓ ଗୀତଗାଇ ଗ୍ରାମ ପରିକ୍ରମା କରିଥାନ୍ତି। ଦଶମୀଦିନ ଉଭୟ ଯୁବକ ଓ ଯୁବତୀମାନେ ଯାତ୍ରା ନାଚ କରିଥାନ୍ତି। ଏହା ସହିତ ଯାତ୍ରା ଗୀତ ମଧ ବୋଲିଥାନ୍ତି। | ଏହି ପର୍ବ ସମ୍ବନ୍ଧରେ କାମୁଗୁରୁ ଆସାମ ପ୍ରଦେଶରେ ଶିଷ୍ୟମାନଙ୍କୁ ମନ୍ତ୍ର ଶିକ୍ଷା ଉଦ୍ଦେଶ୍ୟରେ ଦେବୀଦୁର୍ଗାଙ୍କୁ ପୂଜା ଆରାଧନା କରୁଥିଲେ। |

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ : | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପକରଣ | ପୂଜାଉପଚାର, ବ୍ୟକ୍ତିଗତ ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| | | ଏହି ପର୍ବ କାର୍ତ୍ତିକ ମାସର ଅମାବାସ୍ୟା ଠାରୁ ଆରମ୍ଭହୋଇ ତିନିଦିନ ଧରି ପାଳିତ ହୋଇଥାଏ । | ବ୍ୟକ୍ତିଗତ ଭାବେ ଗୃହାଳ ଦେବତା ଓ ସାମୂହିକ ଭାବେ ଦେବୀକାଳୀଙ୍କୁ ପୂଜା କରାଯାଏ । | ଘରର ମୁଖିଆ<br>ମାଝୀ ହାଡାମ୍ ବା ନାଏକେ ପୂଜା କରନ୍ତି | ଅରୁଆ ଚାଉଳ, ସିନ୍ଦୁର, ଶାଳପତ୍ର, କନାରଙ୍ଗର କୁକୁଡ଼ା, ଘୁଷୁରୀ ।<br>ଅରୁଆଚାଉଳ, ସିନ୍ଦୁର, ଶାଳପତ୍ର, କୁକୁଡ଼ାଅଣ୍ଡା, ହାଣ୍ଡିଆ ଓ ନସି ଇତ୍ୟାଦି । | ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଘରେ ଘରର ମୁଖିଆ ଗୃହାଳରେ ଗୃହାଳଦେବତାଙ୍କୁ କୁକୁଡ଼ା ଓ ଘୁଷୁରୀ ବଳୀ ଦେଇ ପୂଜା କରିଥାନ୍ତି । ହାଣ୍ଡିଆ ନସି ପୂଜା ଦେଇ ପୂର୍ବପୁରୁଷଙ୍କୁ ମଧ୍ୟ ଆରାଧନା କରିଥାନ୍ତି । ବନ୍ଧୁବାନ୍ଧବମାନଙ୍କୁ ଏହି ପର୍ବରେ ନିମନ୍ତ୍ରଣ କରିଥାନ୍ତି ।<br>ସାମୂହିକ ଭାବରେ ନାଏକେ ଗୋଠପଡ଼ିଆଠାରେ ଗୋବର ଲିପା ସ୍ଥାନରେ ସିନ୍ଦୂର ଅରୁଆଚାଉଳ ଓ ହାଣ୍ଡିଆ ନସି ପୂଜା ଦେଇ କୁକୁଡ଼ା ଅଣ୍ଡାବଳୀ ଦେଇ ଦେବୀକାଳୀଙ୍କୁ ପୂଜା କରିଥାନ୍ତି । ଗାଈଗୋରୁ ରୋଗଦାଉରୁ ରକ୍ଷାପାଇବା ପାଇଁ ଏହି ପୂଜା କରାଯାଏ । ହାଣ୍ଡିଆ ନସିକୁ କେବଳ ଯୁବକମାନେ ପିଇଥାନ୍ତି । | ଏହି ପର୍ବର ସନ୍ଧ୍ୟା ସମୟରେ ବାଦ୍ୟଯନ୍ତ୍ରର ତାଳେ ତାଳେ ଗୀତ ବୋଲି ଗାଈଗୋରୁଙ୍କ ସମ୍ମାନ ଉଦ୍ଦେଶ୍ୟରେ ନୃତ୍ୟ ପରିବେଷଣ କରିଥାନ୍ତି । | ଏହି ପର୍ବର ଝିଅମାନେ ହାଣ୍ଡିଆ ନସି ପିଇବା ପାଇଁ ନିଷେଧ କରାଯାଇଛି । ବାଦ୍ୟ ବଜାଇ ଗୀତର ତାଳେ ତାଳେ ତଥା ଦୀପ ଜଳାଇ ଗାଈଗୋରୁଙ୍କୁ ବନ୍ଦାପନା କରିଥାନ୍ତି । |

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ: | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପକରଣ | ପୂଜାଉପଚାର, ବ୍ୟକ୍ତିଗତ ସାମୁହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ମାର୍ଗଶୀର (ଆଘାଃଣ) ନଭେମ୍ବର-ଡିସେମ୍ବର | ଇଦୁ ମୁଚାଦା (କ୍ଷେତ ଉଠା ପର୍ବ) | ଧାନକଟା ଶେଷରେ ଏହି ପର୍ବ ପାଳନ କରାଯାଏ। | ଲକ୍ଷ୍ମୀଦେବୀ ଓ ହାପାଡାମ୍‌କୁ ପୂଜା କରାଯାଏ। | ଘରର ମୁଖିଆ | ଫୁଲ, ଅରୁଆ ଚାଉଳ, ସିନ୍ଦୁର, ଶାଳପତ୍ର, ହାଣ୍ଡିଆଲସି ଇତ୍ୟାଦି। | ଏହି ପର୍ବଟି ବ୍ୟକ୍ତିଗତ ଭାବରେ ପାଳନ କରାଯାଇଥାଏ। ଘରର ମୁଖିଆ ଶେଷଥର ପାଇଁ ଚାଷଜମିରୁ ଧାନକେରାକୁ ଗଛ ସହିତ ଉପାଡ଼ି ଆଣି ଘରେ ଥିବା ଧାନରୁ ଡ଼ୋଲି ଉପରେ ରଖିଥାନ୍ତି। ସଂଧ୍ୟା ସମୟରେ ପୂର୍ବପୁରୁଷମାନଙ୍କୁ କ୍ଷେତଉଠା ଉଦ୍ଦେଶ୍ୟରେ ହାଣ୍ଡିଆ ଲସି ଅର୍ପଣ କରି ପୂଜା କରିଥାନ୍ତି। ପରିବାରର ଲୋକେ ମାଂସ ଭାତ କରି ଖାଇଥାନ୍ତି। ତାପର ଦିନ ଘରର ମୁଖିଆ ନିଜର ସକ୍ଷମ ଅନୁସାରେ ଗ୍ରାମର ଉଭୟ ସ୍ତ୍ରୀ ଓ ପୁରୁଷଙ୍କୁ ଡ଼ାକି ହାଣ୍ଡିଆ ଲସି ପ୍ରଦାନ କରିଥାନ୍ତି। | ଘରର ମୁଖିଆଙ୍କ ଗୃହେ ନିମନ୍ତ୍ରିତ ଗ୍ରାମର ପୁରୁଷ ଏବଂ ମହିଳା ହାଣ୍ଡିଆ ଲସି ପାନ କରି କ୍ଷେତ ଉଠା ପର୍ବ ପାଳନ ଉଦ୍ଦେଶ୍ୟରେ ଗୀତ ଗାଇଥାନ୍ତି। | ଲକ୍ଷ୍ମୀ ଦେବୀଙ୍କର ଘରେ ପୁନଃ ଏହି ପର୍ବକୁ ପାଳନ କରିଥାନ୍ତି। ଘରେ ମିଳିମିଶି ସମସ୍ତେ ପୂଜାରେ ଭାଗ ନେଇଥାନ୍ତି। |

## ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ :

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପକରଣ | ପୂଜାଉପଚାର, ବ୍ୟକ୍ତିଗତ ସାମୁହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ପୌଷ (ପୁଷ୍) ଡିସେମ୍ବର-ଜାନୁୟାରୀ | ସାକା ରାତ୍ (ମକର ପର୍ବ) | ପୌଷ ମାସ ସଂକ୍ରାନ୍ତି ଏହି ପର୍ବ ପାଳନ କରା ଯାଇଥାଏ । | ହାପାଲାମ୍ ବା ଇଷ୍ଟଦେବତାଙ୍କୁ ପୂଜା କରାଯାଏ । ଶିକାର ଦେବତାଙ୍କୁ ସାମୁହିକ ଭାବେ ପୂଜା କରନ୍ତି । | ଘରର ମୁଖିଆ ମାଝୀ ହାଲାମ୍ ବା ନାଏକେ | ଚୂଡ଼ା, ଆରିସା ପିଠା, ଶାଳପତ୍ର, ହାଣ୍ଡିଆ ନସି ଗୋବର ସିନ୍ଦୁର ଶାଳପତ୍ର ନସି ଶାଳପତ୍ର, ନସି କଦଳୀପତ୍ର । | ବ୍ୟକ୍ତିଗତ ଭାବେ ଘରର ମୁଖିଆ ଇଷ୍ଟଦେବତା ହାପାଳଙ୍କୁ ଚୂଡ଼ା, ଅରୁଆଚାଉଳ, ଓ ହାଣିଆ ନସି ମାଧ୍ୟମରେ ପୂଜା କରି ସନ୍ତୁଷ୍ଟ କରାଇଥାନ୍ତି । ଏକ ପର୍ବ ପାଳନ ଦ୍ୱାରା ଘରୁ ଭୂତପ୍ରେତ ପୂଜା ମାଧ୍ୟମରେ ବିତାଡ଼ିତ ହୋଇଥାନ୍ତି । ମାଂସପିଠା, ମାଂସ ଜାଉ, ଚୂଡ଼ା ଏହି ପର୍ବ ମଧ୍ୟ ସାମୂହିକ ଭାବରେ ପାଳନ କରାଯାଏ ଗାଁ ମୁଣ୍ଡର ଶେଷରେ ପତ୍ରବିହିନ କଦଳୀ ଗଛକୁ ପୋଡ଼ି ଗୋବର ଲିପା ସ୍ଥାନରେ ଶିକାର ଦେବତାକୁ ପୂଜା ଆରାଧାନା କରାଯାଏ । ନସି ମଧ୍ୟ ଏହି ପର୍ବରେ ପୂଜା ଦିଆଯାଏ । ଶିକାରରେ ଜୟଲାଭ କରିବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଏ । | ସଂକ୍ରାନ୍ତି ସକାଳୁ ଗ୍ରାମର ଯୁବକମାନେ ଗ୍ରାମର ମୁଖିଆମା ଝିହାଲାମଙ୍କୁ କାନ୍ଧରେ ବସାଇ ଅଶ୍ଳୀଳ ଗୀତ ଗାଇ ଗାଇ ନୃତ୍ୟ ପରିବେଷଣ ମାଧ୍ୟମରେ ନଦୀକୂଳ ପର୍ଯ୍ୟନ୍ତ ଯାଇଥାନ୍ତି । ଗ୍ରାମରଯୁବତୀମାନେ ନାଏକେ ଏରା (ମାଝୀହାଲାମର ସ୍ତ୍ରୀ)ଙ୍କୁ କାଖେଇ ଅଶ୍ଳୀଳ ଭାଷାରେ ଗୀତ ଗାଇ ନୃତ୍ୟ କରି ମଧ୍ୟ ନଦୀକୂଳକୁ ଯାଇଥାନ୍ତି । | ମକର ସଂକ୍ରାନ୍ତି ଦିନ ଗ୍ରାମର ଉଭୟ ଯୁବତୀ ଓ ଯୁବକମାନେ ଅଶ୍ଳୀଳ ଭାଷାରେ ଗୀତ ଗାଇଥାନ୍ତି । |

## ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ:

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପକରଣ | ପୂଜାଉପଚାର, ବ୍ୟକ୍ତିଗତ ସାମୁହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ମାଘ (ମାଘ) ଜାନୁୟାରୀ-ଫେବୃୟାରୀ | ମାଘ ବଂଗା | ମାଘ ମାସର ଚନ୍ଦ୍ରାଦର୍ଶନ ଦିନ ଏହି ପର୍ବ ପାଳିତ ହୁଏ । | ଗ୍ରାମଦେବତା (ମାମାଣା ଲେବଂଗା), ଜଙ୍ଗଲ ଦେବତା ଓ ହାପାଳମ୍‌ଙ୍କୁ ପୂଜକା ଜରାଯାଏ । | ମାଝୀ ହାଲାମ୍ ବା ନାଏକେ | ଅରୁଆଚୂନା, ସିନ୍ଦୁର, ଶାଳପତ୍ର, ଗୋବର, ଅଣ୍ଡା, ଲସି ଇତ୍ୟାଦି । | ଏହି ପର୍ବଟି ସାମୁହିକ ଭାବେ ପାଳନ କରାଯାଏ । ଗ୍ରାମର ନିକଟରେ ପାଳଗଛର ମୂଳରେ ନିର୍ଦ୍ଧାରିତ ଉପକରଣ ସହ ମାଝୀହାଳମ୍ ସୀମାଣାଲେ ଓ ଜଙ୍ଗଲଦେବତାଙ୍କୁ ପୂଜା ଆରଧନା କରିଥାନ୍ତି । ଜଙ୍ଗଲର ବୃକ୍ଷରାଜିକୁ ମନୁଷ୍ୟ ସଦୃଶ ଏହି ମାସରେ ସମ୍ମାନ ଦେଇଥାନ୍ତି । ପୂଜା ପରେ ଜଙ୍ଗଲରୁ ଗଛକାଟା ଯାଇଥାଏ । ଏହି ପୂଜା ପରେ ଯୁବକମାନେ ଜଙ୍ଗଲରୁ ଶାଳବୃକ୍ଷ କାଟି ପ୍ରଥମେ ମାଝୀହାଳାମଙ୍କ ପରେ ଆଣି ରଖିଥାନ୍ତି । ପାଞ୍ଚଜଣ ମୁଖିଆଙ୍କ ଘରେ ମଧ୍ୟ ଯୁବକମାନେ ଶାଳବୃକ୍ଷକୁ ନେଇ ରଖିଥାନ୍ତି । | | ଏହି ମାସରେ ମାଘବଂଗା ପର୍ବ ପାଳନ ପୂର୍ବରୁ କୌଣସି ବ୍ୟକ୍ତି ଜଙ୍ଗଲ ନିଯବା ପାଇଁ ବାରଣ କରାଯାଇଛି । ଏଥିସ ଜଙ୍ଗଲରୁ ଗଛ କାଟିବା ପାଇଁ ମନା କରଯାଇଛି । ବର୍ଷା ଦେବୀ ନିପଶରଗାଏଁଙ୍କୁ ମଧ୍ୟ ଆରାଧନା କରାଯାଏ । |

| ଓଡ଼ିଆ, ସାନ୍ତାଳ ଓ ଙ୍ଗରାଜୀ ଭାଷାରେ ମାସର ନାମ | ୪. ସାନ୍ତାଳ ପର୍ବ ପର୍ବାଣୀ ସାରଣୀ: | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ପକରଣ | ପୂଜାଉପଚାର, ବ୍ୟକ୍ତିଗତ ସାମୁହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ଫାଲଗୁନ୍ (ଫାଗୁନ୍) (ଫେବୃୟାରୀ-ମାର୍ଚ୍ଚ) | ବାହା ବଂଗା (ଫୁଲ ପୂଜା) | ଫାଲଗୁନ୍ ମାସର ଚନ୍ଦ୍ରଦର୍ଶନ ଦିନ ଏହି ପର୍ବ ପାଳିତ ହୁଏ। | ଜାହେର୍ ଏରା ଓ ମାରାଂବୁରୁ | ନାଏକେ | ଅରୁଆଚାଉଳ, ଚୁନା, ସିନ୍ଦୁର, ଶାଳପତ୍ର, ମହୁଲଫଳ, ଶାଳଫୁଲ, ଆମ୍ବ, ଅଣ୍ଡା, ଧନାବୋଦା, ବାଉରଙ୍ଗୀ କୁକୁଡ଼ା ଓ ଲସି। | ଏହି ପର୍ବଟି ସାମୁହିକ ଭାବେ ପାଳନ କରାଯାଏ। ପ୍ରଥମେ ନାଏକେ ସ୍ନାନ ସାରି ପୂଜାଉପକରଣ ସମେତ ଜହିରରେ ଉପସ୍ଥିତ ହୁଅନ୍ତି। କୁକୁଡ଼ାକୁ ଅଧାକାଟି ବଳି ଦିଆଯାଏ। ଧନାବୋଦାକୁ ତୀର ଦ୍ୱାରା ବଦ୍ଧ କରାଯାଏ। ବାହାବଂଗା ପର୍ବରେ ନୂତନ ଫୁଲ ଓ ଫଳକୁ ପୂଜା କରି ସାରିଲା ପରେ ଖିଆଯାଏ। | ସନ୍ଧ୍ୟା ସମୟରେ ଜାହିରାରେ ଉଭୟ ଯୁବକ ଏବଂ ଯୁବତୀ ନାଗରା, ମାଦଳ, ଖଡ଼କା ଓ ଘଣ୍ଟାର ତାଳେ ତାଳେ ବାହାଗୀତ ଗାଇ ନୃତ୍ୟ କରିଥାନ୍ତି। ଯୁବକମାନେ ହାତରେ ନାଗରା ଓ ନୁପୂର ଧରି ଅଶ୍ଳୀଳ ଭାଷାରେ ଗୀତ ବୋଲିଥାନ୍ତି। | ଏହି ପର୍ବରେ ବିଭିନ୍ନ ଫୁଲ, ଫଳ, ପୂଜା ପରେ ଯଦି ଝରଣାରେ ଫୁଲ ଫଳ ପଡ଼ିଥାଏ ତାହାହେଲେ ଝରଣାର ପାଣି ଅଇଁଠା ହୁଏ ନାହିଁ। |
| ଚୈତ୍ର (ଚାତ୍), ମାର୍ଚ୍ଚ-ଏପ୍ରିଲ | - | | | | | | | |

# କୃଷି ପଞ୍ଜୀକା

## ୫. ସାନ୍ତାଳ କୃଷି ସାରଣୀ:

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷିକାର୍ଯ୍ୟ | ମାସିକ ଶସ୍ୟଫୁଲ, ଫଳ, ଓ ପନିପରିବା | କୃଷି ସମ୍ପର୍କୀତ ପର୍ବ-ପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ ନିଷେଧ ବିପଣନ | ମନ୍ତବ୍ୟ |
| --- | --- | --- | --- | --- | --- | --- |
| ବୈଶାଖ (ବଇଶାକ) ଏପ୍ରିଲ୍- ମେ | ପ୍ରଥମେ ଡାହିରେ ଥିବା ଅନାବନା ଗଛକୁ କାଟି ସଫା କରାଯାଇଥାଏ। ସେହି କଟାଗଛକୁ ଏକତ୍ରିତ କରି ଶୁଖିଗଲା ପରେ ପୋଡ଼ି ଦିଆଯାଏ। ବର୍ଷା ହେଲା ପରେ ଡାହି ଜମିରେ ପ୍ରଥମେ କଢ଼ାଣ ଚାଷ କରିଥାନ୍ତି। ତାପରେ ଖରା ପାଗ ଦେଖି ଦ୍ୱିତୀୟ ଥର ଚାଷ କରିଥାନ୍ତି। ମକା, ହରଡ଼, ବାଜରା, ଗନ୍ଦଲୀ ପାଇଁ ଜମି ଚାଷ କରାଯାଇଥାଏ। ଆଖୁ, ଧାନ ପାଇଁ ମଧ ଚାଷ କରାଯାଏ। | | ହୁଲସୁଟ୍ ପର୍ବ ଏହି ମାସରେ ପଡ଼େ। ଧାନ ବୁଣିବା ପୂର୍ବରୁ ଏହା ପାଳନ କରାଯାଏ। ଇଷ୍ଟ ଦେବତା ହାପାଜାନ୍ ପୂଜା ପାଇଥାନ୍ତି। | ନିଜଚାଷ ଜମିରେ ଏହି ପୂଜା ପରର ମୁଖିଆକରିଥାନ୍ତି ଏବଂ ଘରେ ମଧ ଏହି ପୂଜା ହୋଇଥାଏ। ଉଭୟ ପୁରୁଷ ଓ ମହିଳା ଗୀତରତାଳେ ତାଳେ ନିଜକୁ ମନାଇ ଦିଅନ୍ତି। | ଏହି ପର୍ବ ପାଳନ ପୂର୍ବରୁ କୌଣସି କୃଷିକାର୍ଯ୍ୟ ହୋଇନଥାଏ। | |
| ଜ୍ୟୋଷ୍ଠ (ଝେଣ୍ଠ) ମେ-ଜୁନ୍ | ଖରାପାଗ ଦେଖି ଚାଷ କରାଯାଇଥିବା ଜମିକୁ ସଜଡ଼ାଯାଏ। ଜମିରେ ଖତ ପ୍ରୟୋଗ କରାଯାଏ। ମାଟିକୁ ଗୁଣ୍ଡ କରାଯାଏ। ମାଟିର ଆର୍ଦ୍ରତା ଦେଖି ଧାନ ବୁଣାଯାଏ। ଡାହି ଜମିର ପୂର୍ଣ୍ଣ ଆର୍ଦ୍ରତା ଦେଖି ଆଶୁଧାନ ବୁଣାଯାଇଥାଏ। ଜମିରେ ଆଉଥରେ | ଧାନ, ଆଶୁଧାନ, ହରଡ଼, ଝୁଡ଼ଙ୍ଗ, ମକା, ବାଜରା, ଗଜ୍‌ଲୀ, କୋଦୁଅ, କନ୍ଥି, ବୋଇତାଳୁ, କଖାରୁ, ଭେଣ୍ଡି, ଲଙ୍କା, କଦଳୀ, | | | ରଜପର୍ବ ତିନିଦିନ ଯାକ ଜମିରେ ହଳ କରିବା ନିଷେଧ। | ମୁଣ୍ଡଝାଳ ତୁଣ୍ଡରେ ମାରି ଏଇ ମାସ ତମାନା କୃଷି |

## ୫. ସାନ୍ତାଳ କୃଷି ସାରଣୀ:

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷିକାର୍ଯ୍ୟ | ମାସିକ ଶସ୍ୟଫୁଲ, ଫଳ, ଓ ପନିପରିବା | କୃଷି ସମ୍ପର୍କୀତ ପର୍ବ-ପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|
| | ହଳ କରାଯାଉ ମଇ ଦିଆଯାଇଥାଏ । ମାଟିରମଧ୍ୟମ ଧରଣର ଆର୍ଦ୍ରତା ଦେଖି ଗନ୍ଧଲୀ, ବାଜରା, କୋଦୁଅ ଓ ହରଡ଼ ବୁଣାଯାଏ । ଘର ବାଡ଼ିମାନଙ୍କରେ ହଳସିଆରରେ ମକା ଓ ଭେଣ୍ଡି ବୁଣାଯାଇଥାଏ ଓ ଅନ୍ୟ ଏକ ଲଙ୍ଗଳ ଦ୍ୱାରା ବୁଣାଯାଇଥିବା ମଞ୍ଜି ଘୋଡି ହେବା ପାଇଁ ଚାଷ କରାଯାଏ । ପୁନଃ ଘରବାଡ଼ିରେ ମାଟିକୁ ଖୋଳି ମନ୍ଦା ତିଆରି କରି ସେଥିରେ ଖତ ଦେଇ ଜହ୍ନି, ବୋଇତାଳୁ ଓ କଖାରୁ ମଞ୍ଜି ଲଗାଯାଏ । | ଇତ୍ୟାଦି ବୁଣାଯାଏ ଓ ଲଗାଯାଏ । ଗାନ୍ଧାରୀ ଶାଗ ଓ ବୁଣାଯାଏ । | | | | କାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିଥାନ୍ତି । |
| ଆଷାଢ଼ (ଆଷାଢ଼୍) ଜୁନ୍-ଜୁଲାଇ | ପ୍ରଥମେ ଜମିର ହୁଡ଼ା ସଜଡ଼ାଯାଏ । ବର୍ଷା ପରେ ଜମିରେ ପାଣି ମଡ଼ାଇ ଲଙ୍ଗଳରେ ପ୍ରଥମଥର ପାଇଁ ଚାଷ କରନ୍ତି । ଦୁଇଦିନ ପରେ ଆଉଥରେ ଲଙ୍ଗଳରେ ଚାଷ କରି ମେଞ୍ଚା ମେଞ୍ଚା ରହିଥାଏ । ଧାନବୁଦାକୁ ଗୋଟି ଗୋଟି କରି ସମାନ ଭାବରେ ଜମିର ଚାରିଆଡ଼େ ଖେନୁଆ ପକାଉଥାନ୍ତି । | କନ୍ଦମୂଳ ଲଗାଯାଏ । ପୋଇଶାଗ ଓ ଗାନ୍ଧାରୀ ଶାଗ ଆମଦାନୀ କରାଯାଏ । | ଆଷାଢ଼ ପୂଜା ହୁଏ । ଏହି ପୂଜାପରେ ବିହୁଡ଼ା କାର୍ଯ୍ୟ ଆରମ୍ଭ କରାଯାଏ । ଏହି ପୂଜାରେ ଗ୍ରାମ ଦେବାଦେବୀ ମାରାଂ ବୁରୁ ଓ ଜାହେର୍ | ଜାହିରାରେ ଆଷାଢ଼ି ପୂଜା ହୁଏ ନାଏକେ ବା ମାଝିଆଳମ ଏହି ପୂଜା କରିଥାନ୍ତି । ଘରର ମୁଖିଆ | ଆଷାଢ଼ି ପୂଜା ନ ହେବା ପୂର୍ବରୁ ବିହୁଡ଼ା କାର୍ଯ୍ୟ ହୋଇଥାଏ । ପୋଇଶାଗ ଓ ଗାନ୍ଧାରୀ ଶାଗ | |

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ୪. ସାନ୍ତାଳ କୃଷି ସାରଣୀ: | | | | | |
|---|---|---|---|---|---|---|
| | ମାସିକ କୃଷିକାର୍ଯ୍ୟ | ମାସିକ ଶସ୍ୟଫୁଲ, ଫଳ, ଓ ପନିପରିବା | କୃଷି ସମ୍ପର୍କୀତ ପର୍ବ-ପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | କାରଣ ନିଷେଧ ବିପଣନ | ମନ୍ତବ୍ୟ |
| | ଜମିରେ ବହୁଳ ଭାବରେ ପାଣି ଜମା କରି ଦିଆଯାଏ ଫଳରେ ଜମିରେ ଘାସ ଉଠିବା ବାଧାପ୍ରାପ୍ତ ହୁଏ । ଏହି ଭଳି ଭାବରେ ବିହୁଡ଼ା କାର୍ଯ୍ୟହୁଏ । କନ୍ଦମୂଳ ଚାଷ ପାଇଁ ଡାହି ଜମିରେ ଚାଷ କରାଯାଏ କୋଦାଳ ସାହାଯ୍ୟରେ ଏକଫୁଟ୍ ଅନ୍ତରରେ ମାଟିକୁ ହିଡ଼ ଦିଆଯାଏ ସେଥିରେ କନ୍ଦମୂଳ ଚେର ଲଗାଯାଏ । | | ଏରା ପୂଜା ପାଇଥାନ୍ତି । ସୀମାପା ଜେହଂଗା ମଧ୍ୟ ପୂଜା ପାଆନ୍ତି । ଏହି ମାସରେ ଚିତାଉଁ ପର୍ବ ପଡ଼େ । ପୂର୍ବପୁରୁଷ ପୂଜା କରାଯାଏ । | ଚିତାଉଁ ପର୍ବରେ ପୂର୍ବ ପୁରୁଷଙ୍କୁ ପୂଜା କରିଥାନ୍ତି । | ଓ ବଜାରରେ ବିକ୍ରୀ କରାଯାଇଥାଏ । | |
| ଶ୍ରାବଣ (ସାନ୍) ଜୁଲାଇ-ଅଗଷ୍ଟ | ବିହୁଡ଼ା ପରେ ଧାନ କିଆରୀରେ ମଇ ସାହାଯ୍ୟରେ ଜମିକୁ ସମାନ କରାଯାଇଥାଏ । ମଇ ଦିଆଯିବା ପରେ ପୁନଃ ଜମିରେ ପାଣି ବନ୍ଧା ଯାଇଥାଏ । ଜଳ ନିଷ୍କାସନ ପରେ କିଆରୀରୁ ଘାସ ବଛାଯାଇଥାଏ । ବାଘୁଆ ସାହାଯ୍ୟରେ ବାଟିଆ ଭଙ୍ଗାଯାଇ କିଆରୀର ସବୁଆଡ଼େ ସମାନ ଭାବରେ ଧାନବୁଦାକୁ ପକାଯାଇଥାଏ । ଫଳରେ ଧାନଗଛ ସମାନଭାବରେ ବୁଦା ଦେଇଥାଏ । | ଭେଣ୍ଡି, କଖାରୁ, ଜହ୍ନି, କାଉଁରିଆଁ ଶାଗ, ଇତ୍ୟାଦି ଆମଦାନୀ କରାଯାଏ । | ଏହି ମାସରେ ଗହ୍ମାପର୍ବ ପଡ଼ିଥାଏ । | ଏହି ପର୍ବରେ ଘରର ମୁଖିଆ ପୂର୍ବପୁରୁଷଙ୍କୁ ପୂଜା କରିଥାନ୍ତି । | ଭେଣ୍ଡି, କଖାରୁ, ଜହ୍ନି, କାଉଁରିଆ, ଶାଗ ଇତ୍ୟାଦି ବଜାରରେ ବ୍ରୀ କରାଯାଇଥାଏ । | ଏହି ପର୍ବ ପାଳନ ପରେ ଘାସ ବାଛିବା କାର୍ଯ୍ୟ ଆରମ୍ଭ ହୋଇ ଥାଏ । |

## ୫. ସାନ୍ତାଳ କୃଷି ସାରଣୀ :

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷିକାର୍ଯ୍ୟ | ମାସିକ ଶସ୍ୟଫୁଲ, ଫଳ, ଓ ପନିପରିବା | କୃଷି ସମ୍ପର୍କୀତ ପର୍ବ-ପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|
| ଭାଦ୍ରବ(ଭାଦର୍) ଅଗଷ୍ଟ-ସେପ୍ଟେମ୍ବର | ଆଶୁଧାନ ଜମିରୁ କଟାଯାଇ ଅମଳ କରାଯାଏ। ଉକ୍ତ ଜମିରେ ଦୁଇଥର ଭଲ ଭାବରେ ଚାଷ କରାଯାଏ ମଧମ ଆର୍ଦ୍ରତା ପାଗ ଦେଖି ସେହି ଜମିରେ କୋଳଥ ଶୋରଷି, ବିରି ଓ ମୁଗ ବୁଣାଯାଇଥାଏ। ଧାନ ଚାଷ କରାଯାଇଥିବା ଅନ୍ୟ ଜମିରେ ସାର ଓ ଔଷଧ ପ୍ରୟୋଗ କରାଯାଏ। ପରିବା କ୍ଷେତରୁ ଭେଣ୍ଡି, ଜହ୍ନି, ଲାଉ, କଖାରୁ ଇତ୍ୟାଦି ତୋଳାଯାଏ। ଆଶୁଧାନ ଅମଳ ପରେ ଜମିକୁ ଦୁଇଥର ଚାଷ କରାଯାଇ ସେଥିରେ ରାଶି ବୁଣାଯାଇଥାଏ। ପନିପରିବା କ୍ଷେତରେ ଭଲଭାବରେ ବାଡ଼ ଦିଆଯାଇଥାଏ। | ଭେଣ୍ଡି, କଖାରୁ, ଜହ୍ନି, କାଉଁରିଆଁ ଶାଗ, ଇତ୍ୟାଦି ଆମଦାନୀ କରାଯାଏ। | ଏହି ମାସରେ ଗହ୍ମାପର୍ବ ପଡ଼ିଥାଏ। | ଏହି ପର୍ବରେ ଘରର ମୁଖିଆ ପୂର୍ବପୁରୁଷଙ୍କୁ ପୂଜା କରିଥାନ୍ତି। | ଭେଣ୍ଡି, କଖାରୁ, ଜହ୍ନି, କାଉଁରିଆ, ଶାଗ ଇତ୍ୟାଦି ବଜାରରେ ବିକ୍ରୀ କରାଯାଇଥାଏ। | |
| ଆଶ୍ୱିନ (ଦାସାଏଁ) ସେପ୍ଟେମ୍ବର-ଅକ୍ଟୋବର | ମାଟିର ଆର୍ଦ୍ରତା ଦେଖି ତାହି ଜମିରେ ଦୁଇତିନିଥର ଚାଷ କରାଯାଇଥାଏ। ସେଥିରେ ରାଶି, କୋଳଥ, ମୁଗ ଓ | ରାଶି, କୋଳଥ, ବିରି, ମୁଗ ଇତ୍ୟାଦି ବୁଣାଯାଇଥାଏ। | ଦାସାଏଁ ବଂଗା ପୂଜାରେ ମାଝୀଆକାମ୍ ବା | ପୁରୁଷମାନେ ଦେବୀଦୁର୍ଗାଙ୍କ ବେଶ୍ ହୋଇ | | |

## ୫. ସାନ୍ତାଳ କୃଷି ସାରଣୀ :

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷିକାର୍ଯ୍ୟ | ମାସିକ ଶସ୍ୟଫୁଲ, ଫଳ, ଓ ପନିପରିବା | କୃଷି ସମ୍ପର୍କୀତ ପର୍ବ-ପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|
| | ବିରି ବୁଣାଯାଇଥାଏ । ପନିପରିବା କ୍ଷେତରୁ ଜହ୍ନି ଭେଣ୍ଡି, ବାଇଗଣ,କାକୁଡ଼ି, କଖାରୁ, ଲାଉ, ତୋଳାଯାଇଥାଏ । | କନ୍ଦମୂଳ ଖୋଳି ଅମଳ କରାଯାଏ । ବିଭିନ୍ନ ପ୍ରକାର ପନିପରିବା ମଧ୍ୟରେ ଭେଣ୍ଡି, ଜହ୍ନି, ବାଇଗଣ, କାକୁଡ଼ି, କଖାରୁ ଇତ୍ୟାଦି ଅମଳ କରାଯାଏ । | ନାଏକେ ଦେବୀ ଦୁର୍ଗାଙ୍କୁ ପୂଜା ଆରାଧନା କରିଥାନ୍ତି । ଏହି ପୂଜାରେ ଲାଉ, କଖାରୁ ବଳି ଦିଆଯାଏ । | ଗୀତ ଗାଇ ଗାଇ ଗାଁ ଗାଁ ବୁଲିଥାନ୍ତି । | | |
| କାର୍ତ୍ତିକ (ସହରାଏ) ଅକ୍ଟୋବର-ନଭେମ୍ବର) | ଏହି ମାସରେ ଢ଼ିପ ଜମିରୁ ନଘନୀ ଧାନ କଟାଯାଇ ଅମଳ କରାଯାଏ । ପ୍ରଥମଦିନ ଧାନକୁ କାଟି ଜମିରେ ରଖି ଦ୍ୱିତୀୟ ଦିନ ବିଡ଼ାବାନ୍ଧି ଭାରରେ ଖଳାକୁ ଆଣିଥାନ୍ତି । ରାଶିବୁଣା ଯାଇଥିବା ଜମିରୁ ରାଶିକୁ କାଟି ଘରକୁ ବିଡ଼ାବାନ୍ଧି ଆଣିଥାନ୍ତି । ଜମିରୁ ଶୋରିଷ ମଧ କାଟି ଖଳାକୁ ଆଣିଥାନ୍ତି । ଗହୀର ଜମିମାନଙ୍କରେ ଚାଷ କରାଯାଇଥିବା ଧାନ କ୍ଷେତ୍ରରେ ପାଣି ପୂର୍ଣ୍ଣ ଭାବେ ମଡ଼ାଯାଇଥାଏ । ଏବଂ ସେହି ଜମିରେ ସାର ଓ କୀଟନାଶକ ଔଷଧ ପକାଯାଇଥାଏ । | ନଘନା ଧାନ, ରାଶି ଓ ଶୋରିଷ ଅମଳ କରାଯାଏ । | -- | ସହରାଏ ପୂଜା ହୁଏ । ଏହି ପୂଜାରେଘରର ମୁଖିଆ ଏବଂ ସାମୁହିକଭାବେ ମାଝୀହାଡ଼ମ୍ ଦେବୀକାଳୀଙ୍କୁ ପୂଜାକରିଥାନ୍ତି । ଉଭୟ ପୁରୁଷ ମହିଳା ଗାଈ ଗୋରୁଙ୍କସମ୍ମାନ ଉଦ୍ଦେଶ୍ୟରେ ଗୀତ ଗାଇ ନୃତ୍ୟ କରିଥାନ୍ତି । | ଏହି ଗୋଠ ପୂଜାରେ ଯୁବତୀମାନେ ଓ ପିଲାମାନେ ହାଣ୍ଡିଆ ପିଇବା ମନା କରାଯାଇଛି । | |

## ୫. ସାନ୍ତାଳ କୃଷି ସାରଣୀ:

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷିକାର୍ଯ୍ୟ | ମାସିକ ଶସ୍ୟଫୁଲ, ଫଳ, ଓ ପନିପରିବା | କୃଷି ସମ୍ପର୍କୀତ ପର୍ବ-ପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|
| ମାର୍ଗଶୀର (ଆଘାଣ) ନଭେମ୍ବର-ଡ଼ିସେମ୍ବର | ମଧ୍ୟମ କିସମର ଧାନ ଅମଳ କରାଯାଇଥାଏ। ତାହି ଜମିରେ ଆଳୁ,କୋବି, ମୂଳା ଓ ବାଇଗଣ ଇତ୍ୟାଦି ଲଗାଯିବା ପାଇଁ ଜମିକୁ ଦୁଇ ତିନିଥର ଚାଷ କରାଯାଏ। ଜମିର ମାଟିକୁ ପୂର୍ଣଭାବେ ଗୁଣ୍ଡ କରାଯାଇଥାଏ। ସେଥିରେ ଖତ ଲଗାଇ ସିଆର କରି ଆଳୁ ଲଗାଯାଇଥାଏ। ପ୍ରଥମ କରି ଆଳୁଚାଷରେ ପାଣି ଛିଆଯାଏ। ମୂଳା ମଞ୍ଜି ମଧ୍ୟ ଜମିରେ ଲଗାଯାଇଥାଏ। | ଆଳୁ, ବିଲାତି,କୋବି, ମୂଳା ବାଇଗଣ, ଇତ୍ୟାଦି ଚାଷ କରାଯାଏ। ଧାନ ଅମଳ କରାଯାଏ। | ଇରୁମୂଟାଦ ପର୍ବ। (କ୍ଷେତଉଠା ପର୍ବ) ଘରର ମୁଖିଆ ଲକ୍ଷ୍ମୀଦେବୀଙ୍କୁ ପୂଜା କରିଥାନ୍ତି। | ଗ୍ରାମର ପୁରୁଷ ଓ ମହିଳାମାନେ ପଡ଼ୋଶୀଘରକୁ ନିମନ୍ତ୍ରିତ ହୋଇ ଏହି ପର୍ବପାଳନ ଉଦ୍ଦେଶ୍ୟରେ କେବଳ ଗୀତ ବୋଲିଥାଏ। | | ପରେ ପୁନଃ ଲକ୍ଷ୍ମୀ ଦେବୀଙ୍କର ଆବିର୍ଭାବ ହେଲା ବୋଲି ସେମାନେ ଏହି କୃଷି ସମ୍ପର୍କୀତ ପର୍ବ ଇରୁମୁଟାନ୍ଦ ପାଳନ କରିଥାନ୍ତି। |
| ପୌଷ (ପୁଷ୍) ଡ଼ିସେମ୍ବର-ଜାନୁଆରୀ | ଧାନ ଅମଳ କରାଯାଇଥାଏ। ବିହନ ତଥା ସଞ୍ଚୟ ପାଇଁ ମଧ୍ୟ ଧାନ ଓଳିଆ ବନ୍ଧାଯାଇଥାଏ। ଧାନକୁ ବାଡ଼ାଇ ସେଥିରୁ କୁଟାକୁ/ ପାଳକୁ ପଦା କରି ରଖନ୍ତି। ବଡ଼ ଧାନ ଜମିରୁ ଜମିରୁ | ଧାନ ଅମଳ କରାଯାଏ। ବିଲାତି, ମୂଳା ଅମଳ କରାଯାଇଥାଏ। | (ସାହାରାତ୍) ମକର ସଂକ୍ରାନ୍ତି ଏହି ମାସରେ ପଡ଼େ। ଘରର ମୁଖିଆ ବ୍ୟକ୍ତିଗତ ଭାବେ ଇଷ୍ଟଦେବତାଙ୍କୁ ଏବଂ ମାଝୀହାନାମ୍ | ଗ୍ରାମର ଉଭୟ ପୁରୁଷ ଓ ମହିଳା ଏହି ପର୍ବରେ ଅଶ୍ଳୀଳ ଗୀତ ପରିବେଷଣ କରିଥାନ୍ତି। | ବିଲାତି, ମୂଳା ଇତ୍ୟାଦି ବଜାରରେ ବିକ୍ରୀ କରାଯାଏ। | |

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ୫. ସାନ୍ତାଳ କୃଷି ସାରଣୀ: | | | | | |
|---|---|---|---|---|---|---|
| | ମାସିକ କୃଷିକାର୍ଯ୍ୟ | ମାସିକ ଶସ୍ୟପୁର, ଫଳ, ଓ ପନିପରିବା | କୃଷି ସମ୍ପର୍କୀତ ପର୍ବ-ପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ ନିଷେଧ ବିପଣନ | ମନ୍ତବ୍ୟ |
| | କୁଟାଯାଇ ବେଙ୍ଗଳା କରାଯାଇଥାଏ। କୁଲା ସାହାଯ୍ୟରେ ବେଙ୍ଗଳା ଧାନକୁ ଉଡ଼ାଇ ସେଥିରୁ ଅଗାଡ଼ିକୁ ଅଲଗା କରାଯାଇ ଧାନ ଅମଳ କରାଯାଇଥାଏ। | | ସାମୂହିକଭାବେ ଜଙ୍ଗଲ ଦେବତାଙ୍କୁ ଆରାଧନା କରିଥାନ୍ତି। | | | |
| ମାଘ (ମାଘ୍) ଜାନୁୟାରୀ-ଫେବୃୟାରୀ | ଅବଶିଷ୍ଟ ଧାନ ବିକ୍ରି (ହଳା)କୁ ବେଙ୍ଗଳା କରାଯାଇ କୁଲାରେ ଉଡ଼ାଇ ଧାନକୁ ଅଗାଡ଼ିକୁ ଅଲଗା କରନ୍ତି। ଧାନରୁ କଟାକୁ ଗଦା କରି ସାଇତି ରଖିଥାନ୍ତି ଘରର ଛପର ପାଇଁ ଘରର ଛପର କାର୍ଯ୍ୟ ଆରମ୍ଭ ହୋଇଯାଏ। ଜମିରୁ ଆଳୁକୁ ଖୋଳି ବାହାର କରାଯାଏ। କୋବି ଓ ମୂଳାକୁ ଉପାଡ଼ି ଅମଳ କରାଯାଏ। ବାଇଗଣ ତୋଳାଯାଇଥାଏ। | ବିଲାତି ଆଳୁ, କୋବି, ମୂଳା ଓ ବାଇଗଣ ଇତ୍ୟାଦି ଜମିରୁ ଅମଳ କରାଯାଏ। | ମାଘ ପୂଜା ଏହି ମାସରେ ପଡ଼ିଥାଏ। ଜଙ୍ଗଲ ଦେବତାଙ୍କୁ ମାଝୀହାଲାମ୍ ପୂଜା କରିଥାନ୍ତି। | - | ବିଲାତି, ଆଳୁ, ମୂଳା ଓ ବାଇଗଣ ଇତ୍ୟାଦି ବଜାରରେ ବିକ୍ରୀ କରିଥାନ୍ତି। ଏହି ପୂଜା ନ ହେବା ପୂର୍ବରୁ ଜଙ୍ଗଲ କାଟିବା ପାଇଁ ଔଷଧ କରାଯାଇଥାଏ। | ପୂଜାସ୍ଥାନରୁ ଯୁବତୀ ମାନେ ଫେରିବା ସମୟରେ ଅଶ୍ଳୀଳ ଭାଷାରେ ସ୍ଲୋଗାନ ଦେଇଥାନ୍ତି। |

## ୫. ସାନ୍ତାଳ କୃଷି ସାରଣୀ :

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷିକାର୍ଯ୍ୟ | ମାସିକ ଶସ୍ୟଫୁଲ, ଫଳ, ଓ ପନିପରିବା | କୃଷି ସମ୍ପର୍କୀତ ପର୍ବ-ପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|
| ଫାଲ୍ଗୁନ୍ (ଫାଗୁନ୍) ଫେବୃୟାରୀ- ମାର୍ଚ୍ଚ | ପ୍ରଥମ ବର୍ଷା ହେବା ପରେ ଜମିରେ ପ୍ରଥମ ଥର ଚାଷ କରାଯାଏ। ଜମି ପାଇଁ ହୁଡ଼ା ପ୍ରସ୍ତୁତ କରିଥାନ୍ତି। ବଡ଼ ବଡ଼ ମାଟି ଖଣ୍ଡକୁ ଗୁଣ୍ଡ କରିଥାନ୍ତି। | ବିଲାତି ଆଳୁ, କୋବି, ମୂଳା ଓ ବାଇଗଣ ଇତ୍ୟାଦି ଜମିରୁ ଅମଳ କରାଯାଏ। | ଫୁଲ ପୂଜା ମାରାଂବୁରୁ ଓ ଜାହେର୍ ଏରାଙ୍କୁ ନାଏକେ ପୂଜା କରିଥାନ୍ତି। | ସଂଧ୍ୟା ସମୟରେ ଉଭୟ ଯୁବକ ଓ ଯୁବତୀ ବାଦ୍ୟର ତାଳେ ତାଳେ ବାହାଗୀତ ଗାଇ ନୃତ୍ୟ କରିଥାନ୍ତି। | ଏହି ପୂଜା ନ ହେଲେ ଜାତୀୟ ଖାଦ୍ୟ ଖାଇବା ନିଷେଧ ଉତ୍ପନ୍ନ ବାଲାତି, ଆଳୁ,କୋବି, ମୂଳା ଓବାଇଗଣ ଇତ୍ୟାଦି ବଜାରରେ ବିକ୍ରି କରାଯାଏ | ବ୍ୟକ୍ତିଗତ ଏବଂ ସାମୁହିକ ଭାବରେ କ୍ଷେତରୁ ଅମଳ ହୋଇଥିବା ନୂତନ ଶସ୍ୟକୁ ଇଷ୍ଟଦେବଙ୍କୁ ଅର୍ପଣ କରି ଖିଆଯାଏ। |
| ଚୈତ୍ର (ଚାତ୍) ମାର୍ଚ୍ଚ- ଏପ୍ରିଲ | ଏହି ମାସରେ ଡ଼ାହିଜମି ଅନାବନା ବୁଦା ଓ ଘାସ କାଟି ସଫାକରାଯାଏ। ଗହିର ଜମିରେ ଦ୍ୱିତୀୟଥର ଚାଷ କରାଯାଏ। ବର୍ଷା ହେଲାପରେ ଡାହିଜମିରେ ପ୍ରଥମ କାଡ଼ଣ ଚାଷ କରାଯାଏ। ଖରାପାଗ ଦେଖି ଦ୍ୱିତୀୟଥର ଚାଷ କରାଯାଏ। କଲାରା, ଜହ୍ନି, ଭେଣ୍ଡି, ପୋଇ, କାକୁଡ଼ି ଓ କଖାରୁ ମଞ୍ଜି ଲଗାଇବା ପାଇଁ କ୍ଷେତକୁ ଚାଷକରି ମନ୍ଦା କରାଯାଇଥାଏ। ସେଥିରେ ଖତ ଦିଆଯାଇ ମଞ୍ଜି ଲଗାଯାଇଥାଏ। | କଲରା, ଜହ୍ନି, ଭେଣ୍ଡି, ପୋଇ, କାକୁଡ଼ି, କଖାରୁ, ଇତ୍ୟାଦି, ମଞ୍ଜି ଇତ୍ୟାଦି ଲଗାଯାଇଥାଏ। | | | | |

# ବନଜାତ ଦ୍ରବ୍ୟ
# ପଞ୍ଜିକା

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ସାନ୍ତାଳ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ: | | | | | | |
|---|---|---|---|---|---|---|---|
| | ସଂଗୃହିତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ବୈଶାଖ (ବଇଶାକ୍) (ଏପ୍ରିଲ୍-ମେ) | ଶାଳପତ୍ର (ସାରଜମ୍ ଶାକାମ୍) ଜାଳେଣୀ କାଠ (ଠେକାଥ ସାହାନ) ଲଙ୍ଗଳ କାଠ (ନାହେଲ୍ କାଟ୍) ଇଶ କୁଆଳି (ଆରଣ)ରୁଅ/ ବାଉଁଶ (ସେନେରମାତ), ସିଆଳୀ ପତ୍ର (ଲାଜଶକାମ୍), ଝୁଣା (ଧୁଣା) ମହୁ (ଞେଲେସୁନୁମ୍) ଲାଖ(ରାହି) | ଚାରକୋଳି(ତାରବ୍) କେନ୍ଦୁ (ତିରିଳି) କରଞ୍ଜ(କରଞ୍ଜ) ଆମ୍ବ (ଉଲ) ପଣସ (କାଣ୍ଠଲ) ଶଳମଞ୍ଜି (ସାଜମ୍ ବାହା) ରାଜକୋଳି (ରାଜୁଆଲ୍) ବେଲ (ସିଜ), ଦାନ୍ତକାଠି (ଦାତାଉନି),ଶତାବରୀ, ଛଣ ଟିରୁ କୁଶ (ଖାକାମ୍) ଉଳ (ନରଡ଼କ) ଖଟାଶାଗ (ମଠାଳା, ଜଙ୍ଗଲୀଶାଗ,(ଭାଦରୀ), ପିତାଶାଗ (ମାଗେଆଡ଼) | ହୁଲମୁଟ୍ ପୂଜା ହୁଏ। ଏହି ପୂଜାରେ ଘରର ଠାକୁର ଠାକୁରାଣୀଙ୍କୁ ପୂଜା କରାଯାଏ। ଜଙ୍ଗଲରୁ ସଂଗୃହିତ ଶାଳପତ୍ରକୁ ଏହି ପୂଜାରେ ବ୍ୟବହାର କରାଯାଏ। | ଶାଳପତ୍ରରେ ଦୋନା, ଖଲି ତିଆରି କରାଯାଏ ଏବଂପୂଜା ଉପକରଣ ଭାବରେ ବ୍ୟବହାର କରାଯାଏ। ଚାଷ ପାଇଁ କୁଆଳି ଓ ଲଙ୍ଗଳ (କାଠ ବ୍ୟବହାରକରାଯାଏ। ଘର ତିଆରି ପାଇଁ ରୂପ ଓ ବାଉଁଶ ଶିଆଳି ପତ୍ରରେ ଖଲି ଓ ଦୋନା ତିଆରି କରାଯାଏ। ପୂଜା ପାଇଁ ଝୁଣା ଓ ଔଷଧ ପାଇଁ ମହୁ ବ୍ୟବହାର କରାଯାଏ। | ଚାରକୋଳି, କେନ୍ଦୁ କରଞ୍ଜ, ଆମ୍ବ ପଣସ, ରାଜକୋଳି ବେଲଇତ୍ୟାଦି ଖାଇଥାନ୍ତି। ଶାଳମଞ୍ଜି ଓ କରଞ୍ଜରୁ ତେଲ ତିଆରି କରାଯାଏ। ଦାନ୍ତ କାଠି ଦାନ୍ତ ଘସିବାରେ, ଖଟଶାଗ, ଜଙ୍ଗଲୀଶାଗ ଓ ପିତାଶାଗକୁ ଖାଆନ୍ତି। | ଶାଳ, ଶିଆଳୀ ପତ୍ରର ଖଲି ଓ ଦୋନା, ଝୁଣା ମହୁ ବିଭିନ୍ନ ପ୍ରକାର କାଠ ଓ ଶାଳମଞ୍ଜି କରଞ୍ଜ ମଞ୍ଜି ଗୋଦାମରେ ବିକ୍ରି କରନ୍ତି। | କାଠରେ ତିଆରି ଖଟ ଖୋରା ମଧ ବିକ୍ରି କରନ୍ତି। |

## ସାନ୍ତାଳ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ:

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ସଂଗୃହିତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ଜ୍ୟୋଷ୍ଠ<br>(ଜେଷ୍ଠ୍)<br>(ମେ-ଜୁନ୍) | ଶାଳପତ୍ର (ସାରଜମ୍ ଶାକାମ୍) ଜାଳେଣୀ କାଠ (ଠେକାଅ ସାହାନ) ଲଙ୍ଗଳ କାଠ (ନାହେଲ୍ କଣନ୍) ଇଶ (ଇଶ) କୁଆଳି (ଆରାଣ୍) ବାହାଙ୍ଗୀ କାଠ (ମାଉ୍ଣ) ଗୁଅ/ ବାଉଁଶ (ସେନେର୍ମାତ), ସିଆଳୀ ପତ୍ର (ଲାଜଶକାମ୍), ଝୁଣା (ଧୁଣା) ମହୁ (ଜୋଲେସୁନୁମ୍) ଲାଖ(ରାହି) | ଚାରକୋଳି(ତାରବ୍) କେନ୍ଦୁ (ତିରିଲି) କରଞ୍ଜ(କରଞ୍ଜ) ଆମ୍ବ (ଉଲ) ପଣସ (କାଣ୍ଠଲ) ଶଳମଞ୍ଜି (ସାଜମ୍ ବାହା) ରାଜକୋଳି (ରାଜୁଆଲ୍) ବେଲ (ସିଜ), ଦାନ୍ତକାଠି (ଦାତାଉନି),ଶତାବରୀ, ଛଣ ଚିରୁ କୁଶ (ଖାକାମ୍) ଉଲ (ନରଡ଼କ) ଖଟାଶାଗ (ମଠାଳା, ଲଙ୍ଗଲୀଶାଗ,(ଭାଦରୀ), ପିତାଶାଗ (ମାଗେଆଡ଼) | | ଶାଳପତ୍ରରେ ଦୋନା, ଖଲି ତିଆରି କରାଯାଏ ଏବଂ ପୂଜା ଉପକରଣ ଭାବରେ ବ୍ୟବହାର କରାଯାଏ । ଚାଷ ପାଇଁ କୁଆଳି ଓ ଲଙ୍ଗଳ (କାଠ ବ୍ୟବହାରକରାଯାଏ । ଘର ତିଆରି ପାଇଁ ଗୁପ ଓ ବାଉଁଶ ଶିଆଳି ପତ୍ରରେ ଖଲି ଓ ଦୋନା ତିଆରି କରାଯାଏ । ପୂଜା ପାଇଁ ଝୁଣା ଓ ଔଷଧ ପାଇଁ ମହୁ ବ୍ୟବହାର କରାଯାଏ । | ଚାରକୋଳି, କେନ୍ଦୁ କରଞ୍ଜ, ଆମ୍ବ ପଣସ, ରାଜକୋଳି ବେଲଇତ୍ୟାଦି ଖାଇଥାନ୍ତି । ଶାଳମଞ୍ଜି ଓ କରଞ୍ଜାରୁ ତେଲ ତିଆରି କରାଯାଏ । ଦାନ୍ତ କାଠି ଦାନ୍ତ ଘସିବାରେ, ଖଟଶାଗ, ଜଙ୍ଗଲୀଶାଗ ଓ ପିତାଶାଗକୁ ଖାଆନ୍ତି । | ଶାଳ, ଶିଆଳୀ ପତ୍ରର ଖଲି ଓ ଦୋନା, ଝୁଣା ମହୁ ବିଭିନ୍ନ ପ୍ରକାର କାଠ ଓ ଶାଳମଞ୍ଜି କରଞ୍ଜ ମଞ୍ଜି ଗୋଦାମରେ ବିକ୍ରି କରନ୍ତି । | କାଠରେ ତିଆରି ଖଟ ଖୋରା ମଧ୍ୟ ବିକ୍ରି କରନ୍ତି । |

## ସାନ୍ତାଳ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ:

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ସଂଗୃହିତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ଆଷାଢ଼ (ଅଷାଢ଼୍) (ଜୁନ୍-ଜୁଲାଇ) | ଶାଳପତ୍ର, ଶିଆଳୀପତ୍ର, ଜାଳେଣୀ କାଠ, ଦାନ୍ତକାଠି, ମୂଳ (ଚାମୁଆ) ବଣଆଳୁ (ଚୂନଆଲୁ) ଜଙ୍ଗଲୀଆଳୁ (ଚୁର୍କା), କଣ୍ଢାଆଳୁ କଣ୍ଢାସୋଲା । | ଆମ୍ବ, ପଣସ, ଜାମୁ (ଜୁଦ୍) ବିଭିନ୍ନ ପ୍ରକାର ଛତୁ ମଧ୍ୟରେ ବାଲିଛତୁ ମଧ୍ୟରେ ବାଲିଛତୁ (କାଟିଜ ମୁଚି) ସାତ ଭାଇ ଛତୁ (ସାଭାୟା ମୁଚି) ହୁଙ୍କି ଛତୁ (ବୁନୁମଉଦ୍) ବିହୁଡ଼ା ଛତୁ (କାଜନଉଦ୍), ବେଙ୍ଗ ଛତୁ (ରଟେ ଉଦ୍) ତୁମ୍ବାଉଦ୍ ପୁଟୁକା ଛତୁ, ବାଡ଼ ବାଲି ଛତୁ (ଜଲମୁଚି) | ରଜପର୍ବ ପାଳନ ହୁଏ । ଏହି ପର୍ବରେ ପଣସ, ପିଠା, ମାଂସ, ଭାତ କରିଖାଇଥାନ୍ତି । | ଶାଳପତ୍ର ଓ ଶିଆଳୀ ପତ୍ରରେ ଖଲି, ଦୋନା ତିଆରି କରିଥାନ୍ତି । ରୋଷେଇ ପାଇଁ ଜାଳେଣୀ କାଠ ବ୍ୟବହାର କରିଥାନ୍ତି । ମୂଳ, ବଣଆଳୁ, କଣ୍ଢା ଆଳୁ ଇତ୍ୟାଦି ଖାଇଥାନ୍ତି । ଶିଆଳୀପତ୍ରରେ ଛତା ଏବଂ ଲଟାରେ ଦୌଡ଼ି ତିଆରି କରିଥାନ୍ତି । | ଆମ୍ବ, ପଣସ, ଜାମୁ ଓ ବିଭିନ୍ନ ପ୍ରକାର ଛତୁ ଖାଇଥାନ୍ତି । | ଜାମୁକୋଳି, ବିଭିନ୍ନପ୍ରକାର ଛତୁ, ଦାନ୍ତକାଠି ବଜାରରେ ବିକ୍ରି କରିଥାନ୍ତି । ଶିଆଳି ଓ ଶାଳପତ୍ରରେ ତିଆରି ଖଲି ଓ ଦୋନା ଏବଂ ଦାନ୍ତକାଠିକୁ ବଜାରକୁ ବିକ୍ରି କରାଯାଏ । ଜାଳେଣୀ କାଠକୁ ମଧ୍ୟ ବଜାରରେ ବିକ୍ରୀ କରିଥାନ୍ତି । | ରଜପର୍ବ ବେଳକୁ ଯଦି ବର୍ଷା ନ ହୁଏ ତେବେ 'ବିରାଟ ପାଟ', ଠାକୁ-ରାଣୀକୁ ପୂଜା କରିଥାନ୍ତି । |

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ସାନ୍ତାଳ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ: | | | | | | |
|---|---|---|---|---|---|---|---|
| | ସଂଗୃହିତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ଶ୍ରାବଣ (ସାନ୍) (ଜୁଲାଇ-ଅଗଷ୍ଟ) | ଶାଳପତ୍ର, ଶିଆଳୀପତ୍ର, ଜାଳେଣୀ କାଠ, ଦାନ୍ତକାଠି, ମୂଳ ବଣଆଳୁ, କଣ୍ଡାଆଳୁ । | ନାଡ଼ିଛତୁ (ମତାମ୍ ଉଦ୍) ଭୁରୁଡୁ ଫଳ (ଭୁରନ୍ଲୁ) ଟସରପୋକ (ଲୁମାଙ୍ଗ) ମୟୂର ପର (ପାରା ପିଞ୍ଚାର) | ଗହ୍ମାପର୍ବ (ଗହ୍ମାନୀ) ଏହିପର୍ବରେ ଗେଣ୍ଡା ପିଠା, ମାଂସ ଭାତ ଇତ୍ୟାଦି କରାଯାଏ । | ଶାଳପତ୍ର ଓ ଶିଆଳୀ ପତ୍ରରେ ଖଲି, ଦୋନା ତିଆରି କରିଥାନ୍ତି । ରୋଷେଇ ପାଇଁ ଜାଳେଣୀ କାଠ ବ୍ୟବହାରକରିଥାନ୍ତି । ମୂଳ, ବଣଆଳୁ, କଣ୍ଡା ଆଳୁ ଇତ୍ୟାଦି ଖାଇଥାନ୍ତି ।ଶିଆଳୀ ପତ୍ରରେ ଛତା ଏବଂ ଲଟାରେ ଦୌଡ଼ି ତିଆରି କରିଥାନ୍ତି । | ନାଡ଼ଛତୁ, ଭୁରୁଡୁଫଳ ଖାଇଥାନ୍ତି । ଟସରରୁସୂତା ତିଆରିକରିଥାନ୍ତି । ମୁଣ୍ଡରପଗଡ଼ିରେ, ମୟୁର ପର ଖଞ୍ଜିଥାନ୍ତି । ମୟୁରରଡ଼େଣା ପରରେ ଶର ତିଆରି କରିଥାନ୍ତି । | ଟଡୁ, ଟସର ପୋକ,ଇତ୍ୟାଦି ବଜାରରେ ବ୍ରିକ୍‌କରିଥାନ୍ତି । ଶାଳ ଓ ଶିଆଳୀ ପତ୍ରରଖଳି ଦୋନା ଦାନ୍ତ କାଠିଇତ୍ୟାଦି ବଜାରରେ ବିକ୍ରି କରିଥାନ୍ତି । | |
| ଭାଦ୍ରବ (ଭାଦର୍) (ଅଗଷ୍ଟ-ସେପ୍ଟେମ୍ବର) | ଶିଆଳୀପତ୍ର, ଜାଳେଣୀ କାଠ, ଦାନ୍ତକାଠି । | ପିତାଆଳୁ | | ଶିଆଳୀପତ୍ରରେ ଖଲି, ଦୋନା ଏବଂ ଛତା ତିଆରି କରିଥାନ୍ତି । ରୋଷେଇ ପାଇଁ ଜାଳେଣି କାଠ ଓ ଦାନ୍ତ ସଫା କରିବା ପାଇଁ ଦାନ୍ତ କାଠ ବ୍ୟବହାର କରିଥାନ୍ତି । | ଔଷଧ ରୂପେ ପିତାଆଳୁ ଖାଇଥାନ୍ତି । | ଶିଆଳୀପତ୍ରର ଖଲି ଓ ଦୋନା ଜାଳେଣୀକାଠ ଦାନ୍ତ କାଠି ଇତ୍ୟାଦି ବଜାରରେ ବିକ୍ରି କରିଥାନ୍ତି । | |

<table>
<tr><td rowspan="3">ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ</td><td colspan="8">ସାନ୍ତାଳ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ:</td></tr>
<tr><td colspan="2">ସଂଗୃହିତ ବନଜାତ ଦ୍ରବ୍ୟର ନାମ</td><td rowspan="2">ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ</td><td colspan="2">ସଂଗୃହୀତ ବନଜାତ ଦ୍ରବ୍ୟର</td><td rowspan="2">ବିପଣନ</td><td rowspan="2">ମନ୍ତବ୍ୟ</td></tr>
<tr><td>ମୁଖ୍ୟ</td><td>ଗୌଣ</td><td>ମୁଖ୍ୟ</td><td>ଗୌଣ</td></tr>
<tr><td>ଆଶ୍ଵିନ (ଦାସାଏଁ) ସେପ୍ଟେମ୍ବର-ଅକ୍ଟୋବର</td><td>ଶିଆଳୀପତ୍ର, ଜାଳେଣୀ କାଠ, ଦାନ୍ତକାଠି ।</td><td></td><td>ଦସାଏଁ ବଂଶା: ଏହି ପୂଜାରେ ଦେବୀ ଦୂର୍ଗା ପୂଜା ପାଇଥାନ୍ତି । ପୂଜା କାର୍ଯ୍ୟରେ ଜଙ୍ଗଲରୁ ସଂଗୃହିତ ବ୍ୟବାର କରାଯାଏ ।</td><td>ଶିଆଳୀପତ୍ରରେ ଖଲି, ଦୋନା ଏବଂ ଛତା ତିଆରି କରିଥାନ୍ତି । ରୋଷେଇ ପାଇଁ ଜାଳେଣି କାଠ ଓ ଦାନ୍ତ ସଫା କରିବା ପାଇଁ ଦାନ୍ତ କାଠ ବ୍ୟବହାର କରିଥାନ୍ତି ।</td><td></td><td>ଶିଆଳୀପତ୍ରର ଖଲି ଓ ଦୋନା ଜାଳେଣୀକାଠ ଦାନ୍ତ କାଠି ଇତ୍ୟାଦି ବଜାରରେ ବିକ୍ରି କରିଥାନ୍ତି ।</td><td></td></tr>
<tr><td>କାର୍ତ୍ତିକ (ସହରାଏ) (ଅକ୍ଟୋବର-ନଭେମ୍ବର)</td><td>ଶିଆଳୀପତ୍ର, ଜାଳେଣୀ କାଠ, ଦାନ୍ତକାଠି, ଶାଳପତ୍ର ।</td><td>ଇଷ ଓ କୁଆଳୀ ଓ ଲଙ୍ଗଳ ପାଇଁ କାଠ ମହୁ, ଜଙ୍ଗଲ ପାଳୁଅ ।</td><td>ଗଳାପୂଜା ହୁଏ ଏହି ପୂଜାରେ ଶାଳ, ଗୃହାଳ ଦେବତାଙ୍କୁ ପୂଜା କରାଯାଏ ଓ ଜଙ୍ଗଲରୁ ସଂଗୃହିତ ମୁଖ୍ୟତଃ ଦୋନା ଓ ପତ୍ର ଆକାରରେ ବ୍ୟବହାର କରାଯାଏ ।</td><td>ଶିଆଳୀପତ୍ରରେ ଖଲି, ଦୋନା ଏବଂ ଛତା ତିଆରି କରାଯାଏ । ରୋଷେଇ କାର୍ଯ୍ୟରେ ଜାଳେଣି କାଠ ଓ ଦାନ୍ତ ସଫା କରିବା ପାଇଁ ଦାନ୍ତ କାଠି ବ୍ୟବହାର କରାଯାଏ । ପୂଜାକାର୍ଯ୍ୟରେ ପାଳୁଅକୁ ବ୍ୟବହାର କରାଯାଏ ।</td><td>ଜଙ୍ଗଲରୁ ସଂଗୃହୀତ କାଠରେ ଇଷ, କୁଆଳୀ ଓ ଲାଙ୍ଗଳ କରାଯାଇ ଚାଷକାର୍ଯ୍ୟରେ ବ୍ୟବହୃତ ହୁଏ । ଔଷଧ ରୂପେ ମହୁକୁ ବ୍ୟବହାର କରାଯାଏ ।</td><td>ଶାଳ ଓ ଶିଆଳୀପତ୍ରରେ ତିଆରି ଖଲି ଦୋନା ବିକ୍ରି କରାଯାଏ । ଜାଳେଣୀକାଠ, ଦାନ୍ତକାଠି, ପାଳୁଅଇତ୍ୟାଦି ବଜାରରେବିକ୍ରି କରାଯାଏ ।</td><td>କ୍ଷୀର ଅସବରେ ଜଙ୍ଗଲୀ ପାଳୁଅ</td></tr>
</table>

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ନାମ | ସାନ୍ତାଳ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ: | | | | | | |
|---|---|---|---|---|---|---|---|
| | ସଂଗୃହିତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟର ବିପଣନ | | ମନ୍ତବ୍ୟ | ମାସର |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ମାର୍ଗଶୀର (ଆଘାଣ) ନଭେମ୍ବର-ଡିସେମ୍ବର | ଶାଳପତ୍ର, ଜାଳେଣୀକାଠ, ଦାନ୍ତକାଠି ଓ ଖଜୁରୀ ଫଳ। | ମହୁ, ଝୁଣ, ଛଣ, ଶତାବରୀ (ଔଷଧୀୟ ବୃକ୍ଷ) | କ୍ଷେତଆଗୁ ପୂଜା। ଏହି ପୂଜାରେ ଲକ୍ଷ୍ମୀଦେବୀ ପୂଜା ପଆନ୍ତି। ପୂଜାରେ ଶାଳପତ୍ର ବ୍ୟବହାର କରାଯାଏ। | ଶାଳପତ୍ରରେ ଖଲି, ଦୋନା ତିଆରି କରାଯାଏ। ରୋଷେଇ କାର୍ଯ୍ୟରେ ଜାଳେଣୀ କାଠ ବ୍ୟବହାରକରାଯାଏ। ଦାନ୍ତସଫା କରିବା ପାଇଁ ଦାନ୍ତ କାଠି, ଖଜୁରୀ ଫଳରୁ ତେଲ ତିଆରି କରାଯାଏ। | ମହୁକୁ ଔଷଧ ରପେ ବ୍ୟହାର କରାଯାଏ ଝୁଣା ଓ ଛଣରେ ଝାଡୁ ତିଆରି କରାଯାଏ। ଦାନ୍ତ ସଫା କରିବା ପାଇଁ ଦାନ୍ତ କାଠି, ଖଜୁରୀ ଫଳରୁ ତେଲ ତିଆରି କରାଯାଏ। | ଶାଳପତ୍ରରେ ତିଆରି ଖଲି, ଦୋନାବଜାରରେ ବିକ୍ରି ହୁଏ। ଜାଳେଣୀକାଠ, ଦାନ୍ତ କାଠି, ଖଜୁରି ଫଳ, ମହୁ ଝାଡୁ ଇତ୍ୟାଦିବଜାରରେ ବିକ୍ରି ହୁଏ। | ଖଜୁରୀ ଫଳରୁ ପ୍ରସ୍ତୁତି ତେଲ ବା ରୋଗ ପାଇଁ ଫଳପ୍ରଦ ଔଷଧ। |
| ପୌଷ (ପୁଷ) (ଡିସେମ୍ବର-ଜାନୁୟାରୀ) | ଶାଳପତ୍ର, ଜାଳେଣୀକାଠ, ଦାନ୍ତକାଠି, ଖଜୁରୀ ଫଳ। | ମହୁ, ପାଲୁଅ ଝୁଣା, ଛଣ, ଝୁଣା, ଶତାବରୀ (ଔଷଧୀୟ ବୃକ୍ଷ)। | ମକର ପର୍ବ (ସାକ୍ରାତ୍) ଏହି ପର୍ବରେ ଶାଳ-ପତ୍ରକୁ ପୂଜା ଉପକରଣ ଭାବରେ ବ୍ୟବହାର କରାଯାଏ। ଏହି ପର୍ବରେ ଗୃହଦେବତା ପୂଜା ପାଆନ୍ତି। | ଶାଳପତ୍ରରେ ଖଲି, ଦୋନା ତିଆରି କରାଯାଏ। ରୋଷେଇ କାର୍ଯ୍ୟରେ ଜାଳେଣୀ କାଠଏବଂ ଦାନ୍ତସଫା କରିବା ପାଇଁ ଦାନ୍ତକାଠି, ଖଜୁରୀ ଫଳରୁ ତେଲ ତିଆରି କରାଯାଏ। | ମହୁକୁ ଔଷଧ ରୂପେ ବ୍ୟହାର କରାଯାଏ ଝୁଣା ଓ ଛଣରେ ଝାଡୁ ତିଆରି କରାଯାଏ। ଦାନ୍ତ ସଫା କରିବା ପାଇଁ ଦାନ୍ତ କାଠି, ଖଜୁରୀ ଫଳରୁ ତେଲ ତିଆରି କରାଯାଏ। | ଶାଳପତ୍ରରେ ତିଆରି ଖଲି, ଦୋନାବଜାରରେ ବିକ୍ରି ହୁଏ। ଜାଳେଣୀକାଠ, ଦାନ୍ତ କାଠି, ଖଜୁରି ଫଳ, ମହୁ ଝାଡୁ ଇତ୍ୟାଦିବଜାରରେ ବିକ୍ରି ହୁଏ। | ଖଜୁରୀ ଫଳରୁ ପ୍ରସ୍ତୁତି ତେଲ ବାରୋଗ ପାଇଁ ଫଳପ୍ରଦ ଔଷଧ। |

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ସାନ୍ତାଳ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ: | | | | | | |
|---|---|---|---|---|---|---|---|
| | ସଂଗୃହିତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ମାଘ (ମାଘ୍) (ଜାନୁୟାରୀ- ଫେବୃୟାରୀ) | ଶାଳପତ୍ର, କାଳେଣୀକାଠ, ଦାନ୍ତକାଠି । | ମହୁ, ଝୁଣା, ଛଣ ଶତାବରୀ (ଔଷଧୀୟ ବୃକ୍ଷ) | ମାଘ ପୂଜା: ଏହି ପୂଜାରେ ଜଙ୍ଗଲ ଦେବତା ପୂଜା ପାଆନ୍ତି । ମାଘ ପୂଜା ଘରେଜଙ୍ଗଲରୁ ଗଛ କାଟିବା ଆରମ୍ଭ କରନ୍ତି । | ଶାଳପତ୍ରରେ ଖଲି, ଦୋନା ତିଆରି କରାଯାଏ । ରୋଷେଇକାର୍ଯ୍ୟରେ କାଳେଣୀ କାଠ ବ୍ୟବହାରକରାଯାଏ । ଦାନ୍ତସଫା କରିବା ପାଇଁ ଦାନ୍ତକାଠି ଖଜୁରୀ ଫଳରୁ ତେଲ ତିଆରି କରାଯାଏ । | ମହୁକୁ ଔଷଧ ରୂପେ ବ୍ୟବହାର କରାଯାଏ ଝୁଣା ଓ ଛଣରେଝାଡୁ ତିଆରିକରାଯାଏ । ଦାନ୍ତ ସଫା କରିବା ପାଇଁ ଦାନ୍ତ କାଠି, ଖଜୁରୀ ଫଳରୁ ତେଲ ତିଆରି କରାଯାଏ । | ଶିଆଳୀ- ପତ୍ରର ଖଲି ଓ ଦୋନା କାଳେଣୀ କାଠ ଦାନ୍ତକାଠି ଇତ୍ୟାଦି ବଜାରରେ ବିକ୍ରି କରିଥାନ୍ତି । | ଗଛରୁ ମନୁଷ୍ୟ ଜୀବନସଦୃଶ ସମ୍ମାନ ଦେଇଥାନ୍ତି ମାଘ ପୂଜା ପୂର୍ବରୁ ଜଙ୍ଗଲରୁ କୌଣସି ଗଛକଟାଯାଇ ନଥାଏ । |
| ଫାଲଗୁନ୍ (ଫାଗୁନ୍) (ଫେବୃୟାରୀ- ମାର୍ଚ୍ଚ) | ଶାଳପତ୍ର, ଶିଆଳୀପତ୍ର କାଠ, ଦାନ୍ତକାଠି, ରାଇଫୁଲ,(ସାହାର) ଖୁଣ୍ଟ (ଖୁଣ୍ଟି) ଗୁଅ ବାଉଁଶ (ସେନେରେମାତ୍) | ଝୁଣା , ଝୁଣ, ଶତାବରି, ଝରଲୀଫୁଲ (କୁଟାଜ) କଣ୍ଟାଆଳୁ (କଣ୍ଟାସୋଲା) | ଫଳପୂଜା (ବାହାରଙ୍ଗା) ଏହି ପୂଜାରେ ଗ୍ରାମଦେବତାଙ୍କୁ ଆରାଧନା କରାଯାଏ । ପ୍ରଥମ କରି ଜଙ୍ଗଲରୁ | ଶାଳ ଓ ଶିଆଳୀପତ୍ରରେ ଖଲି ଓ ଦୋନା ତିଆରି କରାଯାଏ । ଘର ତିଆରି ପାଇଁ ଗୁଅ ବାଉଁଶ ବ୍ୟବହାର | ପୂଜା ପାଇଁ ଝୁଣା ବ୍ୟବହାର କରାଯାଏ ଝାଡୁ ତିଆରି ପାଇଁ ଲୁଣ ଛଣ ବ୍ୟବହାର | ଶାଳ ଓ ଶିଆଳୀ ପତ୍ରରେ ଖଲି ଓ ଦୋନା କାଳେଣୀ କାଠ. | ଫୁଲ ପୂଜା ପୂର୍ବରୁ ଜଙ୍ଗଲରୁ ସଂଗୃହିତ ଫଳ ଭକ୍ଷଣ କରାଯାଏ । |

| ଓଡ଼ିଆ, ସାନ୍ତାଳ ଓ ଇଂରାଜୀ ଭାଷାରେ ମାସର ନାମ | ସାନ୍ତାଳ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ : | | | | | | |
|---|---|---|---|---|---|---|---|
| | ସଂଗୃହିତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ | ମୁଖ୍ୟ | ଗୌଣ | | |
| | ନଙ୍ଗଳ, କୁଆଳୀ ଓ ଈଶ ପାଇଁ କାଠ, ମହୁଲ ଫୁଲ (ମାତକମ୍ ବାହା) ଶାଳଫୁଲ (ସାରଜମ୍ ବାହା) ଆମ୍ବ, କେନ୍ଦୁ । | | ତୋଳିଥିବା, ଫୁଲକୁ ଗ୍ରାମଦେବୀଙ୍କ ନିକଟରେ ପୂଜା ଦିଆଯାଏ । | କରାଯାଏ ଚାଷ କାର୍ଯ୍ୟପାଇଁଜଙ୍ଗଲରୁ ସଂଗୃହିତକାଠରେ ନଙ୍ଗଳ, କୁଆଳି ତିଆରି କରାଯାଏ ମହୁଲ ଫୁଲରୁ ମଦ ରନ୍ଧା ଯାଏ । ପୂଜା ସମୟରେ ଶାଳଫୁଲ ବ୍ୟବହାରକରାଯାଏ । ଆମ୍ବ ଓ କେନ୍ଦୁଖିଆ ଯାଏ। | କରାଯାଏ ଔଷଧ କରାଯାଏ । ଝିରଳୀଫୁଲରେ ତରକାରୀ କରାଯାଏ । ଝିରଳୀଫୁଲରେ ତରକାରୀ କରାଯାଏ | ଦାନ୍ତକାଠି ତିଆରି ହୁଏ ନଙ୍ଗଳ କୁଆଳି ଓ ଈଶ ଝୁଣା, ଝାଡୁ ମହୁଲ ଫୁଲ ରାଇ ଫୁଲ ଝରିଳି ଫୁଲବଜାରରେ ବିକ୍ରିକରାଯାଏ । | |
| ଚୈତ (ଚାତ୍) (ମାର୍ଚ୍ଚ-ଏପ୍ରିଲ) | ଶାଳପତ୍ର, ଶିଆଳୀପତ୍ର, ଜାଳେଣୀକାଠ, ଦାନ୍ତକାଠି, ଆମ୍ବ, ପଣସ, ନଙ୍ଗଳ, କୁଆଳୀ ଓ ଈଶପାଇଁ କାଠ, ଆସବାବ ପତ୍ର ପାଇଁ ଜଙ୍ଗଲରୁ ସଂଗୃହୀତ କାଠ । | ଝୁଣା, କୁଶ, ଛଣ, ଚାର କୋଳି, ରାଜ କୋଳି, ପିତା ଶାଗ, ଖଟା ଶାଗ, ଭାଦାରି ଶାଗ, ରାଇ ଫୁଲ, ଶାଳ ମଞ୍ଜି, କଟା ଶାଗ, (ନରଡ଼କ) ଖଜୁରୀ ଫଳ । | | ଶାଳ ଓ ଶିଆଳୀପତ୍ରରେ ଖଲି ଓ ଦୋନା ତିଆରି କରାଯାଏ । ଘର ତିଆରି ପାଇଁ ରୁଅ ବାଉଁଶ ବ୍ୟବହାର କରାଯାଏ ଚାଷ କାର୍ଯ୍ୟ ପାଇଁଜଙ୍ଗଲରୁ ସଂଗୃହିତ କାଠରେ ନଙ୍ଗଳ, କୁଆଳି ତିଆରି କରାଯାଏ ମହୁଲ ଫୁଲରୁ ମଦ ରନ୍ଧା ଯାଏ । ପୂଜା ସମୟରେଶାଳଫୁଲ ବ୍ୟବହାର କରାଯାଏ । ଆମ୍ବ ଓ କେନ୍ଦୁ ଖିଆ ଯାଏ । | ପୂଜା ପାଇଁ ଝୁଣା ବ୍ୟବହାର କରାଯାଏ ଝାଡୁ ତିଆରି ପାଇଁ କୁଶ ଛଣ ବ୍ୟବହାର କରାଯାଏ ଔଷଧ କରାଯାଏ ।ଝିରଲୀ ଫୁଲରେତରକାରୀ କରାଯାଏ ।ଝିରଲୀ ଫୁଲରେ ତରକାରୀ କରାଯାଏ । | ଶାଳ ଓ ଶିଆଳୀ ପତ୍ରରେ ଖଲି ଓ ଦୋନା ଜାଳେଣୀ କାଠ, ଦାନ୍ତକାଠି ତିଆରି ହୁଏ ନଙ୍ଗଳ କୁଆଳି ଓ ଈଶ ଝୁଣା, ଝାଡୁ ମହୁଲ ଫୁଲ ରାଇ ଫୁଲ ଝରିଳି ଫୁଲବଜାରରେ ବିକ୍ରିକରାଯାଏ । | |

# ଶ୍ରମ ସମବାୟ

ଶ୍ରେଷ୍ଠ ସାମାଜିକ ପ୍ରାଣୀ ହିସାବରେ ମଣିଷ ହିଁ ସମାଜରେ ବଞ୍ଚିରହେ । ମଣିଷ ତାର ପ୍ରତିଟି ଅଭାବ ପରିପୂରଣ ଦିଗରେ ଅନ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଚାଲିଥାଏ । ଅନ୍ୟର ବିନା ସହାୟତାରେ ବଞ୍ଚିବା ଅତି କଷ୍ଟକର । ସହଯୋଗୀ ମନୋଭାବ ନେଇ ପ୍ରତ୍ୟେକେ ପରସ୍ପରକୁ ପ୍ରତିଟି କାର୍ଯ୍ୟରେ ସାହାଯ୍ୟ କରିବା ସାମାଜିକ ମଣିଷର ସାଧାରଣ ପ୍ରବୃତ୍ତି । ତେଣୁ ପରସ୍ପର ସହଯୋଗରେ କାର୍ଯ୍ୟ ସରଳ ଓ ସୁନ୍ଦର ହୋଇପାରେ, ଏଣୁ ଏହାର ଉପାଦେୟତା ସାମାଜିକ ଜୀବନରେ ଖୁବ୍ ଅଧିକ ।

## ଆଦିବାସୀଙ୍କ ଦୃଷ୍ଟିରେ ଶ୍ରମ ସମବାୟ :

ଯେକୌଣସି କାର୍ଯ୍ୟଟିକୁ କେତେକ ବ୍ୟକ୍ତି ଏକତ୍ରିତ ହୋଇ ସହଯୋଗୀ ମନନେଇ ଶ୍ରମଦାନ ମାଧ୍ୟମରେ କାର୍ଯ୍ୟଟି ସୁରୁଖୁରୁରେ ସମାପ୍ତ କରି ପାରିଲେ ତାହା ଶ୍ରମ ସମବାୟ ଅନ୍ତର୍ଭୁକ୍ତ ହୋଇଥାଏ । ସାନ୍ତାଳୀ ମାନଙ୍କ ମତରେ କୌଣସି ଲୋକର କାମରେ ଅନ୍ୟମାନେ ଏକତ୍ରିତ ହୋଇ ସହଯୋଗ କରି କାମ ସମାପନ କରିପାରିଲେ ତାହାକୁ ସହଯୋଗୀ ଶ୍ରମ କହିଥାନ୍ତି । ଏହି ସହଯୋଗୀ ଶ୍ରମ ବା ଶ୍ରମ ସମବାୟକୁ କୁ ସାନ୍ତାଳୀ ଭାଷାରେ "ଗଳାସପହତ୍" କହିଥାନ୍ତି ।

## ଜଣକ କାର୍ଯ୍ୟରେ ପ୍ରତି ପରିବାରରୁ ଜଣେ କରି ଶ୍ରମଦାନ :

କୌଣସି ବ୍ୟକ୍ତିର କାର୍ଯ୍ୟରେ ସହଯୋଗ କରିବାପାଇଁ କେତେକ କ୍ଷେତ୍ରରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଶ୍ରମଦାନ କରି ସେହି କାର୍ଯ୍ୟଟି ସମ୍ପାଦନ କରିଥାନ୍ତି । କୌଣସି ବ୍ୟକ୍ତିର ଆର୍ଥିକ ସମ୍ବଳ ସ୍ୱଚ୍ଛଳ ନ ଥିଲେ କିମ୍ବା ଚାଷ କାର୍ଯ୍ୟରେ ପଛୁଆ ହୋଇଥିଲେ ସେ କ୍ଷେତ୍ରରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ସେହି ବ୍ୟକ୍ତିଙ୍କୁ ସମ୍ପୃକ୍ତ କାର୍ଯ୍ୟରେ ସହଯୋଗ କରିଥାନ୍ତି । ବିହୁଡା ପରେ ଘାସ ବାଛିବା କାର୍ଯ୍ୟରେ ସହଯୋଗକରି କାର୍ଯ୍ୟଟି ସମ୍ପାଦନ କରିଥାନ୍ତି । ଧାନ ଅମଳ ପରେ କର୍ମକର୍ତ୍ତାଙ୍କ କାର୍ଯ୍ୟରେ ସହଯୋଗ କରିଥିବା ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ପାରିଶ୍ରମିକ ମୂଲ୍ୟ ବାବଦକୁ ଛଅ ସେର ଧାନ ଦେଇଥାନ୍ତି । ସହଯୋଗୀ ବ୍ୟକ୍ତିମାନେ ନିଜେ ନିଜର ଖାଦ୍ୟ ସାଥିରେ ନେଇଥାନ୍ତି । ଏହି ସମୟରେ ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ପାରିଶ୍ରମିକ ବାବଦ କିଛି ଦେବାକୁ ପଡିନଥାଏ । ତାପରେ ସେ ପ୍ରଦାନ କରିଥାଏ । ଏତଦ୍ ବ୍ୟତୀତ ଚାଷକାର୍ଯ୍ୟ ମଧ୍ୟରେ ହଳକରିବା, ଜମିର ହୁଡା ସଜାଡିବା, ଧାନ କାଟିବା, ଧାନବିଡା ବୋହିବା ଇତ୍ୟାଦି କାର୍ଯ୍ୟରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ସମ୍ପୃକ୍ତ ବ୍ୟକ୍ତିର

ଚାଷ କାର୍ଯ୍ୟରେ ସହଯୋଗ କରିଥାନ୍ତି । ସେଥି ସକାଶେ ପରବର୍ତ୍ତୀ ସମୟରେ କୌଣସି ପର୍ବପର୍ବାଣୀରେ ଗୃହକର୍ତ୍ତା ସହଯୋଗୀ ବ୍ୟକ୍ତିମାନଙ୍କୁ ପାରିଶ୍ରମିକ ମୂଲ୍ୟ ବାବଦକୁ ୫୦୦ ଗ୍ରାମ (ପାଞ୍ଚଶହ ଗ୍ରାମ) ମାଂସ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପ୍ରତି ଦୁଇବେଲା ଲେଖାଏଁ ହାଣ୍ଡିଆ ମଧ ପ୍ରଦାନ କରିଥାନ୍ତି । ଏଥିସହ ପ୍ରତ୍ୟେକଙ୍କୁ ମାଂସ ଚାଖଣ ପାଇଁ ମଧ ଦେଇଥାନ୍ତି । ଗ୍ରାମର କୌଣସି ବ୍ୟକ୍ତିଙ୍କ ପାଇଁ ନିଆଁ ପାଣି ବନ୍ଦ ହୋଇଥିଲେ ପଡ଼ୋଶୀ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଆସି ବିବାହ, ମୃତ୍ୟୁ, ଶୁଦ୍ଧିକ୍ରିୟାରେ ସହଯୋଗ କରିଥାନ୍ତି ।ଏଥି ସକାଶେ କର୍ମକର୍ତ୍ତାଙ୍କୁ କୌଣସି ପାରିଶ୍ରମିକ ବାବଦ ପାଉଣା ଦେବାକୁ ପଡ଼ିନଥାଏ । କେବଳ ଖାଇବା ପାଇଁ ମାଂସଭାତ ଓ ହାଣ୍ଡିଆ ପ୍ରଦାନ କରିଥାନ୍ତି । ବିଧବା ସ୍ତ୍ରୀର ଘର ଛପର ପାଇଁ ପ୍ରତ୍ୟେକ ବର୍ଷ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ସମ୍ପୃକ୍ତ କାର୍ଯ୍ୟରେ ସହଯୋଗ କରି କାର୍ଯ୍ୟଟି ସମ୍ପାଦନ କରିଥାନ୍ତି । ଏଥି ସକାସେ ସେହି ବିଧବା ସ୍ତ୍ରୀ ପାରିଶ୍ରମିକ ମୂଲ୍ୟ ବାବଦକୁ କିଛି ଦେବାକୁ ପଡ଼ିନଥାଏ । କେବଳ ସହଯୋଗ ବ୍ୟକ୍ତି ଜଣଙ୍କୁ ହାଣ୍ଡିଆ ପାନ ପାଇଁ ପ୍ରଦାନ କରିଥାନ୍ତି । କୌଣସି ଯୁବକ /ଯୁବତୀର ବିବାହ କାର୍ଯ୍ୟ ଏବଂ କୌଣସି ବ୍ୟକ୍ତିର ମୃତ୍ୟପରେ ଶୁଦ୍ଧିକ୍ରିୟା କ୍ଷେତ୍ରରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ସ୍ତ୍ରୀ ଖଲି ଓ ଦୋନା ତିଆରି କରିବା ପାଇଁ ଜଙ୍ଗଲରୁ ପତ୍ର ସଂଗ୍ରହ କରି ସମ୍ପୃକ୍ତ ପରିବାରକୁ ସହଯୋଗ କରିଥାନ୍ତି । ଉକ୍ତ କାର୍ଯ୍ୟରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ପୁରୁଷ ଜାଳେଣୀ ପାଇଁ ଜଙ୍ଗଲରୁ କାଠ ସଂଗ୍ରହ କରି ସମ୍ପୃକ୍ତ ଗୃହକର୍ତ୍ତାଙ୍କୁ ସହଯୋଗ କରିଥାନ୍ତି । ଏଥି ସକାଶେ ଗୃହକର୍ତ୍ତା ସହଯୋଗୀମାନଙ୍କୁ କୌଣସି ପାରିଶ୍ରମିକ ମୂଲ୍ୟ ପ୍ରଦାନ କରିବାକୁ ପଡ଼ିନଥାଏ । ସହଯୋଗୀ ମାନଙ୍କୁ କେବଳ ହାଣ୍ଡିଆ ପ୍ରଦାନ କରିଥାନ୍ତି । ବିଧବା ସ୍ତ୍ରୀର ଘର ତିଆରି ନିମନ୍ତେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ଘରତିଆରି ସରଞ୍ଜାମ ଜଙ୍ଗଲରୁ ସଂଗ୍ରହ କରି ତିଆରିରେ ସହଯୋଗ କରିଥାନ୍ତି । ପାରିଶ୍ରମିକ ବାବଦକୁ କିଛି ଦେବାକୁ ପଡ଼ିନଥାଏ । କେବଳ ଖୁସିରେ ହାଣ୍ଡିଆ ପ୍ରଦାନ କରିଥାଏ । ସାଘାତିକ ରୋଗ / ଜ୍ୱର ପ୍ରପୀଡ଼ିତ ବ୍ୟକ୍ତିଙ୍କୁ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ରୋଗୀକୁ ଖଟିଆରେ ଧରି ଆଶୁ ଆରୋଗ୍ୟ ପାଇଁ ଡ଼ାକ୍ତରଖାନାକୁ ନେଇଥାନ୍ତି । ଗାଡ଼ିମୋଟରର ସୁବିଧା ନଥିଲେ କିମ୍ବା ଯୋଗାଯୋଗ ବ୍ୟବସ୍ଥା ବ୍ୟାହତ ହୋଇଥିଲେ ଏହିଭଳି ଭାବରେ ପ୍ରତ୍ୟେକ ସହଯୋଗ କରିଥାନ୍ତି । ଏଥି ନିମନ୍ତେ ପାରିଶ୍ରମିକ ବାବଦ କୌଣସି ପାଉଣା ପାଇନଥାନ୍ତି । ଭୂତପ୍ରେତ ଭୟରୁ ରକ୍ଷା ପାଇବା ପାଇଁ ସମ୍ପୃକ୍ତ ପରିବାରକୁ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ରାତ୍ରିସାରା ସଂପୃକ୍ତ ବ୍ୟକ୍ତିର ଘରେ ପହରା ଦେଇଥାନ୍ତି । ଏଥି ନିମନ୍ତେ ପାରିଶ୍ରମିକ ବାବଦ କୌଣସି ପାଉଣା ପାଇ ନଥାନ୍ତି । ଭୂତପ୍ରେତ ଭୟରୁ ରକ୍ଷା ପାଇବା ପାଇଁ ସମ୍ପୃକ୍ତ ପରିବାରକୁ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ରାତ୍ରିସାରା ସମ୍ପୃକ୍ତ ବ୍ୟକ୍ତିର ଘରେ ପହରା ଦେଇଥାନ୍ତି । ଏଥି ନିମନ୍ତେ କିଛି ପାଉଣା ଦେବାକୁ ପଡ଼ିନଥାଏ । ପୁତ୍ରହୀନ

ବିଧବା ସ୍ତ୍ରୀକୁ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି ଶ୍ରମ ସମବାୟ ମାଧ୍ୟମରେ ଶୀକାର କରି ଶୀକାର ମାଂସର କିଛି ଅଂଶ ସେହି ବିଧବା ସ୍ତ୍ରୀକୁ ଦେଇଥାନ୍ତି । ପାରିଶ୍ରମିକ ବାବଦକୁ ପ୍ରତ୍ୟେକଙ୍କୁ ଶୁଖିଲା ମହୁଲ ମୁଠିଏ ମୁଠିଏ ଦେଇଥାନ୍ତି ।

## ଜଣକ କାମରେ ପ୍ରତି ପରିବାରର ମନୋନୀତ ବ୍ୟକ୍ତିଙ୍କ ଶ୍ରମଦାନ :

କୌଣସି ବ୍ୟକ୍ତିର କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରତ୍ୟେକ ପରିବାରରୁ କେତେକ ନିର୍ବାଚିତ ବ୍ୟକ୍ତି ଶ୍ରମଦାନ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ବିବାହ କାର୍ଯ୍ୟରେ କର୍ମକର୍ତ୍ତା ନିଜେ ପ୍ରତ୍ୟେକ ପରିବାରର ମୁଖ୍ୟଙ୍କୁ ଆମନ୍ତ୍ରଣ କରିଥାନ୍ତି । ଆମନ୍ତ୍ରିତ ପରିବାରର ମୁଖ୍ୟ ବିବାହ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟଟି ସୁରୁଖୁରୁରେ ସମ୍ପାଦନ କରିଥାନ୍ତି । କର୍ମକର୍ତ୍ତା ମନ ଖୁସିରେ ସହଯୋଗୀ ପରିବାରର ମୁଖ୍ୟଙ୍କୁ ହାଣ୍ଡିଆ ଓ ମାଂସ ଭାତ ପ୍ରଦାନ କରିଥାନ୍ତି । ଗ୍ରାମରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ମୃତବ୍ୟକ୍ତିର ଶବଦାହ ନିମନ୍ତେ ପରିବାରର ମୁଖ୍ୟବ୍ୟକ୍ତି ଗ୍ରାମର ପ୍ରତ୍ୟେକ ପରିବାରର ମୁଖିଆଙ୍କୁ ବାଛିଥାନ୍ତି । ପ୍ରତ୍ୟେକ ପରିବାରର ମୁଖ୍ୟ ଏଭଳି କାର୍ଯ୍ୟରେ ସାମିଲ ହୋଇ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଗ୍ରାମର କୌଣସି ପରିବାରରେ ଭାଇ ଭାଇ ମଧ୍ୟରେ ସମ୍ପତ୍ତି ବଣ୍ଟନ କାର୍ଯ୍ୟରେ ଶ୍ରମଦାନ କରି ସହଯୋଗ କରିଥାନ୍ତି । ଏଥିସକାଶେ ସହଯୋଗୀ ପରିବାରର ମୁଖ୍ୟମାନଙ୍କୁ ମାଂସଭାତ ହାଣ୍ଡିଆ ଏବଂ ମଦର ବ୍ୟବସ୍ଥା କରାଯାଇଥାଏ । ମୃତବ୍ୟକ୍ତିର ଶୁଦ୍ଧିକ୍ରିୟା ସମୟରେ ପ୍ରତ୍ୟେକ ପରିବାରର ମୁଖ୍ୟମାନଙ୍କୁ ଗୃହକର୍ତ୍ତା ଆମନ୍ତ୍ରଣ କରିଥାନ୍ତି । ସେମାନେ ଭୋଜି ଆୟୋଜନ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିଥାନ୍ତି । ଏଥିସକାଶେ ସହଯୋଗୀ ପରିବାରର ମୁଖ୍ୟମାନଙ୍କୁ ମାଂସଭାତ, ହାଣ୍ଡିଆ ଏବଂ ମଦର ବ୍ୟବସ୍ଥା କରାଯାଇଥାଏ । ମୃତବ୍ୟକ୍ତିର ଶୁଦ୍ଧିକ୍ରିୟା ସମୟରେ ପ୍ରତ୍ୟେକ ପରିବାରର ମୁଖ୍ୟମାନଙ୍କୁ ଗୃହକର୍ତ୍ତା ଆମନ୍ତ୍ରଣ କରିଥାନ୍ତି । ସେମାନେ ଭୋଜି ଆୟୋଜନ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିଥାନ୍ତି । ଏଥିସହିତ ଅନ୍ୟାନ୍ୟ କାର୍ଯ୍ୟରେ ଶ୍ରମଦାନ କରି କାର୍ଯ୍ୟ ସମ୍ପାଦନ କରିଥାନ୍ତି । କୌଣସି ପରିବାରରେ ସ୍ତ୍ରୀର ପ୍ରସବ ସମୟରେ ପ୍ରତ୍ୟେକେ ପରିବାରର ବୟସ୍କ ମହିଳମାନେ ସେଠାରୁ ଆମନ୍ତ୍ରିତ ହୋଇଥାନ୍ତି । ପ୍ରସବ ଯନ୍ତ୍ରଣା ଉପଶମ ପାଇଁ ଆଶ୍ୱସନା ଦେଇଥାନ୍ତି । ସାଧାରଣଭାବେ ଭାତତରକାରୀ ଭୋଜିର ଆୟୋଜନ ହୋଇଥାଏ । ପ୍ରତ୍ୟେକେ ଭୋଜିରେ ଭୋଜନ କରିଥାନ୍ତି ।

କୌଣସି ପରିବାରରେ ପୁଅ କିମ୍ବା ଝିଅର ବିବାହ ପାଇଁ ଶୁଭ ଲଗ୍ନ ଧରିବା ପାଇଁ ପ୍ରତ୍ୟେକ ପରିବାରରୁ ସ୍ୱାମୀ ସ୍ତ୍ରୀ ଗୃହକର୍ତ୍ତାଙ୍କ ନିମନ୍ତ୍ରଣ ଅନୁସାରେ ଉପସ୍ଥିତ ରହିଥାନ୍ତି । ଶୁଭଲଗ୍ନ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥାନ୍ତି । ଏହିଭଳି ଭାବରେ ପରିବାରର ନିର୍ବାଚିତ

ବ୍ୟକ୍ତି ଯଥା ପିରିବାରର ମୁଖ୍ୟ ପୁରୁଷ ବା ସ୍ତ୍ରୀ କେତେକ କାର୍ଯ୍ୟରେ ଶ୍ରମଦାନକରି କାର୍ଯ୍ୟ ସମ୍ପାଦନ କରିଥାନ୍ତ ।

## ସାଥୀ ପାଇଁ ଯୁବତୀମାନଙ୍କ ଶ୍ରମଦାନ :

ଯୁବତୀମାନେ ଏକତ୍ରିତ ହୋଇ ସେମାନଙ୍କ ସାଥିର ବିବାହ ବେଳେ ବା ବାପଘରୁ ଝିଅ ବିଦାବେଳେ ଘରୁ ଛକ ପର୍ଯ୍ୟନ୍ତ ସେମାନଙ୍କର ସାଙ୍ଗକୁ କାଖକରି ନେଇଥାନ୍ତି । ନିମନ୍ତ୍ରିତ ଗ୍ରାମର ପଞ୍ଚ ମୁଖ୍ୟ ଯଥା ମାଝୀହାଲାମ୍, ଜଗମାଝୀ, ପାରାନିକ୍, ବଲଭାଇ ଓ ଗଡେତ୍ ସେମାନଙ୍କର ସହଧର୍ମିଣୀଙ୍କୁ ଗ୍ରାମର ଯୁବତୀମାନେ ବିବାହଦିନ ହଳଦୀ ଓ ତେଲ ମାଖି ବନ୍ଦାପନା କରିଥାନ୍ତି । ସାଙ୍ଗସାଥୀର ବିବାହ ଦିନ ଜଳ ଯୋଗାଇବା, ଘର ବାହାର ସଫାସୁତୁରା / ପରିଷ୍କାର ପରିଚ୍ଛନ୍ନ ରଖିବା ସେମାନଙ୍କର ଦାୟିତ୍ୱ । ଏହିଭଳି ଭାବରେ ଗ୍ରାମର ଯୁବତୀମାନେ ସହଯୋଗ କରିଥାନ୍ତି । ଶ୍ରମ ସମବାୟ ପ୍ରତିବଦଳରେ ଭାତମାଂସ ଖାଇଥାନ୍ତି ।

## ଜଣକ ପାଇଁ ବଂଶଓ୍ୱାରୀ ଜଣଙ୍କର ଶ୍ରମଦାନ :

କେତେକ କ୍ଷେତ୍ରରେ ବଂଶରୁ ଜଣେ ଲେଖାଏଁ ବ୍ୟକ୍ତି ଶ୍ରମଦାନ କାର୍ଯ୍ୟ ସହଯୋଗ କରି ଅନ୍ୟ ବ୍ୟକ୍ତିଙ୍କର କାର୍ଯ୍ୟ ସମ୍ପାଦନ କରିଥାନ୍ତି । କୌଣସି ପରିବାରରେ ବିବାହ କାର୍ଯ୍ୟ କ୍ଷେତ୍ରରେ, କୌଣସି ବ୍ୟକ୍ତିର ମୃତ୍ୟୁପରେ ଶୁଦ୍ଧିକ୍ରିୟାରେ, କରମପୂଜାରେ ଓ ବିଚାର କ୍ଷେତ୍ର ଇତ୍ୟାଦି କାର୍ଯ୍ୟରେ ପ୍ରତ୍ୟେକ ବଂଶରୁ ଜଣେ ଲେଖାଏଁ ପୁରୁଣା ଲୋକମାନେ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥାନ୍ତି ଏବଂ କାର୍ଯ୍ୟ ନିୟନ୍ତ୍ରଣ କରିଥାନ୍ତି ।

## ଜଣକ ପାଇଁ ଘରଓ୍ୱାରୀ ଜଣକର ଶ୍ରମଦାନ :

ପ୍ରତ୍ୟେକ ଘରୁ ଜଣେ ଜଣେ ଯୁବକ ଏକତ୍ରିତ ହୋଇ ଶ୍ରମଦାନ ମାଧ୍ୟମରେ ଅନ୍ୟ ବ୍ୟକ୍ତିର କାର୍ଯ୍ୟରେ ସହଯୋଗକରି କାର୍ଯ୍ୟଟି ସମ୍ପାଦନ କରିଥାନ୍ତି । ଚାଷକାର୍ଯ୍ୟ କ୍ଷେତ୍ରରେ ହଳକରିବା, ଶସ୍ୟବୁଣିବା, ହୁଡାପ୍ରସ୍ତୁତ କରିବା, ଜମିରେ ପାଣି ମଡ଼ାଇବା, ଘାସ ବାଛିବା, ବିହୁଡାକାର୍ଯ୍ୟ କରିବା, ଶସ୍ୟକାଟିବା ଓ ଅମଳକରିବା ପ୍ରତ୍ୟେକ କୃଷିକାର୍ଯ୍ୟରେ ପଛୁଆ ଥିବା ଚାଷୀଙ୍କୁ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୁବକ ଶ୍ରମଦାନ କରି କୃଷି କାର୍ଯ୍ୟକୁ ସମ୍ପାଦନ କରିଥାନ୍ତି । ଶସ୍ୟ ଅମଳ ପରେ ସମ୍ପୃକ୍ତ ବ୍ୟକ୍ତି ସହଯୋଗୀ ଯୁବକମାନଙ୍କୁ ପାରିଶ୍ରମିକ ବାବଦକୁ ଧାନ କିମ୍ବା କୌଣସି ପର୍ବପର୍ବାଣି ସମୟରେ ପ୍ରତ୍ୟେକ ଯୁବକଙ୍କୁ ଧାନ କିମ୍ବା ମାଂସ ଦେଇଥାନ୍ତି । ଏଥି ସହିତ ଚାଖିବା ପାଇଁ ମଧ୍ୟ ମାଂସ ଦେଇଥାନ୍ତି । ପାନୀୟ ହିସାବରେ ହାଣ୍ଡିଆ ମଧ୍ୟ ପ୍ରଦାନ କରିଥାନ୍ତି । ବିବାହ କ୍ଷେତ୍ରରେ ରୋଷେଇ ପାଇଁ ଜଳ ଯୋଗାଇବା, ଅନ୍ୟାନ୍ୟ ସରଞ୍ଜାମ

ଯୋଗାଇବା ଅତିଥିମାନଙ୍କ ପାଇଁ ଖାଇବାର ବନ୍ଦୋବସ୍ତ କରିବା ଏବଂ ବ୍ୟାଣ୍ଡପାର୍ଟିରେ ବାଦ୍ୟ ବଜାଇବା ପାଇଁ ମଧ୍ୟ ସହଯୋଗ କରିଥାନ୍ତି । କୌଣସି କାରଣରୁ ଗ୍ରାମ ଗ୍ରାମ ମଧ୍ୟରେ ବିବାଦ ସୃଷ୍ଟିହେଲେ ଗ୍ରାମର ପ୍ରତ୍ୟେକଘରୁ ଜଣେ ଲେଖାଏଁ ଯୁବକ ଗଣ୍ଡଗୋଳର ମୁକାବିଲା ପାଇଁ ସମ୍ମୁଖୀନ ହୋଇଥାନ୍ତି । ଗ୍ରାମର କୌଣସି ବ୍ୟକ୍ତିଙ୍କ ଓ ଅନ୍ୟ ଗ୍ରାମର କୌଣସି ବ୍ୟକ୍ତିଙ୍କ ମଧ୍ୟରେ ଜମିଜମା ସଂକ୍ରାନ୍ତୀୟ ବିବାଦ ଉପୁଜିଲେ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୁବକ ଶ୍ରମଦାନ କରି କୃଷି କାର୍ଯ୍ୟକୁ ସମ୍ପାଦନ କରିଥାନ୍ତି । ଶସ୍ୟଅମଳ ପରେ ସମ୍ପୃକ୍ତ ବ୍ୟକ୍ତି ସହଯୋଗୀ ଯୁବକମାନଙ୍କୁ ପାରିଶ୍ରମିକ ବାବଦକୁ ଧାନ କିମ୍ବା କୌଣସି ପର୍ବପର୍ବାଣୀରେ ସମୟରେ ପ୍ରତ୍ୟେକ ଯୁବକଙ୍କୁ ମାଂସ ଦେଇଥାନ୍ତି । ଏଥି ସହିତ ଚାଖିବା ପାଇଁ ମଧ୍ୟ ମାଂସ ଦେଇଥାନ୍ତି । ପାନୀୟ ହିସାବରେ ହାଣ୍ଡିଆ ମଧ୍ୟ ପ୍ରଦାନ କରିଥାନ୍ତି । ବିବାହ କ୍ଷେତ୍ରରେ ରୋଷେଇ ପାଇଁ ଜଳ ଯୋଗାଇବା, ଅନ୍ୟାନ୍ୟ ସରଞ୍ଜାମ ଯୋଗାଇବା ଅତିଥିମାନଙ୍କ ପାଇଁ ଖାଇବାର ବନ୍ଦୋବସ୍ତ କରିବା ଏବଂ ବ୍ୟାଣ୍ଡପାର୍ଟିରେ ବାଦ୍ୟ ବଜାଇବା ପାଇଁ ମଧ୍ୟ ସହଯୋଗ କରିଥାନ୍ତି । କୌଣସି କାରଣରୁ ଗ୍ରାମ ଗ୍ରାମ ମଧ୍ୟରେ ବିବାଦ ସୃଷ୍ଟିହେଲେ ଗ୍ରାମର ପ୍ରତ୍ୟେକଘରୁ ଜଣେ ଲେଖାଏଁ ଯୁବକ ଗଣ୍ଡଗୋଳର ମୁକାବିଲା ପାଇଁ ସମ୍ମୁଖୀନ ହୋଇଥାନ୍ତି । ଗ୍ରାମର କୌଣସି ବ୍ୟକ୍ତିଙ୍କ ଓ ଅନ୍ୟ ଗ୍ରାମର କୌଣସି ବ୍ୟକ୍ତିଙ୍କ ମଧ୍ୟରେ ଜମିଜମା ସଂକ୍ରାନ୍ତୀୟ ବିବାହ ଉପୁଜିଲେ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୁବକ ସଂପୃକ୍ତ ଗ୍ରାମର ବ୍ୟକ୍ତିଙ୍କୁ ପ୍ରତ୍ୟେକ କାର୍ଯ୍ୟ ଯଥା ଧାନଚାଷ ଆରମ୍ଭ କରି ଅମଳ କରିବା ପର୍ଯ୍ୟନ୍ତ ସହଯୋଗ କରିଥାନ୍ତି ।

## ଅନ୍ୟାନ୍ୟ ଶ୍ରମ ସମବାୟ :

ଅନ୍ୟାନ୍ୟ ସହଯୋଗୀ ଶ୍ରମ ପାଇଁ ସମ୍ପୃକ୍ତ ଗ୍ରାମର ଯୁବକ ଓ ଯୁବତୀ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି । ଗ୍ରାମର ରାସ୍ତା ମରାମତି କ୍ଷେତ୍ରରେ ସାମୁହିକଭାବେ ଶ୍ରମ ଦାନ କରି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଏଥି ସକାଶେ କୌଣସି ପାରିଶ୍ରମିକ କାହାରିକୁ ଦିଆଯାଇନଥାଏ । ଗ୍ରାମର ବିଭିନ୍ନ ପ୍ରକଳ୍ପରେ ସହଯୋଗ କରିବା ପାଇଁ ପ୍ରତ୍ୟେକ ଶ୍ରମଦାନ କରିଥାନ୍ତି । ଗ୍ରାମନିମିତ୍ତ କୂପଖନନ ଦିଗରେ ପ୍ରତ୍ୟେକ ଶ୍ରମଦାନ କରିଥାନ୍ତି । ମାଗଣାରେ ପ୍ରତ୍ୟେକ କାର୍ଯ୍ୟ କରିଥାନ୍ତି । ଗ୍ରାମ ପାଇଁ ଯୁବତୀ ମାନଙ୍କ ଦ୍ୱାରା ଛୋଟ ପୋଖରୀ ବା ଗାଡ଼ିଆ ଖନନ କାର୍ଯ୍ୟ ଶ୍ରମଦାନ ଦ୍ୱାରା ସମ୍ଭବ ହୋଇଥାଏ । ଶ୍ରମ ସମବାୟ ମାଧ୍ୟମରେ ଗ୍ରାମର ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ ହୋଇଥାଏ । ଗ୍ରାମ ଲୋକମାନଙ୍କ ଦ୍ୱାରା ପ୍ରସ୍ତୁତ ବାଦ୍ୟଯନ୍ତ୍ରର ପୁନଃ ନବୀକରଣ ମଧ୍ୟ ସହଯୋଗୀ ଶ୍ରମଦ୍ୱାରା ହୋଇଥାଏ ।

## ଅନ୍ୟାନ୍ୟ ସହଯୋଗୀ ଶ୍ରମ :

ଗ୍ରାମରେ ପରସ୍ପର ସହଯୋଗୀ ଶ୍ରମ ମାଧ୍ୟମରେ ଚାଷ କାର୍ଯ୍ୟରେ ପଛୁଆ ଥିବା ବ୍ୟକ୍ତିଙ୍କ ପାଇଁ ଜମିରେ ହଳକରିବା, ଖତ ଲଗାଇବା, ପୂର୍ବରୁ ଜମିର ହୁଡା ସଜାଡ଼ିବା, ଶସ୍ୟ ବୁଣିବା,

ଜମିରୁ ଅନାବନା ଘାସ ବାଛିବା, ବିହୁଡିବା, ଜମିରେ ପାଣି ମଡାଇବା, ଶସ୍ୟ କାଟିବା ଓ ଅମଳ କରିବା ଇତ୍ୟାଦି କାର୍ଯ୍ୟ ସମ୍ପାଦନ ହୋଇଥାଏ । ଶିଶୁଜନ୍ମ ସମୟରେ ନାମକରଣ ଉତ୍ସବରେ ଜନ୍ମଦିନ ଉତ୍ସବରେ, ବିବାହ କ୍ଷେତ୍ରରେକୌଣସି ବ୍ୟକ୍ତିର ମୃତ୍ୟୁ ସମୟରେ ଏକାଦଶାହ ବାଶୁଦ୍ଧିକ୍ରିୟା କ୍ଷେତ୍ରରେ ମଧ୍ୟ ପରସ୍ପର ସହଯୋଗୀ ଶ୍ରମଦାନ ମାଧ୍ୟମରେ କାର୍ଯ୍ୟଗୁଡିକ ସମ୍ପାଦନ ହୋଇଥାଏ । ଏଥି ସହିତ ବିଧବା ସ୍ତ୍ରୀର ଘର ଛପର କାର୍ଯ୍ୟରେ ବିବାହ ଓ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କ୍ଷେତ୍ରରେ ସ୍ତ୍ରୀମାନେ ଜଙ୍ଗଲରୁ ପତ୍ର ସଂଗ୍ରହ କରି ଖଲିଦୋନା ତିଆରି କରିବା, ପୁରୁଷମାନେ ଜାଳେଣୀ ସକାଶେ ଜଙ୍ଗଲରୁ ଜାଳେଣୀ ସଂଗ୍ରହ କରିବା କାର୍ଯ୍ୟ ମଧ୍ୟ ପରସ୍ପର ସହଯୋଗୀ ଶ୍ରମଦାନ ମାଧ୍ୟମରେ ଅନ୍ୟଜଣଙ୍କୁ ସାହାଯ୍ୟ କରାଯାଇଥାଏ । ବିଧବା ସ୍ତ୍ରୀର ଘର ତିଆରି ସରଞ୍ଜାମ ସଂଗ୍ରହ, ରୋଗରେ ପ୍ରପୀଡିତ ବ୍ୟକ୍ତିଙ୍କୁ ପୂର୍ଣ୍ଣ ସହଯୋଗ, ପୁତ୍ରହୀନ ବିଧବା ସ୍ତ୍ରୀକୁ ଜଙ୍ଗଲରୁ ଶୀକାର କରି ଆଣିଥିବା ମାଂସ ପ୍ରଦାନ କରିବା ଇତ୍ୟାଦି କ୍ଷେତ୍ରରେ ସହଯୋଗୀ ଶ୍ରମ ମାଧ୍ୟମରେ କାର୍ଯ୍ୟସମ୍ପାଦନ ହୋଇପାରିଛି । ମୃତବ୍ୟକ୍ତିର ଶବଦାହ ସମୟରେ, ଭାଇଭାଇ ମଧ୍ୟରେ ସମ୍ପତ୍ତି ବଣ୍ଟନ କ୍ଷେତ୍ରରେ, ସ୍ତ୍ରୀର ପ୍ରସବ ସମୟରେ, ଘରୁ ଝିଅବିଦାବେଳେ, ବିବାହ ପାଇଁ ଶୁଭଲଗ୍ନ ସ୍ଥିର କରିବା ଇତ୍ୟାଦି କାର୍ଯ୍ୟ ସହଯୋଗୀ ଶ୍ରମ ମାଧ୍ୟମରେ ସମ୍ପାଦିତ ହୋଇଥାଏ । ଗଣ୍ଡଗୋଳର ମୁକାବିଲା କ୍ଷେତ୍ରରେ, ଗ୍ରାମ ଗ୍ରାମ ମଧ୍ୟରେ ଜମି ଜମା ସମ୍ବନ୍ଧୀୟ ବିବାଦ ଉପୁଜିବା କ୍ଷେତ୍ରରେ ଏବଂ ଗ୍ରାମର ରାସ୍ତା ମରାମତି, ପୋଖରୀରୁ ପଙ୍କ ଉଦ୍ଧାର, ଗ୍ରାମରାସ୍ତା ପରିଷ୍କାର ପରିଛନ୍ନତା, ଗ୍ରାମପାଇଁ କୂପ ଖନନ ଇତ୍ୟାଦି କାର୍ଯ୍ୟ ସହଯୋଗୀ ଶ୍ରମଦ୍ୱାରା ସମ୍ପାଦିତ ହୋଇଥାଏ ।

## ସମବାୟ ଶ୍ରମ ପ୍ରତିବଦଳରେ ପ୍ରାପ୍ୟ ପ୍ରଦାନ :

ସହଯୋଗୀ ଶ୍ରମ ପ୍ରତିବଦଳରେ ପ୍ରତ୍ୟେକ କ୍ଷେତ୍ରରେ ପାରିଶ୍ରମିକ ଦିଆଯାଇନଥାଏ । କୌଣସି ବ୍ୟକ୍ତିର ଚାଷକାର୍ଯ୍ୟରେ ସହଯୋଗୀ ଶ୍ରମ ପ୍ରତିବଦଳରେ ଶସ୍ୟ ଅମଳପରେ ସହଯୋଗୀ ବ୍ୟକ୍ତିମାନଙ୍କୁ ପାରିଶ୍ରମିକ ବାବଦକୁ ଛଅ ସେର ଧାନ କିମ୍ବା କୌଣସି ପର୍ବପର୍ବାଣୀରେ ୫୦୦ ଗ୍ରା (ପାଞ୍ଚଶହ ଗ୍ରାମ) ମାଂସ ଦେଇଥାନ୍ତି । ଏଥି ସହିତ ଚାଖିବା ପାଇଁ ମାଂସ ମଧ୍ୟ ଦେଇଥାନ୍ତି । ହାଣ୍ଡିଆ ମଧ୍ୟ ପାନ କରିବା ପାଇଁ ଦେଇଥାନ୍ତି । ବିଧବା ସ୍ତ୍ରୀର ଘର ଛପର ପାଇଁ ପରିବାରରୁ ଜଣେ ଲେଖାଏଁ କାର୍ଯ୍ୟରେ ଶ୍ରମଦାନ କରି ସମ୍ପାଦନ କରିଥାନ୍ତି । ଏଥି ସକାଶେ ସହଯୋଗୀ ବ୍ୟକ୍ତିମାନଙ୍କୁ କେବଳ ହାଣ୍ଡିଆ ପ୍ରଦାନ କରିଥାନ୍ତି । ଗ୍ରାମର ପଞ୍ଚମୁଖୀଙ୍କୁ ଚାରିହାତ (୪ହାତ) ବିଶିଷ୍ଟ ହଳଦିଆ ରଙ୍ଗର ଗାମୁଛା ପ୍ରଦାନ କରାଯାଇଥାଏ । କରମ ପୂଜାରେ ସହଯୋଗୀ ଶ୍ରମପ୍ରତିବଦଳରେ ସହଯୋଗୀମାନଙ୍କୁ ମାଂସଭାତ ଓ ହାଣ୍ଡିଆ ପ୍ରଦାନ କରାଯାଇଥାଏ । ନିଜଗାଁର ଲୋକଙ୍କୁ ଓ ଅନ୍ୟ ଗାଁର ଲୋକଙ୍କ ମଧ୍ୟରେ ଉପୁଜୁଥିବା ଗଣ୍ଡଗୋଳରେ ନଜଗାଁ ଲୋକଙ୍କୁ ସହଯୋଗୀ ଶ୍ରମଦ୍ୱାରା ସହଯୋଗ କରିବା ପ୍ରତିବଦଳରେ ମାଂସଭାତ ଓ ହାଣ୍ଡିଆ ଦିଆଯାଇଥାଏ ।

ବିଧବା ସ୍ତ୍ରୀକୁ (ପୁତ୍ରହୀନ) ସହଯୋଗୀ ଶ୍ରମ ମାଧ୍ୟମରେ ଶୀକାର କରି ଆଣିଥିବା ମାଂସକୁ କିଛି ପରିମାଣ ଦେଇଛନ୍ତି । ପ୍ରତିବଦଳରେ ପ୍ରତ୍ୟେକ ସହଯୋଗୀମାନଙ୍କୁ ଶୁଖିଲା ମହୁଲ ମୁଠିଏ ମୁଠିଏ ଦିଆଯାଇଥାଏ । ଭାଇଭାଇ ମଧ୍ୟରେ ସମ୍ପତ୍ତି ବଣ୍ଟନର କାର୍ଯ୍ୟରେ ଶ୍ରମଦାନ କରି ସହଯୋଗ କରିଥିବାରୁ ସହଯୋଗୀମାନଙ୍କୁ ମାଂସ ଭାତ, ହାଣ୍ଡିଆ ଓ ମଦ ପ୍ରଦାନ କରାଯାଇଥାଏ । ପ୍ରସବ ସମୟରେ ଉପସ୍ଥିତ ସହଯୋଗୀମାନଙ୍କୁ ସାଧାରଣଭାବେ ଭାତ ତରକାରୀ ପ୍ରଦାନ କରାଯାଇଥାଏ । କୌଣସି ଯୁବତୀର ବିବାହ ସମୟରେ ସହଯୋଗୀ ଶ୍ରମଦାନ କରିଥିବା ଯୁବତୀମାନଙ୍କୁ ଶ୍ରମ ପ୍ରତିବଦଳରେ ଭାତମାଂସ ପ୍ରଦାନ କରାଯାଇଥାଏ । ଏଥିସହିତ ସେମାନଙ୍କୁ ମଧ୍ୟ ହାଣ୍ଡିଆ ପ୍ରଦାନ କରାଯାଇଥାଏ ।

## ଶ୍ରମ ସମବାୟ ସଦସ୍ୟ ମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା :

ବିବାହ ସମୟରେ ସହଯୋଗୀ ଶ୍ରମୀମାନଙ୍କ ପାଇଁ ଉଷୁନା ଚାଉଳର ଭାତ ରୋଷେଇ କରାଯାଇଥାଏ । ସକ୍ଷମ ଅନୁଯାୟୀ ଘୁଷୁରୀମାଂସ / ଖାସୀମାଂସ / କୁକୁଡା ମାଂସ ପ୍ରସ୍ତୁତ କରାଯାଇ ତରକାରୀ ହିସାବରେ ଖାଇବା ପାଇଁ ଦିଆଯାଇଥାଏ । ଏହା ସହିତ ହାଣ୍ଡିଆ କିମ୍ବା ମଦ ମଧ୍ୟ ପାନୀୟ ହିସାବରେ ଦିଆଯାଇଥାଏ । ବିବାହର ଦୁଇ ତିନିଦିନ ପରେ ସହଯୋଗୀ ଶ୍ରମୀମାନଙ୍କୁ ଆମନ୍ତ୍ରଣ କରି ସ୍ୱତନ୍ତ୍ର ଭୋଜିଭାତର ଆୟୋଜନ କରାଯାଇଥାଏ । ଭାତ, ମାଂସ ସମେତ ହାଣ୍ଡିଆର ବହୁଳ ମାତ୍ରାରେ ବ୍ୟବହାର ହୋଇଥାଏ । କୌଣସି ବ୍ୟକ୍ତିର ମୃତ୍ୟୁପରେ ତାର ଏକାଦଶାହ ବା ଶୁଦ୍ଧିକ୍ରିୟାରେ ସହଯୋଗୀ ଶ୍ରମିମାନଙ୍କ ପାଇଁ ଭାତ, ମାଂସ ଏବଂ ହାଣ୍ଡିଆର ବ୍ୟବସ୍ଥା କରାଯାଇଥାଏ । କରମ ପୂଜାରେ ସହଯୋଗୀ ଶ୍ରମମାନଙ୍କୁ ହାଣ୍ଡିଆ ପ୍ରଦାନ କରାଯାଇଥାଏ । ଭାଇଭାଇ ମଧ୍ୟରେ ସମ୍ପତ୍ତି ବଣ୍ଟନ କ୍ଷେତ୍ରରେ ସହଯୋଗ କରୁଥିବା ସହଯୋଗୀ ଶ୍ରମୀମାନଙ୍କ ପାଇଁ ଭାତ ରୋଷେଇ କରାଯାଇଥାଏ ଏବଂ ମାଂସକୁ ତରକାରୀ କରି ଖାଇବା ପାଇଁ ପ୍ରଦାନ କରାଯାଇଥାଏ । କୌଣସି ସ୍ତ୍ରୀର ପ୍ରସବ ସମୟରେ ସହଯୋଗୀ ଶ୍ରମୀମାନଙ୍କ ପାଇଁ ସାଧାରଣ ଭାବରେ ଭାତ ଓ ତରକାରୀର ବ୍ୟବସ୍ଥା କରାଯାଇଥାଏ । କୌଣସି ଯୁବତୀର ବିବାହ ସମୟରେ ସହଯୋଗୀ ଶ୍ରମୀ ମାନଙ୍କ ପାଇଁ କେବଳ ହାଣ୍ଡିଆର ବ୍ୟବସ୍ଥା କରାଯାଇଥାଏ ।

## ମୁକ୍ତ ସହଯୋଗୀ ଶ୍ରମ :

କେତେକ କ୍ଷେତ୍ରରେ ସହଯୋଗୀ ଶ୍ରମୀମାନେ ବିନ ପାଉଣାରେ ଅନ୍ୟ ପାଇଁ କାର୍ଯ୍ୟ ସମ୍ପାଦନ କରିଥାନ୍ତି । କୌଣସି ବ୍ୟକ୍ତି ସାଂଘାତିକ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥାନ୍ତି ଏବଂ ତାର ଆଶୁ ଆରୋଗ୍ୟ କାମନା କରିଥାନ୍ତି । ଏହି କ୍ଷେତ୍ରରେ ସହଯୋଗୀ ଶ୍ରମୀମାନଙ୍କୁ କୌଣସି ପାଉଣା ନେବାକୁ ପଡ଼ିନଥାଏ । କୌଣସି ବ୍ୟକ୍ତିର

ମୃତ୍ୟୁପରେ ତାର ଶବସଂସ୍କାର କ୍ଷେତ୍ରରେ ପ୍ରତ୍ୟେକ ପରିବାରରୁ ଦୁଇଜଣ ଲେଖାଏଁ ଯଥାସ୍ଥାନରେ ଉପସ୍ଥିତ ରହି ସହଯୋଗ କରିଥାନ୍ତି । ସେହି ସହଯୋଗୀ ଶ୍ରମୀମାନଙ୍କୁ କୌଣସି ପାଉଣା ଦେବାକୁ ପଡ଼ିନଥାଏ । ସେମାନେ ମାଗଣାରେ ଶ୍ରମଦାନ କରିଥାନ୍ତି । ଗ୍ରାମର କୌଣସି ପୋଖରୀରୁ ପଙ୍କ ଉଦ୍ଧାରକରଣ କ୍ଷେତ୍ରରେ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯାଇ କାମରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି । ଏଥି ସକାଶେ ସେମାନେ କୌଣସି ପାରିଶ୍ରମିକ ପାଇପାରି ନଥାନ୍ତି । ମାଗଣାରେ କାର୍ଯ୍ୟଟି ସମ୍ପାଦନ କରିଥାନ୍ତି । ଗ୍ରାମର କୂପ ଖନନ, ରାସ୍ତା ମରାମତି, ଗ୍ରାମଦାଣ୍ଡ ପରିଷ୍କାର ପରିଚ୍ଛନ୍ନତା, ଗ୍ରାମର ସଭଗୃହ ତିଆରି କ୍ଷେତ୍ରରେ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ସମ୍ପୃକ୍ତ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଏଥି ନିମନ୍ତେ ସେମାନେ କୌଣସି ପାଉଣା ନେଇ ନଥାନ୍ତି । ବିନା ପାରିଶ୍ରମିକରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଜଳସେଚନର ସୁବିଧା ପାଇଁ ପୁରୁଣା ବନ୍ଧ ମରାମତି କାର୍ଯ୍ୟରେ ମଧ୍ୟ ବିନା ପାରିଶ୍ରମିକରେ ସହଯୋଗୀ ଶ୍ରମଦାନ କରି କାର୍ଯ୍ୟଟି ସମ୍ପାଦନ କରିଥାନ୍ତି । ବର୍ଷାଋତୁରେ ନାଳ ଉପରେ କଠର ପୋଲ ସହଯୋଗୀ ଶ୍ରମଦାନ ମାଧ୍ୟମରେ ନିର୍ମିତ ହୋଇଥାଏ । ଏଥିପାଇଁ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ସମ୍ପୃକ୍ତ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ସେମାନେ ଏହି କାର୍ଯ୍ୟପାଇଁ କୌଣସି ପାରିଶ୍ରମିକ ନେଇନଥାନ୍ତି ବା ବିନା ପାଉଣାରେ ଉକ୍ତ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି ।

## ଶ୍ରମ ସମବାୟ ସମ୍ପୃକ୍ତ ପ୍ରତିଦ୍ୱନ୍ଦିତା, ପୂଜା, ଉପହାର, ପୁରସ୍କାର ଇତ୍ୟାଦି :

କୌଣସି କାର୍ଯ୍ୟ ଶୀଘ୍ର ଶେଷ ପାଇଁ ସହଯୋଗୀ ଶ୍ରମୀଦଳ ମାନଙ୍କ ମଧ୍ୟରେ କେତେକ କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା ହୋଇଥାଏ । ଫଳରେ କାର୍ଯ୍ୟଟି ସମ୍ପାଦନ ପାଇଁ ଶ୍ରମୀମାନେ କାର୍ଯ୍ୟ କରିବାରେ ତତ୍ପରତା ପ୍ରକାଶ କରିଥାନ୍ତି । ତେଣୁ କାର୍ଯ୍ୟଟି ଶୀଘ୍ର ସମ୍ପାଦିତ ହୋଇଥାଏ । ପ୍ରତିଦ୍ୱନ୍ଦିତା କ୍ଷେତ୍ରରେ ସେମାନଙ୍କର ପାରିଶ୍ରମିକ ବୃଦ୍ଧି କିମ୍ବା, କିଛି ଉପହାର ବା ପୁରସ୍କାରର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ଚାଷକାର୍ଯ୍ୟରେ ଯଥା ହଳକରିବା, ହୁଡ଼ା ସଜାଡିବା, ଶସ୍ୟ ବୁଣିବା, ଘାସ ବାଛିବା, ବିହୁଡ଼ା କାର୍ଯ୍ୟ ସମ୍ପାଦନ କରିବା, ଶସ୍ୟ କାଟିବା ଓ ଶସ୍ୟ ଅମଳ କରିବା କ୍ଷେତ୍ରରେ ସହଯୋଗୀ ଶ୍ରମୀଦଳ ମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥାଏ । କର୍ମକର୍ତ୍ତା ସେହି ପ୍ରତିଦ୍ୱନ୍ଦି / ସହଯୋଗୀ ଶ୍ରମୀମାନଙ୍କ ପାଇଁ ପାରିଶ୍ରମିକ ମୂଲ୍ୟ ବୃଦ୍ଧି କରିଥାନ୍ତି । କେତେକ କ୍ଷେତ୍ରରେ ପାରିଶ୍ରମିକ ମୂଲ୍ୟ ସହିତ ହାଣ୍ଡିଆ ଉପହାର ହିସାବରେ ପ୍ରଦାନ କରିଥାନ୍ତି । ଆଉ ମଧ୍ୟ ଚାଖଣ ପାଇଁ ମାଂସକୁ ଉପହାର ହିସାବରେ ପ୍ରଦାନ କରିଥାନ୍ତି । କୌଣସି କାର୍ଯ୍ୟଟି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟ ଶେଷକରିବା କ୍ଷେତ୍ରରେ ସହଯୋଗୀ ଶ୍ରମୀମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥାଏ । ସେଥିସକାଶେ ସହଯୋଗୀ ଶ୍ରମୀମାନଙ୍କୁ ପିନ୍ଧିବା ପାଇଁ ଗଞ୍ଜି ଦିଆଯାଇଥାଏ ଏବଂ ମହିଳା ସହଯୋଗୀ ଶ୍ରମୀମାନଙ୍କୁ ବ୍ଲାଉଜ୍ ଦିଆଯାଇଥାଏ । ଏଥି ସହିତ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥାଏ ।

## ଶ୍ରମ ସମବାୟ ପ୍ରତି ଆଦିବାସୀଙ୍କ ମନୋବୃତ୍ତି :

ସହଯୋଗୀ ଶ୍ରମଦାନ କରିବା ପାଇଁ ପ୍ରତ୍ୟେକଙ୍କର ଆଗ୍ରହ ହୋଇଥାଏ । ପରସ୍ପରର ସହଯୋଗ କରିବା ପାଇଁ ପ୍ରତ୍ୟେକ ଆଗଭର ହୋଇଥାନ୍ତି । ଫଳରେ କାର୍ଯ୍ୟଟି ଅତିସହଜରେ ଓ ନିର୍ଦ୍ୱନ୍ଦରେ ସମ୍ପାଦିତ ହୋଇଥାଏ । ସହଯୋଗୀ ଶ୍ରମଦାନ କରିବା ପାଇଁ ସହଯୋଗୀ ମନୋଭାବ ଦୃଢ଼ୀଭୂତ ହୋଇଥାଏ । ପରିଷ୍କାର ଏକତ୍ରିତ ହେବାରେ ସୁଯୋଗ ଉପୁଜିଥାଏ । ।ପରସ୍ପର ମୁକ୍ତଭାବରେ ଭାବର ଆଦାନ ପ୍ରଦାନ କରିଥାନ୍ତି । ମନଶୋଭା କଥା ମଧ୍ୟ ଅନ୍ୟ ଆଗରେ ପ୍ରକାଶ କରିପାରନ୍ତି । ସହଯୋଗୀ ଶ୍ରମ ଅତ୍ୟନ୍ତ ଜରୁରୀ । ଫଳରେ କାର୍ଯ୍ୟ ହୁଏ ସୁକର । କୌଣସି ଲୋକପାଇଁ ସହଯୋଗୀ ଶ୍ରମ ମାଧମରେ କାର୍ଯ୍ୟ କରିଲେ ସେହିଲୋକ ମଧ୍ୟ ଅନ୍ୟମାନଙ୍କ ପାଇଁ କାର୍ଯ୍ୟରେ ସହଯୋଗ କରିପାରିବ । କାର୍ଯ୍ୟରେ ସହାୟତା ମିଳିଥାଏ କାର୍ଯ୍ୟଟି ସମ୍ପନ୍ନ ହେବା ଦିଗରେ । ସାମୂହିକ ମଙ୍ଗଳ ନିମିତ୍ତ ସହଯୋଗୀ ଶ୍ରମ ଏକାନ୍ତ ପ୍ରୟୋଜନ ।

## ବର୍ତ୍ତମାନର ଶ୍ରମସମବାୟ ପଦ୍ଧତି :

ବର୍ତ୍ତମାନ ପରିସ୍ଥିତିରେ କେତେକ କାର୍ଯ୍ୟରେ ସହଯୋଗୀଶ୍ରମ ଦ୍ୱାରା ସମ୍ପାଦନ ହୋଇପାରୁଛି । ସୁତରାଂ କୌଣସି ପରିବାରର ଜମିରେ ହଳକରିବା, ବୁଡ଼ା ସଜାଡିବା, ଶସ୍ୟ ବୁଣିବା, ଘାସ ବାଛିବା, ଜଗିବା, ଶସ୍ୟ କାଟିବା ଏବଂ ଶସ୍ୟ ଅମଳ କରିବାରେ ଅନ୍ୟ ପରିବାରର ଲୋକେ ସହଯୋଗୀ ଶ୍ରମଦାନ କରିଥାନ୍ତି । ଫଳରେ କାର୍ଯ୍ୟଟି ସମ୍ପନ୍ନ ହୋଇଥାଏ । ଏଥି ସହିତ ଶିଶୁଜନ୍ମ ସମୟରେ, ନାମକରଣ ଦିବସରେ, ଜନ୍ମଦିନ ଉତ୍ସବରେ ମୃତ୍ୟୁ ସମୟରେ, ଏକାଦଶାହ ବା ଶୁଦ୍ଧକ୍ରିୟା ସମୟରେ ପରିଷ୍କାର ସହଯୋଗୀ ଶ୍ରମଦାନ ମଧମରେ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ବିଧବା ଘର ଛପର କରିବା ଏବଂ ଜଙ୍ଗଲରୁ ଘର ତିଆରି ସରଞ୍ଜାମ ସଂଗ୍ରହ, ଭୂତପ୍ରେତଦାଉରୁ ପରିବାରକୁ ରକ୍ଷାକରିବା, ରୋଗରେ ପ୍ରପୀଡ଼ିତ ବ୍ୟକ୍ତିକୁ ପୂର୍ଣ୍ଣ ସାହାର୍ଯ୍ୟ, ବିବାହ ପାଇଁ ଶୁଭଲଗ୍ନ ସ୍ଥିର କରିବ, ଘରୁ ଝିଅ ବିଦାୟ ନେବା ଇତ୍ୟାଦି କାର୍ଯ୍ୟ ମଧ ସହଯୋଗୀ ଶ୍ରମଦାନ ମାଧମରେ ସମ୍ପାଦିତ ହୋଇଥାଏ । ଗ୍ରାମ ପାଇଁ କୋଠାଘର ତିଆରି ଓ ମରାମତି, ଜମିଜମା ପରିମାପ କ୍ଷେତ୍ରରେ ମଧ ବର୍ତ୍ତମାନ ସହଯୋଗୀ ଶ୍ରମଦାନ ଦ୍ୱାରା କାର୍ଯ୍ୟଗୁଡ଼ିକ ସମ୍ପାଦନ ହେଉଛି । ପ୍ରତ୍ୟେକ କାର୍ଯ୍ୟରେ ସହଯୋଗୀ ଶ୍ରମୀମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥାନ୍ତି ।

## ପାରମ୍ପରିକ ଶ୍ରମସମବାୟ ବ୍ୟବସ୍ଥାରେ ପରିବର୍ତ୍ତନ :

ପାରମ୍ପାରିକ ସହଯୋଗୀ ଶ୍ରମଦାନ କେତେକାଂଶରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ପାରମ୍ପାରିକ ସହଯୋଗୀ ଶ୍ରମ ମାଧମରେ ଗ୍ରାମରେ ରାସ୍ତା ତିଆରି , ରାସ୍ତାଘାଟ ମରାମତି, ଗ୍ରାମପାଇଁ କୂପଖନନ, ଛୋଟ ପୋଖରୀ ଖନନ, ପୋଖରୀରୁ ପଙ୍କ ଉଦ୍ଧାର ଇତ୍ୟାଦି

କାର୍ଯ୍ୟ ସହଯୋଗୀ ଶ୍ରମ ମଧ୍ୟମରେ ସମ୍ପାଦିତ ହେଉଥିଲା ବେଳେ ବର୍ତ୍ତମାନ ଉପରୋକ୍ତ ପ୍ରତ୍ୟେକ କାର୍ଯ୍ୟ ସରକାରୀ ଲୋକମାନଙ୍କୁ ପାରିଶ୍ରମିକ ପ୍ରଦାନ କରି କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଚାଷକାର୍ଯ୍ୟରେ ପଛୁଆଥିବା ବ୍ୟକ୍ତିଙ୍କ ପାଇଁ ସହଯୋଗୀ ଶ୍ରମଦାନ କରି ଗ୍ରାମରୁ ପ୍ରତ୍ୟେକଘରୁ ଜଣେ ଲେଖାଏଁ ଯାଇଁ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ବର୍ତ୍ତମାନ ତାହା ବାଧାପ୍ରାପ୍ତ ହୋଇଛି । ସମ୍ପୃକ୍ତ କାର୍ଯ୍ୟ କେବଳ ପରିବାର ବ୍ୟକ୍ତିମାନଙ୍କ ମିଳିତ ସହାୟତାରେ ସମ୍ପାଦିତ ହେଉଛି । ଉପରୋକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ସହଯୋଗୀ ଶ୍ରମରେ କିଞ୍ଚିତ ପରିବର୍ତ୍ତନ ହୋଇଛି ।

## ଅନ୍ୟାନ୍ୟ :

ଉପରୋକ୍ତ ସହଯୋଗୀ ଶ୍ରମ ବା ଶ୍ରମ ସହଯୋଗୀତାରୁ ଏହି ଶିକ୍ଷା ମିଳିବାକୁ ପାଇଲୁ ଯେ ପରସ୍ପରର ପୂର୍ଣ୍ଣ ସହଯୋଗ ଦ୍ୱାରା କାର୍ଯ୍ୟଟି ସୁରୁଖୁରୁରେ ସମ୍ପାଦିତ ହୋଇଅଛି । ତେଣୁ ସହଯୋଗୀ ଶ୍ରମଦାନ ଅତିଆବଶ୍ୟକ । କୌଣସି କାମ ଜଣେ କାମ ଜଣେ କରିବା ପାଇଁ ଅକ୍ଷମ ପ୍ରକାଶ କଲେ ତାହା ସହଯୋଗୀ ଶ୍ରମ ମଧ୍ୟମରେ ସମ୍ପାଦିତ ହୋଇଥାଏ । ଯେକୌଣସି ଅସମ୍ଭବ କାର୍ଯ୍ୟ ସହଯୋଗୀ ଶ୍ରମ ବା ସହଯୋଗୀତା ମାଧ୍ୟମରେ ସମ୍ଭବ ହୋଇଥାଏ

●●●

# ପାରମ୍ପରିକ ଗ୍ରାମ ସଭା

ଭଗବାନ ସୃଷ୍ଟି ଅତି ବିଚିତ୍ର । ମନୁଷ୍ୟ ହିଁ ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ । ଏହି ସମାଜରେ ମନୁଷ୍ୟ ଜନ୍ମ ହୁଏ, ବଞ୍ଚିରହେ ଏବଂ ଶେଷରେ ଦେହତ୍ୟାଗ କରିଥାଏ । ଏହାହେଉଛି ସୃଷ୍ଟିର ନିୟମ । ପ୍ରତ୍ୟେକ ସମୟରେ ପ୍ରକୃତି ତାର କାର୍ଯ୍ୟ ଠିକ୍ ଠିକ୍ ତୁଲାଉଥିବାବେଳେ ଶ୍ରେଷ୍ଠ ପ୍ରାଣୀ ହିସାବରେ ମନୁଷ୍ୟ ତାର କର୍ତ୍ତବ୍ୟ ପରିପାଳନରେ ପଛଘୁଞ୍ଚା ଦେଇଥାଏ । ମନୁଷ୍ୟ ତାର ଠିକ ଭୁଲ ବିଚାର କରିପାରେ । କାରଣ ଭଗବାନ ମନୁଷ୍ୟକୁ ବିଚାର କରିବାର ଶକ୍ତି ପ୍ରଦାନ କରିଛନ୍ତି । ମନୁଷ୍ୟ ବ୍ୟତୀତ ସୃଷ୍ଟିରେ ଆତଯାତ ଅନ୍ୟ କୌଣସି ଜୀବଙ୍କଠାରେଏହି ବିଚାର କରିବା ଶକ୍ତି ନାହିଁ । ତେଣୁ ମନୁଷ୍ୟ ଏହିଦୃଷ୍ଟିରୁ ଉଚ୍ଚ ଶ୍ରେଣୀରେ ରହିଛି । ମନୁଷ୍ୟ ବିଶେଷ ଭାବରେ ବିଚାର କରିବା ଶକ୍ତିକୁ ଇଶ୍ୱରଙ୍କ ଉପରେ ନ୍ୟସ୍ତ କରି ଦୃଢ଼ କରିଥାଏ । ତେଣୁ ମନୁଷ୍ୟ କୃତ କେତେକ ଭୁଲ ପାଇଁ ସେ ଇଶ୍ୱରଙ୍କ ଆଦେଶରେ ଦଣ୍ଡପାଇଥାଏ ବୋଲି ପାରମ୍ପରିକ ସମାଜର ଧାରଣା ରହିଛି ।

## ପାରମ୍ପରିକ ଗ୍ରାମସଭାର ଧାରଣା, ଉତ୍ପତ୍ତି ଓ ଇତିବୃତ୍ତ:

ମନୁଷ୍ୟ ତାରଜୀବନରେ କରିଥିବା ବିଭିନ୍ନ ପ୍ରକାର ଭୁଲ ପାଇଁ ଦଣ୍ଡ ପାଇଥାଏ । ସମାଧାନ ପାଇଁ ସୂତ୍ର ଖୋଜି ବୁଲୁଥାଏ । ବିଚାର ଆବଶ୍ୟକ କରିଥାଏ । ଏହି ଉଦ୍ଦେଶ୍ୟକୁ ନେଇ ପୁରାତନ ସାନ୍ତାଳ ସମ୍ପ୍ରଦାୟରେ ପ୍ରଚଳିତ ରାଜନୈତିକ ପରିଷଦର ଉତ୍ପତ୍ତି ଓ ଇତିବୃତ୍ତି ସମ୍ବନ୍ଧରେ ସମ୍ୟକ୍ ଧାରଣା ପ୍ରଦାନ କରାଯାଇଛି । ସାନ୍ତାଳ ସମାଜର ଲୋକମାନଙ୍କର ବିଶ୍ୱାସ ଯେ ସୃଷ୍ଟିର ପ୍ରଥମ ସୃଷ୍ଟି ଗାଙ୍ଗୀ ଓ ପିଲ୍‌ଚୁ ଦୁଇ ଭଉଣୀ ଓ ଭାଇ । ବୟଃ ପ୍ରାପ୍ତ ହେବାପରେ ଭଗବାନ ମାନବ ସୃଷ୍ଟିର ବୃଦ୍ଧି ନିମନ୍ତେ ଚିନ୍ତାକଲେ । କୌଣସି ଏକ ରାତ୍ରିରେ ସ୍ୱୟଂ ଭଗବାନ ସେହି ଦୁଇ ଭାଇ ଭଉଣୀଙ୍କୁ ସୁରାପାନ କରାଇଥିଲେ । ସୁରା ନିଶାରେ ଉବୁଟୁବୁ ହୋଇ ଭାଇ ଭଉଣୀର ସମ୍ପର୍କକୁ ଛିନ୍ନକରି ସେମାନେ ସ୍ୱାମୀ ଓ ସ୍ତ୍ରୀର ସମ୍ପର୍କରେ ବାନ୍ଧିହେଲେ । ପରବର୍ତ୍ତୀକାଳରେ ସେମାନଙ୍କର ବିବାହ ସଂଗଠିତ ହୋଇଥିଲା । ବିବାହ ଠାରୁ ତିନିବର୍ଷ ଲଗାତର ଘୋର ଅନାବୃଷ୍ଟି ହୋଇଥିଲା । ଅନାଟନର ସମୟ ଆସିଥିଲା । ଅନାବୃଷ୍ଟିର କାରଣ ସମ୍ପର୍କରେ ଜାଣିବା ପାଇଁ ମର୍ତ୍ତ୍ୟର ଦେବଗଣ ସ୍ୱର୍ଗରାଜ ଇନ୍ଦ୍ରଙ୍କୁ ଡ଼କାଇ ଏକ ବୈଠକର ଆୟୋଜନ କରିଥିଲେ । ସେମାନେ ଜାଣିବାକୁ ପାଇଲେ ଯେ ଭଉଣୀଭାଇ ଦ୍ୱୟ (ଗାଙ୍ଗୀ ଓ ପିଲ୍‌ଚୁ) ମଧ୍ୟରେ ଅସଙ୍ଗତ ବିବାହ ଯୋଗୁଁ ତିନିବର୍ଷ ଯାଏ ବର୍ଷା ହେଉନାହିଁ । ଇନ୍ଦ୍ରରାଜା (ଲିଟାଗୋସାଏଁ)ଙ୍କ ନିର୍ଦ୍ଦେଶାନୁକ୍ରମେ ଗାଙ୍ଗୀ ଓ ପିଲ୍‌ଚୁ ଉଭୟଙ୍କ ଦକ୍ଷିଣ ହସ୍ତର କନିଷ୍ଠାଙ୍ଗୁଳିରୁ କିଛି ରକ୍ତ ଆଣିଲେ । ସେହି ରକ୍ତରେ ଅରୁଆ ଚାଉଳକୁ

ମିଶ୍ରଣକରି ଦେବରାଜ ଇନ୍ଦ୍ରଙ୍କ ନିକଟରେ ପୂଜା ଆରାଧନା କଲେ ।ଏଭଳି ବିବାହର ବିଚାର ପାଇଁ ସେମାନେ ସଭା ଡକାଇ ପୂଜାର୍ଚ୍ଚନା କରିଥିଲେ । ଦଣ୍ଡସ୍ୱରୂପ ଗାଙ୍ଗୀ ପିଲ୍‌ଚୁଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ପୂଜାର୍ଚ୍ଚନା ପରେ ଦେବରାଜ ଇନ୍ଦ୍ର ସନ୍ତୁଷ୍ଟ ହୋଇ ପୃଥିବୀ ଉପରେ ବର୍ଷା କରାଇଥିଲେ । ମାରାଂବୁରୁଙ୍କ ସଭାପତିତ୍ୱରେ ଏହି ସଭାକାର୍ଯ୍ୟ ସମାପନ ହୋଇଥିଲା । ଏହିଭଳି ଭାବରେ ବିଚାର ପାଇଁ ପୁରାତନ ରାଜନୈତିକ ପରିଷଦର ସୃଷ୍ଟି ହୋଇଥିଲା। ବିଚାର ପାଇଁ ଏକାନ୍ତ ନିର୍ଭରଯୋଗ୍ୟ ପରିଷଦ ଭାବରେ ପାରମ୍ପରିକ ରାଜନୈତିକ ପରିଷଦ ତିଷ୍ଠି ରହିଛି ।

## ପାରମ୍ପରିକ ଗ୍ରାମସଭାର ଗଠନ :

ପ୍ରଥମେ ଗ୍ରାମ ଶାସନ ପାଇଁ ମାଝୀହାଲାମଙ୍କୁ ଗ୍ରାମର ପ୍ରଥମ ସଭାପତିତ୍ୱରୂପେ, ଜଗମାଝୀଙ୍କୁ ଉପସଭାପତି ରୂପେ, ପାରାନିକଙ୍କୁ ସମ୍ପାଦକ ରୂପେ ବଲଭାଇଙ୍କୁ ସହ-ସମ୍ପାଦକରୂପେ ଓ ଶେଷରେ ଗଡ଼େତ୍‌ଙ୍କୁ ଡ଼ାକୁଆ ଭାବେ ଗ୍ରାମ ଶାସନରେ ସ୍ଥାନ ଦିଆଯାଇଛି। ଗ୍ରାମର ମଧ୍ୟଭାଗରେ ଗ୍ରାମବାସୀଙ୍କ ସହଯୋଗରେ ଏକ ବୈଠକ ଗୃହ ତିଆରି କରାଯାଇଥାଏ । ସେହି ଗୃହରେ ଗ୍ରାମବାସୀମାନଙ୍କ ଭଲମନ୍ଦ,ସୁବିଧା ଅସୁବିଧା ପ୍ରତ୍ୟେକ ବିଷୟ ବିଚାର କରାଯାଇ ଲୋକମାନଙ୍କୁ ଉଚିତ ନ୍ୟାୟ ଦିଆଯାଇଥାଏ । ସାନ୍ତାଳ ସମ୍ପ୍ରଦାୟର ଲୋକମାନଙ୍କ ମତରେ ସୃଷ୍ଟିର ଆରମ୍ଭରେ ଲୋକମାନଙ୍କ ଭଲମନ୍ଦ, ସୁଖଦୁଃଖ ବୁଝିବା ପାଇଁ କୌଣସି ଶାସନର ବ୍ୟବସ୍ଥା ନଥିଲା । ଫଳରେ ଲୋକମାନେ ଅନେକ ଅସୁବିଧାରେ ପଡୁଥିଲେ। କାଳକ୍ରମେ ଗ୍ରାମବାସୀମାନେ ଏକତ୍ର ବସିବା ପାଇଁ ପ୍ରତ୍ୟେକ ମନଖୋଲା କଥା ପ୍ରକାଶ କଲେ । ଆଲୋଚନା ସମୟଟି ସେମାନଙ୍କୁ ଉତ୍ସାହିତ କରୁଥିଲା । ପରିଶେଷରେ ସେମାନେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ପ୍ରତ୍ୟେକଙ୍କ ପାଇଁ ଏହିଭଳି ବୈଠକ ଅତି ଆବଶ୍ୟକ। ପ୍ରତ୍ୟେକଙ୍କର ଭଲମନ୍ଦ କଥା ଆଲୋଚନାର ଏକ ମାତ୍ର ଉତ୍ସ ସଭା । ଦୁଃଖି ଦରିଦ୍ର ପ୍ରତ୍ୟେକଙ୍କ ପାଇଁ ଏହା ଅତି ଜରୁରୀ । କାଳକ୍ରମେ ଏହି ବୈଠକ ଦୃଢୀଭୂତ ପାଇଁ ଗ୍ରାମର କେତେଜଣ ମୁଖିଆଙ୍କୁ ବିଚାରରେ ସ୍ଥାନ ଦିଆଯାଇଥିଲା ।

## ପାରମ୍ପରିକ ଗ୍ରାମସଭାର ସଦସ୍ୟମାନଙ୍କର ନିର୍ବାଚନ ପ୍ରଣାଳୀ :

ଗ୍ରାମସ୍ତରରେ ଗ୍ରାମଶାସନ ପାଇଁ ସାଧାରଣତଃ ମାଝୀହାଲାମ୍, ଜଗମାଝୀ, ପାରାନିକ୍ ବଲଭାଇ ଓ ଗଡ଼େତ୍‌ଙ୍କୁ ଯଥାକ୍ରମେ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଓ ଡ଼ାକୁଆ ନିୟୋଜିତ ଥାନ୍ତି । ଗ୍ରାମର ସମୂହ ଶ୍ରମଦାନରେ ଗ୍ରାମର ମଧ୍ୟଭାଗରେ ଟାଲଛପରର ଏକ ସଭାଗୃହ ନିର୍ମାଣ କରାଯାଇଥାଏ । ୩୨ଫୁଟ୍ ଲମ୍ବ ଓ ୧୦ଫୁଟ୍ ଓସାର ବିଶିଷ୍ଟ ଏହି

ସଭାଗୃହଟି ନିର୍ମାଣ କରାଯାଇଥାଏ । ଗୃହର ସଭାକାର୍ଯ୍ୟ ଚାଲୁଥିବା ସ୍ଥାନରେ କୌଣସି ବାଡ଼ ଦିଆଯାଇନଥାଏ । ଚତୁଃପାର୍ଶ୍ୱ ଖୋଲା ରହିଥାଏ । କେତୋଟି ଗ୍ରାମକୁ ନେଇ ଆଦିବାସୀ ସମ୍ପ୍ରଦାୟର ଲୋକେ ସ୍ୱତନ୍ତ୍ରଭାବେ ମକର ପରବର ପରଦିନ ଅର୍ଥାତ୍ ଦାମୋଦର ବା ଅସ୍ଥି ଭସାଣୀ ଦିନଠାରୁ ଆରମ୍ଭ କରି ପାଞ୍ଚଦିନଯାଏ ଏକ ବୈଠକ ବସାଇଥାନ୍ତି । ସେହି ବୈଠକରେ ପ୍ରତ୍ୟେକ ମାଝୀହାଲାମ୍, ଜଗମାଝୀ, ପାରାନିକ୍, ବଲଭାଇ ଓ ଗଡ଼େତପ୍ ଇତ୍ୟାଦି ରହିଥାନ୍ତି । ପ୍ରତ୍ୟେକ ଗ୍ରାମର ଭଲମନ୍ଦ ବିଷୟ ଆଲୋଚନା କରି ଉଚିତ୍ ନ୍ୟାୟ ପ୍ରଦାନ କରିଥାନ୍ତି ।

ଗ୍ରାମ ଶାସନରେ ମାଝୀହାଲାମ (ସଭାପତି) ହେଉଛନ୍ତି ଗ୍ରାମର ମୁଖ୍ୟ । ସେହିଁ ଗ୍ରାମର ଭଲମନ୍ଦ କଥା ବୁଝିବାରେ ସହାୟକ ହୋଇଥାନ୍ତି । ପ୍ରଥମେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏକ ବୈଠକ ଆହ୍ୱାନ କରାଯାଇଥାଏ । ଏହି ବୈଠକରେ ଗ୍ରାମର ପ୍ରତ୍ୟେକେ ଯୋଗଦାନ କରିବାର ସୁଯୋଗ ପାଇଥାନ୍ତି । ସେହି ବୈଠକରେ କେତେଲୋକ ଏକଜୁଟ୍ ହୋଇ ପରସ୍ପର ମଧ୍ୟରେ ଆଲୋଚନା କରିଥାନ୍ତି । ସେମାନଙ୍କ ମଧ୍ୟରେ କେହି ଜଣେ ଉଠି ଉପସ୍ଥିତ ବ୍ୟକ୍ତିଙ୍କ ଭିତରୁ ଜଣକୁ ମାଝୀହାଲାମ୍ (ସଭାପତି) ପାଇଁ ପ୍ରସ୍ତାବ ଆଗତ କରିଥାନ୍ତି ଏବଂ ଅନ୍ୟ ଜଣେ ଏହି ପ୍ରସ୍ତାବକୁ ସମର୍ଥନକରିଥାନ୍ତି । ଏହି ପ୍ରସ୍ତାବକୁ ଉପସ୍ଥିତ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ବା ଦୁଇତୃତୀୟାଂଶ ଲୋକେ ସମ୍ମତି ପ୍ରଦାନ କରିଥାନ୍ତି । ତାହାହେଲେ ସେହିବ୍ୟକ୍ତିଙ୍କୁ ସଭାପତିରୂପେ ମନୋନୀତ କରାଯାଇଥାଏ । ମାଝୀହାଲାମ୍ ବା ଗ୍ରାମ ସଭାପତି ମନୋନୟନ ପରେ ଜଗମାଝୀ ବା ଉପସଭାପତି ମନୋନୟନ ପ୍ରସ୍ତାବଟି ଉପସ୍ଥିତ ବ୍ୟକ୍ତିମାନଙ୍କ ଗହଣରେ ଆଲୋଚିତ ହୋଇଥାଏ । ମାଝୀହାଲାମ୍ (ସଭାପତି)ଙ୍କ ମନୋନୟନ ଭଳି ଜଗମାଝୀ ବା ଉପସଭାପତିଙ୍କୁ ସଭାରେ ଉପସ୍ଥିତି ଦୁଇ ତୃତୀୟାଂଶ ବ୍ୟକ୍ତିଙ୍କ ସମ୍ମତିକ୍ରମେ ମୁର୍ମୁ ଟାଇଟଲ୍ ଥିବା ବ୍ୟକ୍ତିଙ୍କୁ ଉପସଭାପତି ପଦପାଇଁ ମନୋନୟନ କରାଯାଇଥାଏ । ଉକ୍ତ ସଭାର ସଭାପତି ସର୍ବଶେଷରେ ଉପସଭାପତି ପଦରେ ମନୋନୀତ ବ୍ୟକ୍ତିଙ୍କର ନାମ ଘୋଷଣା କରିଥାନ୍ତି । ପାରାନିକ୍ ବା ସମ୍ପାଦକ ପଦବୀ ନିମନ୍ତେ ହେମ୍ବ୍ରମ୍ ଟାଇଟଲ୍ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ସଭାରେ ଉପସ୍ଥିତ କୌଣସି ବ୍ୟକ୍ତିଙ୍କର ନାମକୁ ଯଦି ସଭାର ଦୁଇ-ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ଉପସ୍ଥାପନ କରାଯାଏ । ଏବଂ ଗୃହିତ ହୁଏ ତେବେ ଶେଷରେ ସଭାର ସଭାପତି ସେହି ବ୍ୟକ୍ତିଙ୍କର ନାମକୁ ଘୋଷଣା କରିଥାନ୍ତି । ସେହିଭଳି ବଲଭାଇ ଓ ଡାକୁଆ (ଗେଡେତ)କୁ ଦୁଇ-ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ମନୋନୟନ କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥାଏ । ଶେଷରେ କର୍ମକର୍ତ୍ତା ନିର୍ବାଚନ ପରେ ବଂଶାନୁକ୍ରମିକ ଭାବରେ ସଭାପତି, ଉପ-ସଭାପତି, ସମ୍ପାଦକ, ସହ-ସମ୍ପାଦକ ଏବଂ ଡାକୁଆ ଇତ୍ୟାଦିଙ୍କୁ ମନୋନୀତ କରାଯାଏ । ପ୍ରତ୍ୟେକ କର୍ମକର୍ତ୍ତା ପାଞ୍ଚବର୍ଷ ପାଇଁ ନିଜ ପଦବୀରେ ଅଭିଷିକ୍ତ ହୋଇଥାନ୍ତି ଏବଂ ପାଞ୍ଚବର୍ଷପରେ ଆଉଥରେ ସେମାନଙ୍କର ବଂଶଧର ମଧ୍ୟରୁ କୌଣସି ଗ୍ରାମବାସୀ ମାନଙ୍କ ତରଫରୁ ପୂର୍ବକାଳର କେତେକ ହିତବାଣୀ ଶୁଣାଇଥାନ୍ତି । ଶେଷରେ ମନୋନୀତ

ବ୍ୟକ୍ତିଙ୍କୁ କେତେକ ପ୍ରଶ୍ନ ପଚାରିଥାନ୍ତି । ସେମାନେ ଏହି ପଦବୀରେ ଅଭିଷିକ୍ତ ହେବେ କି ନାହିଁ ଶ୍ଳୋକ ମାଧ୍ୟମରେ ପଚାରିଥାନ୍ତି । ମଧ୍ୟବର୍ତ୍ତୀ କାଳରେ ଇସ୍ତଫା ଦେଇ ଚାଲଯିବେ କି ଇତ୍ୟାଦି ? ସେହି ହିତବାଣୀ ଏହିପରି......

ହୟନା ନିତ୍‌କରେନାଃକାଥାଃଦ ବାଂକାନା, ଏନାଂରେ ଲାଗ୍ ଆକାଦ୍ ଚାଲ୍ ଆକାନ୍ ପଦ୍ ଆକାଦ୍ ଆକାଦ୍ ଛୋଟ କେ ତୁଲସୀ ପାତ୍ ବଡ଼୍‌କେ ତୁଲସୀ ପାତ୍, ସାନାମ୍ ଝଟ୍‌ଗେ ସମାନ୍‌ଗେ । ବାବାରେ ବାପଧନ ଏତମ୍ ତେ ଧୁବୁଲା ଗାସ୍, କଞ୍ଚୋତେ, ପାଟୁଆ ଗାସ୍, ଲେବେଦ୍ ଗୟନ୍ ଉନ୍‌କୁଆଃହର ତାହାର୍ ତେଗେ, ହିଜଃହନ୍‌କ ହିଜୁକାନା ସେନଃହଲକ ସେନକାନା । କୁହ୍ନି ମୁଚାଦ୍‌ରେ ମିଦଖିଆ ସୂତାମତେ ନାହେଁଲ୍ ଗାଣ୍ଡତେକ ଆକାଆକାଆ ନାହେଁଲ୍ ଗାଣ୍ଡତେକ ଦକ ଦନ୍‌ପାରମା କାଥାଦ୍ ଆହଃବନ୍ ପାରମ୍ କେୟାଃ)

ଟଲାହଲ : ବିଟୋରଗେ ବାପଧନ୍ ।

ହୟବା ମାଝୀ ଗମ୍‌କେ ଆବିନ୍‌ଦ ନଓାଁ ନାଗ୍‌ଲେ ସେ ମାରେନାଗଲେ ।

## ମର୍ମାନୁବାଦ :

ମହାଶୟ,

ଆଜିର କଥା ନୁହେଁ ଆଦିମ ଯୁଗରୁ ପ୍ରଥା ପ୍ରଚଳିତ ହୋଇ ଆସୁଥିବା ହସ୍ତାନ୍ତରୀତ ଆଲୋଚ୍ୟ ବିଷୟ ତାହା ଗଦ୍ୟ ହେଉ ବା ପଦ୍ୟ ହେଉ ବାପାରେ ଧନ ବାମ ପାର୍ଶ୍ୱରେ ଧଳା ଦୂବଘାସ ଓ ଡାହାଣ ପାର୍ଶ୍ୱରେ କଅଁଳିଆ ଗୋଡ଼ରେ ଦଳି ଚକଟି ସେମାନଙ୍କ ଗତିପଥରେ ଆସୁଥିବା ଲୋକ ଆସୁଛନ୍ତି, ଯାଉଥିବା ଲୋକ ଯାଉଛନ୍ତି । ତେବେ ଗାଆଁ ଦାଣ୍ଡମୁଣ୍ଡରେ ଖିଅକ ସୂତାରେ ଲଙ୍ଗଳଟି ଝୁଲା ହୋଇଛି । ଭକ୍ତି ଲଙ୍ଗଳଟି ଆମେ ଡ଼େଇଁ ପାର କରିବୁ । କିନ୍ତୁ ଭଦ୍ରଲୋକଙ୍କ କଥା ଏଡ଼େଇ ପାରିବୁ ନାହିଁ ।

ଗ୍ରାମଲୋକେ : ଧନ୍ୟବାଦ ଭଦ୍ରବ୍ୟକ୍ତି ଗଣ । ହଁ ମାଝୀ ମହାଶୟ ଆପଣ ନୂତନ ଜୁଆଳୀ କି ପୁରୁଣା ଜୁଆଳୀ । ଏଥିରି ସ୍ପଷ୍ଟ ଅନୁମେୟ ଯେ ପାରମ୍ପରିକ ରାଜନୈତିକ ପରିଷଦରେ ଗୃହୀତ ପ୍ରତ୍ୟେକ ନିୟମକୁ ଗ୍ରାମବାସୀମାନେ ମାନିବାକୁ ବାଧ ହୋଇଥାନ୍ତି । ନୂତନ ଭାବରେ କର୍ମକର୍ତ୍ତାଙ୍କର ମନୋନୟନ ମାଘପୂଜା ଦିନ ହୋଇଥାଏ ।

## ଗ୍ରାମସଭା ସଦସ୍ୟମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ଅନ୍ୟାନ୍ୟ ଗୁଣାବଳୀ:

ପାରମ୍ପରିକ ରାଜନୈତିକ ପରିଷଦର କର୍ମକର୍ତ୍ତା ମନୋନୟନ ପାଇଁ ବ୍ୟକ୍ତିଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ, ମର୍ଯ୍ୟାଦା ଏବଂ କେତେକ ଗୁଣଥିବା ଦରକାର । ସଭାପତି (ମାଝୀହାଲାମ୍) ପଦପାଇଁ ଗ୍ରାମର ଜଣେ ମାନ୍ୟଗଣ୍ୟ ବ୍ୟକ୍ତିଥିବା ଦରକାର, ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ଥିବା ଦରକାର ।

ଲୋକମାନଙ୍କର କଥାକୁ ଶୁଣିବା ଶକ୍ତି ଥିବା ଦରକାର, ଭଲଭାବରେ ଲୋକମାନଙ୍କୁ ବୁଝାଇ ପାରୁଥିବେ, ଭଲଭାବରେ କହିପାରୁଥିବେ । ଗାଁର ପ୍ରତ୍ୟେକ ଲୋକ ତାଙ୍କୁ ମାନୁଥିବା ଦରକାର, ସାମାଜିକ ନୀତିନିୟମ ବିଷୟରେ ଧାରଣାଥିବା ଦରକାର, ଧର୍ମବିଶ୍ୱାସ ଥିବା ଦରକାର, ଗ୍ରାମର ଆବାଳବୃଦ୍ଧ ବନୀତାଙ୍କୁ ସମଦୃଷ୍ଟିରେ ଦେଖୁଥିବା ଦରକାର ଏବଂ ପରିଶେଷରେ ଉଚିତ୍ ନ୍ୟାୟ ପ୍ରଦାନ କରିପାରୁଥିବେ । ସେହି ବ୍ୟକ୍ତି କିସ୍କୁ ଟାଇଟଲ୍ ଧାରୀ ହୋଇଥିବା ଦରକାର ଇତ୍ୟାଦି । କୌଣସି ବ୍ୟକ୍ତିଙ୍କର ଉପଭୋକ୍ତ ବ୍ୟକ୍ତିତ୍ୱ ଓ ଗୁଣଥିଲେ ସେ ସଭାପତି ପଦରେ ମନୋନୀତ ହୋଇଥାନ୍ତି । ଉପସଭାପତି ପଦପାଇଁ ବ୍ୟକ୍ତିଙ୍କର ଉପରୋକ୍ତ ଗୁଣଥିବା ଦରକାର । ସଭାପତି ପଦପାଇଁ ଯେଉଁଗୁଣ ଆବଶ୍ୟକ ଉପ-ସଭାପତି ପାଇଁ ସେହିଗୁଣ ଆବଶ୍ୟକ । ସଭାପତିଙ୍କ (ମାଝୀହାଲାମ୍)ଙ୍କ ଅନୁପସ୍ଥିତିରେ ଯେକୌଣସି ସଭାରେ ଉପସଭାପତି (ଜଗମାଝୀ) ତାଙ୍କର (ସଭାପତିଙ୍କର) ଦାୟିତ୍ୱ ତୁଲାଇ ଥାନ୍ତି । ଉପ-ସଭାପତି ପଦପାଇଁ ମୁର୍ମୁ ଟାଇଟଲ୍ ଧାରୀ ବ୍ୟକ୍ତି ହୋଇଥିବା ଦରକାର ।

ପାରମ୍ପରିକ ରାଜନୈତିକ ପରିଷଦର ପାରାନିକ୍ (ସମ୍ପାଦକ) ପଦବୀରେ ମନୋନୟନ ପାଇଁ ବ୍ୟକ୍ତିଙ୍କର କେତେକ ଗୁଣଥିବା ଦରକାର । ଉପସ୍ଥିତି ଦୁଇ-ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ହେମ୍ରମ୍ ସଂଜ୍ଞାଧାରୀ ବ୍ୟକ୍ତିଙ୍କର ନାମକୁ ପ୍ରସ୍ତାବ ଦେଇଥାନ୍ତି । ସେହି ପ୍ରସ୍ତାବଟି ଯଦି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥାଏ, ତେବେ ଉକ୍ତ ସଭାପତିଙ୍କ ଦ୍ୱାରା ପରିଶେଷରେ ସମ୍ପାଦକ (ପାରାନିକ୍) ପଦପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କର ନାମକୁ ଘୋଷଣା କରିଥାନ୍ତି । ଏହି ପଦବୀ ପାଇଁ ବ୍ୟକ୍ତିଙ୍କର ନମ୍ନଲିଖିତ ଗୁଣଥିବା ଦରକାର ।

ସେ ଜଣେ ସମ୍ପୃକ୍ତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ହୋଇଥିବା ଦରକାର, ଆର୍ଥିକ ସମ୍ବଳ ଭଳମାନର ରହିଥିବା ଦର୍କାର, ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇପାରୁଥିବା ଦରକାର ସମସ୍ତଙ୍କର କଥାଶୁଣି ପାରୁଥିବା ଦରକାର, ସମଦୃଷ୍ଟି ସମ୍ପନ୍ନ ହୋଇଥିବା ଆବଶ୍ୟକ, ସମସ୍ତଙ୍କୁ ସମାନଭାବରେ ଭଲପାଉଥିବା ଦରକାର, ସାମାଜିକ ନୀତିନିୟମ ବିଷୟରେ ଧାରଣା ଥିବା ଦରକାର, ଧର୍ମ ବିଶ୍ୱାସ ଥିବା ଦରକାର, ଉଚିତ୍ ବିଚାର କରି ନ୍ୟାୟ ପ୍ରଦାନ କରୁଥିବା ଦରକାର । ଯେ କୌଣସି ବ୍ୟକ୍ତିଙ୍କର ଉପରୋକ୍ତ ଗୁଣଥିଲେ ସେ ପାରାନିକ୍ ପଦରେ ମନୋନୀତ ହୋଇଥାନ୍ତି । ବଲଭାଇ ପଦପାଇଁ ମଧ୍ୟ ଉପରୋକ୍ତ ଗୁଣଥିବା ଦରକାର । ଗଡେତ୍ ପଦବୀ ପାଇଁ ଜଣେ ଗରୀବ ଶ୍ରେଣୀର ବ୍ୟକ୍ତି ହୋଇଥିବା ଦରକାର, ଆଜ୍ଞା ଆଦେଶ ପାଳନ ପାଇଁ ଯୋଗ୍ୟ ହୋଇଥିବା ଦରକାର, ଗ୍ରାମର ସୁରକ୍ଷା ଦାୟିତ୍ୱ ତୁଲାଇ ପାରୁଥିବା ଦରକାର, ଆଜ୍ଞାନୁବର୍ତ୍ତୀ ହେବା ଦରକାର । ଏହିଗୁଣ ସମ୍ପନ୍ନ ଗଡ଼େତ୍ (ଡାକୁଆ) ରୂପେ ମନୋନୀତ କରିଥାନ୍ତି ।

ପାଞ୍ଚଖଣ୍ଡ ଗ୍ରାମକୁ ନେଇ ଏକ ପାଞ୍ଚେତ୍ ଗଠନ କରାଯାଇଥାଏ । ଏଥିରେ ପ୍ରତ୍ୟେକ ଗ୍ରାମ ମନୋନୀତ ପାଞ୍ଚ କର୍ମକର୍ତ୍ତା ଯଥା ମାଝୀହାଲାମ୍, ଜଗମାଝୀ, ପାରାନିକ୍, ବଲଭାଇ ଓ

ଗଡ଼େତ୍ ଙ୍କ ସମେତ ଆଗନ୍ତୁକମାନଙ୍କ ମଧ୍ୟରୁ କିମ୍ବା ବାହାରୁ ବିଚାରକଙ୍କୁ ଆମନ୍ତ୍ରଣ କରାଯାଇଥାଏ । ସେମାନେ ବିଚାର କାର୍ଯ୍ୟ ବୁଝୁଥାନ୍ତି ।

## ଗ୍ରାମସଭାକୁ ନିର୍ବାଚିତ ବା ମନୋନୀତ ସଦସ୍ୟମାନଙ୍କର କାର୍ଯ୍ୟକଳାପ :

ପାରମ୍ପରିକ ରାଜନୈତିକ ପରିଷଦର ମନୋନୀତ ପ୍ରତ୍ୟେକ ସଦସ୍ୟ  କେତେକ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । ମନୋନୀତ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ମାଝୀହାଲାମ୍, ଜଗମାଝୀ, ପାରାନିକ୍, ବଲଭାଇ ଓ ଗଡେତ୍ ଇତ୍ୟାଦି ଅନ୍ତର୍ଭୁକ୍ତ । ଗ୍ରାମର ମୁଖ୍ୟ ମାଝୀହାଲାମଙ୍କର କାର୍ଯ୍ୟ ମଧ୍ୟରେ :

- ଗ୍ରାମର ପାଳିତ କୌଣସି ପର୍ବପର୍ବାଣୀରେ ଏବଂ ବିଭିନ୍ନ ପୂଜାରେ ମାଝୀହାଲାମ୍ ନିଜେ ପୂଜା କରିଥାନ୍ତି । ଶ୍ରେଷ୍ଠ ପୂଜକ ହିସାବରେ ସେ କାର୍ଯ୍ୟ କରିଥାନ୍ତି ।
- ସାମୂହିକ ଭାବରେ ପର୍ବପର୍ବାଣୀ ପାଳନର ଅବ୍ୟବାହିତ ପୂର୍ବରୁ ପଡେତଙ୍କୁ ନିର୍ଦ୍ଦେଶ ଦେଇ ଗ୍ରାମ୍ୟ ବୈଠକ ଆହ୍ୱାନ କରିଥାନ୍ତି ।
- ରାଜନୈତିକ ପରିଷଦରେ କୌଣସି ମୋକଦ୍ଦମାର ବିଚାର ପରେ ଶେଷ ନିଷ୍ପତ୍ତି / ଅନ୍ତିମ ରାୟ ନିଜେ ମାଝୀହାଲାମ୍ ଦେଇଥାନ୍ତି ।
- ଗ୍ରାମବାସୀଙ୍କ ସମ୍ମୁଖରେ କୌଣସି ଦୋଷୀକୁ ଦଣ୍ଡସ୍ୱରୂପ ନିଜେ ଗ୍ରାମର ମୁଖ୍ୟ ମାଝୀହାଲାମ୍ ଶପଥପାଠ କରାଇଥାନ୍ତି ।

ପ୍ରତ୍ୟେକ ସଭାରେ ମାଝୀହାଲାମ୍ ନିଜେ ସଭାପତିତ୍ୱ କରିଥାନ୍ତି । ଏପରିକି ମକର ସଂକ୍ରାନ୍ତି ପରଦିନ ଅସ୍ମିଭସାଣୀ ସମୟରେ ଏକ ବୈଠକର ଆୟୋଜନ କରାଯାଇଥାଏ । ଏହି ବୈଠକକୁ ମୁକାମ୍ ବୋଲି କୁହାଯାଇଥାଏ । ଏହି ବୈଠକରେ ନିଜେ ମାଝୀହାଲାମ ସଭାପତିତ୍ୱ କରିଥାନ୍ତି ଏବଂ ବିଭିନ୍ନ ମୋକଦ୍ଦମାର ଅନ୍ତିମ ରାୟ ପ୍ରଦାନ କରିଥାନ୍ତି ।  ଅନୁପସ୍ଥିତ ଥିଲେ ତାଙ୍କର କାର୍ଯ୍ୟଭାର ଜଗମାଝୀ ଗ୍ରହଣ କରିଥାନ୍ତି ଏବଂ କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

- କୌଣସି ପରିବାରରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି କାରଣରୁ ଝଗଡା ହେଲେ ତାହାର ସମାଧାନ ଜଗମାଝୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ ।
- କୌଣିସ କେଶ୍ / ମୋକଦ୍ଦମା ବିଚାର ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କଠଶରୁ ପାଉଣା (ଇଝାର୍) ଜଗମାଝୀ ନିଜେ ଗ୍ରହଣ କରିଥାନ୍ତି ।
- ହଠାତ୍ ଗ୍ରାମରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ମାଝୀହାଲାମ୍ଙ୍କ ଅନୁପସ୍ଥିତି ସତ୍ତ୍ୱେ ଜଗମାଝୀ ନିଜେ ସମାଧାନର ମାର୍ଗ ପ୍ରସ୍ତୁତ କରିଥାନ୍ତି ।

- କୌଣସି ମୋକଦ୍ଦମା ବିଚାର ସମୟରେ ପ୍ରାରମ୍ଭିକ ମତ / ପ୍ରସ୍ତାବ ଦେଇଥାନ୍ତି । ବୈଠକରେ ବସିବା ପାଇଁ ଆସନ ଯୋଗାଇବାରେ ସହାୟକ ହୋଇଥାନ୍ତି ।

- ପାରମ୍ପରିକ ରାଜନୈତିକ ପରିଷଦରେ ଅନ୍ୟତମ କର୍ତ୍ତା ପାରାନିକ ମନୋନୀତ ହୋଇଥାନ୍ତି । ସେ କେତେକ କାର୍ଯ୍ୟ ସମ୍ପାଦନ କରିଥାନ୍ତି ସେଗୁଡିକ ମଧ୍ୟରେ :

କୌଣସି ମୋକଦ୍ଦମା ବିଚାର ବେଳେ ମତ ପ୍ରଦାନ କରିଥାନ୍ତି । ବୈଠକ ଆରମ୍ଭ ପୂର୍ବରୁ ଜଳବ୍ୟବସ୍ଥା ପାଇଁ ଗଡ଼େତଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି । ବୈଠକରେ ଉପସ୍ଥିତ ଅନ୍ୟାନ୍ୟ ଉଦ୍ରବ୍ୟକ୍ତିଙ୍କୁ ଆତିଥ୍ୟ ପ୍ରଦାନ କରିଥାନ୍ତି । ମୋକଦ୍ଦମାରେ ସାମିଲ ହୋଇ ଉଭୟ ପକ୍ଷଙ୍କଠାରୁ ଜମାନବନ୍ଦୀ ଲେଖିଥାନ୍ତି । ବିଚାର ପୂର୍ବରୁ ସାକ୍ଷୀମାନଙ୍କଠାରୁ ମଧ୍ୟ ଜମାନବନ୍ଦୀ ଲେଖି ରଖିଥାନ୍ତି । ମୋକଦ୍ଦମା ବିଚାରର ବିବରଣୀକୁ ମଧ୍ୟ ପାରାନିକ ଲିପିବଦ୍ଧ କରିଥାନ୍ତି । ବିଚାରର ଅନ୍ତିମ ବିବରଣୀକୁ ଲେଖି ସଭା ମଧ୍ୟରେ ପାଠ କରିଥାନ୍ତି । ବିଚାର କ୍ଷେତ୍ରରେ ଅଂଶ ଗ୍ରହଣ କରିଥାନ୍ତି ।

ସେହିଭଳି ପାରମ୍ପରିକ ରାଜନୈତିକ ପରିଷଦରେ ବଲଭାଇ ବିଭିନ୍ନ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । ମୋକଦ୍ଦମା ବିଚାର ସମୟରେ ମତପ୍ରଦାନ କରିଥାନ୍ତି । ବୈଠକରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କୁ ଆତିଥ୍ୟ ପ୍ରଦାନ କରିଥାନ୍ତି । କୌଣସି କାରଣରୁ ପାରାନିକ ଅନୁପସ୍ଥିତ ରହିଲେ ବଲଭାଇ ତାଙ୍କର କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଗ୍ରାମରେ କୌଣସି ପରିବାରମଧ୍ୟରେ ଝଗଡା ହୋଇଥିଲେ ବଲଭାଇ ନିଜେ ଯାଇଁ ସମାଧାନ କରିଥାନ୍ତି । ବୈଠକରେ ଆବଶ୍ୟକ ବ୍ୟବସ୍ଥା ଦାୟିତ୍ୱ ବଲଭାଇ ଗ୍ରହଣ କରିଥାନ୍ତି ।

ପାରମ୍ପରିକ ରାଜନୈତିକ ବ୍ୟବସ୍ଥାରେ ମନୋନୀତ ଡାକୁଆ ମଧ୍ୟ ବିଭିନ୍ନ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି : ଗ୍ରାମର ମୁଖ୍ୟ ତଥା ପାରମ୍ପରିକ ରାଜନୈତିକ ପରିଷଦର ମୁଖ୍ୟ ମାଝୀହାଲାମଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କରିଥାନ୍ତି । ମୋକଦ୍ଦମା ବିଚାର କ୍ଷେତ୍ରରେ ସମ୍ପୃକ୍ତ ଦୋଷୀ ଏବଂ ସାକ୍ଷୀଙ୍କୁ ଡାକୁଆ ସଭା ମଧ୍ୟକୁ ଅନ୍ୟର ସହାୟତାରେ ଡାକିଆଣିଥାଏ । ବୈଠକ ପାଇଁ ବ୍ୟବହୃତ ବିଭିନ୍ନ ଜିନିଷକୁ ସଠିକ୍ ଭାବରେ ଉପଯୁକ୍ତ ସ୍ଥାନରେ ରଖିବା ଦାୟିତ୍ୱ ରହିଥାଏ । ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ପାଇଁ ଜଳପାନ ବ୍ୟବସ୍ଥା ଦାୟିତ୍ୱରେ ରହିଥାନ୍ତି ଏବଂ ସେମାନଙ୍କ ପାଇଁ ମଧ୍ୟ ହାଣ୍ଡିଆ ପାନର ବ୍ୟବସ୍ଥା କରାଯାଇଥାଏ । ବୈଠକରେ ଉପସ୍ଥିତ ପ୍ରଥମ ପକ୍ଷ କିମ୍ବା ଦ୍ୱିତୀୟ ପକ୍ଷର ମହିଳାମାନଙ୍କୁ ସେମାନଙ୍କ ଘରେ ପହଞ୍ଚି କରିବା ଦାୟିତ୍ୱ ନେଇଥାନ୍ତି ।

## ଗ୍ରାମସଭାରେ ନିଷ୍ପତ୍ତି କରାଯାଉଥିବା ବିଭିନ୍ନ ପ୍ରକାର ମାମଲା :

ପାରମ୍ପରିକ ରାଜନୈତିକ ପରିଷଦରେ ବିଭିନ୍ନ ପ୍ରକାରର ମୋକଦ୍ଦମା ବିଚାର କରାଯାଇଥାଏ । ପରିବାର ସ୍ତରରୁ, ସାହି ସ୍ତରରୁ, ଗ୍ରାମ ସ୍ତରରୁ ଓ ବ୍ୟକ୍ତିଗତ ସ୍ତରରୁ ଇତ୍ୟାଦି

ସ୍ତରରୁ ବିଭିନ୍ନ ମୋକଦ୍ଦମା ରାଜନୈତିକ ପରିଷଦର ପରିସର ମଧ୍ୟକୁ ବିଚାର ପାଇଁ ଆସିଥାଏ । ସେଥି ମଧ୍ୟରୁ କେତୋଟି ନିମ୍ନରେ ପ୍ରଦାନ କରାଗଲା:

- କୌଣସି ପରିବାରରେ କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଉପୁଜୁଥିବା ବିବାଦ ବା ଉଭୟଙ୍କ ମଧ୍ୟରେ କଳିଝଗଡା ବିଷୟ ବିଚାରଯୋଗ୍ୟ ହୋଇଥାଏ ।
- କୌଣସି ସ୍ତ୍ରୀକୁ ତାର ସ୍ୱାମୀ ପ୍ରତାରିତ କରି ଘରୁ ବାହାର କରିଦେବା ବିଷୟ ଉକ୍ତ ରାଜନୈତିକ ପରିଷଦରେ ବିଚାର କରାଯାଇଥାଏ ।
- କୌଣସି ଯୁବକ ନିଜ ଭାଉଜଙ୍କ ସହ ପ୍ରେମସମ୍ପର୍କ ରଖିଥିଲେ ଭାଇଙ୍କ ଗଣ୍ଡଗୋଳ ବିଷୟ ବିଚାର ଯୋଗ୍ୟ ।
- କୌଣସି ପିରବାରରେ ଘରଜ୍ୱାଇଁ ରହିଥିବା ଲୋକକୁ ପରିଶେଷରେ ଯଦି ଘରୁ ବିତାଡ଼ିତ କରାଯାଇଥିବ, ଏହି ବିଷୟ ମଧ୍ୟ ରାଜନୈତିକ ପରିଷଦରେ ବିଚାର କରାଯାଇଥାଏ ।
- କୌଣସି କାରଣରୁ ଯଦି ଜନ୍ମିତ ପୁତ୍ର ନିଜ ବାପାମାଆଙ୍କୁ ଶାରୀରିକ କିମ୍ୱା ମାନସିକ ଯନ୍ତ୍ରଣା ଦେଇଥାଏ ତାହା ମଧ୍ୟ ବିଚାର କରାଯାଇଥାଏ ।
- କୌଣସି ବ୍ୟକ୍ତି ଅନ୍ୟଘରୁ ଧନସମ୍ପତ୍ତି ଏବଂ ପାଳିତ ପଶୁଙ୍କୁ ଚୋରି କରିନେଲେ ଏହି ପ୍ରକାର ବିଷୟ ବିଚାରକୁ ଆସିଥାଏ ।
- ଗୁପ୍ତଭାବରେ ଯୌନ ସମ୍ପର୍କ ରଖିଥିବା ଯୁବକ ଯଦି ଯୁବତୀର ଗର୍ଭସଂଚାର ପରେ ତାକୁ ଗ୍ରହଣ ନକରି ପରିତ୍ୟାଗ କରିଥାଏ ତେବେ ଏହି ବିଷୟ ମଧ୍ୟ ଏହି ପରିଷଦରେ ବିଚାର କରାଯାଇଥାଏ ।
- କୌଣସି ଯୁବକ ଯଦି ଅନ୍ୟ ଏକ ଯୁବତୀକୁ ବଳାତ୍କାର ଉଦ୍ୟମ କରିଥାଏ ତେବେ ଉକ୍ତ ବିଷୟ ମଧ୍ୟ ରାଜନୈତିକ ପରିଷଦରେ ବିଚାର ହୋଇଥାଏ ।
- କୌଣସି ପରିବାରରେ ବଡ଼ଭାଇ ଯଦି ସାନଭାଇର ସ୍ତ୍ରୀ ସହ ପ୍ରେମ ସମ୍ପର୍କୀତ ବାର୍ତ୍ତାଳାପ କରିଥାନ୍ତି ।
- ବିବାହର ଅବ୍ୟବହିତ ପୂର୍ବରୁ ଯଦି କୌଣସି ବ୍ୟକ୍ତି ବିବାହ ପ୍ରସ୍ତାବଟିକୁ କୌଣସି କାରଣରୁ ବାତିଲ କରିଦେଇଥିବା ଜଣାଯାଏ ତେବେ ସେହି ବ୍ୟକ୍ତିଙ୍କ ନାମରେ ରାଜନୈତିକ ପରିଷଦରେ ମୋକଦ୍ଦମା ରୁଜୁ କରାଯାଇଥାଏ ।
- ଭାଇ ଭାଇ ମଧ୍ୟରେ ଘର, ଜମି ଇତ୍ୟାଦି ଭାଗ ବଣ୍ଟନ କ୍ଷେତ୍ରରେ ଉପୁଜୁଥିବା ଗଣ୍ଡଗୋଳ ବିଷୟ ମଧ୍ୟ ବିଚାର କରାଯାଇଥାଏ ।

- ଅନ୍ୟ ମାନଙ୍କର କ୍ଷତି / ଅନିଷ୍ଟ କରୁଥିବା ଗୁଣିଆ ଯଦି କୌଣସି ଅବସ୍ଥାରେ ଲୋକଲୋଚନକୁ ଆସିଥାଏ । ତାହାର ନାମକୁ ଅଭିଯୁକ୍ତ ହିସାବରେ ମୋକଦ୍ଦମା ଦାଏର କରାଯାଇଥାଏ ।
- ପ୍ରତାରିତ ସ୍ତ୍ରୀ ଯଦି ପୁନଃ ବିବାହକ୍ଷେତ୍ରରେ ତାର ବାପାମାଆ ଅବିବାହିତ କନ୍ୟାରୂପେ ପରିଚୟ କରାଇଥାନ୍ତି ଏବଂ ଏହି ବିଷୟ ଯଦି ଲୋକଲୋଚନକୁ ଆସିଥାଏ ତେବେ ସମ୍ପୃକ୍ତ ପରିବାର ନାଆଁରେ ମୋକଦ୍ଦମା ରୁଜୁ ହୋଇ ରାଜନୈତିକ ପରିଷଦରେ ବିଚାର ହୋଇଥାଏ ।
- କୌଣସି ଜମିର ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ଯଦି କୌଣସି ଗଣ୍ଡଗୋଳ ଉପୁଜେ ତେବେ ତାହା ବିଚାରଧିନ ହୋଇଥାଏ ।
- କୌଣସି ଯୁବତୀର ବିବାହ ସମ୍ପୂର୍ଣ୍ଣ ଭାବେ ସ୍ଥିରିକୃତ ହୋଇଥିବା ସ୍ଥଳେ ଯଦି ସେହି ଯୁବତୀ ଅନ୍ୟ ଏକ ଯୁବକ ସହ ଅନ୍ୟତ୍ର ଚାଲିଯାଇଥାଏ, ତେବେ ଏହିଭଳି ବିଷୟ ମଧ୍ୟ ବିଚାର ନିମିତ୍ତ ପରିଷଦର ପରିସରକୁ ଆସିଥାଏ ।
- କୌଣସି ପୁରୁଷ ନିଜ ସ୍ତ୍ରୀଙ୍କ ଅଗୋଚରରେ ଯଦି ଅନ୍ୟ ଯୁବତୀ ସହିତ ପ୍ରେମ ସମ୍ପର୍କ ରଖିଥାଏ ଏସମ୍ପର୍କରେ ତାର ସମ୍ପର୍କରେ ତାର ସ୍ତ୍ରୀ କୌଣସି କାରଣରୁ ଜାଣିବାକୁ ପାଇଥାଏ ତେବେ ସମ୍ପୃକ୍ତ ଯୁବତୀ ଓ ପୁରୁଷର ସ୍ତ୍ରୀ ସହିତ ଗଣ୍ଡଗୋଳ ହୋଇଥାଏ । ଏହି ଗଣ୍ଡଗୋଳ ବିଷୟ ମଧ୍ୟ ରାଜନୈତିକ ପରିଷଦର ବିଚାର ଯାଇଥାଏ ।
- ଯେକୌଣସି ସୀମାନ୍ତର ଥିବା ଗଛ କାଟିବା କ୍ଷେତ୍ରରେ ଉଭୟପକ୍ଷ ମଧ୍ୟରେ ଗଣ୍ଡଗୋଳ ଉପୁଜିଥାଏ, ଏହି ସଂକ୍ରାନ୍ତିୟ ବିବାଦ ମଧ୍ୟ ବିଚାର ପାଇଁ ପରିଷଦରେ ସ୍ଥାନ ପାଇଥାଏ ।
- ଗ୍ରାମ ସୀମାନ୍ତରେ ଥିବା ପୋଖରୀରୁ ମାଛ ମାରିବା ସମୟରେ ଯଦି ଉଭୟ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ଉପୁଜିଥାଏ, ତେବେ ଏହିଭଳି ମୋକଦ୍ଦମା ବିଷୟ ରାଜନୈତିକ ପରିଷଦରେ ବିଚାର ହୋଇଥାଏ ।
- ଶିକାର ବଣ୍ଟନ କ୍ଷେତ୍ରରେ ଯଦି ଉଭୟ ପକ୍ଷ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ଉପୁଝିଥାଏ ତେବେ ସେହି ବିବାଦ ବିଷୟ ପାରମ୍ପରିକ ରାଜନୈତିକ ପରିଷଦରେ ବିଚାର ନିମନ୍ତେ ସ୍ଥାନ ପାଇଥାଏ ।

- ହାଣ୍ଡିଆ ଭାଟି ସ୍ଥାନ ଅଦଳବଦଳ କ୍ଷେତ୍ରରେ (କୌଣସି ଲୋକ ସ୍ଥାନରେ ଅନ୍ୟ ଲୋକ ଯଦି ସେହି ସ୍ଥାନରେ ବସିଥାଏ) ତେବେ ସେହି ପରିସ୍ଥିତିରେ ଗଣ୍ଡଗୋଳ ଉପୁଜିଥାଏ । ଏହି ଗଣ୍ଡଗୋଳ ମଧ୍ୟ ପରିଷଦ ପରିସର ମଧ୍ୟକୁ ଆସିଥାଏ ।
- କୌଣସି ପରିବାରରେ ଯଦି ସ୍ତ୍ରୀ ନିଜର ଶାଶୁଙ୍କ କଥାକୁ ଅବମାନନା କରି ତାଙ୍କ ଉପରକୁ ମାଡ଼ ମାରିଥାଏ, ତେବେ ସେହି କ୍ଷେତ୍ରରେ ମଧ୍ୟ ଏହା ବିଚାର ଯୋଗ୍ୟ ହୋଇଥାଏ । ଏହିଭଳି ମୋକଦ୍ଦମା ପରିଷଦ ପରିସରକୁ ଆସିଥାଏ ।
- କୌଣସି ଯୁବତୀ କିମ୍ବା ମହିଳାଙ୍କ ନାମରେ ପ୍ରେମ ସମ୍ପର୍କୀତ ମିଥ୍ୟା ଅପବାଦ କୌଣସି ବ୍ୟକ୍ତି କରିଥାନ୍ତି ତେବେ ସମ୍ପୃକ୍ତ ବ୍ୟକ୍ତିନାମରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ । ଏହିଭଳି କେସ୍ ମଧ୍ୟ ବିଚାର ପାଇଁ ପରିଷଦର ପରିସର ମଧ୍ୟକୁ ଆସିଥାଏ ।
- କୌଣସି ସନ୍ତାନହୀନ ପିତା ପୋଷ୍ୟପୁତ୍ରଭାବେ ପୁତ୍ରଠାରୁ କିଛି ବର୍ଷ ପରେ ଯଦି ଜମିଜମା ଇତ୍ୟାଦି ଛଡାଇ ନେଇ ପରିଶେଷରେ ସେହି ପୁତ୍ରକୁ ଘରୁ ବିତାଡ଼ିତ କରେ ତେବେ ସେହିଭଳି କ୍ଷେତ୍ରରେ ବାପାଙ୍କୁ ଅଭିଯୁକ୍ତ ଆସାମୀ ବୋଲି ଅଭିହିତ କରାଯାଇଥାଏ । ଏହି ମୋକଦ୍ଦମା ବିଚାର ନିମନ୍ତେ ମଧ୍ୟ ପାରମ୍ପରିକ ରାଜନୈତିକ ପରିଷଦର ପରିସର ମଧ୍ୟକୁ ଆସିଥାଏ ।
- ଘର ଛପର କ୍ଷେତ୍ରରେ ଯଦି ନିଜ ସ୍ତ୍ରୀ ଚାଳ ଉପରକୁ ଫିଙ୍ଗିଥାଏ, ତେବେ ଗ୍ରାମର ଲୋକେ ପ୍ରତିରୋଧ କରିଥାନ୍ତି । ଗ୍ରାମଲୋକଙ୍କ କଥାକୁ ଅବମାନନା କରି ପୁନଃ ସେହି କାର୍ଯ୍ୟ କରିଥାଏ ତାହାହେଲେ ପରିଷଦର ଏକ ପରିସର ମଧ୍ୟକୁ ବିଚାର ନିମନ୍ତେ ଆସିଥାଏ ।
- ସାନ ଭାଇର ସ୍ତ୍ରୀ କୌଣସି କାରଣରୁ ବଡ଼ ଭାଇକୁ ଛୁଇଁଥାଏ ।ଏହି ବିଷୟ ଯଦି ଗାଁ ଲୋକ ଜାଣିଦେଲେ ତେବେ ସେହି ପ୍ରକାର ଗୋଟିଏ ବିଚାର ପାଇଁ ପରିଷଦ ପରିସର ମଧ୍ୟକୁ ଆସିଥାଏ
- ଅଭାବ ସମୟରେ କୌଣସି ବ୍ୟକ୍ତିଠାରୁ କରଜ ଆଣି ଯଦି ପରିଶୋଧ ନ କରିଥାନ୍ତି ତେବେ କରଜ ଆଣିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ । ଏହାର ବିଚାର ପରିଷଦରେ କରାଯାଇଥାଏ ।
- କୌଣସି ବ୍ୟକ୍ତି ନିଜ ପରିବାରର କାମଧନ୍ଦା କରିବା ପାଇଁ ଚାକର ରଖି ତାର ଆବଶ୍ୟକ ମୁତାବାକ ପାଉଣା ଦେଇ ପାରି ନଥିଲେ ସେହି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ, ଏହି ବିଷୟ ମଧ୍ୟ ବିଚାର କରାଯାଇଥାଏ ।

## ଗ୍ରାମସଭାରେ ସଦସ୍ୟମାନଙ୍କର ବୈଠକୀ ବ୍ୟବସ୍ଥା ଓ ପରିଚାଳନା ପଦ୍ଧତି:

ପାରମ୍ପରିକ ରାଜନୈତିକ ପରିଷଦର ମୁଖ୍ୟ / ସଭାପତି ମାଝୀହାଡ଼ାମ୍ ସଭାଗୃହର ମଧ୍ୟଭାଗରେ ଉପବେସନ କରିଥାନ୍ତି । ଜଗମାଝୀ /ମାଝୀହାଡ଼ାମଙ୍କ ବାମ ପାର୍ଶ୍ୱରେ ବସିଥାନ୍ତି । ଜଗମାଝୀଙ୍କ ବାମ ପାର୍ଶ୍ୱରେ ପାରାନିକ୍ ବସିଥାନ୍ତି । ପାରାନକଙ୍କ ବାମ ପାର୍ଶ୍ୱରେ ବଲଭାଇ ବସିଥାନ୍ତି । ବଲଭାଇଙ୍କ ବାମ ପାର୍ଶ୍ୱରେ ଡାକୁଆ ବସିଥାଏ । ଏହିଭଳି ଭାବରେ ପ୍ରତ୍ୟେକ ବୃତାକାର ଭାବରେ ବସିଥାନ୍ତି ଏବଂ ମଧ୍ୟଅଂଶଟି ସମ୍ପୂର୍ଣ୍ଣ ଖାଲି ରହିଥାଏ । ସେମାନଙ୍କ ଚତୁଃପାର୍ଶ୍ୱରେ ନିମନ୍ତ୍ରିତ ଭଦ୍ରବ୍ୟକ୍ତିଗଣ ଏବଂ ଗ୍ରାମବାସୀବୃନ୍ଦ ସଭାରେ ଉପବେଶନ କରିଥାନ୍ତି । ବୈଠକରେ ବସିବାପାଇଁ ଦରି କିମ୍ବା ପଟିଆ ବ୍ୟବହାର କରାଯାଇଥାଏ । ବୈଠକରେ ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କ ପାଇଁ ପାନୀୟଜଳର ସୁବିଧା କରାଯାଇଥାଏ । ଏସବୁ ଦାୟିତ୍ୱ ପାରାନିକ ଏବଂ ବଲଭାଇ ଗ୍ରହଣ କରିଥାନ୍ତି । ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ପାଇଁ ଦୋକ୍ତା ଓ ଚୂନର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ବିଚାର ପାଇଁ ମାଝୀହାଡ଼ାମଙ୍କ ନିର୍ଦ୍ଦେଶାନୁକ୍ରମେ ଗଡ଼େତ୍ ଏବଂ ବଲଭାଇଙ୍କ ସମେତ ଗ୍ରାମବାସୀ ଓ ନିମନ୍ତ୍ରିତ ଭଦ୍ରବ୍ୟକ୍ତିଗଣ ମଧ୍ୟ ବୈଠକରେ ଉପସ୍ଥିତ ହୋଇଥାନ୍ତି । ବୈଠକରେ ଉପସ୍ଥିତ / ପହଞ୍ଚିବା ପରେ ପ୍ରଥମେ ପାରାନିକ୍ ଅଦ୍ୟ ବୈଠକରେ ଉଦ୍ଦେଶ୍ୟ ବିଷୟ ଜାଣିବା ପାଇଁ ଗଡେତଙ୍କୁ ପ୍ରଶ୍ନ କରିଥାନ୍ତି । ମାଝୀହାଡ଼ାମ୍ ଗ୍ରାମର କୌଣସି ବ୍ୟକ୍ତିର ମୋକଦ୍ଦମା ବିଚାର ପୂର୍ବରୁ ପାଉଣା ପଇଠ କରିଥିବାର  ଜଣାଇବେ । ବୈଠକ ଆରମ୍ଭ ପୂର୍ବରୁ ମାଝୀହାଡ଼ାମ୍ ଘୋଷଣା କରିଥାନ୍ତି ଯେ ଏହା ହେଉଛି ସର୍ବସାଧାରଣ ବୈଠକ । ଏହି ବୈଠକରେ ପ୍ରତ୍ୟେକ  ମୁକ୍ତ ଭାବରେ ମତ ବ୍ୟକ୍ତ କରିବାର ସୁଯୋଗ ରହିଛି । ଆଉ ମଧ୍ୟ ଅଦ୍ୟ ସଭାର ସଭାପତିଙ୍କ ଅନୁମତି କ୍ରମେ ପ୍ରତିପ୍ରତ୍ୟେକ ସ୍ୱସ୍ୱ ପ୍ରସ୍ତାବମାନ ଆଗତ କରିପାରିବେ । ସର୍ବପ୍ରଥମେ ଯେଉଁ ଅଭିଯୁକ୍ତ ଆସାମୀଙ୍କର ମୋକଦ୍ଦମା ବିଚାରକୁ ନିଆଯିବ ତାଙ୍କର ନାମକୁ ପ୍ରଥମେ ମାଝୀହାଡ଼ାମ୍ ଘୋଷଣା କରିଥାନ୍ତି ।

## ଆଲୋଚନା ପଦ୍ଧତି, ନିଷ୍ପତ୍ତି ଗ୍ରହଣ ଓ ନିଷ୍ପତ୍ତି ଘୋଷଣା ପ୍ରକ୍ରିୟା:

କୌଣସି ମୋକଦ୍ଦମାର ସୁବିଚାର ନିମନ୍ତେ ପ୍ରଥମେ ପକ୍ଷ ଆସାମୀଙ୍କ ଠାରୁ ଗଣ୍ଡଗୋଳର ବିବରଣୀ ଜାଣିବା ପାଇଁ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ସମ୍ମୁଖରେ ବଲଭାଇ ପଚାରିଥାନ୍ତି । ପ୍ରଥମେ ପକ୍ଷ ଆସାମୀ ଉତ୍ତରରେ ଗଣ୍ଡଗୋଳର ବିବରଣୀ ବୟେରେ ଯାହା ବ୍ୟାଖ୍ୟା କରିଥାନ୍ତି ତାହାକୁ ପାରାନିକ୍ ଲିପିବଦ୍ଧ କରିଥାନ୍ତି । ବଲଭାଇ ଦ୍ୱିତୀୟ ପକ୍ଷଙ୍କ ଗଣ୍ଡଗୋଳ ବିବରଣୀ ଜାଣିବା ପାଇଁ ପ୍ରଶ୍ନ କରିଥାନ୍ତି । ଦ୍ୱିତୀୟ ପକ୍ଷ ଉତ୍ତରରେ ଯାହା କହିଥାନ୍ତି ବଲଭାଇ ତାହାକୁ ଲିପିବଦ୍ଧ

କରିଥାନ୍ତି । ଏହାପରେ ଉଭୟ ପକ୍ଷର ସାକ୍ଷୀମାନଙ୍କଠାରୁ ମଧ୍ୟ ଜମାନବନ୍ଦୀକୁ ଲିପିବଦ୍ଧ କରାଯାଇଥାଏ । ଉଭୟ ପକ୍ଷଙ୍କଠାରୁ ସଂଗୃହୀତ ବିବରଣୀକୁ ମାଝୀହାଲାମଙ୍କ ନିର୍ଦ୍ଦେଶାନୁସାରେ ପୁନରାୟ ଉପସ୍ଥିତ ଭଦ୍ରବ୍ୟକ୍ତି ତଥା ଗ୍ରାମବାସୀଙ୍କ ଗହଣରେ ପାରାନିକ୍ ପାଠ କରାଯାଇଥାଏ । ଉଭୟପକ୍ଷର ବିବରଣୀକୁ ପ୍ରତ୍ୟେକେ ଶୁଣିସାରିବାପରେ ମୋକଦ୍ଦମାର ବିଚାର ନିମନ୍ତେ ନିମନ୍ତ୍ରିତ ବିଚାରକ ମଣ୍ଡଳୀ; ଭଦ୍ରବ୍ୟକ୍ତି ତଥା ଜଗମାଝୀ, ପାରାନିକ୍ ଓ ବଲଭାଇଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି । ମୋକଦ୍ଦମାର ବିବରଣୀ ଅନୁସାରେ ବିଚାରକ ମଣ୍ଡଳୀ ତରଫରୁ ଭିନ୍ନ ଭିନ୍ନ ମତ ଆଗତ ହୋଇଥାଏ । ବିଚାର ସମୟରେ ଉଭୟ ପକ୍ଷ ପ୍ରଦାନ କରିଥିବା ବିବରଣୀରେ ଯଦି ବିଚାରକ ମଣ୍ଡଳୀର ସନ୍ଦେହ ସୃଷ୍ଟି ହୋଇଥାଏ, ତେବେ ପୁନର୍ବାର ମାଝୀହାଲାମଙ୍କ ନିର୍ଦ୍ଦେଶାନୁକ୍ରମେ ଜଗମାଝୀ ଉଭୟ ପକ୍ଷର ଆସାମୀଙ୍କୁ ତନ୍ନ ତନ୍ନ କରି ପଚରା ଉଚରା କରିଥାନ୍ତି । ଘଟଣାର ସତ୍ୟାସତ୍ୟ ଜାଣିସାରିବା ପରେ ଉପସ୍ଥିତ ବିଚାରକ ମଣ୍ଡଳୀ ତଥା ଭଦ୍ରବ୍ୟକ୍ତି ପ୍ରକୃଷ୍ଟ ପକ୍ଷକୁ ଦୋଷୀ ସାବ୍ୟସ୍ତ କରିଥାନ୍ତି । ପ୍ରଥମେ ବିଚାରକ ମଣ୍ଡଳୀ ଆଲୋଚନାର ନିଷ୍ପତ୍ତି ପ୍ରଦାନ କରିଥାନ୍ତି । ବହୁବିଧ ଯୁକ୍ତିତର୍କ ପରେ ସାଧାରଣ ସିଦ୍ଧାନ୍ତରେ ଉପନିତ ହୋଇଥାନ୍ତି । ସେହି ଦୋଷୀଙ୍କୁ ପୁନର୍ବାର ସତ୍ୟାସତ୍ୟ ପାଇଁ ଜଗମାଝୀ ପ୍ରଶ୍ନ ପଚାରିଥାନ୍ତି । ଯଦି ଦୋଷୀଠାରୁ କୌଣସି ସନ୍ତୋଷଜନକ ଉତ୍ତର ନପାଇଥାନ୍ତି, ତାହାହେଲେ ସମ୍ପୃକ୍ତ ବ୍ୟକ୍ତିକୁ ଦୋଷୀ ବୋଲି ଅଭିହିତ କରିଥାନ୍ତି । ଉପସ୍ଥିତ ପ୍ରତ୍ୟେକ ବିଚାରକ ସାଧାରଣ ରାୟ ପ୍ରଦାନ କରିଥାନ୍ତି । ପ୍ରକୃତ ଦୋଷୀ ସାବ୍ୟସ୍ତ ପରେ ଦୋଷୀଙ୍କ ଉପରେ ଜୋରିମାନା ଧାର୍ଯ୍ୟ କରାଯାଏ । ବିଚାରକ ମଣ୍ଡଳୀର ନିଷ୍ପତ୍ତି ଓ ଦୋଷୀସାବ୍ୟସ୍ତ ବିଷୟକୁ ଉପସ୍ଥିତ ଗ୍ରାମବାସୀ ତଥା ମାଝୀହାଲାମଙ୍କ ସମ୍ମୁଖରେ ଉପସ୍ଥାପନ କରିଥାନ୍ତି । ପାରାନିକଙ୍କଠାରୁ ଉପଯୁକ୍ତ ନିଷ୍ପତ୍ତି ଶୁଣିସାରିବା ପରେ ଧୀର ବୁଦ୍ଧି ସ୍ଥିର ଚିତ୍ତରେ ମାଝୀହାଲାମ୍ ଉପଯୁକ୍ତ ଦେଷୀପାଇଁ ଦଣ୍ଡଦେବାର ନିର୍ଦ୍ଦେଶ ପ୍ରଦାନ କରିଥାନ୍ତି । ନତୁବା ନିର୍ଦ୍ଧାରିତ ଜୋରିମାନାକୁ ପରିବର୍ତ୍ତନ କରି ସେହି ସ୍ଥଳେ ପୁନଃ ନୂତନ ଜୋରିମାନା ସାବ୍ୟସ୍ତ କରିଥାନ୍ତି ଏବଂ ସର୍ବଶେଷରେ ନିଷ୍ପତ୍ତିକୁ ଆଖି ଆଗରେ ରଖି ଅନ୍ତିମ ରାୟ ପ୍ରଦାନ କରିଥାନ୍ତି । ଏହାପରେ ଦୋଷୀଠାରୁ ଧାର୍ଯ୍ୟମୂଲ୍ୟର ଜୋରିମାନା ଗ୍ରହଣ କରାଯାଇଥାଏ । ତାପରେ ଦୋଷମୁକ୍ତ ହୋଇ ଉପସ୍ଥିତ ପ୍ରତ୍ୟେକଙ୍କ ପାଇଁ ଭୋଜିଭାତର ବ୍ୟବସ୍ଥା କରିଥାଏ । ପ୍ରଥମେ ପକ୍ଷ ଆସାମୀ ଓ ଦ୍ୱିତୀୟ ପକ୍ଷ ଆସାମୀ ଭୋଜନ କରିଥାନ୍ତି । ଭୋଜି ଭାତର ଶେଷରେ ମାଝୀହାଲାମ୍ ଉଭୟପକ୍ଷ ଆସାମୀଙ୍କୁ ଉକ୍ତ ଭୋଜି ପ୍ରଦାନର ଉଦ୍ଦେଶ୍ୟ ବିଷୟରେ ପଚାରି ସେମାନଙ୍କଠାରୁ ସଠିକ୍ ଉତ୍ତର ପ୍ରାପ୍ତ ହୁଅନ୍ତି । ତାପରେ ନିର୍ଦ୍ଦେଶ ଦେଇଥାନ୍ତି । ନିର୍ଦ୍ଦେଶାନୁସାରେ ଉଭୟପକ୍ଷ ତାହା ପାଳନ କରିଥାନ୍ତି ଏବଂ ପରସ୍ପରକୁ ମଧ୍ୟ ଅଭିବାଦନ

ବଣାଇଥାନ୍ତି ଏବଂ ସନ୍ତୁଷ୍ଟ ଚିତ୍ତରେ ଉଭୟେ ହାତମିଳାଇ କୁଣ୍ଢାକୁଣ୍ଢି ହୋଇଥାନ୍ତି । ଏହିଭଳିଭାବରେ ପାରମ୍ପରିକ ରାଜନୈତିକ ପରିଷଦରେ ମୋକଦ୍ଦମାର ଉପଯୁକ୍ତ ବିଚାର କରାଯାଇ ପ୍ରକୃତ ନ୍ୟାୟ ପ୍ରଦାନ କରାଯାଇଥାଏ ।

ବି.ଦ୍ର : ବଳତ୍କାର ମାମଲା ଏବଂ ଅବୈଧ ଗର୍ଭ ସଂଚାର ମାମଲାର ଫଇସଲା ନିମନ୍ତେ ଗ୍ରାମ ବାହାରେ ଏକ ନିର୍ଜନ ସ୍ଥାନରେ ଗଛମୂଳେ ବୈଠକ ଆହ୍ୱାନ କରାଯାଇଥାଏ ।

## ବିଭିନ୍ନ ପ୍ରକାର ଦଣ୍ଡବିଧାନ (ଶାରିରୀକ, ଆର୍ଥିକ ଏବଂ ନୈତିକ) :

### ଶାରୀରିକ ଦଣ୍ଡ :

ପାରମ୍ପରିକ ରାଜନୈତିକ ପରିଷଦକୁ ବିଭିନ୍ନ ପ୍ରକାରର ମୋକଦ୍ଦମା ବିଚାର ପାଇଁ ଆସିଥାଏ । ମୋକଦ୍ଦମାର ବିଚାର ପରେ ପ୍ରକୃତ ଦୋଷୀକୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯାଇଥାଏ । ଦୋଷୀକୁ ବିଭିନ୍ନ ପ୍ରକାର ଦଣ୍ଡ ପ୍ରଦାନ କରାଯାଇଥାଏ । ସେହି ଦଣ୍ଡମାନଙ୍କ ମଧ୍ୟରେ ଶାରିରୀକ, ଆର୍ଥିକ ଏବଂ ମାନସିକ ଦଣ୍ଡ । ସାନ୍ତାଳ ସମ୍ପ୍ରଦାୟର ଯେକୌଣସି ବିବାହିତ କିମ୍ବା ଅବିବାହିତ ପୁରୁଷ ନିଜର ରକ୍ତ ସମ୍ପର୍କୀୟ ଯଥା ନିଜର ପିଉସୀ, ଭଉଣୀ, ମାଇଁ,ମାଉସୀ, ଇତ୍ୟାଦିଙ୍କ ସହିତ ଯଦି ଯୌନ ସମ୍ପର୍କ ରଖିଥାଏ ଏବଂ ଉକ୍ତ ବିଷୟ ଯଦି ଲୋକଲୋଚନକୁ ଆସିଥାଏ ତେବେ ସେପରି କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟାଉଡାଲ୍ ନାମକ ଦଣ୍ଡ ଦିଆଯାଇଥାଏ । ଏହା ଏକ କଠିନ ଶାରୀରିକ ଦଣ୍ଡ ।

ବୈଠକର ଶେଷ ନିଷ୍ପତ୍ତିରେ ଆସାମୀକୁ ଦୋଷୀ ସାବ୍ୟସ୍ତ କରିସାରିବା ପରେ ସେହି ଦୋଷୀ ଦ୍ୱୟଙ୍କୁ ଛାଲି ପିବାଇ ନଡାରେ ପ୍ରସ୍ତୁତ ଦୁଇଟି ମହିଳା ଓ ପୁରୁଷ (ବୁମୁକ୍ ପୁତୁଳା) ଙ୍କୁ ହାତରେ ଧରାଇ ଗ୍ରାମ ପରିକ୍ରମା କରାଇଥାନ୍ତି । ତାଙ୍କ ପଛରେ ଗ୍ରାମବାସୀମାନେ ବାଦ୍ୟ ବଜାଇ ମଧ୍ୟ ଗ୍ରାମ ପରିକ୍ରମା କରିଥାନ୍ତି । ପରିକ୍ରମା ମଧ୍ୟରେ ପୂର୍ବରୁ ପ୍ରସ୍ତୁତ କରିଥିବା ଲଙ୍କା ଏବଂ ଲୁଣପାଣିକୁ ସ୍ତୀଲୋକେ ସମ୍ପୃକ୍ତ ଦୋଷୀଙ୍କ ଉପରକୁ ନିକ୍ଷେପ କରିଥାନ୍ତି । ଦୋଷୀମାନେ ସାତଟି ଗ୍ରାମକୁ ଏଭଳି ଅବସ୍ଥାରେ ପରିକ୍ରମା କରିଥାନ୍ତି । ପରିକ୍ରମା ଆରମ୍ଭରୁ ଉଭୟ ଦୋଷୀ ଦୁଇଟି ପୂଜାସାମଗ୍ରୀ ସହିତ ମାଟିହାଣ୍ଡି ମୁଣ୍ଡରେ ମୁଣ୍ଡାଇଥାନ୍ତି । ଗ୍ରାମର ଏକ ତ୍ରିଛକି ସ୍ଥାନରେ ଉଭୟ ଦୋଷୀଙ୍କଠାରୁ ନାଲି ରଙ୍ଗର ମାଈଛେଳି, ବୋଦା ଓ ଗୋଟାଏ ନାଲି ରଙ୍ଗର କୁକୁଡା, ଧଳା ରଙ୍ଗର କୁକୁଡା ଗୋଟିଏ ଏବଂ ବାରବଣିଆ (ଚିତ୍ରିତ କୁକୁଡା) କୁ ମଧ୍ୟ ପୂଜାରେ ବଳୀ ଦିଆଯାଇଥାଏ । ଶେଷରେ ପ୍ରତ୍ୟେକ ଗ୍ରାମବାସୀଙ୍କ ସମେତ ଉଭୟ ଦୋଷୀ ପ୍ରସ୍ତୁତ ଭୋଜିରେ ଅଂଶ ଗ୍ରହଣ କରିଥାନ୍ତି ।

## ଆର୍ଥିକ ଦଣ୍ଡ :

ରାଜନୈତିକ ପରିଷଦର ଶେଷ ନିଷ୍ପତ୍ତି ଶୁଣାଣୀ ପରେ ଉପଯୁକ୍ତ ଦୋଷୀଙ୍କୁ କେତେକ କ୍ଷେତ୍ରରେ ଆର୍ଥିକ ଦଣ୍ଡ ପ୍ରଦାନ କରାଯାଇଥାଏ । ପ୍ରତ୍ୟେକ ମୋକଦ୍ଦମା ପାଇଁ ସମାନ ଭାବରେ ଆର୍ଥିକ ଦଣ୍ଡ ଦିଆଯାଇନଥାଏ । ପରିବାରରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ସାଧାରଣ ଝଗଡା ହୋଇଥିଲେ ଅର୍ଥଦଣ୍ଡସ୍ୱରୂପ ସେମାନଙ୍କଠାରୁ ଏକହାଣ୍ଡି ହାଣ୍ଡିଆ ଆଦାୟ କରିଥାନ୍ତି । ତାହା ସହିତ ଚାଖଣ ପାଇଁ ସ୍ୱାମୀ ସ୍ତ୍ରୀଙ୍କ ଠାରୁ ୫୦ ଟଙ୍କା ପାଉଣା ଆଦାୟ କରିଥାନ୍ତି । ସ୍ୱାମୀ - ସ୍ତ୍ରୀଙ୍କ ମଧ୍ୟରେ ଯଦି ଗୁରୁତର ଭାବରେ ଝଗଡ଼ା ହୋଇ ରକ୍ତାକ୍ତ ହୋଇଥାନ୍ତି ତେବେ ଅର୍ଥଦଣ୍ଡ ସ୍ୱରୁପ ସେମାନଙ୍କଠାରୁ ସଭାରେ ମାଝୀହାଲମ୍ ଟ. ୧୨୦୦/- (ବାରସହ ଟଙ୍କା) ମାତ୍ର ଅର୍ଥଦଣ୍ଡ ସ୍ୱରୂପ ଜୋରିମାନା ଆଦାୟ କରିଥାନ୍ତି । ଜୋରିମାନା ସମ୍ପୃକ୍ତ ଦୋଷୀଙ୍କ ଠାରୁ ଆଦାୟ ପରେ ଏକ ଭୋଜିର  ଜୋରିମାନା ସମ୍ପୃକ୍ତ ଦୋଷୀଙ୍କଠାରୁ ଆଦାୟ ପରେ ଏକ ଭୋଜିର ଅୟୋଜନ କରାଯାଇଥାଏ । ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ସେହି ଭୋଜିରେ ଅଂଶ ଗ୍ରହଣ କରିଥାନ୍ତି । କଥାରେ କଥାରେ, ଯୁକ୍ତିତର୍କ ଜରିଆରେ ଯଦି ଭାଇଭାଇ ମଧ୍ୟରେ ଏବଂ ପଡ଼ୋଶୀମାନଙ୍କ ମଧ୍ୟରେ, ଗାଁର ଲୋକମାନଙ୍କ ମଧ୍ୟରେ ସାଧାରଣ ଝଗଡ଼ା ହୋଇଥାଏ; ତେବେ ସେହିଭଳି କ୍ଷେତ୍ରରେ ସେମାନଙ୍କଠାରୁ ଆର୍ଥିକ ଦଣ୍ଡ ସ୍ୱରୂପ ମଦ ଦୁଇ କିମ୍ୱା ଚାରି ବୋତଲ କିମ୍ୱା ଟ. ୫୦/- (ପଚାଶ) ଟଙ୍କାର ହାଣ୍ଡିଆ ଆଦାୟ କରାଯାଇଥାଏ । ଯଦି ସେମାନଙ୍କ ମଧ୍ୟରେ ଗୁରୁତର ଭାବରେ ଝଗଡ଼ା ହୋଇଥାଏ, ତେବେ ସେମାନଙ୍କଠାରୁ  ଟ. ୧୨୦୦/- (ବାରଶହ ଟଙ୍କା) ମାତ୍ର ଅର୍ଥଦଣ୍ଡ ସ୍ୱରୂପ ଜୋରିମାନା  ଆଦାୟ  କରାଯାଇଥାଏ  ।  ବଳାତ୍କାର ମାମଲା ବା ଜେନାକାରୀ କେଶ୍ କ୍ଷେତ୍ରରେ ସମ୍ପୃକ୍ତ ଦୋଷୀମାନଙ୍କ ଠାରୁ ଟ ୩୦୦୦/- ରୁ ଟ ୫୦୦୦/- (ତିନି ହଜାରରୁ ପାଞ୍ଚ ହଜାର ଟଙ୍କା) ମାତ୍ର ଅର୍ଥଦଣ୍ଡ ସ୍ୱରୂପ ଜୋରିମାନା ଆଦାୟ କରାଯାଇଥାଏ । କୌଣସି ଗ୍ରାମ ଗ୍ରାମ ମଧ୍ୟରେ ଯଦି କୌଣସି କାରଣରୁ ଗୁରୁତର ଭାବେ ଝଗଡ଼ା ହୋଇ ଲୋକମାନେ ରକ୍ତାକ୍ତ ହୋଇଥାନ୍ତି ଏଭଳି କ୍ଷେତ୍ରରେ ପାଞ୍ଚୈତ୍ (ପାଞ୍ଚ ପଞ୍ଚାୟତ ବା ମୁକାମ୍)ରେ ବିଚାର କରାଯାଇ ଦୋଷ କରିଥିବା ଲୋକଙ୍କ ଠାରୁ ସମ୍ପୃକ୍ତ ଗ୍ରାମରୁ ଟ. ୧୨୦୦/- (ବାରସହ ଟଙ୍କା) ମାତ୍ର ଅର୍ଥଦଣ୍ଡ ସ୍ୱରୂପ ଜୋରିମାନା ଆଦାୟ କରାଯାଇଥାଏ । ମହାଜନଙ୍କଠାରୁ ଅଭାବସମୟରେ କରଜ ଆଣିଥିବା ବ୍ୟକ୍ତି ଯଦି ମହାଜନଙ୍କୁ ସମୂଳେ ପରିଶୋଧ କରନ୍ତି ନାହିଁ ; ତେବେ ବିଚାର ମାଧ୍ୟମରେ ଋଣୀଙ୍କ ଠାରୁ ସମୂଳ ଧନ ଆଦାୟ କରାଯିବା ସହିତ ଅର୍ଥଦଣ୍ଡ ସ୍ୱରୂପ  ଟ. ୧୨୫/-  (ଏକଶହ ପଚିଶ ଟଙ୍କା ମାତ୍ର ଜୋରିମାନା) ପ୍ରଦାନ କରିଥାଏ । ବିଚାରପରେ ଉପଯୁକ୍ତ ଦୋଷୀଙ୍କଠାରୁ ଅର୍ଥଦଣ୍ଡ ସ୍ୱରୁପ ଜୋରିମାନା ଆଦାୟର ନିର୍ଦ୍ଦିଷ୍ଟତା ନଥାଏ ।

ମୋକଦ୍ଦମାର ଗୁରୁତ୍ୱ ବିଷୟକୁ ଲକ୍ଷ୍ୟ କରି ଜୋରିମାନା ମାଝୀହାଡ଼ାମଙ୍କ ସମେତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ସ୍ଥିର କରାଯାଇଥାଏ ।

## ସାମାଜିକ ଦଣ୍ଡ :

ପାରମ୍ପରିକ ରାଜନୈତିକ ପରିଷଦରେ କେତେକ ମୋକଦ୍ଦମାର ବିଚାରପରେ ଉପଯୁକ୍ତ ଦୋଷୀଙ୍କ ଉପରେ ସମାଜିକ ଦଣ୍ଡ ଦିଆଯାଇଥାଏ । ଗ୍ରାମର କୌଣସି ନୀତିନିୟମକୁ ବେଖାତିର କରୁଥିବା ଏବଂ ଗ୍ରାମର ମୁଖ୍ୟ ମାଝୀହାଡ଼ାମ୍ କଥାକୁ ଅବମାନନା କରୁଥିବା ବ୍ୟକ୍ତିଙ୍କୁ କେତେକ ସାମାଜିକ ଦଣ୍ଡ ଦିଆଯାଇଥାଏ । ସାମାଜିକ ଦଣ୍ଡ ମଧ୍ୟରେ ଦୋଷୀ ପାଇଁ ଗାଁର ନିଆଁପାଣି ବନ୍ଦ କରାଯାଇଥାଏ, କଥାବାର୍ତ୍ତା ବନ୍ଦ କରାଯାଇଥାଏ, ଯେକୌଣସି କାର୍ଯ୍ୟରେ ଅସହଯୋଗ କରାଯାଇଥାଏ, ଗ୍ରାମର ଶ୍ରମିକମାନେ ମଧ୍ୟ କାର୍ଯ୍ୟବନ୍ଦ କରିଦିଅନ୍ତି । ଫଳରେ ସମ୍ପୃକ୍ତ ଆସାମୀ ମାନସିକ ସ୍ତରରେ ଦୁର୍ବଳ ହୋଇଯାଇଥାଏ । ସାନ୍ତାଳ ସମ୍ପ୍ରଦାୟରେ ଏହିଭଳି ଭାବରେ ଦୋଷୀକୁ ସାମାଜିକ ଦଣ୍ଡ ଦିଆଯାଇଥାଏ । ଦୋଷୀ ପାଇଁ ନିଆଁପାଣି ବନ୍ଦକୁ (ସାନ୍ତାଳଭାଷାରେ ନିମ୍ ଡାଭରା କହନ୍ତି । ଦୋଷୀର ଫାଟକରେ ଗାଁ ପରିଷଦର ସଭ୍ୟମାନେ ନିମ୍ବଡ଼ାଳ ବାନ୍ଧିଦେଇଥାନ୍ତି । ନିମ୍ବଡ଼ାଳ ବାନ୍ଧିବା ଉଦ୍ଦେଶ୍ୟ ଏହି ଯେ ସମ୍ପୃକ୍ତ ଦୋଷୀ ଅନ୍ୟମାନଙ୍କ ସହ ମିଶିବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ବୋଲି ସୂଚାଇଥାଏ ।

## ଶପଥ ପାଠ :

ବିଚାର କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ପରେ ପ୍ରକୃତ ଦୋଷୀ ଜାଣିବା ପାଇଁ ଦୋଷୀକୁ ଶପଥ କରାଯାଇଥାଏ । ନିଜ ପୁତ୍ରର ମୁଣ୍ଡ ଛୁଇଁ ନିଜ ସମ୍ପ୍ରଦାୟର ଗୁରୁ ମାରାଂବୁରୁ ବା କୌଣସି ଦେବତାଙ୍କ ନାମ ଧରି ଶପଥ କରି କହିଲେ ସେ ବ୍ୟକ୍ତି ସତ କହୁଛି ବୋଲି ଧରାଯାଏ । ତେଣୁ ସତ୍ୟାସତ୍ୟ ଜାଣିବା ପାଇଁ ନିଜପୁତ୍ରର ମୁଣ୍ଡକୁ ଛୁଇଁ ଶପଥପାଠ କରିଥାନ୍ତି । ଠାକୁରଙ୍କ ନାମଧରି ମଧ୍ୟ ଶପଥ ପାଠ କରିଥାନ୍ତି । ଜାହିରାରେ ଦେବତାଙ୍କ ସମ୍ମୁଖରେ ସମ୍ପୃକ୍ତ ଦୋଷୀକୁ ମାଝୀହାଡ଼ାମ୍ ଶପଥ ପାଠ କରାଇଥାନ୍ତି ।

## ଗ୍ରାମ ସଭାର ଗଠନ ଓ କାର୍ଯ୍ୟ ପ୍ରଣାଳୀରେ ସାମ୍ପ୍ରତିକ ପରିବର୍ତ୍ତନ :

ପାରମ୍ପରିକ ରାଜନୈତିକ ପରିଷଦର ଗଠନ କ୍ଷେତ୍ରରେ ମାଝୀହାଡ଼ାମ୍ ଜଗମାଝୀ, ପାରାନିକ୍ ବିଲଭାଜ ଓ ଗଡ଼େତ୍ ଇତ୍ୟାଦି ରହିଥାନ୍ତି । ବର୍ତ୍ତମାନ ଗଠନ କ୍ଷେତ୍ରରେ ସେପରି ପରିବର୍ତ୍ତନ ପରିଲକ୍ଷିତ ହୋଇନଥାଏ । ସେ ସମୟରେ ମାଝୀହାଡ଼ାମ୍, ଜଗମାଝୀ, ପାରାନିକ୍, ବଇଭାଜ ଓ ଗଡ଼େତ୍ ପଦ ପାଇଁ ଉତ୍ତରାଧିକାର ପଦ୍ଧତିରେ ପ୍ରଥମେ ବଛାଯାଇଥାଏ । କିନ୍ତୁ

ଯଦି କୌଣସି ପରିବାରରେ ଉତ୍ତରାଧିକାର ନୀତିରେ ପରବର୍ତ୍ତୀ ସମୟ ପାଇଁ ପୁରୁଷ ନଥିବେ ତେବେ ଅନ୍ୟମାନଙ୍କ ମଧ୍ୟରୁ ଜଣଜଣଙ୍କୁ ଦୁଇ-ତୃତୀୟାଂଶ ବ୍ୟକ୍ତି ଉପରୋକ୍ତ ପଦବୀ ପାଇଁ ମନୋନୀତ କରିଥାନ୍ତି । କିନ୍ତୁ ବର୍ତ୍ତମାନ ବୈଠକ ମାଧ୍ୟମରେ ଉପସ୍ଥିତ ଲୋକଙ୍କ ମଧ୍ୟରୁ ଅଧାରୁ ଅଧିକ ଲୋକମାନଙ୍କ ସମର୍ଥନରେ ଉପରୋକ୍ତ ପଦବୀର ଲୋକମାନଙ୍କୁ ରାଜନୈତିକ ପରିଷଦପାଇଁ ବଛାଯାଇଥାନ୍ତି । ଏଥିସହିତ ବର୍ତ୍ତମାନ ସେମାନଙ୍କୁ ବିଚାର ସମୟରେ ଗ୍ରାମର ପ୍ରତ୍ୟେକ ୱାର୍ଡ଼ର ୱାର୍ଡମେମ୍ବରମାନେ ଏବଂ ସରପଞ୍ଚ ଆଂଶିକ ସହଯୋଗ କରିଥାନ୍ତି ।

## ପାରମ୍ପରିକ ଗ୍ରାମ ସଭାର ଅତୀତ ଓ ବର୍ତ୍ତମାନ :

ସେ ସମୟରେ ପ୍ରତ୍ୟେକ ମୋକଦ୍ଦମାର ବିଚାର କେବଳ ଗ୍ରାମ ସଭାରେ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଅଧିକାଂଶ ମୋକଦ୍ଦମା ଗ୍ରାମ ପାଞ୍ଚାୟତ ଏପରିକି ଥାନାରେ ବିଚାର କରାଯାଉଛି । ବର୍ତ୍ତମାନ ଗ୍ରାମସ୍ତରରେ ରାଜନୈତିକ ପରିଷଦରେ ଯେଉଁ ମୋକଦ୍ଦମାର ବିଚାର ହୋଇ ପାରୁନାହିଁ ତାହାକୁ ପରିଷଦ ଥାନାକୁ ହସ୍ତାନ୍ତର କରିଦେଉଛି । ସେ ସମୟରେ ବୈଠକ ବ୍ୟବସ୍ଥାକୁ ଲକ୍ଷ୍ୟକଲେ ବର୍ତ୍ତମାନ ବୈଠକ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ ପରିଲିକ୍ଷିତ ହୋଇଥାଏ । ସେ ସମୟରେ ମାଝୀହାଡାମ୍‌ଙ୍କ ବାମପାର୍ଶ୍ୱରେ ଜଗମାଝୀ, ପାରାନିକ୍, ବଲଭାଇ ଓ ଗଡ଼େତ୍ କ୍ରମାନ୍ୱୟରେ ସଭାଗୃହର ମଧ୍ୟଭାଗରେ ବସୁଥିଲେ । କିନ୍ତୁ ବର୍ତ୍ତମାନ ମାଁଝୀହାଡାମ୍‌ଙ୍କ ବ୍ୟତୀତ ଅନ୍ୟମାନେ ଯଥା ଜଗମାଝୀ, ପାରାନିକ୍, ବଲଭାଇ ଓ ଗଡ଼େତ ସଭାଗୃହର ଯେକୌଣସି ଅଂଶରେ ବସି ପାରୁଛନ୍ତି । କେତେକାଂଶରେ କେତେକଲୋକ ଗ୍ରାମପରିଷଦ ପାଇଁ ବଛାଯାଇଥିବା ପଞ୍ଚମୁଖ୍ୟଙ୍କୁ ବେଖାତିର କରି ମୋକଦ୍ଦମାର ବିଚାର ପାଇଁ ସିଧାସଳଖ ଥାନା ସହିତ ସଂଯୋଗ ସ୍ଥାପନ କରିଥାନ୍ତି । ଉକ୍ତ ବିଚାର କ୍ଷେତ୍ରରେ ଗ୍ରାମମୁଖିଆଙ୍କଠାରୁ କୌଣସି ଲିଖିତ ବିବରଣୀ ଯଦି ଥାନା ନ ପାଏ ତେବେ ସେହି କେସର ବିଚାର ପାଇଁ ଗ୍ରାମର ମୁଖିଆଙ୍କଠାରୁ ଲିଖିତାଦେଶ ଆଣିବା ଆବଶ୍ୟକ ହୋଇଥାଏ ।

## ବିଭିନ୍ନ ପ୍ରକାର ମାମଲା ଅଧ୍ୟୟନ :

ପାରମ୍ପରିକ ରାଜନୈତିକ ପରିଷଦକୁ ବିଚାର ନିମନ୍ତେ ବିଭିନ୍ନ ପ୍ରକାର ମୋକଦ୍ଦମା ଆସିଥାଏ । ସେଥିମଧ୍ୟରୁ କେତେକ ଜମିଜମା ସଂକ୍ରାନ୍ତୀୟ, ସାଧାରଣମାଡ଼ପିଟ୍ ବା ଗଣ୍ଡଗୋଳ, ବଳାତ୍କାର ମାମଲା, ଗୋପନୀୟ ଭ୍ରଂସଞ୍ଚାର ମାମଲା ସମ୍ପର୍କୀତ ମୋକଦ୍ଦମା ଇତ୍ୟାଦି ବିଚାରକୁ ଆସିଥାଏ । ସେଥିମଧ୍ୟରୁ କେତୋଟି ମୋକଦ୍ଦମାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଗଲା ।

ମାମଲା ନଂ-୧-ନୀତିନିୟମ ଉଲ୍ଲଘଂନ ସତ୍ତ୍ୱେ ନିଆଁପାଣି ବନ୍ଦ (ନିମଡ଼ାଉଁରା) ବା ଏକ୍ ଘୁରିଆ

ନାମ : କରୁଣାକର ସୋରେନ୍, ପିତାଙ୍କ ନାମ : ଦୁଲ୍ଲରମା ସୋରେନ୍

ବୟସ : ୪୨ ବର୍ଷ, ଲିଙ୍ଗ : ପୁରୁଷ, ଗ୍ରାମ : ଆଦିପୁର, ପୋ : ଅ : ଅମ୍ବିକାଦେଇପୁର

ଭାୟା - ବିଶିପୁର, ଜିଲ୍ଲା - ମୟୁରଭଞ୍ଜ

**ବର୍ଣ୍ଣନା :** ଉପରଲିଖିତ ଗ୍ରାମରେ ନେତ୍ରାନନ୍ଦ ଦେହୁରୀ ନାମକ ଗୁଣିଆ ଜଣେ ବାସ କରୁଥିଲା । ସେହିଗୁଣିଆଙ୍କୁ ଆଦିପୁର ଗ୍ରାମ ସହିତ ପାଖଆଖ ଗ୍ରାମର ଲୋକମାନେ ସମ୍ମାନ ପ୍ରଦର୍ଶନ କରିଥାନ୍ତି ଏବଂ ତାଙ୍କୁ ମଧ୍ୟ  ଆଦର କରିଥାନ୍ତି । ଲୋକମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ଗୁଣିଆ କାର୍ଯ୍ୟ କରିବାକୁ ଆଗେଇ ଆସନ୍ତି । ତେଣୁ ସେ ସର୍ବଜନାଦୃତ ହୋଇଥାନ୍ତି । ଲୋକମାନେ ମଧ୍ୟ ଗୁଣିଆଙ୍କ ବିଭିନ୍ନ କାର୍ଯ୍ୟରେ ବିନା ମୂଲ୍ୟରେ ସାହାଯ୍ୟ କରିଥାନ୍ତି । ସେହି ଗ୍ରାମରେ କରୁଣାକର ସୋରେନ୍ ନାମକ ବ୍ୟକ୍ତିଙ୍କ ଘରେ ବଜବଜିଆ ନାମକ ସଂକ୍ରାମକ ରୋଗରେ ଆକ୍ରାନ୍ତ ହୋଇ ଏକ ବାଛୁରୀର ମୃତ୍ୟୁ ହୋଇଥିଲା । କରୁଣାକର ସୋରେନଙ୍କ ବାପା ଉକ୍ତ ବିଷୟରେ ଗ୍ରାମର ମୁଖ୍ୟ ମାଝୀହାଡାମଙ୍କୁ ଜଣାଇଲେ । ଗ୍ରାମର ପଞ୍ଚମୁଖ୍ୟଙ୍କ ସମେତ ଗ୍ରମାବାସୀମାନେ କରୁଣାକର ସୋରେନଙ୍କ ଘରକୁ ଦେଖିବାକୁ ଆସିଲେ । ପର୍ଯ୍ୟବେକ୍ଷଣ ପରେ ସିଦ୍ଧାନ୍ତ କଲେ ଯେ କାଳିଶୀ ଲାଗିଥିବା ଯୋଗୁଁ ଏହି ରୋଗ ସୃଷ୍ଟି ହୋଇଛି । ସେହି ଗ୍ରାମର ଗୁଣିଆକୁ ଡ଼ାକି ପୂଜାପାଠ ମଧ୍ୟରେ ମେଲାଣୀ ଦେଲେ ରୋଗଟି ସମ୍ପୂର୍ଣ୍ଣ ଚାଲିଯିବ ବୋଲି କହିଲେ ତାପର ଦିନ କରୁଣାକର ସୋରେନ୍ ଘରେ ପୂଜାପାଠ ପାଇଁ ପୂଜୋପକରଣ ପ୍ରସ୍ତୁତ ପରେ ଗୁଣିଆ ସମେତ ଗ୍ରାମର ପଞ୍ଚମୁଖ୍ୟ ଯଥା ମାଝୀହାଡାମ୍  ଜଗମାଝୀ, ପାରାନିକ, ବଳଭାଇ ଓ ଗଡ଼େତ୍ ସେଠାରେ ଉପସ୍ଥିତ ହେଲେ । ପୂଜାପାଠ ଅବ୍ୟବାହିତ ପୂର୍ବରୁ ପୂଜାପାଠ ପାଇଁ ଗୁଣିଆର ପାରିଶ୍ରମିକ ମୂଲ୍ୟ ବିଷୟରେ ଜାଣିବା ପାଇଁ ସୋରେନ୍ ମାଝୀହାଡାମଙ୍କୁ ପଚାରିଲେ । ମାଝୀହାଡାମ୍ ଗୁଣିଆ ନେଉଥିବା ପାଉଣା ପରିମାଣ ଜଣାଇଦେଲେ । କିନ୍ତୁ କରୁଣାକର ସୋରେନ୍ ପାଉଣା ନଦେବା ପାଇଁ ସ୍ଥିର କଲେ ଏବଂ କହିଲେ ଗୁଣିଆଙ୍କର ପ୍ରତିଟି ସାହାଯ୍ୟରେ ଗ୍ରମାବାସୀ ସହଯୋଗ କରନ୍ତି । ହିଁ କାମଟା କଣ ତାଙ୍କର ନୁହେଁ, ଏଇ କାମଟା କଣ ଗ୍ରାମର ନୁହେଁ ? ଏହିଭଳି ପ୍ରଶ୍ନ ଉକିମାରିଲା । କରୁଣାକର ସୋରେନ୍ ପାଉଣା ଦେବାପାଇଁ ପୂର୍ଣ୍ଣ ବିରୋଧ କରିବାରୁ ଗୁଣିଆ ସମେତ ପଞ୍ଚମୂଖୀ ଓ ଗ୍ରାମବାସୀ ମାନେ ସେ ସ୍ଥାନରୁପ୍ରତ୍ୟାବର୍ତ୍ତନ କରିଥିଲେ । ତାପରଦିନ କରୁଣାକର ସୋରେନ୍ ନୀତି ବିରୋଧି କାର୍ଯ୍ୟ କରିବା ସତ୍ତ୍ୱେ ମା ମାଝୀହାଡାମ୍ ଙ୍କ କଥାକୁ ଅବମାନନା କରିବା ସତ୍ତ୍ୱେ ତାଙ୍କୁ ବୈଠକକୁ ଡ଼କାଇ ତାଙ୍କ ଉପରେ କିଛି ଜୋରିମାନା କରାଗଲା । ଜୋରିମାନା ଦେବାପାଇଁ ପୂର୍ଣ୍ଣ ବିରୋଧ

କଲେ ଏବଂ ଶେଷରେ ଦେଲେନାହିଁ ମଧ୍ୟ । କରୁଣାକର ସୋରେନଙ୍କର ଏଭଳି ବେଖାତିର ଯୋଗୁଁ ପଞ୍ଚମୁଖ୍ୟ ଏବଂ ଗ୍ରମାବାସୀମାନଙ୍କ ବିଚାରରେ ସୋରେନଙ୍କୁ ନିଆଁପାଣି ବନ୍ଦ କରିଦେବା ନିଷ୍ପତ୍ତି ଗ୍ରହଣ କରିଥିଲେ ଏବଂ ତାହା ମଧ୍ୟ କରାଗଲା । ସୋରେନଙ୍କୁ କୌଣସି ଲୋକ କଥାବାର୍ତ୍ତା କଲେ ନାହିଁ କି କୌଣସି କାର୍ଯ୍ୟରେ ସହଯୋଗ କଲେ ନାହିଁ । ସୋରେନଙ୍କୁ ଏକ ଘରକିଆ କରିଦେଲେ । ଶେଷରେ ଏପରିକି ପଥମୁଖ୍ୟ ସମେତ ଗ୍ରାମବାସୀ ସୋରେନଙ୍କ ଫାଟକରେ ନିମ୍ବଡ଼ାଳ ବାନ୍ଧି (ନିମ୍ ସାଉରା) ଦେଇ ଆସିଥିଲେ । ନିମ୍ବଡ଼ାଳ ବାନ୍ଧିବାର ଉଦ୍ଦେଶ୍ୟ ହିଁଯେ ଏହିଲୋକ ସେ କାହାସହିତ ମିଶିବାର ଅଧିକାର ନାହିଁ ଏମିତି କେତେକଣ କହିଲେ । ଏହାର ଦୁଇ ତିନିବର୍ଷ ପରେ ଗ୍ରାମର କେତେଜଣ ସଚେତନ ଯୁବକ ଏହି ବିଷୟରେ ଅନୁଧ୍ୟାନ କଲେ ଯେ କରୁଣାକର ସରେଲେ ଘରେଥିବା ବାଛୁରୀକୁ ଯେଉଁ ରୋଗ ହୋଇଥାଏ । ତାହା ଏକ ସଂକ୍ରାମକ ରୋଗ । ଗୁଣିଆର କୌଣସି ଆବଶ୍ୟକତା ନଥିଲା ବନ୍ଧ ବିଶ୍ୱାସ ଯୋଗୁଁ ଗୁଣିଆକୁ ଡ଼ାକି ପୂଜା ପରିବା ସ୍ଥିରିକୃତ ହୋଇଥିଲା । କିନ୍ତୁ ପରବର୍ତ୍ତୀ କାଳରେ କରୁଣାକର ସୋରେନଙ୍କୁ ଡ଼ାକି ଏକ ବୈଠକରେ ଆଲୋଚନା ମଧ୍ୟମରେ କରୁଣାକର ଭୋଜନକୁ ଝିଅ ବୋଲି ଜଣାପଡ଼ିଲା ଏବଂ ପ୍ରତ୍ୟେକ ଲୋକ ପୂର୍ବପରି ସୋରେନଙ୍କ ସହିତ ଯେଉଁ ଭଳି ମିଳାମିଶା କରୁଥିଲେ ତାହା ଅବ୍ୟାହତ ରହିଲା ।

●●●

# ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ

ଆଦିବାସୀ ସମାଜରେ ପୂଜାବିଧାନ ପାଇଁ ନିର୍ଦ୍ଦିଷ୍ଟ ପ୍ରଥା ରହିଥାଏ । ଏମାନେ ପ୍ରକୃତି ପୂଜକ ହିସାବରେ ବିଭିନ୍ନ ଦେବାଦେବୀଙ୍କର ପୂଜା ଆରାଧନା କରିବା ସାଙ୍ଗକୁ ଗ୍ରାମ ସ୍ତରରେ ମଧ୍ୟ ପୂର୍ବ ପୁରୁଷ ମାନଙ୍କର ପୂଜା ଆରାଧନା ନିଷ୍ଠା ସହକାରେ କରିଥାନ୍ତି । ସାନ୍ତାଳ ସମାଜ ଏହିପ୍ରଥାର ଅନୁଗାମୀ । ଏମାନଙ୍କର ପ୍ରତ୍ୟେକେ ଗ୍ରାମରେ ଜଣେଲେଖାଏଁ ପୁରୋହିତ ରହିଥାନ୍ତି । ଗ୍ରାମର ସମୁହ ପୂଜାପାଠ, ଗ୍ରାମଦେବଦେବୀଙ୍କୁ ପୂଜାର୍ଚ୍ଚନା ତଥା ବିଭିନ୍ନ ପର୍ବପର୍ବାଣୀରେ ସମ୍ପୃକ୍ତ ଦେବାଦେବୀଙ୍କୁ ପୂଜାଆରୋଧନା କରିଥାନ୍ତି । ସେହିପୁରୋହିତଙ୍କୁ ସାନ୍ତାଳମାନେ ମାଝୀହାଲାମ୍ ବୋଲି କହିଥାନ୍ତି । ଗ୍ରାମର ଶ୍ରେଷ୍ଠ ପୂଜକହିସାବରେ ତାଙ୍କୁ ପ୍ରତ୍ୟେକେ ସମ୍ମାନ ପ୍ରଦର୍ଶନ କରିଥାନ୍ତି ଏବଂ ଆଦର ମଧ୍ୟ କରିଥାନ୍ତି । ସେ ମଧ୍ୟ ଗ୍ରାମ ଶାସନର ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥାନ୍ତି ।

## ମନୋନୟନ ପଦ୍ଧତି:

ଗ୍ରାମର ପୁରୋହିତ ବା ମାଝୀହାଲମ୍‌ଙ୍କୁ ଉତରାଧିକାର ସୂତ୍ରରେ ବଛାଯାଇଥାଏ । କୌଣସି ପରିବାର ମୁଖ୍ୟ ମାଝୀହାଲାମ ଦାୟିତ୍ୱରେ ରହି ହଠାତ୍ କୌଣସି ଆକସ୍ମିକ ଦୁର୍ଘଟଣାରେ ସେ ମୃତ୍ୟୁବରଣ କଲେ କିମ୍ବା ସେ ବଦ୍ଧ ହୋଇଗଲେ କିମ୍ବା ପୂଜାକରିବାରେ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ ସେ କ୍ଷେତ୍ରରେ ତାଙ୍କର ପୁତ୍ର କିମ୍ବା ତାଙ୍କ ବଂଶ ମଧ୍ୟରୁ ଜନୈକ ବ୍ୟକ୍ତିଙ୍କୁ ମାଘପୂଜାରେ ଗ୍ରାମଲୋକମାନେ ବାଛିଥାନ୍ତି । ମନୋନୀତ ବ୍ୟକ୍ତି ତାପରଠାରୁ ପୂଜାରୀ ବା ମାଝୀହାଲାମ୍‌ଙ୍କ ଦାୟିତ୍ୱ ସମ୍ପୂର୍ଣ୍ଣ ଗ୍ରହଣ କରିଥାନ୍ତି ଏବଂ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଯଦି ସମ୍ପୃକ୍ତ ବୃକ୍ତିଙ୍କର କେହି ବଂଶଧର ନଥାନ୍ତି ତେବେ ଗ୍ରାମ ସଭାରେ ସମବେତ ଆଲୋଚନା କରି ଦାୟିତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କୁ ଉକ୍ତ ଅଭିଷିକ୍ତ ବା ମନୋନୀତ କରିଥାନ୍ତି ।

## ବ୍ୟକ୍ତିତ୍ୱ ଓ ପୃଷ୍ଠଭୂମି:

ପୂଜାରୀ ବା ମାଝୀହାଲାମ୍ ପ୍ରତ୍ୟେକ ଲୋକଙ୍କୁ ଭଲ ପାଇବା ଦରକାର । ସେ ସାଧାରଣତଃ ଅତ୍ୟନ୍ତ ସରଳ ତଥା ଧର୍ମପ୍ରାଣ ବ୍ୟକ୍ତି ହୋଇଥାନ୍ତି । ଈଶ୍ୱରଙ୍କ ପ୍ରତି ଅସୀମ ଭକ୍ତି ଏବଂ ବିଶ୍ୱାସ ରହିବା ଦରକାର । ଗ୍ରାମ ଦେବାଦେବୀଙ୍କୁ ପୂଜା କରିବାରେ ସିଦ୍ଧହସ୍ତ ହୋଇଥିବା ଦରକାର । ସେ ଜଣେ ନିଷ୍କପଟ ବ୍ୟକ୍ତି ହୋଇଥିବା ଦରକାର । ଜ୍ଞାନି, ବୁଦ୍ଧିମାନ, ଧର୍ମପରାୟଣ ଓ ନୀତିନିୟମ ଜାଣିଥିବା ଆବଶ୍ୟକ ।ଏହିସବୁ ଗୁଣଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରତ୍ୟେକ ଲୋକ

ପସନ୍ଦ କରିଥାନ୍ତି ଏବଂ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଲୋକମାନେତାଙ୍କୁ ବ୍ରାହ୍ମଣତୁଲ୍ୟ ମାନିଥାନ୍ତି । ସାଧାରଣତଃ ମୁର୍ମୁ ଟାଇଟଲଧାରୀ ବ୍ୟକ୍ତିଙ୍କୁ ମାଝୀହାଲାମ୍ ପଦରେ ନିଯୁକ୍ତ କରାଯାଇଥାଏ ।

## ସ୍ୱତନ୍ତ୍ର ତାଲିମ :

ପଡ଼ୋଶୀ ସାନ୍ତାଳଗ୍ରାମର ମୁଖ୍ୟ ପୂଜାରୀ ବା ମାଝୀହାଲାମଙ୍କ ଠାରୁ ସ୍ୱତନ୍ତ୍ରଭାବେ ଗ୍ରାମଦେବାଦେବୀ ମାନଙ୍କର ପୂଜାପାଠ ପାଇଁ ନୂତନଭାବେ ମନୋନୀତ ମାଝୀହାଲାମ୍ ତାଲିମ୍ ଗ୍ରହଣ କରିଥାନ୍ତି । ପୂଜାବିଧି, ଉପକରଣ ପ୍ରସ୍ତୁତି, ବଳୀ ପ୍ରଦାନର ନୀତିନିୟମ, ଏବଂ ଶିକାରୀ ଦେବତାଙ୍କ ପୂଜା ପାଇଁ ପୂଜାର ସମ୍ପର୍କରେ ତାଲିମ୍ ମଧ୍ୟ ଗ୍ରହଣ କରିଥାନ୍ତି । ଅନ୍ୟ ମାଝୀହାଲାମ୍‌ଙ୍କଠାରୁ ତାଲିମ୍ ଶିକ୍ଷାନିମିତ୍ତ ନୂତନ ଭାବରେ ଶିକ୍ଷାକରୁଥିବା ମାଝୀହାଲାମ୍ ଉପହାର ହିସାବରେ ମାଝୀହଲାମ୍‌ଙ୍କୁ ଧଳାରଙ୍ଗର ଧୋତି ଏବଂ ମାଝୀବୁଢ଼ୀଙ୍କୁ ଧଳାରଙ୍ଗର ଶାଢ଼ୀପ୍ରଦାନ କରିଥାନ୍ତି । ଏଥିସହିତ ଗ୍ରାମଲୋକମାନଙ୍କୁ ଦୁଇହାଣ୍ଡି ହାଣ୍ଡିଆ ଉପହାର ସଦୃଶ ପ୍ରଦାନ କରିଥାନ୍ତି ।

## ଗୋଷ୍ଠୀଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ :

ସାନ୍ତାଳମାନଙ୍କର ପୂଜାରୀ ବା ମାଝୀହାଲାମ୍ ପ୍ରଥମତଃ ଗ୍ରାମଦେବାଦେବୀ ଜାହେର୍‌ଏରା ଏବଂ ମାରାଂବୁରୁଙ୍କ ପୂଜାପାଠ ପାଇଁ ବର୍ଷକ ମଧ୍ୟରେ ଚାରୋଟି ପୂଜାକରାଯାଇଥାଏ । ପ୍ରଥମ ପର୍ଯ୍ୟାୟରେ (ଫୁଲପୂଜା) ବାହାଃ ଦଙ୍ଗାରେ ଜାହେରାଠରେ ଗ୍ରାମଦେବାଦେବୀଙ୍କୁ ମାଝୀହାଲାମ୍ ପୂଜାକରିଥାଏ । ଦ୍ୱିତୀୟପର୍ଯ୍ୟାୟର ପୂଜା ମାଃମଣେ ରେ କରାଯାଇଥାଏ। ତୃତୀୟ ପର୍ଯ୍ୟାୟରେ ମାଘପୂଜା (ମାଘବଙ୍ଗା) ସମୟରେ ଏବଂ ଚତୁର୍ଥ ବା ଶେଷ ପର୍ଯ୍ୟାୟରେ ଦୁର୍ଗାପୂଜା (ବେଲ୍‌ବରନ୍) ରେ ମଧ୍ୟ ଗ୍ରାମ ଦେବାଦେବୀଙ୍କୁ ମାଝୀହାଲାମ୍ ବା ଗ୍ରାମ ପୁରୋହିତ ପୂଜାର୍ଚ୍ଚନା କରିଥାଏ । ଗ୍ରାମର କୌଣସି କାରଣରୁ ସଂକ୍ରାମକ ରୋଗ ବ୍ୟାପିଥିଲେ ତାହାର ନିରାକରଣ ଗ୍ରାମଦେବତୀଙ୍କୁ ପୂଜାପାଠ କରିଥାନ୍ତି । ମାନସିକ କରି ବର୍ଷ ଶେଷରେ ଗ୍ରାମଦେବତୀଙ୍କ ନିକଟରେ ପଶୁ ଓ ପକ୍ଷୀବଳୀ ଦେଇଥାନ୍ତି । କୌଣସି ପରିବାରରେ ପୁତ୍ରକିମ୍ବା ବିବାହର ପୂର୍ବଦିନ ପଞ୍ଚମୁଖ୍ୟ ସେଠାରେ ଉପସ୍ଥିତ ରହିଥାନ୍ତି । ସ୍ନାନ ନିମିତ୍ତ ମାଝୀହାଲାମ୍ ହଳଦୀ ଏବଂ ତେଲ ଏବଂ ହାଣ୍ଡିଆକୁ ପୂଜା କରିଥାନ୍ତି । ପରେ ଉପସ୍ଥିତ ପଞ୍ଚମୁଖ୍ୟ ଏବଂ କାର୍ଯ୍ୟକର୍ତ୍ତା ଏବଂ କର୍ତ୍ତା ଉକ୍ତ ହଳଦୀ ଏବଂ ତେଲ ଲଗାଇ ସ୍ନାନ କରିବାକୁ ଯାଇଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କର ଖାଦ୍ୟ ଓ ଅନ୍ୟାନ୍ୟ ବାରଣ:

କେତେକ ପୂଜାପାଠ ଏବଂ କର୍ମକର୍ମାଣୀ କ୍ଷେତ୍ରରେ ପୂଜାରୀ ବା ମାଝୀହାଲାମ୍ କେତେକ ଖାଦ୍ୟ ଗ୍ରହଣ କରିଥାନ୍ତି । ପାନୀୟ ମଧ୍ୟରେ ହାଣ୍ଡିଆ,ସର ତୋରାଣୀ, ମହୁଲୀ ମଦ ଏବଂ

ଅନ୍ୟାନ୍ୟ ନିଶାଯୁକ୍ତ ଦ୍ରବ୍ୟ ମଧ୍ୟ ପାନ କରି ନଥାନ୍ତି । ଏହାଠାରୁ ବହୁ ଦୂରରେ ରହିଥାନ୍ତି । ବିଶେଷତଃ ଫୁଲପୂଜା ପୂର୍ବରୁ ପଡ଼ୋଶୀମାନଙ୍କଠାରୁ ଖାଦ୍ୟଦ୍ରବ୍ୟ ଗ୍ରହଣ କରନ୍ତି ନାହିଁ । ସେହିଭଳି ନୂଆଖିଆ ପର୍ବରେ ପୂଜାପାଠପୂର୍ବରୁ ପୂଜାରୀ ବା ମାଝୀହାଲାମ୍ ନୂତନ ଶସ୍ୟର ପ୍ରସ୍ତୁତ ଭାତ କିମ୍ବା ପାନୀୟ ଭାବରେ ହାଣ୍ଡିଆ ମଧ୍ୟ ପାନ କରିନଥାନ୍ତି । ଫୁଲପୂଜା (ବେଲ୍‌ବରମ୍) ର ପୂର୍ବଦିନ ଏବଂ ପୂଜାଦିନ ମାଝୀହାଲାମ୍ ସ୍ତ୍ରୀ ସହିତ ସହବାସ କରିବାପାଇଁ ନିଷିଦ୍ଧ କରାଯାଇଛି । ମାଝୀହାଲାମ୍‌ର ସ୍ତ୍ରୀ ଗର୍ଭବତୀ ହୋଇଥିଲେ ପୂଜାରେ ବଳୀ ଦିଆଯାଇଥିବା ପଶୁ କିମ୍ବା ପକ୍ଷୀମାନଙ୍କର ମୁଣ୍ଡ ମାଂସକୁ ଖାଇବା ମନା ହୋଇଥାଏ । ବାହାଃପୂଜା ବା ହୋଲିଦିନ ମାଝୀହାଲାମ୍ କୌଣସି ରଙ୍ଗ ସ୍ପର୍ଶ କରିବେ ନାହିଁ ଏବଂ ରଙ୍ଗରେ ମଧ୍ୟ ଖେଳିବେ ନାହିଁ । ରଙ୍ଗଦ୍ୱାରା ଖେଳିଲେ ସେ ଅପବିତ୍ର ହୋଇଥାନ୍ତି । ଫଳରେ ପୂଜାପାଠ କରିପାରନ୍ତି ନାହିଁ ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ :

ଗ୍ରାମର ମୁଖ୍ୟ ପୂଜକ ହିସାବରେ ମାଝୀହାଲାମ୍‌କୁ ଗ୍ରାମବାସୀମାନେ ମାନିଥାନ୍ତି । ପ୍ରକୃତରେ ମାଝୀହାଲାମ୍ ଗ୍ରାମଦେବାଦେବୀ ପୂଜା ଆରୋଧନା କରିବା ଦ୍ୱାରା ଗ୍ରାମରେ ଶାନ୍ତିବିରାଜମାନ କରିଥାଏ । ତେଣୁ ପ୍ରତ୍ୟେକ ଲୋକ ତାଙ୍କୁ ବେଶୀ ଆଦର କରିଥାନ୍ତି ।

ଗ୍ରାମର ଲୋକ ମଧ୍ୟ ମାଝୀହାଲାମ୍‌କୁ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନ ପ୍ରଦର୍ଶନ କରିଥାନ୍ତି । କୌଣସି ପରିବାରକୁ ମାଝୀହାଲାମ୍ ନିମନ୍ତ୍ରିତ ହୋଇ ପଦାର୍ପଣ କରିଲେ ସମ୍ପୃକ୍ତ ପରିବାର ଧୋଇହେବା ପାଇଁ ପାଣି ଦେଇଥାନ୍ତି, ବସିବା ପାଇଁ ଖଟିଆର ବ୍ୟବସ୍ଥା କରିଥାନ୍ତି । ପିଇବା ପାଇଁ ହାଣ୍ଡିଆ ଲସି ପ୍ରଦାନ କରିଥାନ୍ତି । ଖାଇବା ପାଇଁ ଭାତ, ମାଂସ ଇତ୍ୟାଦି ପ୍ରଦାନ କରିଥାନ୍ତି । ପରିବାରର ଲୋକେ ତାଙ୍କ ସହିତ ସମ୍ମାନର ସହିତ ବାର୍ତ୍ତାଳାପ ମଧ୍ୟ କରିଥାନ୍ତି । ଅନ୍ୟ ଗ୍ରାମର ବିବାହ ଏବଂଶୁଦ୍ଧିକ୍ରିୟାରେ ନିଜ ଗ୍ରାମର ମାଝୀହାଲାମ୍‌କୁ ନିମନ୍ତ୍ରଣ କରାଯାଇଥାଏ । ତାଙ୍କୁ ଯଥାଯଥ ସମ୍ମାନ ପ୍ରଦର୍ଶନ କରି ଉତ୍ତମ ଭୋଜନର ବ୍ୟବସ୍ଥା କରାଯାଇଥାଏ । ଭୋଜନରେ ଭାତ, ମାଂସ ଏବଂ ପାନୀୟ ହିସାବରେ ସମ୍ମାନସୂଚକ ଲସୀ ପ୍ରଦାନ କରିଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କର ବେଶଭୂଷା:

ସାଧାରଣତଃ ପୂଜାପାଠ ସମୟରେ ପୂଜକ ବା ମାଝୀହାଲାମ୍ ଛଅହାତ ବିଶିଷ୍ଟ ଧଳାରଙ୍ଗର ଗାମୁଛାକୁ କଛାମାରି ଅଣ୍ଟାରେ ପିନ୍ଧିଥାନ୍ତି । ଏବଂ କାନ୍ଧରେ ଚାରିହାତ ବିଶିଷ୍ଟ ଧଳାରଙ୍ଗର ଗାମୁଛା ପକାଇଥାନ୍ତି । ଅନ୍ୟ ସମୟରେ ବ୍ୟବହାରିକ ବସ୍ତ୍ର ମଧ୍ୟରେ

ଯେକୌଣସି ରଙ୍ଗର ଲୁଙ୍ଗି, ଧୋତି ଏବଂ କାନ୍ଧରେ ଛକପକା ମୋଟା ଗାମୁଛା ବ୍ୟବହାର କରୁଥିଲେ ।

### କାର୍ଯ୍ୟନିର୍ବାହୀମାନଙ୍କ ପାଇଁ ପାଉଣା :

ବିବାହ ସମୟରେ କନ୍ୟାପକ୍ଷ ଗ୍ରାମର ପଞ୍ଚମୁଖ୍ୟଙ୍କ ସମେତ ପୂଜାରୀଙ୍କୁ ଦୁଇ (୨) ଟଙ୍କା ପ୍ରଦାନ କରିଥାନ୍ତି । ଏଥି ସହିତ ଗ୍ରାମ ତରଫରୁ ଠାକୁରଙ୍କ ନାମରେ ଜମି ୨ ଗୁଣ୍ଠ ପର୍ଯ୍ୟନ୍ତ ଦିଆଯାଇଥାଏ । ସେ ଜମିରୁ ଯାହା ଅମଳ କରିଥାଏ ତାହା ଗ୍ରାମ ତରଫରୁ ବର୍ଷ ଶେଷରେ ପାଉଣା ଆକାରରେ ଗ୍ରହଣ କରିଥାନ୍ତି ।

### ବିଭିନ୍ନ ମାମଲାର ନିଷ୍ପତ୍ତି ପ୍ରକ୍ରିୟା :

ମାଝୀହାଲାମ୍ ଗ୍ରାମ ସଭାରେ ଉପସ୍ଥିତ ରହି ସଭାପତି ଦାୟିତ୍ୱରେ ରହିଥାନ୍ତି । ତାଙ୍କ ଅନୁମତିରେ ସଭାପରିଚାଳିତ ହୋଇଥାଏ । ସେ ଉଭୟ ମୁଖ୍ୟପୂଜକ ଏବଂ ରାଜନୈତିକ ମୁଖ୍ୟ । କୌଣସି ମୋକଦ୍ଦମା / ମାମଲା ସମୟରେ ସେ ମଧ୍ୟ ଅଂଶ ଗ୍ରହଣ କରିଥାନ୍ତି, ବିଚାରର ଶେଷ ରାୟ ମଧ୍ୟ ପ୍ରଦାନ କରିଥାନ୍ତି । ମାଝୀହାଲାମ୍ ନିଜେ ଦୋଷୀର ନାମ ଘୋଷଣା କରି ଦଣ୍ଡବିଧାନର ବ୍ୟବସ୍ଥା କରିଥାନ୍ତି । ପଞ୍ଚେତ୍ ବା ପଞ୍ଚାୟତରେ ମଧ୍ୟ ଗ୍ରାମର ମାଝୀହାଲାମ୍ ମଧ୍ୟ ବିଚାର କ୍ଷେତ୍ରରେ ଅଂଶ ଗ୍ରହଣ ନିଷ୍ପତି ପ୍ରଦାନ କରିଥାନ୍ତି । ତାଙ୍କର ବିନା ଅନୁମତିରେ କୌଣସି ବିଚାର ହୋଇ ନଥାଏ ।

### ଗ୍ରାମ /ଗୋଷ୍ଠୀ ସ୍ତରରେ ପାଉଥିବା ସ୍ୱତନ୍ତ୍ର ଉପହାର:

ଗ୍ରାମ ସ୍ତରରେ ମାଘପୂଜା ସମୟରେ ପୂଜାରୀ କିମ୍ବା ମାଝୀହାଲାମଙ୍କୁ ସ୍ୱତନ୍ତ୍ରଭାବେ ଖେଚୁଡ଼ିଭାତ ଓ ପଶୁପକ୍ଷୀଙ୍କୁ ବଳୀ ଦିଆଯାଇଥିବା ମାଂସକୁ ଦୁଇଭାଗ ଦିଆଯାଇଥାଏ । ଗୋଟିଏ ଭାଗ ନିଜପାଇଁ ଓ ଅନ୍ୟଭାଗଟି ମାଝୀହାଲାମ୍ ପଦବୀ ପାଇଁ । ସେହିପରି ବିବାହ କ୍ଷେତ୍ରରେ କନ୍ୟାପକ୍ଷରୁ ଦୁଇଟଙ୍କା ପାଉଣା ହିସାବରେ ଗ୍ରହଣ କରିଥାନ୍ତି । ପଗଡ଼ି ହିସାବରେ କନ୍ୟାପକ୍ଷରୁ ଚାରିହାତ ବିଶିଷ୍ଟ ହଳଦିଆ ରଙ୍ଗର ଗାମୁଛାକୁ ଉପହାର ରୂପେ ଗ୍ରହଣ କରିଥାନ୍ତି । କୌଣସି ନବଜାତଶିଶୁର ନାମକରଣ ଉତ୍ସବରେ ସ୍ୱତନ୍ତ୍ରଭାବେ ଗ୍ରାମର ପୂଜାରୀ ମାଝୀହାଲାମଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସମ୍ମାନସୂଚକ ତାଙ୍କୁ ମାଂସଭାତ ଓ ପାନୀୟ ଭାବରେ ହାଣ୍ଡିଆ ପ୍ରଦାନ କରାଯାଇଥାଏ ।

### ପାଉଥିବା ସ୍ୱତନ୍ତ୍ର ସୁଯୋଗ :

ଗ୍ରାମର ପୂଜକ ଶରବା ମାଝୀହାଲାମଙ୍କୁ ସ୍ୱତନ୍ତ୍ରଭାବରେ କେତେକ ସୁବିଧା ସୁଯୋଗ ଗ୍ରାମ ତରଫରୁ ଦିଆଯାଇଥାଏ । ଗ୍ରାମ ତରଫରୁ ଠାକୁରାଣୀଙ୍କ ନାମରେ ଥିବା ଜମିରୁ ଚାଷକରିବା

ପାଇଁ ୨ଗୁଣରୁ ୫ଗୁଣ ପର୍ଯ୍ୟନ୍ତ ଦେଇଥାନ୍ତି । ମାଝୀହାଲାମ୍ ଦାୟିତ୍ୱରେ ଥିବା ହର୍ଯ୍ୟନ୍ତ ଏହି ଜମିରେ ଚାଷକରି ଶସ୍ୟ ଉତ୍ପାଦନ କରି ଜୀବିକା ନର୍ବାହ କରିଥାନ୍ତି । ଶିକାର କ୍ଷେତ୍ରରେ ଗ୍ରାମବାସୀମାନେ ଶିକାର କରିଥିବା ପଶୁର ଫଳୀକୁ (ପଛଗୋଡ଼) ଏବଂ ପଶୁ ମୁଣ୍ଡର ଏକପାର୍ଶ୍ୱକୁ ମାଝୀହାଲାମ୍‌ଙ୍କ ଘରେ ଦିଆଯାଇଥାଏ ।

## ସାମାଜିକ/ପାରିବାରିକ ଏବଂ ବ୍ୟକ୍ତିଗତ ସ୍ତରରେ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ :

### ମନୋନୟନ ପଦ୍ଧତି :

ସାନ୍ତାଳ ସମାଜରେ ପରିବାର ସ୍ତରରେ ପୂଜକ ସାଧାରଣତଃ ପରିବାରର ମୁଖ୍ୟ ହୋଇଥାନ୍ତି । ପରିବାର ସ୍ତରର ପୂଜକ ସାଧାରଣତଃ ଉତ୍ତରାଧିକାରୀ ସୂତ୍ରରେ ହୋଇଥାନ୍ତି । ବ୍ୟକ୍ତିଗତ ସ୍ତରରେ ଥିବା ପୂଜକଙ୍କୁ ଅଝା ବୋଲି ସାନ୍ତାଳ ଭାଷାରେ କହିଥାନ୍ତି । ଅନ୍ୟଠାରୁ ଶିକ୍ଷା ପାଇଁ ସେ ପୂଜାପାଠ କରିଥାନ୍ତି ।

### ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା :

ଅଝା ସାଧାରଣତଃ ଅତ୍ୟନ୍ତ ସରଳ, ନିଷ୍କପଟ, ଦୟାଳୁ, ଧର୍ମପରାୟଣ ବ୍ୟକ୍ତି ହୋଇଥାନ୍ତି । ସେ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ପୂଜାପାଠ କରିଥାନ୍ତି । ଈଶ୍ୱରଙ୍କ ପ୍ରତି ଭକ୍ତି ଏବଂ ବିଶ୍ୱାସ ରହିଛି । ସେହି ପୂଜକଙ୍କୁ ବ୍ୟକ୍ତିଗତଭାବରେ ସମସ୍ତେ ସମ୍ମାନ ପ୍ରଦର୍ଶନ କରିଥାନ୍ତ ।

କୌଣସି ଧର୍ମୀୟ ଗୁରୁଙ୍କଠାରୁ ଅଝା ତାଲିମ ଗ୍ରହଣ କରଥାନ୍ତି । ଏକବର୍ଷକାଳ ସେ ତାଲିମ୍ ନେଇଥାନ୍ତି । ତାଲିମରୁ ବିବିଧ ମନ୍ତ୍ର, ଦେବାଦେବୀଙ୍କ ପୂଜାପାଠ, ତେଲଖଡ଼ି ଗଡ଼ାଇବା, ଝଡ଼ାଫୁଙ୍କା ଇତ୍ୟାଦି ବିଷୟରେ ତାଲିମ୍ ନେଇଥାନ୍ତି ।

### ନିର୍ଦ୍ଧାରିତ କାର୍ଯ୍ୟାବଳୀ :

କୌଣସି ପରିବାରରେ କୌଣସି ବ୍ୟକ୍ତିଙ୍କଠାରେ ଯଦି ଭୂତ କିମ୍ବା ପ୍ରେତ ଲାଗିଥାଏ ବା ଡ଼ାହାଣୀ ଲାଗିଥାଏ ସେତେବେଳେ ଅଝା ପୂଜାପାଠ ମାଧମରେ ଭୂତପ୍ରେତ କିମ୍ବା ଡ଼ାହାଣୀକୁ ସନ୍ତୁଷ୍ଟ କରି ଦୂରକରି ଦେଇଥାଏ । ଫଳରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି ପୂର୍ବାସ୍ଥାକୁ ଫେରିଆସି ସମ୍ପୂର୍ଣ୍ଣଭଲ ହୋଇଥାଏ । ଗୁରୁବାର ଏବଂ ମଙ୍ଗଳବାରରେ କୌଣସି ପୂଜାପାଠ କରନ୍ତି ନାହିଁ । ଲୋକମାନେ ସେହିଲୋକଙ୍କୁ ଆଦର କରନ୍ତି ଏବଂ ସମ୍ମାନ ମଧ ଦେଇଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କର ଖାଦ୍ୟ ଓ ବାରଣ ଏବଂ ଲୋକମାନଙ୍କ ମନୋଭାବ :

ଲୋକମାନେ ତାଙ୍କୁ ବସିବା ପାଇଁ ଖଟିଆର ବ୍ୟବସ୍ଥା କରିଥାନ୍ତି । ପୂଜାପାଠ କୁକୁଡାଟିଏ ପ୍ରଦାନ କରିଥାନ୍ତି । ପୂଜାପାଠପରେ ଅଝା ନିଜେ କୁକୁଡାର ମାଂସକୁ ତିଆରି କରି ଖାଇଥାଏ । ପାନୀୟ ସକାଶେ ହାଣ୍ଡିଆ କିମ୍ବା ମଦକୁ କ୍ରୟକରି ପ୍ରଦାନ କରିଥାନ୍ତି । ଲୋକମାନେ ଯଥାଯଥ ସମ୍ମାନ ପ୍ରଦର୍ଶନ କରିଥାନ୍ତି ଏବଂ ତାଙ୍କ କାର୍ଯ୍ୟରେ ସହଯୋଗ ମଧ କରିଥାନ୍ତି । ତାଙ୍କର କାର୍ଯ୍ୟକଳାପକୁ ଲୋକମାନେ ପସନ୍ଦ କରିଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କର ବେଶଭୂଷା:

ଅଝା ସାଧାରଣତଃ ଧଳା ରଙ୍ଗର ୬ ହାତର ଗାମୁଛା କଛାମାରି ପିନ୍ଧିଥାନ୍ତି ଏବଂ କାନ୍ଧରେ ନାଲିରଙ୍ଗର ୪ ହାତର ଗାମୁଛା ବ୍ୟବହାର କରିଥାନ୍ତି । ପୂଜାସମୟରେ ସେ ବେତର ବାଡ଼ି (୫ଫୁଟର) ବ୍ୟବହାର କରିଥାଏ । ଅନ୍ୟ ସମୟରେ ଦୈନନ୍ଦିନ ବ୍ୟବହାରିକ ସାଧାରଣ ପୋଷାକ ପରିଧାନ କରିଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କ ପାଇଁ ପାଉଣା :

ପୂଜାପାଠପାଇଁ ଏକ କୁକୁଡା ସମେତ (୧୦)ଦଶଟଙ୍କାରୁ ଆରମ୍ଭ କରି ଏକଶହ (୧୦୦ଟଙ୍କ) ପର୍ଯ୍ୟନ୍ତ ପାଉଣା ଗ୍ରହଣ କରିଥାଏ । ସ୍ୱତନ୍ତ୍ରଭାବରେ ଧଳାରଙ୍ଗର ୬ ହାତ ବିଶିଷ୍ଟ ଗାମୁଛା ଏବଂ ତାଙ୍କ ସ୍ତ୍ରୀଙ୍କୁ ଧଳାରଙ୍ଗର ଶାଡୀକୁ ଉପହାର ହିସାବରେ ପ୍ରଦାନ କରାଯାଇଥାଏ । ଜ୍ୱର, ବ୍ୟାଧି, ଭୂତପ୍ରେତଦ୍ୱାରା ରକ୍ଷା ପାଇଲାପରେ ମାନସିକ କରିଥିବା ସ୍ୱତନ୍ତ୍ର ଦିବସରେ ସେହି ଅଝାଙ୍କୁ ନିମନ୍ତ୍ରଣ କରି ଉପରୋକ୍ତ ଉପହାର ପ୍ରଦାନ କରିଥାନ୍ତି ।

## ଯାଦୁଧର୍ମୀୟ କର୍ମକର୍ତ୍ତାଙ୍କ ସହାୟକ :

ଗ୍ରାମସ୍ତରରେ ମାଝୀହାଲାମ୍‌ଙ୍କୁ ପୂଜାକାର୍ଯ୍ୟରେ ସହଯୋଗ କରିବା ପାଇଁ ତାଙ୍କ ପାଖେ ସର୍ବଦା ଗଡେତ୍ କାର୍ଯ୍ୟ କରିଥାନ୍ତି । ମାଘପୂଜାରେ ଅନୁଷ୍ଠିତ ବୈଠକରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ମାଝୀହାଲାମ୍ ଗଡେତ୍ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ବାଛିଥାନ୍ତି । ଗଡେତ୍ ମଧ ଉତ୍ତରାଧିକାରୀ ସୂତ୍ରରେ ନିଯୁକ୍ତ ହୋଇଥାଏ । ପୂଜକ / ମାଝୀହାଲମକୁ ପୂଜାରେ ସାହାଯ୍ୟ ପାଇ ଜଣେ ଦକ୍ଷ, ଫୂର୍ତ୍ତିକାର୍ଯ୍ୟ ସମ୍ପାଦାନ କରିପାରୁଥିବା ବ୍ୟକ୍ତିଙ୍କୁ ମଧ ମନୋନୀତ କରାଯାଇଥାଏ ।

ମାଝୀହାଲାମଙ୍କ କଥାକୁ ସେ ତିଳେ ତିଳେ ପାଳନ କରିଥାଏ । ତାଙ୍କ ନର୍ଦ୍ଦେଶରେ ପ୍ରତ୍ୟେକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାଏ । କାମରେ ଫୁର୍ତ୍ତି, କର୍ମଦକ୍ଷତା ହାସଲ

କରିଥାଏ । ଆଜ୍ଞାନୁବର୍ତ୍ତିତା, ସମାୟନୁବର୍ତ୍ତିତା ଇତ୍ୟାଦି ଗୁଣମଧ୍ୟ ତାଙ୍କଠାରେ ରହିଥାଏ । ମାଝିହାଲାମଙ୍କ ନିର୍ଦ୍ଦେଶକୁ ଶିରୋଧାର୍ଯ୍ୟ କରି ଆଗେଇ ଯାଇଥାଏ କାର୍ଯ୍ୟକରିବାକୁ ।

## ତାଲିମ ବ୍ୟବସ୍ଥା :

ପୂର୍ବରେ ଗଡେତ୍ ପଦବୀରେ ଅଧିଷ୍ଠୀତ ବ୍ୟକ୍ତିଙ୍କଠାରୁ ପ୍ରତ୍ୟେକ କାର୍ଯ୍ୟକୁ ଅନୁସରଣ କରିଥାଏ । ତାହାକୁ ବାସ୍ତବ ରୂପଦେବାପାଇଁ ପ୍ରୟୋଗ କରିଥାଏ । ସେଭଳି କୌଣସି ସ୍ୱତନ୍ତ୍ର ତାଲିମ ଗ୍ରହଣ କରିନଥାଏ ।

## ଗୋଷ୍ଠୀଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ :

ଅନୁଷ୍ଠିତ ହେଉଥିବା କୌଣସି ପୂଜାର ଅବ୍ୟବାହିତ ପୂର୍ବରୁ ଗ୍ରାମରେ ଥିବା ପ୍ରତ୍ୟେକ ଘରୁ ଗୋଟିଏ ଲେଖାଏଁ କୁକୁଡା, ହଳଦୀ, ଲୁଣ, ଲଙ୍କା, ରସୁଣ ଓ ଜାଳକାଠ ଇତ୍ୟାଦି ଗଡେତ୍ ସଂଗ୍ରହ କରି ମାଘପୂଜା ସ୍ଥାନରେ କିମ୍ବା ଜାହିରାରେ ପଇଠ କରିଥାଏ । ବିବାହ ଏବଂ ଶୁଦ୍ଧଘର କ୍ରିୟାରେ ସହଯୋଗ କରିବାପାଇଁ ଗ୍ରାମର ପ୍ରତ୍ୟେକ ପରିବାରରୁ ସ୍ୱାମୀ ଓ ସ୍ତ୍ରୀଙ୍କୁ ଡାକିଥାନ୍ତି । ପୂଜାସମୟରେ ମାଝିହାଲାମଙ୍କୁ ପୂଜାଉପକରଣ ଯଥାଯଥ ଯୋଗାଇଥାଏ । ବଳୀଦିଆଯାଇଥିବା ପାଉପକ୍ଷଙ୍କର ମାଂସକୁ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରିବାରେ ସାହାର୍ଯ୍ୟ କରିଥାଏ । ମାଝିହାଲାମଙ୍କ ପାଖେ ପାଖେ ରହି ପୂଜା ନିମିତ୍ତ ଜଳ ଓ ହାଣ୍ଡିଆ ଲସି ଯୋଗାଇଥାଏ । ଫୁଲ ପୂଜା ସମୟରେ ମାଝିହାଲାମଙ୍କୁ ପୂଜାପାଇଁ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଯୋଗାଇଥାଏ । ବିବାହ କାର୍ଯ୍ୟରେ ବନ୍ଦାପନା ନିମିତ୍ତ ଗ୍ରାମର ତିନିଜଣ ଛୋଟ ବାଳିକାଙ୍କୁ ଡାକି କାର୍ଯ୍ୟରେ ସହଯୋଗ କରିଥାଏ । ସେହି ତିନିବାଳିକା ହଳଦୀ ବାଟିବା ପାଇଁ ତିନୋଟି ଶିଳ ଯୋଗାଇ ଦେଇଥାନ୍ତି । ବିଚାରର ଅବ୍ୟବାହିତ ପୂର୍ବରୁ ଗ୍ରାମର ଲୋକମାନଙ୍କୁ ଡାକି ସଭାକାର୍ଯ୍ୟରେ ଉପସ୍ଥିତ କରାଇଥାଏ । ସଭାର ମୁଖ୍ୟ ମାଝିହାଲାମଙ୍କ ନିର୍ଦ୍ଦେଶାନୁସାରେ କାର୍ଯ୍ୟକରିଥାନ୍ତି । ସଭାରେ ଉପସ୍ଥିତ ବିଦ୍ୱାନ ମାନଙ୍କ ପାଇଁ ଜଳଯୋଗାଣର ବ୍ୟବସ୍ଥା ମଧ୍ୟ କରିଥାଏ । ବିଚାରକ୍ଷେତ୍ରରେ ସମ୍ପୃକ୍ତ ମୋକଦ୍ଦମାର ସାକ୍ଷୀମାନଙ୍କୁ ଡାକି ସଭାସ୍ଥଳରେ ହାଜର କରାଇଥାଏ ।

## ସହାୟକମାନଙ୍କ ଖାଦ୍ୟ ଓ ବାରଣ:

ପୂଜା କାର୍ଯ୍ୟରେ ମାଝିହାଲାମଙ୍କୁ ସହଯୋଗ କରୁଥିବା ଗଡେତ୍ ମଧ୍ୟ ବିଭିନ୍ନ ଖାଦ୍ୟ ସେବନରୁ ବଞ୍ଚିତ ହୋଇଥାଏ । ଭାତ, ମାଂସ, ହାଣ୍ଡିଆ, ମଦ ଇତ୍ୟାଦି ଭକ୍ଷଣ କରିନଥାନ୍ତି । କୌଣସି ପରିସ୍ଥିତିରେ ପୂଜାପୂର୍ବଦିନ ଏବଂ ପୂଜାଦିନ ସ୍ତ୍ରୀ ସହିତ ସହବାସ ପାଇଁ ନିଷିଦ୍ଧ କରାଯାଇଥାଏ ।

## ଗଡେତଙ୍କ ପ୍ରତି ଲୋକଙ୍କ ମନୋଭାବ:

ଗଡ଼େତ୍ କାର୍ଯ୍ୟରେ ସହଯୋଗ କରି କାର୍ଯ୍ୟଟି ସୁରୁଖୁରୁରେ ସମ୍ପାଦନ କରିପାରୁଥିବାରୁ ଲୋକମାନେ ଗଡେତଙ୍କୁ ପ୍ରଂଶସା କରିଥାନ୍ତି ଏବଂ ତାଙ୍କୁ ଆଦର ମଧ୍ୟ କରିଥାନ୍ତି । ଲୋକମାନେ ଗଡେତ୍‌ଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାଙ୍କୁ ଧନ୍ୟ ମନେ କରିଥାନ୍ତି ।

## ଗଡେତଙ୍କର ବେଶଭୂଷା ଏବଂ ପାଉଣା:

ପୂଜାକାର୍ଯ୍ୟରେ ସହଯୋଗ କରିବା ପାଇଁ ଗଡେତ୍ ସାଧାରଣତଃ ୬ହାତ ବିଶିଷ୍ଟ ଧଳାରଙ୍ଗର ଗାମୁଛା କଛାମାରି ପିନ୍ଧିଥାନ୍ତି ଏବଂ ଅଣ୍ଟାଚାରିପଟରେ ୪ ହାତର ଧଳାରଙ୍ଗର ଗାମୁଛା ବାନ୍ଧିଥାଏ । ଦେହରେ ଧଳାରଙ୍ଗର ଗଞ୍ଜି ପିନ୍ଧିଥାଏ ।

କୌଣସି ବାହାଘର ବେଳେ କନ୍ୟାପକ୍ଷରୁ ଏକଟଙ୍କା ପାଇଥାନ୍ତି । ଏଥି ସହିତ ହଳଦୀ ରଙ୍ଗର ଚାରିହାତ ବିଶିଷ୍ଟ ଗାମୁଛା ମଧ୍ୟ ଉପହାର ସ୍ୱରୂପ ଗ୍ରହଣ କରିଥାନ୍ତି । ମାଘପୂଜା ଏବଂ ଫୁଲପୂଜାରେ ଦୁଇଭାଗ ପାଇଥାଏ । ଗୋଟିଏ ଭାଗର ମାଂସ ଖେଚୁଡି ନିଜ ପାଇଁ ଏବଂ ଅନ୍ୟ ଭାଗଟି ନିଜର ପଦବୀ ହିସାବରେ ଗ୍ରହଣ କରିଥାଏ ।

## ତାନ୍ତ୍ରିକ :

ସାଧାରଣତଃ ସାନ୍ତାଳ ସମ୍ପ୍ରଦାୟର ଗ୍ରାମ ନାଙ୍କରେ ତାନ୍ତ୍ରିକ ବା ଗୁଣିଆ ରହିଥାନ୍ତି । ସାନ୍ତାଳଭାଷାରେ ଏହାଙ୍କୁ ଜାନ୍ ବୋଲି କହନ୍ତି । କେତେକ କ୍ଷେତ୍ରରେ ଉତ୍ତରାଧିକାରୀ ସୂତ୍ରରେ ଜାନ୍ ସୃଷ୍ଟି ହୋଇଥାନ୍ତି । କୌଣସି ଭୂତପ୍ରେତଙ୍କୁ ଶୀଘ୍ର ବିତାଡ଼ନ କରିବା ଏବଂ କୌଣସି ଅପଶକ୍ତିକୁ ଖୁବ୍ ଶୀଘ୍ର ଦୂରେଇ ଦେବା ଇତ୍ୟାଦି କାର୍ଯ୍ୟରେ ସିଦ୍ଧ ଲାଭ କରିଥାନ୍ତି । ଲୋକମାନଙ୍କର ମଙ୍ଗଳ ନିମିତ୍ତ କେତେକ କାର୍ଯ୍ୟ କରିଥିବା ବେଳେ ସେ ମଧ୍ୟ ଲୋକମାନଙ୍କର କେତେକ ଅନିଷ୍ଟ ସାଧନ କରିଥାନ୍ତି ।

## ତାଲିମ ବ୍ୟବସ୍ଥା :

କୌଣସି ପ୍ରଖ୍ୟାତ ସାଧକ ବା ତନ୍ତ୍ରସାଧକଙ୍କ ଠାରୁ ତନ୍ତ୍ର ଶିକ୍ଷା କରିଥାନ୍ତି । ବିଭିନ୍ନ ବିଷୟରେ ତନ୍ତ୍ର ଶିକ୍ଷା କରିଥାନ୍ତି । ଅତି କମ୍‌ରେ ଏକ ବର୍ଷ କାଳ ତନ୍ତ୍ରଶିକ୍ଷା କରିଥାନ୍ତି । ଏହି ତାଲିମ୍ ଶିକ୍ଷା ପାଇଁ ଶିକ୍ଷାଗୁରୁଙ୍କୁ ଉପହାର ସଦୃଶ ଗୋଟିଏ ଛେଳି କିମ୍ବା ଗୋଟିଏ ବୋଦା ପ୍ରଦାନ କରିଥାନ୍ତି । ଏଥି ସହିତ ୬ହାତଲମ୍ବ ବିଶିଷ୍ଟ ଧଳା ରଙ୍ଗର ଗାମୁଛା ମଧ୍ୟ ଉପହାର ସ୍ୱରୂପ ତନ୍ତ୍ରଗୁରୁଙ୍କୁ ପ୍ରଦାନ କରିଥାନ୍ତି ।

## ନିର୍ଦ୍ଧାରିତ କାର୍ଯ୍ୟାବଳୀ :

କୌଣସି ଅପଶକ୍ତି ଦ୍ୱାରା ଭୂତପ୍ରେତ ଏବଂ ଡାହାଣୀକୁ ପ୍ରେଷଣ କରି କୌଣସି ବ୍ୟକ୍ତିର ଶରୀରରେ ଯନ୍ତ୍ରଣା ହେଉଥିଲେ ଗୁଣିଆ ବା ଢାନ୍ ମନ୍ତ୍ରପାଠ କରି ଅପଶକ୍ତିଦ୍ୱାରା ପ୍ରେଷଣ କରାଯାଇଥିବା ଭୂତପ୍ରେତ ଓ ଡାହାଣୀକୁ ବସିଭୂତ କରାଇ ତାକୁ ଶରୀରରୁ ବିତାଡିତ କରିଥାନ୍ତି । ଫଳରେ ବ୍ୟକ୍ତି ସୁସ୍ଥତା ଅନୁଭବ କରିଥାଏ । କୌଣସି ସାଘାଂତିକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁକୁ ଆମନ୍ତ୍ରଣ କରୁଥିବା ବ୍ୟକ୍ତିଙ୍କୁ ମଧ ମନ୍ତ୍ରପାଠ କରି ସେହିବ୍ୟକ୍ତିଙ୍କୁ ମାରାତ୍ମକ ରୋଗରୁ ମୁକ୍ତିକରି ନବଜୀବନଦାନ କରିଥାନ୍ତି । କୌଣସି ଜିନିଷ ଚୋରି କରିଥିବା ବ୍ୟକ୍ତିକୁ ମନ୍ତ୍ରପାଠ କରି ପ୍ରକୃତ ଚୋରକୁ ଧରିଥାନ୍ତି ଏବଂ ତାର ପ୍ରକୃତ ତଥ୍ୟ ପ୍ରଦାନ କରିଥାନ୍ତି । ଗାଁର ଚତୁପାର୍ଶ୍ୱ ସୀମାନ୍ତରେ ମନ୍ତ୍ରପାଠ କରି ବନ୍ଦୀ ଦେଇଥାଏ । ଫଳରେ ଗ୍ରାମକୁ କୌଣସି ଶତ୍ରୁ ସହଜରେ ପ୍ରବେଶ କରିପାରେ ନାହିଁ । କିମ୍ୱା ଅନ୍ୟ ଗୁଣିଆ ସହଜରେ ବାଣପ୍ରେଷଣ କରିପାରେ ନାହିଁ । କୌଣସି ଗୁଣିଆ ମନ୍ତ୍ରଦ୍ୱାରା ଶତ୍ରୁର ମୁଖକୁ ବନ୍ଦ କରିଦେଇଥାଏ । ଦୀର୍ଘ ଦିନର ମୋକଦ୍ଦମାର ବିଚାର ହୋଇ ପାରୁନଥିଲେ ମନ୍ତ୍ରଦ୍ୱାରା ଉଭୟପକ୍ଷଙ୍କ ମଧ ଉତ୍ତମ ବୁଝାମଣାର ସୂତ୍ରପାତ କରାଇଥାଏ । ମନ୍ତ୍ରପାଠ ଦ୍ୱାରା କୌଣସି ସ୍ତ୍ରୀକୁ ଘରୁ ଖୁବ ଶୀଘ୍ର ତଡିଦିଆଯାଇପାରେ । ତାନ୍ତ୍ରିକ ମନ୍ତ୍ର ତନ୍ତ୍ର ବଳରେ ଅଲୌକିକ କାର୍ଯ୍ୟ ପ୍ରଦର୍ଶନ କରାଇଥାନ୍ତି ଗୋଟିଏ ସ୍ଥାନରେ ଥିବା ଗଛକୁ ଅନ୍ୟତ୍ର ଚଲାଇ ଦେବା ସମ୍ଭବ ହୋଇଥାଏ ।

## ତାନ୍ତ୍ରିକମାନଙ୍କର ଖାଦ୍ୟ ଓ ବାରଣ:

ତାନ୍ତ୍ରିକ ବା ଢାନ କେତେକ ଖାଦ୍ୟ ଖାଇବାକୁ ବାରଣ କରିଥାନ୍ତି । ପୂଜା ଦିନ ଉଷୁନାଭାତ, ମାଂସ, ମାଛ ଓ ଅଣ୍ଡା, ହାଣ୍ଡିଆ ମଦ ଇତ୍ୟାଦି ସେବନ କରିବାବାରଣ କରାଯାଇଥାଏ । ପୂଜାପୂର୍ବଦିନ ଏବଂ ପୂଜାଦିନ ନିଜ ସ୍ତ୍ରୀ ସହିତ ସହବାସ କରିବା ସମ୍ପୂର୍ଣ୍ଣଭାବେ ବାରଣ କରାଯାଇଛି । ଅନ୍ୟ ଦ୍ୱାରା ପ୍ରସ୍ତୁତ ଖାଦ୍ୟପଦାର୍ଥ ଖାଇବା ମଧ ବାରଣ କରାଯାଇଛି ।

## ଲୋକମାନଙ୍କର ମନୋଭାବ:

ସମୟେ ସମୟେ ତାନ୍ତ୍ରିକ ବା ଢାନ୍‌କୁ ଲୋକମାନେ ପ୍ରଶଂସା କରିଥାନ୍ତି ଏବଂ ବେଳେବେଳେ ମଧ ନିନ୍ଦା କରିଥାନ୍ତି । କେତେକ କ୍ଷେତ୍ରରେ ସେ ମଧ ସମ୍ମାନର ଅଧିକାରୀ ହୋଇଥାନ୍ତି । ଆଉ ମଧ ଲୋକମାନଙ୍କ ଦ୍ୱାରା ହତାଦର ଓ ତିରସ୍କୃତ ହୋଇଥାନ୍ତି ।

## ତାନ୍ତ୍ରିକ ମାନଙ୍କର ବେଶଭୂଷା:

ତାନ୍ତ୍ରିକ ବା ଢାନ ସାଧାରଣତଃ ୬ ହାତ ବିଶିଷ୍ଟ ଧଳା ଗାମୁଛାକୁ ଅଣ୍ଟାରେ କଛା ମାରି ପିନ୍ଧିଥାନ୍ତି ଏବଂ ଅନ୍ୟ ଏକ ୪ ହାତ ବିଶିଷ୍ଟ ଧାଳାଗାମୁଛାକୁଶରୀରରେ ଆବୃତ୍ତ କରିଥାନ୍ତି । ପୂଜା

ସମୟରେ ଏହିଭଳି ପୋଷାକ ପିନ୍ଧିଥାନ୍ତି । ପୂଜା ସମୟରେ ଖାଲି ଭୂଇଁରେ ଆଣ୍ଠୁମାଡ଼ି ପୂଜାପାଠ କରିଥାନ୍ତି । ପୂର୍ବଦିଗକୁ ଚାହିଁ ପ୍ରତ୍ୟେକ ପୂଜାପାଠ କରିଥାନ୍ତି ।

**ପାଉଣା :**

ଯେଉଁ ଲୋକମାନଙ୍କର ମଙ୍ଗଳ ଉଦ୍ଦେଶ୍ୟ କାର୍ଯ୍ୟ କରିଲେ ଖୁଣିଆ ବା ଜାନ୍‌ଙ୍କୁ ଲୋକମାନେ ତାଙ୍କୁ ପାଞ୍ଚସହ ନଚେତ୍ ଏକ ହଜାର ଟଙ୍କା ମାତ୍ର ପାଉଣା ଆକାରରେ ପ୍ରଦାନ କରିଥାନ୍ତି । ଅନିଷ୍ଟକାରୀ କାର୍ଯ୍ୟ ନିମିତ୍ତ ଅନିଷ୍ଟ କରାଉଥିବା ବ୍ୟକ୍ତି ଜାନ୍‌ଙ୍କୁ ପାଞ୍ଚ ହଜାର କିମ୍ୱା ଛଅ ହଜାର ଟଙ୍କା ମାତ୍ର ପାଉଣା ଆକାରରେ ପ୍ରଦାନ କରିଥାନ୍ତି ।

ଲୋକଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ତାଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରି ହାଣ୍ଡିଆ, ମଦ, ମାଂସଭାତ ଇତ୍ୟାଦି ଭୋଜନ ପାଇଁ ପ୍ରଦାନ କରିବା ସଙ୍ଗେ ସଙ୍ଗେ ୬ ହାତ ବିଶିଷ୍ଟ ଧଳା ରଙ୍ଗର ଗାମୁଛା ମଧ୍ୟ ଉପହାର ସଦୃଶ ପ୍ରଦାନ କରିଥାନ୍ତି ।

## ଯାଦୁଧର୍ମୀୟ ମହିଳା କାର୍ଯ୍ୟନିର୍ବାହୀ :

ସାନ୍ତାଳ ଗ୍ରାମ ମାନଙ୍କରେ କେତେକ ମହିଳା ଏବଂ ଛୋଟ ଛୋଟ ବାଳିକା ମଧ୍ୟ ଡାହାଣୀ କାର୍ଯ୍ୟକରି ଲୋକମାନଙ୍କର ଅନିଷ୍ଟ ସାଧନ କରିଥାନ୍ତି । ବିବାହିତ ସ୍ତ୍ରୀମାନେ ନିଜ ସ୍ୱାମୀକୁ ପ୍ରତ୍ୟେକ କ୍ଷେତ୍ରରେ ବସୀଭୂତ କରିବା ପାଇଁ ଏହି ଡାହାଣୀ ମୋହିନୀ ବିଦ୍ୟାଶିକ୍ଷା କରିଥାନ୍ତି । ଫଳରେ ସ୍ତ୍ରୀର ଉଭୟ ଆଭ୍ୟନ୍ତର ଏବଂ ବାହ୍ୟ ଅଭାବପୂରଣ ଦିଗରେ ସହାୟକ ହୋଇଥାନ୍ତି । ଅବିବାହିତ ମହିଳା ନିଜର କାମଶକ୍ତିକୁ ଚରିତାର୍ଥ କରିବାପାଇଁ ଏହି ଡାହାଣୀ ବିଦ୍ୟାଶିକ୍ଷା କରିଥାନ୍ତି । ଡାହାଣୀ ମୋହିନୀ ବିଦ୍ୟାରେ ନିପୂଣ । ଅଭିଜ୍ଞ ମହିଳାଙ୍କ ଠାରୁ ଇଚ୍ଛୁକ ମହିଳାମାନେ ଉକ୍ତ ବିଦ୍ୟା ଶିକ୍ଷା କରିଥାନ୍ତି । ଅତି କମ୍‌ରେ ଏକ ସପ୍ତାହ ମଧ୍ୟରେ ଡାହାଣୀ ବିଦ୍ୟା ଶିକ୍ଷା କରାଯାଇଥାଏ । ଉକ୍ତ ବିଦ୍ୟା ଶିକ୍ଷା କରିବା ପାଇଁ ସମ୍ପୃକ୍ତ ଶିକ୍ଷାଦାତାଙ୍କୁ ଗୋଟିଏ ଶାଢୀ ଦେଇଥାନ୍ତି । ଡାହାଣୀ ବିଦ୍ୟାରେ ସଞ୍ଚଳ ନିମନ୍ତେ ଶିକ୍ଷାପାଇଥିବା ମହିଳା ପ୍ରଥମେ ସବୁଠାରୁ ଅଧିକ ଭଲ ପାଉଥିବା ନିଜର ପୁତ୍ରଭାଇ କିମ୍ୱା ଭଉଣୀଙ୍କୁ ରାତ୍ରିରେ କଞ୍ଚା ଖାଇଥାନ୍ତି । ଉକ୍ତ କାର୍ଯ୍ୟ ସମ୍ପାଦନରେ ମଧ୍ୟ ଡାହାଣୀ ଶିକ୍ଷାର ଗୁରୁ ମଧ୍ୟ ଅଂଶ ଗ୍ରହଣ କରିଥାନ୍ତି । ଫଳରେ ଗୁରୁ ପରୋକ୍ଷ ହିସାବରେ ପାଉଣା ଗ୍ରହଣ କରିଥାଏ ବୋଲି ବିଶ୍ୱାସ କରିଥାନ୍ତି ।

## ନିର୍ଦ୍ଧାରିତ କାର୍ଯ୍ୟାବଳୀ :

ସୂର୍ଯ୍ୟାସ୍ତ ସମୟରେ ଏବଂ ମଧ୍ୟ ରାତ୍ରିରେ ଡାହାଣୀମାନେ ଘରୁ ବାହାରି ଆସି ଛକ ସ୍ଥାନମାନରେ ଛକି ବସିଥାନ୍ତି । ଯେଉଁ ଲୋକଙ୍କୁ ଖାଇବା କଥା ସେହି ଲୋକକୁ

ମନ୍ତ୍ରଦ୍ୱାରା ଶେଜରୁ ଉଠାଇ ଆଣିଥାନ୍ତି । ତାକୁ କାଠର ବଲ୍‌ହା ସାହାଯ୍ୟରେ ଚାପିଥାନ୍ତି । ଅନ୍ୟ ଜଣେ ଡାହାଣୀ ତାର କଲିଜାସହ ରକ୍ତ ଶୋଷି ପାନ କରିଥାନ୍ତି । ବ୍ୟକ୍ତିର ଶରୀରରେ କୌଣସି ଗଛର ପତ୍ରକୁ ବାନ୍ଧି କଲିଜା ପରିବର୍ତ୍ତେ ଶରୀରରେ ଭର୍ତ୍ତି କରାଯାଇଥାଏ । ଏବଂ ସେହି ବ୍ୟକ୍ତିର ମୃତ୍ୟୁର ନିର୍ଦ୍ଦିଷ୍ଟ ଦିନ ସ୍ଥିର କରିଥାନ୍ତି । ତାପରେ ଡାହାଣୀମାନେ ସ୍ୱ ସ୍ୱ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ନୂତନ ଶିକ୍ଷା କରୁଥିବା ଗୁଣିଆକୁ ବିଭିନ୍ନ ବାଟରେ ପରୀକ୍ଷା କରିଥାନ୍ତି ଡାହାଣୀମାନେ । ବିବାହିତ ମହିଳା ରାତ୍ରିରେ ନିଜ ସ୍ୱାମୀ ପାଖରେ ଶୟନରତ ସମୟରେ ଭୂତର ଏକ ରୂପଧରି ସ୍ୱାମୀପାଖରେ ସେହି ଭୂତକୁ ଶୁଆଇ ଦେଇ ନିଜେ ବାହାରକୁ ଚାଲିଯାଇଥାନ୍ତି । ଭୂତସ୍ତ୍ରୀଟି ସ୍ୱାମୀଙ୍କୁ ଶୋଷଣ କରିଥାଏ । ସମସ୍ତ ଶକ୍ତିକୁ ଶୋଷଣ କରି ସ୍ୱାମୀକୁ ରୋଗୀଣା ହୋଇଯାଇଥାଏ । କିଛିଦିନରେ ଦୁର୍ବଳ ସ୍ୱାମୀଟି ମୃତ୍ୟୁବରଣ କରିଥାଏ ।

## ନିଷେଧ ଖାଦ୍ୟ ଓ ଲୋକମାନଙ୍କର ସ୍ୱତନ୍ତ୍ର ବ୍ୟବହାର :

ଡାହାଣୀମାନେ ବାଘମାଂସ, ଅଶ୍ୱତଥ ପତ୍ରର ଶାଗ ଖାଆନ୍ତି ନାହିଁ । ସମାଜରେ ଲୋକମାନେ ସେମାନଙ୍କୁ ଘୃଣାଚକ୍ଷୁରେ ଦେଖିଥାନ୍ତି । ଲୋକମାନେ ସେମାନଙ୍କ ସହିତ ଭଲଭାବରେ କଥାବାର୍ତ୍ତା କରନ୍ତି ନାହିଁ । ଅସୁବିଧା ସମୟରେ ମଧ୍ୟ ସହାୟ ହୁଅନ୍ତି ନାହିଁ । ପରିବାରରୁ ମଧ୍ୟ ସେମାନଙ୍କୁ ତଡି ଦିଆଯାଇଥାଏ । ଧରାପଡ଼ିଲେ ସମ୍ପୃକ୍ତ ସମ୍ପ୍ରଦାୟରେ ଲୋକେ କଠିନ ଦଣ୍ଡରେ ଦଣ୍ଡିତ କରିଥାନ୍ତି । ଏବଂ ଜୋରିମାନା ମଧ୍ୟ କରିଥାନ୍ତି । ଲୋକମାନେ ସେମାନଙ୍କୁ ଅନାଦାର କରିଥାନ୍ତି ।

## ବେଶଭୂଷା :

ଡାହାଣୀମାନେ ସାଧାରଣତଃ ରାତ୍ରିରେ ନିଜର ବ୍ୟବହାରିକ ବସ୍ତ୍ରକୁ ପରିତ୍ୟାଗ କରି ଗଢ଼ାଯାଇଥିବା ଝାଡୁକୁ ଖୋଲି ଅଣ୍ଟାର ଚତୁର୍ପାର୍ଶ୍ୱରେ ଘୋଡାଇ ହୋଇଥାନ୍ତି । ଶରୀରର ଅନ୍ୟ ଅଙ୍ଗ ସମ୍ପୂର୍ଣ୍ଣ ଖୋଲା ରହିଥାଏ । କୌଣସି ବସ୍ତ୍ର ପିନ୍ଧିନଥାନ୍ତି ।

## ଦେବତାଙ୍କୁ ଉତ୍ସର୍ଗୀତ ଦ୍ରବ୍ୟ :

ଡାହାଣୀ ଦେବତାଙ୍କ ଉଦ୍ଦେଶ୍ୟରେ ତାଙ୍କର ବାହାନକୁ ବାଘ ଦେହରେ କୁସୁମ ତେଲକୁ ମାଲିସ୍ କରିଥାନ୍ତି ଏବଂ ପାନିଆ ସାହାଯ୍ୟରେ ବାଘର ଦେହସାରା କୁଣ୍ଡାଇଥାନ୍ତି । ପରିଶେଷରେ ବାଘ ସହିତ ଡାହାଣୀମାନେ ସଙ୍ଗମ କରିଥାନ୍ତି । ମଣିଷର କଲିଜାମାଂସ ତଥା ଗାଈଗୋରୁର କଲିଜାମାଂସକୁ ଡାହାଣୀ ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ ।

## ବର୍ତ୍ତମାନର ଧାରା / ଗତି ଓ ପରିବର୍ତ୍ତନ :

ଡାହାଣୀ ବିଦ୍ୟା ଏକ ଅନିଷ୍ଟକାରୀ ବିଦ୍ୟା । ଅନ୍ୟର ଅନିଷ୍ଟ ହୋଇଥାଏ ଏହି ବିଦ୍ୟାରେ ପ୍ରାରଙ୍ଗମ ଡାହାଣୀମାନଙ୍କ ଦ୍ୱାରା । ଆସ୍ତେ ଆସ୍ତେ ଏହି ଡାହାଣୀ ହ୍ରାସ ପାଇବାରେ ଲାଗିଲାଣି । ମହିଳାମାନେ ଏହି ବିଦ୍ୟା ଶିକ୍ଷା କରିବାକୁ ପସନ୍ଦ କରୁନାହାନ୍ତି । ବର୍ତ୍ତମାନ ହଜାରେ ମହିଳାରେ ଜଣେ ଡାହାଣୀ ଥିବାର ଅନୁମାନ କରାଯାଏ । ଡାହାଣୀ ବିଦ୍ୟା ଶିକ୍ଷା କରିଥିବା ମହିଳାଦ୍ୱାରା ପରିବାର ଧ୍ୱଂସମୁଖରେ ପଡୁଛି । ଫଳରେ ଅଗ୍ରଗତି ସମ୍ଭବ ହୋଇପାରୁନାହିଁ । ତେଣୁ ସମାଜ ପାଇଁ ଏହି ବିଦ୍ୟା କ୍ଷତିକାରକ ।

●●●

# ବସତି ନମୁନା

## ଧାରଣା, ଉତ୍ପତ୍ତି ଓ ଇତିବୃତ୍ତ :

ଉତ୍ତମ ଭାବରେ ଜୀବନଯାପନ କରିବା ପାଇଁ ମନୁଷ୍ୟର ଆବଶ୍ୟକ ହୋଇଥାଏ ବାସଗୃହ । ତତ୍ ସଙ୍ଗେ ଖାଦ୍ୟ ଓ ବସ୍ତ୍ର ଏକାନ୍ତ ପ୍ରୟୋଜନ । ପୂର୍ବକାଳରେ ଲୋକମାନଙ୍କର ସ୍ୱତନ୍ତ୍ର ବାସସ୍ଥାନ ନଥିଲା । ସେମାନେ ଯାଯାବର ଜୀବନଯାପନ କରୁଥିଲେ । କୌଣସି ଗୋଟିଏ ଅଞ୍ଚଳରେ କିଛିଦିନ ରହିବା ପରେ ସେସ୍ଥାନରେ ଥିବା ଖାଦ୍ୟ ପଦାର୍ଥ କମିଆସିଲେ କାଳକ୍ରମେ ସେମାନେ ଅନ୍ୟତ୍ର ଚାଲିଯାଉଥିଲେ । ସେଠାରେ ସେହିଭଳି ମଧ ଜୀବନଯାପନ କରୁଥିଲେ । ସାନ୍ତାଳମାନଙ୍କ ଏକ କିମ୍ବଦନ୍ତୀରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ସେସମୟରେ ସାନ୍ତାଳ ଲୋକମାନଙ୍କର ଲୋହିତ ସାଗରରେ ଥିବା ମାନସାର ଦୀପ ଅଞ୍ଚଳରେ ପ୍ରଥମେ ବସତି ଗଢି ଉଠିଥିଲା । ତାପରେ ରୋମ୍, ଜର୍ମାନ, ଜାପାନ୍, ଚୀନ୍ ଓ ଶେଷରେ ଭାରତ ବର୍ଷର ଗଙ୍ଗା ଓ ସିନ୍ଧୁ ନଦୀର ଉପତ୍ୟକା ଅଞ୍ଚଳରେ ବସତି ଗଢି ଉଠିଥିଲା । ଗ୍ରାମର ପଞ୍ଚମୁଖ୍ୟ ଯଥା ମାଝିହାଲାମ୍, ଜଗମାଝୀ, ପାରାନିକ୍, ବଲଭାଇ ଓ ଗଡ଼େତ ଗ୍ରାମ୍‌ଦେବତୀଙ୍କ ନିକଟରେ ପୂଜାପାଠ କରି ଏକ ଗୀତ ଗାଇଥାନ୍ତି । ସେହି ଗୀତଟି ଏହିପରି

''ଅକଇଜ୍ ଦାୟାର୍ କାଡ଼ାୟ ଜବେଆକାନ୍

ଗାଙ୍ଗନାଇଁରେ ମାନା ଶୁଳାନାଇଁରେ

ମାଝାହାଲାମ୍ ଇଦ୍ୱାୟାର୍ କାଡ଼ାୟଜବେଆକାନ୍

ଗାଙ୍ଗନାଇଁରେ ମାନା ଶୁଳାନାଇଁରେ ।''

**ଅନୁବାଦ :**

ମାଝୀହାଲାମ୍ ବଳୁଆ ପଣ୍ଡା ଏକ ପାର୍ଶ୍ୱରେ ଗଙ୍ଗାନଦୀ ଏବଂ ଅନ୍ୟପାର୍ଶ୍ୱରେ ସିନ୍ଧୁନଦୀ ପର୍ଯ୍ୟନ୍ତ ଚରଣ କରିବା ପାଇଁ ଯାଇଥାଏ ଏବଂ ଅଧାପାଣିରେ ରହି ଗାଧୋଇଥାଏ । ଏଥିରୁ ଅନୁମେୟ ହୋଇଥାଏ ଯେ ସାନ୍ତାଳ ସମ୍ପ୍ରଦାୟର ବସତି ସ୍ଥାପନ ଗଙ୍ଗାନଦୀଠାରୁ ସିନ୍ଧୁନଦୀ ପର୍ଯ୍ୟନ୍ତ ବିସ୍ତୃତ ।

## ବସତିର ଅବସ୍ଥିତି :

ସାନ୍ତାଳ ସମ୍ପ୍ରଦାୟର ଲୋକମାନଙ୍କର ବସତି ସ୍ଥାନ ସାଧାରଣତଃ ନଦୀ ଉପକୂଳରେ, ଝରଣାକୂଳରେ, ପାହାଡ଼ ପର୍ବତର ସମତଳ ଜାଗା ମାନଙ୍କରେ ଏବଂ ପାଦଦେଶରେ, ଜଙ୍ଗଲ ନିକଟବର୍ତ୍ତୀ ସ୍ଥାନମାନଙ୍କରେ ବସତି ଗଢି ଉଠିଥାଏ । ନଦୀକୂଳରେ ବସତି ସ୍ଥାପନର ମୂଖ୍ୟ ଉଦ୍ଦେଶ୍ୟ ହେଲା ନଦୀର ଉଭୟପାର୍ଶ୍ୱର ଜମି ଉର୍ବର ଥାଏ । ବନ୍ୟା ସମୟରେ ପଟୁମାଟି ଏହି ଜମିରେ ରହିଥାଏ । ପାନୀୟଜଳର ସୁବିଧା, କୃଷିକାର୍ଯ୍ୟପାଇଁ ଅନୁକୂଳ ଭୂମି, ମାଛମାରିବାର ସୁଯୋଗ ଉପଲବ୍ଧ, ସ୍ନାନ କରିବାରେ ସୁବିଧା ଥିବାରୁ ସେମାନେ ନଦୀକୂଳରେ ବାସକରିବାକୁ ପସନ୍ଦକରିଥାନ୍ତି । ପାହାଡ ଓ ଜଙ୍ଗଲ ନିକଟରେ ବସତିସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା ଫଳମୂଳ ସଂଗ୍ରହ, ବନ୍ୟ ଶୀକାର ମାଂସ ସଂଗ୍ରହ, ବିଭିନ୍ନ ଶାଗଜାତୀୟ,ପତ୍ର ସଂଗ୍ରହ କରିଥାନ୍ତି । ବନଜାତଦ୍ରବ୍ୟ ଯଥା ଝୁଣା, ମହୁ, ମହୁଲ, ଶାଳମଞ୍ଜି,କୁସୁମ, କୁଣପଟ, କୁଣ, ଖଜୁରୀ ଓ ବିଭିନ୍ନ ପ୍ରକାରର ଫଳ ମଧ୍ୟ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି ।

## ବସତିର ପରିପାର୍ଶ୍ୱ :

ଆଦିପୁର ଗ୍ରାମ ସାନ୍ତାଳ ବସତିର ଚତୁପାର୍ଶ୍ୱରେ ସାଧାରଣତଃ ମାରାଂବୁରୁ ଓ ଜାହେରଏରା ପୀଠସ୍ଥଳୀ, ଗ୍ରାମଠାରୁ ଅଳ୍ପଦୂରରେ ଶ୍ମଶାନ ରହିଅଛି, ପୋଖରୀ, ବିଦ୍ୟାଳୟ, ଝରଣା, ବଣ, ପାହାଡ଼ ଇତ୍ୟାଦି ଘେରି ରହିଅଛି । ସବୁଜିମାରେ ଭରା ବଣଜଙ୍ଗଲ, କୃଷିକ୍ଷେତ, ପାହାଡିଆ ଜମି, ଅନ୍ୟାନ୍ୟ ଗ୍ରାମ ମଧ୍ୟ ଏହି ଗ୍ରାମକୁ ଲାଗି ରହିଥାଏ । ଗ୍ରାମଠାରୁ କିଛିଦୂରରେ ହାଟବଜାର ମଧ ରହିଥାଏ । ଗାଧୋଇବା ପୋଖରୀ, ନାଳ ଓ ଝରଣା, ଗୋଚର ଭୂଇଁ, ପୋଡୁଚାଷ ପାଇଁ ଜମିମଧ ଚତୁଃପାର୍ଶ୍ୱରେ ଘେରି ରହିଥାଏ ।

## ଆଦିବାସୀ ଗୃହ ଓ ବନ୍ଦୋବସ୍ତ ପଦ୍ଧତି :

ପାଟଣାଶୀପୁର ଗ୍ରାମ ପଞ୍ଚାୟତରେ ମୁଖ୍ୟ ରାସ୍ତାଠାରୁ ସଲଗ୍ନ ଏକ ଅଣଓସାରିଆ କଚ୍ଚାରାସ୍ତା ଗ୍ରାମ ମଧକୁ ପଡ଼ିଥାଏ । ରାସ୍ତାର ଉଭୟ ପାର୍ଶ୍ୱରେ ସାନ୍ତାଳମାନଙ୍କର ଘରଗୁଡିକ ଧାଡ଼ିହୋଇ ତିଆରି ହୋଇଥାଏ । ପ୍ରତ୍ୟେକ ପରିବାରର ଘରଗୁଡିକୁ ଛାଡ଼ିଛାଡ଼ି ହୋଇ ତିଆରି କରାଯାଇଥାଏ । ଏହି ଗ୍ରାମର ଗୋଟିଏ ସାନ୍ତାଳ ପରରିବାରରେ ସାଧାରଣ ଭଣ୍ଡାର ଘର (ହୁଲୁଓଲାଃ) ରୋଷେଇଘର (ଦାକାଓଲାଃ), ରୋଷେଇ ଘରକୁ ଲାଗିକରି ମେଲାଘର

(ମେଲାଓଲାଃ) ରହିଥାଏ । ରୋଷେଇ ଘରକୁ ଲାଗିକରି ଗୋରୁ ଗୁହାଳ (ନାଙ୍ଗାଗଲାଃ) ଓ ଛେଳିଗୁହାଳ (ମେରମ୍‌ଗଲାଃ) ରହିଥାଏ । ଗୋରୁଗୁହାଳ ସମ୍ମୁଖ ଦାଣ୍ଡପଟକୁ ହୋଇଛି ଏବଂ ଅନ୍ୟ ସମସ୍ତଘର ଦାଣ୍ଡର ବୀପରିତ ଦିଗକୁ ହୋଇଛି । (ମେରମ୍‌ଗୁହଳୀ) ଛେଳିଗୁହାଳକୁ ଲାଗିକରି ଘୁଷୁରୀ (ଶୁକ୍ରୀ ଗୁହାଳ) ପାଇଁ ଘର ବାରଣ୍ଡାରେ ଏକ ଗୁହାଳ କରାଯାଇଛି । ଏହି ଘୁଷୁରୀ ଗୁହାଳର ସମ୍ମୁଖ ଭାଗ ସାଧାରଣତଃ ଗ୍ରାମ ଦାଣ୍ଡଆଡକୁ ରହିଥାଏ । ଛେଳିଗୁହାଳ (ମେରମ୍ ଗୁହଳୀ) ର ସମ୍ମୁଖ ବାରଣ୍ଡାର ଏକ ପାର୍ଶ୍ୱରେ କୁକୁଡାଘର ବା (ସିମ୍ ଗୁଦ୍‌ଲୀ) ତିଆରି କରାଯାଇଥାଏ ।

## ଗୃହ ସଲଗ୍ନ ପନିପରିବା ବଗିଚା :

ଏହି ଗ୍ରାମର ଘରକୁ ଲାଗିକରି ଘର ପଛପାର୍ଶ୍ୱରେ ସାନ୍ତାଳମାନଙ୍କର ପନିପରିବା ବଗିଚା ରହିଥାଏ । ସେ ପନିପରିବା ବଗିଚା ଚତୁପାର୍ଶ୍ୱରେ କଣ୍ଟା ବାଉଁଶର କଣି ବା ଝଟା ଏବଂ ଜଙ୍ଗଲରୁ ସଂଗୃହୀତ କଣ୍ଟାଝଟା ଦ୍ୱାରା ବାଡ଼ ଦିଆଯାଇଥାଏ । ସାଧାରଣତଃ ଏହି ପନିପରିବା ବଗିଚାରେ ବାଇଗଣ (ବେଙ୍ଗାଲ୍), ଝୁଡଙ୍ଗ (ନାଲ୍‌କାଃ), ଭେଣ୍ଡି (ଭୁଣ୍ଡୀ), କୁନ୍ଦୁରୀ (କୁନ୍ଦ୍ରୀ) କଲରା (କାର୍‌ଲାଃ), ଜହ୍ନି (ଝୀଙ୍ଗାଃ), କାକୁଡି (ତାହେର୍), ଖଟାପାଳଙ୍ଗ (କାଉଁରାଃ), ପୋଇ (ପୁରାଂଇ), କଖାରୁ (କହଣ୍ଡା), ଲାଉ (ହତଦ୍), ବିଲାତି ବାଇଗଣ (ବିଲାତ୍ ବେଙ୍ଗାଲ୍) ଇତ୍ୟାଦି ପନିପରିବା ବାଡ଼ିବଗିଚା ମାନଙ୍କରେ ଚାଷକରାଯାଇ ଉତ୍ପନ୍ନ କରାଯାଇଥାଏ ।

## ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କର ବସତି :

ଆଦିପୁର ଗ୍ରାମରେ ସାନ୍ତାଳ ସମ୍ପ୍ରଦାୟର ବସତି ନିକଟରେ ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କର ବସତି ରହିଥାଏ ଏବଂ କିଛିଦୂରରେ ମଧ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କର ବସତି ମଧ୍ୟ ରହିଥାଏ । ମୟୁରଭଞ୍ଜ ଜିଲ୍ଲାର ଉଦଳା ଏବଂ ଖୁଣ୍ଟାବ୍ଲକ, ବଡ଼ସାହି, ସାମାଖଉଣ୍ଟା ବ୍ଲକ ଓ କପ୍ତାପଦା ବ୍ଲକ ଅନ୍ତର୍ଗତ ସାନ୍ତାଳ ବସତି ସ୍ଥାପନ ଅଞ୍ଚଳରେ ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କର ବସତି ରହିଛି । ସେହି ପ୍ରଜାତିକ ଗୋଷ୍ଠୀମାନଙ୍କ ମଧ୍ୟରେ ବାଥଉଡି, ଲୋଧା, ଭୂୟାଁ,ଭୂମିଜ, ହୋ, ମୁଣ୍ଡା, ଖଡ଼ିଆ, ଓରାମ୍, ମାଙ୍କଡ଼ିଆ, ମାହାଲୀ, ମାହନ୍ତି, କୁମ୍ଭାର ଇତ୍ୟାଦି ଗୋଷ୍ଠୀମାନଙ୍କର ବସତି ରହିଛି । ଅନ୍ୟାନ୍ୟ ଗ୍ରାମର ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କର ଗୃହଗୁଡ଼ିକ ସାନ୍ତାଳଘରଠାରୁ ଦେଖିବାକୁ ସମ୍ପୂର୍ଣ୍ଣ ଭିନ୍ନ ଧରଣର । ଆଦିପୁର ଗ୍ରାମର ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ ମଧ୍ୟରେ ଭୂମିଜ, ମାହାଲୀ, ହୋ, ଲୋଧା ଇତ୍ୟାଦି ଆଦିବାସୀମାନଙ୍କର ବସତି ରହିଛି ।

## ବସତିର ବାସ୍ତୁ ବିଦ୍ୟା ନକ୍‌ସା :

ପାଟଶାଣୀପୁର ଗ୍ରାମ ପଞ୍ଚାୟତ ମୁଖ୍ୟ ରାସ୍ତାଠାରୁ ଆଦିପୁର ଗ୍ରାମ ସଂଯୋଗ ହୋଇଥିବା ରାସ୍ତାଟି ସାମାନ୍ୟ ଅଣଓସାରିଆ । ଏହି ରାସ୍ତାଟି ଗ୍ରାମ ମଧ୍ୟକୁ ପଡ଼ିଛି । ଗ୍ରାମର ପ୍ରବେଶ ପଥରେ ଏକ ନାଳରେ ଆଡ଼ିବନ୍ଧ କରାଯାଇ କେନାଲ ଦ୍ୱାରା ଜଳସେଚନର ସୁବିଧା କରାଯାଇଛି । ସେହି ବନ୍ଧଟି ମୁଖ୍ୟ ରାସ୍ତାଠାରୁ ୧ କି.ମି. ଦୂରରେ ତିଆରି କରାଯାଇଛି । ରାସ୍ତାର ବାମପାର୍ଶ୍ୱରେ ନାଲୁଆ ନଦୀର ଏକ ଶାଖା (ନାଳ) ଏହି ବାଟଦେଇ ଯାଇଛି । ଆଡ଼ିବନ୍ଧର ଅଳ୍ପଦୂରରେ ରାସ୍ତାର ବାମପାର୍ଶ୍ୱରେ ଶବଡ଼ା ପାହାଡ଼ର ବିରାଟ ପାଟଠାକୁରାଣୀଙ୍କ ପୀଠ ସ୍ଥାପନ କରାଯାଇଛି । ଏକ ବିରାଟ ଶାଳଗଛ ମୂଳରେ ଏହି ଠାକୁରାଣୀଙ୍କ ପୀଠ ଶୋଭା ପାଉଛି । ଠାକୁରାଣୀପୀଠର ଅଳ୍ପଦୂରରେ ଏକ ଛକ ରହିଛି । ସେହି ଛକର ପୂର୍ବାଭିମୂଖେ ଗତିକଲେ ଆଦିପୁର ଗାଁ ପଡ଼ିଥାଏ । ଗ୍ରାମ ଆରମ୍ଭରେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ରହିଛି ବିଦ୍ୟାଳୟର ଘରଗୁଡ଼ିକ ପକ୍କାଘର । ଏବଂ ଏହା ଟାଇଲ ଛପର । ଗ୍ରାମ ରାସ୍ତାର ଉଭୟ ପାର୍ଶ୍ୱରେ ସାନ୍ତାଳୀ ଗୃହଗୁଡ଼ିକ ଲମ୍ବଭାବରେ ଧାଡିଧାଡି ହୋଇ ତିଆରି ହୋଇଥାଏ । ସାନ୍ତାଳୀ ଘରଗୁଡିକ ନଡ଼ାରେ ଛପର ହୋଇଥାଏ । ଗୋଟିଏ ପରିବାରର ଘର ଠାରୁ ଅନ୍ୟ ପରରିବାରର ଘରଗୁଡିକ ଅଳ୍ପ ଛାଡ଼ି ଛାଡ଼ି ହୋଇ ତିଆରି କରାଯାଇଛି । ଘର କାନ୍ଥ ମାଟିରେ ତିଆରି ହୋଇଛି । ମାଟିକାନ୍ଥ ଗୁଡ଼ିକ ଇଟା କାନ୍ଥଭଳି ସମତଳ ଏବଂ ଚିକକଣ ଦେଖାଯାଉଛି । କାନ୍ଥ ଉପରେ ବିଭିନ୍ନ ରଙ୍ଗରେ ସୁନ୍ଦର ଭାବରେ ଝୋଟି ଚିତ୍ର କରିଥାନ୍ତି । ଗ୍ରାମର ଧନୀ ଶ୍ରେଣୀର ସାନ୍ତାଳୀମାନେ ଏକୋଇଶହାତ ବିଶିଷ୍ଟ ଚାରୋଟି (୪ଟି) ଘର ଚତୁର୍ଭୁଜ ଆକାରରେ ତିଆରି କରିଥାନ୍ତି । ଯାହାକି ବାହାର ଶୋଭା ବର୍ଦ୍ଧନ କରିଥାଏ । ଗ୍ରାମର ପୂର୍ବଦିଗ, ଗରିବ ଶ୍ରେଣୀରଲୋକେ ପନ୍ଦରହାତ ଲମ୍ବ ବିଶିଷ୍ଟ ଦୁଇଟି କୋଠୀ ତିଆରି କରିଥାନ୍ତି । ଉତ୍ତର ଦିଗ ଏବଂ ପଶ୍ଚିମ ଦିଗରେ ଗ୍ରାମ ରୟତମାନଙ୍କର ଜମି ରହିଛି । ଜମିଗୁଡ଼ିକ ପୂର୍ବଦିଗକୁ ଗଡାଣିଆ ହୋଇ ରହିଛି । ଗ୍ରାମର ଉତ୍ତର ଦିଗରେ, ଦକ୍ଷିଣ ଦିଗରେ ଏବଂ ପଶ୍ଚିମ ଦିଗରେ ତିନୋଟି ପୋଖରୀ ରହିଛି । ଏଥିମଧ୍ୟରୁ ଉତ୍ତର ଦିଗରେ ଥିବା ପୋଖରୀକୁ ସରକାରଙ୍କ ସହାୟତାରେ ଖନନ କରାଯାଇଥିବା ସ୍ଥଳେ ଅନ୍ୟଦୁଇ ପୋଖରୀକୁ ଲୋକମାନେ ଖୋଳିଛନ୍ତି । ପୋଖରୀଗୁଡିକ ଦେଖିବାକୁ ଚତୁର୍ଭୂଜାକାର । ବର୍ଷସାରା ପୋଖରୀରେ ପାଣି ରହିଥାଏ । ଉତ୍ତର ଦିଗରେ ମାରାଂବୁରୁ ଓ ଜାହେରାଏରା ଗ୍ରାମ ଦେବତୀଙ୍କର ପୀଠ ରହିଛି । ଶାଳଗଛଦ୍ୱାରା ଆଚ୍ଛାଦିତ / ଆବୃତ ଏହି ଦେବତୀଙ୍କର ପୀଠ ଶୋଭା ପାଇଥାଏ । ଠିକ୍ ଏହି ଗ୍ରାମ ଦେବତୀଙ୍କ ପୀଠର ପୂର୍ବଭାଗରେ ଅଳ୍ପଦୂରରେ

ଜାମ୍ବୁଗଛ ପରିବେଷ୍ଟିତ ଏକ ଘଞ୍ଚ ଜଙ୍ଗଲ ରହିଛି । ଏହି ହାଟର ଘରଗୁଡ଼ିକ ଦେଖିବାକୁ ଛୋଟ ନଡ଼ାଦ୍ୱାରା ଛପର ହୋଇଥାଏ । ହାଟକୁ ଲାଗିକରି ଏକ ସର୍ବସାଧାରଣ କୂପ ରହିଛି । ଏହି କୂପର ଆକୃତି ଗୋଲାକାର ଏବଂ ଗଭୀର । ହାଟଟି ଏକ ପଥୁରିଆ ସ୍ଥାନରେ ବସିଛି ।

## ଗ୍ରାମ ମଧ୍ୟସ୍ଥ ଅନ୍ୟାନ୍ୟ ସଂରଚନା:

### ଗୋଷ୍ଠୀଗୃହ :

ଆଦିପୁର ଗ୍ରାମରେ ସାନ୍ତାଳମାନଙ୍କର ଏକ ଗୋଷ୍ଠୀଘର ରହିଛି । ଏହି ଗୋଷ୍ଠୀଘରଟି ଗ୍ରାମର ମଧ୍ୟଭାଗରେ ଗ୍ରାମର ମୁଖ୍ୟ ମଝୀହାଲାମ ଘରକୁ ଲାଗିକରି ତିଆରି କରାଯାଇଛି । ମାଟିକାନ୍ଥରେ ଘରଟି ତିଆରି ହୋଇଛି । ନଡ଼ାରେ ଛପର କରାଯାଇଛି । ଘରଟି ଦେଖିବାକୁ ଚତୁର୍ଭୂଜାକାର । ଘରଟିରେ ଏକହଳକବାଟ ରହିଛି । କବାଟର ଠିକ୍ ବିପରୀତ ପାର୍ଶ୍ୱ କାନ୍ଥରେ ଏକ ରନ୍ଧ୍ର କରାଯାଇଛି । ସେହି ରନ୍ଧ୍ରବାଟଦେଇ ରାତ୍ରିରେ ଦେବାଦେବୀ ଯାତାୟତ କରିଥାନ୍ତି । ଏହି ଗୃହରେ ଦେବାଦେବୀମାନଙ୍କର ପୂଜାସାମଗ୍ରୀ ରଖାଯାଇଛି । ପୂଜା ସମୟରେ ଗ୍ରାମର ଲେକେ ଏହି ଘରେ ପୂଜା ସମୟରେ ରୁଣ୍ଡ ହୋଇଥାନ୍ତି । ପୂଜା ପୂର୍ବଦିନ ସଂନ୍ଧ୍ୟା ସମୟରେ ପ୍ରତି ପରିବାରରୁ ଜଣେ ପୁରୁଷ ଓ ଜଣେ ମହିଳା ପାର୍ଥନା ପାଇଁ ଏହି ଗୋଷ୍ଠୀ ଘରକୁ ଯାଇଥାନ୍ତି ।

### ଯାଦୁ ଧର୍ମୀୟ ଗୃହ :

ଗ୍ରାମର ଗୁଣିଆଘରର ବାଡ଼ିରେ ସ୍ୱତନ୍ତ୍ର ଭାବରେ ମାଟିରେ ଏକ ପିଣ୍ଡା ତିଆରି କରାଯାଇଥାଏ । ସେହି ପିଣ୍ଡାର ଚତୁପାର୍ଶ୍ୱରେ ବାଉଁଶଦ୍ୱାରା ବାଡ଼ ଦିଆଯାଇଥାଏ । ଏହି ପିଣ୍ଡାରେ ଗୁଣିଆ ଶିଷ୍ୟମାନଙ୍କୁ ତନ୍ତ୍ର ଶିକ୍ଷା ପ୍ରଦାନ କରିଥାଏ ନିଜେ ମଧ୍ୟ ଶିକ୍ଷା କରିଥାଏ । କାଳୀ ସଧାନା, ଶିବ ସାଧନା ଓ ଦୁର୍ଗା ସାଧନା ନିମନ୍ତେ ସାଧକ ନିଜବାଡ଼ିରେ ମଠ ସଦୃଶ ଏକ ଗୃହ ନିର୍ମାଣ କରିଥାଏ । ମାଟିକାନ୍ଥ ଓ ନଡ଼ାଛପରରରେ ଘରଟି ନିର୍ମିତ ହୋଇଥାଏ । ଉକ୍ତ ଗୃହରେ ସାଧକ ଶିଷ୍ୟମାନଙ୍କୁ ଧର୍ମ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରିଥାନ୍ତି ।

### ଦେବପୀଠ :

ଆଦିପୁର ଗ୍ରାମର ସାନ୍ତାଳମାନଙ୍କର ଗ୍ରାମଦେବତା ମାରାଂବୁରୁ ଓ ଜାହେର ଏରାଙ୍କ ପୀଠସ୍ଥଳୀ ଶାଳଗଛ ଦ୍ୱାରା ଆଚ୍ଛାଦିତ ଗ୍ରାମଠାରୁ ଅଳ୍ପଦୂରରେ ଉତ୍ତର ଦିଗରେ ଅବସ୍ଥିତ । ପୀଠର ମଧ୍ୟ ସ୍ଥଳରେ ଏକ ଛୋଟ ଚାଳିଆ ଘର ତିଆରି କରାଯାଇଛି । ପୂର୍ବପାର୍ଶ୍ୱ ଉଚ୍ଚ ଏବଂ

ପଶ୍ଚିମ ପାର୍ଶ୍ୱ ଗଡ଼ାଣିଆ କରାଯାଇ ନଡ଼ାରେ ଛପର ହୋଇଛି । ଏହିଘରେ ମାଟିରେ ତିଆରି ହାତୀ ଏବଂ ଘୋଡ଼ା ରଖାଯାଇଛି ତାହେର୍‌ଏରା, ମାରାଂବୁରୁ ଓ ମଣେକତୁରୁଇକ ପୂଜା ପାଇଥାନ୍ତି । ମାଝିହାଲାମ ପୂଜା କରିଥାନ୍ତି । ବିଭିନ୍ନ ପୂଜାପାର୍ବଣରେ ଏହି ପୀଠସ୍ଥଳୀର ଚତୁପାର୍ଶ୍ୱରେ ପାଳଦଉଡ଼ି ବାନ୍ଧିଦେଇ ସେଥିରେ ପାଳରେ ଗୋଲ ଗୋଲଫୁଲ ତିଆରି ଝୁଲାଇଥାନ୍ତି । ସେହି ପୀଠର ଅପର ପାର୍ଶ୍ୱରେ ମାଣେକତୁରୁଇକ ପୀଠ ତିଆରି କରାଯାଇଥାଏ ।

## ଭୋଜି କେନ୍ଦ୍ର / ସ୍ଥଳୀ :

ଗ୍ରାମର ମାଝିହାଲାମ୍‌ଙ୍କ ଗୃହ ନିକଟରେ ନିର୍ମିତ ହୋଇଥିବା ଗୋଷ୍ଠୀଗୃହରେ ଭୋଜିଭାତର ଅୟୋଜନ କରାଯାଇ ପ୍ରତ୍ୟେକ ଲୋକ ଭୋଜନ କରାଯାଇଥାଏ । ଏହି ଭୋଜିରେ ସମସ୍ତେ ଅଂଶ ଗ୍ରହଣ କରିଥାନ୍ତି ।

## ଅବସର ବିନୋଦନ କେନ୍ଦ୍ର :

ଗ୍ରାମର କେନ୍ଦ୍ରସ୍ଥଳରେ ଅବସର ସମୟରେ ଯୁବକ ଓ ଯୁବତୀମାନେ ଲାଗଣେ ନୃତ୍ୟ ପରିବେଷଣ କରିଥାନ୍ତି । ଏଥି ସହିତ ବିଭିନ୍ନ ପ୍ରକାର ଗୀତ ମଧ୍ୟ ଗାଇଥାନ୍ତି । ଏହା ଏକ ମୁକ୍ତ କେନ୍ଦ୍ର । କୌଣସି ବାଡ଼ ଦ୍ୱାରା ଆବଦ୍ଧ କରାଯାଇନଥାଏ ।

## ସଭାସ୍ଥାନ :

ଗ୍ରାମର ଲୋକମାନେ ଏକତ୍ରିତ ହୋଇ କୌଣସି ମୋକଦ୍ଦମା ବିଚାର କରିବା ପାଇଁ ଗୋଷ୍ଠୀ ଘରେ ସଭାର ଅୟୋଜନ କରିଥାନ୍ତି । ଗୋଷ୍ଠୀଘର ହେଉଛି ସେମାନଙ୍କ ସଭାସ୍ଥଳୀ । ଏହି ଘରେ ବିଭିନ୍ନ ମୋକଦ୍ଦମା ବିଷୟ, ଗ୍ରାମର ଭଲମନ୍ଦ ବିଷୟ, ପୂଜାପାଠ ବିଷୟ ଆଲୋଚନା କରାଯାଇଥାଏ । ମାଝିହାଲାମ୍, ଜଗମାଝୀ, ପାରାନିକ୍, ବଲଭାଇ ଓ ଗଡ଼େତ୍ ଇତ୍ୟାଦି ସମେତ ଗ୍ରାମାବାସୀମାନେ ମଧ୍ୟ ସଭାରେ ଉପସ୍ଥିତ ରହିଥାନ୍ତି ।

## ଗ୍ରାମ ମଧ୍ୟରେ ଥିବା ବିଭିନ୍ନ ପାନୀୟ ଜଳର ଉତ୍ସ :

ଆଦିପୁର ଗ୍ରାମର ଲୋକମାନଙ୍କ ପାଇଁ ଗ୍ରାମର ମଧ୍ୟଭାଗରେ ଥିବା ସରକାରୀ କୂପ, ନିଜେ ଖୋଳିଥିବା କୂପ, ଗ୍ରାମ ନିକଟରେ ଥିବା ଝରଣାକୁ ପାନୀୟ ପାଇଁ ଜଳ ଯୋଗାଇଥାଏ । ଲେକାମାନେ ଏହି ସବୁ ଉତ୍ସବମାନଙ୍କରୁ ପାନୀୟ ଜଳ ସଂଗ୍ରହ କରିଥାନ୍ତି । ସରକାରୀ କୂପର ଆକୃତି ଗୋଲାକାର ସଦୃଶ । ଲୋକମାନେ ଗ୍ରାମରେ ବ୍ୟକ୍ତିଗତଭାବେ ତିନୋଟି ଗୋଲେଇ କୂପ ଖୋଳିଛନ୍ତି ।

## ଗ୍ରାମକୁ ଆସିଥିବା ମୁଖ୍ୟରାସ୍ତା :

ଗ୍ରାମକୁ ଆସିଥିବା ମୁଖ୍ୟରାସ୍ତାଟି ଗ୍ରାମ ପଞ୍ଚାୟତ ରାସ୍ତାଠାରୁ ଗ୍ରାମପର୍ଯ୍ୟନ୍ତ ୩ କି.ମି. ପର୍ଯ୍ୟନ୍ତ ବିସୃତ । ଏହା ଅଣ ଓସାରିଆ କଚ୍ଚା ପଥୁରିଆ ରାସ୍ତା । ଗ୍ରାମ ପର୍ଯ୍ୟନ୍ତ ରାସ୍ତାଟି ସମ୍ପୂର୍ଣ୍ଣ ସମତଳ । ପଞ୍ଚାୟତ ରାସ୍ତାରୁ ଗ୍ରାମ ପର୍ଯ୍ୟନ୍ତ ବିସ୍ତୃତ ରାସ୍ତାଟିରେ ବାଇଶିଟି ମୋଡ଼ ରହିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟ ଛୋଟ ଅନାବନା ଗଛ ରହିଛି । ରାସ୍ତାର ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଜଳ ଯିବାପାଇଁ ବିଭିନ୍ନ ସ୍ଥାନରେ ଏଗାରଗୋଟି ନଳୀ ଖଞ୍ଜା ଯାଇଛି ।

## ପାଦଚଲା ରାସ୍ତା ଓ ଗଳି ରାସ୍ତା :

ଗ୍ରାମ ଜମିଆଡ଼କୁ ଯିବାପାଇଁ ଗ୍ରାମ ମଝିରୁ ଏକ ପାଦଚଲା ରାସ୍ତା ରହିଛି । ଗ୍ରାମ ପଞ୍ଚାୟତ ସହିତ ସହଜ ଯୋଗାଯୋଗ ପାଇଁ ବିଲ ମଧ୍ୟଦେଇ ଏକ ପାଦଚଲା ରାସ୍ତା ମଧ୍ୟ ରହିଛି । ଜଙ୍ଗଲକୁ ଯିବା ପାଇଁ ୩ କି.ମି. ପାଦଚଲା ରାସ୍ତା ରହିଛି । ଜାହିରାକୁ ଯିବା ପାଇଁ ଏକ ଗଳି ରାସ୍ତା ରହିଛି । ଏହି ଗଳି ରାସ୍ତାରେ ପୂଜାପାଠ ପାଇଁ ଜାହିରାକୁ ଯାଇଥାନ୍ତି । ଗ୍ରାମଦେବତା ମାରାଂବୁରୁ ଏବଂ ଜାହେର୍ ଏରାଙ୍କୁ ପୂଜା କରିଥାନ୍ତି । ହାଟକୁ ଯିବାପାଇଁ ମଧ୍ୟ ଏକ ଗଳି ରାସ୍ତା ରହିଛି । ଏହି ଗଳିରାସ୍ତାଦେଇ ଲୋକ ଶୀଘ୍ର ହାଟକୁ ଯାଇଥାନ୍ତି ।

## ଗ୍ରାମ ସଂଲଗ୍ନ ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନ :

ଆଦିପୁର ଗ୍ରମର ଅଳ୍ପଦୂରରେ ଶିମିଳିପାଳ, ଅଭୟାରଣ୍ୟ ଏବଂ ଶାବଳା ପାହାଡ଼ ରହିଛି । ଏହି ପାହାଡ଼ରୁ ଜାଳେଣୀକାଠ ଓ ପତ୍ର ସଂଗ୍ରହ କରିଥାନ୍ତି । ପାହାଡ଼ରୁ ବିଭିନ୍ନ ପ୍ରକାର ଘରୋପକରଣ ମଧ୍ୟ ସଂଗ୍ରହ କରାଯାଇଥାଏ । ଗ୍ରାମର ଉତ୍ତର ଦିଗରେ ବହିଯାଉଥିବା ନାଲୁଆନଦୀ ଦକ୍ଷିଣ ଦିଗରେ ଝରଣା ରହିଛି । ଝରଣାରୁ ଲୋକମାନେ ପିଇବା ପାଇଁ ଜଳ ଆଣିଥାନ୍ତି । ବର୍ଷସାରା ଏହି ଝରଣାଟି ଲୋକମାନଙ୍କୁ ଜଳ ଯୋଗାଇଥାଏ । ଝରଣା ହେଉଛି ଲୋକମାନଙ୍କର ପ୍ରଧାନ ପାନୀୟ ଜଳର ଉତ୍ସ । ସାଧାରଣତଃ ଝରଣାର ସ୍ୱଚ୍ଛ, ନିର୍ମଳଜଳରେ ମଧ୍ୟ ଗାଧୋଇଥାନ୍ତି । ଏଥିସହ ଗ୍ରାମର ଅଳ୍ପଦୂରରେ କୂପମଧ୍ୟ ରହିଛି । ସେହି କୂପରୁ ଲୋକେଜଳ ସଂଗ୍ରହ କରି ଦୈନନ୍ଦିନ ଜୀବନରେ ପାନୀୟ ଭାବରେ ବ୍ୟବହାର କରିଥାନ୍ତି । ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଏକ ନାଳ ବୋହିଯାଇଛି । ଗ୍ରୀଷ୍ମ ଦିନରେ ନାଳରୁ ଜଳ ଶୁଖିଯାଉଛି । ଝରଣାରୁ ଜଳ ଗ୍ରୀଷ୍ମଦିନରେ ମଧ୍ୟରେ ଶୁଖେନାହିଁ । ଲୋକମାନେ ପାଶ ନାଳରେ ଗାଧୁଆ

ପାଧୁଆ କରିଥାନ୍ତି । ଗାଈଗୋରୁ ମଧ ସେହି ନାଳରେ ଗାଧୋଇ ଥାନ୍ତି । ପୋଷାକପତ୍ର ମଧ ସେହି ନାଳଜଳରେ ସଫାସୁତୁରା କରିଥାନ୍ତି ।

## ପୂଜାସ୍ଥଳୀ ଏବଂ ବେଦୀପୀଠ :

ଆଦିପୁର ଗ୍ରାମର ମଝିରେ ପାହାଡ଼ ଠାକୁରାଣୀଙ୍କ ପୀଠସ୍ଥଳ ଥିବାବେଳେ ଗ୍ରାମର ଉତ୍ତର ଦିଗରେ ଜାହେରାଠାରେ ଶାଳଗଛ ଗହଳରେ ମାରାଂବୁରୁ ଓ ଜାହେର୍ ଏରା ଠାକୁରାଣୀଙ୍କର ପୀଠସ୍ଥଳୀ ରହିଛି । ଏଥିସହିତ ପୂର୍ବଦିଗରେ ଗ୍ରାମ ଶେଷମୁଣ୍ଡରେ ଶୀକାରୀ ଦେବତାଙ୍କ ପୀଠସ୍ଥଳୀ ରହିଛି । ଜମିରୁ ଶସ୍ୟଅମଳ ଶେଷରେ ଜମିରେ ପୂଜାକରାଯାଇଥାଏ । ଘରେ ପ୍ରତ୍ୟେକ ରୋଗଦାଉରୁ ରକ୍ଷା ପାଇବା ପାଇଁ ଘର ବହାରେ ଥିବା ଜମି ଉପରେ ଭରି ହଙ୍ଗା ନିକଟରେ ଆବଗେ ଠାକୁରଙ୍କୁ ପୂଜା କରାଯାଇଥାଏ ।

## ଆଖଡା ସ୍ଥାନ:

ଗ୍ରାମର ମଧଭାଗରେ ଏକ ଖୋଲା ସ୍ଥାନରେ ଅବସର ବିନୋଦନ ସମୟରେ ଯୁବକ ଓ ଯୁବତୀମାନେ ନୃତ୍ୟ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀ ଯଥା ରଜସଂକ୍ରାନ୍ତୀ, ଚିତାଉଁ, ଗହ୍ମା, ମକର (ସାକ୍ରାରାତ୍) ଇତ୍ୟାଦି ପର୍ବରେ ଉଭୟ ଯୁବକ ଓ ଯୁବତୀ ସେହି ସ୍ଥାନରେ ନୃତ୍ୟଗୀତ ପରିବେଷଣ କରିଥାନ୍ତି ।

## ଶ୍ମଶାନ :

ଗ୍ରାମର ଉତ୍ତର ଦିଗରେ ଗ୍ରାମଠାରୁ ଅଳ୍ପଦୂରରେ ଏକ ଘଞ୍ଚ ଜାମୁଗଛପୂର୍ଣ୍ଣ ଜଙ୍ଗଲ ରହିଛି । ସେହି ଜଙ୍ଗଲର ମଧଭାଗରେ ଶ୍ମଶାନ (ମାଣ୍‌ଘାଟି) ରହିଛି । ଏହି ଶ୍ମଶାନ ବା (ମାଣ୍‌ଘାଟି) ରେ ମୃତ୍ୟୁ ବ୍ୟକ୍ତିର ଶବ ସଂସ୍କାର କରାଯାଇଥାଏ ।

## ଗୋଚର ଭୂମି :

ଗ୍ରାମର ପଶ୍ଚିମ ପାର୍ଶ୍ୱରେ ଗ୍ରାମକୁ ଲାଗି ଗୋରୁଗାଈ ଚରିବା ପାଇଁ ପାଞ୍ଚ ଏକର ବିଶିଷ୍ଟ ଗୋଚର ଭୂଇଁ ରହିଛି । ଏହି ଗୋଚର ଭୂଇଁର ଏକ ପାର୍ଶ୍ୱରେ ହାଟ ବସିଥାଏ । ଅନ୍ୟ ଏକ ପାର୍ଶ୍ୱରେ ପିଲାମାନେ ଖେଳ ଖେଳିଥାନ୍ତି । ଅପର ପାର୍ଶ୍ୱରେ ଗ୍ରାମ ଯୁବକମାନେ

ନାଟକ ମଞ୍ଚସ୍ଥ କରିବା ପାଇଁ ଏକ ନାଟ୍ୟ ମଞ୍ଚ ତିଆରି କରାଯାଇଛି । ଏହି ନାଟ୍ୟମଞ୍ଚରେ ଯୁବକମାନଙ୍କ ଦ୍ୱାରା ପ୍ରତିବର୍ଷ ସାନ୍ତାଳୀଭାଷାର ନାଟକ ପରିବେଷିତ ହୋଇଥାଏ ।

### ତଳିଆ ଜମି :

ଗ୍ରାମଠାରୁ ୩ କି.ମି. ଦୂର ପୂର୍ବଦିଗରେ ଲୋକମାନଙ୍କର ତଳିଆ / ଖାଲୁଆ ଜମି ରହିଛି । ଏହି ଜମିର ମାଟି ବର୍ଷସାରା ଆଦ୍ରତା ଥାଏ । ଏହି ଜମିରେ ମୁଖ୍ୟତଃ ଧାନଚାଷ କରାଯାଇଥାଏ । ପ୍ରାୟ ପାଞ୍ଚ ଏକର ତଳିଆ ଜମି ଲେକମାନଙ୍କର ରହିଛି । ଏହି ପ୍ରକାର ଜମିକୁ ସେ ଅଞ୍ଚଳରେ ଶୁଲ ଜମିବୋଲି କହନ୍ତି । ସାନ୍ତାଳୀ ଭାଷାରେ ବାଃଇହାଲ୍ ବୋଲି କହିଥାନ୍ତି ।

### ଢିପ ଜମି :

ଗ୍ରାମକୁ ଲାଗି ଉତ୍ତର ଓ ଦକ୍ଷିଣ ଦିଗରେ ଲୋକମାନଙ୍କର ଢିପ ଜମି ରହିଛି । ଏହି ଢିପଜମିକୁସାନ୍ତାଳୀଭାଷାରେ ଘୁଟୁହାସାଃବୋଲି କହିଥାନ୍ତି । କେବଳ ବର୍ଷାଋତୁରେ ଏହି ଢିପ ଜମିରେ ପାଣି ରହିଥାଏ । ପ୍ରାୟ (୨) ଦୁଇ ଏକରର ଢିପ ଜମି ଚାଷ ପାଇଁ ରହିଛି । ଏହି ଜମିରେ ଲଘୁଧାନ ଚାଷ କରାଯାଇଥାଏ । ବର୍ଷକରେ କେବଳ ଥରଟିଏ ଚାଷ କରାଯାଇଥାଏ ।

### ପୋଡୁ ଜମି :

ଗ୍ରାମର ପଶ୍ଚିମ ଦିଗରେ ଗ୍ରାମଠାରୁ ୨ (ଦୁଇ) କି.ମି. ଦୂରତାରେ ପୋଡୁଜମି ଅଛି । ପ୍ରାୟ ପାଞ୍ଚ ଏକରର ପୋଡୁଜମି ଲୋକମାନଙ୍କର ରହିଛି । ଏହି ଜମିରେ ଆଶୁଧାନ ବାଜରା, ହରଡ, ମକା, ଗନ୍ଦଲୀ, କୋଦୁଅ, ମାଣ୍ଡିଆ, ମୁଗ, ବିରି, କୋଳଥ, ଓ ସବାଇ ଘାସ ଚାଷ କରାଯାଇଥାଏ । ବର୍ଷର ବିଭିନ୍ନ ସମୟରେ ଏହିସବୁ ଫସଲ ପାଇଁ ଚାଷ କରାଯାଇଥାଏ ।

## ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା :

ସବୁଦୃଷ୍ଟିରୁ ଗ୍ରାମର ସୁରକ୍ଷା ଏବଂ ନିରାପତ୍ତା ପାଇଁ ଗୁଣିଆ ଗ୍ରାମର ଚତୁପାର୍ଶ୍ୱ ସୀମାନ୍ତରେ ମନ୍ତ୍ରପାଠକରି ଗ୍ରାମକୁ ବନ୍ଦି ଦେଇଥାଏ । ଫଳରେ ଅନ୍ୟ ଗ୍ରାମର କୌଣସି ଶତ୍ରୁ କିମ୍ବା ବିପଦ କାରକ ଗ୍ରାମର ଅନିଷ୍ଟ ପାଇଁ ପ୍ରବେଶ କରିପାରିବେ ନାହିଁ । ସେଥିପାଇଁ ସୀମାନ୍ତରେ ଗୁଣିଆ ପୂଜାପାଠ କରିଥାଏ । ଏଥିସହିତ ପୂଜାପାଠ ମାଧମରେ ଗ୍ରାମର ସୁରକ୍ଷା ନିମିତ୍ତ ଗ୍ରାମ ଦେବାଦେବୀଙ୍କୁ ପୂଜା ଆରାଧନା କରିଥାନ୍ତି ।

## ବସତି ତତ୍ତ୍ୱାବଧାରକ :

କୌଣସି ସମୟରେ କୌଣସି କାରଣରୁ ଅନ୍ୟଗ୍ରାମର ଶତ୍ରୁ ନିଜ ଗ୍ରାମକୁ ପ୍ରବେଶ କରନ୍ତି ସୁରକ୍ଷା ଦାୟିତ୍ୱରେ ଥିବା ଗଡ଼େତ୍ ଏହାର ନିରାପଦା ପାଇଁ ଗ୍ରାମର ମୁଖ୍ୟ ମାଝୀହାଲାମଙ୍କୁ ଜଣାଇଥାନ୍ତି । ତାଙ୍କ ନିର୍ଦ୍ଦେଶରେ ଗ୍ରାମର ପ୍ରତ୍ୟେକ ମୁକାବିଲା ସକାଶେ ତୟାର୍ ହୋଇଯାନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଗଡେତ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପଡିଶା ଗ୍ରାମର ବ୍ୟାପିଥିବା ସଂକ୍ରାମକରୋଗ ସମ୍ପର୍କରେ ସତର୍କ କରାଇଥାନ୍ତି । ଏହିଭଳିଭାବରେ ଗଡ଼େତ ଗ୍ରାମର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଥାନ୍ତି ।

●●●

# ବାସଗୃହ

ମନୁଷ୍ୟ ବଞ୍ଚିରହିବା ପାଇଁ ଖାଦ୍ୟ, ବସ୍ତ୍ର ଭଳି ବାସଗୃହ ମଧ୍ୟ ଅତି ଆବଶ୍ୟକ ହୋଇଥାଏ । ଗ୍ରୀଷ୍ମ, ବର୍ଷା ଓ ଶୀତଦାଉରୁ ରକ୍ଷାପାଇବା ପାଇଁ ମନୁଷ୍ୟ ବାସଗୃହ ଆବଶ୍ୟକ କରିଥାନ୍ତି । ଏହି ବାସଗୃହରେ ବ୍ୟକ୍ତି ତାର ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ସମସ୍ତ ଜୀବନ ବିତାଇଥାଏ ।

## ପାରମ୍ପରିକ ଗୃହ:

ମୟୁରଭଞ୍ଜ ଜିଲ୍ଲାର ଉଦଳା ବ୍ଲକ ଅନ୍ତର୍ଗତ ପାଟଣାଣୀପୁର ଗ୍ରାମପଞ୍ଚାୟତର ଆଦିପୁର ହେଉଛି ସାନ୍ତାଳ ଆଦିବାସୀଙ୍କର ଏକ ଗ୍ରାମ । ଏହି ଗ୍ରାମରେ କେବଳ ସାନ୍ତାଳମାନେ ବସବାସ କରିଥାନ୍ତି ।ସୁଦୂରରୁ ଏହି ସାନ୍ତାଳ ଗ୍ରାମର ଘରଗୁଡିକ ମଉଡମରା ଛାଉଣୀ ଭଳି ଦେଖାଯାଏ । ଗ୍ରାମର ବସତି ଗୁଡ଼ିକ ଦୂର୍‍... ଚତୁର୍ଭୁଜ ଆକାର ଦେଖାଯାଏ । ଗ୍ରାମର ଚତୁପାର୍ଶ୍ୱରେ ବିଭିନ୍ନ ବୃକ୍ଷରାଜିର ସମାହାର ପରିଲକ୍ଷିତ ହୋଇଥାଏ । ଅଛଦୂରରେ ସବୁଜ ବନାନୀର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥାଏ । ନଡାଦ୍ୱାରା ଛପର ହୋଇଥିବା ପ୍ରତ୍ୟେକ ଘର ଦୂରରୁ ଦେଖାଯାଇଥାଏ । ରାସ୍ତାର ଉଭୟ ପାର୍ଶ୍ୱରେ ଗୃହଗୁଡିକ ସମାନ୍ତରାଳ ଭାବରେ ଦଣ୍ଡାୟମାନ ହୋଇଥିବାର ଜଣାପଡ଼ିଥାଏ ।ମାଟିରେ ଘର କାନ୍ଥ ଗୁଡ଼ିକ ତିଆରି ହୋଇଥାଏ । କାନ୍ଥ ଉପରେ ବିଭିନ୍ନ ରଙ୍ଗର ଝୋଟି ଚିତ୍ରମାନ ଅଙ୍କିତ ହୋଇଥାଏ । ପ୍ରତ୍ୟେକ ଘର ଚତୁଃପାର୍ଶ୍ୱ ବାଉଁଶ ବଣଦ୍ୱାରା ବାଡ଼ ଦିଆଯାଇଥାଏ । ଘରକୁ ଘର ଛାଡ଼ିଛାଡ଼ି ହୋଇ ତିଆରି କରାଯାଇଥାଏ । ଆଦିବାସୀ ସାନ୍ତାଳମାନଙ୍କ ମଧ୍ୟରେ କେତେକ ଧନୀଶ୍ରେଣୀର, କେତେକ ମଧ୍ୟମ ଶ୍ରେଣୀର ଓ କେତେ ଗରିବ ଶ୍ରେଣୀର ଲୋକ ମଧ୍ୟ ବସବାସ କରିଛନ୍ତି । ପ୍ରତ୍ୟେକଙ୍କର ଅନ୍ୟ ମାନଙ୍କ ଘରଠାରୁ ସାମାନ୍ୟ ଭିନ୍ନ ଧରଣର ହୋଇଥାଏ । ପ୍ରତ୍ୟେକଙ୍କର ଘର ପ୍ରାୟ ଝାଟିମାଟିରେ ତିଆରି କରାଯାଇଥାଏ ।

## ବାସଗୃହର ଗଠନ :

ସାନ୍ତାଳ ସମ୍ପ୍ରଦାୟର ଲୋକମାନଙ୍କର ଘର ଗଠନ ଅନ୍ୟ ପଡୋଶୀ ଗୋଷ୍ଠୀ ମାନଙ୍କର ଘରର ଗଠନ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଗ୍ରାମ ରାସ୍ତାର ଉଭୟପାର୍ଶ୍ୱରେ ରାସ୍ତାକୁ ଲାଗି ପ୍ରତ୍ୟେକ ପରିବାରର ଘରଗୁଡିକ ମୁଣ୍ଡ ଟେକି ଠିଆ ହୋଇଥାଏ । ପ୍ରତ୍ୟେକ ସାନ୍ତାଳ ଘରେ ପ୍ରବେଶ କରିବା ପୂର୍ବରୁ ଦିଆଯାଇଥିବା ବାଡ଼ରେ ଏକ ଟାଟିଲଗାଯାଇଥାଏ । ସେହି ଟାଟି ମଧ୍ୟଦେଇ ଘରକୁ ପ୍ରବେଶ କରିଥାନ୍ତି । ଧନୀଶ୍ରେଣୀର ଲୋକେ ସାଧାରଣତଃ ଚାରୋଟି

ଘର କରିଥାନ୍ତି । ପ୍ରତ୍ୟେକ ଘର ଲମ୍ବ ଏକୋଇଶି ( ୨୧ ) ହାତ, ପ୍ରସ୍ଥ ପାଞ୍ଚ (୫) କିମ୍ବା ସାତ (୭) ହାତ ଓ ଉଚ୍ଚତା ଆଠ (୮) ହାତ ହୋଇଥାଏ । ପ୍ରତ୍ୟେକ ଘରେ ଗୋଟିଏ ଲେଖାଏଁ କବାଟ ଲାଗିଥାଏ । ପ୍ରତ୍ୟେକ କବାଟର ଉଚ୍ଚତା ପ୍ରାୟ ପାଞ୍ଚ (୫) ଫୁଟରୁ କମ୍ ହୋଇଥାଏ । ମଧ୍ୟମଶ୍ରେଣୀର ଲୋକେ ସାଧାରଣତଃ ତିନୋଟି ଘର ତିଆରି କରିଥାନ୍ତି । ପ୍ରତ୍ୟେକ ଘରର ଲମ୍ବ ସତର ( ୧୭ ) ହାତ, ପ୍ରସ୍ଥ ପାଞ୍ଚ (୫) କିମ୍ବା ସାତ (୭) ହାତ, ଓ ଉଚ୍ଚତା ସାତ (୭) ହାତ ହୋଇଥାଏ । ପ୍ରତ୍ୟେକ ଘରେ ଗୋଟିଏ ଲେଖାଏଁ କବାଟ ଲାଗିଥାଏ । ପ୍ରତ୍ୟେକ କବାଟରେ ଉଚ୍ଚତା ପ୍ରାୟ ପାଞ୍ଚ (୫) ଫୁଟରୁ କମ୍ କରାଯାଇ ତିଆରି କରାଯାଇଥାଏ । ସେହିପରି ଭାବରେ ଗରିବ ଶ୍ରେଣୀର ଲୋକେ ଦୁଇ (୨) ଟି କିମ୍ବା ଏକ (୧) ଟି ତିଆରି କରିଥାନ୍ତି । ପ୍ରତ୍ୟେକ ଘର ଲମ୍ବ ପନ୍ଦର (୧୫) ହାତ, ପ୍ରସ୍ଥ ପାଞ୍ଚ (୫) ହାତ ଏବଂ ଉଚ୍ଚତା ଛଅ (୬) ଫୁଟ କିମ୍ବା ସାତ (୭) ଫୁଟ । ପ୍ରତ୍ୟେକ ଘରେ ଗୋଟିଏ ଲେଖାଏଁ କବାଟ ଲାଗିଥାଏ । କବାଟର ଉଚ୍ଚତା ପ୍ରାୟ ପାଞ୍ଚ (୫) ଫୁଟରୁ କମ୍ ହୋଇ ତିଆରି କରାଯାଇଥାଏ । ପ୍ରତ୍ୟେକ ସାନ୍ତାଳ ଘରେ ପାଞ୍ଚ ଫୁଟ କମ୍ କବାଟ ଲଗାଯାଇଥାଏ । କବାଟର ବନ୍ଧ ଉପରେ କାଠର ତିଆରି ହାତୀ ଏବଂ ଘୋଡ଼ାର ପ୍ରତିମୂର୍ତ୍ତି ରଖାଯାଇଥାଏ ।

କୌଣସି ବ୍ୟକ୍ତି ଘରେ ପ୍ରବେଶ କରିବା ପୂର୍ବରୁ ଘରର ପ୍ରବେଶ ପଥର ଉଚ୍ଚତା ନିଚ୍ଚା ହୋଇଥିବାରୁ ତଥା ଘରେ ଦେବାଦେବୀଙ୍କୁ ପ୍ରଣାମ କରିବା ଉଦ୍ଦେଶ୍ୟରେ ନିଜମଥାକୁ ନତକରି ଘରେ ପ୍ରବେଶ କରିଥାଏ । କବାଟ ବନ୍ଧ ଉପରେ କାଠ ତିଆରି ହାତୀ ଏବଂ ଘୋଡା ରଖିବାର ଉଦ୍ଦେଶ୍ୟ ଏହି ଯେ ଘରେ ଥିବା ଦେବାଦେବୀ ପ୍ରତ୍ୟେକ ମଧ୍ୟରାତ୍ରିରେ ଘୋଡା ଏବଂ ହାତୀରେ ଚଢି ବାହାରକୁ ଯାଇଥାନ୍ତି । ପୁନଃ ଫେରିଆସି ନିଜ ସ୍ଥାନରେ ରହିଥାନ୍ତି । ସାନ୍ତାଳଲୋକେ ପ୍ରାୟତଃ ଘରର କବାଟ ବନ୍ଦ୍ କରିଥାନ୍ତି । ହାତୀ ଘୋଡା ରହିଥିବା ସ୍ଥାନର ମଧ୍ୟ ଭାଗରେ ଫାଙ୍କାଜାଗା ମଧ୍ୟଦେଇ ଘରର ଦେବାଦେବୀ ଘୋଡା ଏବଂ ହାତୀ ଦ୍ୱାରା ଚଢି ବାହାରକୁ ଯାତାୟତ କରିଥାନ୍ତି ବୋଲି ବିଶ୍ୱାସ କରିଥାନ୍ତି ।

## ବାସଗୃହର ନିର୍ମାଣ ଓ ପୂଜାପାଠ :

ସାନ୍ତାଳ ସମ୍ପ୍ରଦାୟର ଲୋକେ ସେମାନଙ୍କର ଘର ତିଆରି କରିବା ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରିଥାନ୍ତି । ଗର୍ଭଣା ସଂକ୍ରାନ୍ତୀ ରାତ୍ରିରେ ସାନ୍ତାଳ ପରିବାରର ମୁଖ୍ୟ ଗ୍ରାମର ଗୁଣିଆକୁ ସାଥିରେ ଧରି ଯଥା ସ୍ଥାନରେ ପହଞ୍ଚିଥାନ୍ତି । ସେହି ସ୍ଥାନର ଚତୁପାର୍ଶ୍ୱ ଚିହ୍ନ ଦେଇଥାନ୍ତି । ଚାରିକଣରେ ଏବଂ ମଧ୍ୟଭାଗରେ ଗୋବର ଲିପାଯାଇଥାଏ । ଗୁଣିଆ ପୂଜାପାଠ କରିବା ପରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଅରୁଆ ଚାଉଳ ଗୋବର ଲିପା ଯାଇଥିବା ସ୍ଥାନ ମାନଙ୍କରେ

ପୂଜାକରି ରଖାଯାଏ ଏବଂ ସେହି ଚାଉଳ ଉପରେ ଧର୍ମକୁ ସାକ୍ଷୀରଖି ସିନ୍ଦୁର ଦିଆଯାଇଥାଏ । ତାପରଦିନ ପ୍ରାତଃ ସମୟରେ ପରିବାରର ମୁଖ୍ୟ ଏବଂ ଗୁଣିଆ ଯଥା ସ୍ଥାନରେ ଉପସ୍ଥିତ ହୋଇଥାନ୍ତି । ଯଦି ଗୋବର ଲିପା ଯାଇଥିବା ସ୍ଥାନରେ ପୂଜାକରି ରଖାଯାଇଥିବା ଅରୁଆଚାଉଳର ସଂଖ୍ୟା କମ୍ ହୋଇଥାଏ କିମ୍ବା ବେଶୀ ହୋଇଥାଏ ତେବେ ସେହି ସ୍ଥାନ ଅନୁପଯୁକ୍ତ ବୋଲି ଗୁଣିଆ ଦର୍ଶାଇଥାଏ ଏବଂ ଏହି ସ୍ଥାନରେ ଘର କରିଲେ ଖୁବ୍ ଶୀଘ୍ର ନଷ୍ଟ ହୋଇଯିବାର ସମ୍ଭବନା ଥାଏ ବୋଲି ଗୁଣିଆ ମତବ୍ୟକ୍ତ କରିଥାନ୍ତି । ସେହି ଗୋବର ଲିପା ସ୍ଥାନରେ ପୂଜା ଦିଆଯାଇଥିବା ଅରୁଆଚାଉଳର ପରିମାଣ ଅପରିବର୍ତ୍ତିତ ରହେ ତାହାହେଲେ ସେହି ଘର ତିଆରି ପାଇଁ ଉପଯୁକ୍ତ ବୋଲି ଗୁଣିଆ ମତବ୍ୟକ୍ତ କରିଥାନ୍ତି । ଏହିଭଳିଭାବରେ ସେମାନଙ୍କର ଘର ତିଆରି ପୂର୍ବରୁ ସ୍ଥାନନିରୂପଣ କରାଯାଇଥାଏ ।

## ■ ଭିତ୍ତି ସ୍ଥାପନ/ନିଅଁପକା :

କୌଣସି ସାନ୍ତାଳର ଘର ତିଆରି ପାଇଁ ନିଅଁପକା / ଭିତ୍ତିଭୂମି ସ୍ଥପନ ପୂର୍ବରୁ ସେହି ସ୍ଥାନରେ ଏକ ଧଳା କୁକୁଡ଼ାକୁ ବଳୀଦିଆଯାଇଥାଏ । ଅରୁଆ ଚାଉଳ ଏବଂସିନ୍ଦୁର ଦେଇ ଗୁଣିଆ ପୂଜା କରିଥାଏ । ତପରେ ଗୃହ କର୍ତ୍ତାଙ୍କ ନିଜ ହାତରେ ଘର ମାପ କରାଯାଇଥାଏ । ଘର ମାପର ଚତୁଃକୋଣରେ ବାଉଁଶର କିଳାଧରି ଚାରିଜଣ ବ୍ୟକ୍ତି ବସିଥାନ୍ତି । ପୂଜାପରେ ଏକ ସମୟରେ ଚାରିଜଣଯାକ ଚାରିକୋଣରେ କିଳା ବାଡ଼େଇଥାନ୍ତି । ତାପରେ ମାପ ଅନୁଯାୟୀ ନିଅଁଖୋଳା ଆରମ୍ଭ ହୋଇଥାଏ । ମଝିରେ ଏକ ଖୁଣ୍ଟ ପୋତି ସେଥିରେ ଅମ୍ବଡ଼ାଳ ବନ୍ଧାଯାଇଥାଏ । ଯାହାକି ଶୁଭ ସଂକେତ ସୂଚାଇଥାଏ ।

## ■ ଆବଶ୍ୟକ ଉପକରଣ :

ନିଅଁ ଖୋଳା ସରିଲାପରେ ଘର ନିର୍ମାଣ ପାଇଁ ମାଟିରେ ଘର ଚତୁଃପାର୍ଶ୍ୱ କାନ୍ଥ ଦିଆଯାଇଥାଏ । ଗୋଟିଏ ଘର ପାଇଁ ଚଉଦ(୧୪)ଟି ଖୁଣ୍ଟ, ଅଠର ହାତ ଲମ୍ବ ବିଶିଷ୍ଟ ଗୋଟିଏ ଶ୍ରେଣୀ, ବରଗା ଚଉଦ(୧୪) ଟି, ରୁଅ ପ୍ରାୟ ତିନିଶହଟି, ବତା ତିରିଶିଟି ଏବଂ ବାଉଁଶର ୯ଟା ଛପର ପୂର୍ବରୁ ଦିଆଯାଇ ତାଉପରେ ବାଉଁଶର ବତା ବସାଯାଏ । ତପରେ ନଡ଼ାରେ ଛପର କରାଯାଇଥାଏ । ଘରର ଓଳିଛାକୁ ସରଳରୈଖିକଭାବେ କଟାଯାଇଥାଏ ।

## ■ ନିର୍ମାଣ ପଦ୍ଧତି :

ପ୍ରଥମେ ଘର ତିଆରି ପାଇଁ ନିଅଁ ଖୋଳାଯାଇଥାଏ । ତାପରେ ମାଟି ଚକଟି କାନ୍ଥ ଦିଆଯାଇଥାଏ । ମୁଲିଆମାନଙ୍କ ଦ୍ୱାରା କାନ୍ଥ ଦିଆଯାଇଥାଏ । ଘର ତିଆରି ଜାଣିଥିବା ମିସ୍ତ୍ରୀ

ମାପ ଅନୁସାରେ ଖୁଣ୍ଟ(ଖୁଣ୍ଟି) କଡ଼ି, ବରଗା (ସେର୍ଡିସେନେର୍), ରୁଅ(ସେନେର୍), ବତା (ବାତା), ଝଟା (ଝାଟାଣ୍) ଇତ୍ୟାଦି ଯଥା ସ୍ଥାନରେ ଲଗାଇଥାନ୍ତି । କାନ୍ଥ ଦିଆଯିବା ପରେ ବାରଣ୍ଡାରେ ଖୁଣ୍ଟ ପୋତାଯାଇଥାଏ । ତାପରେ ବାରଣ୍ଡାରେ ଖୁଣ୍ଟ ଦେହରେ ଶ୍ରେଣୀ ବନ୍ଧା ଯାଇଥାଏ । କାନ୍ଥରେ କଡ଼ି (ଓରା) ମଧ୍ୟ ଦିଆଯାଇଥାଏ । ତାପରେ କୋଣକାଣ୍ଡ ବାରଣ୍ଡା କାନ୍ଥ ଉପରେ ଲଗାଯାଇ ତାଉପରେ ଶ୍ରେଣୀ ବନ୍ଧା ଯାଇଥାଏ । ଶ୍ରେଣୀ ପାଇଁ ସହାୟତା କାଣ୍ଡ ମଝିରେ ଉଭୟ ପାର୍ଶ୍ୱରେ ଛଅ (୬)ଟି ଦିଆଯାଇଥାଏ ।

## ■ ଶ୍ରମ ବିଭାଜନ :

ଘରର କାନ୍ଥ ମିସ୍ତ୍ରୀ ଦ୍ୱାରା ଦିଆଯାଇଥଏ । ଦୁଇଜଣ ମାଟିକୁଚକଟିଥାନ୍ତି । ଏବଂ ମାଟିକୁକାନ୍ଥରେ ଲଗାଇଥାନ୍ତି । ଘର ତିଆରି ଜାଣିଥିବା ମିସ୍ତ୍ରୀ ଯଥା ସ୍ଥାନରେ ଖୁଣ୍ଟ ପୋତିଥାଏ । ଏଥି ସହିତ କଡ଼ି, ବରଗା, ଶ୍ରେଣୀ, ବତା ଓ ରୁଆ ଯଥା ସ୍ଥାନରେ ଖଞ୍ଜାଇଥାଏ । ଘର ନିର୍ମାଣ ଭଲଭାବରେ ଶେଷ ହେବାପାଇଁ ପୂର୍ବରୁ ପୂଜା ମଧ୍ୟ କରାଯାଇଥାଏ । ଶ୍ରମିକମାନଙ୍କୁ ମଜୁରୀ ପାଇଁ ଧାନ ଏବଂ ହାଣ୍ଡିଆ ମଧ୍ୟ ଦିଆଯାଇଥାଏ ।

## ■ ସାଜି କାନ୍ଥ ନିର୍ମାଣ:

କୌଣସି ଏକ ସୀମାନ୍ତ ବା ସାଜିକାନ୍ଥ ନିର୍ମାଣ କ୍ଷେତ୍ରରେ ପଡ଼ୋଶୀ ସହିତ ପ୍ରଥମେ କାନ୍ଥ ଦେବା ବିଷୟରେ ଆଲୋଚନା ହୋଇଥାଏ । ପରେ ଉଭୟେ ମିଳିମିଶି ସୀମାକାନ୍ଥଟି ଉଭୟଙ୍କ ସୀମା ମଝିରେ ତିଆରି କରିବାର ସିଦ୍ଧାନ୍ତ ନିଆଯାଇଥାଏ । ଯଦି କର୍ତ୍ତାଙ୍କର କିଛି ଅସୁବିଧା ଉପୁଜିଥାଏ । ତେବେ ସେ ପଡ଼ୋଶୀଙ୍କର ସାହାଯ୍ୟ ଲୋଡ଼ିଥାନ୍ତି । ଉଭୟଙ୍କର ଉତ୍ତମ ବୁଝାମଣାର ସାଜି କାନ୍ଥ ନିର୍ମାଣ କରାଯାଇଥାଏ ।

## ■ ଛପର:

ସାଧାରଣତଃ ଘର ଛପର ଜାଣିଥିବା ବ୍ୟକ୍ତି ମଜୁରୀ ଦେଇ ଛପର କାର୍ଯ୍ୟ କରାଯାଇଥାଏ । ଛପର ପୂର୍ବରୁ ଘରେ ଆବଶ୍ୟକ ଶେଣୀ, ରୁଅ, ବତା ଓ ନଡ଼ା ପ୍ରସ୍ତୁତ ରହିଥାଏ । ରୁଅବତା ଖଞ୍ଜା ସରିବା ପରେ ନଡ଼ାରେ ଛପରକାର୍ଯ୍ୟ କରାଯାଇଥାଏ । ପ୍ରତ୍ୟେକ ରୁଅ ଏବଂ ବତାକୁ ସବାଇ ଘାସରେ ଦଉଡ଼ି ତିଆରି କରି ବନ୍ଧାଯାଇଥାଏ । ଅତିକମ୍‌ରେ ଛପର କରିବାପାଇଁ ଦୁଇଜଣ ମିସ୍ତ୍ରୀ ଦରକାର ହୋଇଥାଏ । ସେମାନଙ୍କୁ କାମରେ ସହଯୋଗ କରିବା ପାଇଁ ଚାରି(୪) ଜଣ ମୁଲିଆ ମଧ୍ୟ କାର୍ଯ୍ୟ କରିଥାନ୍ତି ।

## ■ ଭିତ୍ତି ଚିତ୍ର :

ଘରର କାନ୍ଥ ଦିଆଯିବାପରେ ପୋଡୁଜମିର ମାଟିକୁ ଗୋବର ସହିତ ମିଶାଇ ଚିକ୍କଣକରି ଦୁଇଥର ଲେସି ସାରିଲା ପରେତାଉପରେ ଧଳରଙ୍ଗର ମାଟିରେଜଳମିଶାଇକାନ୍ଥ ଉପରେ ସୁନ୍ଦର ଭାବରେଲିପା ଯାଇଥାଏ । କାନ୍ଥର ଆଦ୍ରତା ଶୁଖିଗଲା ପରେ ଆଉଥରେକାନ୍ଥ ଉପରେ ବିଭିନ୍ନ ପ୍ରକାର ରଙ୍ଗରେ ଲିପାଯାଇଥାଏ । କାନ୍ଥ ଉପରେ ବିଭିନ୍ନ ପ୍ରକାରର ଝୋଟି ମଧ୍ୟ କରାଯାଇ ତାହାର ଶୋଭାବର୍ଦ୍ଧନ କରିଥାଏ । ପ୍ରତ୍ୟେକ ସାନ୍ତାଳ ପରିବାରର ଗୃହ ବାହାରେବିଭିନ୍ନ ରକମର କାନ୍ଥଚିତ୍ର କରାଯାଇଥାଏ । କାନ୍ଥ ଉପରେ ବିଭିନ୍ନ ପ୍ରକାର ଫୁଲର ଚିତ୍ର, ଜନ୍ତୁ ଶୀକାରର ଦୃଶ୍ୟ, ମନୁଷ୍ୟ ଚିତ୍ର ଇତ୍ୟାଦି କରିଥାନ୍ତି ।

## ଗୃହ ବିଭାଗୀକରଣ ଓ ତାର ବ୍ୟବହାର :

ପ୍ରତ୍ୟେକ ସାନ୍ତାଳ ପରିବାର ଘରଗୁଡ଼ିକ ଛାଡ଼ି ଛାଡ଼ି ହୋଇ ସମାନ୍ତରାଳଭାବରେ ତିଆରି କରାଯାଇଥାଏ । ସାଧାରଣତଃ ଗୋଟିଏ ସାନ୍ତାଳ ପରିବାରରେ ରୋଷେଇଶାଳ, ଶୋଇବା ଘର, ଭଣ୍ଡାରଘର, ଅତିଥିକକ୍ଷ, ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ମେଲାଘର ଓ ଘରପିଣ୍ଡା ରହିଥାଏ । ଏହି ମୁଖ୍ୟଘର ବ୍ୟତୀତ ଗୋଶାଳ, ଘୁଷୁରୀଗୁହାଳ, କୁକୁଡ଼ାଘର, ଛେଳି ଗୁହାଳ ଇତ୍ୟାଦି ରହିଥାଏ । ରୋଷେଇରେ ସାଧାରଣତଃ ମାଟି ତିଆରି ଚୂଲି, ମାଟିହାଣ୍ଡି, ମାଟି କଳସୀ, କାନ୍ଥର ଥାକରେ ବାସନ କୁସନ ରହିଥାଏ । ରୋଷେଇଘରେ ପରିବା କଟାଯାଏ, ମାଂସ କଟାଯାଇ ତରକାରୀ କରାଯାଏ । ଶାଗ କଟାଯାଇ ଭଜା କରାଯାଏ । ବିଭିନ୍ନ ପ୍ରକାର ପିଠାପଣା ତିଆରି କରାଯାଏ । ଏହି ଘରେ ହାଣ୍ଡିଆଭାତ ରନ୍ଧାଯାଇ ରଖାଯାଇଥାଏ । ଶୋଇବା ଘରଟି ଭଣ୍ଡାର ଘରକୁ ଲାଗିକରି ରହିଥାଏ । ଏହି ଘରେ ଶୋଇବା ସହିତ ଗର୍ଭବତୀ ମହିଳା ମଧ୍ୟ ରହିଥାଏ । ରୋଷେଇ ଘର ଓ ଶୋଇବା ଘର ମଝିରେ ଭଣ୍ଡାର ଘର ରହିଛି । ଏହି ଘରେ କାଠରେ ଭାଡ଼ିକରାଯାଇ ଭାଡ଼ି ଉପରେ ବିଭିନ୍ନ ପ୍ରକାର ବିହନ, ବର୍ଷକର ଆହାର ସେହିଠାରେ ରଖାଯାଇଥାଏ । ଏହି ଘରେ କାଠର ତିଆରି କୁଟୁଣୀ ଥାଏ । ପୂଜାପାଠ ପାଇଁ ଏହି ଘରେ ପୂଜାପକରଣ ଥାଏ । ଏହ ଘରେ ଏକ ପବିତ୍ର ଚୂଲିଥାଏ । ପର୍ବପର୍ବାଣୀ ମାନଙ୍କର ଏହି ଘରେ ଥିବା ଚୂଲି ମାଂସ ଖେଚୁଡ଼ି ତିଆରି କରାଯାଏ । ମେଲାଘରକୁ ଲାଗିକରି ଏକ ଅତିଥି ଏବଂ ବନ୍ଧୁ ବାନ୍ଧବ ଏହି ଘରେ ରହିଥାନ୍ତି । ଦଉଡ଼ିରେ ତିଆରି ଖଟିଆ ଏହି ଘରେ ରହିଥାଏ । ଏହି ଖଟିଆରେ ଅତିଥି ବୃନ୍ଦ ଶୁଆବାସା କରିଥାନ୍ତି । ଅତିଥିମାନଙ୍କ ପୋଷାକ ରଖିବା ପାଇଁ ଆଲେଣା (ଆନାକ୍) ଥାଏ ଏବଂ ମୁଣ୍ଡକୁଣ୍ଡାଇବା ପାଇଁ ଦର୍ପଣ (ଆଗିସ) ଏବଂ ପାନିଆ (ନାକିଚ) ମଧ୍ୟ ଥାଏ । ଶିଶୁଜନ୍ମ ପରେ ଶିଶୁର

ମାଆ ମଧ୍ୟ ଏହି ଘରେ କେତେକ ସ୍ଥଳେ ରହିଥାଏ ଓ ନୂତନ ବିବାହିତ ପୁତ୍ରକନ୍ୟା ଏହି ଘରେ କିଛିଦିନ ପାଇଁ ରହିଥାନ୍ତି ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ଏକ ପ୍ରକୋଷ୍ଠ ବା ମେଲାଘର ରହିଥାଏ । ଏହି ଘରଟି ରୋଷେଇ ଘରକୁ ଲାଗି ରହିଥାଏ । ଏହି ମେଲାଘରେ ପରିବାରର ପ୍ରତ୍ୟେକ ସଦସ୍ୟ ଅନ୍ନ ଭକ୍ଷଣ କରଥାନ୍ତି । ହାଣ୍ଡିଆ ମଧ୍ୟ ପାନ କରାଯାଇଥାଏ । ଗୀତ ମଧ୍ୟ ଗାଇଥାନ୍ତି । ଘରର ବଡ଼ଧରଣର ପୂଜା ହେଲେ ଏହି ଠାରେ ଅତିଥି ଓ ବନ୍ଧୁ ବାନ୍ଧବମାନେ ଖାଇଥାନ୍ତି । ଧାନ, ଗହମ, କୁସୁମ ଇତ୍ୟାଦି କୁଟିବା ପାଇଁ ଏହି ଘରର ଏକ ପାର୍ଶ୍ୱରେ କାଠର ଢ଼ିଙ୍କି ରହିଥାଏ । ପ୍ରତ୍ୟେକ ଘରର ସାମନାରେ ପିଣ୍ଡା ରହିଥାଏ । ଏହି ପିଣ୍ଡାରେ ସାଧାରଣତଃ ବସିବା ଉଠିବା କାର୍ଯ୍ୟ ସମେତ ସବାଇ ଘାସରେ ଦଉଡ଼ି ତିଆରି କରିବା, ମାଛ ଧରିବା ପାଇଁ ଖଇଁଚି ତିଆରି କରାଯାଇଥାଏ । ଏହି ପିଣ୍ଡାରେ ମଧ୍ୟ ଖଜୁରୀ ପଟି ତିଆରି କରାଯାଇଥାଏ । ପର୍ବପର୍ବାଣୀ ମାନଙ୍କର ଏହି ପଣ୍ଡାରେ ଅତିଥି ଏବଂ ଗ୍ରାମଲୋକେ ପାନ କରିଥାନ୍ତି ।

## ଅନ୍ୟାନ୍ୟ ଗୃହ :

ରୋଷେଇ ଘରକୁ ଲାଗି କରି ଗୋରୁଗୁହାଳ (ଡ଼ାଙ୍ଗ୍ରୀଗଲା) ରହିଛି । ଗାଇଗୋରୁ ଏହି ଠାରେ ବନ୍ଧାଯାଇଥାଏ । କାଳୀପୂଜାବେଳେ ଏହିଠାରେ ପୂଜାଦେଇ ଗୁହାଳ ଦେବତାଙ୍କୁ ସନ୍ତୁଷ୍ଟ କରାଯାଇଥାଏ । ଗୁହାଳର ସମ୍ମୁଖଭାବରେ ଥିବା ପିଣ୍ଡାରେ ଲଙ୍ଗଳ (ନାହେଲ୍) କୁଆଳୀ (ଆରାଣ୍) ରହିଥାଏ । ଛେଳୀ ଗୁହାଳକୁ ଲାଗିକରି ଘୁଷୁରୀ ଗୁହାଳ ରହିଛି । ଘୁଷୁରୀ ଗୁହାଳର ସମ୍ମୁଖଭାଗ ସାଧାରଣତଃ ଗ୍ରାମଦାଣ୍ଡଆଡ଼କୁ ରହିଥାଏ । ଘୁଷୁରୀ ଖାଇବାପାଇଁ ଏକ ଖାଦ୍ୟ କୁଣ୍ଡ ରହିଥାଏ । କେବଳ ଘୁଷୁରୀମାନେ ଏହି ଗୁହାଳରେ ରହିଥାନ୍ତି । ରୋଷେଇ ଘରକୁ ଲାଗି ଛେଳିଘର ରହିଛି, ଏହି ଘରେ କୁକୁଡ଼ାମାନେ ରହିଥାନ୍ତି ।

ଘର ମଧ୍ୟରେ ସାନ୍ତାଳ ସମ୍ପ୍ରଦାୟର କୌଣସି ମହିଳା ରଜବତୀ ସମୟରେ ଭଣ୍ଡାର ଘରକୁ ଛୁଇଁବା ମନା ହୋଇଥାଏ । ସେହିଘରେ ପୂଜୋପକରଣ ରହିଛି ଏବଂ ପୂଜାପାଠ ମଧ୍ୟ ହୋଇଥାଏ । ରଜବତୀ ଶେଷରେ ଘରର ପବିତ୍ରତା ସକାଶେ ପ୍ରତ୍ୟେକ ଘରକୁ ଗୋବରରେ ଲିପାଯାଇଥାଏ । ଶିଶୁ ଜନ୍ମ ପରେ ଦୁଗ୍ଧଦାତ୍ରୀ ମାଆ ସମୟେ ସମୟେ ଅତିଥିଗୃହ ଓ ଶୋଇବା ଘରେ ରହିଥାନ୍ତି । ତାପାଇଁ ନିମ୍ନଭାତ ରୋଷେଇ କରି ଖାଇବାକୁ ଦିଆଯାଇଥାଏ । ପିଲାଜନ୍ମର ପୂର୍ବରେ ଗୁଣିଆ ଉକ୍ତ ଗୃହରେ ଗର୍ଭବତୀ ମହିଳା ଉତ୍ତମ ସନ୍ତାନ ପ୍ରସବ କରିବା ପାଇଁ ଲାଉ ତୁମ୍ବା ସହିତ ପୂଜା ସାମଗ୍ରୀନେଇ ପୂଜାପାଠ କରିଥାନ୍ତି । ନବଜନ୍ମିତ ଶିଶୁପାଇଁ ମାଆ କ୍ଷୀର ପ୍ରଦାନ କରିଥାଏ । ନଖ ଉଷୁମ ଜଳରେ ଗାଧୋଇ ଦେଇ କଞ୍ଚା ହଳଦୀକୁ ବାଟି ଦେହରେ ମାଖିଥାନ୍ତି । ଶୋଇବା ପୂର୍ବରୁ କପଡ଼ା ବିଣ୍ଡାକୁ ଆଂଶିକ ଗରମ କରି ଶିଶୁର

ସାରା ଦେହ ସେକିଥାନ୍ତି । ସାନ ଭାଇର ସ୍ତ୍ରୀ ଏବଂ ବଡ଼ଭାଇର ସମ୍ପର୍କରେ ଦୂରରେ ରହଥାନ୍ତି (ଦେଢ଼ଶୂର ଭାଇବୋହୂ) । ଘରକୁ ବଡ଼ ଶାଳୀ ଆସିଲେ ତାହାଠାରୁ ନିଜେ ଦୂରେଇ ରହିଥାନ୍ତି । ସାନଶଳାର ସ୍ତ୍ରୀ ମଧ ବଡ଼ ନଣଦେଇ(ସାନଶଳାର ଭିଣୋଇ) ବା ଡେୟାଙ୍ ଠାରୁ ଦୂରରେ ରହିଥାନ୍ତି । ପଶୁପକ୍ଷୀ ପାଳନ ମଧ ଘରେ କରିଥାନ୍ତି । ଗାଇଗୋରୁଙ୍କୁ ଘରେ, ଘାସ କାଟି ଯୋଗାଇଥାନ୍ତି, ଗାଧୋଇ ଦେଇଥାନ୍ତି ପିଇବା ପାଇଁ ଜଳ ମଧ ଦେଇଥାନ୍ତି । କୁକୁଡ଼ା ମାନଙ୍କ ପାଇଁ ଖୁଦ, ପାଣି ମଧ ଦେଇଥାନ୍ତି । ଘରେ ବିଭିନ୍ନ ପ୍ରକାର ଦେବାଦେବୀ ରହିଥାନ୍ତି । ଗୃହଦେବତାଙ୍କୁ କାଳୀପୂଜା, ନୂଆଖିଆ ଇତ୍ୟାଦି ପୂଜା ପର୍ବରେ ଘରେ ପୂଜା କରାଯାଇଥାଏ । ଭଣ୍ଡାର ଘରେ ଶସ୍ୟକୁ ପୁଟୁଳି ବାନ୍ଧି ରଖିଥାନ୍ତି କିମ୍ୱା ବାଉଁଶ ଡ଼ୋଲିରେ ଭାଡ଼ି ଉପରେ ରଖିଥାନ୍ତି କିଛି ଶସ୍ୟକୁ ରୋଷେଇ କରି ଖାଇଥାନ୍ତି । ଶସ୍ୟ ବୁଣିବା ପୂର୍ବରୁ ଭଣ୍ଡାର ଘରୁ ଶସ୍ୟକୁ ବାହାର କରାଯାଇଥାଏ । ଏହପୂର୍ବରୁ ମଧ ପୂଜାପାଠ କରାଯାଇଥାଏ । ଶସ୍ୟକୁ ମଧ ଢ଼ିଙ୍କିରେ ମଧ କୁଟିଥାନ୍ତି । କୃଷି ଯନ୍ତପାତି ମଧରେ ଲଙ୍ଗଳ (ନାହେଲ୍), କୁଆଳି (ଆରାଣ), ମଇ (ଆଣଗମ୍) ଇତ୍ୟାଦି ଗୋରୁଗୁହାଳର ବାରଣ୍ଡାରେ ରହିଥାଏ । କୋଦାଳ, (କୁଡ଼ି), ଝୁଡ଼ି(ଝୁଡ଼ି), ଝୁଡ଼ା(ଝୁଡ଼େ), ଭଙ୍ଗକୁଲା (ଧାଧାରାହଟା) ଇତ୍ୟାଦି କୃଷି ଯନ୍ତପାତି ମେଲାଘର କୋଣରେ ରହିଥାଏ । କେତେକ ଗୃହପକରଣ ମଧ ଘରେ ସଜାଡ଼ି ରଖିଥାନ୍ତି । ସେଗୁଡ଼ିକ ମଧରେ ଗଉଣୀ (ଗୁହୁଣୀ), କୁଲା (ହାଟା), ଟୋପି (ଟୁକି), ମାର (କାଠା), ଲୁଣକଠା(ବୁଲୁଙ୍ଟୁଙ୍କି), ପନକି (ବିନ୍‌ଠି), ଟାଙ୍ଗିଆ (ଟାଙ୍ଗା), କଟୁରୀ (କୁଟରୀ), ଶାବଳ (ସାବ୍ଲା) ଦାଆ (ଦାତ୍ରମ୍), ଛୋଟ ଦାଆ(ବୁସ୍‌ନୋଡଗ), ପିଢ଼ା (ଗାଣ୍ଡ), ଥାଳୀ(ଥାରି), ବେଲା (ବାଟି), କଳସୀ (ଚୁକାଃ), ଏବଂ ଏଥି ସହିତ ରୋଷେଇ ଉପକରଣର ରୋଷେଇଘରେ କୃଷି ଉପକରଣ ଓ (ଗୋରୁଗୁହା) ଓ ରୋଷେଇ ପାଇଁ ସରଞ୍ଜାମକୁ ରୋଷେଇ ଘରେ ସଜାଡ଼ି ରଖାଯାଇଥାଏ । ଘରେ କୁଟୁଣୀ କିମ୍ୱା ଢ଼ିଙ୍କି ସାହାଯ୍ୟରେ ମେଲାଘରେ ବିଭିନ୍ନ ପ୍ରକାର ଶସ୍ୟ ଯଥା : ଧାନ, ଗହମ ଇତ୍ୟାଦି କୁଟା ଯାଇଥାଏ ଏବଂ ମେଲାଘରେ ଖିଆଯାଇଥାଏ । ଭଣ୍ଡାରଘରେ ସୁନା, ଟଙ୍କାପଇସା ଓ ଦେବତାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ପାଇଁ ଅରୁଆ ଚାଉଳ, ମେଥି ଇତ୍ୟାଦି ଦ୍ରବ୍ୟ ମଧ ଭଣ୍ଡାର ଘରେ ରଖାଯାଇଥାଏ । ଶୋଇବା ଘରେ ବିଭିନ୍ନ ପ୍ରକାରପୋଷାକ ପରିଚ୍ଛଦ ରଖାଯାଇଥାଏ । ସାଧାରଣଭାବେ ନିତିପିନ୍ଧା ଲୁଗାଗୁଡ଼ିକ ଘରର ଭିତର ପାଖ ବାରଣ୍ଡାରେ ରଖାଯାଇଥାଏ । ବିଭିନ୍ନ ପ୍ରକାର ବାଦ୍ୟଯନ୍ତ ମଧରେ ନାଗରା (ଟାମାକ୍), ମାଦଳ (ଟୁମଦାଃ), ଖଡ଼କା (ଉଡ଼ଚୁଡ଼ି), ଲମ୍ୱା ଖଡ଼କା ......, ଘଣ୍ଟା (ଘୁଡ଼ି), କରତାଳ (କରତାଲ୍), ବଇଁଶୀ(ତ୍ରିୟାଉ), କେନ୍ଦରା (ବାନାମ୍) ଇତ୍ୟାଦିକୁ ମେଲା ଘରର ଉପରେ ଝୁଲା ଯାଇଥାଏ । ଘରର ବାରଣ୍ଡାରେ ନିଜର ପ୍ରତ୍ୟେକ ଜିନିଷ ରଖିଥାନ୍ତି । ଘରରେ

ବାରଣ୍ଡାରେ ମଧ୍ୟ ଶାଳପତ୍ର ଓ ଶୀଆଳୀ ପତ୍ରରେ ଖଲୀ, ଚଉପଦୀ ତିଆରି କରାଯାଏ ଏବଂ କୁଣରେ ମଧ୍ୟରେ ଝାଡୁ ତିଆରି କରିଥାନ୍ତି । ଖଜୁରୀ ପଟି ଦ୍ୱାରା ମଧ୍ୟ ଘର ମହିଳାମାନେ ଶୋଇବା ଖାଇବା କିମ୍ବା ଶସ୍ୟ ଶୁଖାଇବା ପାଇଁ ପଟିଆ ତିଆରି କରିଥାନ୍ତି । ଏହଭଳି ଭାବରେ ଘର ଭିତରେ ବିଭିନ୍ନ ପ୍ରକାର କାର୍ଯ୍ୟ ସମ୍ପାଦିତ ହୋଇଥାଏ ।

## ଘର ସମ୍ପୃକ୍ତ ଶୁଭାଶୁଭ:

କୌଣସି ସାନ୍ତାଳ ଗୃହର ଚାଳ ମଧ୍ୟରେ ଘରଚଟିଆ ଚଢ଼େଇ ବସାବାନ୍ଧି ରହିଲେ ଘରର ଉନ୍ନତିର ସମ୍ଭବତାର ହୋଇଥାଏ । ଘରେ ପାରା, ବିରୁଡ଼ି ବସା କରି ରହିଲେ ଏ ଘରର ସମୃଦ୍ଧି ଲକ୍ଷଣ ଜଣାପଡ଼ିଥାଏ । ଘରର ଦୁଆର ବନ୍ଧ କିମ୍ବା ଫାଟକରେ ମହୁବସା କରି ରହିଲେ ଘରର ଉନ୍ନତି ହେବ ବୋଲି ପ୍ରକାଶ ପାଇଥାଏ ।

### ■ ଗୃହ ପ୍ରତିଷ୍ଠା:

ନୂତନ ଗୃହର ପ୍ରତିଷ୍ଠା ସମୟରେ ନୂତନ ହାଣ୍ଡିଆ ପ୍ରସ୍ତୁତ କରିଥାନ୍ତି । ଘରର ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ଗୃହକର୍ତ୍ତା ପୂଜାପାଠ କରି ହାଣ୍ଡିଆ ଅର୍ପଣ କରିସାରିବା ପରେ ଗ୍ରାମବାସୀମାନଙ୍କୁ ହାଣ୍ଡିଆ ପ୍ରଦାନ କରିଥାନ୍ତି । ଏହାକୁ ସେମାନେ ଭୋଗ ହିସାବରେ ପାନ କରିଥାନ୍ତି । ଘରର ପୂର୍ବପୁରୁଷ ଓ ଦେବାଦେବୀଙ୍କୁ ପ୍ରତ୍ୟେକ କାର୍ଯ୍ୟର ଆରମ୍ଭ ପୂଜାପାଠ କରିବା ଦ୍ୱାରା ଘର ପବିତ୍ର ହୋଇଥାଏ ଏବଂ ଘରର ଉନ୍ନତି ହୋଇଥାଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

### ■ ଗୃହ ଧ୍ୱଂସର ଲକ୍ଷଣ :

ଘରେ ପାଳୁଥିବା କୁକୁଡ଼ା ଯଦି ନରମ ଅଣ୍ଡା ଦେଇଥାଏ । ମଧ୍ୟ ରାତ୍ରିରେ କୁକୁଡ଼ା ରାବ ଦେଇଥିଲେ, ଘରର ଛପର ଉପରେ ଶାଗୁଣା ବସିଲେ, ଛେଳି ଚାଳଉପରେ ଚଢ଼ିଲେ, ଘରେ କୌଣସି କୁକୁର, ଘୁସୁରି ଘୁସୁରି ଯାଇଥାଏ ଇତ୍ୟାଦି ଲକ୍ଷଣ ପରିଲିକ୍ଷିତ ହେଲେ ଘରଟିର ଶୀଘ୍ର ପତନ ଘଟିଥାଏ ବା ଧ୍ୱଂସାଭିମୁଖୀ ହୋଇଥାଏ ।

### ■ ଅପବିତ୍ରତା :

କୌଣସି ବ୍ୟକ୍ତି ମୃତ୍ୟୁହେଲେ ସମ୍ପୂର୍ଣ୍ଣ ଘରଟିଅପବିତ୍ର ହୋଇଥଶଏ ବୋଲି ମତ ଦେଇଥାନ୍ତି । ମହିଳା ରଜବତୀ ସମୟରେ ଘରଟି ଅପବିତ୍ର ହୋଇଥାଏ । ଗୃହ ପରିସର ମଧ୍ୟରେ ଯଦି ଶାଗୁଣା ବସେ ତାହାହେଲେ ଗୃହଟି ଅପବିତ୍ର ହୋଇଥାଏ ।

■ ପବିତ୍ରିକରଣ:

ମୃତବ୍ୟକ୍ତିର ଏକାଦଶାହ ବା ଶୁଦ୍ଧିକ୍ରିୟାଦିନ ଘରର ପବିତ୍ରତା ପାଇଁ ଗ୍ରାମର ମୁର୍ମୁ ଟାଇଲ୍ ଧାରୀ ସ୍ୱାମୀ ସ୍ତ୍ରୀ ଆସି ପୂଜାପାଠ କରିଥାନ୍ତି । ଗୃହଟି ସମ୍ପୂର୍ଣ୍ଣ ଭାବରେ ଗୋବର ଦ୍ୱାରା ଲିପାଯାଇଥାଏ । ପୂଜାପାଠ ଉପରେ ସମ୍ପୃକ୍ତ ପରିବାର ପବିତ୍ର ହେଲେ ବୋଲି ଧରାଯାଏ ଏବଂ ସେମାନେ ପୂର୍ବଭଳି ଅନ୍ୟମାନଙ୍କ ସହ ମିଳାମିଶା କରିଥାନ୍ତି ।

## ଅନ୍ୟାନ୍ୟ ସ୍ୱତନ୍ତ୍ର ଗୃହ ନିର୍ମାଣ ସମ୍ବନ୍ଧୀୟ ନୀତି ନିୟମ :

■ ଧର୍ମୀୟ ଗୃହ :

ଗ୍ରାମ୍ୟ ସ୍ତରୀୟ ଧର୍ମୀୟ ଗୃହ ଗ୍ରାମ ମଧ୍ୟରେ ତିଆରି କରାଯାଇଛି । ଏହା ମାଟିକାନ୍ଥ ଓ ଚାଳଛପରରେ ଗଢ଼ା ହୋଇଛି । ଏହାରଆକାର ଗୋଲାକାର ସଦୃଶ । ଏହି ଘରେ ଧର୍ମୀୟଗୁରୁ ପୂଜାପାଠ କରିଥାନ୍ତି । ଶିଷ୍ୟମାନଙ୍କୁ ଭବିଷ୍ୟତ ଉନ୍ନତିର ମାର୍ଗ ସମ୍ବନ୍ଧୀୟ ଶିକ୍ଷା ଦେଇଥାନ୍ତି । ଏହି ଘର ତିଆରି ପୂର୍ବରୁ ପୂଜାପାଠ କରି ଘରଟି ତିଆରି କରାଯାଇଥାଏ ।

■ ବେଦି ପୀଠ :

ପ୍ରଥମେ ଶାଳଗଛ ପୂର୍ଣ୍ଣଥିବା ସ୍ଥାନଟିକୁ ନିର୍ବାଚନ କରାଗଲା । ତାପରେ ସମ୍ପୃକ୍ତ ସ୍ଥାନର ମଧ୍ୟଭାଗରେ ଥିବା ଶାଳଗଛ ମୂଳରେ ଧଳାରଙ୍ଗର ସୂତାକୁ ତିନି ପରସ୍ତ କରି ବନ୍ଧାଯାଇଥାଏ । ବାରବର୍ଣ୍ଣର କୁକୁଡ଼ାକୁ ସେହି ଶାଳଗଛ ମୂଳରେ ବନ୍ଧାଯାଇଥାଏ । ମଧ୍ୟଅଂଶରେ ଗୋଲକରି ଗୋବର ଦ୍ୱାରା ଲିପାଯାଇଥାଏ । ଉକ୍ତ ଲିପା ସ୍ଥାନରେ ଅରୁଆ ଚାଉଳ ଗଣିକରି ଦେଇଥାନ୍ତି ଏବଂ ତା ଉପରେ ସିନ୍ଦୁର ଜାହେର୍ଏରା ଏବଂ ମାରାଂବୁରୁଙ୍କ ଉଦ୍ଦେଶ୍ୟରେ ପୂଜାକରାଯାଇଥାଏ । ତାପରେ ପ୍ରାତକାଳେ ଉକ୍ତ ସ୍ଥାନକୁ ଗ୍ରାମର ଲୋକେ ଯାଇ ଉପସ୍ଥିତ ହୋଇଥାନ୍ତି । ଗୋବର ଲିପା ସ୍ଥାନରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଅରୁଆଚାଉଳ ରହିଥିଲେ ସେ ସ୍ଥାନ ଦେବପୀଠ ତିଆରି ପାଇଁ ଉପଯୁକ୍ତ ବୋଲି ଗ୍ରାମର ପୁରୁଖା ଓ ବୃଦ୍ଧ ଲୋକମାନେ କହିଥାନ୍ତି । ଯଦି ଅରୁଆ ଚାଉଳର ସଂଖ୍ୟା କମ୍ ଓ ବେଶୀ ହେଲେ ସେଠାରେଦେବପୀଠ ତିଆରି କରାଯାଇନଥାଏ ବା ଅନୁପଯୁକ୍ତ ବୋଲି କହିଥାନ୍ତି । ଉପଯୁକ୍ତ ମନେହେଲେ ସେହି କୁକୁଡ଼ାକୁ ସେଠରେ ବଳୀଦେଇ ଘର ତିଆରି କାର୍ଯ୍ୟ ଆରମ୍ଭ କରିବେ । ଘରଘର ସମ୍ମୁଖ ଭାଗ ପୂର୍ବଦିଗକୁ ରହିଥାଏ ଏବଂ ପଶ୍ଚିମ ଭାଗକୁ ସାମାନ୍ୟ ତଳୁଆ ହୋଇ ରହିଥାଏ । ଏହି ଦେବୀପୀଠରେ ମାରାଂବୁରୁ ଏବଂ ଜାହେର୍ ଏରାଙ୍କୁ ସ୍ଥାପନ କରାଯାଇଥାଏ । ଏହି ପୀଠକୁ ଜାହେର୍ ବୋଲି କହିଥାନ୍ତି ।

■ ଯାଦୁ ଧର୍ମୀୟ କର୍ମକର୍ତ୍ତାଙ୍କ ଗୃହ :

ଯାଦୁ ଧର୍ମୀୟ କର୍ମକର୍ତ୍ତା ବା ଗୁଣିଆ / ପୁରୋହିତ ସେମାନଙ୍କର ଘର ତିଆରି ପୂର୍ବରୁ ଯଥାବିଧି ପୂଜାପାଠ କରିଥାନ୍ତି । ମନ୍ତ୍ରପାଠ କରି ଘର ଚତୁପାର୍ଶ୍ୱକୁ ବନ୍ଧ ନ କରିଥାନ୍ତି । ତାପରେ ସେମାନଙ୍କର ଘର ମାଟିକାନ୍ଥ ଓ ଗଳଛପରରେ ତିଆରି କରିଥାନ୍ତି ।

■ ଗ୍ରାମ୍ୟ ମୁଖ୍ୟଙ୍କ ଗୃହ :

ଆଦିପୁର ସାନ୍ତାଳଗ୍ରାମର ମୁଖ୍ୟଙ୍କୁ ମାଝୀହାଲାମ୍ ବୋଲି କୁହାଯାଏ । ଗ୍ରାମର ପ୍ରତ୍ୟେକ ପୂଜାପାଠ ସେ ହିଁ କରିଥାନ୍ତି । ତାଙ୍କ ଘର ସାଧାରଣତଃ ଗ୍ରାମର ମଧ ଭାଗରେ ତିଆରି କରାଯାଇଥାଏ । ଘର ତିଆରି ପୂର୍ବରୁ ସ୍ୱତନ୍ତ୍ର ଭାବରେ ପୂଜାପାଠର ଆୟୋଜନ କରାଯାଇଥାଏ । ସେ ନିଜେହିଁ ସମ୍ପୂର୍ଣ୍ଣ ପୂଜାରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି । ଗ୍ରାମର ଲୋକେ ମାଝୀହାଲାମ୍ ଙ୍କ ଘର ତିଆରିରେ ସମ୍ପୂର୍ଣ୍ଣ ସହଯୋଗ କରିଥାନ୍ତି ।

## ଇନ୍ଦିରା ଆବାସ:

ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଭୂମିହିନ ପ୍ରଜାଙ୍କ ପାଇଁ ଘର ସହାୟତା ଯୋଗାଇଦେବା ଇନ୍ଦିରା ଆବାସ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ତଫସିଲଭୁକ୍ତ ଜାତି ଓ ଉପଜାତିର ଅସହାୟ ଗରିବ ଲୋକମାନଙ୍କୁ ମଧ୍ୟ ଏହି ଯୋଜନାରେ ଗୃହ ଯୋଗାଇ ଦିଆଯାଇଥାଏ । ଏଥି ସହିତ ବିଧବା ସ୍ତ୍ରୀ, ଅନ୍ଧ ଓ ଶାରିରିକ ବିକଳାଙ୍ଗ ମାନଙ୍କ ପାଇଁ ମଧ୍ୟ ଇନ୍ଦିରାଆବାସ ଯୋଜନା ଗୃହ ସହାୟତା ଦିଆଯାଇଥାଏ ।

## ଆଧୁନିକ ଗୃହ ନିର୍ମାଣ ଉପକରଣ :

ବର୍ତ୍ତମାନ ଯୁଗରେ ଘର ତିଆରି ପାଇଁ ବିଭିନ୍ନ ପ୍ରକାର ଉପକରଣ ବ୍ୟବହାର କରାଯାଉଛି । ସେଗୁଡ଼ିକ ମଧ୍ୟରେ ସିମେଣ୍ଟ, ରଡ୍, ଚିପ୍ସ, ଇଟା, ବାଲି, କଂକ୍ରିଟ୍, ବଙ୍କୁରୀ ଇତ୍ୟାଦି ଗୃହ ନିର୍ମାଣ କରାଯାଉଛି ।

## ପ୍ରାଚୀନ ଏବଂ ଆଧୁନିକ ଗୃହ ପ୍ରତି ଆଭିମୂଖ୍ୟ:

ପାରମ୍ପରିକ ଘର ତିଆରିରେ ସାନ୍ତାଳମାନେ ଖୁଣ୍ଟବରଗା, ଶେଣୀ, ବତା, ଝଟା, ରୁଅ, କଡ଼ି ଇତ୍ୟାଦି ଉପକରଣ ଗୃହ ନିର୍ମାଣରେ ବ୍ୟବହାର କରୁଥିଲେ । ଘରଟି ମାଟି କାନ୍ଥରେ ଏବଂ ଛପର ନଡ଼ାକୁଟା ଆଦି କରାଯାଉଥିଲା । ଧନୀଶ୍ରେଣୀର ଲେକେ ସେସମୟରେ ଏକୋଇଶ ହାତ ଲମ୍ବ ବିଶିଷ୍ଟ ଘର ତିଆରି କରୁଥିବାବେଳେ ବର୍ତ୍ତମାନ ପଥରରେ ୧୭ ହାତ ଲମ୍ବ ବିଶିଷ୍ଟ ଘର ତିଆରି କରୁଛନ୍ତି । ଖୁଣ୍ଟ ପରିବର୍ତ୍ତେ ମଧ୍ୟମ ଶ୍ରେଣୀର

ଲୋକେ ଇଟା ଖୁଣ୍ଟ ବା ପଥର ଖୁଣ୍ଟ ଘର ତିଆରିରେ ବ୍ୟବହାର କରୁଛନ୍ତି । ନଡ଼ା ବା କୁଟା ପରିବର୍ତ୍ତେ ଟାଇଲ କିମ୍ବା ଆଡବେଷ୍ଟସ୍ ବା ଦସ୍ତା ଆଇବେଷ୍ଟସ ଛପରରେ ବ୍ୟବହାର କରୁଛନ୍ତି । ରସି ପରିବର୍ତ୍ତେ କଣ୍ଟା ମଧ୍ୟ ବ୍ୟବହାର କରୁଛନ୍ତି । କାନ୍ଥରେ ବ୍ୟବହାର କରାଯାଉଥିବା ଚୂନ ଏବଂ ବିଭିନ୍ନ ରଙ୍ଗର ପ୍ରଲେପ କାନ୍ଥ ଉପରେ ଦିଆଯାଉଛି । ବର୍ତ୍ତମାନ ଜାଗାର ଅଭାବ ଯୋଗୁଁପୂର୍ବଭଳି ବଡ଼ଧରଣର ଘର ତିଆରି କରିପାରୁନାହାନ୍ତି । କାଠର ଅଭାବଯୋଗୁଁ ଘରର କବାଟ ଟିଣରେ ଲଗାଉଛନ୍ତି । ସେ ସମୟରେ ସେମାନେ ଚାଳଘରେ ରହିବାକୁ ପସନ୍ଦ କରୁଥିଲେ କିନ୍ତୁ ବର୍ତ୍ତମାନ ସେମାନେ ଖପର ଓ ଟାଇଲ ଘରେ ରହିବାକୁ ପସନ୍ଦ କଲେଣି ।

## ଆଧୁନିକ ଗୃହର ସମସ୍ୟା :

ପୂର୍ବ କାଳରେ ସ୍ଥାନ ଅଧିକ ଥିବାରୁ ସାନ୍ତାଳୀମାନେ ବଡ଼ ଆକାରରସ୍ଥାନ ସଂରକ୍ଷଣ କରି ବଡ଼ ଧରଣର ଘର ତିଆରି କରିପାରୁଥିଲେ । କାଠର ସୁବିଧା ଥିବାରୁ ଘରଟିରେ ପ୍ରାୟ କାଠ ବହୁଳ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ସମୟରେ ଜନସଂଖ୍ୟା ବୃଦ୍ଧି ସକାଶେ ବସବାସ କରିବା ପାଇଁ ଅଧିକ ସ୍ଥାନର ଆବଶ୍ୟକ ହେଉଛି । ତେଣୁ ସେମାନେ ଛୋଟ ଛୋଟ ଘର କରୁଛନ୍ତି । ସେମାନେ ଆବଶ୍ୟକ ମୁତାବକ ଘର ତିଆରି କରିନାହାନ୍ତି । ଭାଇ ଭାଇ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ସ୍ଥାନ ବଣ୍ଟନ କରାଯାଉଛି । ବଣ୍ଟନ ସ୍ଥାନରେ ଆବଶ୍ୟକ ମୁତାବକ ଘର ତିଆରି ହୋଇପାରୁନାହିଁ । ଆବଶ୍ୟକ କୋଠରୀ ତୁଳନାରେ ଅଳ୍ପକୋଠରୀରେ ସଙ୍କୁଚିତ ଅବସ୍ଥାରେ ରହିବାକୁ ପଡୁଛି । ରଜବତୀ ଓ ଗର୍ଭବତୀ ମହିଳା ମାନଙ୍କ ପାଇଁ ଆଧୁନିକ ଯୁଗରେ ସ୍ୱତନ୍ତ୍ର ଗୃହ ନାହିଁ । ଛେଳି ଏବଂ କୁକୁଡ଼ା ପାଇଁ ସ୍ୱତନ୍ତ୍ର ଗୃହ ନାହିଁ ।

## ପାରମ୍ପରିକ ଗୃହର ଉପଯୋଗୀତା:

ସାନ୍ତାଳ ମାନଙ୍କର ପାରମ୍ପରିକ ଗୃହ ନିର୍ମାଣ ଶୈଳୀ ଅତ୍ୟନ୍ତ ଚମତ୍କୃତ । ଯେଉଁ ଥିରେ ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଗୃହର ବ୍ୟବସ୍ଥା ରହିଛି । ପଶୁପକ୍ଷୀ ଠାରୁ ଅତିଥି ଅଭ୍ୟାଗତ ମାନଙ୍କ  ପାଇଁ ଗୃହର ସ୍ୱତନ୍ତ୍ର ରହିଛି । ଘର ତିଆରି ଓ ଛପର ମଜଭୁତ ଭାବରେ ତିଆରି କରିଥାନ୍ତି । ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେମାନେ ନିୟମିତ ପୂଜାପାଠ କରିଥାନ୍ତି । ପରସ୍ପର ପରସ୍ପରକୁ ଗୃହ ନିର୍ମାଣ କ୍ଷେତ୍ରରେ ସହଯୋଗ କରିଥାନ୍ତି । ଗୃହର ମରାମତି କ୍ଷେତ୍ରରେ ମଧ୍ୟ ସମୟେ ସମୟେ ସହଯୋଗୀ ଶ୍ରମ ମାଧ୍ୟମରେ ତାହା ସମ୍ପାଦନ କରିଥାନ୍ତି । ପ୍ରତିବର୍ଷ ଘରକୁ ନୂତନ ଭାବେ ଛପର କରିଥାନ୍ତି । ପରସ୍ପର ସହଯୋଗୀ ମନନେଇ ପ୍ରତ୍ୟେକ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟଟିକୁ ସମ୍ପାଦନ କରିଲେ ତାହା ଅତି ସହଜ ତଥା ସରଳ ହୋଇଥାଏ ।

●●●

# ପଡୋଶୀ ପ୍ରଜାତିକ ଗୋଷ୍ଠୀ

## ପଡୋଶୀ ସମ୍ପର୍କୀତ ଧାରଣା :

ମନୁଷ୍ୟ ତାର ପରିପୂରଣ ଦିଗରେ ସଦାସର୍ବଦା ଅନ୍ୟ ଉପରେ ନର୍ଭର କରି ଚଳିଆସୁଛି । ଅନ୍ୟର ବିନା ସହାୟତାରେ ବଞ୍ଚିବା କଷ୍ଟକର ହୋଇପଡ଼େ । ପ୍ରତ୍ୟେକ କ୍ଷେତ୍ରରେ ଜଣେ ଅନ୍ୟ ଉପରେ ଓତଃପ୍ରୋତ ଭାବେ ନିର୍ଭର କରି ଚଳିଆସୁଛି । ଗ୍ରାମର ପ୍ରତ୍ୟେକ କାର୍ଯ୍ୟରେ ଉପସ୍ଥିତ ରହି ସହଯୋଗ କରିଥାନ୍ତି ପଡୋଶୀ ପ୍ରଜାତିକ ଗୋଷ୍ଠୀ । ଗୋଟିଏ ଗ୍ରାମର ସଙ୍କଟ ସମୟରେ ଆସି ଦଣ୍ଡାୟମାନ ହୋଇଥାନ୍ତି । କୌଣସି କାରଣରୁ ଗ୍ରାମରେ ସଂକ୍ରାମକ ରୋଗ ବ୍ୟାପିଥିଲେ ପଡୋଶୀମାନେ ଆସି ଗ୍ରାମର ଲୋକମାନଙ୍କୁ ସହୟତା ପ୍ରଦାନ କରିଥାନ୍ତି । ଗ୍ରାମର ଭଲମନ୍ଦ, ସୁଖଦୁଃଖ ପ୍ରତିଟି କ୍ଷେତ୍ରରେ ପାଖ ଗ୍ରାମର ଲୋକେ ଆସି ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦାନ କରିଥାନ୍ତି ।

## ସହ ବାସିନ୍ଦା ପ୍ରଜାତିକ ଗୋଷ୍ଠୀ :

ମୟୁରଭଞ୍ଜ ଜିଲ୍ଲାର ଉଦଳାବ୍ଲକ ଅନ୍ତର୍ଗତ ପାଟଶାଣୀପୁର ଗ୍ରାମ ପଞ୍ଚାୟତରେ ଆଦିପୁର ହେଉଛି ଏକ ସାନ୍ତାଳମାନଙ୍କର ଗ୍ରାମ । ଏହି ଗ୍ରାମରେ କେବଳ ସନ୍ତାଳମାନେ ବସତି ସ୍ଥାପନ କରିଥାନ୍ତି । ସେହି ଗ୍ରାମକୁ  ଲାଗି ଭୂମିଜ, ହୋ, ଲୋଧା, ମାହାଲୀ,ସବର ଇତ୍ୟାଦି ସମ୍ପ୍ରଦାୟର ଲୋକେ ରହିଛନ୍ତି । ଉକ୍ତ ସମ୍ପ୍ରଦାୟର ଲୋକେ ସାନ୍ତାଳ ସମ୍ପ୍ରଦାୟର ଲୋକମାନଙ୍କର ଖେଳକୁଦଠାରୁ ଆରମ୍ଭ କରି ଡ୍ରାମା ପର୍ଯ୍ୟନ୍ତ ପ୍ରତ୍ୟେକଟିରେ  ଅଂଶ ଗ୍ରହଣ କରିଥାଆନ୍ତି ଏବଂ ସାନ୍ତାଳୀମାନେ ମଧ ସେମାନଙ୍କର ପ୍ରତ୍ୟେକ  କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିକାର୍ଯ୍ୟ ସମ୍ପାଦନ କରିଥାନ୍ତି ।

ମୟୁରଭଞ୍ଜ ଜିଲ୍ଲାର ଉଦଳା, ଖୁଣ୍ଟା (୧), ଖୁଣ୍ଟା(୨), ବଡ଼ସାହି, ସୀମାଖୁଣ୍ଟା, କପ୍ତୀପଦା(୧), କପ୍ତୀପଦା(୨) ଇତ୍ୟାଦି ବ୍ଲକ ଅନ୍ତର୍ଗତ ସାନ୍ତାଳମାନଙ୍କର ବସତି ସ୍ଥାପନ ଅଞ୍ଚଳରେ ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କର ବସତି ରହିଛି । ସେହି ପ୍ରଜାତିକ ଗୋଷ୍ଠୀ ମାନଙ୍କ ମଧ୍ୟରେ ମାଥୁଡ଼ି, ଲୋଧା. ଭୂୟାଁ, ଭୂମିଜ, ହୋ, ମୁଣ୍ଡା, ଖଡ଼ିଆ, ଓରାମ୍, ମାଙ୍କଡ଼ିଆ, ମାହାଲୀ ଇତ୍ୟାଦି ଆଦିବାସୀ ଗୋଷ୍ଠୀ ସମେତ ଗୁଣ୍ଡି, କୁମ୍ଭାର, ମାହାନ୍ତ, ଚାଷୀ, ଡ଼ମ୍ଭ. ଗଉଡ଼. ପାଣ, ଖଣ୍ଡାୟତ, ବାରିକ, ତନ୍ତୀ, ହଂସୀ, ପାଟରା, ଗୁଡ଼ିଆ, କ୍ଷତ୍ରିୟ, ଚମାର, ମୋଚି ଇତ୍ୟାଦି ଅଣ-ଆଦିବାସୀଗୋଷ୍ଠୀ ମଧ ରହିଛନ୍ତି ।

## ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସମ୍ପର୍କ :

**ଅର୍ଥନୈତିକ :** ସାନ୍ତାଳ ସମ୍ପ୍ରଦାୟର କୌଣସି ପରିବାର ଅର୍ଥର ଅଭାବ ଦେଖାଦେଲେ ଗ୍ରାମ ନିକଟସ୍ଥ ପଡ଼ୋଶୀ ପ୍ରଭାତି ଗୋଷ୍ଠୀ ଭୂମିଜ ସମ୍ପ୍ରଦାୟ ଲୋକଙ୍କଠାରୁ ଋଣ ଆକାରରେଅର୍ଥ ଆଣିଥାନ୍ତି । ସେମାନଙ୍କର ସୁବିଧା ଦୃଷ୍ଟିରୁ ସେ ଅର୍ଥକୁ ସମୂଳସୁଧ ଆକାରରେ ପରିଶୋଧ କରିଥାନ୍ତି । କୌଣସି ବିବାହ କିମ୍ବା ଶୁଦ୍ଧିକ୍ରିୟା ସକାଶେ ସମ୍ପୃକ୍ତ ପରିବାରପାଇଁ ଲୁଗାବୁଣି ଦେଇ ଥାଏ ଏବଂ କର୍ମକର୍ତ୍ତାଙ୍କ ଠାରୁ କିଛିଦିନପରେ ତା ବଦଳରେ ପାଉଣା ସଂଗ୍ରହ କରିଥାନ୍ତି । ସେହି ସମୟରେ ତନ୍ତି ଆର୍ଥିକ ଦୃଷ୍ଟି କୋଣରୁ ସମ୍ପୃକ୍ତ ସାନ୍ତାଳ ପରିବାରକୁ ସହାୟତା ଯୋଗାଇ ଦେଇଥାଏ । ଗ୍ରାମ ଲୋକଙ୍କ ପାଇଁ କମାର କୃଷି ଉପକରଣ ଏବଂ ଶିକାର ଉପକରଣ ବିନା ପାଉଣାରେ ପ୍ରଥମେ ଯୋଗାଇ ଦେଇଥାଏ । ଏବଂ ପରେ ବର୍ଷ ଶେଷରେ ଲୋକମାନଙ୍କଠାରୁ ପାଉଣା ସଂଗ୍ରହ କରିଥାଏ । ଏହିଭଳି ଭାବରେ ସେ ଗ୍ରାମଲୋକ ଏକବର୍ଗ ପାଇଁ ଆର୍ଥିକ ସହଯୋଗ କରିଥାନ୍ତି । ସେହିଭଳି ଭୂମିଜମାନେ ସାନ୍ତାଳ ମାନଙ୍କୁ କରଜ ହିସାବରେ ଧାନ ଦେଇଥାନ୍ତି ଏବଂ ପରେ ସେମାନଙ୍କଠାରୁ ସୁଧସହ ଆଦାୟ କରିଥାନ୍ତି । କରଜଆଣି ସାନ୍ତାଳମାନେ ଅଭାବ ମେଣ୍ଟାଇଥାନ୍ତି ।

**ସାମାଜିକ :** କୌଣସି ସାନ୍ତାଳ ପରିବାରରେ ବିବାହ ଉତ୍ସବରେ ଯୋଗଦାନ କରିବା ପାଇଁ ପଡ଼ୋଶୀ ଗ୍ରାମର ବିଭିନ୍ନ ପ୍ରଜାତି ଗୋଷ୍ଠୀର ଲୋକମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ନିମନ୍ତ୍ରଣ ରକ୍ଷାକରି ସେମାନେ ଉକ୍ତ ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରି ବିବାହ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ସେମାନେ ପୂଜାରେ ଉପସ୍ଥିତ ରହିଥାନ୍ତି । ପୂଜାଶେଷରେ ମାଂସ ଖେଚୁଡ଼ିକୁ ଭୋଗ ଆକାରରେ ଗ୍ରହଣ କରିଥାନ୍ତି । କୌଣସି ବ୍ୟକ୍ତିର ମୃତ୍ୟୁପରେ ଶୁଦ୍ଧିକ୍ରିୟାରେ ମଧ୍ୟ ପଡ଼ୋଶୀ ପ୍ରଜାତିଗୋଷ୍ଠୀର ଲୋକଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥାଏ । ଖେଳ ମଧ୍ୟରେ ଫୁଟବଲ୍, ଦାଣ୍ଡିଆ, କବାଡ୍ଡି, କାତିଖେଳ, ବାଟିଖେଳ ଇତ୍ୟାଦି ଖେଳରେ ମଧ୍ୟ ପଡ଼ୋଶୀ ପ୍ରଜାତି ଗୋଷ୍ଠୀର ଯୁବକମାନେ ମଧ୍ୟ ଉପସ୍ଥିତ ରହି ପ୍ରତ୍ୟେକ ଖେଳରେ ଭାଗ ନେଇଥାନ୍ତି । ଗ୍ରାମରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନାଟକ, ପ୍ରତିଯୋଗୀତାରେ ମଧ୍ୟ ସେମାନେ ସକ୍ରିୟ ଅଂଶ ଗ୍ରହଣ କରି ନାଟକ ପରିବେଷଣ କରିଥାନ୍ତି । ଶୀକାର କ୍ଷେତ୍ରରେ ମଧ୍ୟ ସେମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ । ମିଳିମିଶି ଶୀକାରରେ ସହଯୋଗ କରିଥାନ୍ତି । ପଡ଼ୋଶୀ ଗୋଷ୍ଠୀ ମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ସାନ୍ତାଳୀମାନେ ମଧ୍ୟ ଉପସ୍ଥିତ ରହି ସେମାନଙ୍କୁ ସହଯୋଗ କରିଥାନ୍ତି । ସମ୍ପୃକ୍ତ ଗ୍ରାମର ଯାତ୍ରା ସାଂସ୍କୃତି କାର୍ଯ୍ୟକ୍ରମ ତଥା ପରିବାରରେ ବିବାହ ଉତ୍ସବ ଇତ୍ୟାଦି କ୍ଷେତ୍ରରେ ମଧ୍ୟ ସାନ୍ତାଳ ସମ୍ପ୍ରଦାୟର ଲୋକେ ଉପସ୍ଥିତ ରହି ସେମାନଙ୍କୁ ସହଯୋଗ କରିଥାନ୍ତି । ପଡ଼ୋଶୀ

ପ୍ରଜାତିକଗୋଷ୍ଠୀଙ୍କ ଗହଣରେ ଯଦି ଅନ୍ୟ କୌଣସି ଆଦିବାସୀ ପରିବାର ରହିଥାନ୍ତି । ସେ ପରିବାରର ଲୋକେ ମଧ୍ୟ ସେମାନଙ୍କ ସହିତ ମିଳିମିଶି ସାନ୍ତାଳ ସମ୍ପ୍ରଦାୟରେ ପାଳିତ ହେଉଥିବା ବିଭିନ୍ନ ଉତ୍ସବରେ ସକ୍ରିୟ ଉପସ୍ଥିତ ହୋଇ କାର୍ଯ୍ୟ ସହଯୋଗ କରିଥାନ୍ତି ।

**ରାଜନୈତିକ :** କୌଣସି କାରଣରୁ ବିବାଦ/ ଗଣ୍ଡଗୋଳ ଉପୁଜିଲେ ତାହାର ସମାଧାନ ପାଇଁ ପ୍ରଥମେ ଗ୍ରାମସଭାରେ ବିଚାର ପାଇଁ ଗ୍ରାମ ସଭାର ପଞ୍ଚମୁଖ୍ୟଙ୍କ ସମେତ ପଡ଼ୋଶୀ ଗ୍ରାମର ପ୍ରଜାତି ଗୋଷ୍ଠୀମାନଙ୍କ ମଧ୍ୟରୁ ବିଚାରକମଣ୍ଡଳୀଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥାଏ । ସେମାନେ ମଧ୍ୟ ଉକ୍ତ ଗ୍ରାମସଭାରେ ଉପସ୍ଥିତ ରହି ବିଚାର କ୍ଷେତ୍ରରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି ଏବଂ ସମାଧାନର ମାର୍ଗ ମଧ୍ୟ ଦର୍ଶାଇଥାନ୍ତି ।ସାନ୍ତାଳ ଗ୍ରାମର ଗ୍ରାମସଭାରେ ପଞ୍ଚମୁଖ୍ୟ ମଧ୍ୟ ସହଯୋଗ କରିବା ପାଇଁ ପଡ଼ୋଶୀ ପ୍ରଜାତିଗୋଷ୍ଠୀ ମଧ୍ୟ ନିମନ୍ତ୍ରଣ କରିଥାନ୍ତି । ପ୍ରତ୍ୟେକ ବିବାଦର ବିଚାରରେ ମଧ୍ୟ ସହଯୋଗ କରିଥାନ୍ତି ଯେଉଁ ବିଚାର ଗ୍ରାମସଭା ଦ୍ୱାରା ନିଷ୍ପତ୍ତି ନିଆଯାଇ ନପାରେ । ତାହା ପାଞ୍ଚଟି ଗ୍ରାମର ମୁଖ୍ୟ ତଥା ବିଚାରକ ମଣ୍ଡଳୀଙ୍କୁ ଆମନ୍ତ୍ରଣ କରାଯାଇ ମାମଲାର ସମାଧାନ ନିମନ୍ତେ ଏକ ସଭାର ଆୟୋଜନ କରାଯାଇଥାଏ । ଏହି ସଭାକୁ ପଞ୍ଚେତ୍ ବୋଲି କୁହାଯାଏ । ପଞ୍ଚାୟତର ସରପଞ୍ଚ, ଓ୍ୱାର୍ଡ଼ମେମ୍ବର ଏବଂ ପ୍ରତି ଗ୍ରାମର ସଭାପତି ଏବଂ ଅନ୍ୟାନ୍ୟ ସଦସ୍ୟ ଏହି ସଭାରେ ଅଂଶଗ୍ରହର କରି ମୋକଦ୍ଦମାର ବିଚାର କରିଥାନ୍ତି ।

**ଧର୍ମୀୟ :** ବର୍ଷାପାଇଁ ଗ୍ରାମର ଜଙ୍ଗଲ ଦେବାଦେବୀଙ୍କ ପୂଜା ସମୟରେ ପଡ଼ୋଶୀ ପ୍ରଜାତି ଗୋଷ୍ଠୀମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ପ୍ରତ୍ୟେକ ପ୍ରଜାତିଗୋଷ୍ଠୀ ଏହି ପୂଜାରେ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ଏହି ପୂଜାରେ ମାଂସ ଭାତର ବ୍ୟବସ୍ଥା କରାଯାଇଥାଏ । ନିମନ୍ତ୍ରିତ ଅତିଥିମାନେ ମଧ୍ୟ ଭୋଜିଭାତ ଭୋଜନ କରିଥାନ୍ତି । ସେହି ପଡ଼ୋଶୀ ପ୍ରଜାତି ଗୋଷ୍ଠୀ ମଧ୍ୟ ସାନ୍ତାଳୀମାନଙ୍କୁ ନିମନ୍ତ୍ରଣ କରିଥାନ୍ତି । ସାନ୍ତାଳୀମାନେ ସେମାନଙ୍କ ପୂଜାରେ ମଧ୍ୟ ଭୋଜିଭାତ ଭୋଜନ କରିଥାନ୍ତି । ସେହି ପଡ଼ୋଶୀ ପ୍ରଜାତି ଗୋଷ୍ଠୀ ମଧ୍ୟ ସାନ୍ତାଳୀମାନଙ୍କୁ ନିମନ୍ତ୍ରଣ କରିଥାନ୍ତି । ସାନ୍ତାଳୀମାନେ ସେମାନଙ୍କ ପୂଜାରେ ମଧ୍ୟ ଯୋଗଦେଇଥାନ୍ତି । ଏହିଭଳି ଭାବରେ ପରସ୍ପର ଧାର୍ମିକ ସମ୍ପର୍କ ଅକ୍ଷୁର୍ଣ୍ଣ ରହିଥାଏ ।

**ଅନ୍ୟାନ୍ୟ :** ଚାଷ କାମରେ ମଧ୍ୟ ପଡ଼ୋଶୀ ପ୍ରଜାତିଗୋଷ୍ଠୀ ମଧ୍ୟ ସାନ୍ତାଳ ସମ୍ପ୍ରଦାୟର ଲୋକମାନଙ୍କୁ ସହଯୋଗ କରିଥାନ୍ତି । ସାନ୍ତାଳମାନେ ମଧ୍ୟ ସେମାନଙ୍କ କୃଷିକାର୍ଯ୍ୟରେ ସହଯୋଗ କରିଥାନ୍ତି । ଘର ତିଆରି, ଗ୍ରାମରେ କୂଅ ଓ ପୋଖରୀ ଖୋଳିବାରେ, ହାଟ ପାଇଁ ମଧ୍ୟ

ସେମାନେ ସହଯୋଗ କରିଥାନ୍ତି । ଏହିଭଳି ଭାବରେ ପରସ୍ପର ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କାମନା କରିଥାନ୍ତି ।

## ଖାଦ୍ୟ ଗ୍ରହଣ ଓ ପ୍ରତ୍ୟାଖ୍ୟାନ :

ସାନ୍ତାଳ ସମ୍ପ୍ରଦାୟର ଲୋକେ ପ୍ରତ୍ୟେକ ପ୍ରକାର ଖାଦ୍ୟ ଗ୍ରହଣ କରିଥାନ୍ତି । ଖାଦ୍ୟ ମଧ୍ୟରେ ଭାତ, ତରକାରୀ ଇତ୍ୟାଦି ଖାଇଥାନ୍ତି । ବିବାହ ଉତ୍ସବରେ, ଶୁଦ୍ଧକ୍ରିୟାରେ, ଶିଶୁର ନାମକରଣ ଉତ୍ସବରେ ଇତ୍ୟାଦି କ୍ଷେତ୍ରରେ ମୁଖ୍ୟତଃ ଭାତ ମାଂସ ସମେତ ଚା, ମଦକୁ ପାନୀୟ ହିସାବରେମଧ୍ୟ ପ୍ରଦାନ କରିଥାନ୍ତି । ସାନ୍ତାଳୀମାନେ ସେହିସବୁ ଖାଦ୍ୟ ଗ୍ରହଣ କରିଥାନ୍ତି । ଅନ୍ୟାନ୍ୟ ପ୍ରଜାତିଗୋଷ୍ଠୀ ମାନଙ୍କର ବିଭିନ୍ନ ଉତ୍ସବରେ ପ୍ରସ୍ତୁତ ହେଉଥିବା ଖାଦ୍ୟକୁ ସାନ୍ତାଳ ମହିଳାମାନେ ଗ୍ରହଣ କରିନ୍ତି ନାହିଁ । ପ୍ରତ୍ୟେକ ସାନ୍ତାଳ ସ୍ତ୍ରୀ ଗୃହର ଦେବାଦେବୀଙ୍କ ପୂଜାଅର୍ଚ୍ଚନାରେ ପୁରୁଷଙ୍କୁ ସହଯୋଗ କରିଥାନ୍ତି । ଅନ୍ୟ ପ୍ରଜାତିଗୋଷ୍ଠୀ ଠାରୁ କୌଣସି ଖାଦ୍ୟ ଗ୍ରହଣ କରନ୍ତି ନାହିଁ ।

## ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀର ଭୂମିକା :

ଆଦିପୁର ଗ୍ରାମ ନିକଟରେ ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ ବସବାସ କରିଥାନ୍ତି । ସେହି ପ୍ରଜାତିକ ଗୋଷ୍ଠୀମାନଙ୍କ ମଧ୍ୟରେ ବାଥୁଡ଼ି, ଲୋଧା, ଭୂୟାଁ, ଭୂମିଜ, ହୋ, ମୁଣ୍ଡା, ଖଡ଼ିଆ, ଓରାମ୍, ମାଙ୍କଡ଼ିଆ, ମାହାଲୀ ଇତ୍ୟାଦି ଆଦିବାସୀ ସମେତ ଶୁଣ୍ଡି, କୁମ୍ଭାର, କମାର, ମାହାନ୍ତ, ଚାଷୀ, ଡ଼ଧଡ଼ମ୍ବ, ଗଉଡ଼, ହରିଜନ, (ପ୍ରାଣ), ଖଣ୍ଡାୟତ, ବାରିକ, ତନ୍ତି, ହଂସୀ, ପାଟରା, ଗୁଡ଼ିଆ, କ୍ଷତ୍ରୀୟ, ଚମାର, ମୋଚି ଇତ୍ୟାଦି ଅଣଆଦିବାସୀ ଗୋଷ୍ଠୀ ମଧ୍ୟ ବସବାସ କରନ୍ତି । ସାନ୍ତାଳ ଗୋଷ୍ଠୀ ଉପରୋକ୍ତ ପ୍ରଜାତିକ ଗୋଷ୍ଠୀମାନଙ୍କ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କମାର ପ୍ରତ୍ୟେକ ସାନ୍ତାଳମାନଙ୍କୁ କୃଷି ଉପକରଣ ଏବଂ ଶିକାର ଉପକରଣ ଯୋଗାଇଥାଏ । ଏଥିପାଇଁ କମାର ନିକଟରେ ସାନ୍ତାଳୀମାନେ ଋଣି । ତେଣୁ କୌଣସି ପରିସ୍ଥିତିରେ ସାନ୍ତାଳମାନେ କମାରକୁ ଛାଡ଼ିପାରିବେ ନାହିଁ । ଲଙ୍ଗଳ ପାଇଁ ଫାଳ, କୋଦାଳ, କୋବି,ଶାବଳ ଇତ୍ୟାଦି କୃଷି ଉପକରଣ ତିଆରି କରି ଯୋଗାଇଥାଏ। ଅନ୍ୟାନ୍ୟ ଦରକାରୀ ଉପକରଣ ମଧ୍ୟରେ ଦାଆ, ଟାଙ୍ଗିଆ, କଟୁରୀ, ଗଇନ୍ତି ଏବଂ ଶୀକାର ଉପକରଣ ମଧ୍ୟରେ ବର୍ଚ୍ଛା, ତେଣ୍ଟା, ତୀର, ଫାରସା ଇତ୍ୟାଦି ଉପକରଣ କମାର ତିଆରି କରି ଯୋଗାଏ । ସେହିଭଳି କୁମ୍ଭାର ମାଟିହାଣ୍ଡି, କଳସୀ, ଛୋଟ ହାଣ୍ଡି, ପଲମ୍, ହାତି, ଘୋଡ଼ା, ସରା, ଦ୍ୱୀପ, ମାଦଳ (ତୁମଦାଃ) ଇତ୍ୟାଦି ତିଆରି କରିଥାଏ । ଏହିସବୁ ଜିନିଷ କୁମ୍ଭାର ଠାରୁ ସାନ୍ତାଳମାନେ କ୍ରୟ

କରିଥାନ୍ତି । ତେଣୁ କୁମ୍ଭାରକୁ ସେମାନେ କେବେ ଛାଡିପାରିବେ ନାହିଁ । ତନ୍ତୀ ଲୋକମାନଙ୍କ ପାଇଁ ଦୈନନ୍ଦିନ ବ୍ୟବହୃତ ଗାମୁଛା, ଶାଢୀ, ଚାଦର ଇତ୍ୟାଦି ବୁଣିଥାଏ । ସାନ୍ତାଳମାନେ ବିଭିନ୍ନ ସମୟରେ ତନ୍ତୀଠାରୁ କିଣିଥାନ୍ତି । ଆବଶ୍ୟକ ସମୟରେ ମଧ୍ୟ ତନ୍ତୀ ସେମାନଙ୍କୁ ଯୋଗାଇଥାଏ ଏବଂ ପାଉଣା ସଂଗ୍ରହ କରିଥାଏ । କୌଣସି ପରିସ୍ଥିତିରେ ସାନ୍ତାଳୀମାନେ ତନ୍ତୀକୁ ପରିତ୍ୟାଗ କରିପାରିବେ ନାହିଁ ବା ତନ୍ତୀ ସେମାନଙ୍କୁ କେବେ ଛାଡିପାରିବେ ନାହିଁ ଡ଼ମ୍ବଠାରୁ ବାଉଁଶ ତିଆରି ବିଞ୍ଚଣା (ଇୟୁରାଃ) ଛୋଟ ଟୋପି (ଟୁକି). ଡାଲା (ଡାଲା), କୁଲା (ହାଟା), କୁଣ୍ଡାଚଲା (ଲୁବୁଃ), ଗୌଣୀ (ଗୁହୁଣୀ), ଝୁଡି (ଝୁଲି) ମାଣ (କାଠା), ପେଡି (ପିଳି) ଜିନିଷ ସାନ୍ତାଳମାନେ ସଂଗ୍ରହ କରିଥାନ୍ତି । ତେଣୁ ଡ଼ମ୍ବକୁ ସାନ୍ତାଳମାନେ ଛାଡ଼ିପାରିବେ ନାହିଁ । ମାହାଲୀଠାରୁ ପୂଜାପାଇଁ କୁଲା (ହାଟ), ହାଣ୍ଡିଆଭାତ ଶୁଖାଇବା ପାଇଁ ବାଉଁଶ ତିଆରି ପଟ (ଜାଟି), ପାଛିଆ (ଠେକା), ଟୋପି (ଟୁପ୍‌ଲା), ଛତା (ଚାତମ୍), ହାଣ୍ଡିଆ ଚଲାଇବା ଚଲା (ଚାଲା), ଡ଼ୋଲି (ଡୁଲି) ଇତ୍ୟାଦି ସଂଗ୍ରହ କରିଥାନ୍ତି । ତେଣୁ ସେମାନେ ମାହାଲୀ ଗୋଷ୍ଠୀକୁ ଛାଡିପାରିବେ ନାହିଁ ।

## ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀର ବର୍ତ୍ତମାନ ଅବସ୍ଥା :

ଅନ୍ୟାନ୍ୟ ପ୍ରଜାତିଗୋଷ୍ଠୀ ପ୍ରତ୍ୟେକଙ୍କ ସହିତ ପ୍ରତ୍ୟେକ କ୍ଷେତ୍ରରେ ଉତ୍ତମ ସମ୍ପର୍କ ସ୍ଥାପନ କରି ଚଳିଆସୁଛନ୍ତି ଅନ୍ୟମାନଙ୍କ କାମରେ ମଧ୍ୟ ନିଜେ ଯୋଗାଣ ଦେଉଛନ୍ତି । ଦୈନନ୍ଦିନ ସେମାନେ କେତେକାମରେ ନିଜ ନିଜକୁ ନିୟୋଜିତ କରୁଛନ୍ତି । କମାର ବିଭିନ୍ନ ପ୍ରକାର ଉପକରଣମାନ ତିଆରି କରି ତାର ପରିବାର ପ୍ରତିପୋଷଣ କରିଥାଏ । ବେଶ୍ ଆରାମରେ ଚଳିଥାଏ । ସେହିଭଳି କୁମ୍ଭାର ମାଟିରେ ବିଭିନ୍ନ ଉପକରଣ ତିଆରି କରି ବିକ୍ରି କରିଥାଏ । ସେଥିରୁ ଯାହାର ରୋଜଗାର କରେ ସେ ଭଲଭାବରେ ଚଳିଥାଏ । ସେହିଭଳି ତନ୍ତି, ଶୁଣ୍ଢି ଇତ୍ୟାଦି ପ୍ରଜାତିଗୋଷ୍ଠୀ ସେମାନଙ୍କର ବୃତ୍ତିଗତ କାର୍ଯ୍ୟରେ ନିୟୋଜିତ ରହି ନିଜ ନିଜର ଜୀବିକା ନିର୍ବାହ କରିଥାନ୍ତି । କେତେକ ଗୋଷ୍ଠୀ ଭଲରେ ଚଳୁଥିବା ବେଳେ ଅନ୍ୟକେତେକ ଅଳ୍ପଭଲରେ ଚଳୁଛନ୍ତି । ପୂର୍ବାପେକ୍ଷା ବର୍ତ୍ତମାନ ସେମାନଙ୍କର ଚଳଣୀରେ କିଛିମାତ୍ରାରେ ପରିବର୍ତ୍ତନ ପରିଲିକ୍ଷିତ ହୋଇଥାଏ । ସେତେବେଳେ ଚାଳଘରେ ରହୁଥିଲେ ବର୍ତ୍ତମାନ ଖପର ଛାଉଣୀ ବା ଟାଇଲ ଘରେ ରହିଲେ । ସେମାନଙ୍କର କୁଟୀର ଶିଳ୍ପ ମାଧ୍ୟମରେ ସେମାନେ ଉନ୍ନତ ଧରଣର ବ୍ୟବସାୟ ମଧ୍ୟ କଲେଣି । କୁଟୀର ଶିଳ୍ପର ସମୃଦ୍ଧି ଦିଗରେ ସେମାନେ ମଧ୍ୟ କାର୍ଯ୍ୟ କରୁଛନ୍ତି । ସାନ୍ତାଳମାନଙ୍କ ଚାଷୋପଯୋଗୀ ଜମିରୁ ମାଟିନେଇ କୁମ୍ଭାର ତାର ମାଟିରେ ବିଭିନ୍ନ ପ୍ରକାର ଉପକରଣ ତିଆରି କରିଥାଏ । ଫଳରେ ଜମିର

ଉର୍ବରତା ନଷ୍ଟ ହୋଇଥାଏ । ମାହାଲୀ ସାନ୍ତାଳୀମାନେ ଲଗାଇଥିବା ବାଉଁଶକୁ ଚୋରୀକରି ନେଇଥାଏ । ଫଳରେ ଘର ଛପର କରିବାରେ ସାନ୍ତାଳମାନେ ଅସୁବିଧାରେ ପଡ଼ିଥାନ୍ତି । ଏହିଭଳିଭାବରେ କେତେକ ପ୍ରଜାତିଗୋଷ୍ଠୀ ସାନ୍ତାଳମାନଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ କ୍ଷତି ଘଟାଇଥାନ୍ତି ।

## ଗୋଷ୍ଠୀ ବିବାଦ :

ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ସମୟେ ସମୟେ ଉତ୍ତେଜନା ସୃଷ୍ଟି ହୋଇଥାଏ । ବିଭିନ୍ନ ପ୍ରଜାତି ଗୋଷ୍ଠୀ ମଧ୍ୟରୁ ଡମ୍ବ ଯଦି ସାନ୍ତାଳ ମାନଙ୍କର ବାଉଁଶ ବୁଦାରୁ ଚୋରିକରି ନେଇଥିବା ବାଉଁଶ ବିଷୟ କୌଣସି କାରଣରୁ ଜଣାପଡ଼ିଥାଏ, ତେବେ ଉଭୟ ସାନ୍ତାଳ ଏବଂ ଡମ୍ବ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥାଏ । ବେଳେ ବେଳେ କୁମ୍ଭାର ଗୋଷ୍ଠୀ ଏବଂ ସାନ୍ତାଳ ଗୋଷ୍ଠୀମାନଙ୍କ ମଧ୍ୟରେ ମଧ୍ୟ ବିବାଦ ସୃଷ୍ଟି ହୋଇଥାଏ । କୁମ୍ଭାର ଯଦି ସାନ୍ତାଳମାନଙ୍କ ଜମିରୁ ମାଟି ନେଇ ତାର ବିଭିନ୍ନ ପ୍ରକାର ଉପକରଣ ତିଆରି କରିଥାଏ । ଫଳରେ ସେହି ବର୍ଷ ଉକ୍ତ ଜମିରେ ଭଲ ଫସଲ ହୋଇଥାଏ । ଏହି କାରଣରୁ ମଧ୍ୟ ଉଭୟ ଗୋଷ୍ଠୀ ମଧ୍ୟରେ ସଂଗ୍ରାମ ହୋଇଥାଏ ।

## ସୁସମ୍ପର୍କ ସ୍ଥାପନର ବାତାବରଣ :

ପଡ଼ୋଶୀ ପ୍ରଜାତି ଗୋଷ୍ଠୀମାନଙ୍କ ସହିତ ବିଭିନ୍ନ ଦିଗରେ ସୁସମ୍ପର୍କ ସୃଷ୍ଟି କରିବା ଉଚିତ୍ । ଗ୍ରାମର ସାମୁହିକ ଭାବରେ ପାଳିତ ହେଉଥିବା ପର୍ବପର୍ବାଣୀ ମାନଙ୍କରେ ପଡେଶୀପ୍ରଜାତି ଗୋଷ୍ଠୀମାନଙ୍କୁ ଆମନ୍ତ୍ରଣ କରି ଭୋଜିଭାତର ଆୟୋଜନ କରିପାରିଲେ ଉଭୟଙ୍କ ମଧ୍ୟରେ ଭାତୃତ୍ୱ ଭାବ ସୃଷ୍ଟି ହେବ । ତତ୍ ସଙ୍ଗେ ସଙ୍ଗେ ଉଭୟ ଗୋଷ୍ଠୀମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇପାରିବା ସେହିଭଳି ଭାବରେ ପ୍ରଜାତି ଗୋଷ୍ଠୀମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯଦି ସାନ୍ତାଳମାନେ ଯାଇ ସକ୍ରିୟ ଅଂଶ ଗ୍ରହଣ କରନ୍ତି ସେମାନେ ଖୁସି ହୋଇଥାନ୍ତି । ପରସ୍ପର ସ୍ନେହ ମମତାର ବାନ୍ଧିହୋଇ ଯାଇଥାନ୍ତି ପର୍ବପାଳନ କ୍ଷେତ୍ରରେ । ଅର୍ଥାଭାବ, ମରୁଡି ଇତ୍ୟାଦି ସମୟରେ ଯଦି ଉପସ୍ଥିତ ରହି ସେମାନଙ୍କୁ ଆର୍ଥିକ ସାହାଯ୍ୟ, ସହଯୋଗୀ ଶ୍ରମଦାନ, ଖାଦ୍ୟ ଯୋଗାଣ କରିବା ଦ୍ୱାରା ଉଭୟ ଗୋଷ୍ଠୀମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ହୋଇ ପାରିବ । ଗ୍ରାମରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମିଳିତ ଭାବରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମଟିକୁ ସଫଳ ରୂପ ଦେଇ ପାରିଲେ ଉଭୟ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ଦୃଢୀଭୂତ ହୋଇପାରିବ । ବିଭିନ୍ନ ପ୍ରକାର ଖେଳକୁଦରେ ଉଭୟ ଗୋଷ୍ଠୀର

ପିଲା ତଥା ଯୁବକ ମିଳିତ ଭାବେ ଭାଗନେଇ ଖେଳିଲେ ମଧ୍ୟ ସେମାନଙ୍କ ମଧ୍ୟରେ ସମ୍ପର୍କ ଦୃଢୀଭୂତ ହୋଇପାରିବ । ଗ୍ରାମରେ ଉପୁଜିଥିବା ବିବାଦର ବିଚାର କ୍ଷେତ୍ରରେ ସହଯୋଗ ପାଇଁ ପଡୋଶୀ ପ୍ରଜାତିଗୋଷ୍ଠୀର ଲୋକଙ୍କୁ ନିମନ୍ତ୍ରଣ କରାଯାଇଥାଏ । ପଡୋଶୀମାନେ ଶିକାରରେ ସକ୍ରିୟ ଅଂଶଗ୍ରହଣ କରି ଶିକାର କାର୍ଯ୍ୟ ତୁଲାଇଥାନ୍ତି । ଫଳରେ ଉଭୟ ଗୋଷ୍ଠୀ ମଧ୍ୟ ସମ୍ପର୍କ ଦୃଢୀଭୂତ ହୋଇଥାଏ । ପ୍ରତ୍ୟେକ କାର୍ଯ୍ୟରେ ପଡ଼ୋଶୀ ପ୍ରଜାତି ଗୋଷ୍ଠୀମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରିଲେ ପରସ୍ପର ମଧ୍ୟରେ ସଖ୍ୟଭାବ ଦୃଢୀଭୂତ ହୋଇଥାଏ ।

●●●

# ପାରମ୍ପରିକ କଳା ଓ ଶିଳ୍ପ

କଳା ହେଉଛି ଚିତ୍ତ ବିନୋଦନର ଏକ ପ୍ରକୃଷ୍ଟ ମାଧ୍ୟମ ଏବଂ ଆନନ୍ଦ ପ୍ରଦାନ କରିବା ହେଉଛି ଏହାର ଉଦ୍ଦେଶ୍ୟ । କଳା ହେଉଛି ଏକ ଈଶ୍ୱରୀୟ ଶକ୍ତି । କଳାକୁ ନେଇ ଏହି ସଭ୍ୟତା ଏବଂ ସଂସ୍କୃତି ବଞ୍ଚିରହିଛି । କଳାକୁ ନେଇ ମଣିଷ ତାର ଜୀବନକୁ ସାର୍ଥକ କରି ଗଢି ତୋଳିଥାଏ । ଜୀବନର ପ୍ରତ୍ୟେକ ସ୍ତରରେ କଳାର ସମୃଦ୍ଧି ଘଟିଥାଏ । ହୃଦୟରେ ଗଭୀର ପ୍ରଦେଶରୁ ମନର ପ୍ରଚ୍ଛନ୍ନ ଭାବକୁ କଳା ମାଧ୍ୟମରେ ଆଦିବାସୀମାନେ ପ୍ରକାଶ କରିଥାନ୍ତି । ଜୀବନ ଯାତ୍ରାର ଅଙ୍ଗସ୍ୱରୂପ କଳା ପାରିବାରିକ ତଥା ସାମାଜିକ ଚଳଣୀ ସହିତ ଓତଃପ୍ରୋତ ଭାବେ ଜଡିତ ।

## କଳା ଓ ଶିଳ୍ପ ସମ୍ବନ୍ଧରେ ଧାରଣା ଏବଂ ଆଦିବାସୀ ସମାଜରେ ଶିଳ୍ପ କଳାର ଉତ୍ପତ୍ତି :

ସାଧାରଣତଃ ଆଦିମ ଅଧିବାସୀମାନେ କଳାପ୍ରେମୀ । ପ୍ରତିଟି ଜିନିଷରେ କଳାର ଉତ୍କର୍ଷ ପ୍ରଦର୍ଶନ କରାଇଥାନ୍ତି । କୌଣସି ପଶୁପକ୍ଷୀଙ୍କୁ ଦେଖିଲା ମାତ୍ରେ ନିଜ ଚିତ୍ରକଳାରେ ସେ ଦୃଶ୍ୟକୁ ସ୍ଥାନ ଦେଇଥାନ୍ତି । ବଣ ଜଙ୍ଗଲର ଦୃଶ୍ୟକୁ ଚିତ୍ରକଳାରେ ମଧ୍ୟ ସେମାନେ ସ୍ଥାନ ଦେଇଥାନ୍ତି । କଳା ସାଧାରଣତଃ ବିଭିନ୍ନ ପ୍ରକାରର । ସେ ଗୁଡ଼ିକ ମଧ୍ୟରେ ଚିତ୍ରକଳା, ବାଦ୍ୟ, ଗୀତ, ଶିକାର, ନୃତ୍ୟ ଇତ୍ୟାଦି । ଏଗୁଡ଼ିକ ମଧ୍ୟରୁ ଚିତ୍ରକଳା ଅନ୍ୟତମ । ସେ ସମୟରେ ମଧ୍ୟ ଆଦିବାସୀମାନେ ବିଭିନ୍ନ ପ୍ରକାରର ଉପକରଣ ମଧ୍ୟ ନିଜେ ତିଆରି କରିଥାନ୍ତି ।

ପୂର୍ବ କାଳରେ ଚିତ୍ରମାଧ୍ୟମରେ ଲୋକମାନେ ସେମାନଙ୍କର ମନର ଭାବ ପ୍ରକାଶ କରୁଥିଲେ । ମାଃମାଣେ, ବିନ୍‌ତୀ, ବାହାଃମୀତ, ଦାସାଏଁ ଗୀତ ଇତ୍ୟାଦିରୁ ଜଣାଯାଏ ଯେ ଆଦିବାସୀମାନେ ବିଶେଷତଃ ସଙ୍ଗୀତପ୍ରେମୀ । ସାନ୍ତାଳମାନଙ୍କର ଘରର ବନ୍ଧ, କବାଟରେ ବିଭିନ୍ନ ପ୍ରକାର ଚିତ୍ରରୁ ଜଣାଯାଇଥାଏ । ସେମାନେ ଚିତ୍ରକଳାରେ ନିପୁଣ । ଚିତ୍ରକଳାକୁ ସେମାନେ ବହୁଳ ଭାବରେ ପ୍ରଦର୍ଶନ କରିଥାନ୍ତି । ଆଦିମାନବର ସର୍ବପ୍ରଥମ ଅଭିବ୍ୟକ୍ତି ହେଉଛି ଚିତ୍ରକଳା । ଜୀବନକୁ ସରସ ସୁନ୍ଦର କରି ତୋଳିବା ପାଇଁ ପ୍ରକୃତି ପରଠୁଁ କଳା ଜ୍ଞାନର ସ୍ଫୁରଣ ପାଇଥିଲା । ଆଦିବାସୀମାନଙ୍କ ଜୀବନ ସହିତ କଳାର ଘନିଷ୍ଠ ସମ୍ପର୍କ ଥିବାର ଜଣାଯାଏ । ଦୈନନ୍ଦିନ ଜୀବନର ଅନୁଭୂତିକୁ ସେମାନେ କଳାରେ ପ୍ରକାଶ କରିବାକୁ ଯାଇ ପ୍ରଥମେ ପହାଡ଼ କାନ୍ଥଦେଇ ରେଖା ମାଧ୍ୟମରେ ଆଙ୍କିଥିଲେ । ତେଣୁ ସଭ୍ୟସମାଜ ପାରମ୍ପରିକ ଆଦିବାସୀ କଳା ସଂସ୍କୃତିକୁ ନେଇରଖିବା ଉଚିତ୍ । ପତ୍ୟେକ ସାନ୍ତାଳ କଳାକୁ ସେମାନଙ୍କର ଜୀବନ ଯାତ୍ରାର ଅଙ୍ଗସ୍ୱରୂପ ବୋଲି ଗ୍ରହଣ କରିଥାନ୍ତି । ଏଥି ସହିତ ନିଜେ ମଧ୍ୟ ବିଭିନ୍ନ ପ୍ରକାରର ଜିନିଷ ତିଆରି କରିଥାନ୍ତି । ଏହି ସାନ୍ତାଳ

ମାନେ ଜୀବନର ପ୍ରତିଟି କ୍ଷେତ୍ରରେ କଳାର ରୂପରେଖ ଦେଇଥାନ୍ତି । ପରିଷ୍କାର ପରିଚ୍ଛନ୍ନତା ହେଉଛି ଏକ ବିଶିଷ୍ଟକଳା । ଏହା ହେଉଛି ସୌନ୍ଦର୍ଯ୍ୟବୋଧର ପ୍ରଥମ ସଙ୍କେତ । ପ୍ରାକୃତିକ ପରିବେଷ୍ଟନୀରୁ ସଂଗୃହୀତ ଉପକରଣ ମାଧ୍ୟମରେ ସେମାନେ କଳାସାମଗ୍ରୀ ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ । ଜୀବନକାଳରେ ସେମାନେ ବହୁକଳାତ୍ମକ ଉପକରଣ ସୃଷ୍ଟି କରି ଯାଇଛନ୍ତି ।

## କଳା, ଶିଳ୍ପ ଓ ନିମ୍ନଲିଖିତି ଦ୍ରବ୍ୟର ସୌନ୍ଦର୍ଯ୍ୟବୋଧତା :

### ଶିକାର ଉପରକରଣ :

ସାନ୍ତାଳ ସମ୍ପ୍ରଦାୟର ଲୋକେ ଦୈନନ୍ଦିନ ଜୀବନରେ ଶିକାରକୁ ମୁଖ୍ୟ ଜୀବିକା ତଥା କଳାହିସାବରେ ଗ୍ରହଣ କରିଥାନ୍ତି । କେତେକ ଶିକାର, ଉପକରଣ ବ୍ୟବହାର କରି ସେମାନେ ବନ୍ୟଜନ୍ତୁଙ୍କୁ ଶୀକାର କରିଥାନ୍ତି । ସେଗୁଡିକ ମଧ୍ୟରେ ଧନୁତୀର, ତୀର, ବର୍ଚ୍ଛା, ତେଣ୍ଟା, ଫାରସା, ଟୁଟି । ଧନୁ ସାଧାରଣତଃ ବାଉଁଶରେ ସାନ୍ତାଳୀମାନେ ତିଆରି କରିଥାନ୍ତି । ଧନୁର ଲମ୍ବ ପ୍ରାୟ ପାଦଠାରୁ ଥୋଡି ପର୍ଯ୍ୟନ୍ତ ହୋଇଥାଏ । ବଙ୍କା ହୋଇଥିବା ବାଉଁଶକୁ ଦୁଇପାଳ କରି ଗୋଟିଏ ଫାଳରେ ଧନୁ ତିଆରି କରାଯାଏ । ବାଉଁଶର ଗଣ୍ଠିଥିବାଦୁଇମୁଣ୍ଡକୁ ଖାପକରାଯାଇ ସେଥିରେ ଗୁଣ ଲାଗାଇବା ପାଇଁ ବାଉଁଶର ଏକ ପାତକୁ ଧନୁର ଉଭୟ ପାର୍ଶ୍ୱରେ ସିଆଳୀ ରସିଦ୍ୱାରା ବନ୍ଧା ଯାଇଥାଏ । ଧନୁର ମଧ୍ୟଭାଗ ମୋଟାଥାଏ । ଉଭୟ ପାର୍ଶ୍ୱ ସାମାନ୍ୟ ସରୁକରାଯାଇଥାଏ । ପଶୁ, ପକ୍ଷୀ, ଶୀକାର ଓ ଆତ୍ମରକ୍ଷା ପାଇଁ ଧନୁ ବ୍ୟବହାର କରାଯାଏ । ଧନୁଗୁଣର ମଧ୍ୟଭାଗରେ ବିନ୍ଧିବା କ୍ଷେତ୍ରରେ ହାତ କୋମଳ ଲାଗିବା ପାଇଁ ମୟୂରପରର ଧଳା ଅଂଶକୁ ସୂତାଦ୍ୱାରା ସାମାନ୍ୟ ଛାଡିଛାଡି ତଳୁ ଉପର ସୁନ୍ଦର ଭାବରେ ବାନ୍ଧିଥାନ୍ତି । ଧନୁ ଧରିବା ସ୍ଥାନରେ କିମ୍ବା ଧନୁଟି ସହଜରେ ନଭାଙ୍ଗିବା ପାଇଁ ମୋଟାସୂତା କିମ୍ବା ଟସରକୁ ସରୁସରୁ କାଟି ସେଠାରେ ବନ୍ଧାଯାଇଥାଏ । ଧନୁଟି ସୁନ୍ଦର ଦେଖାଯିବା ପାଇଁ ଧନୁଶର ନିମ୍ନଭାଗରେ ମୟୂରପର, ଶାଗୁଣା ପର, କୁକୁଡା ପର ଇତ୍ୟାଦିକୁ ବନ୍ଧା ଯାଇଥାଏ । ତୀରର ଲମ୍ବ ସାଧାରଣତଃ ଦୁଇଫୁଟ । ତୀର ଅଗ୍ରଭାଗରେ ଲୁହାର ମୁନ ଲାଗିଥାଏ । ଏହାର ଲମ୍ବ ତିନି ଇଞ୍ଚ । ଏହାକୁ ଆପେଲିସାଇ କହନ୍ତି । ଏହା ବାଉଁଶରେ ତିଆରି । ଅନ୍ୟ ଏକ ପ୍ରକାର ତୀରକୁ ଟୁଟି କହନ୍ତି । ଏହା ବାଉଁଶରେ ତିଆରି କୋନ୍ ସଦୃଶ ଏହାର ଅଗ୍ରଭାଗରେ ତିନି ଇଞ୍ଚର ଗଣ୍ଠିଥିବା ବାଉଁଶ ଦେହରେ ତୀରଟି ଲାଗିଥାଏ । ଏହା ସାଧାରଣତଃ ପକ୍ଷୀଶିକାରରେ ବ୍ୟବହାର କରାଯାଇଥାଏ । ଅନ୍ୟ ଏକ ତୀରକୁ (ସାର୍) ବୋଲି କହିଥାନ୍ତି । ସରୁ ବାଉଁଶର ଅଗ୍ରଭାଗରେ ରକେଟ୍ ସଦୃଶ ଏକ ପତଳା ଲହା ଲାଗିଥାଏ ।

### ମାଛ ଧରିବା ଜାଲ :

ସାଧାରଣତଃ ସାନ୍ତାଳୀମାନେ ଅବସର ସମୟରେ ମାଛଧରିଥାନ୍ତି । ସେଥିପାଇଁ ବିଭିନ୍ନ ପ୍ରକାର ଉପକରଣ ବ୍ୟବହାର କରିଥାନ୍ତି । ସେଥି ମଧ୍ୟରେ ଜାଲ (ଜାଲାମ୍),ଖଇଁଚି (ଟରଡ଼ୀ),

ପୋଲୁଅ (ମୁଚୁ) ଚାଞ୍ଚରା (ସାୟାଲ୍ ଯରତାଂ) ଉଦ୍ଧୁଲୀ (ଝିମ୍ରି) ଇତ୍ୟାଦି । ଜାଲଟି ଚତୁର୍ଭୂଜ ଆକାରରେ ରେଶମସୂତା ଦ୍ୱାରା ତିଆରି ହୋଇଥାଏ । ଏହର ଲମ୍ବ ଓ ଓସାର ପ୍ରାୟ ଚାରିହାତଠାରୁ ଅରମ୍ଭକରି କୋଡିଏ ହାତ ପର୍ଯ୍ୟନ୍ତ ରହିଥାଏ । ଜାଲଟି ସାଧାରଣତଃ ବର୍ଗାକାର ସଦୃଶ । ମାଛଧରିବାରେ ଏହା ବ୍ୟବହୃତ ହୋଇଥାଏ । ଜାଲର ଚତୁଃପାର୍ଶ୍ୱରେ ୪ଟି ବାଉଁଶ ଖଞ୍ଜି ଦିଆଯାଇଥାଏ । ଅନ୍ୟ ଏକ ବାଉଁଶ ଜାଲର ମଧଭାଗରେ ସହଜରେଜଳରୁ ଉଠାଇବା ପାଇଁ ବନ୍ଧାଯାଇ ବାହାରକୁ ରହିଥାଏ । ଜାଲଟି ସୁନ୍ଦର ଦିଶିବା ପାଇଁ ମୋଟା ରସିଦ୍ୱାରା ଚତୁପାର୍ଶ୍ୱ ବାନ୍ଧି ଦିଆଯାଇଥାଏ । ଚାଞ୍ଚରା (ସାୟାଲ୍ ଟରତାଂ) ସରୁସରୁ ବାଉଁଶ କାଠିକୁ ସିଆଳୀ ରସି ଦ୍ୱାରା ଛନ୍ଦି ଦିଆଯାଇଥାଏ । ସେହିପରି ଖଇଁଚି (ଟରତାଂ) କୋନଭଳି ବାଉଁଶ କାଠି ଦ୍ୱାରା ତିଆରି ହୋଇଥାଏ । ପ୍ରବେଶ ପଥରେ ଗୋଲେଇ କରି ବାଉଁଶର ପାତ ଲଗାଇଦିଆଯାଇଥାଏ । ଫଳରେ ସମ୍ମୁଖ ଭାଗଟି ସୁନ୍ଦର ଦେଖାଯାଇଥାଏ । ମାଛ ଧରିବାରେ ମଧ ଏହାକୁ ବ୍ୟବହାର କରାଯାଇଥାଏ ।

## କୃଷି ଉପକରଣ / ଯନ୍ତ୍ରପାତି :

ସାନ୍ତାଳ ସମ୍ପ୍ରଦାୟର ଲୋକେ ଚାଷ କାର୍ଯ୍ୟ କରିବା ପାଇଁ କେତେକ କୃଷି ଉପକରଣ ବ୍ୟବହାର କରିଥାନ୍ତି । ସେ କୃଷି ଉପକରଣ ମଧରେ ଲଙ୍ଗଲ୍ (ନାହେଲ୍), କୁଆଳି (ଆରାନ୍), କୋଦାଳ (କୁଦି), ମଇ (ଆଣ୍ଗମ୍), ଇତ୍ୟାଦି । ସାମାନ୍ୟ ବଙ୍କାଥିବା ଜାଗାରେ ସେହି କାଠକୁ କଣାକରାଯାଇ କାଠର ଇଷ ଲଗାଯାଇଥାଏ । ଉପର ଭାଗରେ କାଠର ମୁଠି (କାଣ୍ଡା) ଲାଗିଥାଏ । ନିମ୍ନଭାଗରେ ଲୁହାଫାଳ ରହିବା ପାଇଁ ଏକ କଣା କରାଯାଇ ସେଥିରେ କାଠର ଏକ ଖିଲ ବାଡା ଯାଇଥାଏ । ଧରିବା ପାଇଁ ମୁଠିକୁ ପାରା ସଦୃଶ ତିଆରି କରାଯାଇଥାଏ । ପାରାର ଆଖି ପକ୍ଷୀ ଇତ୍ୟାଦି ମଧ କାଠରେ ଅଙ୍କନ କରାଯାଇଥାଏ । କୁଆଳୀଟି ସାଧାରଣତଃ ଶିଶୁକାଠ, ବରୁ, ସୁନାରୀ ଗଛର କାଠରେ ତିଆରି କରାଯାଇଥାଏ । ଏବଂ କୁଆଳୀର ଉଭୟ ପାର୍ଶ୍ୱରେ କଣାକରା ଯାଇଥାଏ । କଣାରେ ରସି ଲଗାଯାଇଥାଏ । କୁଆଳୀର ମଧଭାଗକୁ ଶିବ ଲିଙ୍ଗସଦୃଶ କାଠକୁ ସାମାନ୍ୟ ଉଚ୍ଚା କରାଯାଇଥାଏ । ମଧଭାଗ ଶିବ ଲିଙ୍ଗ ଭଳି ତିଆରି କରାଯାଇଥିବାରୁ ତାହା ସୁନ୍ଦର ଦେଖାଯାଇଥାଏ ।

## ଗୃହ ଉପକରଣ :

ସାନ୍ତଳ ଲୋକମାନେ ଭାତହାଣ୍ଡି, (ଚୁକୁଡ୍) କାଳସୀ (ଚୁକାଃ), ତରକାରୀ କରେଇ (କାରାହୀ) ଡଙ୍କି (କାକ୍‌ଚୁ) ପନିକି (ବିନ୍‌ଠି), ଗଉଣୀ (ଗହୁଣୀ) ମାଣ (କାଠା) ପାଛିଆ ରୋଷେଇ ପାଇଁ ଭାତ ଏବଂ ତରକାରୀ ହାଣ୍ଡି ବ୍ୟବହାର କରିଥାନ୍ତି । ଡ଼ଙ୍କି ସାହାଯ୍ୟରେ ଭାତ, ତରକାରୀ ବଢ଼ାଯାଏ । ପନିପରିବା, ମାଂସ ଇତ୍ୟାଦି ପନିକିରେ କଟାଯାଏ । ଲୁଣକଠାରେ ଲୁଣ ରହେ, ବେଲା, ଥାଳୀ, ଗିନାରେ ଭାତ ଏବଂ ତରକାରୀ ଖିଆଯାଏ । ଗଉଣୀରେ ଶସ୍ୟ ମପାଯାଏ, ମାଣଦ୍ୱାରା ଚାଉଳ ଓ ଧାନ ମପାଯାଏ । ପାଛିଆରେ ଧାନଗହମ ଇତ୍ୟାଦି ଶସ୍ୟ

ନେବାଆଣିବା କରାଯାଏ । ଲୁଣ କଠାରେ ବିଭିନ୍ନ ଫୁଲର ଚିତ୍ର କରାଯାଇଥାଏ ଏବଂ ଏହା ମଧପାନପତ୍ର ଭଳି ତିଆରି କରାଯାଇଥାଏ । ଗଉଣୀରେ ଶସ୍ୟବୁଣିଲାବେଳେ ତା ଉପରେ ଗୋବର ଲିପାଯାଇ ଧଳାରଙ୍ଗରେ ଗାର ଟଣାଯାଇଥାଏ ।

## ବ୍ୟକ୍ତିଗତ ଆସବାବ ପତ୍ର :

ବୟସ୍କ ଲୋକମାନେ ନାଶଦାନୀ (ଦୋକ୍ତାଥିଲି) ବୁଟଳ (ବୁଟୁଣ୍), ଠେଙ୍ଗା (ହାପା) ଇତ୍ୟାଦି ଧରିଥାନ୍ତି । ନାଶଦାନି ପାଇଁ କନାରେ ଏକ ମୁଣି ତିଆରି କରାଯାଇଥାଏ । ସେହି ମୁଣିରେ ଦୋକ୍ତାପତ୍ର ରହିଥାଏ । ଏହାକୁ ଅଣ୍ଟାରେ ଖୋସିଥିବେ । ଦୋକ୍ତା ପାଇଁ ଚୂନ ରଖିବା ପିତଳ କିମ୍ବା ସିଲଭର୍ କିମ୍ବା ଭୁରୁଡୁ ଫଳର ଖୋଳାପା ଇତ୍ୟାଦି ବ୍ୟବହାର କରାଯାଏ । ଏହାକୁ ସାନ୍ତାଳୀ ଭାଷାରେ ବୁଟୁଣ୍ କହନ୍ତି । ପିତଳ କିମ୍ବା ସିଲଭର୍ କୁଟୁଣରେ ଫୁଲଚିତ୍ର ଅଙ୍କା ଯାଇଥାଏ । ମାଛ ଆକୃତିଭଳି ମଧ ତିଆରି କରାଯାଇଥାଏ । ବୃଦ୍ଧା ମାନେ ଧରୁଥିବାବାଡି (ହାପା) ରେ ବିଭିନ୍ନ ପ୍ରକାର ଚିତ୍ର ଅଙ୍କନ କରାଯାଇଥାଏ । ବିଶେଷତଃ ହାତ ମୁଠିରେ ମୁଖମଣ୍ଡଳର ଚିତ୍ର ଗାରଦେଇ ଅଙ୍କନ କରିଥାନ୍ତି ।

## ପୋଷାକ / ବସ୍ତ୍ର :

ଶରୀର ଆଭରଣ ପାଇଁ ସେମାନେ ବିଭିନ୍ନ ପ୍ରକାର ପୋଷାକ ପତ୍ର ବ୍ୟବହାର କରିଥାନ୍ତି । ମୁଖ୍ୟତଃ ଉଭୟ ପୁରୁଷ ଓ ସ୍ତ୍ରୀ ଶ୍ୱେତବସ୍ତ୍ର (ଧବଳବସ୍ତ୍ର) ପରିଧାନ କରିଥାନ୍ତି । ଏହି ଲୁଗା ମୋଟା ସୂତାରେ ତିଆରି ହୋଇଥାଏ । ସାନ୍ତାଳ ଯୁବକ ଓ ଯୁବତୀମାନେ ବସ୍ତ୍ର ସୁନ୍ଦର ଦେଖାଯିବା ପାଇଁ ଲୁଗାରେ ବିଭିନ୍ନ ରଙ୍ଗର ସୂତାରେ ଫୁଲ ପ୍ରଜାପତି ଓ ମୟୁରର ଚିତ୍ର ଅଙ୍କନ କରିଥାନ୍ତି । ଯାହାକି ବସ୍ତ୍ରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ପୁରୁଷମାନେ ମୁଣ୍ଡରେ ପଗଡ଼ି ବ୍ୟବହାର କରିଥାନ୍ତି । ଏଥିସହିତ ନାଲିରଙ୍ଗର ୪ ହାତ ବିଶିଷ୍ଟ ଗାମୁଛା କାନ୍ଧରେ ପକାଇଥାନ୍ତି । ଏବଂ ଅଣ୍ଟାରେ ଅନ୍ୟ ରଙ୍ଗର ଗାମୁଛା ଅଣ୍ଟାରେ ବାନ୍ଧିଥାନ୍ତି । ମହିଳାମାନେ ସାୟା ବ୍ଲାଉଜ୍ ବ୍ୟବହାର କରିଥାନ୍ତି । ସେହି ବ୍ଲାଉଜ୍ ଛିଟକନାର ହୋଇଥିଲେ ତାହା ପିନ୍ଧିବାକୁ ଅଧିକ ପସନ୍ଦ କରିଥାନ୍ତି ।

## ଅଳଙ୍କାର ଓ ଗହଣା :

ଶରୀର ସଜ୍ଜା ମଧରେ ଅଳଙ୍କାର ହେଉଛି ପ୍ରଧାନ ସାମଗ୍ରୀ । ନିଜର ସୁଗଠିତ ବଳିଷ୍ଠ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ ସାନ୍ତାଳୀ ମହିଳାମାନେ ରୂପାର ତିଆରି ବାହୁଟି (ବାଛୁ), ଖୋସାରେ ରୂପାର ଖୋସାକଣ୍ଟା (ପାନ୍ କଣ୍ଟା, ସେଥିରେ ବିଭିନ୍ନ ପ୍ରକାରର ଫୁଲ ଅଙ୍କନ କରାଯାଇଥାଏ । ଏବଂ ତାର କଣ୍ଟା (ତାରାକାଣ୍ଟା) ମଧ ଲାଗିଛନ୍ତି । ଏହା ସୁନ୍ଦର ଦେଖାଯିବା ପାଇଁ ତାରା ଫୁଲର ଚିତ୍ର ଅଙ୍କନ କରାଯାଇଥାଏ ।

ରୂପାହାର (ଗୁନ୍‌ସୀ ମାଲା) : ଏହା ସାଧାରଣତଃ ରୂପାରେ ତିଆରି କରାଯାଇଥାଏ । ରୂପାର ସରୁ ସରୁ ତାରକୁ ଛନ୍ଦି ଛନ୍ଦି ଗଢ଼ାଯାଇଥାଏ । ସାନ୍ତାଳୀ ମହିଳାମାନେ ଏହକୁ ଗଳାରେ ପିନ୍ଧିଥାନ୍ତି ।

ରୂପାପଇସା ମାଳ (ଟାକାମାଲା) : ପ୍ରତ୍ୟେକ ରୂପା ପଇସାରେ ରୂପାର ଏକ ଛୋଟ ନଳୀକୁ ଝଳାଇ ଲଗାଯାଏ ଏବଂ ମୋଟା ସୂତା ସାହାଯ୍ୟରେ ପ୍ରତ୍ୟେକ ନଳୀକୁ ଗୁନ୍ଥାଯାଇଥାଏ । ସୁନ୍ଦର ଦେଖାଯିବା ପାଇଁ ଏହାକୁ ପାଖା ପାଖି ଗୁନ୍ଥାଯାଇ ବେକରେ ପିନ୍ଧା ଯାଇଥାଏ ।

ଗୋଜିଆମାଳ (ଗୁଜିମାଲା) : ରୂପା ପଇସାକୁ ଠିକିରିଭଳି କରି ଉପର ପାର୍ଶ୍ୱରେ ରୂପାର ନଳୀ ଝଳାଇ ସେଥିରେ ମୋଟାସୂତା ଲଗାଇ ଗୁନ୍ଥିଥାନ୍ତି । ଏହାକୁ ବେକରେ ମଧ୍ୟ ପିନ୍ଧିଥାନ୍ତି ।

ହାତବଳା (ପେଟ୍ରା) : ଏହା ସାଧାରଣତଃ ରୂପାରେ ତିଆରି । ରୂପାର ନଳୀକୁ ବକ୍ରକରି ହାତର ଗୋଲେଇ ଅନୁସାରେ ସେହି ନଳୀରେ ସରୁସରୁ ରୂପାର ତାର ମୋଡ଼ି କରି ଝଳାଯାଇଥାଏ । ଏବଂ ବଳାର ମଝିରେ ମଝିରେ ଖୋଦେଇ କରି ଫୁଲ ଅଙ୍କନ କରାଯାଇଥାଏ । ଫଳରେ ଏହା ସୁନ୍ଦର ଦେଖାଯାଇଥାଏ । ହାତୀର ଶୁଣ୍ଢ ଉପରକୁ କରିଥିବା ଭଳି ଉଭୟପାର୍ଶ୍ୱ ତିଆରି କରାଯାଇଥାଏ । ଏକ ପାର୍ଶ୍ୱରେ ଯୋଡ଼େଇଠାରେ ଖିଲ ଦେଇ ବନ୍ଦ କରାଯାଇଥାଏ । ଏହାକୁ ମହିଳାମାନେ ହାତରେ ପନ୍ଧିଥାନ୍ତି ।

ଶଙ୍ଖା (ଶାଙ୍ଖା) : ଏକ ଇଞ୍ଚ ଓସାର ବିଶିଷ୍ଟ ହାତର ମାପ ଅନୁସାରେ ରୂପାର ସରୁ ସରୁ ତାର ସାହାଯ୍ୟରେ ସୁନ୍ଦର ସୁନ୍ଦର ଫୁଲ, ଡ଼ାଳ ଓ ପତ୍ର ସହିତ ଶଙ୍ଖାକୁ ଝଳାଇ ତିଆରି କରାଯାଇଥାଏ । ଯୋଡ଼େଇରେ ଏକ ରୂପାର ଖିଲ ମଧ୍ୟ ଦିଆଯାଇଥାଏ । ଫୁଲ, ଡ଼ାଳ ଓ ପତ୍ର ଏହା ଦେହରେ ଅଙ୍କନ କରାଯାଇଥିବାରୁ ଏହି ଶଙ୍ଖା ଅତ୍ୟନ୍ତ ସୁନ୍ଦର ଦେଖାଯାଇଥାଏ । ଏହାକୁ ମହିଳାମାନେ ହାତରେ ପିନ୍ଧିଥାନ୍ତି ।

ଖଡୁ (ଖାଡୁଆ) : ରୂପାର ନଳୀକୁ ବକ୍ର କରି ଗୋଡ଼ର ମାପ ଅନୁସାରେ ଗୋଲକରି ତିଆରି କରାଯାଇଥାଏ । ବକ୍ରକରା ଯାଇଥିବା ଖଡୁରେ ଫୁଲ, ଡାଳ ଓ ପତ୍ରର ଚିତ୍ରକୁ ସେଥିରେ ଖୋଦେଇ କରାଯାଇଥାଏ । ଫଳରେ ଏହା ସୁନ୍ଦର ଦେଖାଯାଇଥାଏ । ଏହାକୁ ମହିଳାମାନେ ଗୋଡ଼ର ବଳାଗଣ୍ଠିର ଉପର ଭାଗରେ ପନ୍ଧିଥାନ୍ତି ।

ମେଖଳା (ଝିଞ୍ଜିର୍) : ରୂପାର ସରୁସରୁ ତାର ଦ୍ୱାରା ଗୋଲାକାର ଭାବରେ ଫୁଲ, ଡ଼ାଳ ଓ ପତ୍ରର ଚିତ୍ର ଖୋଦନ କରାଯାଇ ତିଆରି କରାଯାଇଥାଏ । ଗୋଲାକାର ମେଖଳାର ନିମ୍ନ ମଧ୍ୟଭାଗରେ ରୂପାର ସରୁତାରକୁ ଶିକୁଳୀ ଭଳି ଛନ୍ଦି ଦିଆଯାଇଥାଏ । ରୂପାର ତିଆରି ଗୋଲ

ଗୋଲ ପଥରକୁ ମଧ୍ୟ ଝୁଲାଇ ଦିଆଯାଇଥାଏ । ମେଖଳାର ଉଭୟ ପାର୍ଶ୍ୱରେ ରୂପାର ସରୁ ସରୁ ତାରକୁ ଶିକୁଳିଭଳି ଛନ୍ଦି ଦିଆଯାଇଥାଏ । ଉଭୟ ପାର୍ଶ୍ୱରେ ୧ ଫୁଟ ଲେଖାଏଁ ଲମ୍ବର ଶିକୁଳି ତିଆରି କରାଯାଇ ମେଖଳା ସହିତ ସଂଲଗ୍ନ କରାଯାଇଥାଏ । ଶିକୁଳୀର ଅଗ୍ରଭାଗରେ ହୁକ ଲାଗିଥାଏ ।

**ନାକଫୁଲ (ବାଲ୍‌ଫୁଲ) :** ତମ୍ବାର ତାର ସଦୃଶ ଛୋଟ ଆକାରରେ ତିଆରି କରାଯାଇଥାଏ । ଏହାର ମଧ୍ୟଭାଗରେ ଏକ ଖିଲ ଲଗାଯାଇଥାଏ । ଏହା ନାକରେ ଲଗାଇବା ଦ୍ୱାରା ନାକର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ ।

**କାନଫୁଲ (କାନ୍‌ପାସା) :** ପାନ ପତ୍ର ପରି ରୂପାର ଚତୁଃପାର୍ଶ୍ୱରେ ରୂପାର ସରୁ ସରୁ ତାରକୁ ସୁନ୍ଦର ଭାବରେ ଗୋଲ୍ ଗୋଲ୍ କରି ଝଲାଯାଇଥାଏ । ତାର ତଳେ ରୂପାର ଝରା ଲଗାଯାଇଥାଏ । ଏହାକୁ କାନରେ ସାନ୍ତାଳ ମହିଳାମାନେ ପିନ୍ଧିଥାନ୍ତି ।

**ମୁଦି (ମୁନ୍ଦାମ୍) :** ରୂପା ପଇସାରେ ତିଆରି କରାଯାଇଥାଏ । ସୁନ୍ଦର ଦେଖାଯିବା ପାଇଁ ପଇସାର ଉଭୟ ପାର୍ଶ୍ୱରେ ଲାଗିଥିବା ରୂପାର ପାତରେ ଫୁଲର ଚିତ୍ର ଖୋଦନ କରାଯାଇଥାଏ । ତା ତଳେ ମାପ ଅନୁସାରେ ରୂପାର ଏକ ତାରକୁ ରୂପାର ପାତିଆ ସହିତ ଝଲାଯାଇଥାଏ । ଏହାକୁ ହାତ ଆଙ୍ଗୁଳିରେ ପିନ୍ଧାଯାଇଥାଏ ।

## କାନ୍ଥ ଚିତ୍ର :

ସାନ୍ତାଳ ମାନଙ୍କର ଘର ସଜାଇବା ଏକ ଆଦର୍ଶ କଳା । ବଣ ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ରଙ୍ଗର ମାଟିରେ ସେମାନଙ୍କର ଘରର ବାରଣ୍ଡା ଓ କାନ୍ଥକୁ ଲିପିଥାନ୍ତି । ଦୈନନ୍ଦିନ ଜୀବନର ଅନୁଭୂତିକୁ କଳାରେ ପରିପ୍ରକାଶ କରିବାକୁ ଯାଇ କାନ୍ଥ ଉପରେ ବିଭିନ୍ନ ଚିତ୍ର ରେଖା ମାଧ୍ୟମରେ ଅଙ୍କନ କରୁଥିଲେ । ସାନ୍ତାଳମାନେ କାନ୍ଥରେ ବିଭିନ୍ନ ପ୍ରକାର ଲତାର ଚିତ୍ର, ପଶୁପକ୍ଷୀଙ୍କ ଚିତ୍ର, ଜଙ୍ଗଲର ଦୃଶ୍ୟ, ପାହାଡ଼ର ଦୃଶ୍ୟ ଇତ୍ୟାଦି ଚିତ୍ର କରୁଥିଲେ । କାନ୍ଥ ଭିତରେ ଏବଂ ବାହାରରେ ଅଙ୍ଗୁଳି ଦ୍ୱାରା ନାନାପ୍ରକାର ଫୁଲଗଛ, ଲତା ଇତ୍ୟାଦି ଅଙ୍କନ କରିଥାନ୍ତି । କୌଣସି ରଙ୍ଗରେ ହୋଇନଥିଲେ ବି କାନ୍ଥ ଲିପା ସମୟରେ ଓଦା ଆଙ୍ଗୁଳିର ଛାପଦ୍ୱାରା ସେମାନେ ଆଙ୍କିଯାଇଥାନ୍ତି । ତାହା ଶୁଖିଗଲେ ଖୁବ୍ ସୁନ୍ଦର ଦିଶେ । ଘରର ବାହାରେ କାନ୍ଥର ତଳ ଭାଗରେ କଳା, ନାଲି, ହଳଦିଆ ବିଭିନ୍ନ ପ୍ରକାର ରଙ୍ଗ ଦେଇଥାନ୍ତି । ମଧ୍ୟଭାଗରେ ଧଳାରଙ୍ଗ ପ୍ରଲେପ କରିଥାନ୍ତି । ଫଳରେ ଘରର ସୌନ୍ଦର୍ଯ୍ୟବୃଦ୍ଧି ହୋଇଥାଏ । ଧଳାରଙ୍ଗ ଉପରେ ଅଙ୍କନ କରାଯାଇଥିବା ବିଭିନ୍ନ ଚିତ୍ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ।

## ଚିତା କୁଟିବା :

ଶାରୀରିକ ସୌନ୍ଦର୍ଯ୍ୟ ପ୍ରସାଧନ ମଧ୍ୟରେ ସାନ୍ତାଳୀ ସମାଜରେ ଚିତା-କୁଟା ଅନ୍ୟତମ । ଏହି ଚିତା ଚିହ୍ନରେ ସେମାନଙ୍କର କଳା ନୈପୁଣ୍ୟ ପରିସ୍ଫୁଟ ହୋଇଥାଏ । ହାତ ପାପୁଲିର ଉପରିଭାଗରେ, ହାତରେ, ବାହୁରେ ମହିଳାମାନେ ଚିତା କୁଟାଇଥାନ୍ତି । ପୁରୁଷମାନେ ବାମହାତରେ ୩ଟି ଛୋଟ ଛୋଟ ପଇସା ଭଳି ଗୋଲ ଗୋଲ ଚିତାକୁଟିଥାନ୍ତି । ଏହି ତିନୋଟି ଚିତା ମାରାଂବୁରୁ, ଜାହେର୍ ଏରା ଏବଂ ମଣେକତୁରିକ ଦେବାଦେବୀଙ୍କ ନାମରେ କୁଟାଇଥାନ୍ତି । ମହିଳାମାନଙ୍କ ହାତରେ ଠିକରି ସଦୃଶ ଚତୁଃକୋଣରେ କଦମ୍ବ ଫୁଲର ଚିତ୍ର ଏବଂ ଲତାର ଚିତ୍ରକୁ ବୃଦ୍ଧି ପାଇଁ ଶରୀରକୁ କ୍ଷତାକ୍ତ କରି ଯେଉଁ ରୂପ ସେମାନେ ଆଙ୍କନ୍ତି, ସେମାନେ ସେଥିରେ ଅସୀମ ଆନନ୍ଦ ପାଉଥିଲେ ।

## ଦେବାଦେବୀଙ୍କୁ ଉତ୍ସର୍ଗ କରାଯାଇଥିବା ଦ୍ରବ୍ୟ :

ଆଦିବାସୀ ସମ୍ପ୍ରଦାୟର ଲୋକେ ନିଜର ମଙ୍ଗଳ ଉଦ୍ଦେଶ୍ୟରେ ସେମାନଙ୍କର ଦେବଦେବୀମାନଙ୍କୁ ବିଭିନ୍ନ ପୂଜାପାଠରେ କେତେକ ଦ୍ରବ୍ୟ ଉତ୍ସର୍ଗ କରିଥାନ୍ତି । କରମପୂଜାରେ ପିତଳର ହାତୀ ଓ ଘୋଡ଼ା ଉପରେ କରମଦେବତା ଏବଂ ଧରମ ଦେବତା ଛତାଧରି ଛିଡ଼ାହୋଇଥିବା ପ୍ରତିମୂର୍ତ୍ତି, ପିତଳର ସେଉଳମାଛ, ଚିଙ୍ଗୁଡ଼ିମାଛ, କଇଁଛ, ଡ଼ିମିରିଫଳ, କଙ୍କଡ଼ା, କୁମ୍ଭୀର, ଛେଳି ଇତ୍ୟାଦି ଦେବାଦେବୀଙ୍କୁ ପୂଜା ପାଇଁ ଅର୍ପଣ କରାଯାଇଥାଏ । ଗ୍ରାମଦେବାଦେବୀଙ୍କ ପାଇଁ ମାଟିତିଆରି ହାତୀ ଓ ଘୋଡ଼ା, ବାଉଁଶ ତିଆରି ଗୋଲାକାର ଡ଼ାଲା ଅର୍ପଣ କରାଯାଇଥାଏ । ଜାହେର୍ ଏରାଙ୍କ ପାଇଁ ଲୁହାର ଗୋଲାକାର ଚୁଡ଼ିଲା, ଲୁହାର ହାର ଓ ମାରାଂବୁରୁଙ୍କ ପାଇଁ ଲୁହାର ଧନୁ ଓ ତୀର ଉତ୍ସର୍ଗ କରାଯାଇଥାଏ । ଧନୁ ତୀରର ନିମ୍ନଭାଗରେ ବିଭିନ୍ନ ପରକୁ ଖଞ୍ଜାଯାଇଥାଏ । ଫଳରେ ତୀରଟି ସୁନ୍ଦର ଦିଶିଥାଏ ।

## ବାଦ୍ୟ ଯନ୍ତ୍ର :

ଚିର ବିନୋଦନ ସକାଶେ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ବିଭିନ୍ନ ସମୟରେ ବାଦ୍ୟଯନ୍ତ୍ରର ତାଳେ ତାଳେ ନୃତ୍ୟଗୀତର ଆସର ଜମଇଥାନ୍ତି  ନୃତ୍ୟଗୀତ ସମୟରେ ସେମାନେ ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ରକୁ ବଜାଇଥାନ୍ତି । ବଦ୍ୟ ଯନ୍ତ୍ର ମଧ୍ୟରେ ନଗରା (ଟାମାକ) ଧମ୍‌ସା(ଦମ୍‌ସା) ଖଡ଼୍‌କା (ଚଡ଼୍‌ଚୁଡ଼ି), ଲମ୍ବା ଖଡ଼୍‌କ (ଢ଼ାକ୍ ଚଡ଼୍‌ଚୁଡ଼ି), ମାଢ଼କ (ତୁମ୍‌ଦା), ଘଣ୍ଟ(ଘୁଲି), ବଂଶୀ (ତ୍ରିୟାଉ), କେନ୍ଦରା (ବାନାମ୍), ଶିଙ୍ଗା (ସାକାଆ) ଇତ୍ୟାଦି ।

## ଖଡ଼କା :

ବଡ଼କାଠ ଗଣ୍ଡିକୁ ଗୋଲାକାରକରି ମଧଭାଗକୁ ଖୋଳି ସମ୍ପୂର୍ଣ୍ଣ ଭାବେ ଫାଙ୍କା କରାଯାଇଥାଏ । ଚତୁପାର୍ଶ୍ୱରେ ବିଭିନ୍ନ ପ୍ରକାର ଫୁଲ, ଡ଼ାଳ ଓ ପତ୍ରର ଚିତ୍ରକୁ ଖୋଦନ କରାଯାଇ ନାନା ପ୍ରକାର ରଙ୍ଗ ଦିଆଯାଇଥାଏ । ଉପରିଭାଗରେ ଛେଳି ଚମଡ଼ାକୁ ଆଚ୍ଛାଦନ କରାଯାଇଥାଏ ଏବଂ ମାଙ୍କଡ଼ ଚମଡ଼ାରେ ମଧ ଆଚ୍ଛାଦନ କରାଯାଇଥାଏ । ଉପରପାଖ ଚମଡ଼ାଟି ଟାଣ ରହିବା ପାଇଁ ସରୁ ସରୁ ଚମଡ଼ାକୁ ସେଥିରେ ବାନ୍ଧି ସେହି ଚମମଡ଼ାକୁ କାଠର ହାଣ୍ଡି ଉପରେ ଛକ ଛକ ପକାଇ ଚମଡ଼ାକୁ ବାନ୍ଧି ଦିଆଯାଇଥାଏ । ଫଳରେ ବାଦ୍ୟ ବଜାଇଲେ ସୁନ୍ଦର ଶବ୍ଦ ହୋଇଥାଏ । ଢ଼ାକ୍‌ରେ ମଧ ଏହିଭଳି ଖଞ୍ଜାଯାଇ ସୁନ୍ଦର ଚିତ୍ର ଖୋଦନ କରାଯାଇଥାଏ । ଫଳରେ ବାଦ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି ଘଟିଥାଏ । ବଂଶୀ ବାଉଁଶରେ ତିଆରି ହୋଇଥାଏ । ଏଥିରେ ସାନ୍ତାଳୀମାନେ ସରୁ ସରୁ ଗାର ଟାଣିଥାନ୍ତି । ଅଧିକ ସୁନ୍ଦର ଦେଖାଯିବା ପାଇଁ ବଂଶୀର ଉଭୟପାର୍ଶ୍ୱର ପିତଳ କିମ୍ବା ରସର ଦୁଇ ଇଞ୍ଚ ବିଶିଷ୍ଟ ପାଇପ୍ ଖଞ୍ଜିଥାନ୍ତି । ପାଇପ୍‌ର ଏକପାର୍ଶ୍ୱରେ ମୁଦ ଦିଆଯାଇଥାଏ । ଏହି ପାଇପରେ ସୁନ୍ଦର ସୁନ୍ଦର ଫୁଲର ଚିତ୍ର ଅଙ୍କନ କରିଥାନ୍ତି । ବଂଶୀର ସୁର ସ୍ୱତି ମଧୁର ହୋଇଥାଏ ।

## କାଠ ଖୋଦେଇ :

ସାନ୍ତାଳମାନେ ଘରର କବାଟରେ ହାତୀ, ଘୋଡ଼ା, ମୟୁର, ଶୁଆ, ଲତାରେ ଫୁଲ, ଫଳର ଚିତ୍ର, କଳସୀ ଉପରେ ଫୁଲ, ଶିକାର ଦୃଶ୍ୟ, ସୂର୍ଯ୍ୟମୁଖୀ ଫୁଲ ଇତ୍ୟାଦି ଖୋଦନ କରିଥାନ୍ତି । ବନ୍ଧ ଉପରେ ଥିବା ମାଟିର ହାତୀଘୋଡ଼ାଙ୍କ ମୁଖରେ ଫୁଲର ଚିତ୍ର ଖୋଦେଇ କରିଥାନ୍ତି । ଲୁଣ କଠାରେ ମଧ ଫୁଲର ଚିତ୍ର ଖୋଦେଇ ହୋଇଥାଏ, ଘରର ଖୁଣ୍ଟରେ କୁନ୍ଦ ଆକାର ଖୋଦେଇ କରାଯାଇଥାଏ । ଖଟିଆ ଖୁରାରେ ମଧ ସୁନ୍ଦର ଭାବରେ କୁନ୍ଦ କରିଥାନ୍ତି । ଏହିଭଳି ଭାବରେ ସେମାନେ କାଠରେ ବିଭିନ୍ନ ପ୍ରକାର ଖୋଦେଇ କାମ କରିଥାନ୍ତି ।

## ମୃତ୍ତିକା ଶିଳ୍ପ :

ସାନ୍ତାଳମାନେ ମାଟିରେ ଗଣେଶ, ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା, ଶୁଦ୍ଧିକ୍ରିୟା ପାଇଁ ମାଟିର ଛୋଟ ଛୋଟ କଳସୀ ଓ ବାହାଘର ପାଇଁ ମଧ ଛୋଟ କଳସୀ ତିଆରି କରିଥାନ୍ତି । କରମପୂଜା ସମୟରେ ହାତୀ, ଘୋଡା, କଙ୍କଡା, କୁମ୍ଭୀର, ସେଉଳ ମାଛ, ଚିଙ୍ଗୁଡ଼ିମାଛ ଇତ୍ୟାଦି ମାଟିରେ ତିଆରି କରିଥାନ୍ତି । ସୁନ୍ଦର ଦିଶିବା ପାଇଁ ଗଣେଶ, ସରସ୍ୱତୀ, ଲକ୍ଷ୍ମୀ ଓ ଦୁର୍ଗାମୂର୍ତ୍ତୀରେ ବିଭିନ୍ନ ପ୍ରକାର ରଙ୍ଗ ପ୍ରଦାନ କରିଥାନ୍ତି ।

## ଘାସ ଓ ପତ୍ରରୁ ନିର୍ମିତ ଦ୍ରବ୍ୟ :

ଦୈନନ୍ଦିନ ଜୀବନରେ ବ୍ୟବହାର ଉପଯୋଗୀ ଘାସ ଏବଂ ପତ୍ରରୁ ତିଆରି ବିଭିନ୍ନ ଉପକରଣ ମାନ ସାନ୍ତାଳୀମାନେ ତିଆରି କରିଥାନ୍ତି । ସବାଇ ଘାସରୁ ଦଉଡି ତିଆରି କରିଥାନ୍ତି । ଯାହାକୁ ଖଟିଆବୁଣିବାରେ ବ୍ୟବହାର କରାଯାଇଥାଏ । ଏହି ଘାସରୁ ଛୋଟ ବଡ଼ ପାପୋଛ ମଧ ତିଆରି କରାଯାଇଥାଏ । ଏକପ୍ରକାର ବେଣାଘାସରୁ ମାଛ ରଖିବାପାଇଁ ଖାଳେଇ (ଖାଳୟ) ତିଆରି କରିଥାନ୍ତି । କୁଣରୁ ଝାଡୁ ତିଆରି କରାଯାଏ । ପାଟୁଆ ଘାସରେ ସୁନ୍ଦର ହାର ତିଆରି ହୋଇଥାଏ ।

ସାନ୍ତାଳମାନେ ପତ୍ରରେ ବିଭିନ୍ନ ପ୍ରକାରର ଉପକରଣ ତିଆରି କରିଥାନ୍ତି । ଶିଆଳୀ ଏବଂ ଶାଳପତ୍ରରୁ ଖଲି, ଦୋନା ତିଆରି ହୋଇଥାଏ । ଶିଆଳୀ ପତ୍ରରେ ଛତା ତିଆରି କରାଯାଇଥାଏ । ସମୟେ ସମୟେ ଶାଳ ପତ୍ରରେ ଧୂଆଁପତ୍ର ଦେଇ ପିକା ଟାଣିଥାନ୍ତି ବା ଧୂମପାନ କରିଥାନ୍ତି ।

## ତନ୍ତୁ ନିର୍ମିତ ଦ୍ରବ୍ୟ :

ତନ୍ତୁରେ ମଧ କେତେକ ଉପକରଣ ତିଆରି କରାଯାଇଥାଏ । ଶିଆଳୀ ଲଇରେ ଛେଳି, ମଇଁଷି, ଗାଈ ଓ ଗୋରୁମାନଙ୍କ ପାଇଁ ପଘା, ପାଣିକାଢିବା ପାଇଁ ରସି, ଧାନବିଡା ବୋହିବା ପାଇଁ ରସି ଇତ୍ୟାଦି ତିଆରି କରିଥାନ୍ତି ।

## ବାଉଁଶ ଓ ବେତ ନିର୍ମିତ ଦ୍ରବ୍ୟ :

ସାନ୍ତାଳମାନେ ବାଉଁଶରେ ଘରଛପର, ମାଛଧରିବା ପାଇଁ ଖଇଁଚି, ଚାଞ୍ଚରା, ଓ ବାଡବଗିଚା ପାଇଁ ବତା, ଠେଙ୍ଗା ଇତ୍ୟାଦି ନିଜେ ତିଆରି କରିଥାନ୍ତି । ଏଥିସହିତ ମାହାଲୀମାନଙ୍କ ଦ୍ୱାରା ବାଉଁଶରେ ତିଆରି କରାଯାଉଥିବା ବିଭିନ୍ନ ଉପକରଣ ଯଥା - କୁଲା, ଡାଲା, ବୋଝ, ପାଛିଆ, ଡୋଳି ଇତ୍ୟାଦିକୁ ସାନ୍ତାଳମାନେ ବ୍ୟବହାର କରିଥାନ୍ତି । ବେତରେ ତିଆରି ମାଣ, ଗୌଣୀ, ଚାଉଳ ଧୋଇବା ଡାଲା ଇତ୍ୟାଦି ସାନ୍ତାଳୀମାନେ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ହିସାବରେ ବ୍ୟବହାର କରିଥାନ୍ତି ।

## ପର, ନଖ ଓ ହାଡରୁ ନିର୍ମିତ ଦ୍ରବ୍ୟ :

ବିଭିନ୍ନ ପକ୍ଷୀର ପର ସାହାଯ୍ୟରେ ବିଭିନ୍ନ ଉପକରଣ ତିଆରି କରାଯାଇଥାଏ । ମୟୁରପରରେ ମୁକୁଟ, ପଗଡିରେ ମଧ ମୟୁର ପର ଦେଇ ସଜାଡିଥାନ୍ତି । ଧନୁଶରର ପଛଭାଗରେ ବିଭିନ୍ନ ପକ୍ଷୀର ପରକୁ ଖଞ୍ଜି ଦିଆଯାଇଥାଏ । ଗୁଣିଆ ମନ୍ତ୍ରପାଠ କଲାବେଳେ ମୟୁରପରକୁ

ବ୍ୟବହାର କରାଯାଏ । ମୟୁର ପରକୁ ଚାମର ହିସାବରେ ମଧ୍ୟ ବ୍ୟବହୃତ ହୁଏ । ବାଘନଖରେ ଲକେଟ୍ ତିଆରି କରି ବେକରେ ପିନ୍ଧାଯାଏ । ଗୁଣିଆ ମନ୍ତ୍ରପାଠ ମୃତ ମନୁଷ୍ୟର ହାଡ଼କୁ ବ୍ୟବହାର କରିଥାଏ । ହାଡ଼ରୁ ମଧ୍ୟ ଛୋଟ ବଡ଼ ମାଳି ତିଆରିକରାଯାଇଥାଏ ।

## ଲେଖା ପଢ଼ା ଉପକରଣ :

ପୂର୍ବେ ମୟୁର ପର ସାହାଯ୍ୟରେ ସେମାନେ ଲେଖିବା କାର୍ଯ୍ୟ କରୁଥିଲେ । ଲେଖିବା ପାଇଁ ଓଡଣି ଝରକଲମ, ତୂଳୀ ଇତ୍ୟାଦି ଲେଖା ଉପକରଣ ଭାବରେ ବ୍ୟବହାର କରୁଥିଲେ । ଚାଟଶାଳୀ ଏବଂ ଘର କାନ୍ଥରେ, ଖାତାରେ, ମାଟି ଉପରେ, କାଠରେ, ଟିଣରେ ମଧ୍ୟ ଲେଖା ଉପକରଣକୁ ବ୍ୟବହାର କରୁଥିଲେ । ତାଳପତ୍ରରେ ଲେଖା ପୋଥି, ସାନ୍ତାଳଲିପିରେ ଲେଖା ପାଣ୍ଡୁଲିପି, ପୁସ୍ତକ ଇତ୍ୟାଦିକୁ ପଢୁଥିଲେ । ସେଥିରେ ସାନ୍ତାଳଙ୍କର କଳା ସଂସ୍କୃତିର ପରିଚୟ ଉପଲବ୍ଧ ହୋଇଥାଏ ।

## ପାନିଆ :

ସାଧାରଣତଃ କାଠ, ଶିଙ୍ଘ ଓ ବାଉଁଶରେ ସାନ୍ତାଳୀମାନେ ପାନିଆ ତିଆରି କରିଥାନ୍ତି । ପାନିଆକୁ ସାଧାରଣତଃ ହାତୀ, ଶୁଆଭଳି ତିଆରି କରାଯାଇଥାଏ । ପାନିଆରେମଧ୍ୟ ଫୁଲଚିତ୍ର ଖୋଦେଇ କରାଯାଇଥାଏ । ପାନିଆର ଦାନ୍ତ ସାଧାରଣତଃ ମୋଟା ବା ପତଳା ହୋଇଥାଏ । ମୁଣ୍ଡର ଉକୁଣୀ ପାଇଁ ସ୍ୱତନ୍ତ୍ର ଧରଣର ପାନୀଆ ତିଆରି କରାଯାଇଥାଏ । ଏହା କାଠରେ ତିଆରି କରାଯାଇଥାଏ । ପାନିଆ ଗୁଡ଼ିକ ୪ ଇଞ୍ଚିର ଲମ୍ୱା ହୋଇଥାଏ । ଏହି ପାନିଆକୁ କାକ୍‌ରୀବୋଲି କହିଥାନ୍ତି । କାଠ ପାନିଆର ଉଭୟ ପାର୍ଶ୍ୱରେ ଲମ୍ୱଭାବରେ ୩ଟି ଗାର ଖୋଦେଇ କରାଯାଇଥାଏ । ଲମ୍ୱା କାଠ ପନିଆରେ ବିଭିନ୍ନ ପ୍ରକାରର ଫୁଲ ଖୋଦନ କରାଯାଇଥାଏ । ଶିଙ୍ଘ ପାନିଆରେ ଚଢେଇ, ମୟୁର ଆଦି ଚିତ୍ର ଖୋଦନ କରାଯାଇଥାଏ । ବାଉଁଶ ପାନିଆରେ ଫୁଲ, ଡାଳ ଓ ପତ୍ରର ଚିତ୍ର ଖୋଦନ କରାଯାଇଥାଏ । ଏହିଭଳି ଭାବରେ ବିଭିନ୍ନ ପ୍ରକାରର ପାନିଆ ସାନ୍ତାଳମାନେ ତିଆରି କରିଥାନ୍ତି ।

●●●

# ଔଷଧ ଓ ବୈଦ୍ୟ

ପୃଥିବୀର ମହତ୍ୱର ଉପାଦାନ ହେଉଛି ତାର ପ୍ରାକୃତିକ ପରିବେଶ । ପ୍ରକୃତି ଭିତରେ ସୃଷ୍ଟିର ଯାବତୀୟ ଉପାଦାନ ପୂରି ରହିଛି । ଏହି ଉପାଦାନ ସମୂହ ଜୀବ ନିର୍ଜିବ ନିର୍ବିଶେଷରେ ନିଜସ୍ୱ ଗୁଣକୁ ନେଇ ଆତଯାତ ହେଉଛନ୍ତି ।  ପ୍ରକୃତିର ଅନ୍ୟତମ ଶ୍ରେଷ୍ଠ ଜୀବ ମାନବ ଏଠି ତାର କର୍ମ ସମ୍ପାଦନ କରିଥାଏ । କିନ୍ତୁ ପ୍ରାଣୀ ହିସାବରେ ଠିକ୍ ସମୟରେ ଉଚିତ୍ ମାର୍ଗରେ ମଣିଷ କାର୍ଯ୍ୟ ସମ୍ପାଦନ କରି ନପାରି ଶରୀରରେ ବିଭିନ୍ନ ରୋଗ ଯନ୍ତ୍ରଣା ଭୋଗ  କରିଥାଏ । ରେଗ ନିରାକରଣ ଦିଗରେ ଔଷଧ ଉପରେ ନିର୍ଭର କରିଥାଏ । ବିଭିନ୍ନ ପ୍ରକାର ଔଷଧ ତିଆରି ପାଇଁ ପରୋକ୍ଷରେ ବା ପ୍ରତ୍ୟକ୍ଷରେଏହି ପ୍ରକୃତି ଉପରେ ନିର୍ଭର କରିଥାଏ ।

## ବିଭିନ୍ନ ପ୍ରକାର ଔଷଧ :

### ତୃଣ ଜାତୀୟ:

ବିଭିନ୍ନ  ପ୍ରକାର ଔଷଧ ପ୍ରକୃତି ବକ୍ଷରୁ ସଂଗ୍ରହ କରାଯାଇଥାଏ । ସାନ୍ତାଳମାନେ ପ୍ରକୃତିରୁ ଔଷଧ ସଂଗ୍ରହ କରିବା ସହିତ ପ୍ରସ୍ତୁତ ମଧ୍ୟ କରିଥାନ୍ତି । ବିଭିନ୍ନ ପ୍ରକାର ଘାସକୁ ମଧ୍ୟ ଔଷଧ ରୂପେ ବ୍ୟବହାର କରିଥାନ୍ତି ବା ଘାସରୁ ବିଭିନ୍ନ ପ୍ରକାର ଔଷଧ ତିଆରି କରାଯାଏ । ମୁଥା ଘାସର ମୂଳକୁ ଗୋଲମରିଚ, ସୁଣ୍ଠି ଓ ପିପପଳୀକୁ ସମପରିମାଣରେ ଗୁଣ୍ଡକରି ଅଳ୍ପ ଜଳରେ  ଗୋଳାଇ ସେଥିରେ ସାମାନ୍ୟ ମହୁରସ ପକାଇ ଏକ ପ୍ରକାର ଔଷଧ ତିଆରି କରାଯାଏ । କାଶ ଏବଂ ଶ୍ୱାସ ରୋଗୀମାନେ ଏକ ସପ୍ତାହ ଏହି ଔଷଧକୁ ନିୟମିତ ସେବନ କରିବାଦ୍ୱାରା ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଇଥାଏ । ଦୂବଘାସ ସହିତ ଚିନିକୁ ବାଟି ରକ୍ତ ସ୍ରାବ ହେଉଥିବା ସ୍ଥାନରେ ପ୍ରଲେପ କରିଲେ ରକ୍ତସ୍ରାବ ବନ୍ଦ ହୋଇଥାଏ  ଏବଂ ଘା'ଟି ଯଥାଶୀଘ୍ର ଭଲ ହୋଇଥାଏ ।

### ଗୁଳ୍ମ ବା ବୁଦା ଜାତୀୟ :

ହଳଦୀ ସହିତ ଚନ୍ଦନକୁ ଘୋରି ତା ସହିତ ଗୋରସ ସାମାନ୍ୟ ମିଶାଇ ମୁଖରେ ପ୍ରଲେପ ଦେଲେ ମୁଖବ୍ରଣ ଏବଂ ଦାଗ ସମ୍ପୂର୍ଣ୍ଣ ରୂପେ ଭଲହୋଇ ମୁଖର ସୌନ୍ଦର୍ଯ୍ୟ ବୃଦ୍ଧିପାଇଥାଏ । ଜଙ୍ଗଲୀ ପାଳୁଅର ବୁଦାକୁ ପଥର ଦେହରେ ଘସି ସେଥିରୁ ରସ ବାହାର କରାଯାଇଥାଏ । ସେହି ରସକୁ ଖରାରେ ଶୁଖାଇ ସାରିଲା ପରେ ପେଟଗରମ ହୋଇଥିଲେ ପାଣିରେ ସେହି ଶୁଖା ପାଳୁଅକୁ ଦ୍ରବଣ କରି ପାନ କରିଲେ ପେଟ ଥଣ୍ଡା ହୋଇଥାଏ ଏବଂ କାମଳ ରୋଗ ମଧ୍ୟ ଭଲ କରିବାରେ ସାହାଯ୍ୟ କରିଥାଏ ।

## ପତ୍ର ଜାତୀୟ :

କେତେକ ପତ୍ରକୁ ମଧ୍ୟ ଔଷଧରୂପେ ବ୍ୟବହାର କରାଯାଇଥାଏ ଏବଂ ପତ୍ରରୁ ମଧ୍ୟ ଔଷଧ ତିଆରି କରାଯାଇଥାଏ । ବେଲପତ୍ର ଓ ତୁଳସୀ ପତ୍ର ଖାଇଲେ ପେଟରୋଗ ସମ୍ପୂର୍ଣ୍ଣରୂପେ ଭଲ ହୋଇଥାଏ । ଥାଲକୁଡ଼ିପତ୍ର ସେବନକଲେ ଶରୀରରେ ଲୌହଶକ୍ତି ବୃଦ୍ଧି ସଙ୍ଗେ ସଙ୍ଗେ ପେଟରୋଗ ସମ୍ପୂର୍ଣ୍ଣ ଭଲ ହୋଇଥାଏ । ବେଲପତ୍ର ସହିତ ଗମ୍ଭାରୀପତ୍ର, ଅପରାଜିତା ପତ୍ରକୁ ସାମାନ୍ୟ ଲୁଣ ମିଶାଇ ତାକୁ ଶିଳରେ ବାଟି ସେହି ମଲମକୁ ପଦାଙ୍ଗୁଳୀ ସ୍ଥାନରେ ପ୍ରଲେପ କରିଲେ ଆଙ୍ଗୁଠିର ଫୁଲା ଓ ବିନ୍ଧା ଭଲହୋଇଥାଏ ।

ଗଙ୍ଗଶିଉଳୀ ପତ୍ରକୁ ବାଟି ସେଥିରେ ସାମାନ୍ୟ ମହୁ ମିଶାଇ ପାନ କରିଲେ ମେଲେରିଆ ଜ୍ୱର ଭଲହୋଇଥାଏ । ପଶାରୁଣୀ ପତ୍ର ସହିତ ବିରିଚାଉଳ ବାଟି ପିଠାକରି ଖାଇବାଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୋଇଥାଏ ଏବଂ ଶରୀର ଶକ୍ତି ଯୋଗାଇଥାଏ ।

## ଡାଳ ବା କାଣ୍ଡ ଜାତୀୟ :

ବଡ଼ ବାସଙ୍ଗ ଡାଳ ଏବଂ ପତ୍ରକୁ ଖରାରେ ଶୁଖାଇ ତାକୁ ନିଆଁରେ ପୋଡ଼ିଦିଆଯାଇଥାଏ । ତାର ଭସ୍ମକୁ ଗୋଲମରିଚ ଗୁଣ୍ଡସହିତ ମିଶାଇ ଦାନ୍ତଘଷା ଗୁଣ୍ଡ ପ୍ରସ୍ତୁତ କରାଯାଏ । ଏହାକୁ ବ୍ୟବହାର କଲେ ଦାନ୍ତ ପରିଷ୍କାର ଓ ମଜଭୁତ ହୋଇଥାଏ ।

## ଚେର ଜାତୀୟ :

ଶତାବରୀ ଲତାର ଚେର ଏବଂ ଗାଇଶୀରା ଲତାର ଚେର ସହିତ ଭୂଇଁ କଖାରୁକୁ ବାଟି ସେଥିରେ ମିଶ୍ରିକୁ ଗୁଣ୍ଡକରି ମିଶାଇ ପ୍ରସ୍ତୁତ ଓଷଧକୁ ପନ୍ଦର ଦିନ ସେବନ କଲେ ଧାତୁକ୍ଷୟ ରୋଗ ଭଲ ହୋଇଥାଏ ।

ପାତାଳଗରୁଡ ଗଛର ଚେରକୁ ବାଟି ପାନ କରିଲେ ସର୍ପଦଂଶନର ବିଷ ନଷ୍ଟ ହୋଇଥାଏ । ଅରଖ ଚେରକୁ ବାଟି କୁକୁର କିମ୍ବା ବିଲୁଆ କାମୁଡ଼ିଥିବା କ୍ଷତ ସ୍ଥାନରେ ଲଗାଇଲେ କିମ୍ବା ପାନ କରିଲେ ସାତଦିନ ମଧ୍ୟରେ ବିଷ ନଷ୍ଟ ହୋଇଯାଇଥାଏ ।

ବାଇଡଙ୍କ ଲତାକୁ ବାଟି ସାମାନ୍ୟ ଗରମ କରି ବର୍ଷାଦିନରେ ବାଲି ଖାଇଥିବା ପାଦ ଆଙ୍ଗୁଠିରେ ପ୍ରଲେପ କଲେ ବାଲିଖିଆ ରୋଗ ଭଲ ହୋଇଥାଏ ।

## ମଞ୍ଜି ଜାତୀୟ :

ସମରାଜ ମଞ୍ଜିକୁ ଗୁଣ୍ଡକରି ସେଥିରେ ସାମାନ୍ୟ ଜଳଦେଇ ଦ୍ରବଣ କରି ପାନକଲେ ପେଟବ୍ୟଥା ଭଲ ହୋଇଥାଏ । ସୁନାରୀ ମଞ୍ଜୀକୁ ନିଆଁରେ ପୋଡ଼ି ଉକ୍ତ ଭସ୍ମକୁ ମହୁରସ ସଙ୍ଗରେ ମିଶାଇ ଖାଇବାକୁ ଦେଲେ ଛୋଟ ପିଲାଙ୍କର ନିମୋନିଆ ରୋଗ ଭଲହୋଇଥାଏ ।

## ଫୁଲ ଜାତୀୟ :

ଶିମୁଳି ଫୁଲ ଓ ପଳାଶଫୁଲ ଶୁଖାଇ ଗୁଣ୍ଡକରି ସାରିଲାପରେ କ୍ଷୀର ସହିତ ସେହି ଗୁଣ୍ଡକୁ ସେବନ କଲେ ମହିଳା ମାନଙ୍କର ବାଧକ ଶୂଳରୋଗ ସମ୍ପୂର୍ଣ୍ଣ ଭଲହୋଇଥାଏ ।

ଗେଣ୍ଡୁଫୁଲକୁ ବାଟି ତାର ରସକୁ କାନରେ ପକାଇଲେ କାନବ୍ୟଥା ଭଲ ହୋଇଥାଏ ।

ଦୁଦୁରା ଫୁଲ ଖରାରେ ଶୁଖାଇ ଗୁଣ୍ଡ କରିଦିଆଯାଏ । ସେହି ଗୁଣ୍ଡକୁ ମହୁରସ ସହିତ ପନ୍ଦର ଦିନ ପାନ କରିଲେ ସ୍ତ୍ରୀମାନଙ୍କର ବନ୍ଧ୍ୟାଦୋଷ ଭଲହୋଇ ନୂତନ ଭାବରେ ଗର୍ଭସଂଚାର ହୋଇଥାଏ ।

## ବକଳ ବା ଛେଲି ଜାତୀୟ :

ନିମ୍ବଗଛ ଛେଲିକୁ ପାଣିରେ ଶିଝାଇ ସେହି ପାଣିକୁ କାଛୁକୁଣ୍ଡିଆ ହୋଇଥିବା ସ୍ଥାନରେ ଲଗାଇ ପରିଷ୍କାର କରିଲେ ଅଳ୍ପଦିନ ମଧ୍ୟରେ କାଛୁକୁଣ୍ଡିଆ ରୋଗ ଭଲ ହୋଇଯାଇଥାଏ ।

ପଟାସ ଛେଲି, ଶାଳଗଛର ଛେଲୀ, ଆମ୍ବଗଛର ଛେଲୀ, ସାଲମା ଗଛର ଛେଲିକୁ ଛେଚି ସେଥିରୁ ରସ ବାହାର କରିସାରିଲାପରେ ସେହି ରସରେ ଅଳ୍ପଚୂନ ମିଶାଇ ତାହାକୁ ପାନକଲେ ତରଳ ଝାଡା ସମ୍ପୂର୍ଣ୍ଣ ଭଲ ହୋଇଥାଏ ଏବଂ ବ୍ୟକ୍ତି ଖବ୍ ଶୀଘ୍ର ଆରୋଗ୍ୟ ଲାଭ କରିଥାଏ ।

କାଞ୍ଚନ ଗଛର ଶୁଖିଲା ଛେଲିକୁ ଗୁଣ୍ଡକରି ଶୁଖିନଥିବା ଘାରେ ଗୁଣ୍ଡକୁ ପ୍ରୟୋଗ କଲେ ଘା ସମ୍ପୂର୍ଣ୍ଣ ଭଲ ହୋଇଯାଇଥାଏ ।

## ସ୍ଥାନ ବିଶେଷରେ ଔଷଧୀୟ ବୃକ୍ଷ / ଲତା ନିରୂପଣ :

କେତେକ ନିର୍ଦ୍ଦିଷ୍ଟ ସ୍ଥାନରୁ କେତେକ ଔଷଧୀୟ ବୃକ୍ଷର ସନ୍ଧାନ ମିଳିଥାଏ । ସୁତରାଂ ଝରଣାକୂଳରୁ ପାଳୁଅ ଗଛ ସଂଗ୍ରହ କରାଯାଇଥାଏ, ଏହି ବୃକ୍ଷରୁ ଔଷଧ ତିଆରି କରାଯାଇ ସାଧାରଣତଃ କାମଳରୋଗ ପାଇଁ ବ୍ୟବହୃତ ହୋଇଥାଏ । ଝରଣାକୂଳରୁ କୋଇଲିକଣ୍ଟା ପତ୍ର ସଂଗ୍ରହ କରାଯାଏ । ଏହି ପତ୍ରକୁ ଗରମ ପାଣିରେଶିଝାଯାଇଥାଏ । ପାଚି ଘା ଭଲ ହେବାପାଇଁ ଏହି ଶିଝା ଯାଇଥିବା ପତ୍ରକୁଚୋବାଇ ଖିଆଯାଇଥାଏ । ଫଳରେ ସମ୍ପୂର୍ଣ୍ଣରୂପେ ପାଚିଘା ଦୂର ହୋଇଥାଏ । ଝରଣାକୂଳରୁ କିଆଗଛର ଚେର ମଧ୍ୟ ଔଷଧପାଇଁ ସଂଗ୍ରହ କରାଯାଇଥାଏ । ଚେରକୁ ବାଟି ତା ରସକୁ ଭଲହେବାପାଇଁ ମଧ୍ୟ ସେବନ କରାଯାଇଥାଏ । ସେବନ କରିବା ଦ୍ୱାରା ପାଚି ଘା ଭଲ ହୋଇଥାଏ ।

ପାହାଡ ଉପରୁ ଗାଈଶୀରା ଓ ସତାବରୀ ଲତାର ଚେର ଏବଂ ଭୃଙ୍ଗ କଖାରୁ ସଂଗ୍ରହ କରାଯାଇଥାଏ । ଏହି ଚେରସହିତ ଭୃଙ୍ଗ କଖାରୁ ଏକତ୍ରବାଟି ତାର ରସକୁ ମିଶ୍ରି ଗୁଣ୍ଡ ସହ ପାନ କରିଲେ ଧାତୁକ୍ଷୟ ରୋଗ ସମ୍ପୂର୍ଣ୍ଣ ରୂପେ ଭଲ ହୋଇଥାଏ ।

କେତେକ ସନ୍ତସନ୍ତିଆ ସ୍ଥାନମାନଙ୍କରୁ ଥାଲକୁଡ଼ି, ଶୁନ୍ ଶୁନିଆ ଶାଗ, ବେଙ୍ଗପାନପତ୍ର, ଗଇଁଶପତ୍ର ଇତ୍ୟାଦି ସଂଗ୍ରହ କରାଯାଏ ।

## କାଳ / ସମୟ ଅନୁସାରେ ଔଷଧ :

ବିଭିନ୍ନ ସମୟରେବିଭିନ୍ନ ସ୍ଥାନ ମାନଙ୍କରୁ ଔଷଧ ସଂଗ୍ରହ କରାଯାଇଥାଏ । ସକାଳ ସମୟରେ ପଳାଶ ଫୁଲ, ଶିମୁଳଫୁଲ, ମନ୍ଦାରଫୁଲ, ଅରଖଫୁଲ, ଦୁଦୁରାଫୁଲ, ସୂର୍ଯ୍ୟମୁଖୀ ଫୁଲ, ଗେଣ୍ଡୁଫୁଲ ଇତ୍ୟାଦି ଔଷଧ ପାଇଁ ସଂଗ୍ରହ କରାଯାଇଥାଏ । ମହିଳାମାନଙ୍କର ଶ୍ୱେତପ୍ରଦର ରୋଗପାଇଁ ପଳାଶଫୁଲ ଓ ଶିମୁଳିଫୁଲ ସଂଗ୍ରହ କରାଯାଇଥାଏ । କାନବ୍ୟଥା ରୋଗଭଲହେବା ପାଇଁ ଗେଣ୍ଡୁଫୁଲ, କୁକୁର କାମୁଡା ଭଲହେବା ପାଇଁ ଅରଖଫୁଲ, ସ୍ତ୍ରୀମାନଙ୍କର ବନ୍ଧ୍ୟାଦୋଷ ଭଲ ହେବା ପାଇଁ ଦୁଦୁରା ଫୁଲ, କୌଣସି ଯୁବତୀ ରଜବତୀ ହେବାପାଇଁ ସୂର୍ଯ୍ୟମୁଖୀ ଫୁଲ ରାଶିଫୁଲ ଔଷଧ ପାଇଁ ସଂଗ୍ରହ କରାଯାଇଥାଏ । ସ୍ତ୍ରୀମାନଙ୍କର ନାଲି ପ୍ରଦର ରୋଗ ଭଲହେବା ପାଇଁ ମନ୍ଦାର ଫୁଲ ସଂଗ୍ରହ କରାଯାଇଥାଏ । ମଧ୍ୟାହ୍ନ ସମୟରେ ଗବଗଛର ଚେର, ଅରଖ ଗଛର ଚେର, ପାତାଳଗରୁଡ଼ ଚେର, ଶତାବରି ଓ ଗାଈଶୀରା ଚେର, ଲାଜକୁଳୀ ଚେର ଛୋଟ ତେନ୍ତୁଳି ଗଛର ଚେର ଇତ୍ୟାଦି ସଂଗ୍ରହ କରାଯାଇଥାଏ । ଏଥିସହିତ ସୁନାରୀଫଳ, ଆମ୍ବ ଛେଲି, ନିମ୍ବଛେଲି, ସାଲମା ଗଛର ଛେଲୀ, ଶାଳଗଛର ଛେଲି, ପଟାସ ଗଛରଛେଲୀ, କାଞ୍ଚନ ଗଛର ଛେଲି ଇତ୍ୟାଦି ମଧ୍ୟାହ୍ନ ସମୟରେ ସଂଗ୍ରହ କରାଯାଇଥାଏ । ଗବଗଛର ଚେରକୁ ଏବଂ ଛୋଟ ତେନ୍ତୁଲୀ ଗଛର ଚେରକୁ ପୂଜାପାଠ କରି ସଂଗ୍ରହ କରାଯାଏ । ଏହି ଦୁଇଚେରକୁ ଅଣ୍ଟାକିମ୍ବା ବେକରେ ବନ୍ଧାଗଲେ ରୋଗ ଶୀଘ୍ର ଭଲହୋଇଯାଏ  ବୋଲି ସାନ୍ତଳମାନଙ୍କର ବିଶ୍ୱାସ ଥାଏ । ଗବଗଛର ଚେର ସଂଗ୍ରହ କଲାବେଳେ ଏକ ପରିଷ୍କାର ଜଳପୂର୍ଣ୍ଣ  ଢ଼ାଳରେ ଗବଗଛ ପୂର୍ବପଟରେ ଥିବା ମୂଳରେ ଜଳ ଢ଼ାଳିଦିଆଯାଇଥାଏ । ସେହିଭଳି ଛୋଟ ତେନ୍ତୁଲାଗଛର ଚେରକୁ ସଂଗ୍ରହ କଲାବେଳେ ଦକ୍ଷିଣ ଦିଗଆଡ଼କୁ ଥିବା ମୂଳରେ ପାଣି ଢ଼ାଳି ଏକ ନିଶ୍ୱାସରେ ଗଛକୁ ଉପାଡ଼ି ଦିଆଯାଇଥାଏ। କୌଣସି ଗାଇ କିମ୍ୱା ମଇଁଷି ପ୍ରସବ ଜନିତ ଯନ୍ତ୍ରଣା ଉପଭୋଗ କରୁଥିଲେ ଯଦି ଗବ ଗଛର ଚେରକୁ ଉକ୍ତ ଗାଈ କିମ୍ୱା ମଇଁଷି ବେକରେ ସୂତା ସାହାଯ୍ୟରେ ବନ୍ଧା ଯାଇଥାଏ, ତାହାହେଲେ ପ୍ରସବ ଯନ୍ତ୍ରଣା ଉପଶମ ହୋଇ ଶୀଘ୍ର ପ୍ରସବ କରିଥାଏ । ସେହିଭଳି କୌଣସି ମହିଳା ପ୍ରସବ ଯନ୍ତ୍ରଣା ଭୋଗ କରୁଥିଲେ ଚେରକୁ ଯଦି ସେହି ମହିଳାଙ୍କ ବେକରେ ବାନ୍ଧି ଦିଆଯାଇଥାଏ, ତେବେ ଯନ୍ତ୍ରଣା କମିଯାଇ ଶୀଘ୍ର ସମ୍ଭବ କରିଥାଏ ।

ସଂନ୍ଧ୍ୟା ସମୟରେ ଗୟଶ ପତ୍ର, ବେଲ ପତ୍ର, ଗନ୍ଧାରୀ ପତ୍ର, ପାଳଧୁଆ ପତ୍ର,ଗଙ୍ଗଶିଉଳୀ ପତ୍ର, ପଶାରୁଣୀ ପତ୍ର ଇତ୍ୟାଦି ସଂଗ୍ରହ କରାଯାଇଥାଏ । ପାଟି ଘା ପାଇଁ ଗୟଶ ପତ୍ର, ପେଟରୋଗ ପାଇଁ ବେଲପତ୍ର, ଗନ୍ଧାରୀପତ୍ର ପବାଙ୍ଗୁଳୀ ପାଇଁ, ସ୍ୱପ୍ନଦୋଷ ଦୂର ପାଇଁ ପାଳଧୁଆ ପତ୍ର, ମେଲେରିଆ ଜ୍ୱର ପାଇଁ ଗଙ୍ଗଶିଉଳୀ ପତ୍ର, କୋଷ୍ଠକାଠିନ୍ୟ ଦୂର ପାଇଁ ପଶାରୁଣୀ ପତ୍ର ଇତ୍ୟାଦି ସଂଗ୍ରହ କରାଯାଇଥାଏ ।

ମଧ୍ୟରାତ୍ରି ସମୟରେ ଲହ ଲାଙ୍ଗୁଳିଆ ଚେରକୁ ପରିଷ୍କାର କରି ପାଣିକୁବୃକ୍ଷର ପୂର୍ବଦିଗରେ ଢ଼ାଳି ବାମହାତରେଏକ ନିଶ୍ୱାସରେ ଉପାଡ଼ିଥାନ୍ତି । ଉକ୍ତ ଚେରକୁ ଅଣ୍ଟାରେ ବାନ୍ଧିଲେ ଗର୍ଭରେ ମୃତ ଶିଶୁଶୀଘ୍ର ଖଲାସ ହୋଇଥାଏ । ମୃତଶିଶୁ ଖଲାସ ହେବା ତତକ୍ଷଣାତ୍ ଅଣ୍ଟାରୁ ଚେରକୁ ଖୋଲିଦେବା ଉଚିତ୍ ।

(ପୂର୍ଣ୍ଣମୀତିଥି) ଜହ୍ନ ରାତିରେ କଳାବିଛୁଆତି ଚେର, ବବୁଲ ଗଛର ଚେର, ଚାକୁଣ୍ଡାଚେର, ସଂଗ୍ରହ କରାଯାଇଥାଏ । ସଂଗ୍ରହ କରିବା ପୂର୍ବରୁ ଅରୁଆ ଚାଉଳ ଓ ସିନ୍ଦୁର ବୃକ୍ଷମୂଳରେ ଦେଇ ଗଛକୁ ଏକାନିଶ୍ୱାସରେ ବାମ ହାତ ଦ୍ୱାରା ଉପାଡିଥାନ୍ତି । ଭୂତପ୍ରେତ ଭୟରୁ ରକ୍ଷାପାଇଁ ଏହି ଚେରଗୁଡିକୁ ବ୍ୟକ୍ତି ଏକ ଢ଼େଉଁରିଆରେ ଭର୍ତ୍ତିକରି ହାତରେ ପିନ୍ଧିଥାନ୍ତି । କୌଣସି ପରିବାରକୁ ଦେବତା ପ୍ରେଷଣ କରାଯାଇଥିଲେ ଏହି ଚେରଗୁଡିକ ଘରର ଚାଳରେ ବନ୍ଧାଯାଇଥାଏ ।ଫଳରେ ପ୍ରେଷଣ ଦେବତା ଛାଡ଼ି ଅନ୍ୟତ୍ର ଚାଲିଯାଇଥାନ୍ତି । ଉକ୍ତ ଚେରକୁ ଢ଼େଉଁରିଆ ସହାୟତାରେ ହାତରେ ବାନ୍ଧିଥିଲେ ବିଷଧର ସର୍ପଭୟରୁ ରକ୍ଷା ହୋଇଥାଏ ।

ଅନ୍ଧାର ରାତିରେ ଅଣ୍ଡିରା କୁସୁମ ଗଛର ଡାଳରେ ଥିବା କଙ୍କଡା ଶୃଙ୍ଗକୁ ଆଙ୍କୁଡା ସାହାଯ୍ୟରେ ସଂଗ୍ରହ କରିଥାନ୍ତି ଏବଂ ସାଉଳୀ ଗଛର ଚେରକୁ ମଧ କାଟିକରି ସଂଗ୍ରହ କରାଯାଇଥାଏ । ଉକ୍ତ ଚେର ସହିତ କଙ୍କଡା ଶୃଙ୍ଗକୁ ଶିଳରେ ବାଟି ମୃଦୁ ନିଆଁରେ ଗରମ କରାଯାଇଥାଏ । ଜଳାପୋଡ଼ାରୋଗ ହୋଇଥିଲେ ଉକ୍ତ ରସକୁ ଶରୀରରେ ପ୍ରଲେପ କରିଥିଲେ ଜଳାପୋଡ଼ା ରୋଗ ଭଲ ହୋଇଥାଏ ।

## କୀଟପତଙ୍ଗ :

ଧୂଳିପୋକ, କାଇକୁ ଓ ଉଇ ବସାକୁ ଏକତ୍ର ବାଟି ଗଳା /ତଣ୍ଟିରେ ପ୍ରଲେପ ଦେଲେ ଗଳାଗଣ୍ଡ ରୋଗ ଭଲ ହୋଇଥାଏ । କାଞ୍ଚନ ଗଛର ପତ୍ରରେ ପାରା ଓ ବାଦୁଡ଼ିର ମାଂସକୁ ତରକାରି କରି ଖାଇଲେ କାଶ ଏବଂ ଶ୍ୱାସ ରୋଗ ଭଲ ହୋଇଥାଏ ।

କାଞ୍ଚନ ଗଛର ପତ୍ରରେ ଘରଚଟିଆ ଚଢେଇର ମାଂସକୁ ପତ୍ର ପୁଟିଆରେ ପୋଡି ଖାଇଲେ ଯୌନଶକ୍ତି ବୃଦ୍ଧି ଘଟିଥାଏ । କାଞ୍ଚନ ଗଛର ପତ୍ରରେ କଲେଇ ପୋକର ରାଣୀକୁ

ଖାଇଲେ ଦୁର୍ବଳତା ଦୂରହୋଇ ବଳବାନ୍ ହୋଇଥାଏ । ଶରୀରରେ ପ୍ରଚୁର ଶକ୍ତି ଜାତ ହୋଇଥାଏ । କାଞ୍ଚନ ଗଛର ପତ୍ରରେ ଗୋବର ପୋକକୁ ମାରି ତାକୁ ଖରାରେ ଶୁଖାଇ ଗୁଣ୍ଡକରି ସେହି ଗୁଣ୍ଡକୁ ଶୁଙ୍ଘି ଦେଲେ ନାକରୁ ପଡୁଥିବା ରକ୍ତ ବନ୍ଦ ହୋଇଥାଏ ।

କାଞ୍ଚନ ଗଛର ଅଗପତ୍ରରେ ଥିବା ପୋକକୁ ସଂଗ୍ରହ କରି ତାକୁ ଖରାରେ ଶୁଖାଇ ଗୁଣ୍ଡକରି ସାରିଲା ପରେ ସେହି ଗୁଣ୍ଡକୁ ଶୁଙ୍ଘିଲେ ଅପସ୍ମାର ଭଳି ଏକ ମାରାତ୍ମକ ବାତରୋଗ ଭଲ ହୋଇଥାଏ ।

## ଝିଟିପିଟି :

ଝିଟିପିଟିକୁ ମାରି ତାହାର ମାଂସ ସହିତ ସପ୍ତଫେଣୀ ସିଝୁର ରସକୁ ଏକତ୍ର ସିଝାଇ ଘୁମୁରା ରୋଗରେ ଆକ୍ରାନ୍ତ କୁକୁଡ଼ା ଓ ଶ୍ୱାସରୋଗରେ ଅକ୍ରାନ୍ତ ଘୁଷୁରୀକୁ ସେହି ମାଂସ ଖାଇବାକୁ ଦେଲେ ସେମାନଙ୍କର ରୋଗ ଭଲ ହୋଇଥାଏ ।

## ଚମଡା :

ଚମଡ଼ାରୁ ମଧ୍ୟ ଔଷଧ ତିଆରି କରାଯାଇଥାଏ । କୌଣସି ଜ୍ୱରରେ କଂପି ଉଠୁଥିଲେ ଭାଲୁର ଚମଡାକୁ ଅଣ୍ଟାରେ ବାନ୍ଧି ଦିଆଯାଇଥାଏ । ଫଳରେ କମ୍ପନ ଜ୍ୱର ଭଲହୋଇଯାଇଥାଏ ।

## ପଥର :

ଦେବତା ମାନଙ୍କର ଚୁମୁଳି ପଥରକୁ ଘୋରି ତାର ରସକୁ ମୁଣ୍ଡବ୍ୟଥା ହେଉଥିଲେ ମୁଣ୍ଡରେ ଲଗାଇଲେ ମୁଣ୍ଡବ୍ୟଥା ସମ୍ପୂର୍ଣ୍ଣ ଭଲ ହୋଇଥାଏ ।

କମାର ଗୁହପଥରରେ ତେନ୍ତୁଳୀପତ୍ର ଓ ଲୁଣକୁ ଗୁଣ୍ଡକରି ଜଳରେ ମିଶାଇ ମୃଦୁ ନିଆଁରେ ଗରମ କରି ହାତ କିମ୍ବା ଗୋଡ଼ ଭାଙ୍ଗିଥିବା ସ୍ଥାନରେ ପ୍ରଲେପ ଦେଲେ ଭାଙ୍ଗିଥିବା ସ୍ଥାନଟି ସମ୍ପୂର୍ଣ୍ଣ ଯୋଡ଼ି ହୋଇଯାଇଥାଏ ଏବଂ ଯନ୍ତ୍ରଣା ଦୂରୀଭୂତ ହୋଇଥାଏ ।

ଗେଣ୍ଡା ଓ କୁଜି ଗେଣ୍ଡାର ମାଂସକୁ ତରକାରୀ କରି ଖାଇଲେ ଦୃଷ୍ଟିଶକ୍ତି ବୃଦ୍ଧିପାଏ । ଗେଣ୍ଡାଖୋଳ, ଶାମୁକା ଖୋଳ, ପାରାଗୁହକୁ ଏକତ୍ର ମିଶାଇ ଶିଳରେ ବାଟି ତାର ରସକୁ ବଥ ଉପରେ ପ୍ରଲେପ ଦେଲେ ବଥ ଫାଟିଯାଇଥାଏ । ବ୍ୟକ୍ତି ଯନ୍ତ୍ରଣାମୁକ୍ତ ହୋଇଥାଏ ।

# ବୈଦ୍ୟ / କବିରାଜ

ଆଦିବାସୀ ସମାଜରେ ବୈଦ୍ୟର ଏକ ସ୍ୱତନ୍ତ୍ର ଭୂମିକା ରହିଥାଏ । ସେ ଲୋକମାନଙ୍କ ଦ୍ୱାରା ସଦା ସମ୍ମାନୀତ ଏବଂ ସର୍ବଜନାଦୃତ ହୋଇଥାନ୍ତି । ସେ ଅତ୍ୟନ୍ତ ସରଳ ତଥା ଧର୍ମପ୍ରାଣ ବ୍ୟକ୍ତି ହୋଇଥାନ୍ତି । ତାଙ୍କର ଈଶ୍ୱର ପ୍ରତି ପ୍ରଗାଢ ଭକ୍ତି ଓ ବିଶ୍ୱାସ ରହିଥାଏ । ଅନ୍ୟାନ୍ୟ ବ୍ୟକ୍ତିଙ୍କଠାରୁ ସେ ସମ୍ପୂର୍ଣ୍ଣ ଭିନ୍ନ । ଲୋକମାନଙ୍କୁ ଔଷଧ ଦେବାରେ ସେ ବିଶେଷ ଆନନ୍ଦଲାଭ କରିଥାନ୍ତି । ପ୍ରତ୍ୟେକ ରୋଗ ପାଇଁ ଉପଯୁକ୍ତ ଔଷଧ ପ୍ରଦାନ କରି ରୋଗୀମାନଙ୍କୁ ଆରୋଗ୍ୟ କରିବାରେ ସହାୟ ହୋଇଥାନ୍ତି । ଔଷଧ ଦେବା ସମୟରେ ଈଶ୍ୱରଙ୍କ ନିକଟରେ ରୋଗୀମାନଙ୍କର ଆଶୁକାମନା କରିଥାନ୍ତି ।

## ବୈଦ୍ୟଙ୍କର ବ୍ୟକ୍ତିତ୍ୱ :

ବୈଦ୍ୟଙ୍କ ବ୍ୟକ୍ତିତ୍ୱ ସାଧାରଣତଃ ବହୁମୁଖୀ । ସେ ଏକାଧାରାରେ ଈଶ୍ୱର ବିଶ୍ୱାସୀ, ଧର୍ମପରାୟଣ, ଉତ୍ତମସେବକ, ଔଷଧ ତିଆରିରେ ସିଦ୍ଧହସ୍ତ, ବୁଦ୍ଧିମାନ, ଜ୍ଞାନୀ, କର୍ମପ୍ରବର ଇତ୍ୟାଦି । ଲୋକମାନଙ୍କ ସେବାରେ ସର୍ବଦା ନିୟୋଜିତ ହୋଇଥାନ୍ତି । ରୋଗପାଇଁ ପ୍ରକୃଷ୍ଟ ଔଷଧ ତିଆରି କରି ରୋଗୀମାନଙ୍କୁ ପ୍ରଦାନ କରିଥାନ୍ତି । ସେ ସର୍ବଜନ ପ୍ରଶଂସିତ ଏବଂ ସର୍ବଜନାଦୃତ ହୋଇଥାନ୍ତି । ସମାଜରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥାଏ । ବୈଦ୍ୟଙ୍କୁ ସାଧାରଣତଃ ସାନ୍ତାଳୀଭାଷାରେ ଅଝା ବୋଲି କହିଥାନ୍ତି ।

## ତାଲିମ :

ଅଭିଜ୍ଞ କବିରାଜ ବା ବୈଦ୍ୟଙ୍କଠାରୁ ସ୍ୱତନ୍ତ୍ରଭାବରେ ଏକବର୍ଷ କାଳ ତାଲିମ ଗ୍ରହଣ କରିଥାନ୍ତି । କବିରାଜ ଏକ ସମୟରେ କୋଡିଏ ଜଣଙ୍କୁ ତାଲିମ୍ ପ୍ରଦାନ କରିଥାନ୍ତି । ତାଲିମ୍‌ରେ ରୋଗୀର ରୋଗ ନିରୁପଣ, ଔଷଧୀୟ ବୃକ୍ଷର ଲକ୍ଷଣ ଓ ଚିହ୍ନଟ, ଔଷଧର ପ୍ରସ୍ତୁତି ପ୍ରଣାଳୀ ତଟା ପ୍ରୟୋଗ ପ୍ରଣାଳୀ ଏବଂ ରୋଗର ଲକ୍ଷଣ ଜାଣିବା ପ୍ରଣାଳୀ, ଔଷଧ ସେବନର ପ୍ରଣାଳୀ, ରୋଗ ପାଇଁ ସ୍ୱତନ୍ତ୍ରଭାବେ ବାରଣ ବା ନିଷେଧ ଇତ୍ୟାଦି ବିଷୟ ନୂତନ ଭାବରେ ଶିକ୍ଷା କରୁଥିବା ବ୍ୟକ୍ତି ଖ୍ୟାତି ସମ୍ପନ୍ନ ବୈଦ୍ୟ ବା କବିରାଜଙ୍କଠାରୁ ତାଲିମ୍ ଶିକ୍ଷଣ କରିଥାନ୍ତି । ତାଲିମ୍ ଶିକ୍ଷା ନିମନ୍ତେ ତାଲିମ୍ ପ୍ରାପ୍ତ ବ୍ୟକ୍ତି ସମ୍ପୃକ୍ତ କବିରାଜଙ୍କୁ ବର୍ଷ ଶେଷରେ ପାଉଣା ହିସାବରେ କୋଡିଏ ଗୌଣୀ ଦାନ ଦେଇଥାନ୍ତି । ଏଥିସହିତ ୬ ହାତ ବିଶିଷ୍ଟ ଧଳାରଙ୍ଗର ଗାମୁଛା, ୪ହାତର ଧଳାରଙ୍ଗର ଅନ୍ୟ ଏକ ଗାମୁଛା, ଦେହରେ ପିନ୍ଧିବା ପାଇଁ ଧଳାରଙ୍ଗର ଏକ ଗଞ୍ଜି ଦେଇଥାନ୍ତି । ଏଗୁଡିକ ଉପହାର ହିସାବରେ କବିରାଜଙ୍କୁ ପ୍ରଦାନ କରିଥାନ୍ତି ।

## ଇଶ୍ୱରଦତ୍ତ ଗୁଣ :

କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଏହି କବିରାଜ୍ ବା ବୈଦ୍ୟବିଦ୍ୟା ଶିକ୍ଷା କରିଥାନ୍ତି । ଏହା ସାଧାରଣତଃ ଇଶ୍ୱର ପ୍ରଦତ୍ତ ଗୁଣ । ଇଶ୍ୱର ସମ୍ପୃକ୍ତ ବ୍ୟକ୍ତି ଏହି ବଦ୍ୟାଶିକ୍ଷା କରିବାକୁ ଶକ୍ତି ଦାନ କରିଥାନ୍ତି । ଇଶ୍ୱରଙ୍କ କୃପା ଯୋଗୁଁ ସମ୍ପୃକ୍ତ ବ୍ୟକ୍ତି ଏହି କବିରାଜ୍ ବିଦ୍ୟାରେ ନିପୁଣ ହୋଇପାରେ । ପରେ ନିଜେଜଣେ ଖ୍ୟାତି ସମ୍ପନ୍ନ ବୈଦ୍ୟ ହୋଇପାରନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଏପ୍ରକାର ଗୁଣ ଦେଖାଯାଇନଥାଏ । ଏହା ହେଉଛି ଭଗବାନଙ୍କ ଦୟାରେ ପ୍ରଦତ୍ତ ଗୁଣ । ଏହି ଗୁଣ ଯାହାପାଖରେ ଥାଏ ସେ ଜଣେ ସମ୍ପୃକ୍ତ ବିଦ୍ୟାରେ ପ୍ରସିଦ୍ଧି ଲାଭ କରିଥାଏ ।

## ସୃଜନଶୀଳତା :

କେତେକ କ୍ଷେତ୍ରରେ କବିରାଜ୍ ବିଦ୍ୟାଶିକ୍ଷା ପରେ ସମ୍ପୃକ୍ତ ବୈଦ୍ୟ ଔଷଧ ତିଆରି ସମୟରେ କୌଣସି ଔଷଧକୁ ନୂତନ ଢଙ୍ଗରେ ତିଆରି କରିଥାନ୍ତି । ନିଜର ବୁଦ୍ଧି ପ୍ରୟୋଗ କରି କେତେକ ଔଷଧକୁ ନୂତନ ଢଙ୍ଗରେ ତିଆରି କରିଥାନ୍ତି । ନିଜର ବୁଦ୍ଧି ପୟୋଗ କରି କେତେକ ଔଷଧରେ ଅନ୍ୟ ଏକ ଉପକରଣ ସେଥିରେ ପ୍ରୟୋଗ କରି ଔଷଧକୁ ପୁନର୍ବାର ତିଆରି କରିଥାନ୍ତି । ଔଷଧର ଫଳପ୍ରଦତ୍ତା ଗୁଣ ପ୍ରକାଶ ପରେ ସେହି ବୈଦ୍ୟଙ୍କର ସୃଜନଶୀଳତାର ପରିଚୟ ହୋଇଥାଏ । ଧାତୁକ୍ଷୟ ରୋଗ ଭଲ ହେବାପାଇଁ ବାଇଡଙ୍କ ମଞ୍ଜି, ବୃଦ୍ଦିଦାରକର ଚେର, ଅଶ୍ୱଗନ୍ଧା, ତ୍ରିଫଳା, ମିଶ୍ରି ଇତ୍ୟାଦିକୁ ସମପରିମାଣରେ ସଂଗ୍ରହ କରି ସେଗୁଡ଼ିକୁ ଗୁଣ୍ଡ କରାଯାଏ । ଗୁଣ୍ଡ ପ୍ରସ୍ତୁତି ପରେ ଏକ ଗ୍ଲାସ ପାଣିରେ କିମ୍ବା ଗୋଦୁଗ୍ଧରେ ଏକ ଚାମଚ ଗୁଣ୍ଡକୁ ମିଶ୍ରଣ କରି ଦ୍ରବଣ ପ୍ରସ୍ତୁତ କରାଯାଏ । ଏହି ଦ୍ରବଣକୁ ଧାତୁକ୍ଷୟ ରୋଗୀ ପାନ କରିଲେ ଏହି ରୋଗ ଭଲହୋଇଯାଇଥାଏ । କିନ୍ତୁ ବୈଦ୍ୟ ତାଙ୍କର ନିଜ ବୁଦ୍ଧି ବଳରେ ଏହି ଧାତୁକ୍ଷୟ ରୋଗପାଇଁ ସ୍ୱତନ୍ତ୍ର ଭାବରେ ଅନ୍ୟ ଏକ ଔଷଧ ତିଆରି କରିଥାଏ । ଅଧାଗ୍ଲାସ ଜଳରେ ଅଧାଗ୍ଲାସ କଦଳୀ ମଞ୍ଜାକୁ ଛେଚି ତାର ରସ ସହିତ ମିଶି ମିଶ୍ରଣ କରି ଦ୍ରବଣ ପ୍ରସ୍ତୁତ ପରେ ସମ୍ପୃକ୍ତ ରୋଗୀ ପାନ କରିଲେ ଏହି ଧାତୁ କ୍ଷୟରୋଗୀ ଖବୁ ଶୀଘ୍ର ଆରେଗ୍ୟ ହୋଇଥାଏ । ଏହା ବୈଦ୍ୟଙ୍କର ସୃଜନଶୀଳତାର ପରିଚୟ ପ୍ରଦାନ କରିଥାଏ ।

## ଅଭିଜ୍ଞତା :

ସାଧାରଣତଃ ବୈଦ୍ୟମାନଙ୍କର କେତେକ କ୍ଷେତ୍ରରେ ସ୍ୱତନ୍ତ୍ର କ୍ଷେତ୍ରରେ ଅଭିଜ୍ଞତା ରହିଥାଏ । ଔଷଧୀୟ ବୃକ୍ଷଲତା ଚିହ୍ନଟ, ଔଷଧ ତିଆରି କ୍ଷେତ୍ରରେ ଆବଶ୍ୟକୀୟ ଉପକରଣ ପ୍ରୟୋଗର ଅଭିଜ୍ଞତା, ନିର୍ଦ୍ଦିଷ୍ଟ ରୋଗପାଇଁ ସଠିକ୍ ଔଷଧ ପ୍ରଦାନର ଅଭିଜ୍ଞତା, ରୋଗର ଲକ୍ଷଣ

ଜାଣିବାରେ ଅଭିଜ୍ଞତା, ରୋଗୀର ନାଡ଼ି, ମଳମୁତ୍ର ଇତ୍ୟାଦି ପରୀକ୍ଷା କରିବାରେ ଅଭିଜ୍ଞତା, ଔଷଧ ସେବନର ବିଧି ସମ୍ବନ୍ଧରେ ଅଭିଜ୍ଞତା, ଔଷଧୀୟ ବୃକ୍ଷ ସଂଗ୍ରହ, ପ୍ରସ୍ତୁତି, ପ୍ରୟୋଗ କ୍ଷେତ୍ରରେ ମନ୍ତ୍ରପାଠର ଅଭିଜ୍ଞତା ସମ୍ପୃକ୍ତ ବୈଦ୍ୟ ବା କବିରାଜଙ୍କ ରହିଥାଏ ।

## ଦକ୍ଷତା :

ସାନ୍ତାଳ ସମ୍ପ୍ରଦାୟରେ ଅଭିଜ୍ଞ କବିରାଜମାନେ କେତେକ ମହାମାରୀ ବା ଦୁଃସାଧ୍ୟ ରୋଗକୁ ଭଲ କରିବାରେ ସ୍ୱତନ୍ତ୍ର ଭାବରେ ଦକ୍ଷତା ଅର୍ଜନ କରିଛନ୍ତି । ରାଜଯକ୍ଷ୍ମା, କୃଷ୍ଠ, ଅପସ୍ମାର, ସର୍ବାଙ୍ଗବାତ ଇତ୍ୟାଦି ସାଙ୍ଘାତିକ ରୋଗ ଭଲ କରିବାରେ ଦକ୍ଷତା ଅର୍ଜନ କରିଛନ୍ତି । ଏଥିସହିତ ଅନ୍ୟାନ୍ୟ ରୋଗ ଭଲକରିବାରେ ସେମାନଙ୍କର ଦକ୍ଷତା ରହିଛି । ପ୍ରତ୍ୟେକ ରୋଗପାଇଁ ନିର୍ଦ୍ଦିଷ୍ଟ ପ୍ରସ୍ତୁତି , ଔଷଧ ପ୍ରସ୍ତୁତିରେ ଆବଶ୍ୟକୀୟଔଷଧୀୟ ଦ୍ରବ୍ୟ ପ୍ରୟୋଗ କରିବାରେ ମଧ ଦକ୍ଷତା ହାସଲ କରିଛନ୍ତି ।

## ବ୍ୟବହାର ପ୍ରଣାଳୀ :

କବିରାଜ ବା ବୈଦ୍ୟ ଲୋକମାନଙ୍କଠାରେ ଦୟାଳୁଭାବ ପ୍ରଦର୍ଶନ କରିଥାନ୍ତି । ସ୍ନେହପୂର୍ଣ୍ଣ କଥୋପକଥନ କରିଥାନ୍ତି । ରୋଗୀମାନଙ୍କୁ ଉତ୍ସାହିତ କରିଥାନ୍ତି । ରୋଗର ଶୀଘ୍ର ଆରୋଗ୍ୟ ଆଶ୍ୱାସନା ବାଣୀ ଶୁଣାଇଥାନ୍ତି । ସ୍ନେହ ମମତା ଡୋରରେ ସମସ୍ତଙ୍କୁ ବାନ୍ଧିଥାନ୍ତି । ସେବା, ଶୁଶ୍ରୁଷା ମନୋଭାବନେଇ ରୋଗୀଙ୍କ ନିକଟରେ ଉପସ୍ଥିତ ହୋଇଥାନ୍ତି । ଔଷଧ ସେବନର ପ୍ରଣାଳୀ ମଧ ଧାରାବାହିକ ବତାଇ ଥାନ୍ତି । ଭଗବାନଙ୍କ ଉପରେ ଭରସାରଖି ରୋଗୀକୁ ଆଶୀର୍ବାଦ ପ୍ରଦାନ କରିଥାନ୍ତି ।

## ଉପବାସ :

ବୈଦ୍ୟ ବା କବିରାଜ କେତେକ କ୍ଷେତ୍ରରେ ଉପବାସ ରହିଥାନ୍ତି । ସପ୍ତାହର ପ୍ରଥମ ବାର ରବିବାର ଦିନ ଉପବାସ ରହିଥାନ୍ତି । ଏହିବାରରେ ନିଜର ଦେବାଦେବୀଙ୍କୁ ପୂଜା ଆରାଧନା କରିଥାନ୍ତି । ଔଷଧର ପ୍ରକୃଷ୍ଟ ବ୍ୟବହାର, ଭଲଭାବରେ ପ୍ରସ୍ତୁତି, ପ୍ରୟୋଗ ନିମନ୍ତେ, ଏବଂ ରୋଗୀଙ୍କର ଆଶୁକାମନା ସକାଶେ ସେମାନେ ପୂଜାର୍ଚ୍ଚନା କରିଥାନ୍ତି । ଫଳରେ ଔଷଧ ଭଲଭାବରେ ରୋଗୀପାଇଁ କାମ ଦେଇଥାଏ । ଅମାବାସ୍ୟାରେ ଘନାନ୍ଧାକାର ରାତ୍ରିରେ କେତେକ ଔଷଧୀୟ ବୃକ୍ଷ ସଂଗ୍ରହ କରିବା ପାଇଁ ବୈଦ୍ୟ ଦିନସାରା ଉପବାସ ରହିଥାନ୍ତି । କେବଳ ଜଳପାନ କରିଥାନ୍ତି । ପୂର୍ଣ୍ଣମୀର ଚନ୍ଦ୍ର ବିଧୌତ ମଧରାତ୍ରିରେ, ମଧାହ୍ନ ସମୟରେ କେତେକ ଔଷଧୀୟ ବୃକ୍ଷ ସଂଗ୍ରହ ପାଇଁ ଉପବାସ ମଧ ରହିଥାନ୍ତି । ସେହିପରି ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ତିଥିରେ ବୈଦ୍ୟ

ଉପବାସ ରହି କେତେକ ଔଷଧୀୟ ବୃକ୍ଷ ସଂଗ୍ରହ କରିଥାନ୍ତି । ବିଶେଷକରି ଗର୍ଭଣା ସଂକ୍ରାନ୍ତୀ ଦିନ ବୈଦ୍ୟ ବା କବିରାଜ ଉପବାସ ରହି ବହୁ ପରିମାଣରେ ଔଷଧୀୟ ବୃକ୍ଷ ସଂଗ୍ରହ କରିଥାନ୍ତି ।

## ନିଷେଧ ଖାଦ୍ୟ ସମୂହ :

ବିଶେଷ କରି ବୈଦ୍ୟ ବା କବିରାଜମାନେ ଖଟା, ଆମିଷ ମଧ୍ୟରେ ମାଛ, ମାଂସ, ଅଣ୍ଡା ନିଶାଦ୍ରବ୍ୟ ଇତ୍ୟାଦି ଦ୍ରବ୍ୟ ଉପବାସ କରିଥିବା ଦିନ ଭକ୍ଷଣ କରିନଥାନ୍ତି । ସପ୍ତାହର ରବିବାର ଦିନ ମଧ୍ୟ ଖଟା, ଆମିଷ ଓ ନିଶାଦ୍ରବ୍ୟ ସେବନ କରିନଥାନ୍ତି । ଔଷଧ ତିଆରି ସମୟରେ ଖଟା, ନିଶାଦ୍ରବ୍ୟ ଏବଂ ଆମିଷ ଭକ୍ଷଣ ନିଷେଧ ।

## ସ୍ତ୍ରୀ ସହବାସ ବର୍ଜନ :

ସପ୍ତାହର ଶନିବାର ଏବଂ ରବିବାର, ଅମାବାସ୍ୟାର ପୂର୍ବଦିନ ସେହିଦିନ, ପୂର୍ଣ୍ଣମୀଦିନ, ପୂର୍ଣ୍ଣମୀ ପୂର୍ବଦିନ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ, ଗର୍ଭଣା ସଂକ୍ରାନ୍ତୀ ଦିନ ଏବଂ ଏହାର ପୂର୍ବଦିନ ମାନଙ୍କରେ କୌଣସି ବୈଦ୍ୟ ବା କବିରାଜ ତାଙ୍କର ସ୍ତ୍ରୀମାନଙ୍କ ସହିତ ସହବାସ କରିବା ବର୍ଜନ କରିଥାନ୍ତି । ସେହିଦିବସମାନଙ୍କରେ ଔଷଧ ସଂଗ୍ରହ ଏବଂ ଦେବାଦେବୀମାନଙ୍କ ପୂଜାବିଧି ହୋଇଥାଏ ।

## ଅନ୍ୟାନ୍ୟ ବାରଣ :

ଅନ୍ୟାନ୍ୟ ବାରଣ ମଧ୍ୟରେ ବୈଦ୍ୟ ବା କବିରାଜଙ୍କର ସ୍ତ୍ରୀ ରଜବତୀ ସମୟରେ ଔଷଧ ତିଆରି ପାଇଁ ତାଙ୍କ ସ୍ତ୍ରୀ ଠାରୁ ସେ ଜଳ ଗ୍ରହଣ କରନ୍ତି ନାହିଁ । ମୃତବ୍ୟକ୍ତିର ଘରେ ଶୁଦ୍ଧିକ୍ରିୟା ପୂର୍ବରୁ ପ୍ରବେଶ କରନ୍ତି ନାହିଁ । କୌଣସି ପରିବାରରେ ନବଜାତ ଶିଶୁ ଜନ୍ମ ନେଲେ ଉକ୍ତ ପରିବାରକୁ ବୈଦ୍ୟ ଆସିନଥାନ୍ତି ।

## ପୋଷାକ ପରିପାଟୀ :

ସାଧାରଣତଃ ବୈଦ୍ୟ ବା କବିରାଜମାନେ ୬ ହାତ ବିଶିଷ୍ଟ ଧଳାରଙ୍ଗର ଗାମୁଛା ଅଣ୍ଟାରେ ପିନ୍ଧିଥାନ୍ତି ଏବଂ ୪ ହାତ ବିଶିଷ୍ଟ ଧଳାରଙ୍ଗର ଅନ୍ୟ ଏକ ଗାମୁଛା କାନ୍ଧରେ ପକାଇଥାନ୍ତି । ଦକ୍ଷିଣହସ୍ତରେ ପାଞ୍ଚଫୁଟ ବିଶିଷ୍ଟ ବେତ ତିଆରି ବାଡି ଧରିଥାନ୍ତି । ଭୂତ, ପ୍ରେତ, ଡାହାଣୀ, ଯୋଗୀଣୀ ଇତ୍ୟାଦିଙ୍କ ଭୟ ଦାଉରୁ ରକ୍ଷା ପାଇବା ନିମିତ୍ତ ପୂଜାପାଠରେ ଏହି ବାଡ଼ିକୁ ବ୍ୟବହାର କରିଥାନ୍ତି । ସଂକ୍ରାନ୍ତି, ଅମାବାସ୍ୟା ତିଥିରେ ରାତ୍ରିରେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ବୈଦ୍ୟ ବା କବିରାଜ ଔଷଧୀୟ ବୃକ୍ଷ ସଂଗ୍ରହ କରିଥାନ୍ତି ।

## ସ୍ୱତନ୍ତ୍ର ଜ୍ଞାନ :

କବିରାଜ ବା ବୈଦ୍ୟକାର୍ଯ୍ୟ ବ୍ୟତୀତ ତେଲଖଡ଼ି ପକାଇବା, ବେତଖଡ଼ି, ଦେବାଦେବୀଙ୍କୁ ମନ୍ତ୍ରଯନ୍ତ୍ର ଦ୍ୱାରା ବଶୀଭୂତ କରିବା, ଭୂତପ୍ରେତ, ଡାହାଣୀ ଓ ଯୋଗୀଣୀଙ୍କୁ ମଧ ମନ୍ତ୍ରତନ୍ତ୍ର ଦ୍ୱାରା ବଶୀଭୂତ କରବା, ଲୁଣମନ୍ତ, ଶୋରିଷ ମନ୍ତ, ରସୁଣ ମନ୍ତ, ଇତ୍ୟାଦିରେ ମଧ ସ୍ୱତନ୍ତ୍ର ଜ୍ଞାନଥାଏ । ହଜିଥିବା ଜିନିଷକୁ ମନ୍ତ୍ରପାଠଦ୍ୱାରା ସନ୍ଧାନ କରି ପ୍ରାପ୍ତ ହେବା, ବିଷୟରେ କବିରାଜ ବା ବୈଦ୍ୟଙ୍କର ସ୍ୱତନ୍ତ୍ର ଜ୍ଞାନ ଥାଏ ।

## ରୋଗ ନିରୂପଣ ପ୍ରଣାଳୀ :

ରୋଗୀଙ୍କର ନାଡ଼ିପରୀକ୍ଷା କରି, ଜିଭ, ଆଖି, ଛାତି ଇତ୍ୟାଦିକୁ ଦେଖି ଏବଂ ମଳମୁତ୍ର ପରୀକ୍ଷା କରି ବୈଦ୍ୟ ବା କବିରାଜ / ଅଝା ମାନେ ରୋଗ ନରୂପଣ କରିଥାନ୍ତି । ନିର୍ଦ୍ଦିଷ୍ଟ ରୋଗପାଇଁ ମଧ ବୈଦ୍ୟଙ୍କର ଔଷଧୀୟ ଜ୍ଞାନ ଯଥେଷ୍ଟ ରହିଥାଏ । ତେଣୁ ରୋଗୀଙ୍କୁ ଦେଖିଲା ମାତ୍ରେ କେଉଁ ଔଷଧ ସେବନ କଲେ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯିବ ତାହା ଦର୍ଶାଇଥାନ୍ତି ।

## ସମାଜରେ ତାହାର ସମ୍ମାନ :

ସାନ୍ତାଳ ସମାଜରେବୈଦ୍ୟ ବା କବିରାଜଙ୍କ ସ୍ଥାନ ସ୍ୱତନ୍ତ୍ର । ପ୍ରତ୍ୟେକ ଲୋକ ବୈଦ୍ୟଙ୍କୁ ଯଥୋଯଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଲୋକମାନଙ୍କ ଦ୍ୱାରା ଆବୃତ ଏବଂ ସମ୍ମାନୀତ ହୋଇଥାନ୍ତି ବୈଦ୍ୟମାନେ । ରୋଗୀମାନଙ୍କର ରୋଗକୁ ଭଲ କରିବାରେ ବେଦ୍ୟମାନେ ଖ୍ୟାତି ଅର୍ଜନ କରିଥାନ୍ତି । ତେଣୁ ପ୍ରତ୍ୟେକ ଲୋକ ତାଙ୍କୁ ଭଲ ପାଆନ୍ତି ଏବଂ ପସନ୍ଦ କରିଥାନ୍ତି । ଲୋକମାନଙ୍କର ଭଲମନ୍ଦ ଏବଂ ସୁଖଦୁଃଖରେ ବୈଦ୍ୟ ଆସି ଉପସ୍ଥିତ ହୋଇଥାନ୍ତି ।

## ନାରୀ ବୈଦ୍ୟ :

ସାନ୍ତାଳ ସମ୍ପ୍ରଦାୟର ଗ୍ରାମମାନଙ୍କରେ ମହିଳାମାନେ ବୈଦ୍ୟ ବା କବିରାଜ ବିଦ୍ୟାରେ ଦକ୍ଷତା ଲାଭ କରିଛନ୍ତି । ସେମାନେ ମଧ ରୋଗକୁ ଭଲ କରିବାରେ ଖ୍ୟାତି ଅର୍ଜନ କରିଛନ୍ତି । ସ୍ତ୍ରୀ ବୈଦ୍ୟ ତାର ଶକ୍ତି ମୁତାବକ ଔଷଧ ସଂଗ୍ରହ, ପ୍ରସ୍ତୁତି ଓ ପ୍ରୟୋଗ ମଧ କରିଥାଏ ।

## ବୈଦ୍ୟ ଓ ଔଷଧ ବଗିଚା :

ପ୍ରତ୍ୟେକ ବୈଦ୍ୟ ବା କବିରାଜ ସେମାନଙ୍କର ଘର ବାଡ଼ିରେ କେତେକ ଔଷଧୀୟ ବୃକ୍ଷ ରୋପଣ କରିଥାନ୍ତି । ସେହି ବୃକ୍ଷ ଗୁଡ଼ିକର ଦୈନନ୍ଦିନ ଯତ୍ନ ନେଇଥାନ୍ତି । ଅନ୍ୟସ୍ଥାନମାନଙ୍କୁ ବିଭିନ୍ନ ଔଷଧୀୟ ଚାରା ଆଣି ନିଜ ଔଷଧ ବଗିଚାରେ ରୋପଣ କରିଥନ୍ତି । ସହଜରେ ଔଷଧ ପ୍ରସ୍ତୁତ ପାଇଁ ସେମାନେ ବଗିଚାରେବିଭିନ୍ନ ଔଷଧୀୟ ଗଛ ଲଗାଇଥାନ୍ତି ।

## ବୈଦ୍ୟ ପାଉଣା :

ବିଭିନ୍ନ ରୋଗ ଭଲ କରିବାରେ ବୈଦ୍ୟ ବା କବିରାଜ ରୋଗୀମାନଙ୍କ ଠାରୁ ମିଭିନ୍ନ ଆକରରେ ପାଉଣା ଗ୍ରହଣ କରିଥାନ୍ତି । ପଇସା ଓ ଚାଉଳକୁ ପାଉଣା ସ୍ୱରୁପ ବୈଦ୍ୟକୁ ପ୍ରଦାନ କରାଯାଇଥାଏ । କୌଣସି ସାଧାରଣ ରୋଗ ଭଲ କରିବା ପାଇଁ ଦେଇଥିବା ଔଷଧ ମୂଲ୍ୟ ହିସବରେ ଟ ୨୫/- ଏବଂ ପାରିଶ୍ରମିକ ବାବଦକୁ ୧ କି. ଗ୍ରା ଚାଉଳ ଦିଆଯାଇଥାଏ । ସେହିଭଳି ସଂଘାତିକ ରୋଗ ଭଳପାଇଁ ଓଷଧ ବାବଦକୁ ପଚାଶ ଯଙ୍କା (ଟ. ୫୦) ସମେତ ଉପହାର ସ୍ୱରୂପ ଏକ ହାଣ୍ଡି ଏବଂ ୬ ହାତ ବିଶିଷ୍ଟ ଧଳା ରଙ୍ଗର ଏକ ଗାମୁଛା ପିନ୍ଧିବା ପାଇଁ ଏବଂ ୪ ହାତ ବିଶିଷ୍ଟ ଧଳା ରଙ୍ଗର ଅନ୍ୟ ଏକ ଗାମୁଛା କାନ୍ଧରେ ପକାଇବା ପାଇଁ ଦେଇଥାନ୍ତି ।


## ବୈଦ୍ୟ ଓ ରୋଗୀ ଙ୍କ ସମ୍ପର୍କ :

ବୈଦ୍ୟମାନେ ରୋଗୀଙ୍କଠାରେ ଦୟାଭାବ ପ୍ରଦର୍ଶନ କରିଥାନ୍ତି । ସ୍ନେହପୂର୍ଣ୍ଣ କଥାକହି ରୋଗୀମାନଙ୍କୁ ବିଭିନ୍ନ ଦିଗରେ ଉତ୍ସାହିତ କରିଥାନ୍ତି । ଶୀଘ୍ର ଆରୋଗ୍ୟ ପାଇଁ ଆଶୁ ଚିକିତ୍ସା କରିଥାନ୍ତି । ରୋଗ ନିରାକରଣ ଦିଗରେ ଆଶ୍ୱାସନା ଦେଇଥାନ୍ତି । ଭଲଭାବରେ ସେବା ଶୁଶ୍ରୁଷା ପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦେଇଥାନ୍ତି । ଔଷଧ ସେବନର ବିଧି ମଧ ରୋଗୀକୁ ବତାଇ ଦେଇଥାନ୍ତି । ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ନିର୍ଭର କରି ଔଷଧ ସେବନ କରିବା ପାଇଁ ପରାମର୍ଶ ଦେଇଥାନ୍ତି । ରୋଗୀ ମଧ ବୈଦ୍ୟଙ୍କୁ ପତ୍ୟକ୍ଷ ଦେବତା ତୁଲ୍ୟ ଭାବିଥାଏ । ତାହୃଦୟର ସମ୍ମାନ ଜଣାଇଥାଏ । ଭକ୍ତିପୂର୍ଣ୍ଣଭାବେ ସମ୍ମାନ ଜଣାଇଥାଏ । ଶୀଘ୍ର ରୋଗ ଭଲ ଦେବା ପାଇଁ ବୈଦ୍ୟଙ୍କ ନିକଟରେ ପ୍ରାର୍ଥନା କରିଥାଏ । ବୈଦ୍ୟ ଔଷଧର ରୋଗ ସମ୍ପୂର୍ଣ୍ଣ ଭଲ ଦେବ ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

## ବୈଦ୍ୟ – ଅତୀତ ଓ ବର୍ତ୍ତମାନ :

ସେ ସମୟରେ ରୋଗୀମାନଙ୍କର ସେବା କରିବା ପାଇଁ ସେବା ମନବୃତ୍ତି ନେଇ ବୌଦ୍ୟମାନେ ଘରଘର ବୁଲି ରୋଗ ପରୀକ୍ଷା କରୁଥିଲେ । ଖୁବ୍ କମ୍ ପଇସାରେ ରୋଗୀ ଆରୋଗ୍ୟ ହୋଇପାରୁଥିଲା । କିନ୍ତୁ ବର୍ତ୍ତମାନ ରୋଗୀମାନେ ବୈଦ୍ୟଙ୍କୁ ଅନୁସନ୍ଧାନ କରି ତାଙ୍କ ନିକଟକୁ ଆସୁଛନ୍ତି । ବୈଦ୍ୟ ରୋଗୀପାଇଁ ଔଷଧ ପ୍ରଦାନ କରି ସେବନର ପ୍ରଣାଳୀ ବତାଇ ଦେଉଛନ୍ତି । ଏଥି ସକାଶେ ଅଧିକ ପାଉଣା ଦେବାକୁ ପଡୁଛି । ରୋଗଭଲ ନହେଲେ ପୁନରାୟ ସେହି ବୈଦ୍ୟଙ୍କ ଠାରୁ ଔଷଧ ନେବାକୁ ପଡୁଛି । ଏହି ଭଳି ଭାବରେ ରେଗୀ ଅତ୍ୟଧିକ ଖର୍ଚ୍ଚାନ୍ତରେ ପଡୁଛନ୍ତି ।

●●●



ISBN 01-88010-16-2